CLASS - 7

SOCIAL SCIENCE

(ENGLISH - ODIA VERSION)

SEMESTER - 1

K9G3B1

© Government of Andhra Pradesh, Amaravati

First Published 2026

DISCLAIMER

Any form of copying of the content, information and illustrations from this textbook is a punishable offence.

AP SCERT

All rights reserved

No part of this publication may be reproduced, stored in a retrieval system, or transmitted, in any form or by any means without the prior permission in writing of the publisher, nor be otherwise circulated in any form of binding or cover other than that in which it is published. Without a similar condition including this condition being imposed on the subsequent purchaser. The copyright holder of this book is the Commissioner of School Education, Amaravati, Andhra Pradesh.

This book has been printed on 70 GSM, SS Maplitho, Title Page 220 GSM, White Artcard.

Published by Samagra Shiksha & SCERT - Government of Andhra Pradesh, Amaravati.

Our National Anthem | ଆମ ଜାତୀୟ ସଙ୍ଗୀତ

Jana-gana-mana-adhinayaka jaya he
Bharata-bhagya-vidhata
Panjaba-Sindhu-Gujarata-Maratha
Dravida-Utkala-Banga
Vindhya-Himachala-Yamuna-Ganga
uchchala-jaladhi-taranga
Tava Subha name jage,
tava subha asisa mage,
gahe tava jaya-gatha.
Jana-gana-mangala-dayaka jaya he
Bharata-bhagya-vidhata.
Jaya he, Jaya he, Jaya he,
jaya jaya jaya jaya he.

- Rabindranath Tagore

ଜନ ଗଣ ମନ ଅଧିନାୟକ ଜୟ ହେ !
ଭାରତ ଭାଗ୍ୟ ବିଧାତା !
ପଞ୍ଜାବ, ସିନ୍ଧୁ, ଗୁଜରାଟ, ମରାଠା,
ଦ୍ରାବିଡ଼, ଉତ୍କଳ, ବଙ୍ଗ !
ବିନ୍ଧ୍ୟ, ହିମାଚଳ, ଯମୁନା, ଗଙ୍ଗା !
ଉଚ୍ଛଳ ଜଳଧି ତରଙ୍ଗ !
ତବ ଶୁଭ ନାମେ ଜାଗେ !
ତବ ଶୁଭ ଆଶିଷ ମାଗେ !
ଗାହେ ତବ ଜୟ ଗାଥା !
ଜନ ଗଣ ମଙ୍ଗଳ ଦାୟକ ଜୟ ହେ !
ଭାରତ ଭାଗ୍ୟ ବିଧାତା !
ଜୟ ହେ ! ଜୟ ହେ ! ଜୟ ହେ !
ଜୟ ଜୟ ଜୟ ଜୟ ହେ !

– ରବୀନ୍ଦ୍ରନାଥ ଠାକୁର

APSCERT

NCF(SE) 2023 - Curricular Goals (Middle Stage)

CURRICULAR GOAL (CG)	COMPETENCY (C)
CG-1: Comprehends and interprets sources related to different aspects of human life and makes meaningful interpret -ations.	**C-1.1 :** Collects and interprets multiple sources of information (primary and secondary) to understand the historical, cultural, geographical, and socio-political aspects of human life. **C-1.2 :** Represents and analyses data related to various aspects of human life given in the form of text, tables, charts, diagrams, and maps.
CG-2 : Explores the process of continuity and change in human civilisations through specific examples from their context and a few historical episodes.	**C-2.1:** Explains and analyses major changes in the past and their impact on society. **C-2.2:** Recognises elements of the continued prevalence of certain beliefs, relationships, practices, and activities in human society, notwithstanding major changes in society.
CG-3: Draws connections between the causes and effects of different social and historical events or episodes and connects them with the overall impact on human life.	**C-3.1:** Analyses the effect of various changes in early human society from nomadism to settled life and early civilisation (such as agriculture, food habits, technologies like construction, transport, pottery, metallurgy), and changes in habitation, family structures, and socio-cultural beliefs (e.g., Ahimsa, wars, invasions). **C-3.2:** Identifies reasons behind harmony and conflict among social groups and communities, in their region and elsewhere, and their impact on human societies.
CG-4: Understands the functioning of social, cultural, and political institutions and their impact on society, and the way individuals and collectives shape these institutions.	**C-4.1:** Collects, organises, and interprets information about various social, cultural, economic, and political institutions in their vicinity and region, and realises its significance for human society. **C-4.2:** Assesses the influence of social, cultural, and political institut -ions on an individual or group or community or society in general.
CG-5: Understands various forms of inequality and prejudice in society, from those prevalent in a family to those at a community or regional or national level, and also the initiatives and efforts at various levels to address these issues.	**C-5.1:** Identifies, explains, and raises questions about different forms of inequality, prejudice, and discrimination prevailing in one's own family, locality, region, and national and global levels. **C-5.2:** Identifies, explains, and appreciates efforts made at different levels through various (social, cultural, economic, and political) mechanisms and institutions, and what individuals can do to ensure equity, inclusion, and justice.
CG-6: Understands the spatial distribution of resources (from local to global), their conservation, the interdependence between natural phenomena and human life, and their environmental and other implications.	**C-6.1:** Explains key natural phenomena, such as climate, weather, ocean cycles, soil formation, and the flow of rivers, and how they are spatially distributed. **C-6.2:** Identifies the distribution of resources such as water, agriculture, raw materials, and services across geographies. **C-6.3:** Analyses Indian perspectives on and efforts towards conservation and sustainability, and advocates what more needs to be done, including in the context of global climate change. **C-6.4:** Correlates patterns of livelihoods with types of landforms, availability of resources, and climatic conditions and changes (local to global).

APSCERT

CONTENTS

Chapter	Chapter Name	Month	Page No.
	Readiness (ପ୍ରସ୍ତୁତି)	June/ଜୁନ୍	2-27
	Theme A – India and the World : Land and the People		
1.	Geographical Diversity of India ଭାରତର ଭୌଗୋଳିକ ବିବିଧତା	July ଜୁଲାଇ	28-69
2.	Understanding the Weather ପାଣିପାଗକୁ ବୁଝିବା	July ଜୁଲାଇ	70-99
3.	Climates of India ଭାରତର ଜଳବାୟୁ	July ଜୁଲାଇ	100-139
	Theme B – Tapestry of the Past		
4.	New Beginnings : Cities and States ନଗର ଏବଂ ରାଜ୍ୟଗୁଡ଼ିକର ନବାରମ୍ଭ	July ଜୁଲାଇ	140-161
5.	The Rise of Empires ସାମ୍ରାଜ୍ୟର ଅଭ୍ୟୁଦୟ	August ଅଗଷ୍ଟ	162-217
6.	The Age of Reorganisation ପୁନର୍ଗଠନର ଯୁଗ	August ଅଗଷ୍ଟ	218-261
	Theme C – Our Cultural Heritage and Knowledge Traditions		
7.	How the Land Becomes Sacred? ଭୂମି କିପରି ପବିତ୍ର ହୁଏ ?	September ସେପ୍ଟେମ୍ବର	262-295
	Theme D – Governance and Democracy		
8.	From the Rulers to the Ruled: Types of Governments ଶାସକଙ୍କ ଠାରୁ ଶାସିତଙ୍କ ପର୍ଯ୍ୟନ୍ତ: ସରକାରର ପ୍ରକାର ଭେଦ	September ସେପ୍ଟେମ୍ବର	296-337
	Theme E – Economic Life Around Us		
9.	From Barter to Money ଦ୍ରବ୍ୟ ବିନିମୟରୁ ମୁଦ୍ରା ପର୍ଯ୍ୟନ୍ତ	September ସେପ୍ଟେମ୍ବର	338-367
10.	Understanding Markets ବଜାରକୁ ବୁଝାଇବା	October ଅକ୍ଟୋବର	368-407
11.	Integrated AI (କୃତ୍ରିମ ବୁଦ୍ଧିମତା ସହ ସମନ୍ୱୟ)	October/ଅକ୍ଟୋବର	408-427
	Glossary (ପରିଭାଷା)		428-431
	Mind Map		434

AP SCERT

U2G2M4
Teacher Corner

H5U7X8
Student Corner

ଦିବସ 1

ପ୍ରସ୍ତୁତି

ଦ୍ରାଘିମା ଏବଂ ଅକ୍ଷାଂଶ

X1L9T3

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

1. ଅକ୍ଷାଂଶ ଏବଂ ଦ୍ରାଘିମାର ଧାରଣାକୁ ମନେ ପକାଇବେ ।
2. ଭାରତ ଏବଂ ଆନ୍ଧ୍ର ପ୍ରଦେଶର ଅକ୍ଷାଂଶ ଏବଂ ଦ୍ରାଘିମାକୁ ଚିହ୍ନଟ କରିବେ ।



ଶିକ୍ଷକଙ୍କ କାର୍ଯ୍ୟ



ମୁଖ୍ୟ ଅକ୍ଷାଂଶ ଏବଂ ଦ୍ରାଘିମା ସମ୍ବନ୍ଧିତ ଧାରଣାଗୁଡ଼ିକ ବିଷୟରେ ଶୀକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବେ ।




ଶିକ୍ଷାର୍ଥୀଙ୍କ କାର୍ଯ୍ୟ



1. ମୁଖ୍ୟ ଅକ୍ଷାଂଶ ଏବଂ ଦ୍ରାଘିମାଗୁଡ଼ିକୁ ବହିରେ ଲେଖିବେ ।
2. ଶିକ୍ଷକଙ୍କ ସାହାଯ୍ୟରେ ଭାରତ ଏବଂ ଆନ୍ଧ୍ର ପ୍ରଦେଶର ଅବସ୍ଥାନକୁ ଖୋଜିବେ ।

କାର୍ଯ୍ୟକଳାପ - 1 :

ନିମ୍ନରେ ଦିଆଯାଇଥିବା ବୃତ୍ତରେ ମୁଖ୍ୟ ଅକ୍ଷାଂଶ ଏବଂ ଦ୍ରାଘିମାଗୁଡ଼ିକୁ ଅଙ୍କନ କରି ନାମ ଲେଖ ।



କାର୍ଯ୍ୟକଳାପ - 2 :

ନିମ୍ନ ଗୁଡ଼ିକର ମୁଖ୍ୟ ଅକ୍ଷାଂଶ ଏବଂ ଦ୍ରାଘିମାଗୁଡ଼ିକୁ ଲେଖ ।

1. ଭାରତର ଅକ୍ଷାଂଶ ..... ଦ୍ରାଘିମା .....
2. ଆନ୍ଧ୍ର ପ୍ରଦେଶର ଅକ୍ଷାଂଶ ..... ଦ୍ରାଘିମା .....

କାର୍ଯ୍ୟକଳାପ - 3 :

1. ..... ଏକ କାଳ୍ପନିକରେଖା ଯାହା ଚତୁର୍ଦ୍ଦିଗରେ ଏକ ବସ୍ତୁ ଘୂରେ ।
2. 23½° ଉତ୍ତର ଅକ୍ଷାଂଶ .....
3. ବିଷୁବରେଖାକୁ ସମାନ୍ତରରେ ଥିବା କାଳ୍ପନିକ ରେଖା .....
4. ଉତ୍ତର ମେରୁ ଏବଂ ଦକ୍ଷିଣ ମେରୁ ମଧ୍ୟଦେଇ ଯିବା କାଳ୍ପନିକ ରେଖା .....
5. ବିଷୁବରେଖାର ଉତ୍ତରରେ ଥିବା ଭୂମିର ଅର୍ଦ୍ଧଭାଗ .....

AP SCERT

ଦିବସ 2 ଭୂଗୋଳ ସମ୍ବନ୍ଧିତ ମୁଖ୍ୟ ଶବ୍ଦାବଳୀ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –

1. ଭୂଗୋଳ ସମ୍ବନ୍ଧିତ ମୁଖ୍ୟ ଶବ୍ଦଗୁଡ଼ିକର ଅର୍ଥକୁ ବୁଝିବେ ।
2. ସେହି ଶବ୍ଦଗୁଡ଼ିକୁ ଭୂଗୋଳ ଅଧ୍ୟୟନ ପ୍ରକ୍ରିୟାରେ ବ୍ୟବହାର କରିବେ ।



ଶିକ୍ଷକଙ୍କ କାର୍ଯ୍ୟ



ମୁଖ୍ୟ ଶବ୍ଦଗୁଡ଼ିକୁ ପରିଚିତ କରି ଶିକ୍ଷାର୍ଥୀମାନଙ୍କୁ ପଢ଼ିବା ପାଇଁ କହିବେ ଏବଂ ଗୃହକାର୍ଯ୍ୟ ଦେବେ ।



ଶିକ୍ଷାର୍ଥୀଙ୍କ କାର୍ଯ୍ୟ



ଭୂଗୋଳ ସମ୍ବନ୍ଧିତ ମୁଖ୍ୟ ଶବ୍ଦଗୁଡ଼ିକୁ ଶିଖିବେ ଏବଂ ସେଗୁଡ଼ିକୁ ଖାତାରେ ଲେଖିବେ ।

ମୁଖ୍ୟ ଶବ୍ଦ – ସଂଜ୍ଞା

ଭୂସ୍ୱରୂପ/ ଜଳଭାଗ	ସଂଜ୍ଞା
ପର୍ବତ	ଚୂଡ଼ା ସହିତ ଅତ୍ୟନ୍ତ ଉଚ୍ଚ ଭୂମି ।
ମାଳଭୂମି	ଚତୁଃପାର୍ଶ୍ୱରୁ ଉଚ୍ଚ ଥିବା ସମତଳ ଭୂମି ।
ମରୁଭୂମି	ଅତ୍ୟଧିକ ଶୁଷ୍କ ଏବଂ କମ୍ ଉଦ୍ଭିଦ ଥିବା ଅଞ୍ଚଳ ।
ଉପତ୍ୟକା	ପର୍ବତ କିମ୍ବା ପାହାଡ଼ଗୁଡ଼ିକ ମଧ୍ୟରେ ଥିବା ନିମ୍ନ ଭୂମି ।
ଜଳପ୍ରପାତ	ଉଚ୍ଚ ସ୍ଥାନରୁ ପଡୁଥିବା ନଦୀ ଜଳ ।
ଡେଲ୍ଟା/ତ୍ରିକୋଣଭୂମି	ନଦୀ ମୁହାଣରେ ତ୍ରିଭୁଜ ଆକାରର ଭୂମି ।
ନଦୀ	ପ୍ରାକୃତିକ ଭାବେ ବୋହୁଥିବା ଜଳଧାରା ।
ଦ୍ୱୀପ	ଚତୁଃପାର୍ଶ୍ୱ ଜଳରେ ଘେରି ରହିଥିବା ଭୂମି ।
ଉପଦ୍ୱୀପ	ତିନି ପାର୍ଶ୍ୱରେ ଜଳ ଥିବା ଭୂମି ।
ସମତଳ ଭୂମି	ବିଶାଳ ସମତଳ ଭୂମି ।
ଗଲ୍‌ଫ	ସ୍ଥଳଭାଗ ସହ ଆଂଶିକ ଭାବେ ସଂଲଗ୍ନ ଥିବା ଏକ ସଂକୀର୍ଣ୍ଣ ଦ୍ୱାର ବିଶିଷ୍ଟ ବୃହତ୍ ସାମୁଦ୍ରିକ ଅଂଶ ।
ଉପସାଗର	ସ୍ଥଳଭାଗ ଭିତରକୁ ପଶି ଆସିଥିବା ପ୍ରଶସ୍ତ ପ୍ରବେଶ ପଥ ।
ସମୁଦ୍ର	ଲୁଣପାଣିର ଏକ ବୃହତ୍ ଜଳରାଶି ।
ମହାସାଗର	ସବୁଠାରୁ ବୃହତ୍ ଜଳରାଶି ।
ହ୍ରଦ	ଭୂମିରେ ଥିବା ଏକ ବୃହତ୍ ଜଳରାଶି ।

APSCERT

ଦିବସ 3 ଆମ ରାଜ୍ୟ – ଆନ୍ଧ୍ର ପ୍ରଦେଶ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –

1. ଆନ୍ଧ୍ର ପ୍ରଦେଶ ରାଜ୍ୟର ସୀମାଗୁଡ଼ିକୁ ଏକ ମାନ ଚିତ୍ରରେ ଚିହ୍ନଟ କରିବେ ।

ଶିକ୍ଷକଙ୍କ କାର୍ଯ୍ୟ

1. ଶିକ୍ଷାର୍ଥୀଙ୍କୁ ଆନ୍ଧ୍ର ପ୍ରଦେଶ ବିଷୟରେ ପରିଚୟ ପ୍ରଦାନ କରିବା ପାଇଁ ଶିକ୍ଷକ ଆଲୋଚନା ପ୍ରାରମ୍ଭ କରିବେ ।
2. ଶିକ୍ଷକ ମାନଚିତ୍ରରେ ଶିକ୍ଷାର୍ଥୀଙ୍କ ଦ୍ୱାରା ଆନ୍ଧ୍ର ପ୍ରଦେଶର ନୂତନ ଜିଲ୍ଲା ଗୁଡ଼ିକ ଚିହ୍ନଟ କରାଇ ସୀମାରେଖା ନିର୍ଦ୍ଧାରଣ କରିବେ ।

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

ଆନ୍ଧ୍ର ପ୍ରଦେଶର ସୀମାରେଖାଗୁଡ଼ିକୁ ଏବଂ ନୂତନ ଗଠିତ ଜିଲ୍ଲାଗୁଡ଼ିକୁ ମାନଚିତ୍ରରେ ଚିହ୍ନଟ କରିବେ ।

ମାନଚିତ୍ର ଦକ୍ଷତା :

କାର୍ଯ୍ୟକଳାପ -1 : ଆନ୍ଧ୍ର ପ୍ରଦେଶର ସୀମାରେଖାଗୁଡ଼ିକୁ ଚିହ୍ନଟ କର ।

କାର୍ଯ୍ୟକଳାପ -2 : ମାନଚିତ୍ରରେ ନୂତନ ଗଠିତ ପୋଲାବରମ୍, ମାର୍କାପୁରମ୍ ଜିଲ୍ଲାଗୁଡ଼ିକୁ ଚିହ୍ନଟ କର ।(ଏଠାରେ ଦିଆଯାଇଥିବା ମାନଚିତ୍ରକୁ ବ୍ୟବହାର କର ।)



AP SCERT

ଦିବସ 4 ଇତିହାସର ମୁଖ୍ୟ ଶବ୍ଦାବଳୀ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

1. ଶିକ୍ଷାର୍ଥୀମାନେ ଇତିହାସ ପାଠ୍ୟାଂଶ ସମ୍ବନ୍ଧିତ ନୂତନ ଶବ୍ଦଗୁଡ଼ିକୁ ଶିଖିବେ ଏବଂ ଇତିହାସ ପାଠ୍ୟାଂଶକୁ ଭଲଭାବରେ ବୁଝିବା ପାଇଁ ମୁଖ୍ୟ ଶବ୍ଦଗୁଡ଼ିକୁ ବ୍ୟବହାର କରିବେ ।



ଇତିହାସର ମୁଖ୍ୟ ଶବ୍ଦଗୁଡ଼ିକର ପରିଚୟ ଦେବାପାଇଁ ଶିକ୍ଷକ ଆଲୋଚନା ପ୍ରାରମ୍ଭ କରିବେ ।



ଦ୍ରୁତ ମୌଖିକ କୁଇଜ୍ : ଜଣେ ଶିକ୍ଷାର୍ଥୀ ଏକ ଶବ୍ଦ କହିବେ । ଅନ୍ୟ ଜଣେ ଶିକ୍ଷାର୍ଥୀ ଏହାର ଅର୍ଥ କହିବେ ।

କାର୍ଯ୍ୟକଳାପ - ମୁଖ୍ୟ ଶବ୍ଦଗୁଡ଼ିକୁ ପଢ଼ ଏବଂ ଖାତାରେ ଲେଖ ।

କ୍ର.ସଂ.	ମୁଖ୍ୟ ଶବ୍ଦ	ସଂଜ୍ଞା
1.	ପ୍ରାଚୀନ	ଅତ୍ୟନ୍ତ ପୁରାତନ, ହଜାର ହଜାର ବର୍ଷ ପୂର୍ବର ସମୟ ସହ ସମ୍ବନ୍ଧିତ ।
2.	ମଧ୍ୟଯୁଗ	ପ୍ରାଚୀନ ଏବଂ ଆଧୁନିକ ଯୁଗ ମଧ୍ୟର ସମୟ, (ପ୍ରାୟ 5ମ ଶତାବ୍ଦୀରୁ 15ତମ ଶତାବ୍ଦୀ ପର୍ଯ୍ୟନ୍ତ)
3.	ଉତ୍‌ଖନନ	ପୁରାତନ ମାନବ ଜୀବନର ଅବଶେଷ ଯେପରିକି ହତିଆର, କୋଠାବାଡ଼ି, ଅସ୍ଥି ଇତ୍ୟାଦି ଖୋଜିବା ପାଇଁ ଭୂମିକୁ ଖୋଳିବା ପ୍ରକ୍ରିୟା ।
4.	ଐତିହାସିକ	ଯେଉଁ ବ୍ୟକ୍ତି ପୂର୍ବ ଘଟଣାବଳୀକୁ ଅଧ୍ୟୟନ କରନ୍ତି ଏବଂ ଐତିହାସିକ ଉତ୍ସଗୁଡ଼ିକୁ ବ୍ୟବହାର କରି ଅତୀତ ବିଷୟରେ ଲେଖନ୍ତି ।
5.	ଇତିହାସ	ପୂର୍ବ ଘଟଣାବଳୀ ଏବଂ ମାନବ ଜୀବନର ଅଧ୍ୟୟନ ।
6.	ପ୍ରତ୍ନତତ୍ତ୍ୱବିତ୍	ଅତୀତ ବିଷୟରେ ଜାଣିବା ପାଇଁ ପୁରାତନ ଅବଶେଷ ଯେପରିକି ହତିଆର, ମାଟିପାତ୍ର, କୋଠାବାଡ଼ି ଇତ୍ୟାଦି ଅଧ୍ୟୟନ କରୁଥିବା ଜଣେ ବ୍ୟକ୍ତି ।
7.	ରାଜ୍ୟ	ଜଣେ ରାଜା କିମ୍ବା ରାଣୀଙ୍କ ଦ୍ୱାରା ଶାସିତ ଏକ ଦେଶ କିମ୍ବା ଅଞ୍ଚଳ ।
8.	ସାମ୍ରାଜ୍ୟ	ଏକ ସମ୍ରାଟଙ୍କ ଦ୍ୱାରା ଶାସିତ ବହୁ ଦେଶ କିମ୍ବା ଅଞ୍ଚଳର ଏକ ବୃହତ୍ ସମୂହ ।
9.	ଆକ୍ରମଣ	ଯେତେବେଳେ ଏକ ସେନାବାହିନୀ ବଳ ପୂର୍ବକ ଅନ୍ୟ ଏକ ଦେଶରେ ପ୍ରବେଶ କରି ତାହାକୁ ଦଖଲ କରେ ।
10.	ସଂସ୍କୃତି	ଏକ ଜନସମୂହର ପ୍ରଥା, ପରମ୍ପରା, ବିଶ୍ୱାସ, ଭାଷା ଓ ଜୀବନ ପ୍ରଣାଳୀ ।

APSCERT

ଦିବସ 5 ପାଣିପାଗ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –

ପାଣିପାଗ ଏବଂ ଏହାର ଉପାଦାନ ବିଷୟରେ ବୁଝିପାରିବେ ।



ପାଣିପାଗର ଧାରଣା ଏବଂ ଆମ ଉପରେ ଏହାର ପ୍ରଭାବ ବିଷୟରେ ଶିକ୍ଷକ ଆଲୋଚନା ପ୍ରାରମ୍ଭ କରିବେ ।



ଉତ୍ତର ଲେଖିବେ ଏବଂ ଚିତ୍ର ଅଙ୍କନ କରିବେ ।

କାର୍ଯ୍ୟକଳାପ :

I. ଗ୍ରୀଷ୍ମ ଛୁଟିରେ ତୁମେ ଏବଂ ତୁମ ସହପାଠୀମାନେ ଯେଉଁ ସ୍ଥାନଗୁଡ଼ିକୁ ଯାଇଥିଲ ସେଗୁଡ଼ିକ ଲେଖ ।

II. ତୁମେ ଦେଖିଥିବ ଯେ ଗ୍ରୀଷ୍ମକାଳ ବହୁତ ଗରମ ଥିଲା । ସମସ୍ତ ଦିନ ଏକାଭଳି ଥିଲା କି ? ନଚେତ୍ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଉଥିଲା କି ? ହଁ, ଏହି ପରିସ୍ଥିତିର ବାରମ୍ବାର ପରିବର୍ତ୍ତନକୁ ''ପାଣିପାଗ'' କୁହାଯାଏ । ଏଠାରେ ପାଣିପାଗର ଏକ ସ୍ପଷ୍ଟ ସଂଜ୍ଞା ଦିଆଯାଇଛି । ତୁମ ଶିକ୍ଷକଙ୍କ ସାହାଯ୍ୟରେ ଏହାକୁ ବୁଝ ।

ପାଣିପାଗ : ଏକ ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନରେ ପୃଥିବୀର ବାୟୁମଣ୍ଡଳର ଅବସ୍ଥା ।

ଗ୍ରୀଷ୍ମ, ଶୀତ ଓ ବର୍ଷା ଋତୁର ପାଣିପାଗର ତଫାତକୁ ତୁମ ଖାତାରେ ଲେଖ ।

III. ବିଭିନ୍ନ ପ୍ରକାର ପାଣିପାଗ(ଖରାଦିଅା, ବର୍ଷା, ମେଘାବୃତ, ପବନିଆ) ସୂଚାଉଥିବା ଚିତ୍ର ଅଙ୍କନ କର ।

APSCERT

ଦିବସ 6 ସରକାରର ବିଭିନ୍ନ ଅଙ୍ଗ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

1. ସରକାରର ବିଭିନ୍ନ ଅଙ୍ଗ ସଂପର୍କରେ ପୂର୍ବଜ୍ଞାନକୁ ମନେପକାଇବେ ।
2. ସରକାରର ବିଭିନ୍ନ ଅଙ୍ଗ ମଧ୍ୟରେ ପ୍ରଭେଦଗୁଡ଼ିକୁ ବର୍ଣ୍ଣନା କରିବେ ।

ଶିକ୍ଷକଙ୍କ କାର୍ଯ୍ୟ


ଶିକ୍ଷକ ସରକାରର ବିଭିନ୍ନ ଅଙ୍ଗଗୁଡ଼ିକ ସଂପର୍କରେ ଅବଗତ କରିବା ପାଇଁ ଆଲୋଚନା ପ୍ରାରମ୍ଭ କରିବେ ।

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

ଚିତ୍ରରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଏବଂ ସେଗୁଡ଼ିକର ସଂଜ୍ଞାଗୁଡ଼ିକୁ ପଢ଼ ।
ନିମ୍ନଗୁଡ଼ିକୁ ଶାସନପାଳିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଭାବେ ଶ୍ରେଣୀକରଣ କର ।

ସରକାରର ବିଭିନ୍ନ ଅଙ୍ଗ

ଶାସନପାଳିକା
ଏହା ନିର୍ଣ୍ଣୟ(ଆଇନ) ନିର୍ମାଣ କରିବା ସଂସ୍ଥା



ସଂସଦ

କାର୍ଯ୍ୟପାଳିକା
ଏହା ନିର୍ଣ୍ଣୟ(ଆଇନ) କାର୍ଯ୍ୟକାରୀ କରିବା ସଂସ୍ଥା



ରାଷ୍ଟ୍ରପତି ଭବନ

ନ୍ୟାୟପାଳିକା
ଏହା ଆଇନକୁ ବ୍ୟାଖ୍ୟା କରୁଥିବା ନ୍ୟାୟାଳୟମାନଙ୍କର ପଦ୍ଧତି



ସର୍ବୋଚ୍ଚ ନ୍ୟାୟାଳୟ

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

- ଆମ ଦେଶରେ ଆଇନ କିଏ ତିଆରି କରନ୍ତି ?
- ଆଇନଗୁଡ଼ିକୁ କିଏ କାର୍ଯ୍ୟକାରୀ କରନ୍ତି ?
- ଦେଶରେ କିଏ ନ୍ୟାୟ ଦେଇଥାଏ ଏବଂ ବିବାଦ ସମାଧାନ କରେ ?
- ସରକାରର ତିନୋଟି ଅଙ୍ଗର ନାମ କୁହ ।
- ସରକାରର କେଉଁ ଅଙ୍ଗ ଦୈନିକ ପ୍ରଶାସନ ଚଳାଏ ?

© NCERT

ଦିବସ 7 ସ୍ଥାନୀୟ ସରକାର

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –

1. ସ୍ଥାନୀୟ ସରକାର ବିଷୟରେ ନିଜ ପୂର୍ବଜ୍ଞାନ ମନେପକାଇବେ ।



ଶିକ୍ଷକ ସ୍ଥାନୀୟ ସରକାର ସମ୍ବନ୍ଧିତ ଧାରଣାକୁ ନେଇ ଆଲୋଚନା ପ୍ରାରମ୍ଭ କରିବେ ।



1. ସାରଣୀଟିକୁ ପଢ଼ ଏବଂ ସଠିକ ଉତ୍ତର ସହ ପୂରଣ କର ।(ତୁମ ଶିକ୍ଷକଙ୍କ ସହାୟତା ନିଅ)।

ପଦବୀ	କିଏ ନିର୍ବାଚିତ କରେ	ପ୍ରତ୍ୟକ୍ଷ/ପରୋକ୍ଷ ନିର୍ବାଚନ
ୱାର୍ଡ୍ ମେମ୍ବର		
ସରପଞ୍ଚ		
ଉପ ସରପଞ୍ଚ		
ଏମ୍.ପି.ଟି.ସି.		
ଜେଡ୍.ପି.ଟି.ସି.		
ମଣ୍ଡଳ ପରିଷଦ ଅଧ୍ୟକ୍ଷ		
ଜିଲ୍ଲା ପରିଷଦ ଚେୟାରମ୍ୟାନ୍		
ପୌରପାଳିକା ଚେୟାର୍‌ମ୍ୟାନ୍		
ମେୟର୍		

2. ତୁମ ଗ୍ରାମରେ ଉପଲବ୍ଧ ଥିବା ସୁବିଧା ଏବଂ ଉପଲବ୍ଧ ନ ଥିବା ସୁବିଧାଗୁଡ଼ିକ ବିଷୟରେ ଲେଖ ।

ଉପଲବ୍ଧ ସୁବିଧା	ଉପଲବ୍ଧ ନ ଥିବା ସୁବିଧା

AP SCERT

ଦିବସ 8 ମାନଚିତ୍ର କୌଶଳ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

1. ଦିଆଯାଇଥିବା ଭାରତ ମାନଚିତ୍ରରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବେ ।



ଶିକ୍ଷକଙ୍କ କାର୍ଯ୍ୟ



ଶିକ୍ଷକ ଭାରତର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବିଷୟରେ ଚର୍ଚ୍ଚା ପ୍ରାରମ୍ଭ କରିବେ ।




ଶିକ୍ଷାର୍ଥୀଙ୍କ କାର୍ଯ୍ୟ



ଦିଆଯାଇଥିବା ଭାରତ ମାନଚିତ୍ରରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କର ଏବଂ ଲେଖ ।

କାର୍ଯ୍ୟକଳାପ -



AP SCERT

ଦିବସ 9 ରାଜନୀତି ବିଜ୍ଞାନର ମୁଖ୍ୟ ଶବ୍ଦାବଳୀ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

ରାଜନୀତି ବିଜ୍ଞାନ ସମ୍ବନ୍ଧିତ ନୂତନ ଶବ୍ଦଗୁଡ଼ିକୁ ଶିଖିବେ । ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ପାଠ୍ୟାଂଶଗୁଡ଼ିକୁ ଭଲଭାବେ ହୃଦୟଙ୍ଗମ କରିବେ ।


ଶିକ୍ଷକଙ୍କ କାର୍ଯ୍ୟ


ଶିକ୍ଷକ ରାଜନୀତି ବିଜ୍ଞାନ ସମ୍ବନ୍ଧିତ ମୁଖ୍ୟ ଶବ୍ଦଗୁଡ଼ିକୁ ଶିକ୍ଷାର୍ଥୀଙ୍କୁ ପରିଚୟ ପ୍ରଦାନ କରିବା ପାଇଁ ଚର୍ଚ୍ଚା ପ୍ରାରମ୍ଭ କରିବେ ।


ଶିକ୍ଷାର୍ଥୀଙ୍କ କାର୍ଯ୍ୟ


ଶିକ୍ଷାର୍ଥୀମାନେ ନିଜ ଶିକ୍ଷକଙ୍କ ସାହାଯ୍ୟରେ ମୁଖ୍ୟ ଶବ୍ଦଗୁଡ଼ିକୁ ସଠିକ ଉଚ୍ଚାରଣ ସହ ପଢ଼ିବେ ଏବଂ ସେଗୁଡ଼ିକୁ ଖାତାରେ ଲେଖିବେ ।

କାର୍ଯ୍ୟକଳାପ -

1. **ସରକାର:** ଦେଶକୁ ଶାସନ କରି ଲୋକଙ୍କ ପାଇଁ ନିଷ୍ପତ୍ତି ନେବା ପ୍ରଜା ସମୂହକୁ ସରକାର କୁହାଯାଏ ।
2. **ଗଣତନ୍ତ୍ର :** ଗଣତନ୍ତ୍ର ଏକ ଶାସନ ପ୍ରଣାଳୀ ଯେଉଁଠାରେ ଲୋକମାନେ ଭୋଟ ଦେଇ ନିଜ ନେତାଙ୍କୁ ଚୟନ କରନ୍ତି ।
3. **ରାଜତନ୍ତ୍ର :** ରାଜତନ୍ତ୍ର ଏକ ଶାସନ ପ୍ରଣାଳୀ ଯେଉଁଠାରେ ରାଜା କିମ୍ବା ରାଣୀ ଦେଶକୁ ଶାସନ କରନ୍ତି ।
4. **ନିର୍ବାଚନ :** ଭୋଟଦ୍ୱାରା ନେତାମାନଙ୍କୁ ବାଛିବା ପ୍ରକ୍ରିୟାକୁ ନିର୍ବାଚନ କୁହାଯାଏ ।
5. **ସାର୍ବଜନୀନ ପ୍ରାପ୍ତ ବୟସ୍କ ମତାଧିକାର :** ସମସ୍ତ 18 ବର୍ଷ ଉର୍ଦ୍ଧ୍ୱ ନାଗରିକଙ୍କର ଭୋଟ ଦେବାର ଅଧିକାର ଥାଏ ।
6. **ପ୍ରତିନିଧି :** ପ୍ରଜାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯେଉଁମାନେ ପ୍ରଜାଙ୍କ ପକ୍ଷରୁ କଥାହୋଇ ନିର୍ଣ୍ଣୟ ନିଅନ୍ତି ।
7. **ସମ୍ବିଧାନ :** ସମ୍ବିଧାନ ଦେଶର ସର୍ବୋଚ୍ଚ ଆଇନ, ଯାହା ଦେଶ କିପରି ଚଳିବ ବର୍ଣ୍ଣନା କରିଥାଏ ।
8. **ସଂସଦ ବ୍ୟବସ୍ଥା:** ଏହା ଏକ ଶାସନ ପ୍ରଣାଳୀ ଯେଉଁଠାରେ ଲୋକଙ୍କ ଦ୍ୱାର ନିର୍ବାଚିତ ପ୍ରତିନିଧିମାନେ ସରକାର ଗଠନ କରନ୍ତି ।
9. **ସ୍ୟାଗରିଷ୍ଟଙ୍କ ନିୟମ :** ଅଧିକାଂଶ ଲୋକଙ୍କ ମତକୁ ମାନି ନିଷ୍ପତ୍ତି ନେବା ପଦ୍ଧତିକୁ ସଂଖ୍ୟା ଗରିଷ୍ଠଙ୍କ ନିୟମ କୁହାଯାଏ ।
10. **ବିଲ୍ :** ଏହା ଏକ ପ୍ରସ୍ତାବିତ ଆଇନ୍ ଯାହା ଆଇନ୍ ରୂପେ ଗୃହିତ ହେବା ପୂର୍ବରୁ ସଂସଦରେ ଆଲୋଚନା କରାଯାଏ ।

AP SCERT

ଦିବସ 10 ଅର୍ଥଶାସ୍ତ୍ର ସମ୍ବନ୍ଧିତ ମୁଖ୍ୟ ଶବ୍ଦାବଳୀ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ -

1. ଅର୍ଥଶାସ୍ତ୍ର ସମ୍ବନ୍ଧିତ ନୂତନ ଶବ୍ଦଗୁଡ଼ିକୁ ଶିଖିବେ । ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ପାଠ୍ୟାଂଶଗୁଡ଼ିକୁ ଭଲଭାବେ ହୃଦୟଙ୍ଗମ କରିବେ ।



ଶିକ୍ଷକ ଅର୍ଥଶାସ୍ତ୍ର ସମ୍ବନ୍ଧିତ ମୁଖ୍ୟ ପଦଗୁଡ଼ିକୁ ଶିକ୍ଷାର୍ଥୀଙ୍କୁ ପରିଚୟ କରାଇବା ପାଇଁ ଚର୍ଚ୍ଚା ପ୍ରାରମ୍ଭ କରିବେ ।



ଶିକ୍ଷାର୍ଥୀମାନେ ନିଜ ଶିକ୍ଷକଙ୍କ ସାହାଯ୍ୟରେ ମୁଖ୍ୟ ଶବ୍ଦଗୁଡ଼ିକୁ ସଠିକ ଉଚ୍ଚାରଣ ସହ ପଢ଼ିବେ ଏବଂ ସେଗୁଡ଼ିକୁ ଖାତାରେ ଲେଖିବେ ।

କାର୍ଯ୍ୟକଳାପ : ନିମ୍ନ ମୁଖ୍ୟ ଶବ୍ଦଗୁଡ଼ିକୁ ପଢ଼ ଏବଂ ନିଜ ଖାତାରେ ଲେଖ ।

1. **ବଜାର :** ଲୋକମାନେ ବସ୍ତୁ ଏବଂ ସେବାକୁ କ୍ରୟ ଏବଂ ବିକ୍ରୟ କରିବା ପ୍ରଦେଶକୁ ବଜାର କୁହାଯାଏ ।
2. **ଉତ୍ପାଦକ :** ବସ୍ତୁଗୁଡ଼ିକୁ ତିଆରି କରିବା କିମ୍ବା ଅମଳ କରିବା ବ୍ୟକ୍ତିଙ୍କୁ ଉତ୍ପାଦକ କୁହାଯାଏ । ଉଦାହରଣ ଚାଷୀ, କାରିଗର, କଳକାରଖାନା ଶ୍ରମିକ ।
3. **ଗ୍ରାହକ :** ବସ୍ତୁଗୁଡ଼ିକୁ କିଣି ବ୍ୟବହାର କରିବା ବ୍ୟକ୍ତିଙ୍କୁ ଗ୍ରାହକ କୁହାଯାଏ ।
4. **ଦୋକାନ :** ବସ୍ତୁଗୁଡ଼ିକୁ ଗ୍ରାହକଙ୍କୁ ବିକ୍ରୟ କରିବା ସ୍ଥାନକୁ ଦୋକାନ କୁହାଯାଏ ।
5. **ସୁପର୍ ମାର୍କେଟ୍ :** ଗୋଟିଏ ଜାଗାରେ ଅନେକ ପ୍ରକାର ବସ୍ତୁ ବିକ୍ରୟ କରିବା ବଡ଼ ଦୋକାନକୁ ସୁପର୍ ମାର୍କେଟ୍ କୁହାଯାଏ ।
6. **ସାପ୍ତାହିକ ହାଟ :** ପ୍ରତ୍ୟେକ ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ପ୍ରଦେଶରେ ହେବା ବଜାରକୁ ସାପ୍ତାହିକ ହାଟ କୁହାଯାଏ ।
7. **ସପିଙ୍ଗ୍ ମଲ୍ :** ଗୋଟିଏ ଛାତତଳେ ଅନେକ ଦୋକାନ ଥିବା ବଡ଼ ଭବନକୁ ସପିଙ୍ଗ୍ ମଲ୍ କୁହାଯାଏ ।
8. **ଦର :** ଯେକୌଣସି ବସ୍ତୁଗୁଡ଼ିକୁ କ୍ରୟ କରିବା ପାଇଁ ପଇଠ କରିବା ଟଙ୍କାକୁ ଦର କୁହାଯାଏ ।
9. **ପାଇକାରୀ ବଜାର :** ବସ୍ତୁଗୁଡ଼ିକୁ ଅତି ଅଧିକ ପରିମାଣରେ ବ୍ୟବସାୟୀଙ୍କୁ ବିକ୍ରୟ କରିବା ପ୍ରଦେଶକୁ ପାଇକାରୀ ବଜାର କୁହାଯାଏ ।
10. **ବିନିମୟ :** ବସ୍ତୁ, ସେବା କିମ୍ବା ଟଙ୍କାର ଆଦାନ ପ୍ରଦାନ ପ୍ରକ୍ରିୟାକୁ ବିନିମୟ କୁହାଯାଏ ।

AP SCERT

ଦିବସ 11 ଆମ ଚତୁଃପାର୍ଶ୍ୱରେ ଥିବା ଭୂସ୍ୱରୂପ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –


1. ଉଦାହରଣ ଦ୍ୱାରା ଭୂସ୍ୱରୂପଗୁଡ଼ିକୁ ବୁଝିବେ ।

ଶିକ୍ଷକଙ୍କ କାର୍ଯ୍ୟ


ଭୂସ୍ୱରୂପ ପ୍ରକାରଗୁଡ଼ିକ ବିଷୟରେ ଉଦାହରଣ ସହ ଶିକ୍ଷକ ଆଲୋଚନା ପ୍ରାରମ୍ଭ କରିବେ ।

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ – ନିମ୍ନ ଭୂସ୍ୱରୂପଗୁଡ଼ିକୁ ରଙ୍ଗ ଦିଅ ଏବଂ ପ୍ରତ୍ୟେକର ଗୋଟିଏ ମୁଖ୍ୟ ଲକ୍ଷଣ ଲେଖ ।




ପର୍ବତ



ମାଳଭୂମି



ସମତଳ ଭୂମି



ତ୍ରିକୋଣ ଭୂମି(ଡେଲ୍‌ଟା)

ନିମ୍ନ ପର୍ବତଶ୍ରେଣୀଗୁଡ଼ିକୁ ସେଗୁଡ଼ିକ ଅବସ୍ଥିତ ଥିବା ଜିଲ୍ଲା ସହ ମେଳ କର ।

1. ୟାରାଡ଼ା ଏବଂ ଅନନ୍ତଗିରି ପାହାଡ଼	କ) କର୍ଣ୍ଣୁଲୁ
2. କୋଣ୍ଡାପାଲ୍ଲୀ ପାହାଡ଼	ଖ) ବିଶାଖାପାଟଣା
3. ନାଲ୍ଲାମାଲା ପାହାଡ଼	ଗ) ଏନ୍‌ଟିଆର୍
4. ଶେଷାଚଳ ପାହାଡ଼	ଘ) ଏଲୁରୁ
5. ପାପୀକୋଣ୍ଡା ପାହାଡ଼	ଙ) ତିରୁପତି

AP SCERT

ଦିବସ 12 ଭିନ୍ନତାରେ ଏକତା

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରିପାରିବେ –

1. ପୂର୍ବ ଶ୍ରେଣୀରେ ଭିନ୍ନତାରେ ଏକତା ବିଷୟରେ ଶିଖିଥିବା ଜ୍ଞାନକୁ ମନେପକାଇବେ ।



ପୂର୍ବ ଶ୍ରେଣୀର ପାଠ୍ୟାଂଶକୁ ପୁଣିଥରେ ମନେପକାଇବେ ।



ନିମ୍ନ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କର ।

କାର୍ଯ୍ୟକଳାପ- 1 : ନିମ୍ନଗୁଡ଼ିକୁ ଯୋଡ଼ ।

ସ୍ତମ୍ଭ 'କ' – ଧର୍ମ	ସ୍ତମ୍ଭ 'ଖ' – ପବିତ୍ର ଗ୍ରନ୍ଥ
1. ହିନ୍ଦୁ ଧର୍ମ	କ) କୋରାନ୍
2. ଇସ୍‌ଲାମ୍ ଧର୍ମ	ଖ) ତ୍ରିପିଟକ
3. ଖ୍ରୀଷ୍ଟ ଧର୍ମ	ଗ) ଅଙ୍ଗ
4. ବୌଦ୍ଧ ଧର୍ମ	ଘ) ଗୁରୁ ଗ୍ରନ୍ଥ ସାହେବ୍
5. ଶିଖ୍ ଧର୍ମ	ଙ) ବାଇବଲ୍
6. ଜୈନ ଧର୍ମ	ଚ) ଭଗବତ୍ ଗୀତା

କାର୍ଯ୍ୟକଳାପ- 2 : ତୁମେ ଜାଣିଥିବା ଭାଷା ଏବଂ ପର୍ବପର୍ବାଣୀଗୁଡ଼ିକର ନାମ ଲେଖ ।

କାର୍ଯ୍ୟକଳାପ- 3 : ଭାରତ ସମ୍ବିଧାନ ଦ୍ୱାରା ସ୍ୱୀକୃତିପ୍ରାପ୍ତ 22 ଟି ଭାଷାର ନାମ ଲେଖ ।

AP SCERT

ଲଘୁ ପରୀକ୍ଷା

ବିଭାଗ – କ : ଶୂନ୍ୟସ୍ଥାନ ପୂରଣ କର(ଜ୍ଞାନାତ୍ମକ & ଯାନ୍ତ୍ରିକ)

1. ଗ୍ଲୋବ୍‌ରେ ପୂର୍ବରୁ ପଶ୍ଚିମକୁ ଟଣାଯାଇଥିବା କାଳ୍ପନିକ ରେଖାଗୁଡ଼ିକୁ ..... କୁହାଯାଏ ।
2. ଏକ ନିର୍ଦ୍ଦିଷ୍ଟ ସମୟରେ, ଭୂମି ଉପରେ ଏକ ଅଞ୍ଚଳର ପାଣିପାଗ ସ୍ଥିତିକୁ ..... କୁହାଯାଏ ।
3. ସରକାରଙ୍କ ତିନୋଟି ଅଙ୍ଗ ଶାସନ ପାଳିକା, ... ଏବଂ .....।
4. ପ୍ରତିପାଦିତ ଆଇନ୍‌କୁ ..... କୁହାଯାଏ ।
5. ସପ୍ତାହକୁ ଗୋଟିଏ ଥର ଖୋଲାଯିବା ବଜାରକୁ ..... କୁହାଯାଏ ।

ବିଭାଗ – ଖ : ବହୁ ବିକଳ୍ପ ପ୍ରଶ୍ନ(ଅବଗତ & ଅନ୍ୱୟ)

6. ନିମ୍ନ ପ୍ରଦତ୍ତ ମଧ୍ୟରୁ ଉତ୍ପାଦକର ଏକ ଉଦାହରଣ । ( )
   କ) ଚାଷୀ ଖ) ଶିକ୍ଷାର୍ଥୀ ଗ) ଶିକ୍ଷକ ଘ) ଡାକ୍ତର
7. ରାଜା କିମ୍ବା ରାଣୀଙ୍କ ଦ୍ୱାରା ଶାସିତ ସରକାରକୁ କ'ଣ କୁହାଯାଏ? ( )
   କ) ଲୋକତନ୍ତ୍ର ଖ)ଗଣତନ୍ତ୍ର ଗ) ରାଜତନ୍ତ୍ର ଘ)ସଂସଦୀୟ ବ୍ୟବସ୍ଥା
8. ଭାରତରେ କେଉଁ ସଂସ୍ଥା ନିର୍ବାଚନ ନିର୍ବାହଣ କରେ ? ( )
   କ) ସଂସଦ ଖ) ନିର୍ବାଚନ ଆୟୋଗ(କମିଶନ୍) ଗ) ଉଚ୍ଚତମ ନ୍ୟାୟାଳୟ ଘ) ରାଷ୍ଟ୍ରପତି
9. ଅନେକ ଦୋକାନ ଥିବା ଅତି ବୃହତ୍ ଭବନକୁ କ'ଣ କୁହାଯାଏ ? ( )
   କ) ସାପ୍ତାହିକ ହାଟ ଖ) ସପିଙ୍ଗ୍ ମଲ୍
   ଗ) ଦୋକାନ ଘ) ହୋଲ୍‌ସେଲ୍ ବଜାର
10. ଅତ୍ୟଧିକ ଲୋକ ମତ ପ୍ରକାଶ କରିଥିବା ନିର୍ଣ୍ଣୟକୁ ଅଙ୍ଗୀକାର କରିବା ବ୍ୟବସ୍ଥାକୁ କ'ଣ କୁହାଯାଏ ? ( )
    କ)ଲୋକତନ୍ତ୍ର ଖ) ସଂଖ୍ୟାଗରିଷ୍ଠଙ୍କ ନିୟମ
    ଗ) ସମ୍ବିଧାନ ଘ) ରାଜତନ୍ତ୍ର

ବିଭାଗ – ଗ : କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ (ଅବଗତ & ଅନ୍ୱୟ)

11. ପାଣିପାଗ କହିଲେ କ'ଣ ?
12. ତୁମ ଗ୍ରାମରେ କିମ୍ବା ସହରରେ ଥିବା ଯେ କୌଣସି ଦୁଇଟି ସୁବିଧା ବିଷୟରେ ଲେଖ ।
13. ବଜାର କହିଲେ କ'ଣ ? ତୁମ ପରିସରର ବଜାରଗୁଡ଼ିକ ବିଷୟରେ ଲେଖ ।

ବିଭାଗ – ଘ : ସୃଜନଶୀଳ ପ୍ରଶ୍ନ

18. ତୁମେ ଯଦି କେବେ ପାର୍ବତ୍ୟାଞ୍ଚଳରେ ବସବାସ କରିଥାଅ, ବର୍ତ୍ତମାନ ତୁମେ ବାସ କରୁଥିବା ସ୍ଥାନର ଜୀବନ ଶୈଳୀ ସହ ତୁଳନା କଲେ ତାହା କିପରି ଭିନ୍ନ ଅଟେ? ତୁମ ନିଜ ଭାଷାରେ ଲେଖ ।

AP SCERT

ଅଧ୍ୟାୟ 1

ଭାରତର ଭୌଗୋଳିକ ବିବିଧତା

Q8I1F5

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- ଭାରତର ବିବିଧ ଭୌଗୋଳିକ ବୈଶିଷ୍ଟ୍ୟକୁ ଚିହ୍ନଟ କରିବେ । (CG - 1)
- ଭାରତର ବିଭିନ୍ନ ଭୌଗୋଳିକ ବୈଶିଷ୍ଟ୍ୟକୁ ଶ୍ରେଣୀଭୁକ୍ତ କରି ତାହାର ତୁଳନା କରିବେ । (CG - 1)
- ଭାରତର ସମୃଦ୍ଧ ଭୌଗୋଳିକ ବିବିଧତାକୁ ଏବଂ ଭାରତୀୟ ସଭ୍ୟତାର ରୂପାୟନରେ ଏହାର ଭୂମିକାକୁ ପ୍ରସଂଶା କରିବେ । (CG - 4)
- ଉତ୍ତର ପଶ୍ଚିମ ଭାରତର ଜଳବାୟୁ ଓ ଭୌଗୋଳିକ ସଂରଚନାରେ ଆରାବଳୀ ପର୍ବତର ମୁଖ୍ୟ ଭୂମିକାକୁ ବିଶ୍ଳେଷଣ କରିବେ ।(CG - 4)
- ମୁଖ୍ୟ ଭୌଗୋଳିକ ବୈଶିଷ୍ଟ୍ୟ ଏବଂ ପ୍ରମୁଖ ଜନଜାତି ଗୋଷ୍ଠୀ ଗୁଡିକ ବସବାସ କରିବା ରାଜ୍ୟ ଗୁଡିକୁ ଭାରତର ମାନଚିତ୍ରରେ ଚିହ୍ନଟ କରିବେ । (CG - 4)

"ନିଜର ବିଶେଷ ଭୌଗୋଳିକ ବୈଶିଷ୍ଟ୍ୟ ଯୋଗୁଁ ଆମ ଦେଶ (ଭାରତ) ଅନ୍ୟ ଦେଶ ମାନଙ୍କ ଠାରୁ ସମ୍ପୂର୍ଣ୍ଣ ପୃଥକ୍ ପ୍ରତୀୟମାନ ହୁଏ ଏବଂ ତାହା ହିଁ ଦେଶକୁ ଏକ ନିର୍ଦ୍ଦିଷ୍ଟ ପରିଚୟ ପ୍ରଦାନ କରିଛି ।"

– ଶ୍ରୀ ଅରବିନ୍ଦ

ଚିତ୍ର 1.1 କର୍ଣ୍ଣାଟକର ଯୋଗ୍ ଜଳ ପ୍ରପାତ । ସେଠାକାର ମାଳଭୂମି ଓ ଜଳପ୍ରପାତଗୁଡିକୁ ଲକ୍ଷ୍ୟ କର । ଜଳପ୍ରପାତର ପ୍ରବାହ ଶକ୍ତି ଜରିଆରେ ସ୍ୱତନ୍ତ୍ର ଟର୍ବାଇନ ମାଧ୍ୟମରେ ବିଦ୍ୟୁତ (ଜଳବିଦ୍ୟୁତ) ବା ହାଇଡ୍ରୋ-ଇଲେକ୍ଟ୍ରିସିଟିରେ ପରିଣତ କରାଯାଏ । ହାଇଡ୍ରୋ ଅର୍ଥାତ୍ ଜଳ ।



ମୁଖ୍ୟ ପ୍ରଶ୍ନାବଳୀ ?

1. ଭାରତର କେତୋଟି ମୁଖ୍ୟ ଭୌଗୋଳିକ ବୈଶିଷ୍ଟ୍ୟ କ'ଣ ?
2. ଭାରତର ଭୌଗୋଳିକ ବିବିଧତା ଆମ ଜୀବନକୁ କିପରି ପ୍ରଭାବିତ କରେ ?

© NCERT

1984ମସିହାର କଥା । ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ମହାକାଶକୁ ଯାତ୍ରା କରିଥାନ୍ତି । ସେହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥାଆନ୍ତି ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ସେ ରାକେଶ ଶର୍ମାଙ୍କୁ ପଚାରିଥିଲେ, ''ଭାରତ ମହାକାଶରୁ କିପରି ଦେଖାଯାଉଛି ?'' ସେ ଉତ୍ତର ଦେଲେ ''ସାରେ ଜାହାଁ ସେ ଆଚ୍ଛା'' ଅର୍ଥାତ୍ ସାରା ଦୁନିଆରେ ମୋ ଦେଶ ସବୁଠୁ ସୁନ୍ଦର । ଏହା ବିଂଶ ଶତାବ୍ଦୀର ଅତି ପ୍ରସିଦ୍ଧ ''ସାରେ ଜାହାଁ ସେ ଆଚ୍ଛା'' କବିତାର ଶୀର୍ଷକ ଅଟେ ।

ଆସ ଅନୁସନ୍ଧାନ କରିବା

ଏହି ବହିର ଶେଷରେ ଥିବା ଭାରତର ମାନଚିତ୍ରକୁ ଅନୁଧ୍ୟାନ କର । ତୁମେ କ'ଣ ସବୁ ଲକ୍ଷ୍ୟ କଲ ? ବିଭିନ୍ନ ପ୍ରକାର ଭୂ-ରୂପ ଯଥା- ପର୍ବତ, ସମତଳ ଭୂମି ଓ ମାଳଭୂମି ବିଷୟରେ ତୁମ ପୂର୍ବ ଶ୍ରେଣୀର ପାଠକୁ ମନେପକାଅ, ଭାରତର ମାନଚିତ୍ରରେ କେଉଁ ଭୂ-ରୂପ ଗୁଡ଼ିକୁ ତୁମେ ଚିହ୍ନଟ କରିପାରୁଛ ? ମାନଚିତ୍ରର ବିଭିନ୍ନ ରଙ୍ଗ କ'ଣ ସୂଚାଏ ? (ସୂଚନା - ମାନଚିତ୍ରର ସୂଚକାଙ୍କ ବା ଲେଜେଣ୍ଡ୍ ପ୍ରତ୍ୟେକ ଅଞ୍ଚଳର ଉଚ୍ଚତା ଦର୍ଶାଏ) ।

ତୁମେ ଏହି ଅଧ୍ୟାୟଟି ପଢ଼ିବା ବେଳେ ପ୍ରାକୃତିକ ମାନଚିତ୍ରକୁ ସାମୟିକ ଭାବେ ଅନୁଧ୍ୟାନ କର ।

ଭାରତ ପୃଥିବୀର ସପ୍ତମ ବୃହତ୍ତମ ଦେଶ ଏବଂ ଏସିଆର ଏକ ଅଂଶ । ପାକିସ୍ତାନ, ବାଂଲାଦେଶ, ନେପାଳ, ଭୁଟାନ୍, ଶ୍ରୀଲଙ୍କା ଓ ମ୍ୟାନ୍‌ମାର ଭାରତର ପଡ଼ୋଶୀ ଦେଶ ଏବଂ ଏଗୁଡ଼ିକୁ ନେଇ ଭାରତୀୟ ଉପମହାଦେଶ ନାମକ ଅଞ୍ଚଳଟି ଗଠିତ ହୋଇଛି । (ଉପମହାଦେଶ: ଯେହେତୁ ଏହା ଏସିଆ ମହାଦେଶର ଏକ ଅଂଶ ଅଟେ) ଆଲୋଚନା ଦୃଷ୍ଟିରୁ ଭାରତକୁ ପାଞ୍ଚୋଟି ଭାଗରେ ବିଭକ୍ତ କରାଯାଏ । ଯଥା - ଉତ୍ତର ପର୍ବତମାଳା ଅଞ୍ଚଳ, ଗାଙ୍ଗେୟ ଓ ସିନ୍ଧୁ ସମତଳ ଅଞ୍ଚଳ, ମରୁଭୂମି ଅଞ୍ଚଳ, ଦାକ୍ଷିଣାତ୍ୟ ମାଳଭୂମି ଓ ଦ୍ୱୀପପୁଞ୍ଜ । ଏହି ଅଧ୍ୟାୟରେ ଆମେ ଏଗୁଡ଼ିକ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିବା । ଭାରତ ଏକ ବିଶାଳ ତଥା ବିଭେଦତା ପୂର୍ଣ୍ଣ ଦେଶ ହୋଇଥିବାରୁ ସେଥିବିଷୟରେ ଟିକିନିଖି ବିବରଣୀ ତୁମମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

ଭାରତର ଉତ୍ତରରେ ହିମାଳୟ ପର୍ବତମାଳା ପ୍ରାକୃତିକ ପ୍ରତିବନ୍ଧକ ସଦୃଶ ଦଣ୍ଡାୟମାନ ରହିଛି । ଥର୍ ମରୁଭୂମି ଓ ଆରବସାଗର ଏହାର ପଶ୍ଚିମ ସୀମା ନିର୍ଦ୍ଧାରଣ କରୁଅଛି । ''ଦକ୍ଷିଣରେ ଭାରତ ମହାସାଗର ଓ ପୂର୍ବରେ ବଙ୍ଗୋପସାଗର ଏହାର ପ୍ରାକୃତିକ ସୀମା ରୂପେ ରହିଛି । ଏହି ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ଭାରତକୁ ମହାଦେଶର ଅବଶିଷ୍ଟ ଅଞ୍ଚଳ ଠାରୁ ପୃଥକ୍ କରିବା ସହ ଭାରତର ଜଳବାୟୁ, ସଂସ୍କୃତି ଓ ଇତିହାସର ରୂପାୟନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଅଛି ।

ଆସ ଅନୁସନ୍ଧାନ କରିବା

→ ପୂର୍ବ ଶ୍ରେଣୀରେ ପଢ଼ିଥିବା ଅକ୍ଷାଂଶ ଓ ଦ୍ରାଘିମା ବିଷୟରେ ତୁମର ମନେ ପଡୁଛି କି ? ମାନଚିତ୍ରକୁ ଲକ୍ଷ୍ୟ କର । ଭାରତ ପ୍ରାୟତଃ କେଉଁ ଅକ୍ଷାଂଶ ଓ ଦ୍ରାଘିମା ମଧ୍ୟରେ ରହିଛି ତୁମେ କହି ପାରିବ କି ?


→ ଉପରୋକ୍ତ ବୈଶିଷ୍ଟ୍ୟଗୁଡ଼ିକୁ ଭାରତର ପ୍ରାକୃତିକ ମାନଚିତ୍ରରେ ଚିହ୍ନଟ କର ।

AP SCERT

ବର୍ତ୍ତମାନ ଆମେ ହିମାଳୟଠାରୁ ଭାରତ ମହାସାଗର ସ୍ଥିତ ଦ୍ୱୀପଗୁଡ଼ିକ ସହ ଭାରତର ପୂର୍ବ ଦିଗକୁ ଆମେ ଏକତ୍ର ଯାତ୍ରା କରିବା । ମାନଚିତ୍ରର ବିଭିନ୍ନ ରଙ୍ଗ ଏବେ ସୁଦ୍ଧା ଆମକୁ ଭୌଗୋଳିକ ବିବିଧତାକୁ ଅବଗତ କରାଇ ଅଛି । ମାନଚିତ୍ରର ଲେଜେଣ୍ଡ ବା ସୂଚକାଙ୍କ ସହ ନିଜକୁ ପରିଚିତ କରାଅ । ମାନଚିତ୍ରର ବିଭିନ୍ନ ରଙ୍ଗ ସେହି ଅଞ୍ଚଳର ଉଚ୍ଚତାକୁ ସୂଚାଇଥାଏ ।

ହିମାଳୟ

ମାନଚିତ୍ରରେ ହିମାଳୟ ପର୍ବତମାଳାର ଦୈର୍ଘ୍ୟକୁ ଲକ୍ଷ୍ୟ କର । ଏହା ଏକ ବିଶାଳ ପ୍ରାଚୀର ସଦୃଶ ଦଣ୍ଡାୟମାନ । ମାନଚିତ୍ର ସୂଚକାଙ୍କ ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ହିମାଳୟର ଉଚ୍ଚତାକୁ ଅନୁମାନ କରିପାରିବ କି?





ଚିତ୍ର: *1.2.* ଏଗୁଡ଼ିକ ହିମାଳୟ ପର୍ବତ ଶ୍ରେଣୀର ଉପଗ୍ରହ ଫଟୋ । ଏହି ଶ୍ରେଣୀର ଦୈର୍ଘ୍ୟ ପ୍ରାୟ *2500* କି.ମି ବୋଲି ମନେରଖ ।

ଆସ ମନେପକାଇବା

ହିମାଳୟ ପର୍ବତମାଳା ଆକାଶକୁ ଛୁଇଁଲା ଭଳି ମନେହୁଏ । ବାସ୍ତବରେ ଏହାର ଅନେକ ଶୃଙ୍ଗର ଉଚ୍ଚତା 8000 ମିଟରରୁ ଅଧିକ । ମିଳିତ ଭାବେ ଏହି ଶୃଙ୍ଗଗୁଡ଼ିକୁ ''ଅଷ୍ଟ ସହସ୍ରୀୟ'' (**Eight Thousanders**) କୁହାଯାଏ । ଏହି ପର୍ବତମାଳା ଏସିଆର ମୁଖ୍ୟ ଛଅଟି ଦେଶରେ ପରିବ୍ୟାପ୍ତ । ସେହି ଦେଶଗୁଡ଼ିକ ଯଥା – ଭାରତ, ନେପାଳ, ଭୁଟାନ୍, ଚୀନ, ପାକିସ୍ତାନ ଓ ଆଫଗାନିସ୍ତାନ । ପୃଥିବୀର ଉଚ୍ଚତମ ପର୍ବତର ନାମ ତୁମେ କହି ପାରିବ କି?

ଗ୍ରୀଷ୍ମ ଋତୁରେ ହିମାଳୟ ପର୍ବତମାଳାରେ ଥିବା ବରଫ ତରଳେ ଏବଂ ଗଙ୍ଗା, ସିନ୍ଧୁ ଓ ବ୍ରହ୍ମପୁତ୍ର ଆଦି ମୁଖ୍ୟ ନଦୀଗୁଡ଼ିକୁ ଜଳ ଯୋଗାଇଥାଏ । ଏହି ନଦୀ ଓ ସେଥିର ଉପନଦୀଗୁଡ଼ିକ କୋଟି କୋଟି ଲୋକଙ୍କୁ ପାନୀୟ ଜଳ, କୃଷି ଓ ଶିଳ୍ପ ବ୍ୟବହାର ପାଇଁ ଜଳ ଯୋଗାଇଥାଏ । ସେଥିପାଇଁ ଅଧିକାଂଶ ସମୟରେ ହିମାଳୟକୁ ''ଏସିଆର ଜଳ ଗମ୍ଭୁଜ (ଦୁର୍ଗ)(**Water tower of Asia**) କୁହାଯାଏ । ହିମାଳୟ ଅନେକ ସଂସ୍କୃତି, ଆସ୍ଥା ଓ ଉଦ୍ଭବ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ପର୍ବତ ଗୁଡ଼ିକୁ ପବିତ୍ର ବୋଲି ବିବେଚନା କରାଯାଏ, ଅନେକ ମଠ ଓ ମନ୍ଦିର ସେଠାରେ ଗଢ଼ି ଉଠିଛି । ପୃଥିବୀର କୋଣାନୁକୋଣରୁ ପ୍ରାର୍ଥନା ଓ ଧ୍ୟାନ କରିବା ପାଇଁ ଆସିଥିବା ସନ୍ନ୍ୟାସୀ ଓ ଆଧ୍ୟାତ୍ମିକ ପିପାସୁ ମାନଙ୍କୁ ଏହା ଆକର୍ଷିତ କରିଥାଏ ।

AP SCERT

ମନେ ରଖ

ଗଙ୍ଗା ନଦୀର ଏକ ମୁଖ୍ୟ ଉପନଦୀ ହୋଇଥିବା ଭାଗୀରଥି ଗୋମୁଖ (ଗାଈର ମୁହଁ) ନାମକ ସ୍ଥାନରୁ ଜନ୍ମଲାଭ କରିଛି । ଗୋମୁଖ ନାମକ ସ୍ଥାନଟି ଗଙ୍ଗୋତ୍ରୀ ହିମବାହ (ତୁଷାର ସ୍ରୋତ) ର ଧାରରେ ଅବସ୍ଥିତ ।




ଚିତ୍ର 1.3 ଗୋମୁଖ

ହିମାଳୟର ହିମ ବାହ ଗୁଡ଼ିକ ମଧ୍ୟରୁ ଗଙ୍ଗୋତ୍ରୀ ବୃହତ୍ତମ ହିମବାହ ଅଟେ । ଏହା ଅତି ପବିତ୍ର ଭାବେ ବିବେଚିତ । ସୁତରାଂ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆକର୍ଷିତ ହୋଇ ଆସିଥାନ୍ତି । ଗୋମୁଖ ପର୍ବତାରୋହଣ ପାଇଁ ଏକ ଗନ୍ତବ୍ୟ ସ୍ଥଳରୂପେ ମଧ୍ୟ ପ୍ରସିଦ୍ଧ । ତୁମେ କେବେ ପରବର୍ତ୍ତୀ ସମୟରେ ଗଙ୍ଗା ନଦୀକୁ ଦେଖିଲେ ଗଙ୍ଗାନଦୀର ଜନ୍ମସ୍ଥାନ ଗୋମୁଖରୁ ହିଁ ହୋଇଛି ବୋଲି ମନେରଖ ।

ହିମାଳୟ କିପରି ଜନ୍ମଲାଭ କରିଛି: ''ଏକ କୌତୁହଳପୂର୍ଣ୍ଣ କାହାଣୀ''

ନିୟୁତ ନିୟୁତ ବର୍ଷ ପୂର୍ବେ ଭାରତ ଗୋଣ୍ଡୱାନା ନାମକ ଏକ ବିଶାଳ ଭୂଭାଗର ଅଂଶ ଥିଲା । ଏହା ଆଫ୍ରିକା ମହାଦେଶର ପଡ଼ୋଶୀ ଥିଲା । ପରବର୍ତ୍ତୀ ସମୟରେ ତାହା ବିଚ୍ଛିନ୍ନ ହୋଇ ଧୀରେ ଧୀରେ ଉତ୍ତର ଦିଗକୁ ଅଗ୍ରସର ହେଲା । ପ୍ରାୟ 50 ନିୟୁତ ବର୍ଷ ପୂର୍ବେ ଏହା ୟୁରେସିଆ ଭୂଭାଗର ନିକଟବର୍ତ୍ତୀ ହୋଇ ସେଥିସହ ଧକ୍କା ଦେଲା । ୟୁରେସିଆ ସେହି ଭୂଭାଗକୁ ଠେଲିବା ଯୋଗୁଁ ତତ୍ ମଧ୍ୟସ୍ଥ ସ୍ଥଳଭାଗ କୁଞ୍ଚିତ ହୋଇ ଉର୍ଦ୍ଧ୍ୱଗାମୀ ହେଲା । ତୁମେ ଏକ ଗାଲିଚାକୁ ବିପରୀତ ଦିଗରୁ ଚାପିବା ଫଳରେ ଗାଲିଚାଟି ଯେପରି ଭାଙ୍ଗ ପଡିଯାଏ ସେହି ଭଳି ବିଶାଳ ହିମାଳୟ ପର୍ବତ ସୃଷ୍ଟି ହୋଇଛି । ଆଶ୍ଚର୍ଯ୍ୟର କଥା ହେଉଛି ଭାରତ ଏବେ ମଧ୍ୟ ଧୀରେ ଧୀରେ ଉତ୍ତର ସ୍ଥିତ ଏସିଆ ଦିଗକୁ ଠେଲି ହୋଇ ଯାଉଛି । ଏହା ବାର୍ଷିକ ପ୍ରାୟ 5 ସେ.ମି ହାରରେ ହୋଇଥାଏ । ଏହା ଆମ ନଖର ବୃଦ୍ଧି ହାର ଠାରୁ ମଧ୍ୟ ଅତି କମ୍ ହୋଇଥାଏ । ଅର୍ଥାତ୍ ହିମାଳୟର ଉଚ୍ଚତା ଏବେ ବି ବୃଦ୍ଧି ପାଉଛି । ଏହି ବୃଦ୍ଧି ହାର ଅତ୍ୟନ୍ତ ନଗଣ୍ୟ । ବାର୍ଷିକ ପ୍ରାୟ 5 ମିଲିମିଟର ଉଚ୍ଚ ହାରରେ ବୃଦ୍ଧି ପାଉଛି । ଅର୍ଥାତ୍ ଏକ ସହସ୍ର ବର୍ଷରେ 5 ମିଟର ଯାଏ ବୃଦ୍ଧି ଘଟେ ।



ଚିତ୍ର 1.4 ଭାରତର ୟୁରେସିୟା ଯାତ୍ରା

AP SCERT



ଚିତ୍ର *1.5* ହିମାଳୟ ଅନ୍ତର୍ଗତ ଶିଳାର ଭଙ୍ଗିଳ ସ୍ତର

ମନେ ରଖ

ହିମାଳୟ ଶବ୍ଦଟି ଦୁଇଟି ସଂସ୍କୃତ ଶବ୍ଦରୁ ଉଦ୍ଭୃତ ହିମ + ଆଳୟ । ହିମ କହିଲେ ବରଫ ଓ ଆଳୟର ଅର୍ଥ ଘର, ଅର୍ଥାତ୍ ''ବରଫର ଘର'' ।

ହିମାଳୟ ପର୍ବତମାଳାକୁ ମୁଖ୍ୟତଃ ତିନୋଟି ପର୍ବତ ଶ୍ରେଣୀରେ ବିଭକ୍ତ କରାଯାଇଛି ।

- **ହିମାଦ୍ରୀ (ବୃହତ୍ ହିମାଳୟ):** ହେଉଛି ହିମାଳୟର ସର୍ବୋଚ୍ଚ ଏବଂ ଦୁର୍ଗମ ଅଂଶ । ଏଠାରେ ମାଉଣ୍ଟ୍ ଏଭେରେଷ୍ଟ୍ ଓ କାଞ୍ଚନଜଙ୍ଘା ଭଳି ଉଚ୍ଚ ଗଗନଚୁମ୍ବୀ ଶୃଙ୍ଗଗୁଡ଼ିକ ରହିଛି । ଏହି ପର୍ବତ ଶ୍ରେଣୀ ବର୍ଷସାରା ବରଫାବୃତ୍ତ ରହିଥାଏ । ଜୀବନଯାପନ ଏଠାରେ ଦୁର୍ବିସହ ହୋଇଥିବାରୁ ଜନବସତି ଦେଖାଯାଏ ନାହିଁ ।
- **ହିମାଚଳ (ନିମ୍ନ ବା ମଧ୍ୟ ହିମାଳୟ):** ବୃହତ୍ ହିମାଳୟର ଦକ୍ଷିଣରେ ଅବସ୍ଥିତ । ଏଠାକାର ସୁଷମ ଜଳବାୟୁ, ସମୃଦ୍ଧ ଜୈବ ବିବିଧତା ଓ ଜନବସତି ପାଇଁ ଅନୁକୂଳ ପରିବେଶ ହୋଇଥାଏ । ନୈନିତାଲ୍ (ଉତ୍ତରାଖଣ୍ଡ), ଦାର୍ଜିଲିଂ (ପଶ୍ଚିମବଙ୍ଗ), ସିମ୍‌ଲା (ହିମାଚଳ ପ୍ରଦେଶ) ଓ ମୁସୋରୀ (ଉତ୍ତରାଖଣ୍ଡ) ଆଦି ପ୍ରସିଦ୍ଧ ଶୈଳ ନିବାସ ଗୁଡ଼ିକ ଏଠାରେ ଅବସ୍ଥିତ ।
- **ସିୱାଲିକ୍ ପାହାଡ଼ (ବାହ୍ୟ ହିମାଳୟ):** ହିମାଳୟ ପର୍ବତର ବାହ୍ୟପାର୍ଶ୍ୱ ବା ସବୁଠାରୁ ନିମ୍ନ ଓ ଦକ୍ଷିଣ ଭାଗରେ ଅବସ୍ଥିତ ପର୍ବତଶ୍ରେଣୀ ଅଟେ । ଏହା ଅନେକ ଛୋଟ ଛୋଟ ପାହାଡ଼କୁ ନେଇ ଗଠିତ ଓ ଘନ ଜଙ୍ଗଲରେ ପରିପୂର୍ଣ୍ଣ । ଏହାର ପାଦଦେଶ ବନ୍ୟପ୍ରାଣୀ ସମୃଦ୍ଧ । ଏହା ହିମାଳୟ ଓ ଗାଙ୍ଗେୟ ସମତଳ(ଉତ୍ତରସ୍ଥ ସମତଳ) ମଣ୍ଡଳ ଭାବେ ଅବସ୍ଥିତ ।

ଆସ ଅନୁସନ୍ଧାନ କରିବା

ହିମାଳୟ ପର୍ବତ ଅଞ୍ଚଳର ବିଭିନ୍ନ ଅଂଶରେ ଥିବା ରାଜ୍ୟ ଗୁଡ଼ିକୁ ଚିହ୍ନଟ କରି ପାରିବ କି?
ଏହା ଅନୁଧ୍ୟାନ କରିବା ପାଇଁ ଭାରତର ଭୌତିକ ଓ ରାଜନୈତିକ ମାନଚିତ୍ରର ସାହାଯ୍ୟ ନିଅ ।

APSCERT

ମନେ ରଖ

ପଶ୍ଚିମ ହିମାଳୟ ଅଞ୍ଚଳର ପାରମ୍ପରିକ ପଦ୍ଧତିରେ ନିର୍ମିତ ଘର ଗୁଡ଼ିକୁ ''କାଠ-କୁନି'' କିମ୍ବା ''ଧାଜି-ଦେୱାରି'' ଶୈଳୀର ଘର କୁହାଯାଏ । ଏଥିରେ ସ୍ଥାନୀୟ ଭାବେ ଉପଲବ୍ଧ ପଥର ଓ କାଠ ବ୍ୟବହୃତ ହୋଇଥାଏ । ଏଥିରେ ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଘରକୁ ଉଷ୍ମ ରଖିବା ସହ ମୃଦୁ ଭୂମିକମ୍ପ ଜନିତ କ୍ଷୟକ୍ଷତିକୁ ହ୍ରାସ କରିଥାଏ ।



ଚିତ୍ର *1.6* ହିମାଚଳ ପ୍ରଦେଶର ''କାଠ-କୁନି'' ଘର

ମନେ ରଖ

ହିମାଚଳ ପ୍ରଦେଶ ଅନ୍ତର୍ଗତ ବୃହତ୍ ହିମାଳୟ ଜାତୀୟ ଉଦ୍ୟାନରେ ବହୁବିଧ ଉଦ୍ଭିଦ ଓ ପ୍ରାଣୀ ରହିଛନ୍ତି । ୟୁନେସ୍କୋ ଦ୍ୱାରା ଏହା ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ହାସଲ କରିଛି । ଏହି ଉଦ୍ୟାନର ଜୈବ ବିବିଧତାକୁ ସଂରକ୍ଷଣ କରିବା ପାଇଁ ସରକାରଙ୍କ ସହ ଉଦ୍ୟାସ ପରିସରରେ ବାସ କରିବା ଗ୍ରାମ ଗୋଷ୍ଠୀ ଗୁଡ଼ିକ ମଧ୍ୟ ସହଯୋଗ କରନ୍ତି ।



ଚିତ୍ର *1.7. 1.* ବୃହତ୍ ହିମାଳୟ ଜାତୀୟ ଉଦ୍ୟାନ ସଂରକ୍ଷିତ ଅଞ୍ଚଳ *2.* ହିମାଳୟାନ୍ ମୋନାଲ୍ (ଏକ ପ୍ରକାରର ପକ୍ଷୀ). *3.* ଲଦାଖ ସ୍ଥିତ ଏକ ବୌଦ୍ଧ ମଠ *4.* ହିମାଚଳ ପ୍ରଦେଶ ସ୍ଥିତ ବ୍ୟାସ ନଦୀ *5.* ବରଫାଞ୍ଚଳ ଚିତାବାଘ *6.* ହିମାଳୟ ସ୍ଥିତ ଆଞ୍ଚଳିକ ବଜାରରେ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶନୀ *7.* ରୋଡୋ ଡେଣ୍ଡ୍ରାନ୍ ନାମକ ଫୁଲ ଏଥିରେ ଏକ ପ୍ରକାରର ସର୍ବତ ପ୍ରସ୍ତୁତ କରାଯାଏ ।

© SCERT

ଭାରତର ଶୀତଳ ମରୁଭୂମି



ଚିତ୍ର *1.8* ଲଦାଖର ଚନ୍ଦ୍ରଭୂମି

'ମରୁଭୂମି' ଶବ୍ଦଟି ଶୁଣିବାକ୍ଷଣି ମନରେ ହଠାତ୍ ଏକ ଗରମ ସ୍ଥାନର ଛବି ଆସିଯାଏ । ତେବେ କେତେକ ଅଞ୍ଚଳରେ ଶୀତଳ ମରୁଭୂମି ମଧ୍ୟ ରହିଥାଏ । ଆମ ଦେଶରେ ମଧ୍ୟ ଏହିଭଳି ଏକ ଶୀତଳ ମରୁଭୂମି ରହିଛି । ଏହି ଶୀତଳ ମରୁଭୂମିଟି 'ଲଦାଖ' ଅଟେ । ଶୀତଦିନେ ଏଠାରେ ତାପମାତ୍ରା -30°C ରୁ ନିମ୍ନରେ ରହିଥାଏ । ଏଠାରେ ଅତି କମ୍ ବର୍ଷା ହୋଇଥାଏ । ଏଠାକାର ଭୂଭାଗ ପଥୁରିଆ ଓ ଆବଡ଼ା ଖାବଡ଼ା ଓ ଗଭୀର ଉପତ୍ୟକା ବିଶିଷ୍ଟ । 'ପାଙ୍ଗୋଙ୍ଗ୍‌ସୋ' ଭଳି ହ୍ରଦ ମାନ ଏଠାରେ ଥାଏ । ଏଠାକାର ଭୂରୂପର ପ୍ରକୃତି ଚନ୍ଦ୍ର ପୃଷ୍ଠ ଭଳି ହୋଇଥାଏ । ତେଣୁ ଏହାକୁ 'ଚନ୍ଦ୍ରଭୂମି' କୁହାଯାଏ । ଭୂତତ୍ତ୍ୱବିତ୍ ମାନେ ଏହି ପ୍ରକାର ଭୂମିର ସୃଷ୍ଟି ଭାରତ ଭୂଭାଗ ୟୁରେସିଆ ମଧ୍ୟରେ ହୋଇଥିବା ଧକ୍କା ଯୋଗୁଁ ଭଙ୍ଗିଳ ପର୍ବତ ସୃଷ୍ଟି ହୋଇଛି ବୋଲି ମତ ଦିଅନ୍ତି, ଏହା ଆମେ ଜାଣୁଯେ ଏହି ଭଙ୍ଗିଳ ଭୂଭାଗ ପୂର୍ବରୁ ଏକ ମହାସାଗର ଥିଲା । ସୁତରାଂ ଏହି ଅଞ୍ଚଳରୁ ମିଳୁଥିବା ଶିଳା ଗୁଡ଼ିକ ମୁଖ୍ୟତଃ ବାଲି ଓ କର୍ଦ୍ଦମ ଯୁକ୍ତ ।

© NCERT



ଚିତ୍ର *1.9.* ହିମାଳୟରେ ବାସ କରୁଥିବା ଅଧିବାସୀଙ୍କ ପାଇଁ ୟାକ୍ ବା ଚମରୀ ଗାଈ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷୀର, ମାଂସ, ଚମଡ଼ା ଓ ଗୋବର ପାଇଁ ଲୋକମାନେ ଏହାକୁ ପାଳନ କରନ୍ତି । ଏହାକୁ ପରିବହନ ପାଇଁ ମଧ୍ୟ ବ୍ୟବହାର କରାଯାଏ ।



ଚିତ୍ର *1.10* ଲଦାଖର'ପାଙ୍ଗୋଙ୍ଗ୍‌ସୋ' । ଏହି ହ୍ରଦର ପାଣି ଲୁଣିଆ ହୋଇଥିଲେ ମଧ୍ୟ ଅନ୍ୟ ହ୍ରଦ ଭଳି ନୁହେଁ । ଏହାର ଚତୁଃପାର୍ଶ୍ୱରେ ପାର୍ବତ୍ୟ ଅଞ୍ଚଳରୁ ଦ୍ରବୀଭୂତ ଖଣିଜ ଦ୍ରବ୍ୟ ଏହି ଲବଣତାର କାରଣ।

ପବନ ଓ ବର୍ଷା ଯୋଗୁଁ ପର୍ବତ ଗୁଡ଼ିକ କ୍ଷୟିତ ହୋଇ ତୁମେ ଚିତ୍ରରେ ଦେଖୁଥିବା ଆକାରକୁ ପରିବର୍ତ୍ତିତ ହୋଇଛି ।


ପ୍ରତିକୂଳ ପରିସ୍ଥିତି ରହିଥିବା ସତ୍ତ୍ୱେ ଲଦାଖ ଅଞ୍ଚଳରେ ବରଫାଞ୍ଚଳ ଚିତା ବାଘ, ଆଇବେକ୍ସ, ତିବ୍ବତୀୟ ମୃଗ ପ୍ରଭୃତି ବାସ କରନ୍ତି । ଲଦାଖର ଅଧିବାସୀମାନେ ସରଳ ଜୀବନଯାପନ କରନ୍ତି । ଏହି ଅଞ୍ଚଳଟି ପୁରାତନ ମଠ, ଲୋସାର୍ ଓ ହେମିସ୍ ଭଳି ଆକର୍ଷଣୀୟ ପର୍ବପର୍ବାଣୀ ପାଇଁ ପ୍ରସିଦ୍ଧ ।

ଗାଙ୍ଗେୟ ସମତଳ ଭୂମି

ଆମେ ହିମାଳୟରୁ ଦକ୍ଷିଣ ଦିଗକୁ ଯାତ୍ରା କଲେ ଏକ ସୁବିସ୍ତୃତ ଉର୍ବର ସମତଳ ଭୂମିରେ ପହଞ୍ଚିବା । ଏହାର ନାମ ଗାଙ୍ଗେୟ ସମତଳ ଭୂମି । ଏହି ସମତଳ ଭୂମି ଭାରତର ଇତିହାସ ଓ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ହିମାଳୟରୁ ଜନ୍ମଲାଭ କରିଥିବା ବଡ଼ ବଡ଼ ନଦୀ ବୋହି ଆଣିବା ଜୀବନଧାରିତ ଜଳ ଦ୍ୱାରା ଏହି ଅଞ୍ଚଳଟି ଉର୍ବରତାରେ ପରିପୁଷ୍ଟ । ଗଙ୍ଗା, ସିନ୍ଧୁ ଓ ବ୍ରହ୍ମପୁତ୍ର ଏବଂ ସେମାନଙ୍କ ଉପନଦୀ ସମୂହ ଦ୍ୱାରା ସଞ୍ଚିତ ପଟୁମାଟି ଯୋଗୁଁ ଏହି ଅଞ୍ଚଳଟି ଖୁବ୍ ଉର୍ବର ଓ କୃଷି ଉପଯୋଗୀ । ଫଳରେ ଏଠାକାର ସମୃଦ୍ଧ ମୃତ୍ତିକା କୃଷିର ସମୃଦ୍ଧି ପାଇଁ ସହାୟକ ହୋଇଥାଏ । ଏହି ଅଞ୍ଚଳର ନଦୀଗୁଡ଼ିକ ବିଦ୍ୟୁତ ଉତ୍ପାଦନର ଏକ ଉତ୍ସ ଅଟେ । ଆମ ଦେଶର ଜନସଂଖ୍ୟାର ଏକ ବଡ଼ ଅଂଶ ଏହି ଅଞ୍ଚଳରେ ବାସ କରନ୍ତି ।



ଚିତ୍ର *1.11.* ସମତଳ ଅଞ୍ଚଳର ଆଧୁନିକ କୃଷି ପ୍ରଣାଳୀ



ଚିତ୍ର *1.12.* ଆକର୍ଷଣୀୟ ଯମୁନା ନଦୀ ସହ ଦିଲ୍ଲୀର ଦୃଶ୍ୟ



ଚିତ୍ର *1.13.* ଉତ୍ତର ପ୍ରଦେଶର ବହୁବିଧ କୃଷି



ଚିତ୍ର *1.14.* ପଶ୍ଚିମବଙ୍ଗର ଧାନ ବିଲରେ କାର୍ଯ୍ୟରତ ଗ୍ରାମାଞ୍ଚଳ ମହିଳା

AP SCERT

ଉତ୍ତର ସମତଳ ଅଞ୍ଚଳର ସମପ୍ରାୟ ଭୂମି, ବିସ୍ତୃତ ପରିବହନ ବ୍ୟବସ୍ଥାର ବିକାଶରେ ସହାୟକ ହୋଇଛି । ସଡ଼କ ଓ ରେଳ ପରିବହନ ବ୍ୟବସ୍ଥାର ବ୍ୟାପକତା ଯୋଗୁଁ ଦୂର ସ୍ଥାନକୁ ଯାତାୟତ ଓ ମାଲ ପରିବହନ ସହଜ ସାଧ୍ୟ ହୋଇପାରିଛି । ବିଗତ ଅଧ୍ୟାୟର ସ୍ମୃତି ଫର୍ଦ୍ଦକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଗଙ୍ଗା, ବ୍ରହ୍ମପୁତ୍ର ଆଦି ନଦୀ ସମୂହ ହଜାର ହଜାର ବର୍ଷ ଜଳଯାତ୍ରା ଓ ବାଣିଜ୍ୟ ନିମିତ୍ତ ବ୍ୟବହୃତ ହୋଇ ଆସୁଛି ।






ଚିତ୍ର *1.15.* ଗାଙ୍ଗେୟ ସମତଳ ଭୂମିରେ ପରିବହନ ମାଧ୍ୟମ

ମନେ ରଖ


ଭାରତର ଅଧିକାଂଶ ନଦୀ ଯଥା– ଗଙ୍ଗା, ଯମୁନା, କାବେରୀ ଆଦି ବିଭିନ୍ନ ଦେବୀଙ୍କ ନାମରେ ନାମିତ ହୋଇ ଅଛି । କିନ୍ତୁ ବ୍ରହ୍ମପୁତ୍ର କହିଲେ ବ୍ରହ୍ମାଙ୍କ ପୁତ୍ର ବା ବ୍ରହ୍ମପୁତ୍ର । ଏହି ନଦୀ ଗ୍ରୀଷ୍ମ କାଳରେ ଶୁଷ୍କ ରହିବା ପରିବର୍ତ୍ତେ ଅଧିକ ଜଳରେ ଭରି ରହେ । ଏପରି କାହିଁକି ହୁଏ ଅନୁମାନ କରି ପାରୁଛ କି ?

ଆସ ଅନୁସନ୍ଧାନ କରିବା

ସମତଳ ଅଞ୍ଚଳର ସଘନ ଆଲୋକ ସଜ୍ଜାକୁ ଲକ୍ଷ୍ୟ କର । ଏପରି ଆଲୋକ ସଜ୍ଜାର କାରଣ କ'ଣ ହୋଇ ପାରେ ?



ଚିତ୍ର *1.16.* ଗାଙ୍ଗେୟ ସମତଳ ଅଞ୍ଚଳର ରାତ୍ରିକାଳୀନ ଉପଗ୍ରହ ଚିତ୍ର




ଚିତ୍ର *1.17.* ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ଏକ ଧୂସର ଲାଙ୍ଗୁର୍ ଗୋଟିଏ କାଠ ଗଣ୍ଡି ଉପରେ ବସିଛି



ଚିତ୍ର *1.18.* ବିଲୁପ୍ତ ପ୍ରାୟ ଏକ ବିରାଟ ମହାବଳ ବାଘ । ପ୍ରୋଜେକ୍ଟ ଟାଇଗର (ବ୍ୟାଘ୍ର ପ୍ରକଳ୍ପ) ମହାବଳ ବାଘଙ୍କୁ ତା'ର ବାସସ୍ଥାନକୁ ଫେରିବାରେ ସାହାଯ୍ୟ କରିଛି ।

APSCERT



ଚିତ୍ର *1.19.* ଏକ ମୟୂର ଓ ମୟୂରୀ । ଭାରତୀୟ ମୟୂର ଆମ ଜାତୀୟ ପକ୍ଷୀ



ଚିତ୍ର *1.20.* ଏକ ବୟସ୍କ ଘଡ଼ିଆଳର ଲମ୍ବ *2.5* ରୁ *4.5* ମିଟର ମଧ୍ୟରେ ହୋଇଥାଏ । ଏହି ପ୍ରାଣୀଟି ବିଲୁପ୍ତ ହୋଇଯିବାକୁ ବସିଛି । ଏହାର କ୍ଷତି ଘଟାଇବା, ଚୋରା ଚାଲାଣ ଓ ଶିକାର କରିବାକୁ ଆଇନ୍ ନିଷେଧ କରିଛି ।

ଭାରତର ବୃହତ୍ ମରୁଭୂମି ବା ଥର୍ ମରୁଭୂମି

ଭାରତର ପ୍ରାକୃତିକ ମାନଚିତ୍ରର ପଶ୍ଚିମ ଦିଗକୁ ଲକ୍ଷ୍ୟ କଲେ ହଳଦିଆ ରଙ୍ଗର ଅଞ୍ଚଳକୁ ଦେଖିପାରିବ । ଏହି ଅଞ୍ଚଳ ହିଁ 'ଥର୍ ମରୁଭୂମି' । ଏଥିରେ ତୁମକୁ କ'ଣ ଦେଖାଯାଉଛି ? ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ବିଶାଳ ବାଲୁକା ସ୍ତୂପ ଗୁଡ଼ିକ, ଉଚ୍ଚ ନୀଚ ଭୂମି ଓ ଖୋଲା ଆକାଶ ଦେଖାଯାଉଛି ।



ଚିତ୍ର *1.21.* ଥର୍ ମରୁଭୂମିର ବାଲୁକା ପାହାଡ଼ ମଧ୍ୟରେ ଜଣେ ଯାତ୍ରୀ

ଆସ ଅନୁସନ୍ଧାନ କରିବା

ବାଲୁକା ସ୍ତୂପ (ବାଲିକୁଦ) ର ଆକୃତି କିପରି ହୋଇଥାଏ ? ପର୍ବତ ଗୁଡ଼ିକ ପଥର ଓ ଶିଳାରେ ତିଆରି ହୋଇଥାଏ ଓ ସେମାନଙ୍କର ଆକୃତି ସ୍ଥିର ଅଟେ । ବାଲି ସ୍ତୂପ ଗୁଡ଼ିକ ବାଲିରେ ଗଠିତ ତଥାପି ସେଥିର ଆକୃତି ତଦ୍ରୂପ ବୋଲି ତୁମେ କାହିଁକି ଭାବୁଛ ?



ଚିତ୍ର *1.22.* ଭାରତୀୟ ଥର୍ ମରୁଭୂମିର ମଧ୍ୟ ଭାଗରେ ଜୈସଲମେର୍ ନାମକ ସ୍ୱର୍ଣ୍ଣ ନଗରୀ ଅବସ୍ଥିତ । ଜୈସଲମେର୍ ଦୁର୍ଗ ***(Golden City)*** ୟୁନେସ୍କୋ ଦ୍ୱାରା ସ୍ୱୀକୃତି ପାଇଥିବା ଏକ ବିଶ୍ୱ ଐତିହ୍ୟ ସ୍ଥଳ ।

AP SCERT

ପବନର ପ୍ରଭାବରେ ବାଲୁକା ସ୍ତୂପ ଗୁଡ଼ିକ ସୃଷ୍ଟିହୋଇ ସେଗୁଡ଼ିକ ପାହାଡ଼ର ରୂପ ନେଇଥାଏ । କେତେକ କ୍ଷେତ୍ରରେ ଏଗୁଡ଼ିକ 150 ମିଟର ଉଚ୍ଚ ପର୍ଯ୍ୟନ୍ତ ହୋଇଥାଏ ।

ଥର୍ ଏକ ବିସ୍ତୃତ ଶୁଷ୍କ ଅଞ୍ଚଳ । ଏହାର ଅଧିକାଂଶ ଭାଗ ଭାରତରେ ଅବସ୍ଥିତ । ଏହା ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଓ ହରିୟାଣା ରାଜ୍ୟ ଗୁଡ଼ିକରେ ପରିବ୍ୟାପ୍ତ । ଏଠାକାର ପ୍ରବଳ ଉତ୍ତପ୍ତ ଦିନ, ଶୀତଳ ରାତି ଓ ଜଳାଭାବ ଜନିତ ପ୍ରତିକୂଳ ପରିସ୍ଥିତି ଯୋଗୁଁ ମାନବ ଓ ପଶୁ ସଂଚାର ପ୍ରତିହତ ହୋଇଥାଏ ।



ଚିତ୍ର *1.23.* ପୁଷ୍କର ମେଳାରେ ଜଣେ ଓଟ ବିକ୍ରେତା (ଥର୍ ମରୁଭୂମିର ଶେଷ ଭାଗରେ)

ଥର୍ ଅଞ୍ଚଳରେ ରହୁଥିବା ଅଧିବାସୀ ମାନେ ସେଠାରେ ଉପଲବ୍ଧ ହେଉଥିବା ସମ୍ବଳ ଅନୁଯାୟୀ ସେଠାର ପରିବେଶ ସହ ଖାପଖୁଆଇ ଚଳନ୍ତି । ଖାଦ୍ୟପେୟ, ପୋଷାକ ଓ ଜୀବନ ଶୈଳୀ ସେଠାକାର ରୁକ୍ଷ ପରିସ୍ଥିତିର ଅନୁକୂଳରେ ହୋଇଥାଏ ।

ମନେ ରଖ





ଚିତ୍ର *1.24.* ଘର ଠାରୁ ବହୁ ଦୂରରେ ଥିବା ଏକ ଜଳ ଉତ୍ସରୁ ପାଣି ଆଣୁଥିବା ମହିଳାମାନେ (ବାମ) । ଗୋଟିଏ ଛୋଟ ଗ୍ରାମର ବର୍ଷା ଜଳ ଅମଳ ପ୍ରକଳ୍ପ (ଡାହାଣ) ।

ମରୁଭୂମିରେ ଜଳାଭାବ ରହିଥାଏ । ନିଜ ପରିବାରର ଆବଶ୍ୟକତା ମେଣ୍ଟାଇବା ପାଇଁ ମହିଳାମାନେ ପ୍ରତିଦିନ ପାଣି ଆଣିବା ପାଇଁ ବହୁତ ଦୂର ଯାତ୍ରା କରିବାକୁ ପଡ଼ିଥାଏ । ତେଣୁ ପାରମ୍ପରିକ ଭାବେ ବାସନକୁସନ ମାଜିବାପାଇଁ ସେମାନେ ସେଗୁଡ଼ିକୁ ବାଲିରେ ରଗଡ଼ି ସଫା କରିଥାନ୍ତି। ପରେ ତାହାକୁ ଅଳ୍ପ କିଛି ପାଣି ଦେଇ ଧୋଇ ସେହି ଜଳକୁ ଗଛ ପାଇଁ ପୁନଃ ବ୍ୟବହାର କରନ୍ତି । ତେଣୁ ତୁମେ ଯଦି ପାଣି ବ୍ୟବହାର କଲାବେଳେ ବେଳେ ଟ୍ୟାପ୍ ଖୋଲା ଛାଡ଼ିଦେଉଛ, ତେବେ ଥର୍ ମରୁଭୂମି ବାସୀଙ୍କ କଥାକୁ ଟିକେ ମନେ ପକାଅ । ପୋଖରୀ ବା ଟାଙ୍କା (କୁଣ୍ଡ) ଜରିଆରେ ଜଳ ସଂରକ୍ଷଣ ପଦ୍ଧତି ରାଜସ୍ଥାନରେ ଲୋକପ୍ରିୟ ଅଟେ । ବର୍ଷା ଜଳ ସଞ୍ଚୟ କରି ଏହି ବିଶେଷ ପ୍ରଣାଳୀରେ ସଂରକ୍ଷଣ କରି ସେହି ଜଳକୁ ପିଇବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ।

ଆରାବଳୀ ପର୍ବତ ଶ୍ରେଣୀ

ଆସ ଅନୁସନ୍ଧାନ କରିବା

ପୁଣି ଥରେ ମାନଚିତ୍ରକୁ ଦେଖ । ଥର୍ ମରୁଭୂମିର କ୍ରମଶଃ ପୂର୍ବ ଦିଗକୁ ଚାଲିଯାଅ । ତୁମେ ଆରାବଳୀ ପର୍ବତ ଶ୍ରେଣୀକୁ ଦେଖିପାରୁଛ କି ?

APSCERT

ଆରାବଳୀ ପୃଥିବୀର ଅତି ପ୍ରାଚୀନ ପର୍ବତ ଶ୍ରେଣୀ ମଧ୍ୟରୁ ଅନ୍ୟତମ । ଏହା ପ୍ରାୟ 2.5 ବିଲିୟନ୍ ବର୍ଷର ପ୍ରାଚୀନ ଅଟେ । ଏହି ଶ୍ରେଣୀରେ ଅନେକ ଶୃଙ୍ଗ ଓ ଶୈଳଶିରାମାନ ଥାଏ । ମାଉଣ୍ଟ ଆବୁ ଏହାର ଉଚ୍ଚତମ ଶୃଙ୍ଗ, ଏହାର ଉଚ୍ଚତା ପ୍ରାୟ 1700 ମିଟର ରୁ ଅଧିକ । ଅନ୍ୟ କେତେକ ପାହାଡ଼ର ଉଚ୍ଚତା ପ୍ରାୟ 300 ମିଟର ରୁ 900 ମିଟର ମଧ୍ୟରେ ହୋଇଥାଏ ।




ଚିତ୍ର *1.25.* (ବାମ) ଆରାବଳୀ ପର୍ବତର ଏକ ଅଂଶ । ଏହି ଶ୍ରେଣୀ ପରେ ଥର୍ ମରୁଭୂମି ଆରମ୍ଭ ହୁଏ ।
(ଡାହାଣ) ମହାକାଶରୁ ଦୃଶ୍ୟମାନ ହେଉଥିବା ଆରାବଳୀର ଏକ ଅଂଶ ।

ଆରାବଳୀ ସ୍ଥିତ ମାଉଣ୍ଟ ଆବୁରୁ ଥର୍ ମରୁଭୂମି ସ୍ଥିତ ଯୋଧ୍‌ପୁର ସହରରେ ପହଞ୍ଚିବା ପାଇଁ ପ୍ରାୟ ସାଢ଼େ 4 ଘଣ୍ଟା ସମୟ ଲାଗେ । ଏହି ଯାତ୍ରା ସମ୍ପୂର୍ଣ୍ଣ ଭାବେ ଅଲଗା ଭୌଗୋଳିକ ଅଞ୍ଚଳକୁ ଯାତ୍ରା କରିବା ଆମ ପାଇଁ ବେଶ୍ ମନୋହର ହୋଇଥାଏ, ନୁହେଁ କି?

ଆସ ଅନୁସନ୍ଧାନ କରିବା

ପାଠ୍ୟ ପୁସ୍ତକରେ ଥିବା ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କର । ଆରାବଳୀ ପର୍ବତ ମାଳା କେଉଁ କେଉଁ ରାଜ୍ୟ ଦେଇ ଗତି କରିଛି ତାହା ଚିହ୍ନଟ କର । ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଓ ଗୁଜରାଟ ରାଜ୍ୟଗୁଡ଼ିକୁ ତୁମେ ଲକ୍ଷ୍ୟ କଲ କି?

ଉତ୍ତର–ପଶ୍ଚିମ ଭାରତର ଜଳବାୟୁ ଓ ଭୂଗୋଳକୁ ରୂପାୟନ କରିବାରେ ଆରାବଳୀ ପର୍ବତ ମୁଖ୍ୟ ଭୂମିକା ଗ୍ରହଣ କରେ । ଥର୍ ମରୁଭୂମି ପୂର୍ବ ଦିଗକୁ ନ ବ୍ୟାପିବା ପାଇଁ ପ୍ରାକୃତିକ ପ୍ରତିବନ୍ଧକ ରୂପେ ରହିବା ହେଉଛି ଅତି ମୁଖ୍ୟ କାର୍ଯ୍ୟକଳାପ । ତୁମେ ଏହି ବିଷୟରେ ଅଧିକ କିଛି ପରେ ପଢ଼ିବ ।

ମାର୍ବଲ୍, ଗ୍ରାନାଇଟ୍, ଦସ୍ତା ଓ ତମ୍ବା ଭଳି ଖଣିଜ ଦ୍ରବ୍ୟରେ ଆରାବଳୀ ପର୍ବତ ସମୃଦ୍ଧ । ତେଣୁ ଅନେକ ଶତାବ୍ଦୀ ଧରି ଏହା ଖଣି ଓ ନିର୍ମାଣ କାର୍ଯ୍ୟକଳାପ ପାଇଁ ଆଧାର ହୋଇ ଆସିଛି । ରାଜସ୍ଥାନର ଜୱାର୍ ଠାରେ ଥିବା ଦସ୍ତା ଖଣି ପ୍ରାୟ ଆଠ ଶତାବ୍ଦୀ ପୂର୍ବର ଅତି ସୂକ୍ଷ୍ମ ପ୍ରକ୍ରିୟାରେ ଏଥିରୁ ଦସ୍ତା ନିଷ୍କାସନ କରିବାରେ ଭାରତୀୟ ମାନେ ପ୍ରଥମ ଥିଲେ ବୋଲି ପ୍ରମାଣ ମିଳେ । ଚିତ୍ତୋରଗଡ଼, କୁମ୍ଭଲ୍‌ଗଡ଼, ରଣତାମ୍ବୋର୍ ଆଦି ଐତିହାସିକ ଦୁର୍ଗ ଏହି ଅଞ୍ଚଳରେ ଅବସ୍ଥିତ ।



ଚିତ୍ର *1.26.* ଆରାବଳୀ ପର୍ବତ ଦ୍ୱାରା ପରିବେଷ୍ଟିତ 'କୁମ୍ଭଲ୍‌ଗଡ଼ ଦୁର୍ଗ'। ପର୍ବତରେ ରହିଥିବା ଏହି ଦୁର୍ଗ ଶତ୍ରୁ ଦୁର୍ଭେଦ୍ୟ ବୋଲି ପ୍ରମାଣିତ ହୋଇଥିଲା ।

AP SCERT

ଉପଦ୍ୱୀପୀୟ ମାଳଭୂମି

ଆସ ମନେପକାଇବା

ମାଳଭୂମି ହେଉଛି ଏକ ଭୂମିରୂପ ଯାହା ପରିବେଷ୍ଟିତ ଭୂମିଠାରୁ ଉଚ୍ଚରେ ଥାଏ ଏବଂ ଏହାର ଉପରି ପୃଷ୍ଠ କମ୍ ବା ଅଧିକ ସମତଳ ଥାଏ । ଏହାର କେତେକ ପାର୍ଶ୍ୱ ପ୍ରାୟତଃ ଢାଲୁ ବା ତୀଖ ହୋଇଥାଏ ।

ଭାରତରେ ଅନେକ ମାଳଭୂମି ରହିଛି । ଆମ ଦେଶର ମଧ୍ୟ ଓ ଦକ୍ଷିଣ ଭାଗରେ ଥିବା ତ୍ରିକୋଣୀୟ ଉପଦ୍ୱୀପୀୟ ମାଳଭୂମିଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ଏହା ହେଉଛି ବହୁପୁରାତନ ଭୂମିରୂପ ଯାହାର ତିନି ପାର୍ଶ୍ୱରେ ଆରବସାଗର, ଭାରତମହାସାଗର ଓ ବଙ୍ଗୋପସାଗର ଘେରି ରହିଛି । ତେଣୁ ଏହାକୁ ଏକ ଉପଦ୍ୱୀପୀୟ ମାଳଭୂମି କୁହାଯାଏ ।ଏହି ମାଳଭୂମିର ଦୁଇ ପାର୍ଶ୍ୱରେ ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତମାଳା ସୀମାରୂପେ ରହିଛି । ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ଠାରୁ ଉଚ୍ଚ ହୋଇ ପ୍ରାଚୀର ଭାବେ ଦଣ୍ଡାୟମାନ । ବର୍ଷା ଋତୁରେ ଅନେକ ସୁନ୍ଦର ଜଳପ୍ରପାତମାନ ଏହାର ତୀଖ ପାର୍ଶ୍ୱରେ ପ୍ରବାହିତ ହୋଇଥାଏ ।

ଉପଦ୍ୱୀପ – ଏପରି ଏକ ଭୂଭାଗ ଯାହାର ତିନି ପାର୍ଶ୍ୱ ଜଳ ଦ୍ୱାରା ପରିବେଷ୍ଟିତ ଥାଏ ।

ମନେ ରଖ

ପଶ୍ଚିମଘାଟକୁ ୟୁନେସ୍କୋ (**UNESCO**) ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରିଛି । ଏହି ଅଞ୍ଚଳ ଅନେକ ନଦୀର ଉତ୍ପତ୍ତିସ୍ଥଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ । ପଶ୍ଚିମଘାଟ ପର୍ବତ ମାଳାର ଉତ୍ତରାଂଶକୁ ସହ୍ୟାଦ୍ରୀ ପାହାଡ଼ କୁହାଯାଏ ।

ପୂର୍ବଘାଟ ପର୍ବତମାଳା ପଶ୍ଚିମଘାଟ ତୁଳନାରେ କମ ଉଚ୍ଚତା ବିଶିଷ୍ଟ । ଏହା ବଙ୍ଗୋପସାଗରରେ ପଡୁଥିବା ନଦୀମାନଙ୍କ ଦ୍ୱାରା ଛୋଟ ଛୋଟ ଭାଗରେ ଖଣ୍ଡବିଖଣ୍ଡିତ ହୋଇଛି । ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳାର ମଧ୍ୟବର୍ତ୍ତୀ ବିସ୍ତୀର୍ଣ୍ଣ ଉଚ୍ଚଭୂମିକୁ ଦାକ୍ଷିଣାତ୍ୟ (ଡେକାନ) ମାଳଭୂମି କୁହାଯାଏ । ଏହା ଏକ ସୁବିଶାଳ ସମତଳ ଉଚ୍ଚଭୂମି ।

ଗୋଦାବରୀ, କୃଷ୍ଣା ଓ କାବେରୀ ଆଦି ନଦୀ ପଶ୍ଚିମରୁ ପୂର୍ବକୁ ଏହି ମାଳଭୂମିରେ ପ୍ରବାହିତ ହୋଇଛନ୍ତି । ଏହି ନଦୀ ଗୁଡିକ କୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଜଳଯୋଗାଇ ଥାଆନ୍ତି ।

ଆସ ଅନୁସନ୍ଧାନ କରିବା

ଉକ୍ତ ପୁସ୍ତକର ଶେଷରେ ପ୍ରଦତ୍ତ ଭାରତର ପ୍ରାକୃତିକ ମାନଚିତ୍ରକୁ ଦେଖ । ନଦୀଗୁଡିକର ପ୍ରବାହର ଦିଗ ଅନୁଧ୍ୟାନ କର ।

AP SCERT

ଏହି ମାଳଭୂମି ଖଣିଜ ପଦାର୍ଥ, ଜଙ୍ଗଲ ଏବଂ ଉର୍ବର ଭୂମି ପାଇଁ ଭାରତ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅଞ୍ଚଳ ପୂର୍ବ ଆଡ଼କୁ କ୍ରମଶଃ ଢାଲୁ ଥିବାରୁ ଏଠାରେ ପ୍ରବାହିତ ନଦୀ ଗୁଡ଼ିକ ବଙ୍ଗୋପସାଗରେ ପଡ଼ିଛନ୍ତି । ପୂର୍ବପ୍ରବାହୀ ଗୋଦାବରୀ, କ୍ରିଷ୍ଣା ଓ ମହାନଦୀ ଆଦି ନଦୀ ଏହି ଅଞ୍ଚଳରୁ ଉତ୍ପତ୍ତି ଲାଭ କରିଛନ୍ତି । ଏହି ନଦୀଗୁଡ଼ିକ କୃଷି କ୍ଷେତ୍ର ଓ କଳକାରଖାନାକୁ ଜଳଯୋଗାଇବା ସହ ଜଳ ବିଦ୍ୟୁ ଶକ୍ତି ଉତ୍ପାଦନରେ ସହାୟକ ହୋଇଛନ୍ତି । ଏଠାରୁ ବାହାରିଥିବା ନର୍ମଦା ଓ ତାପ୍ତୀ ପଶ୍ଚିମାଭିମୁଖୀ ନଦୀମଧ୍ୟ ଉତ୍ପତ୍ତି ଲାଭ କରି ଆରବ ସାଗରରେ ପଡ଼ିଛନ୍ତି ।



ଚିତ୍ର *1.27.* ଛତିଶଗଡ଼ର ଘନ ଜଙ୍ଗଲଗୁଡ଼ିକ ଅନେକ ଜନଜାତି ଗୋଷ୍ଠୀଙ୍କ ବାସସ୍ଥାନ

ଏହି ମାଳଭୂମିର ଘଞ୍ଚ ଜଙ୍ଗଲ, ଆଦିବାସୀ ସମ୍ପ୍ରଦାୟ ଯଥା ସାନ୍ତାଳ, ଗୋଣ୍ଡ, ବୈଗା, ଭିଲ ଏବଂ କୋର୍କ ଆଦି ଜନଜାତିମାନଙ୍କର ବାସସ୍ଥଳୀ । ଏହି ଜନଜାତିମାନଙ୍କର ଭାଷା, ପରମ୍ପରା ଏବଂ ଜୀବନଶୈଳୀ ପ୍ରକୃତି ସହ ଘନିଷ୍ଠ ଭାବେ ଜଡ଼ିତ ।

ଆସ ଅନୁସନ୍ଧାନ କରିବା

ବହୁ ସଂଖ୍ୟକ ଜନଜାତି ଗୋଷ୍ଠୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ୍, ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ତେଲେଙ୍ଗାଣା, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟ ରାଜ୍ୟରେ ବିସ୍ତାର ହୋଇ ରହିଛନ୍ତି । ଉକ୍ତ ପୁସ୍ତକ ଶେଷଭାଗରେ ଥିବା ଭାରତର ପ୍ରାକୃତିକ ଓ ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କର ଓ ରାଜ୍ୟମାନଙ୍କୁ ଚିହ୍ନଟ କରି ତାହାକୁ ପ୍ରାକୃତିକ ମାନଚିତ୍ର ସହ ସଂଯୋଗକର ।

ଭାରତରେ ଅନେକ ସୁନ୍ଦର ଜଳପ୍ରପାତର ଉତ୍ପତ୍ତିସ୍ଥଳ ହେଉଛି ମାଳଭୂମି, କାରଣ ନଦୀଗୁଡ଼ିକ ମାଳଭୂମିର ଅସମାନ ପଥୁରିଆ ଶଯ୍ୟାରେ ପ୍ରବାହିତ ହୋଇଥାଏ । ଏହି ଜଳପ୍ରପାତଗୁଡ଼ିକ କେବଳ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିନଥାନ୍ତି ବରଂ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ଜଳସେଚନ ପାଇଁ ଜଳ ଯୋଗାଇଥାନ୍ତି ।



ଚିତ୍ର *1.28.* କେରଳର ମୁନ୍ନାର ନିକଟବର୍ତ୍ତୀ ପେରିୟା କେନାଲ୍‌ରେ ଥିବା ପାୱାର୍‌ହାଉସ୍ ଜଳପ୍ରପାତ ।



ଚିତ୍ର *1.29.* ପଶ୍ଚିମଘାଟରେ ଥିବା ସିଂହ–ଲାଙ୍ଗୁଡ଼ ବିଶିଷ୍ଟ ମାଙ୍କଡ଼

APSCERT



ଚିତ୍ର *1.30.* ପଶ୍ଚିମଘାଟରେ ଦୃଶ୍ୟମାନ ହେଉଥିବା ଅହିରାଜ ସର୍ପ



ଚିତ୍ର *1.31.* ଏହା ଏକ କୀଟଭକ୍ଷୀ ଉଦ୍ଭିଦ, ଏହା ପଶ୍ଚିମଘାଟରେ ମିଳୁଥିବା କୀଟପତଙ୍ଗ ଖାଏ । ଏହା ତାର ଅଠାଳିଆ ଫାଶରେ ଛୋଟ ଛୋଟ କୀଟପତଙ୍ଗକୁ ଧରିଥାଏ ଏବଂ ହଜମ କରେ ।



ଚିତ୍ର *1.32.* ମାଳଭୂମି ସ୍ଥିତ ଏକ କୋଇଲା ଖଣି ବିଶେଷ କରି ବିଦ୍ୟୁତ ଉତ୍ପାଦନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପଦ । କୋଇଲା ଏକ ଜୀବାଶ୍ମ ଇନ୍ଧନ, ଏହାର ବ୍ୟବହାର ଭୂତାପ ବୃଦ୍ଧିରେ କାରଣ ହୁଏ ।



ଚିତ୍ର *1.33. ମୁମ୍ବାଇ, ପଶ୍ଚିମ ଉପକୂଳରେ ଥିବା ଭାରତର ଏକ ଆର୍ଥିକ କେନ୍ଦ୍ର ।*

AP SCERT

ଭାରତର ଅଦ୍ଭୁତ ତଟରେଖା :

ଭାରତର ଉପକୂଳ ସୁନ୍ଦର ବେଳାଭୂମି ପଥୁରିଆ ତୀଖ ଓ ସବୁଜିମା ଜଙ୍ଗଲରେ ପରିପୂର୍ଣ୍ଣ । କେତେକ ବେଳାଭୂମିରେ ସୁନା ରଙ୍ଗର ବାଲି ଥାଏ ତ ଆଉ କେତେକ ବେଳାଭୂମିରେ କଳାପଥର ଥାଏ । କେତେକ ଦ୍ୱୀପରେ ପ୍ରବାଳର ପ୍ରାଚୀର ଥାଏତ ଅନ୍ୟ ଦ୍ୱୀପମାନେ ଘନ ଜଙ୍ଗଲରେ ଆଚ୍ଛାଦିତ । ଭାରତର ଉପକୂଳ ଅପୂର୍ବ ଅଟେ । ଏହାର ତଟରେଖା ପ୍ରାୟ 7500 କି.ମି.ରୁ ଅଧିକ ଦୀର୍ଘ ।

ଆସ ଅନୁସନ୍ଧାନ କରିବା

→ ଭାରତର ପ୍ରାକୃତିକ ମାନଚିତ୍ର, ସ୍କୁଲ ଆଟ୍‌ଲାସ୍ କିମ୍ବା ମାନଚିତ୍ର ଅନୁଧ୍ୟାନ କରି ବଙ୍ଗୋପସାଗରରେ ମିଶୁଥିବା ପାଞ୍ଚଗୋଟି ନଦୀର ନାମ ଚିହ୍ନଟକର । ଭାରତର ଉପକୂଳ ରାଜ୍ୟଗୁଡ଼ିକୁ ଚିହ୍ନଟକର ଏବଂ ପଶ୍ଚିମ ଓ ପୂର୍ବ ଉପକୂଳ ସମତଳ ମଧ୍ୟରେ ପାର୍ଥକ୍ୟ ଆଲୋଚନା କର ।

→ ନଦୀଗୁଡ଼ିକ ଉପକୂଳ ନିକଟରେ ଅନେକ ସ୍ରୋତ ବା ଶାଖାରେ ବିଭକ୍ତ ହେଲେ ଏହାକୁ କ'ଣ କୁହାଯାଏ ? ଏହି ବିଷୟରେ ଜାଣିବା ପାଇଁ ତୁମ ଶ୍ରେଣୀ ଶିକ୍ଷକଙ୍କ ସହ ଆଲୋଚନା କର ।

ଭାରତର ପଶ୍ଚିମ ଉପକୂଳ :

ଭାରତର ପଶ୍ଚିମ ଉପକୂଳ ଗୁଜରାଟରୁ ଆରମ୍ଭ ହୋଇ ମହାରାଷ୍ଟ୍ର, ଗୋଆ ଓ କର୍ଣ୍ଣାଟକ ଦେଇ କେରଳ ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳରେ ପ୍ରବାହିତ ଅନେକ ନଦୀ ପଶ୍ଚିମ ଘାଟରୁ ଉତ୍ପତ୍ତି ଲାଭକରି ଦ୍ରୁତ ଗତିରେ ପ୍ରବାହିତ ହୋଇ ଗଭୀର ମୁହାଣମାନ (**estuaries**) ସୃଷ୍ଟି କରିଛନ୍ତି । ଏହି ଉପକୂଳ ଛୋଟ ଛୋଟ ନଦୀମାନଙ୍କ ଦ୍ୱାରା ଆନିତ ପଟୁମାଟିରେ ଗଠିତ । ଏଠାରେ ଖାତ, କ୍ଷୁଦ୍ର ଜଳଧାରା ଓ ମୁହାଣ ରହିଛି । ମୁହାଣ ମାନଙ୍କ ମଧ୍ୟରୁ ନର୍ମଦା ଓ ତାପ୍ତି ନଦୀର ମୁହାଣ ସବୁଠାରୁ ବଡ଼ ।



ଚିତ୍ର *1.34.* ମହାକାଶରୁ ଦୃଶ୍ୟମାନ ହେଉଥିବା ପଶ୍ଚିମ ଉପକୂଳର ଏକ ଦୃଶ୍ୟ । ପଶ୍ଚିମଘାଟ ପର୍ବତଶ୍ରେଣୀ ଆରବସାଗରର କେତେ ନିକଟତର ଲକ୍ଷ୍ୟକର ।

ପଶ୍ଚିମ ଉପକୂଳରେ ଅନେକ ବନ୍ଦର ଓ ସହର ରହିଛି । ସେଗୁଡ଼ିକ ସହସ୍ର ବର୍ଷ ଧରି ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ହୋଇଆସିଅଛି ।

ପୂର୍ବ ଉପକୂଳ :

ପୂର୍ବଘାଟ ଓ ବଙ୍ଗୋପସାଗର ମଧ୍ୟରେ ପୂର୍ବ ଉପକୂଳ ଅବସ୍ଥିତ । ଏହା ଗାଙ୍ଗେୟ ତ୍ରିକୋଣ ଭୂମି ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାରିତ । ଏଠାରେ ମହାନଦୀ, ଗୋଦାବରୀ, କ୍ରିଷ୍ଣା ଓ କାବେରୀ ନଦୀମାନଙ୍କ ସହ ବହୁ ବିସ୍ତୀର୍ଣ୍ଣ ସମତଳ ଭୂମି ଓ ତ୍ରିକୋଣ ଭୂମି ରହିଛି । ମୁଖ୍ୟ ଜଳଭାଗ ହେବା ଚିଲିକା ଏବଂ ପୁଲିକାଟ ଭଳି ଦୁଇଟି ହ୍ରଦ (ପ୍ରାକୃତିକ ଭାବେ ବୃହତ୍ ଜଳଭାଗରୁ ପୃଥକ୍ ହୋଇଥିବା ଛୋଟ ଜଳଭାଗକୁ ଉପହ୍ରଦ ବା ଲାଗୁନ୍ **lagoon** କହନ୍ତି) ଏହି ଉପକୂଳରେ ରହିଛି । ନଦୀ, ବୃହତ୍ ଜଳଭାଗ ଯଥା–ସାଗର, ହ୍ରଦ ଓ ଅନ୍ୟ ନଦୀରେ ମିଶି ଥାଏ ତାହାକୁ ନଦୀ ମୁହାଣ କୁହାଯାଏ । ଏହି ମୁହାଣରେ ସଞ୍ଚିତ ପଦାର୍ଥ ଦ୍ୱାରା ନିର୍ମିତ ଭୂରୂପକୁ ତ୍ରିକୋଣ ଭୂମି (ଡେଲ୍ଟା) କୁହାଯାଏ ଓ ଏହି ସଞ୍ଚୟଜାତ ଭୂମି କାଳକ୍ରମେ ଏକ ତ୍ରିକୋଣାକାର ବା ପଙ୍ଖା ସଦୃଶ ଆକାର ଧାରଣ କରେ । ଗୋଦାବରୀ, କ୍ରିଷ୍ଣା, କାବେରୀ ଓ ମହାନଦୀ ଦ୍ୱାରା ସୃଷ୍ଟି ଉର୍ବର ତ୍ରିକୋଣ ଭୂମି ଏହି ଅଞ୍ଚଳରେ ଆଦର୍ଶ କୃଷି ପାଇଁ ଅତ୍ୟନ୍ତ ଉପଯୋଗୀ ।



ଚିତ୍ର *1.35.* ମହାକାଶରୁ ଦୃଶ୍ୟମାନ ହେଉଥିବା ପୂର୍ବ ଉପକୂଳର ଏକ ଦୃଶ୍ୟ ।

AP SCERT

ଭାରତୀୟ ଦ୍ୱୀପ ପୁଞ୍ଜ :

ଭାରତୀୟ ଦୀପପୁଞ୍ଜ କହିଲେ ଭାରତ ମହାସାଗର, ଆରବ ସାଗର ଏବଂ ବଙ୍ଗୋପସାଗରରେ ବିଚ୍ଛୁରିତ ଦୀପପୁଞ୍ଜକୁ ବୁଝାଏ । ଭାରତର ଦୁଇଟି ପ୍ରମୁଖ ଦୀପପୁଞ୍ଜ ରହିଛି । ଯାହାକି ଭାରତ ଭୂଭାଗର ଅବିଚ୍ଛେଦ୍ୟ ଅଂଶବିଶେଷ ଅଟେ । ଭାରତର ଦୁଇଟି ଦ୍ୱୀପପୁଞ୍ଜ ହେଲା: ଆରବସାଗରର ଲକ୍ଷଦ୍ୱୀପ ପୁଞ୍ଜ ଏବଂ ବଙ୍ଗୋପସାଗରରେ ଆଣ୍ଡାମାନ୍ ଓ ନିକୋବାର୍ ଦ୍ୱୀପପୁଞ୍ଜ । ଏହି ଦ୍ୱୀପପୁଞ୍ଜରେ ଅନନ୍ୟ ବନ୍ୟପ୍ରାଣୀ, ସୁନ୍ଦର ବେଳାଭୂମି, ପ୍ରବାଳ ପାହାଡ଼ ଏବଂ ଆଗ୍ନେୟଗିରି ରହିଛି । ଦଶ ହଜାର ବର୍ଷ ପୂର୍ବରୁ ଅନେକ ପ୍ରାଚୀନ ଜନଜାତି ଏହି ଦ୍ୱୀପପୁଞ୍ଜକୁ ନିଜର ବାସସ୍ଥାନ କରି ଦେଇଛନ୍ତି ।

ଲକ୍ଷ ଦ୍ୱୀପପୁଞ୍ଜ:


ଲକ୍ଷଦ୍ୱୀପ ପୁଞ୍ଜ ହେଉଛି ଏକ ଦ୍ୱୀପପୁଞ୍ଜ ଯାହାକି କେରଳର ମାଲାବାର୍ ଉପକୂଳ ନିକଟସ୍ଥ ଆରବ ସାଗରରେ ଅବସ୍ଥିତ । ଏହି ଦ୍ୱୀପପୁଞ୍ଜ ପ୍ରବାଳରେ ନିର୍ମିତ 36 ଗୋଟି ଦ୍ୱୀପପୁଞ୍ଜକୁ ନେଇ ଗଠିତ । ଏହି ସମସ୍ତ ଦ୍ୱୀପରେ ଲୋକମାନେ ବାସ କରନ୍ତି ନାହିଁ । ଭାରତ ଏହି ବିଶାଳ ସାମୁଦ୍ରିକ ଅଞ୍ଚଳକୁ ନିୟନ୍ତ୍ରଣ କରେ, ଯାହାକି ମାଛ ଧରିବା, ପ୍ରାକୃତିକ ସମ୍ପଦ ଅନୁସନ୍ଧାନ କରିବା ଓ ପରିବେଶ ସୁରକ୍ଷା ପାଇଁ ବିଶେଷ ସହାୟକ ହୋଇଥାଏ ।

ଆଣ୍ଡାମାନ୍ ଓ ନିକୋବର୍ ଦ୍ୱୀପପୁଞ୍ଜ :

ଏହି ଦ୍ୱୀପପୁଞ୍ଜ (**archipelago**) 500 ରୁ ଅଧିକ ଛୋଟ ଓ ବଡ଼ ଦ୍ୱୀପମାନଙ୍କ ଦ୍ୱାରା ଗଠିତ । ମାତ୍ର ସେଗୁଡ଼ିକ ଦୁଇଗୋଟି ଭିନ୍ନ ଶ୍ରେଣୀରେ ବିଭକ୍ତ – ଆଣ୍ଡାମାନ୍ ଓ ନିକୋବର୍ । ସେମାନଙ୍କ ଅବସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।



ଚିତ୍ର *1.36.* ଲକ୍ଷାଦ୍ୱୀପ ପୁଞ୍ଜରେ ଥିବା ପ୍ରବାଳ ପାହାଡ଼



ଚିତ୍ର *1.37.* ଆଣ୍ଡାମାନ୍ ଦ୍ୱୀପପୁଞ୍ଜରେ ଥିବା ପ୍ରବାଳ ପାହାଡ଼



ଚିତ୍ର *1.38* ଆଣ୍ଡାମାନ୍ ଦ୍ୱୀପପୁଞ୍ଜରେ ଥିବା ଭାରତୀୟ ନୌସେନାର ଏକ ଭାସମାନ ପୋତାଶ୍ରୟ ***(Floating dock)***
(ଏକ ଛୋଟ ବନ୍ଦର)

© NCERT

ଏହା ଭାରତର ଜାଗ୍ରତ ପ୍ରହରୀ ଭଳି ସମୁଦ୍ର ଉପରେ ନଜର ରଖିଥାଏ । ଏହି ଅଞ୍ଚଳ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀମାନଙ୍କ ଆବାସସ୍ଥଳ । ଐତିହାସିକ ଦୃଷ୍ଟିକୋଣରୁ ଏହି ଆଣ୍ଡାମାନ୍ ଦ୍ୱୀପପୁଞ୍ଜ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଆମର ଅନେକ ସ୍ୱାଧୀନତା ସଂଗ୍ରାମୀ ସେଠାରେ ଥିବା 'ସେଲ୍ୟୁଲାର୍ ଜେଲ୍' ନାମକ ବନ୍ଦୀଶାଳାରେ ବହୁ କଠିନ ପରିସ୍ଥିତିରେ ବନ୍ଦୀ ହୋଇ ରହିଥିଲେ । ଆମ ପୂର୍ବ ପୁରୁଷ ମାନଙ୍କର ସେହି ମହାନ୍ ବଳୀଦାନକୁ ମନେ ରଖିବା ପାଇଁ କେନ୍ଦ୍ର ସରକାର ଏହାକୁ ସଂରକ୍ଷିତ କରି ରଖିଛନ୍ତି । ଉପର ଶ୍ରେଣୀରେ ଏହି ବିଷୟରେ ଆମେ ଅଧିକ କିଛି ଆଲୋଚନା କରିବା ।



ଚିତ୍ର *1.39.* ଆକାଶରୁ ଦୃଶ୍ୟମାନ ହେଉଥିବା ବ୍ୟାରେନ୍ ଦ୍ୱୀପରେ ଥିବା ଭାରତର ଏକମାତ୍ର ଜୀବନ୍ତ ଆଗ୍ନେୟଗିରି

ମନେ ରଖ

ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଗତ ବ୍ୟାରେନ୍ ଦ୍ୱୀପପୁଞ୍ଜ (ଚିତ୍ର 1.39) ହେଉଛି ଭାରତର ଏକମାତ୍ର ଜୀବନ୍ତ ଆଗ୍ନେୟଗିରି । ବେଳେବେଳେ ଏଥିରୁ ଧୂଆଁ ଓ ଲାଭା ଆକାଶକୁ ନିର୍ଗତ ହେଉଥାଏ ।

ପଶ୍ଚିମବଙ୍ଗର ତ୍ରିକୋଣଭୂମି ଓ ସୁନ୍ଦରବନ :

ଦ୍ୱୀପଗୁଡ଼ିକରୁ ବଙ୍ଗୋପସାଗର ଦେଇ ହିମାଳୟର ପୂର୍ବ ଆଡ଼କୁ ଅଗ୍ରସର ହେବା ସମୟରେ ଆମେ ସୁନ୍ଦରବନରେ ପହଞ୍ଚିବା । ଏହା ଗଙ୍ଗା ବ୍ରହ୍ମପୁତ୍ର (ତୁମେ ପୂର୍ବ ଅଧ୍ୟାୟରେ ଦେଖିବା ଭଳି) ଓ ସେମାନଙ୍କ ଉପନଦୀମାନଙ୍କ ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ଅବସ୍ଥିତ । ଏହି ତ୍ରିକୋଣ ଭୂମି ନଦୀ, ସମୁଦ୍ର ଓ ସ୍ଥଳଭାଗ ମାନଙ୍କର ଅନନ୍ୟ ମିଶ୍ରଣ । ଏହାର ଅର୍ଦ୍ଧେକାଂଶ ଭାରତରେ ଥିବା ବେଳେ ଅବଶିଷ୍ଟାଂଶ ବାଂଲାଦେଶରେ ରହିଛି । ଏହା ମଧ୍ୟ ୟୁନେସ୍କୋ (UNESCO) ଦ୍ୱାରା ଏକ ଐତିହ୍ୟସ୍ଥଳର ମାନ୍ୟତା ପାଇଛି । ସୁନ୍ଦରବନ ଅନେକ ପ୍ରଜାତିର ବାସସ୍ଥଳୀ, ସେମାନଙ୍କ ମଧ୍ୟ ରୟାଲ୍ ବେଙ୍ଗଲ୍ ଟାଇଗର୍ ମଧ୍ୟ ଅନ୍ତର୍ଭୁକ୍ତ ।



ଚିତ୍ର *1.40.* ପଶ୍ଚିମବଙ୍ଗ ତ୍ରିକୋଣ ଭୂମି ସୁନ୍ଦରବନର ଜୁଆରିଆ ଜଙ୍ଗଲ

ସୂଚନା : ଭାରତର ମାନଚିତ୍ର ଅନୁଧ୍ୟାନ କରି ତ୍ରିକୋଣ ଭୂମି କେଉଁଠି ରହିଛି ତାହା ଚିହ୍ନଟ କର ।

AP SCERT



ଚିତ୍ର *1.41.* ବାମରୁ ଡାହାଣ, ଭାରତର ମେଘାଳୟସ୍ଥ ସାତଭଉଣୀ ଜଳପ୍ରପାତ ପ୍ରକୃତି ପ୍ରତି କୃତଜ୍ଞତା ଜଣାଇ ଖାସୀ, ଜନଜାତି ସମ୍ପ୍ରଦାୟର ଲୋକମାନେ ''ସାଦ୍ ସୁକ୍ ମାଇନ୍‌ସିମ୍'' ନୃତ୍ୟ ପାଳନର ଦୃଶ୍ୟ ମେଘାଳୟର ନିକଟସ୍ଥ ନୋନ୍‌ଗ୍ରିୟାଟ୍ ଗ୍ରାମର ଜୀବନ୍ତ ଗଛର ଚେରରେ ନିର୍ମିତ 'ସେତୁ'

ଉତ୍ତର ପୂର୍ବ ପାହାଡ଼ ସମୂହ :

ମାନଚିତ୍ରକୁ ଲକ୍ଷ୍ୟକର, ବର୍ତ୍ତମାନ ଆମେ ଶେଷ ଗନ୍ତବ୍ୟସ୍ଥଳ ହେବା ଉତ୍ତର ପୂର୍ବ ପାହାଡ଼ ଆଡ଼କୁ ଅଗ୍ରସର ହେଲେ କେତେ ଗୁଡ଼ିଏ ପାହାଡ଼ ଥିବାର ଲକ୍ଷ୍ୟ କରିବା । ମାନଚିତ୍ରରେ ଗାରୋ, ଖାସି ଓ ଜାନ୍ତିଆ ପାହାଡ଼କୁ ଲକ୍ଷ୍ୟ କର । ମେଘାଳୟ ମାଳଭୂମିରେ ଅବସ୍ଥିତ ପାହାଡ଼ର ଘନ ସବୁଜିମା, ଅତ୍ୟଧିକ ବୃଷ୍ଟିପାତ ଓ ମନୋରମ ଜଳପ୍ରପାତ ପାଇଁ ପ୍ରସିଦ୍ଧ । ପୃଥିବୀର ସର୍ବାଧିକ ବୃଷ୍ଟିବହୁଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ । ଏହା ଜଙ୍ଗଲ, ବିରଳ ବନ୍ୟପ୍ରାଣୀ ଓ ଉର୍ବର ଜମିରେ ସମୃଦ୍ଧ ଅଟେ ।

AP SCERT

ମନେ ରଖ

ଏସିଆ ମହାଦେଶର ସବୁଠାରୁ ସ୍ୱଚ୍ଛ ଗ୍ରାମ **ମାଓ୍ୱଲିନୋଙ୍ଗ୍** ଗ୍ରାମ ମେଘାଳୟ ରାଜ୍ୟ ଅନ୍ତର୍ଗତ ଖାସି ପାହାଡ଼ର ପୂର୍ବଭାଗର ଅବସ୍ଥିତ । ଏହି ସ୍ୱଚ୍ଛ ମନୋରମ ଗ୍ରାମ ଏହାର ସୁପରିଚାଳିତ ପରିଷ୍କାର ପରିଚ୍ଛନ୍ନତା, ବାଉଁଶରେ ପ୍ରସ୍ତୁତ ବର୍ଜ୍ୟବସ୍ତୁ ପାତ୍ର ଓ ପରିବେଶ ଅନୁକୂଳ ଜୀବନଯାପନ ଅଭ୍ୟାସ ପାଇଁ ପ୍ରସିଦ୍ଧ । ଏହି ଗ୍ରାମ ଜୀବନ୍ତ 'ଚେର ସେତୁ' ପାଇଁ ପରିଚିତ, ଏହା ଗଛର ଚେରରେ ବୁଣା ହୋଇଥାଏ, ଯାହା ବର୍ଷ ବର୍ଷ ଧରି ଜଣାଶୁଣା ।



ଚିତ୍ର *1.42* - ଉତ୍ତର ପୂର୍ବ ଭାରତର ଜନଜାତିଙ୍କ କାରିଗରୀକୁ ପ୍ରଦର୍ଶନ କରୁଥିବା ଜୀବନ୍ତ ଚେର ସେତୁ

ଶେଷ କରିବା ପୂର୍ବରୁ...

→ ଭାରତ ଉପମହାଦେଶ ନାମରେ ନାମିତ ଯାହା ବିଶାଳ ଭୂଖଣ୍ଡର ଏକ ଅଂଶ ।

→ ଏହାର ବିବିଧ ଭୌଗୋଳିକ ବୈଶିଷ୍ଟ୍ୟ ଅଛି ଯଥା ବରଫାବୃତ ହିମାଳୟ ଠାରୁ ଉତ୍ତପ୍ତ ଥର୍ ମରୁଭୂମି ପର୍ଯ୍ୟନ୍ତ । ଏଥିରେ ପ୍ରବାହିତ ନଦୀମାନଙ୍କ ଦ୍ୱାରା ସମତଳ ଅଞ୍ଚଳ ଜଳ ପାଇଥାଏ । ପଶ୍ଚିମରେ ଆରବ ସାଗର, ପୂର୍ବରେ ବଙ୍ଗୋପ ସାଗର ସହିତ ଏଠାରେ ଏକ ଉପଦ୍ୱୀପୀୟ ମାଳଭୂମି ରହିଛି ।


→ ଏହି ବିବିଧ ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ମୃତ୍ତିକା, ଉଦ୍ଭିଦ, ପ୍ରାଣୀ, ଜୀବନ ଓ ଆର୍ଥିକ ସୁଯୋଗ ସମ୍ବନ୍ଧରେ ବିଭିନ୍ନ ପରିସ୍ଥିତି ସୃଷ୍ଟି କରି ଏକ ସମୃଦ୍ଧ ସଂସ୍କୃତିକୁ ସୁଦୃଢ଼ କରିଛି ।

→ ଏହି ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ଆମର ସଭ୍ୟତାକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

AP SCERT

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ଭାରତର ବିଭିନ୍ନ ପରିବେଶ ବ୍ୟବସ୍ଥାରୁ ନିମ୍ନରେ ପ୍ରଦର୍ଶିତ ଜୀବ ଗୁଡ଼ିକ ଉଷ୍ଣ ଓ ଅଗଭୀର ସମୁଦ୍ର ଜଳରେ ରୂପାନ୍ତରିତ ହୋଇଥାଏ । ଏହା ଭୌଗୋଳିକ ରୂପରେ ସାଧାରଣତଃ କିପରି ଭାବରେ ଦୃଶ୍ୟମାନ ହୁଏ ?



ଅ) ଦ୍ୱୀପ

ଇ) ହିମାଳୟ

ଈ) ଗାଙ୍ଗେୟ ସମତଳ

ଉ) ଉପଦ୍ୱୀପୀୟ ମାଳଭୂମି

2. ଗାଙ୍ଗେୟ ସମତଳ ଅଞ୍ଚଳର ଏକ ରାଜ୍ୟ ସରକାର ନିଜର ବାର୍ଷିକ ବଜେଟ ପ୍ରସ୍ତୁତ କରୁଛନ୍ତି । ଅଞ୍ଚଳଟିର ଆବଶ୍ୟକତା ଅନୁଯାୟୀ କେଉଁ କ୍ଷେତ୍ରର ସର୍ବାଧିକ ଦୀର୍ଘକାଳୀନ ଅର୍ଥନୈତିକ ଆୟ ଦେଉଅଛି ଓ ଜନତାଙ୍କ ପାଇଁ ଅତିଉତ୍ତମ ସାହାଯ୍ୟ ଯୋଗାଉଛି ?

ଅ) ଖଣି ଖନନ ପ୍ରକଳ୍ପକୁ ବିପୁଳଭାବେ ବିକାଶ କରିବା ।

ଇ) ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ପାର୍ବତ୍ୟ ପର୍ଯ୍ୟଟନକୁ ବ୍ୟାପକ କରିବା

ଈ) ବିଳାସପୂର୍ଣ୍ଣ ଦ୍ରବ୍ୟ ଗୁଡ଼ିକୁ ପ୍ରସ୍ତୁତ କରିବା ଶିଳ୍ପ ଗୁଡ଼ିକର ନିର୍ମାଣ କରିବା

ଉ) ଗବେଷଣା, ଜଳସେଚନ ବ୍ୟବସ୍ଥା ଓ ମୃତ୍ତିକା ସଂରକ୍ଷଣ ଜରିଆରେ କୃଷିର ଉନ୍ନତୀକରଣ କରିବା ।

3. ତୁମ ମତରେ କେଉଁ ଦୁଇଟି ଭାରତର ମୁଖ୍ୟ ଭୌଗୋଳିକ ବୈଶିଷ୍ଟ୍ୟ? ତାହା ମୁଖ୍ୟ ବୋଲି ତୁମେ କାହିଁକି ଭାବୁଛ?

4. ଭାରତକୁ ଏକ 'କ୍ଷୁଦ୍ର(ମିନି)–ମହାଦେଶ' କୁହାଯାଏ କାହିଁକି? ତୁମେ ଯାହ ପଢ଼ିଛ ସେଥିର ଆଧାରରେ ତୁମେ କାହିଁକି ଏହା ଭାବୁଛ?

5. ଭାରତର ଦକ୍ଷିଣ ଭାଗକୁ ଏକ ଉପଦ୍ୱୀପୀୟ ମାଳଭୂମି ବୋଲି କାହିଁକି କୁହାଯାଇଛି ?

6. ପର୍ବତ, ମରୁଭୂମି, ସମତଳ ଅଞ୍ଚଳ, ଉପକୂଳ ଅଞ୍ଚଳ ଭଳି ବିଭିନ୍ନ ଅଞ୍ଚଳ ଥିବା ସତ୍ତ୍ୱେ ଭାରତ ଏକ ଦେଶ ହୋଇଛି । ଆମ ଭୂଗୋଳ ଲୋକଙ୍କୁ ଗୋଟିଏ ସୂତ୍ରରେ ଏକତ୍ରିତ କରିବାରେ କିପରି ସହାୟକ ହୋଇଛି ବୋଲି ତୁମେ ଭାବୁଛ?

7. ଭାରତରେ ଥିବା ଏକ ବଡ଼ ନଦୀକୁ ଅନୁସରଣ କର । ତା'ର ଯାତ୍ରାର ଆରମ୍ଭରୁ କରି ସମୁଦ୍ରରେ ମିଶିବା ଯାଏ ନଦୀର ଗମନ ମାର୍ଗରେ ଲୋକମାନେ ନଦୀକୁ କିପରି ବ୍ୟବହାର କରୁଛନ୍ତି? ତୁମ ଶ୍ରେଣୀରେ ଦଳଗତ ଭାବେ ଆଲୋଚନା କର ।

8. ଏହି ବହିର ଶେଷ ଭାଗରେ ଥିବା ଭାରତର ଦୁଇଟି ମାନଚିତ୍ର ଯଥା– ପ୍ରାକୃତିକ ଓ ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କର । ବର୍ତ୍ତମାନ ତୁମେ କେଉଁ ସ୍ଥାନରେ ରହିଛ ତାହା ଚିହ୍ନଟ କର । ସେହି ସ୍ଥାନ ସମ୍ବନ୍ଧୀୟ ତଥ୍ୟ ଗୁଡିକ ଜାଣିବା ପାଇଁ ତୁମେ କେଉଁ ଭୌତିକ ଲକ୍ଷଣଗୁଡ଼ିକୁ ଉପଯୋଗ କରିବ ?

9. ଖାଦ୍ୟ ସଂରକ୍ଷଣ ପାଇଁ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଉପାୟ ମାନ ଅବଲମ୍ବନ କରାଯାଏ । ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ତାହା ଗ୍ରହଣ କରାଯାଏ । ଗୋଟିଏ ନର୍ଦ୍ଦିଷ୍ଟ ଋତୁରେ ଉପଲବ୍ଧ ପରିବାକୁ କିପରି ଅଦିନିଆ ଋତୁ ପାଇଁ ସଂରକ୍ଷଣ କରାଯାଏ ସେଥି ସମ୍ବନ୍ଧରେ ଏକ ପ୍ରକଳ୍ପ ପ୍ରସ୍ତୁତ କର ।

10. ଯଦି ହିମାଳୟ ରହି ନ ଥାନ୍ତା ଭାରତ କିପରି ହୋଇଥାନ୍ତା ବୋଲି ତୁମେ ଭାବୁଛ ? ତୁମ କଳ୍ପନାର ଏକ କ୍ଷୁଦ୍ର ବିବରଣୀ ଲେଖ ବା ତୁମ ଭାବନା ବ୍ୟକ୍ତ କରୁଥିବା ଏକ ଚିତ୍ର ଅଙ୍କନ କର ।

11. ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଇଥିବା ଏକ ୟୁନେସ୍କୋ ଐତିହ୍ୟ ସ୍ଥଳୀ ମଧ୍ୟରୁ ତୁମର ଆଗ୍ରହୀ ସ୍ଥଳଟି କେଉଁଟି ? ତୁମେ ସେହି କୌତୁହଳ ସ୍ଥଳୀ ବିଷୟରେ ବର୍ଣ୍ଣନା କରି ଏକ ଛୋଟ ଅନୁଚ୍ଛେଦ ଲେଖ ।

✧✧✧✧✧

AP SCERT

ଅଧ୍ୟାୟ

2

ପାଣିପାଗକୁ ବୁଝିବା

T7N8L4


ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- ତାପମାତ୍ରା, ବୃଷ୍ଟିପାତ, ବାୟୁମଣ୍ଡଳୀୟ ଚାପ, ପବନ ଓ ଆର୍ଦ୍ରତା ଭଳି ପାଣିପାଗର ଉପାଦାନଗୁଡ଼ିକୁ ବ୍ୟାଖ୍ୟା କରିବା । (CG-5)
- ପାଣିପାଗର ବିଭିନ୍ନ ଉପାଦାନ ମାପିବା/କଳନାକରିବାପାଇଁ ବ୍ୟବହୃତ ଯନ୍ତ୍ରପାତୀର ଗୁରୁତ୍ୱ ବୁଝିବା ।(CG-1)
- ପାଣିପାଗ ସମ୍ବନ୍ଧୀୟ ତଥ୍ୟ ଏବଂ ଦୃଶ୍ୟ ଉପସ୍ଥାପନାକୁ ବ୍ୟାଖ୍ୟା କରିବା ।(CG-1)
- ଭାରତର ବିଭିନ୍ନ ଅଞ୍ଚଳର ପାଣିପାଗ ପରିସ୍ଥିତି ଏବଂ ଲୋକଙ୍କ ଜୀବନଶୈଳୀର ପରିବର୍ତ୍ତନକୁ ତୁଳନା କରିବା । (CG-5)
- ପାଣିପାଗ ରିପୋର୍ଟ୍ ଅଧ୍ୟୟନ କରିବା ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ସହରର ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାକୁ ଦର୍ଶାଇଲା ଭଳି ଏକ ସାରଣୀ ପ୍ରସ୍ତୁତ କରିବା । (CG-1)

ପାଣିପାଗର ପରିବର୍ତ୍ତନ ପୃଥିବୀ ତଥା ବ୍ୟକ୍ତି ବିଶେଷରେ ନୂତନତା ଆଣିବା ଯଥେଷ୍ଟ ଅଟେ ।

– ମାର୍ଶେଲ୍ ପ୍ରୋଷ୍ଟ, ଫରାସୀ ଔପନାସିକ



ଚିତ୍ର 2.1.

ମୁଖ୍ୟ ପ୍ରଶ୍ନାବଳୀ ?

1. ଆମ ଚାରିପାଖର ପାଣିପାଗ ବା ପାଗକୁ ଆମେ କିପରି ମାପିବା ଓ ନିରୀକ୍ଷଣ କରିବା ?
2. ପାଣିପାଗର ପୂର୍ବାନୁମାନ ଆମକୁ କିପରି ପ୍ରବଳ ବର୍ଷା,ଝଡ଼-ତୋଫାନ, ମରୁଡ଼ି, ଗ୍ରୀଷ୍ମ ପ୍ରବାହ ଆଦି ବିପର୍ଯ୍ୟୟରୁ ରକ୍ଷାକରିବା ପାଇଁ ସାହାଯ୍ୟ କରେ ?

AP SCERT

ପାଣିପାଗ – ଏହାର ଉପାଦାନ

ଏକ ଶୀତୁଆ ସକାଳରେ ଶେଯରୁ ଉଠିଗଲେ ତୁମେ ଥରିବାକୁ ଲାଗ । ନିଜକୁ ଉଷ୍ମ ରଖିବା ପାଇଁ ତୁମେ ଶୀତ ପୋଷାକ ବ୍ୟବହାର କରିଥାଅ । ଗ୍ରୀଷ୍ମ କାଳରେ ଶରୀରକୁ ଶୀତଳ ଓ ଆରାମ ରଖିବା ଭଳି ପୋଷାକ ଆବଶ୍ୟକ ପଡ଼ିଥାଏ । ପ୍ରକୃତରେ, ଏହା ବିଭିନ୍ନ ଋତୁରେ ଆମ ଶରୀର ଦେଉଥିବା ସଙ୍କେତର ଫଳ, ଅନ୍ୟ ପକ୍ଷେରେ ଆମ ଶରୀରହିଁ ପାଗକୁ ଅନୁଭବ କରିଥାଏ ।

ପାଣିପାଗ କ'ଣ ?



ଚିତ୍ର - 2.2

ପାଣିପାଗ : ଏକ ନିର୍ଦ୍ଦିଷ୍ଟ ସ୍ଥାନର ନିର୍ଦ୍ଦିଷ୍ଟ ସମୟରେ ବାୟୁମଣ୍ଡଳର ଅବସ୍ଥାକୁ ପାଣିପାଗ କୁହାଯାଏ । ଏଠାରେ ପ୍ରଶ୍ନ ଉଠେ, ବାୟୁମଣ୍ଡଳ କ'ଣ ? ପୃଥିବୀକୁ ଚାରିପାଖରେ ଘେରି ରହିଥିବା ଗ୍ୟାସୀୟ ସ୍ତରକୁ ବାୟୁମଣ୍ଡଳ କୁହାଯାଏ । ଏଥିରେ ଥିବା ସମସ୍ତ ଗ୍ୟାସଗୁଡ଼ିକୁ ବାୟୁ କୁହାଯାଏ । ପୃଥିବୀର ବାୟୁମଣ୍ଡଳ ଥାକ ପରେ ଥାକ ଥିବା କୌଣସି 'କେକ୍' ସହ ତୁଳନା କରାଯାଇପାରେ । ପୃଥିବୀକୁ ଲାଗି ରହିଥିବା ସର୍ବନିମ୍ନ ସ୍ତରକୁ **ଟ୍ରୋପୋସ୍ଫିୟର** କୁହାଯାଏ । ଏହି ସ୍ତରରେ ଭୂଭାଗସ୍ଥ ସମସ୍ତ ବୃକ୍ଷଲତା, ପଶୁପକ୍ଷୀ (ମନୁଷ୍ୟକୁ ଅନ୍ତର୍ଭୁକ୍ତ କରି) ବାସ କରନ୍ତି ଓ ଶ୍ୱାସକ୍ରିୟା କରିଥାନ୍ତି । ଏହି ସ୍ତରରେ ପାଣିପାଗ ଜନିତ ସମସ୍ତ ଘଟଣାବଳୀ ଘଟିଥାଏ । ଏ ସମ୍ପର୍କରେ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା । ଟ୍ରୋପୋସ୍ଫିୟର ଭୂ-ଭାଗରୁ 6 ରୁ 18 କି.ମି. ଉଚ୍ଚତା ପର୍ଯ୍ୟନ୍ତ ବିସ୍ତୃତ । ମେରୁ ଅଞ୍ଚଳରେ ଏହି ସ୍ତର ଉଚ୍ଚତା ସର୍ବନିମ୍ନ (କାରଣ ଏଠାକାର ଶୀତଳବାୟୁ ଘନୀଭୂତ ହୋଇ ସଙ୍କୁଚିତ ହୋଇଥାଏ) । କ୍ରାନ୍ତୀୟମଣ୍ଡଳ(ଉଷ୍ମମଣ୍ଡଳ)ରେ ଏହାର ବିସ୍ତୃତି ଅଧିକ (କାରଣ ଏଠାକାର ଉଷ୍ମବାୟୁ ପ୍ରସାରିତ ହୋଇଥାଏ) । ବାୟୁମଣ୍ଡଳରେ ଅନ୍ୟାନ୍ୟ ସ୍ତରଗୁଡ଼ିକ ବିଷୟରେ ତୁମେ ଅଧିକଭାବେ ବିଜ୍ଞାନ ଶ୍ରେଣୀରେ ପଢ଼ିବ ।

ପାଣିପାଗକୁ ବର୍ଣ୍ଣନା କରିବାପାଇଁ ଆମେ ଅନେକ ଶବ୍ଦ ବ୍ୟବହାର କରିଥାଉ । ଯଥା ଗରମ, ଥଣ୍ଡା, ବର୍ଷା, ମେଘୁଆ, ଆର୍ଦ୍ର, ତୁଷାରପାତ, ପବନ ଇତ୍ୟାଦି । ଏଗୁଡ଼ିକ ଆମେ ପାଣିପାଗର ଉପାଦାନଗୁଡ଼ିକୁ କିପରି ବିଭିନ୍ନ ଭାବରେ ଅନୁଭବ କରୁଛେ, ସେ ବିଷୟରେ ବର୍ଣ୍ଣନା କରିଥାଏ ।

ଆସ ଅନୁସନ୍ଧାନ କରିବା

ସ୍ଥାନୀୟ ଭାଷାରେ ପାଣିପାଗକୁ ବର୍ଣ୍ଣନା କରିବାକୁ ତୁମେ କି କି ଶବ୍ଦ ବ୍ୟବହାର କର ? ଓଡ଼ିଆରେ ସାଧାରଣ ଭାବେ ଗରମ, ଥଣ୍ଡା, ଉଷ୍ମ, ଶୀତୁଆ, ଖରା, ଆରାମ ଦାୟକ, ଗୁଳୁଗୁଳିଆ ଓ ମେଘୁଆ ଆଦି ଶବ୍ଦ ପାଗ ବର୍ଣ୍ଣନାରେ ବ୍ୟବହୃତ ହୋଇଥାଏ ।

ପାଗର ଉପାଦାନଗୁଡ଼ିକ ହେଲା:

- **ତାପମାତ୍ରା** : ବାୟୁମଣ୍ଡଳ କେତେ ଉଷ୍ମ ବା ଶୀତଳ ।
- **ବର୍ଷଣ** : ଆକାଶରୁ ପଡୁଥିବା ଜଳର ବିଭିନ୍ନ ପ୍ରରୂପ ଯଥା, ତୁଷାରପାତ, ହିମ ମିଶ୍ରିତ ବୃଷ୍ଟି ବା କୁଆପଥର ବୃଷ୍ଟି ଇତ୍ୟାଦି ।

AP SCERT

- **ବାୟୁମଣ୍ଡଳୀୟ ଚାପ :** ଭୂପୃଷ୍ଠରେ ଅନୁଭୂତ ଆମ ଉପରେ ଥିବା ବାୟୁର ଓଜନ ।
- **ପବନ :** ଗତିଶୀଳ ବାୟୁର ବେଗ ଓ ଦିଗ ।
- **ଆର୍ଦ୍ରତା :** ବାୟୁମଣ୍ଡଳରେ ଉପସ୍ଥିତ ଜଳୀୟ ବାଷ୍ପର ପରିମାଣ ।

ଏହା ବିଷୟରେ ଚିନ୍ତାକର

ଏକ ପରିସ୍ଥିତି ସମ୍ବନ୍ଧରେ କଳ୍ପନା କର । ବିଶାଖପାଟଣାର କ୍ରିଷ୍ଣା, କାଶ୍ମୀରର ଅମିର୍‌ଙ୍କ ସହ ଫୋନ୍‌ରେ କଥା ହେଉଛି । କ୍ରିଷ୍ଣା ଅମିର୍‌କୁ କହୁଛି ଯେ ଚେନ୍ନାଇରେ ଶୀତୁଆ ପାଗ ହୋଇଛି କାରଣ କାଲି ରାତିରେ ଏଠି ବର୍ଷା ହୋଇଥିଲା । ଅମିର୍ ତାକୁ ପଚାରୁଛି କିଭଳି ଥଣ୍ଡା ଲାଗୁଛି ? କ୍ରିଷ୍ଣା କିପରି ଅମିର୍‌କୁ ବୁଝାଇବ ଯେ ଥଣ୍ଡା କେତେ ପରିମାଣରେ ଲାଗୁଛି ? କାହିଁକି ନା କ୍ରିଷ୍ଣା ପାଇଁ ଯାହା ଥଣ୍ଡା ତାହା ଅମିର୍ ପାଇଁ ବେଶ ଆରାମଦାୟକ !

ଏଥିରୁ ଜଣାପଡ଼ିଲା ଯେ କ୍ରିଷ୍ଣା ପାଣିପାଗର ଶୀତଳତା ସମ୍ବନ୍ଧରେ ଅମିର୍‌କୁ ବୁଝାଇବା ବେଶ କଷ୍ଟକର ହେଉଛି । ସହମତି ଭିତ୍ତିରେ ତାପମାତ୍ରା ନିରୂପଣ ଦ୍ୱାରାହିଁ ଏ ସମସ୍ୟାର ସମାଧାନ ସମ୍ଭବ । ପାଗର ଅନ୍ୟାନ୍ୟ ଉପାଦାନଗୁଡ଼ିକ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ । ବିଭିନ୍ନ ସାଧାରଣ ମାନଦଣ୍ଡ ବ୍ୟବହାର କରି ପାଗକୁ କିପରି ମାପିବା, ଏହି ଅଧ୍ୟାୟରେ ଆସ ଶିଖିବା ।

ତୁଷାରପାତ : ହିମ କିମ୍ବା ଆଂଶିକ ହିମବୃଷ୍ଟିକୁ ତୁଷାରପାତ କୁହାଯାଏ ।

କୁଆପଥର: ଆକାଶରୁ ବର୍ଷାପରି କ୍ଷୁଦ୍ର, କଠିନ ଓ ବରଫର ଗୋଲାକାର ବୃଷ୍ଟିପାତକୁ କୁଆପଥର କୁହାଯାଏ ।

ଜଳୀୟବାଷ୍ପ: ତରଳ ପରିବର୍ତ୍ତେ ଜଳର ଗ୍ୟସୀୟ ଅବସ୍ଥାକୁ ଜଳୀୟବାଷ୍ପ କୁହାଯାଏ ।

ଆସ ଅନୁସନ୍ଧାନ କରିବା


ପାଗକୁ ଅଧିକ ସଠିକ ଭାବେ ନିରୂପଣ କରିବାର ଆଉ କେଉଁ କେଉଁ ଉପାୟ ଥାଇପାରେ ? (ସଂକ୍ଷିପ୍ତ ସୂଚନା– କିଛି ଘଣ୍ଟା ବା କିଛିଦିନ ପୂର୍ବରୁ ସମ୍ଭାବ୍ୟ ପାଗ ସମ୍ବନ୍ଧରେ ଜାଣିବା ଦ୍ୱାରା କିପରି ଏହା ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଯୋଜନା ପ୍ରସ୍ତୁତି ପାଇଁ ସାହାଯ୍ୟ କରିଥାଏ,ଚିନ୍ତା କର ।)

ଆଦିମ କାଳରୁ ମନୁଷ୍ୟ ପ୍ରକୃତିକୁ ଅତି ନିକଟରୁ ନିରୀକ୍ଷଣ କରି ଆସୁଛି । ନିଜ ଅଭିଜ୍ଞତାରୁ ପାଗର ପୂର୍ବାନୁମାନ ପାଇଁ ପ୍ରକୃତିର ସଙ୍କେତଗୁଡ଼ିକୁ ସଠିକ ଭାବେ ବୁଝିପାରିଛି । ଅଳ୍ପ ଉଚ୍ଚତାରେ ଉଡୁଥିବା ପକ୍ଷୀ, ଅଣ୍ଡାବୋହି ନେଉଥିବା ପିମ୍ପୁଡ଼ି, ବିଭିନ୍ନ ମଞ୍ଜି ସଂଗ୍ରହ କରୁଥିବା ଗୁଣ୍ଡୁଚି ମୂଷା, ବେଙ୍ଗ ରଡ଼ି, ଶଙ୍କୁ (**pine cones**) ବିଶିଷ୍ଟ ପାଇନ ଫଳର ପାଖୁଡ଼ା ଖୋଲିବା ଓ ବନ୍ଦ ହେବା ଆଦି ଘଟଣା ଆଗାମୀ ସମୟରେ ଝଡ଼ ବର୍ଷା ହେବାର ମୂଲ୍ୟବାନ ସୂଚନା ପ୍ରଦାନ କରିଥାଏ । ଏହି ଜ୍ଞାନ ଏକ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ଖସି ଆସୁଅଛି । ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ଲୋକମାନେ ପାରମ୍ପରିକ ପଦ୍ଧତିରେ ପାଗର ପୂର୍ବାନୁମାନ କରୁଛନ୍ତି । ମୁଖ୍ୟତଃ ମୌସୁମୀର ଆଗମନ ସମ୍ବନ୍ଧରେ ଜାଣିବା ପାଇଁ ଏହି ଜ୍ଞାନ ବ୍ୟବହାର କରୁଛନ୍ତି ।

ପୂର୍ବାନୁମାନ: ଘଟଣା ଜାଣିବା ପୂର୍ବରୁ ଅନୁମାନ କରିବା । (ଏହି କ୍ଷେତ୍ରରେ ପାଣିପାଗର ଅନୁମାନ କରିବା)

AP SCERT

ପ୍ରକୃତିପ୍ରଦତ୍ତ ସୂଚନା ପର୍ଯ୍ୟବେକ୍ଷଣ



ଚିତ୍ର *2.3.1.* ଏକ ପ୍ରାକୃତିକ ଆଚରଣ ଭାବେ ପିମ୍ପୁଡ଼ିଗୁଡ଼ିକ ସେଗୁଡ଼ିକର ଅଣ୍ଡାଗୁଡ଼ିକୁ ଉଚ୍ଚ ସ୍ଥାନମାନଙ୍କୁ ସ୍ଥାନାନ୍ତର କରିବା ପାଗ ପରିବର୍ତ୍ତନରେ ମୁଖ୍ୟତଃ ପ୍ରବଳ ବର୍ଷାର ଆଗାମୀ ସୂଚନା ଦେଇଥାଏ ।

ଚିତ୍ର *2.3.2.* ବର୍ଷା ଆଗମନର ପ୍ରାରମ୍ଭିକ ସୂଚନା ସ୍ୱରୂପ ପଶ୍ଚିମ ଘାଟର ଏକ ଜଙ୍ଗଲରେ ବେଙ୍ଗଟିଏ ରଡ଼ି କରୁଅଛି ।





ଚିତ୍ର *2.3.3.* ପାଇନ୍‌ର ଶଙ୍କୁକୃତି ଫଳ ବାୟୁମଣ୍ଡଳର ଆର୍ଦ୍ରତା ଦ୍ୱାରା ଖୋଲିବା ଏବଂ ବନ୍ଦ ହେବା ଏକ ପ୍ରାକୃତିକ ପଦ୍ଧତି। ଆର୍ଦ୍ର ପରିବେଶରେ ଏହି ଫଳ ତା'ର ମଞ୍ଜିକୁ ସୁରକ୍ଷା ଦେବାପାଇଁ ବନ୍ଦ ହୋଇଯାଇଥାଏ। ପାଗ ଶୁଷ୍କ ଥିଲେ ଫଳଟି ଖୋଲିଯାଏ ଓ ବୀଜ ବିକ୍ଷେପ ହୁଏ। ଅନୁକୂଳ ପାଗରେ ସେଗୁଡ଼ିକ ବ୍ୟାପିବା ନିଶ୍ଚିତ କରେ ।

ଜଳବାୟୁ ବିଜ୍ଞାନ: ଜଳବାୟୁ ବିଜ୍ଞାନ ପାଗର ଧାରା–ବାହିକ ଅଧ୍ୟୟନ ଓ କ୍ରମବିବର୍ତ୍ତନକୁ ବୁଝାଏ। ଏହି ଅଧ୍ୟୟନ ପାଗ ପୂର୍ବାନୁମାନର ଆଧାର ।

ଆସ ଅନୁସନ୍ଧାନ କରିବା

ତୁମ ଆଖପାଖରେ ରହୁଥିବା ବୟସ୍କ ବ୍ୟକ୍ତିମାନଙ୍କ ସହ କଥା ହୁଅ । ସେମାନେ ପାଗର ପୂର୍ବାନୁମାନ କିପରି କରନ୍ତି ପଚାରି ବୁଝ । ପ୍ରକୃତିର କେଉଁ ସଙ୍କେତ ଦ୍ୱାରା ସେମାନେ ପୂର୍ବାନୁମାନ କରିଥାନ୍ତି ? ସେମାନଙ୍କ ମତରେ ପାଣିପାଗ ପୂର୍ବାନୁମାନ କିପରି କରାଯାଏ ତାହା ନିଜ ଆଞ୍ଚଳିକ ଭାଷାରେ ଲିପିବଦ୍ଧ କର ।

ଗତ କିଛି ଶତାବ୍ଦୀ ଧରି ବୈଜ୍ଞାନିକମାନେ ପାଗର ଉପାଦାନଗୁଡ଼ିକୁ ସଠିକ ଭାବେ ମାପିବା ତଥା ନିରୀକ୍ଷଣ କରିବା ପାଇଁ ପଦ୍ଧତିମାନ ନିର୍ଣ୍ଣୟ କରିଛନ୍ତି । ଉପଲବ୍ଧ ସୂଚନା ଆଧାରରେ **ଜଳବାୟୁ ବିଜ୍ଞାନୀମାନେ** ଆଗାମୀ କିଛି ଘଣ୍ଟା, କିଛି ଦିନ, ବା କିଛି ସପ୍ତାହରେ ପାଗ କିପରି ଆଚରଣ କରିବ ତା'ର ପୂର୍ବାନୁମାନ ପାଇଁ ଚେଷ୍ଟା କରିଥାନ୍ତି । ସେମାନେ ଏହା କିପରି କରନ୍ତି? ସେମାନେ କ'ଣ କେବଳ ଆକାଶକୁ ଦେଖି ଅନୁମାନ କରନ୍ତି କି ? ନା ସେମାନଙ୍କ ପାଖରେ କିଛି ଆଶ୍ଚର୍ଯ୍ୟଜନକ ବୈଜ୍ଞାନିକ ଉପକରଣ ଅଛି, ଯାହା ମଧ୍ୟରୁ କେତୋଟି ଆମେ ପରୀକ୍ଷା କରିବୁ ।

APSCERT

ପାଣିପାଗ ଉପକରଣ


a) ତାପମାତ୍ରା

ଆସ ମନେପକାଇବା

ଷଷ୍ଠ ଶ୍ରେଣୀ ବିଜ୍ଞାନ ପାଠ୍ୟ ପୁସ୍ତକରେ ତୁମେମାନେ ତାପ ମାପିବା ପାଇଁ ବିଭିନ୍ନ ପ୍ରକାର ତାପମାନ ଯନ୍ତ୍ର ଯଥା ଜ୍ୱର ମାପକ ତାପମାନ ଯନ୍ତ୍ର, ପରୀକ୍ଷାଗାର ତାପମାନ ଯନ୍ତ୍ରର ବ୍ୟବହାର ତଥା ତାପମାତ୍ରାର ମାନକ ଭାବେ ସେଲ୍ସିୟସ ମାନ ଓ ଫାରେନ୍‌ହିଟ୍ ମାନ ବିଷୟରେ ଅବଗତ ଅଛ । ଉଦାହରଣ ସ୍ୱରୂପ, ଏକ ଶୀତଳ ଗୃହର ତାପମାତ୍ରା ଯଦି 15 ଡିଗ୍ରୀ ସେଲ୍ସିୟସ (15°C) ଉଲ୍ଲେଖ ହେବ, ତେବେ ଏହା 59 ଡିଗ୍ରୀଫାରେନ୍‌ହିଟ୍, (59°F) ସହ ସମାନ ।



ଚିତ୍ର 2.4.1. ଗରମ ହେଲେ ବରଫ ଶୀଘ୍ର ତରଳିଯାଏ



ଚିତ୍ର 2.4.2. ମେଘୁଆ ପାଗ- ଥଣ୍ଡା ହେଉଛି



ଚିତ୍ର 2.4.3. ଶୀତଦିନ ନଡ଼ିଆ ତେଲ କଠିନ ହୋଇଯାଏ



ଚିତ୍ର 2.4.4. ଥଣ୍ଡା ପାଗରେ ଦହି ତିଆରିହେବାକୁ ଅଧିକ ସମୟ ଲାଗେ

ବିଭିନ୍ନ ପ୍ରକାର ତାପମାନ ଯନ୍ତ୍ର ରହିଛି । କେତେକ କେବଳ ଆଖପାଖ ପରିବେଶର ତାପମାତ୍ରା ମାପ କରନ୍ତି । ଆଉ କେତେକ ଦୈନିକ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ରେକର୍ଡ କରିଥାନ୍ତି । ଅଧିକାଂଶ ଥର୍ମୋମିଟରରେ ଏକ ରଙ୍ଗୀନ ତରଳ ପଦାର୍ଥ ବ୍ୟବହାର କରାଯାଏ । ତାପମାତ୍ରା ବୃଦ୍ଧି ପାଇଲେ ଏହା ପ୍ରସାରିତ ହୋଇଥାଏ । ଆଜିକାଲି ଅଧିକରୁ ଅଧିକ ଭାବେ ଡିଜିଟାଲ ଥର୍ମୋମିଟରକୁ ପସନ୍ଦ କରାଯାଉଛି । କାରଣ ସେଗୁଡ଼ିକ ସଠିକ ଭାବେ ଅଧିକ ତଥ୍ୟ ରେକର୍ଡ କରିପାରନ୍ତି । ବାସ୍ତବରେ ତାପମାତ୍ରା ଅଧ୍ୟୟନରୁ ମିଳୁଥିବା ତଥ୍ୟ ଆଧାରରେ ଅନେକଗୁଡ଼ିଏ ଉପାଦେୟ ପରିସଂଖ୍ୟାନ ଉପଲବ୍ଧ ହୋଇପାରିବ ।

- **ତାପମାତ୍ରାର ପରିସର(ବ୍ୟାପ୍ତି):** ଏହା କୌଣସି ଦିନରେ ସାଧାରଣ ଭାବେ **24** ଘଣ୍ଟା ମଧ୍ୟରେ ସର୍ବାଧିକ ତାପମାତ୍ରା ଓ ସର୍ବନିମ୍ନ ତାପମାତ୍ରାର ବ୍ୟବଧାନ ବୁଝାଏ ।
- **ହାରାହାରି ଦୈନିକ ତାପମାତ୍ରା:** କୌଣସି ଦିନର ସର୍ବାଧିକ ତାପମାତ୍ରା ଓ ସର୍ବନିମ୍ନ ତାପମାତ୍ରାକୁ ଯୋଗ କରି ଦୁଇ (2)ରେ ହରଣ (ଭାଗ) କରି ହାରାହାରି ଦୈନିକ ତାପମାତ୍ରା ଗଣନା କରାଯାଏ ।

SCERT

ମନେ ରଖ

→ ଭାରତ ପାଣିପାଗ ବିଭାଗ 1875 ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହାର ମୂଳ ମନ୍ତ୍ର ହେଉଛି ଆଦିତ୍ୟାତ୍ ଜାୟତେ ବୃଷ୍ଟିଃ ଅର୍ଥାତ୍ ସୂର୍ଯ୍ୟଙ୍କଠାରୁ ବର୍ଷା ଉତ୍ପନ୍ନ ହୁଏ । ଏହି ବାକ୍ୟାଂଶଟି 'ପ୍ରାଚୀନ ଗ୍ରନ୍ଥ ମନୁସ୍ମୃତିରୁ ଉଦ୍ଧୃତ ହୋଇଛି ।' ସମ୍ପୂର୍ଣ୍ଣ ଶ୍ଲୋକଟିର ଅର୍ଥ ହେଲା, ସୂର୍ଯ୍ୟଙ୍କଠାରୁ ବର୍ଷା ଉତ୍ପନ୍ନ ହୁଏ, ବର୍ଷାରୁ ଖାଦ୍ୟ ଆସେ, ଏବଂ ଖାଦ୍ୟରୁ ଜୀବଜଗତର ଉତ୍ପତ୍ତି ହୁଏ ।

→ ବର୍ଷା କାହିଁକି ସୂର୍ଯ୍ୟଙ୍କଠାରୁ ସୃଷ୍ଟି ହୋଇଥାଏ ? ଏହାର କୌଣସି ଏକ କାରଣ ଚିନ୍ତାକରି ପାରିବ କି ?



ଚିତ୍ର 2.5

ଆଖପାଖ ପରିବେଶ :
ଅପେକ୍ଷାକୃତ ପାଖାପାଖି ଅଞ୍ଚଳ

ପରିସଂଖ୍ୟାନ:
ବିଭିନ୍ନ ପଦ୍ଧତିରେ ତଥ୍ୟ ସଂଗ୍ରହ ତଥା ସେଗୁଡ଼ିକର ବିଶ୍ଳେଷଣ ମାଧ୍ୟମରେ ବିଭିନ୍ନ ଘଟଣାବଳୀର ପ୍ରକୃତିକୁ ଚିହ୍ନିବା ସଠିକ ଭାବେ ବୁଝିବା ଭବିଷ୍ୟବାଣୀ କରିବାର ପ୍ରକ୍ରିୟା

ଆସ ଅନୁସନ୍ଧାନ କରିବା

→ ଏଠାରେ ମଧ୍ୟପ୍ରଦେଶର ଗୋଟିଏ ସହରର ବିଭିନ୍ନ ଦିନର ତାପମାତ୍ରାର ଏକ ଚାର୍ଟ (ସାରଣୀ) ଦିଆଯାଇଛି । ଦର୍ଶାଯାଇଥିବା ସପ୍ତାହରେ ସର୍ବାଧିକ ତାପମାତ୍ରା କେତେ ରେକର୍ଡ କରାଯାଇଛି ? ସର୍ବନିମ୍ନ କେତେ ? ଏହାର ପରିସର(ବ୍ୟାପ୍ତି) ହିସାବ କର ।

ତାରିଖ	ସର୍ବାଧିକ ତାପମାତ୍ରା (°C?)	ସର୍ବନିମ୍ନ ତାପମାତ୍ରା (°C ?)
28.02.2025	29	16
01.03.2025	30	15
02.03.2025	31	17
03.03.2025	32	18
04.03.2025	30	17
05.03.2025	28	14
06.03.2025	29	15


→ କ୍ରିଷ୍ଣା ଓ ଅମିର୍‌ଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ମନେ ଅଛିକି ? ଯଦି କ୍ରିଷ୍ଣା କହେ, ବିଶାଖପାଟଣାରେ ତାପମାତ୍ରା **20°C** ଥିଲେ ସେ ଟିକିଏ ଥଣ୍ଡା ଅନୁଭୂତ କରିଥାନ୍ତେ । ତେବେ କ୍ରିଷ୍ଣା ଓ ଅମିର୍‌ଙ୍କ ପାଖରେ ଏକ ମାପ ଅଛି ଯାହା ସେମାନେ ବୁଝିପାରିବେ । କ୍ରିଷ୍ଣାଙ୍କ ବକ୍ତବ୍ୟ ପ୍ରତି ଅମିର୍‌ଙ୍କ ପ୍ରତିକ୍ରିୟା କ'ଣ ହୋଇପାରେ ବୋଲି ତୁମେ ଭାବୁଛ ?

AP SCERT

b) ବର୍ଷଣ

ତୁମେ ଗଣମାଧ୍ୟମରୁ ଜାଣିଲ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଟିଏ ଦିନରେ 30 ମି.ମି. (ମିଲିମିଟର) ବର୍ଷା ହୋଇଛି । ଏହାର ଅର୍ଥ କ'ଣ ? ବୃଷ୍ଟିପାତ କିପରି ମପାଯାଏ ?

କୌଣସି ସ୍ଥାନରେ ବର୍ଷାର ପରିମାଣ, ବୃଷ୍ଟି ମାପକ ଯନ୍ତ୍ର (ରେନ୍‌ଗଜ) ଦ୍ୱାରା ମପାଯାଏ (ଚିତ୍ର 2.6) । ଏହି ଯନ୍ତ୍ରର ଉପର ଅଂଶରେ ଏକ କାଚ କାହାଳୀ ଥାଏ । କାହାଳୀର ନିମ୍ନଭାଗ ଏକ ସିଲିଣ୍ଡର ମଧ୍ୟକୁ ପ୍ରବେଶ କରିଥାଏ । ବର୍ଷା ହେଲେ କାହାଳୀ ଉପରେ ପଡୁଥିବା ଜଳ ସିଲିଣ୍ଡର ମଧ୍ୟକୁ ପ୍ରବେଶ କରେ । ସିଲିଣ୍ଡରରେ ଏକ ମାପ ସ୍କେଲ୍ ସଂଯୁକ୍ତ ଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ସିଲିଣ୍ଡର 5 ମି.ମି. ହୁଏ, ସେତେବେଳେ ସେହି ଅଞ୍ଚଳରେ 5 ମି.ମି. ବୃଷ୍ଟିପାତ ହୋଇଛି ବୋଲି ଜଣାପଡ଼େ ।



ଚିତ୍ର 2.6. ବୃଷ୍ଟି ମାପକ ଯନ୍ତ୍ର


ଆସ ଅନୁସନ୍ଧାନ କରିବା

ଚିତ୍ରରେ ପ୍ରଦତ୍ତ ବୃଷ୍ଟିମାପକ ଯନ୍ତ୍ର ଭଳି ଆଉ ଏକ ଯନ୍ତ୍ର ତିଆରି କର । ସେହି ଯନ୍ତ୍ରଟିକୁ କୌଣସି ଖୋଲା ସ୍ଥାନରେ ନେଇ ରଖ । ବର୍ଷାକୁ ବାଧା ଦେଲା ଭଳି କୌଣସି ବଡ଼ ବୃକ୍ଷ ବା ଉଚ୍ଚ ଅଟ୍ଟାଳିକାଠାରୁ ଏହା ଦୂରରେ ରହିବା ଆବଶ୍ୟକ । ଯନ୍ତ୍ରଟି ଏକ ସମତଳରେ ରହିବା ନିତାନ୍ତ ଆବଶ୍ୟକ । ଏହା ଯେପରି ପବନରେ ଉଲି ନଯାଏ ବା ଗଡ଼ି ନ ପଡ଼େ ସେଥିପ୍ରତି ବିଶେଷ ଧ୍ୟାନ ଦେବା । ସିଲିଣ୍ଡରରେ ଦିଆଯାଇଥିବା ପରିମାପକ ଚିହ୍ନ ଦ୍ୱାରା ସଂଗୃହୀତ ବର୍ଷା ଜଳର ପରିମାଣ ନିର୍ଣ୍ଣୟ କର । ତେବେ ମନେରଖ, ଏକ ମାସର ପ୍ରତ୍ୟେକ ଏକ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତର ପରିମାଣ ନିର୍ଣ୍ଣୟ ହେବା ଆବଶ୍ୟକ । ମୁଖ୍ୟତଃ ବର୍ଷା ଋତୁରେ ଏକ ମାସ ଧରି ଏହି କାର୍ଯ୍ୟ ସୂଚାରୁ ରୂପେ କରିବା ଆବଶ୍ୟକ । (ଯେଉଁ ଅଞ୍ଚଳରେ ତୁଷାରପାତ ହେଉଥିବ ସେଠାରେ ବରଫ ତରଳିଲା ପରେ ହିଁ ମାପ ନିଆଯିବ ।) ତୁମ ପାଖରେ ଥିବା ବୃଷ୍ଟିପାତ ତଥ୍ୟରୁ ମାସର ପ୍ରତ୍ୟେକ ସପ୍ତାହର ହାରାହାରି ବୃଷ୍ଟିପାତ ନିର୍ଣ୍ଣୟ କର ଏବଂ ସପ୍ତାହରୁ ସପ୍ତାହ ମଧ୍ୟରେ ବୃଷ୍ଟିପାତରେ ଥିବା ପରିବର୍ତ୍ତନ ଉପରେ ନିଜର ମତାମତ ଦିଅ ।

c) ବାୟୁମଣ୍ଡଳର ଚାପ

ଆମ ଶରୀର ତାପମାତ୍ରା ଓ ବର୍ଷା ସହ ବେଶ ସଚେତନ । ତୁମେ ଅନୁଭବ କରିଥିବା ଯେକୌଣସି ଝଡ଼ତୋଫାନ ଆସିବା ପୂର୍ବରୁ ପାଗ ଭାରି ଭାରି (ଗୁମସୁମ) ଲାଗିଥାଏ । ଏହା ବାୟୁମଣ୍ଡଳୀୟ ଚାପସହ ଜଡ଼ିତ, ଯାହା ଆମ ଉପର ପାରିପାର୍ଶ୍ୱର ବାୟୁମଣ୍ଡଳର ଓଜନଦ୍ୱାରା ରହିଥିବା ଚାପ ।

ଉପକୂଳ ଅଞ୍ଚଳରେ ବାୟୁ ଚାପ ଅଧିକ ଥାଏ ଏବଂ ସ୍ଥାନର ଉଚ୍ଚତା ବୃଦ୍ଧି ସହ ଏହା ହ୍ରାସ ପାଇଥାଏ । କୌଣସି ପର୍ବତ ଉପର ଆଡ଼କୁ ଗଲେ ନିମ୍ନରେ ଥିବା ସମତଳ ଅଞ୍ଚଳ ତୁଳନାରେ ବାୟୁ ପତଳା ହେବାକୁ ଲାଗେ । ଫଳତଃ, ବାୟୁ ଚାପ ହ୍ରାସ ପାଏ । ବାୟୁ ପତଳା ହେବାରୁ ତୁମ ଫୁସ୍‌ଫୁସ୍‌କୁ କମ୍ ଅମ୍ଳଜାନ ଉପଲବ୍ଧ ହୋଇଥାଏ ।



ଚିତ୍ର 2.7

APSCERT

ରକ୍ତରେ କମ ଅମ୍ଳଜାନ ମିଶୁଥିବାରୁ ପାହାଡ଼ ଚଢ଼ିବା ପାଇଁ ଶରୀରକୁ ଅଧିକରୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହି କାରଣରୁ ଅତ୍ୟଧିକ ଉଚ୍ଚତାରେ ମଣିଷ ବେଳେବେଳେ ଅଣନିଶ୍ୱାସୀ ହେବା ସଙ୍ଗେ ସଙ୍ଗେ ମୁଣ୍ଡ ବୁଲାଇବା ଓ କ୍ଲାନ୍ତ ଅନୁଭବ କରେ ।

ସମୁଦ୍ର ଉପକୂଳରେ, ଉପରେ ବା ତଳେ ଥିବା ସମତଳ ଅଞ୍ଚଳରେ ବାୟୁର ଚାପ ଯେ ସବୁବେଳେ ଉଚ୍ଚ ରହେ, ତାହା ମଧ୍ୟ ଠିକ ନୁହେଁ । ବେଳେବେଳେ ଏଠାରେ ବାୟୁ ଚାପ ନାଟକୀୟ ଭାବେ ହ୍ରାସ ପାଇଥାଏ । ଜଳବାୟୁ ବିଜ୍ଞାନୀମାନେ ଏପ୍ରକାର ସ୍ଥିତିକୁ 'ଅବପାତ' ବା 'ଲଘୁଚାପ କେନ୍ଦ୍ର' ବୋଲି କହିଥାନ୍ତି । ଯାହା ପରବର୍ତ୍ତୀ ସମୟରେ ଏକ ଘୂର୍ଣ୍ଣିଝଡ଼ ବା ବାତ୍ୟାରେ ପରିଣତ ହୋଇଥାଏ ।

ଏହା ବିଷୟରେ ଚିନ୍ତାକର

ବାୟୁମଣ୍ଡଳୀୟ ଚାପ ମାପିବା ଗୁରୁତ୍ୱପୂର୍ଣ୍ଣ କାହିଁକି? କେଉଁମାନେ ଏହି ଚାପ ମାପକୁ କାମରେ ଲଗାଉଥାନ୍ତି ବା ବ୍ୟବହାର କରିଥାନ୍ତି ?

ବାରୋମିଟର ନାମକ ଯନ୍ତ୍ର ଦ୍ୱାରା ବାୟୁଚାପ ମପାଯାଏ । ଥର୍ମୋମିଟର ଭଳି ବିଭିନ୍ନ ପ୍ରକାର ଚାପମାନ ଯନ୍ତ୍ର ରହିଛି । ମିଲିବାର୍ ଏକକ ଦ୍ୱାରା ବାୟୁ ଚାପ ପ୍ରକାଶିତ ହୋଇଥାଏ । (ସଂକ୍ଷେପରେ ଏହାକୁ **mb** କୁହାଯାଏ।) ସମୁଦ୍ର ତଟରେ ସାଧାରଣ ବାୟୁ ଚାପ 1013 **mb** ହୋଇଥାଏ। ବାୟୁଚାପ 1000 **mb**ରୁ କମିଗଲେ, ଅବପାତରେ ପରିଣତ ହୁଏ ।

ଏହା ବିଷୟରେ ଚିନ୍ତାକର

ବହୁ ଉଚ୍ଚ ସ୍ଥାନକୁ ଯାତ୍ରା କରୁଥିବା ବ୍ୟକ୍ତିମାନଙ୍କୁ ମଝିରେ ମଝିରେ ବିଶ୍ରାମ ନେବାକୁ ଉପଦେଶ ଦିଆଯାଇଥାଏ । ଏହା ଦ୍ୱାରା ବିଭିନ୍ନ ଉଚ୍ଚତାରେ ଜଳବାୟୁ ସହ ଶରୀର ନିଜକୁ ଖାପଖୁଆଇଥାଏ । ଲାଦାଖର ଖାରଦୁଙ୍ଗଲା ଭଳି ଥିବା ସ୍ଥାନମାନଙ୍କରେ ପଦାତିକ ବାହିନୀର ସୈନିକମାନେ କାର୍ଯ୍ୟ କରିଥାନ୍ତି । ଏହା ସମୁଦ୍ର ପତ୍ତନରୁ 5600 ମି. ଉଚ୍ଚତାରେ ଅବସ୍ଥିତ। ବାୟୁରେ ଅମ୍ଳଜାନର ପରିମାଣ କମ ଥିବାରୁ ଏଠାରେ ରହିବା ଓ କାମ କରିବା କେତେ ଯେ କଷ୍ଟକର ତୁମେ ଭାବିପାରିବ ନାହିଁ । ଏହା ବ୍ୟତୀତ ଏଠାରେ ବାୟୁ ଚାପ ସାଧାରଣ ଭାବେ ପ୍ରାୟ **650** ମିଲିବାର୍ ଥାଏ !



ଚିତ୍ର *2.7*

ଅନୁକୂଳ ହେବା/ପରିସ୍ଥିତିକୁ ଖାପ ଖାଇବା : ନୂତନ ଜଳବାୟୁ କିମ୍ବା ନୂତନ ପରିସ୍ଥିତି ସହିତ ନିଜକୁ ମେଳ କରିବା ।

d) ପବନ

ଗତିଶୀଳ ବାୟୁକୁ ପବନ କୁହାଯାଏ । ବାୟୁ ଉଚ୍ଚଚାପ ବିଶିଷ୍ଟ ଅଞ୍ଚଳରୁ ନିମ୍ନ ଚାପ ବିଶିଷ୍ଟ ଅଞ୍ଚଳ ଆଡ଼କୁ ପ୍ରବାହିତ ହୋଇଥାଏ । ପବନର ଦୁଇଟି ବୈଶିଷ୍ଟ୍ୟ ରହିଛି ଯଥା ବେଗ ଓ ଦିଗ । ଏହି ଦୁଇଟି ଦ୍ୱାରା ପବନର ବିଶେଷତା ପ୍ରକାଶ କରାଯାଏ ।

AP SCERT

ଏହା ବିଷୟରେ ଚିନ୍ତାକର

ଶିମିଳି ତୁଳା ଭଳି ତନ୍ତୁଯୁକ୍ତ ମଞ୍ଜିଗୁଡ଼ିକ ପବନରେ ଉଡୁଥିବା ଦେଖିଛ କି ? ଯଦି ପବନ ବହୁ ନ ଥାନ୍ତା, ଏ ମଞ୍ଜି ଗୁଡ଼ିକର କ'ଣ ହୋଇଥାନ୍ତା ?



ଚିତ୍ର *2.9.*

ପବନର ବେଗ ଓ ଦିଗ ପାଣିପାଗର ପୂର୍ବ ସୂଚନା ଦେବାରେ ସହାୟକ ହୋଇଥାଏ । ନୌଚାଳନା ତଥା ଉଡ଼ାଜାହାଜ ଚଳାଚଳରେ ପବନର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସେଥିପାଇଁ ନାବିକ ତଥା ବୈମାନିକମାନେ ପବନର ବେଗ ତଥା ଦିଗ ବିଷୟରେ ସଚେତନ ରହିବା ଆବଶ୍ୟକ । କୃଷକମାନେ ମଧ୍ୟ ପବନର ଦିଗକୁ ଅନୁଧ୍ୟାନ କରି ବର୍ଷାର ପୂର୍ବାନୁମାନ କରିଥାନ୍ତି । ଏଦତ୍ ବ୍ୟତୀତ ବେଗଶାଳୀ ପବନ ମୃତ୍ତିକାକୁ ଶୀଘ୍ର ଶୁଷ୍କ କରି ଦେଇଥାଏ ।

ସୁତରାଂ ଆମେ ପବନର ବେଗ ଓ ଦିଗ କିପରି ମାପିବା ? ପବନସୂଚକ ବା ୱିଣ୍ଡ୍‌ଭେନ୍ ଯନ୍ତ୍ର ସାହାଯ୍ୟରେ ପବନର ଦିଗ ମପାଯାଏ । ଏହି ଯନ୍ତ୍ରରେ ଏକ ଖମ୍ଭ ଉପରେ ଏକ ଘୂର୍ଣ୍ଣାୟମାନ ତୀର ଲାଗିଥାଏ । ଏହାର ଗୋଟିଏ ପାର୍ଶ୍ୱ ମୁନିଆ ଅପର ପାର୍ଶ୍ୱଟି ମାଛ ଲାଞ୍ଜ ସଦୃଶ ଚଉଡ଼ା ହୋଇଥାଏ । ପବନ ବହିଲେ ମୁନିଆ ପାର୍ଶ୍ୱଟି ପବନ ଯେଉଁ ଦିଗରୁ ବହୁଛି ସେହି ପଟକୁ ଲକ୍ଷ୍ୟ କରିଥାଏ । ଏପରିକି ଏହା ଅତି ହାଲୁକା ପବନରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରେ ।



ଚିତ୍ର *2.10.* ବାମ– ଟାର୍ମାକ୍ ଉପରେ ୱିଣ୍ଡ୍‌ଭେନ୍ ଚିତ୍ର: ଦକ୍ଷିଣ: ଏନିମୋମିଟର

ଟାର୍ମାକ୍ ଉପରେ ଥିବା ଏହି ୱିଣ୍ଡ୍‌ଭେନ୍‌କୁ ବାତାଶଙ୍କୁ (**wind sock**) କୁହାଯାଏ । ଏହା ପାଇଲଟ୍ ମାନଙ୍କୁ ଉଡ଼ାଜାହାଜ ଉଡ଼ାଣ ଓ ଅବତରଣ ସମୟରେ ପବନର ଦିଗ ଜାଣିବାରେ ସାହାଯ୍ୟ କରିଥାଏ । ଏହି ପ୍ରକାରର ଶଙ୍କୁ କଳକାରଖାନାରେ ବ୍ୟବହୃତ ହୋଇଥାଏ, ଯେଉଁଥିରୁ ଧୂଆଁ ଓ ଅନ୍ୟାନ୍ୟ ଗ୍ୟାସ ନିର୍ଗତ ହୋଇଥାଏ ।

ପବନର ବେଗ ମାପିବା ପାଇଁ ଏନିମୋମିଟର ନାମକ ଏକ ସରଳ ଯନ୍ତ୍ର ବ୍ୟବହାର କରାଯାଏ । ଏଥିରେ ତିନୋଟି ବା ଚାରୋଟି ଅର୍ଦ୍ଧ ଗୋଲାକାର ଧାତବ କପ୍ ରହିଥାଏ। ଏହି କପ୍ ଗୁଡ଼ିକ ଭୂଲମ୍ବଭାବେ ଥିବା ଏକ ଧାତବ ଖମ୍ଭ ସହ ସଂଯୁକ୍ତ ଥାଏ । ପବନର ବେଗ ବୃଦ୍ଧି ସହ କପ୍ ଗୁଡ଼ିକ ଅଧିକରୁ ଅଧିକ ବେଗରେ ଘୂରିଥାନ୍ତି। ଧାତବ ଖମ୍ଭର ମୂଳରେ ଥିବା ପରିମାପକ ଯନ୍ତ୍ର କପ୍ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ କେତେଥର ଘୂରିଛନ୍ତି ତାହା ମାପକ ଯନ୍ତ୍ର ହିସାବ ରଖେ ଏବଂ ପବନର ବେଗକୁ କି.ମି. (କିଲୋମିଟର) ପ୍ରତି ଘଣ୍ଟା ଆକାରରେ ପ୍ରକାଶ କରେ ।

AP SCERT

e) ଆର୍ଦ୍ରତା

ଆମ ତାଲିକାରେ ଥିବା ପାଣିପାଗର ଶେଷ ଉପାଦାନ ହେଉଛି ଆର୍ଦ୍ରତା । ଏହା ବାୟୁରେ ଥିବା ଜଳୀୟ ବାଷ୍ପର ପରିମାଣକୁ ବୁଝାଏ । ଆର୍ଦ୍ରତାର ପରିମାଣ, ତାପମାତ୍ରା, ପବନ, ବାୟୁଚାପ ଓ ସ୍ଥାନ ଆଦି ଦ୍ୱାରା ପ୍ରଭାବିତ ହୋଇଥାଏ ।

ଆସ ଅନୁସନ୍ଧାନ କରିବା

ଆର୍ଦ୍ରତା କୋଚି କିମ୍ବା ଜୟପୁର ମଧ୍ୟରେ କେଉଁଠି ଅଧିକ ଥିବ ବୋଲି ତୁମେ ଭାବୁଛ ? ତୁମେ ଅନୁମାନ କରିପାରିବ ଯେ, କୋଚି ସମୁଦ୍ରକୂଳରେ ଥିବାରୁ ଏଠାରେ ଜୟପୁର ଠାରୁ ଆର୍ଦ୍ରତା ଅଧିକ ଥାଏ । କିନ୍ତୁ ତୁମେ ଏ ବିଷୟରେ ନିଶ୍ଚିତ ହେବ କିପରି ? ଯଦି ଆମକୁ କୋଚି ଓ ମଚିଲିପାଟନମ୍ ମଧ୍ୟରେ ଆର୍ଦ୍ରତା ସ୍ତରକୁ ଆମେ କିପରି ତୁଳନା କରିବା ? ଏ ବିଷୟରେ ଶ୍ରେଣୀଗୃହରେ ତୁମ ସହପାଠୀ ମାନଙ୍କ ସହ ଆଲୋଚନା କର ।

ଆମେ ଏହି ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ଜାଣିବା ପାଇଁ ଆର୍ଦ୍ରତାକୁ ମାପିବାର ଆବଶ୍ୟକତା ରହିଛି । ଆଗକୁ ବଢ଼ିବା ପୂର୍ବରୁ ଷଷ୍ଠ ଶ୍ରେଣୀର ବିଜ୍ଞାନ ବହିରେ ଦିଆଯାଇଥିବା ଜଳର ବିଭିନ୍ନ ଅବସ୍ଥା ସମ୍ବନ୍ଧରେ ଜାଣିଥିବା ଉଚିତ । ଏହା ଆମକୁ ଆର୍ଦ୍ରତା କିପରି ମପାଯାଏ ଜାଣିବାରେ ସହାୟକ ହେବ ।

ଆସ ମନେପକାଇବା

→ ଜଳ ବାଷ୍ପୀଭୂତ ହେଲେ ଶୀତଳତା ପ୍ରଦାନ କରେ ।

→ ଯଦି ବାୟୁରେ ଜଳୀୟବାଷ୍ପ ପରିମାଣ ଅଧିକ ଥିଲେ ଜଳ ମନ୍ଥର ଗତିରେ ବାଷ୍ପୀଭୂତ ହୁଏ । ଏପରି ଅବସ୍ଥା ମୁଖ୍ୟତଃ ବର୍ଷାଦିନେ ଦେଖାଯାଏ ।

ବାୟୁରେ ଜଳୀୟ ବାଷ୍ପର ପରିମାଣ ଆପେକ୍ଷିକ ଆର୍ଦ୍ରତା ଭାବରେ ମପାଯାଏ : ଯଦି ବାୟୁରେ ଜଳୀୟ ବାଷ୍ପ ନଥିଲେ (ଯାହା ପ୍ରାକୃତିକ ଭାବେ ଅସମ୍ଭବ) ତେବେ ଏହାକୁ 0% କୁହାଯାଏ । ଜଳୀୟ ବାଷ୍ପ ପରିପୂର୍ଣ୍ଣ ଥିଲେ ବାୟୁର ଆର୍ଦ୍ରତା 100% ହୁଏ । ବାସ୍ତବରେ ଶୁଷ୍କ ପାଗରେ ଆପେକ୍ଷିକ ଆର୍ଦ୍ରତା 20% ରୁ 40% ମଧ୍ୟରେ ଥାଏ । ଆର୍ଦ୍ରପାଣି ପାଗରେ ସାଧାରଣତଃ **ଆପେକ୍ଷିକ ଆର୍ଦ୍ରତା** 60% ରୁ 80% ମଧ୍ୟରେ ରହିଥାଏ ।

ଏହା ବିଷୟରେ ଚିନ୍ତାକର

ଯଦି ଦିଲ୍ଲୀର ଆର୍ଦ୍ରତା 52% ଏବଂ କୋଚିରେ 84% ତେବେ ଏହି ଦୁଇଟି ସ୍ଥାନ ମଧ୍ୟରୁ କେଉଁଠାରେ ଓଦା ପୋଷାକ ଶୀଘ୍ର ଶୁଖିବ ଏବଂ ଉଭୟ ସ୍ଥାନରେ ତାପମାତ୍ରା ସମାନ ଥିଲେ କେଉଁଠାରେ ଅଧିକ ଝାଳ ବୋହିବାର ସମ୍ଭାବନା ଥାଏ ?

କିନ୍ତୁ ଆମେ ଏପରି ସଂଖ୍ୟାଗୁଡ଼ିକୁ କିପରି ମାପିପାରିବା ? ଏହାକୁ ହାଇଗ୍ରୋମିଟର(ଆର୍ଦ୍ର ମାପକ) ନାମକ ଯନ୍ତ୍ର ଦ୍ୱାରା ମପାଯାଇପାରିବ । ହାଇଗ୍ରୋମିଟର ମଧ୍ୟ ବିଭିନ୍ନ ପ୍ରକାରର । ମୂଳତତ୍ତ୍ୱ ବା ନୀତି ଆଧାରରେ ବିଭିନ୍ନ ପ୍ରକାରର ରହିଛି । ଖାଦ୍ୟ ପ୍ରକ୍ରିୟାକରଣ ଭଳି ଅନେକ ଶିଳ୍ପ ପ୍ରକ୍ରିୟାରେ ଆର୍ଦ୍ରତା ମାପ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ । ସଂଗ୍ରହାଳୟଗୁଡ଼ିକ ମଧ୍ୟ ଆର୍ଦ୍ରତା ନିରୀକ୍ଷଣ କରିଥାନ୍ତି କାରଣ ଶୁଷ୍କ ପରିବେଶରେ ହିଁ ସେଠାରେ ପ୍ରଦର୍ଶିତ ସାମଗ୍ରୀଗୁଡ଼ିକ ସଂରକ୍ଷିତ ରହିଥାଏ ।

AP SCERT

ପାଣିପାଗ କେନ୍ଦ୍ର

କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ପାଣିପାଗକୁ ମାପିବା ପାଇଁ ଆମେ ଅନେକଗୁଡ଼ିଏ ଯନ୍ତ୍ର ବ୍ୟବହାର କରିଥାଉ । ପାଣିପାଗ କେନ୍ଦ୍ରରେ ଏ ସବୁ ଯନ୍ତ୍ର ଏକାଠି ରହିଥାଏ । ଫଳରେ ପାଗ ନିର୍ଣ୍ଣୟ ଓ ଅନୁସରଣ ସହଜ ହୋଇଥାଏ । ସମସ୍ତ ପାଣିପାଗ ଯନ୍ତ୍ର ଗୁଡ଼ିକର ତଥ୍ୟ ସଂଗ୍ରହ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରିବା ଆବଶ୍ୟକ । ଏହା ସାମଗ୍ରିକଭାବେ ଓ ପାଣିପାଗର ପୂର୍ବାନୁମାନରେ ସହାୟକ ହୋଇଥାଏ ।




ଚିତ୍ର *2. 11*

ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରଗୁଡ଼ିକ (Automated Weather Station-AWS) ସ୍ୱୟଂଚାଳିତ ଭାବରେ ପରିଚାଳିତ ହୁଅନ୍ତି । ଏହି ସବୁ କେନ୍ଦ୍ରଗୁଡ଼ିକରେ ସେନ୍‌ସର୍ ଦ୍ୱାରା ତାପମାତ୍ରା, ଆର୍ଦ୍ରତା, ପବନର ବେଗ ଓ ଦିଗ, ବର୍ଷା, ବାୟୁର ଚାପ ଆଦି ପାଣିପାଗ ତଥ୍ୟ ସଂଗୃହୀତ ହୋଇଥାଏ । ମନୁଷ୍ୟର ହସ୍ତକ୍ଷେପ ବିନା ମିଳୁଥିବା ଏହି ତଥ୍ୟଗୁଡ଼ିକ ବେଶ୍ ସଠିକ ଓ ଉଚିତ ସମୟରେ ଉପଲବ୍ଧ ହୋଇଥାଏ । ଆନ୍ଧ୍ରପ୍ରଦେଶ ରାଜ୍ୟ ପାଇଁ ପାଣିପାଗ ପୂର୍ବାନୁମାନ ଏବଂ ପାଣିପାଗ ସେବା ନିମନ୍ତେ (IMD) ଦ୍ୱାରା ଆନ୍ଧ୍ରପ୍ରଦେଶର ଅମରାବତୀଠାରେ ଏକ ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି ।

ମନେ ରଖ

2023 ମସିହାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସମୁଦ୍ର ପତ୍ତନରୁ 4800 ମିଟର ଉଚ୍ଚତାରେ ଥିବା ସିକ୍କିମର ଏକ ତୁଷାର ହ୍ରଦ ଠାରେ ଗୋଟିଏ ସ୍ୱୟଂଚାଳିତ ପାଣିପାଗକେନ୍ଦ୍ର (AWS) ସ୍ଥାପନ କରିଛି । ଏହି କେନ୍ଦ୍ର ଆଞ୍ଚଳିକ କ୍ଷେତ୍ରରେ ହେବାକୁ ଯାଉଥିବା ପାଣିପାଗ ସମ୍ବନ୍ଧରେ ଆଗୁଆ ସୂଚନା ପ୍ରଦାନ କରୁଛି ।




ଚିତ୍ର *2.12.* ସିକିମ୍‌ର ତୁଷାର ହ୍ରଦ ନିଟକସ୍ଥ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର *(AWS)*

ପାଣିପାଗର ଆଗାମୀ ସୂଚନା

ପାଣିପାଗ ବିଜ୍ଞାନୀମାନେ ଦୀର୍ଘ ସମୟ ଧରି ଏହି ଉପକରଣଗୁଡ଼ିକ ବ୍ୟବହାର କରି ତଥ୍ୟ ସଂଗ୍ରହ କରିଥାନ୍ତି । ସେମାନେ ଏହି ତଥ୍ୟଗୁଡ଼ିକୁ ଅଧ୍ୟୟନ କରନ୍ତି ଏବଂ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରି ପାଣିପାଗର ପୂର୍ବାନୁମାନ କରିଥାନ୍ତି । ପାଣିପାଗର ପୂର୍ବାନୁମାନ ଆଜିକାଲି ବେଶ୍ ଗୁରୁତ୍ୱ ବହନ କରେ । କାରଣ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମରୁଡ଼ି, ବନ୍ୟା, ବାତ୍ୟା ଭଳି ଘଟଣାଗୁଡ଼ିକ ବାରମ୍ବାର ହେବାରେ ଲାଗିଛି ।

AP SCERT



ଚିତ୍ର 2.13. ଭାରତ : 19 ମଇ 2024 ରେ ଭାରତ ପାଇଁ ପାଣିପାଗ ସତର୍କତା ।

ଆମକୁ ସଠିକ ପୂର୍ବାନୁମାନ ଘଟଣା ,ସତର୍କ ରହିବାରେ ସାହାଯ୍ୟ କରେ । ଏହା ସ୍ଥାନୀୟ ପ୍ରଶାସନ/ସରକାରଙ୍କୁ ସମ୍ବଳ ଯୋଗାଡ଼ କରିବା ତଥା ବିପର୍ଯ୍ୟୟକୁ ସାମନା କରିବା ପାଇଁ ପ୍ରସ୍ତୁତ ରଖେ । ଉଦାହରଣ ସ୍ୱରୂପ, ସାମୁଦ୍ରିକ ଝଡ଼ତୋଫାନ ହେବାର ଆଗୁଆ ସୂଚନା ମିଳିଲେ, ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଡଙ୍ଗା ନେଇ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଥାଏ । ବାତ୍ୟାର ସମ୍ଭାବନା ଥିଲେ ସମଗ୍ର ଉପକୂଳ ଅଞ୍ଚଳର ଅଧିବାସୀମାନଙ୍କୁ ସ୍ଥାନାନ୍ତରଣ କରିବାକୁ ପଡ଼ିଥାଏ ।

APSCERT

ଆସ ଅନୁସନ୍ଧାନ କରିବା

ବିଭିନ୍ନ ପରିସ୍ଥିତିରେ ପାଣିପାଗର ପୂର୍ବାନୁମାନ ଆମ ପାଇଁ କିପରି ଉପଯୋଗୀ ହୋଇଛି ତାହା ପ୍ରତି ଦୁଇ ଜଣଙ୍କୁ ନେଇ ଗଠିତ ଦଳ ମାନଙ୍କ ଦ୍ୱାରା ଆଲୋଚନା କର । ତୁମେ ଆଲୋଚନା କରିଥିବା ତଥ୍ୟଗୁଡ଼ିକ ବିଷୟରେ ଏକ ତାଲିକା ପ୍ରସ୍ତୁତ କର ଏବଂ ତୁମେ ଯେଉଁ ପାଣିପାଗର ପରିସ୍ଥିତି ବିଷୟରେ ତର୍ଜମା କରିଛ, ତାହାକୁ ପାଖରେ ବସିଥିବା ଦଳ ସହିତ ଆଲୋଚନା କର । ଏହାପରେ ପାଗ ସମ୍ବନ୍ଧୀୟ କେତେ ପ୍ରକାରର ଅବସ୍ଥା ତୁମେ ଚିହ୍ନଟ କରିପାରିଲ ?

ପୂର୍ବ ପୃଷ୍ଠାରେ ଥିବା ଭାରତ ମାନଚିତ୍ରକୁ ଭଲ ଭାବରେ ଦେଖ । ଏହି ମାନଚିତ୍ରଟି ଭାରତ ପାଣିପାଗ ବିଭାଗ ଦ୍ୱାରା 2024 ମସିହା ମଇ 19 ତାରିଖରେ ଜାରି କରାଯାଇଥିଲା । ଏଥିରେ ପ୍ରଦତ୍ତ ପ୍ରତୀକଗୁଡ଼ିକୁ ନିରୀକ୍ଷଣ କର ଏବଂ ମାନଚିତ୍ରରେ ଦିଆଯାଇଥିବା ବିଭିନ୍ନ ପ୍ରତୀକକୁ ପରିସ୍ଥିତି ସହ ସଂଯୋଗ କର ।

ଆସ ଅନୁସନ୍ଧାନ କରିବା

- → ସେହି ଦିନ କ'ଣ ଘଟିଥିବା ବୋଲି ତୁମେ ଭାବୁଛ? ଭାରତୀୟ ପାଣିପାଗ ବିଭାଗ(IMD) ଲୋକମାନଙ୍କୁ କେଉଁ ସବୁ ପାଣିପାଗ ଅବସ୍ଥା ପାଇଁ ସତର୍କ ରହିବାକୁ ପରାମର୍ଶ ଦେଉଛି ?
- → କେଉଁ ରାଜ୍ୟଗୁଡ଼ିକ ପାଇଁ ସତର୍କତା ଦିଆଯାଇଛି ?
- → ଭାରତର କେଉଁ ସବୁ ଅଞ୍ଚଳରେ ପାଗ ଖରାପ ହେବାର ସମ୍ଭାବନା ନାହିଁ ?
- → କେଉଁ ସବୁ ରାଜ୍ୟରେ ଗ୍ରୀଷ୍ମପ୍ରବାହର ସମ୍ଭାବନା ରହିଛି ?
- → ତ୍ରିପୁରା ଓ ଲକ୍ଷଦ୍ୱୀପରେ କେଉଁ ସବୁ କାରଣ ପାଇଁ ସତର୍କ ସୂଚନା ଦିଆଯାଇଛି ।



ଶେଷ କରିବା ପୂର୍ବରୁ...

- → କୌଣସି ସ୍ଥାନର ପାଗର ସଂଜ୍ଞା ତାହାର ତାପମାତ୍ରା, ଆର୍ଦ୍ରତା, ବର୍ଷଣ, ପବନ, ବାୟୁ ଓ ଚାପ ଦ୍ୱାରା ପ୍ରକାଶିତ ହୋଇଥାଏ ।
- → ଏହି ସବୁ ଉପାଦାନ ଗୁଡ଼ିକର ଅବସ୍ଥା ବା ପରିମାଣ ସ୍ୱତନ୍ତ୍ର ଯନ୍ତ୍ରଗୁଡ଼ିକ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଏଥିରୁ ସଂଗୃହୀତ ତଥ୍ୟ ପାଗ ଅନୁସରଣ ଓ ପୂର୍ବାନୁମାନରେ ସହାୟକ ହୋଇଥାଏ ।
- → ସମୟ ଓ ପରିସ୍ଥିତି ଅନୁଯାୟୀ ପାଣିପାଗରେ କୌଣସି ଏକ ଉପାଦାନରେ ଅଧିକ ପ୍ରଭାବ ଅନୁଭୂତ ହୋଇଥାଏ । ଉଦାହରଣ ସରୂପ ଜୁଲାଇ ମାସରେ ବୃଷ୍ଟିପାତ, ମଇ ଓ ଡିସେମ୍ବର ମାସରେ ତାପମାତ୍ରା, ବାତାବର୍ତ୍ତ ଗତି ସମୟରେ ବାୟୁଚାପ ଏବଂ 'ଲୁ' (ଉତ୍ତର ଭାରତରେ ଗ୍ରୀଷ୍ମ କାଳରେ ପ୍ରବାହିତ ବେଗଶାଳୀ ଧୂଳି ଓ ବାଲି ମିଶା ପବନ) ପବନ ଓ ବନାଗ୍ନି କ୍ଷେତ୍ରର ପବନର ପ୍ରଭାବ ବିଶେଷଭାବେ ଅନୁଭୂତ ହୁଏ ।
- → ପାଣିପାଗ ଜଳବାୟୁ ସହିତ ଅନ୍ତରଙ୍ଗ ଭାବେ ଜଡ଼ିତ । ଏ ବିଷୟରେ ଆମେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା ।

APSCERT

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ପାଣିପାଗ ଯନ୍ତ୍ର ସହ ଏହା ମାପୁଥିବା ଉପାଦାନଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କର ।

ବ୍ୟବହୃତ ଯନ୍ତ୍ର	ପାଗର ଉପାଦାନ
1) ହାଇଗ୍ରୋମିଟର	(କ) ବର୍ଷଣ
2) ଆନିମୋମିଟର	(ଖ) ବାୟୁମଣ୍ଡଳର ଚାପ
3) ବାରୋମିଟର	(ଗ) ପବନର ଦିଗ ଓ ବେଗ
4) ଥର୍ମୋମିଟର	(ଘ) ଆର୍ଦ୍ରତା
5) ରେନ ଗଜ	(ଙ) ତାପମାତ୍ରା

2. ପର୍ବତ ଆରୋହଣ କରୁଥିବା ଲୋକଙ୍କୁ କେତେବେଳେ ଓ କାହିଁକି ଅଧିକ ଅମ୍ଳଜାନ ଆବଶ୍ୟକ ପଡ଼େ । ନିଜବାକ୍ୟରେ ବର୍ଣ୍ଣନାକର ।

3. ଶୀତଦିନ ସକାଳେ କୃଷ୍ଣ ଶୀଘ୍ର ଉଠିବାରୁ ଥଣ୍ଡା ଅନୁଭବ କଲେ । ତେଣୁ ସେ ଏକ ମୋଟା ପଶମ ପୋଷାକ ପିନ୍ଧିଲେ । କିଛି ମାସ ପରେ ଗ୍ରୀଷ୍ମ ଋତୁରେ ଥଣ୍ଡା ଲାଗିବା ପାଇଁ ସେ ହାଲୁକା ସୂତା ପୋଷାକ ପିନ୍ଧିବା ନିମନ୍ତେ ବାଛିଲେ । ତାଙ୍କ ଶିକ୍ଷକ କହିଲେ ଯେ କୃଷ୍ଣଙ୍କ ଶରୀର ପାଗ ପରିସ୍ଥିତି ପ୍ରତି ପ୍ରତିକ୍ରିୟା କରୁଛି । ଏହା ପୃଥିବୀର ବାୟୁମଣ୍ଡଳର ପରିବର୍ତ୍ତନ ଯୋଗୁଁ ହୁଏ । ବିଶେଷ କରି ଏହା ଟ୍ରୋପୋସ୍ଫିୟରରେ ଘଟେ ।

ଉପରୋକ୍ତ ଘଟଣା ଏବଂ ପାଠ୍ୟପୁସ୍ତକରେ ଦିଆଯାଇଥିବା ସୂଚନା ଆଧାରରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

(କ) ପାଣିପାଗ କହିଲେ କ'ଣ ?

(ଖ) ଲୋକମାନେ ଶୀତ ଓ ଗ୍ରୀଷ୍ମ ଋତୁରେ ବିଭିନ୍ନ ପ୍ରକାର ପୋଷାକ କାହିଁକି ବାଛନ୍ତି ?

4. ଜୁନ୍ ମାସରେ ଉମା ତାଙ୍କ ସ୍କୁଲ ଯାତ୍ରାରେ ମୁମ୍ବାଇ ଯିବା ପାଇଁ କେଉଁ କେଉଁ ପୋଷାକ ନେବା ନିମନ୍ତେ ସେ ଭାବୁଛନ୍ତି ? ପାଣିପାଗ ପୂର୍ବାନୁମାନ ଅନୁସାରେ ସେଠାରେ ତାପମାତ୍ରା 29°C ଏବଂ ଆର୍ଦ୍ରତା 84% ରହିବାର ସମ୍ଭାବନା ଅଛି । ତେବେ ତୁମେ ତାଙ୍କୁ କ'ଣ ପରାମର୍ଶ ଦେବ ?

5. କଳ୍ପନା କର ଯେ ଛାତ୍ରମାନଙ୍କର ଏକ ଛୋଟ ଗୋଷ୍ଠୀ ଏକ ବୃଷ୍ଟି ମାପକ ଯନ୍ତ୍ର ସ୍ଥାପନ କରୁଛନ୍ତି **[APPLICATION ACTIVITY]** । ଏଠାରେ ସେମାନେ କେତେକ ସ୍ଥାନ ଚୟନ କରିଛନ୍ତି, ଯେଉଁଗୁଡ଼ିକ ନିମ୍ନରେ ଦିଆଯାଇଛି ।

i. ସ୍କୁଲ ପନିପରିବା ବଗିଚା ।

ii. ସ୍କୁଲ କୋଠାର ଛାତ ।

iii. ଏକ ଉଚ୍ଚ ସମତଳ ଖୋଲା ସ୍ଥାନ ।

iv. ସ୍କୁଲ ସୀମାକାନ୍ଥ ।

v. ସ୍କୁଲ ପରୀକ୍ଷାଗାର ବାରଣ୍ଡା ।

ଦଳଗତ ଭାବେ ଆଲୋଚନା କର ଏବଂ ସଠିକ ସ୍ଥାନଟିକୁ ଚିହ୍ନଟ କର । ତୁମେ ସ୍ଥାନଟି ବାଛିବାର କାରଣ ଲେଖ ।

AP SCERT

6. ନିମ୍ନରେ ଭାରତ ପାଣିପାଗ ବିଭାଗ(IMD)ରୁ ଅଣାଯାଇଥିବା ଜାମ୍ମୁ ଓ କାଶ୍ମୀରର ଏକ ଚାର୍ଟ ଦିଆଯାଇଛି । ଉପଲବ୍ଧ ତଥ୍ୟକୁ ଆଧାର କରି ଦର୍ଶାଯାଇଥିବା ଜାମ୍ମୁ ଏବଂ କାଶ୍ମୀରର ବିଭିନ୍ନ ଅଞ୍ଚଳର ପାଣିପାଗ ପରିସ୍ଥିତି ସମ୍ବନ୍ଧରେ ସଂକ୍ଷିପ୍ତ ଲେଖାଟି ପ୍ରସ୍ତୁତ କର । (ସୂଚନା: ତାପ ବ୍ୟବଧାନ, ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା, ଆର୍ଦ୍ରତା, ବୃଷ୍ଟିପାତ ଆଦି ବିଷୟରେ ଚର୍ଚ୍ଚା କର)

ଦୈନିକ ପାଗ ମାପଦଣ୍ଡ (ଜାମ୍ମୁ ଓ କାଶ୍ମୀର)

(ସନ୍ଧ୍ୟା)ତାରିଖ : 01.02.2024

ସ୍ଥାନ	ସର୍ବାଧିକ ତାପମାତ୍ରା			ସର୍ବନିମ୍ନ ତାପମାତ୍ରା			0830ରୁ 1730 ଯାଏ (ମି.ମି./ସେ.ମି.)		0830 ମଧ୍ୟରେ 24 ଘଣ୍ଟା ମଧ୍ୟରେ ହୋଇଥିବା ବୃଷ୍ଟିପାତ (ମି.ମି./ସେ.ମି.)		ଆପେକ୍ଷିକ ଆର୍ଦ୍ରତା	
	ACT (°C)	NOR (°C)	DEP (°C)	ACT (°C)	NOR (°C)	DEP (°C)	R/F (mm)	S/N (cm)	R/F	S/N	0830 (%)	1730 (%)
ଶ୍ରୀନଗର	6.5	8.9	–2.4	0.2	–0.7	0.9	TR	0.0	13.4	2.4	89	89
କାଜିଗଣ୍ଡ	3.2	8.5	–5.3	–0.4	–2.1	1.7	11.8	10.0	36.2	22.0	97	90
ପହଲ୍‌ଗମ୍	1.1	5.6	–4.5	–4.1	–6.1	2.0	6.0	8.0	19.4	23.0	96	96
କୁପୱାରା	5.1	8.5	–3.4	–0.7	–2.3	1.6	0.5	0.0	21.9	10.0	97	94
କୁକେରେନାଗ	2.6	6.6	–4.0	–1.4	–2.4	1.0	12.0	8.0	35.2	30.0	96	97
ଗୁଲ୍‌ମାର୍ଗ	–2.6	1.4	–4.0	–7.6	–7.6	0.0	8.2	6.35	35.2	35.0	76	100
ମୁଜାଫରବାଦ	8.5	–	–	5.6	–	–	–	–	25.8	–	93	–

ସୂଚନା : **ACT** ହେଉଛି ପ୍ରକୃତ; **NOR** ହେଉଛି ସ୍ୱାଭାବିକ; DEP ହେଉଛି ବ୍ୟବଧାନ; **R/F** ହେଉଛି ବୃଷ୍ଟିପାତ; **S/N** ହେଉଛି ବରଫ ପାତ; **TR** ହେଉଛି କ୍ଷୁଦ୍ର ପରିମାଣ ।

✧✧✧✧✧



APSCERT

ଅଧ୍ୟାୟ

3

ଭାରତର ଜଳବାୟୁ

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- ପାଣିପାଗ ଏବଂ ଜଳବାୟୁ ମଧ୍ୟରେ ପାର୍ଥକ୍ୟ ଜାଣିପାରିବେ ଏବଂ ବିଭିନ୍ନ ଋତୁକୁ ଚିହ୍ନଟ କରିବେ । (CG-1)
- ଜଳବାୟୁ ନିର୍ଣ୍ଣୟ କରୁଥିବା ବିଭିନ୍ନ କାରକ ଗୁଡିକୁ ବୁଝିବେ । (CG-1)
- ବିଭିନ୍ନ ବିପର୍ଯ୍ୟୟକୁ ବୁଝିବେ ଏବଂ ଏଥିରୁ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ NDRFର ଭୂମିକାକୁ ପ୍ରଶଂସା କରିବେ ।(CG-5)
- ପ୍ରାକୃତିକ ଏବଂ ମାନବ ଜଗତ ଉପରେ ଜଳବାୟୁ ପରିବର୍ତ୍ତନର ପରିଣାମ ବିଶ୍ଳେଷଣ କରିବେ ଏବଂ ପରିବେଶକୁ ସୁରକ୍ଷାଦେବା ପାଇଁ ଦାୟିତ୍ୱବୋଧ ବିକଶିତ କରିବେ । (CG-5)
- ଭାରତ ମାନଚିତ୍ରରେ ଭିନ୍ନ ଜଳବାୟୁ ପରିସ୍ଥିତିରେ ଥିବା ଗୁରୁତ୍ୱପୂର୍ଣ୍ଣ ସହର ଗୁଡିକ ଚିହ୍ନଟ କରିବେ । (CG-1)

AP SCERT

"କାଳେ ବର୍ଷତୁ ପର୍ଜନ୍ୟଃ ପୃଥିବୀ ଶସ୍ୟଶାଳିନୀ
ଦେଶୋୟଂ କ୍ଷୋଭ ରହିତଃ ବ୍ରାହ୍ମଣାଃ ସନ୍ତୁ ନିର୍ଭୟାଃ " 'ଅର୍ଥାତ୍ :– ନିୟମିତ ବୃଷ୍ଟି ହେଉ, ପୃଥିବୀ ଶସ୍ୟଶ୍ୟାମଳା ହେଉ ଆମ ଦେଶ ସମସ୍ତ ଅଶାନ୍ତିରୁ ମୁକ୍ତରହୁ । ସଜ୍ଜନମାନେ ନିର୍ଭର ହୁଅନ୍ତୁ ।!

– ସୁଭାଷିତ



ଚିତ୍ର 3.1.

ମୁଖ୍ୟ ପ୍ରଶ୍ନାବଳୀ ?


1. ଭାରତର ଜଳବାୟୁକୁ ଏତେ ବିବିଧ କିଏ କରିଥାଏ ?
2. ମୌସୁମୀ କଣ ? ଏହା କିପରି ସୃଷ୍ଟି ହୁଏ ?
3. ଅର୍ଥନୀତି, ସଂସ୍କୃତି ଏବଂ ସମାଜ ଉପରେ ଜଳବାୟୁ କି ପ୍ରଭାବ ପକାଇଥାଏ ?
4. ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଜନିତ ପ୍ରସ୍ତୁତି ପାଇଁ ଜଳବାୟୁ ସମ୍ବନ୍ଧୀୟ ଜ୍ଞାନ କିପରି ସହାୟକ ହୋଇଥାଏ ?
5. ଜଳବାୟୁ ପରିବର୍ତ୍ତନ କଣ? ଏହାର କି କି ପରିଣାମ ରହିଛି ?

ପାଣିପାଗ , ଋତୁ ଓ ଜଳବାୟୁ

ଲୋକମାନେ ପ୍ରତିଦିନ କଥାବାର୍ତ୍ତା ହେଲାବେଳେ ଜଳବାୟୁ ଶବ୍ଦଟି ବ୍ୟବହାର କରିଥାନ୍ତି । ପ୍ରକୃତପକ୍ଷେ ଜଳବାୟୁ ନୁହେଁ, ବରଂ ସେମାନେ ପାଣିପାଗ ବିଷୟରେ ଉଲ୍ଲେଖ କରିଥାନ୍ତି, ତେବେ ପାଗ ଓ ଜଳବାୟୁ ମଧ୍ୟରେ କି ପାର୍ଥକ୍ୟ ରହିଛି ? ଆମେ ପ୍ରତି ସମୟରେ ବା ପ୍ରତିଦିନ ଅନୁଭବ କରୁଥିବା ବାୟୁମଣ୍ଡଳର ଅବସ୍ଥାକୁ ପାଗ କୁହାଯାଏ । କେତେବେଳେ ବର୍ଷା, କେତେବେଳେ ପ୍ରଚଣ୍ଡ ଖରା, ବେଗଶାଳୀ ପବନ ଆଦି ପାଗକୁ ବୁଝାଏ । ପାଣିପାଗ ସର୍ବଦା ପରିବର୍ତ୍ତନଶୀଳ । ତୁମେ ଲକ୍ଷ କରିଥିବ, ପ୍ରତ୍ୟେକ ଦିନର ସକାଳ, ଖରାବେଳ, ସନ୍ଧ୍ୟା ଓ ରାତି ସମୟର ପାଗ ଆଲଗା ହୋଇଥାଏ । ମାତ୍ର ଜଳବାୟୁ, କୌଣସି ଅଞ୍ଚଳର ବହୁବର୍ଷ ବ୍ୟାପି(ଦଶନ୍ଧି ଦଶନ୍ଧିଧରି) ପାଣିପାଗର ହାରାହାରି ଅବସ୍ଥାକୁ ବୁଝାଇ ଥାଏ । ଅଞ୍ଚଳ ଭିତ୍ତିରେ ଜଳବାୟୁରେ ଭିନ୍ନତା ଦେଖାଯାଏ ।

ବିଭିନ୍ନ ପ୍ରକାରର ଜଳବାୟୁ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆସ ବିଭିନ୍ନ ଋତୁ ବିଷୟରେ ପରିଚିତ ହେବା । ପୃଥିବୀ ସୂର୍ଯ୍ୟଙ୍କୁ ପରିକ୍ରମଣ କରିବା କାରଣରୁ ଋତୁ ସମ୍ଭବ ହୋଇଥାଏ । ପ୍ରତ୍ୟେକ ଋତୁ କିଛି ମାସ ପାଇଁ ରହେ ଓ ପ୍ରତିବର୍ଷ ପୁନଶ୍ଚ କ୍ରମାନୁସାରେ ଆସିଥାଏ । ଏକ ବର୍ଷରେ ଅନେକଗୁଡିଏ ଋତୁ ରହିଛି ବୋଲି ଆମେ ଜାଣିଛେ । ଯଥା–ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ ଓ ଶୀତ । ଏହି ଋତୁଗୁଡିକ ନିର୍ଦ୍ଦିଷ୍ଟ କ୍ରମରେ ଚକ୍ରଗତି କରିଥାନ୍ତି । ଋତୁଗୁଡିକ ପାଗ ସହ ନା ଜଳବାୟୁ ସହ ସମ୍ପର୍କିତ ? ଏହାର ଉତ୍ତର ଉଭୟ ।

ଋତୁ ସହ ପାଗରେ ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ଗ୍ରୀଷ୍ମକାଳରେ ପାଗ ଶୁଷ୍କ ଓ ଉଷ୍ଣ, ବର୍ଷା ଋତୁରେ ପାଗ ବୃଷ୍ଟିପାତ ସହ ଆର୍ଦ୍ର ରହିଥାଏ । ପୁନଶ୍ଚ କୌଣସି ଅଞ୍ଚଳରେ ଋତୁକ୍ରମ ଜଳବାୟୁ ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ପୃଥିବୀର ଅଧିକାଂଶ ଅଞ୍ଚଳରେ ବସନ୍ତ, ଗ୍ରୀଷ୍ମ, ଶରତ ଓ ଶୀତ ଏହି ଚାରିଗୋଟି ଋତୁ ଅନୁଭୂତ ହୋଇଥାଏ । ତେବେ ଭାରତ ବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତ ପାଇଥାଏ । ସୁତରାଂ ଏଠାରେ ଉପରୋକ୍ତ ଚାରିଗୋଟି ଋତୁ ବ୍ୟତୀତ ବର୍ଷାଋତୁ ବା ମୌସୁମୀ ଅନୁଭୂତ ହୁଏ ।



ଚିତ୍ର *3.2*

ପାରମ୍ପରିକ ଭାବେ ଭାରତର ବହୁ ଅଞ୍ଚଳରେ ଏକ ବର୍ଷକୁ ବସନ୍ତ(**spring**), ଗ୍ରୀଷ୍ମ (**summer**), ବର୍ଷା (**rainy season**), ଶରତ(**autumn**), ହେମନ୍ତ(**pre-winter**) ଓ ଶୀତ (**winter**)ଭଳି ଛଅଗୋଟି ଋତୁରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଋତୁ ସହ ବସନ୍ତ ପଞ୍ଚମୀ ବା ଶରଦ ପୂର୍ଣ୍ଣିମା ଭଳି ନିର୍ଦ୍ଦିଷ୍ଟ ରୀତି ନୀତି ଓ ପର୍ବପର୍ବାଣୀ ଜଡିତ ।

© SCERT

ତୁମେ ଚତୁଃପାର୍ଶ୍ୱର ପୃଥିବୀକୁ ଲକ୍ଷ୍ୟ କଲେ ଜାଣି ପାରିବ ଯେ, ମଣିଷ, ଉଦ୍ଭିଦ ଓ ପ୍ରାଣୀମାନଙ୍କର ଜୀବନ ଋତୁ ସହ ତାଳ ଦେଇ ଗତି କରିଥାଏ । ଆମେ ଉତ୍ପାଦନ କରୁଥିବା ଶସ୍ୟ, ଖାଉଥିବା ଖାଦ୍ୟ ଓ ପିନ୍ଧୁଥିବା ବସ୍ତ୍ର ଆଦି, ଋତୁ ସହ ପରିବର୍ତ୍ତନ ହୋଇଥାଏ । ଅଞ୍ଚଳ ଭିତ୍ତିରେ କେତେକ ସ୍ଥାନର ଗଛଲତାଗୁଡିକ ବସନ୍ତ ଋତୁରେ ଫୁଲରେ ସଜାଇ ହୋଇଥାନ୍ତି । ଅନ୍ୟ କିଛି ସ୍ଥାନରେ ଶରତ ତଥା ହେମନ୍ତ ଋତୁରେ ବୃକ୍ଷଗୁଡିକ ପତ୍ରଝଡା ଦେଇଥାନ୍ତି ବା ସେମାନଙ୍କ ରୂପରଙ୍ଗରେ ପରିବର୍ତ୍ତନ ଆସିଥାଏ । ଶୀତ ଋତୁରେ କେତେକ ପ୍ରାଣୀଙ୍କ ଦେହରେ ଅଧିକ ଲୋମ କଅଁଳି ଥାଏ ।



ଆସ ଅନୁସନ୍ଧାନ କରିବା



→ ତୁମର ପ୍ରିୟ ଋତୁଟି କଣ ? ଏହାର କାରଣ ବୁଝାଇ ଏକ ସଂକ୍ଷିପ୍ତ ରଚନା ଲେଖ ।

→ ତୁମ ଶ୍ରେଣୀର ତିନି ଚାରିଜଣ ପିଲା ମିଶି ଗୋଟିଏ ଦଳ ଗଠନ କର । ଋତୁ ବିଷୟରେ ତୁମ ଅଞ୍ଚଳରେ ସଂଗଠିତ ନିର୍ଦ୍ଦିଷ୍ଟ ଘଟଣାବଳୀଗୁଡିକ ସମ୍ବନ୍ଧରେ ଆଲୋଚନା କର । ସେହି ଘଟଣା ସମ୍ବନ୍ଧିତ ସଙ୍ଗୀତ, ଭୋଜିଭାତରେ ହେଉଥିବା ସ୍ୱତନ୍ତ୍ର ଖାଦ୍ୟ, ତଥା ଚଳଣୀ ଆଦି ବିଷୟରେ ତଥ୍ୟ ସଂଗ୍ରହ କର । ଏହି ତଥ୍ୟଗୁଡିକୁ ଲିପିବଦ୍ଧ କର ଏବଂ ତୁମର ଉପଲବ୍ଧକୁ ଶ୍ରେଣୀଗୃହରେ ଆଲୋଚନା କର ।

→ ଶୀତ ଋତୁ ଆସିବା ପୂର୍ବରୁ ତୁମ ଅଞ୍ଚଳର କେଉଁ ବୃକ୍ଷଗୁଡିକ ସେମାନଙ୍କର ରୂପ ରଙ୍ଗ ବଦଳାଇଥାନ୍ତି ? ଏହି ସମୟରେ କିଛି ବୃକ୍ଷ, ପତ୍ରଝଡା ଦେଇଥାନ୍ତି କି ? ଏପରି କାହିଁକି ହୁଏ ବୋଲି ଭାବୁଛ ? ସେହି ଗଛଗୁଡିକୁ ଚିହ୍ନଟ କର ଏବଂ ସେଗୁଡିକର ସ୍ଥାନୀୟ ନାମ ଲେଖ ।

ସାଧାରଣ ଭାବେ ଜଳବାୟୁ ଦୀର୍ଘ ସମୟ ଧରି ସ୍ଥିର ରହିଥାଏ । ତେବେ ବିଗତ କିଛି ଦଶନ୍ଧି ଧରି ବୈଜ୍ଞାନିକମାନେ ଜଳବାୟୁରେ ପରିବର୍ତ୍ତନ ହେଉଥିବାର ତଥ୍ୟ ସଂଗ୍ରହ କରିଛନ୍ତି । ଅଧ୍ୟୟନରୁ ଜଣାପଡିଛି ଯେ ମାନବୀୟ କାର୍ଯ୍ୟକଳାପ ହିଁ ଅଧିକାଂଶ ପରିବର୍ତ୍ତନର ମୁଖ୍ୟ କାରଣ ।

ଆସ ସାରାଂଶ ଜାଣିବା ଃ

→ ଆମେ ଦୈନନ୍ଦିନ ଅନୁଭବ କରୁଥିବା ପବନ, ବର୍ଷା, ଗରମ, ଶୁଷ୍କତା ଆଦିକୁ ପାଗ କୁହାଯାଏ ।

→ ପ୍ରତି ବର୍ଷ ଋତୁର ପୁନରାଗମନ ହୋଇଥାଏ ଏବଂ ଋତୁ ବିଶେଷରେ ଗୋଟିଏ ସ୍ଥାନର ପାଗ ଭିନ୍ନ ଭିନ୍ନ ହୋଇଥାଏ ।

→ ଜଳବାୟୁ କୌଣସି ଅଞ୍ଚଳର ଏକ ଦୀର୍ଘକାଳୀନ ଧାରା । ପୃଥିବୀରେ ବିଭିନ୍ନ ପ୍ରକାରର ଜଳବାୟୁ ଅନୁଭୂତ ହୁଏ । ଆସ ଭାରତରେ ଅନୁଭୂତ ବିଭିନ୍ନ ଜଳବାୟୁ ସମ୍ବନ୍ଧରେ ଜାଣିବା ।

ଭାରତର ବିଭିନ୍ନ ପ୍ରକାରର ଜଳବାୟୁ :

ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ ବୋଲି ଆମେ ଜାଣିଛେ । ଏହା ଜଳବାୟୁ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

APSCERT

- ଉତ୍ତରସ୍ଥ ହିମାଳୟ ପାର୍ବତ୍ୟାଞ୍ଚଳର ଉଚ୍ଚ ଭାଗରେ ଆଲ୍‌ପୀୟ ଜଳବାୟୁ ଅନୁଭୂତ ହୁଏ । ଏହି ଅଞ୍ଚଳଟି ଶୀତଦିନେ ବେଶ୍ ଥଣ୍ଡା ଓ ତୁଷାରପାତ ହୋଇଥାଏ । ଗ୍ରୀଷ୍ମକାଳରେ ଶୀତଳ ଜଳବାୟୁ ଅନୁଭୂତ ହୁଏ (ଆଲ୍‌ପୀୟ ଶବ୍ଦଟି ୟୁରୋପରେ ଅବସ୍ଥିତ ଆଲପସ୍ ପର୍ବତମାଳାରୁ ଆସିଅଛି) । ଏହି ଠାରେ ହିଁ ସବୁଠାରୁ ମୋଟା ଶୀତବସ୍ତ୍ର ବ୍ୟବହୃତ ହୋଇଥାଏ !
- ହିମାଳୟର ନିମ୍ନଭାଗରେ ତଥା ଭାରତର ଅନେକ ପାହାଡିଆ ଅଞ୍ଚଳରେ ନାତିଶୀତୋଷ୍ଣ ଜଳବାୟୁ ଅନୁଭୂତ ହୁଏ । ଏଠାରେ ଶୀତଦିନେ ମଧ୍ୟମ ଧରଣର ଶୀତ ଓ ଗ୍ରୀଷ୍ମକାଳରେ ଅଧିକ ଗରମ ହୋଇନଥାଏ । ସେଥିପାଇଁ ଏଠାରେ ଶୈଳନିବାସ ମାନ ଦେଖାଯାଏ । ନିମ୍ନସ୍ଥ ସମତଳ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକମାନେ ଗରମରୁ ରକ୍ଷା ପାଇବା ପାଇଁ ବାରମ୍ବାର ଏହି ଅଞ୍ଚଳକୁ ଆସିଥାନ୍ତି ।

- ଉତ୍ତରସ୍ଥ ସମତଳ ଭୂମିରେ ଉପକ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୁଏ । ଏଠାକାର ଗ୍ରୀଷ୍ମଋତୁ ଉତ୍ତପ୍ତ ଏବଂ ଶୀତ ଋତୁ ବେଶ୍ ଥଣ୍ଡା । ଏହି ଅଞ୍ଚଳରେ ଭାରତର ସର୍ବାଧିକ ଗହମ ଚାଷ ହୋଇଥାଏ ।
- ପଶ୍ଚିମସ୍ଥ ଥର ମରୁଭୂମିର ଜଳବାୟୁ ଅତି ଶୁଷ୍କ । ଏଠାରେ ଦିନବେଳା ଅଧିକ ଗରମ ଓ ରାତିରେ ଶୀତ ଏବଂ ଅତିକମ୍ ବୃଷ୍ଟିପାତ ହେଇଥାଏ । ଏହି ଅଞ୍ଚଳର ଅଧିବାସୀମାନେ ଜଳ ସଂଗ୍ରହ ଓ ସଞ୍ଚୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ବିକାଶ କରିଛନ୍ତି ।



ଚିତ୍ର 3. 3

- ପଶ୍ଚିମ ଉପକୂଳ ଅଞ୍ଚଳ, ମୌସୁମୀ ମାସରେ ପ୍ରଚୁର ବୃଷ୍ଟିପାତ ପାଇଥାଏ । ଏଠାରେ ଆର୍ଦ୍ର କ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୁଏ ଯାହା ଧାନ ଓ ବିଭିନ୍ନ ମସଲା ଆଦି ଚାଷ କରିବାପାଇଁ ବେଶ୍ ଅନୁକୂଳ ।
- କେନ୍ଦ୍ରୀୟ ଦକ୍ଷିଣାତ୍ୟ ମାଳଭୂମିରେ ଅର୍ଦ୍ଧଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଏଠାକାର ଗ୍ରୀଷ୍ମ ଋତୁରେ ଗରମ, ଶୀତ ଋତୁରେ ହାଲୁକା ଶୀତ ଓ ବର୍ଷା ଋତୁରେ ମଧ୍ୟମ ଧରଣର ବର୍ଷା ହୋଇଥାଏ ।
- ପୂର୍ବ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପରେ କ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୋଇଥାଏ । ଏଠାରେ ମୃଦୁ ଶୀତଋତୁ ଓ ମୌସୁମୀ ବାୟୁଦ୍ୱାରା ନିୟନ୍ତ୍ରିତ ନିର୍ଦ୍ଦିଷ୍ଟ ଶୁଷ୍କ ଓ ଆର୍ଦ୍ର ଋତୁ ବା ସମୟ ପରିଲକ୍ଷିତ ହୁଏ । (ସବିଶେଷ ଚର୍ଚ୍ଚା ପରେ କରାଯାଇଛି)

ଟିପ୍ପଣୀ : ପରବର୍ତ୍ତୀ ସମୟରେ ତୁମେ କ୍ରାନ୍ତୀୟ ଏବଂ ଉପକ୍ରାନ୍ତୀୟ ଶବ୍ଦ ଦ୍ୱୟର ଅର୍ଥ ଜାଣିପାରିବ । ଦୁଇଟି ସ୍ୱତନ୍ତ୍ର ସମାକ୍ଷରେଖା ଯଥା କର୍କଟକ୍ରାନ୍ତି ଓ ମକରକ୍ରାନ୍ତି ସହ ଏଗୁଡିକ ସମ୍ପର୍କିତ ।

ଜଳବାୟୁ ନିୟନ୍ତ୍ରଣକାରୀ କାରକ ବା ନିୟାମକ

କେଉଁ କାରଣରୁ ଜଳବାୟୁରେ ଭିନ୍ନତା ଦେଖାଯାଏ ? ଏଥିପାଇଁ ବିଭିନ୍ନ କାରଣ ଦାୟୀ । ତନ୍ମଧ୍ୟରୁ କେତେକ ଜାଗତିକ ସ୍ତରର ହୋଇଥିବାବେଳେ ଅନ୍ୟଗୁଡିକ ଆଞ୍ଚଳିକ ଏପରିକି ସ୍ଥାନୀୟ କାରଣରୁ ହୋଇଥାଏ । ଆସ କେତେକଙ୍କ ସମ୍ବନ୍ଧରେ ଅନୁଧ୍ୟାନ କରିବା ।


AP SCERT

a) ଅକ୍ଷାଂଶ

ଆସ ମନେ ପକାଇବା

ଷଷ୍ଠ ଶ୍ରେଣୀରେ ତୁମେ ଅକ୍ଷାଂଶ ବିଷୟରେ ପଢିଛ । ବିଷୁବ ରେଖାଠାରୁ କୌଣସି ସ୍ଥାନର ଦୂରତା ଆମେ ଅକ୍ଷାଂଶ ଦ୍ୱାରା ମାପିଥାଉ । ବିଷୁବରେଖାଠାରୁ କୌଣସି ସ୍ଥାନ ଯେତେଦୂରରେ (ଉତ୍ତରକୁ ବା ଦକ୍ଷିଣକୁ) ଥାଏ, ତାହାର ଅକ୍ଷାଂଶ ବୃଦ୍ଧି ପାଇଥାଏ । ଏକଥା ତୁମର ମନେ ଅଛି କି ? ବିଷୁବରେଖାଠାରେ ଜଳବାୟୁ ଅତି ଉଷ୍ଣ । ଅକ୍ଷାଂଶ ବୃଦ୍ଧି ପାଇବା ସହ ଏହା ନାତୀଶୀତୋଷ୍ଣ ଓ ପରେ ଅତି ଥଣ୍ଡା ବା ହିମ ଜଳବାୟୁରେ ପରିଣତ ହୋଇଥାଏ । ଏପରି କାହିଁକି ହୁଏ ?

ବିଷୁବରେଖା ନିକଟବର୍ତ୍ତୀ ନିମ୍ନ ଅକ୍ଷାଂଶ ଅଞ୍ଚଳର ଜଳବାୟୁ ଉଷ୍ଣ ଓ ମେରୁ ଅଞ୍ଚଳ (ଉଚ୍ଚ ଅକ୍ଷାଂଶ) ରେ ଏହା ଅଧିକ ଥଣ୍ଡା । ସୌର ରଶ୍ମୀର ପତନ କୋଣରେ ତାରତମ୍ୟ ଯୋଗୁଁ ଏପରି ହୋଇଥାଏ । ବିଷୁବ ରେଖାଠାରେ ଲମ୍ବକିରଣ ପଡିଥାଏ ଓ ଏହାର ସମସ୍ତ ଶକ୍ତି ଭୂପୃଷ୍ଠର ଅଳ୍ପ ଅଞ୍ଚଳରେ କେନ୍ଦ୍ରୀତ ହୋଇଥାଏ ।



ଚିତ୍ର 3.4 ସୌର ବିକିରଣ (ବାୟୁମଣ୍ଡଳ ବିଷୁବରେଖା ଠାରେ ସୌର ରଶ୍ମୀ କେନ୍ଦ୍ରୀଭୂତ ହୋଇଥାଏ । କିନ୍ତୁ ମେରୁ ନିକଟରେ ବିସ୍ତୁରିତ ଅଞ୍ଚଳରେ ବିଚ୍ଛୁରିତ ହୋଇଥାଏ)।

ମେରୁଅଞ୍ଚଳରେ ସୌରରଶ୍ମୀ ସମତଳ କିମ୍ବା ତୀର୍ଯ୍ୟକ ଭାବେ ପଡିଥାଏ । ଫଳତଃ ସୌର ରଶ୍ମୀ ଅଧିକ ଅଞ୍ଚଳରେ ବିଛାଡି ହୋଇ ପଡିଥାଏ । ତୀର୍ଯ୍ୟକ ରଶ୍ମୀ ବହୁବାଟ ଦେଇ ଆସୁଥିବାରୁ ଶକ୍ତି ଅପଚୟ ମଧ୍ୟ ଘଟିଥାଏ । ଫଳତଃ ମେରୁ ଅଞ୍ଚଳରେ ବିଷୁବ ଅଞ୍ଚଳ ଅପେକ୍ଷା କମ୍ ତାପ ସଂଗୃହୀତ ହୋଇଥାଏ । ଭାରତରେ ମଧ୍ୟ ଆମେ ଏହି ପ୍ରକାର ସ୍ଥିତି ଦେଖି ପାରିବା । ବିଷୁବରେଖା ନିକଟବର୍ତ୍ତୀ କନ୍ୟାକୁମାରୀ ଓ ନିକୋବର ଦ୍ୱୀପପୁଞ୍ଜରେ ବର୍ଷ ସାରା ଉଷ୍ଣ ବା ଗରମ ଜଳବାୟୁ ଅନୁଭୂତ ହୁଏ । ତେବେ ଉତ୍ତରରେ ଅବସ୍ଥିତ ଶ୍ରୀନଗରର ଜଳବାୟୁ ବେଶ୍ ଶୀତଳ ।

b) ସମୁଦ୍ର ପତ୍ତନରୁ ଉଚ୍ଚତା

ଆଗରୁ ଆମେ ଶୈଳନିବାସଗୁଡିକ ବିଷୟରେ ଆଲୋଚନା କରିଛେ । ସେଠାକାର ଶୀତଳ ଜଳବାୟୁ ଯୋଗୁଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ଭାରତରେ ମୁନ୍ନାର, ଥେନି, ଉଦ୍‌ଗାମଣ୍ଡଳମ୍ (ଉଟି), ମାଡିକେରୀ, ମହାବଳେଶ୍ୱର, ମାଉଣ୍ଟଆବୁ, ସିମଳା, ନୈନିତାଲ, ଦର୍ଜିଲିଂ, ତୱାଙ୍ଗ, ସିଲଙ୍ଗ, ଲାମ୍ବାସିଙ୍ଗି, ହର୍ସିଲି ହିଲସ୍ ଆଦି ଅନେକ ଶୈଳନିବାସ ରହିଛି । ଏହି ଶୈଳ ନିବାସଗୁଡିକ ନିମ୍ନସ୍ଥ ସମତଳ ଅଞ୍ଚଳଠାରୁ ଅପେକ୍ଷାକୃତ ଅଧିକ ଉଚ୍ଚରେ ଅବସ୍ଥିତ ବୋଲି ଆମେ ଜାଣିଛେ । ତେବେ, ସେ ସବୁସ୍ଥାନରେ ଶୀତଳ ତାପମାତ୍ରାକୁ ଏହାଦ୍ୱାରା କିପରି ବୁଝିହେବ ଏହାର ସମ୍ପୂର୍ଣ୍ଣ ଉତ୍ତର ତୁମେ ପରବର୍ତ୍ତୀ ସମୟରେ ବିଜ୍ଞାନ ପାଠରେ ପଢିବ ।

AP SCERT

ତେବେ ବର୍ତ୍ତମାନ ଆମେ ସରଳଭାବରେ କହିବାକୁ ଗଲେ, ଉଚ୍ଚତା ବୃଦ୍ଧି ସହ ତାପମାତ୍ରା ହ୍ରାସ ପାଇଥାଏ । କାରଣ :



ଚିତ୍ର *3. 5*

1. ଉଚ୍ଚତା ବୃଦ୍ଧି ସହ ବାୟୁଚାପ ତଥା ବାୟୁର ଘନତା ହ୍ରାସ ପାଇଥାଏ । (ଏହି ବିଷୟରେ ଆମେ ଆସ ପାଣିପାଗ କ'ଣ ବୁଝିବା ଏହି ଅଧ୍ୟାୟରେ ଆମେ ଜାଣିଛେ) ଏବଂ ବାୟୁର ଘନତା ହ୍ରାସ ପାଇବା ସହ ଏହା କ୍ରମଶଃ ଶୀତଳ ହୋଇଯାଏ ।

2. ଭୂପୃଷ୍ଠ ସୂର୍ଯ୍ୟଙ୍କ ଦ୍ୱାରା ଉତ୍ତପ୍ତ ହୋଇଥାଏ ଏବଂ ଏହି ତାପକୁ ବାୟୁମଣ୍ଡଳକୁ ଛାଡିଥାଏ । ଭୂପୃଷ୍ଠରୁ ଅଧିକ ଉଚ୍ଚରେ ଥିବା ସ୍ଥାନମାନଙ୍କରେ ବାୟୁ କମ୍ ଗରମ ହୋଇଥାଏ । ହିମାଳୟ ଏତେ ଉଚ୍ଚ ଯେ ଅଧିକାଂଶ ଶୃଙ୍ଗରେ ତାପମାତ୍ରା ହିମାଙ୍କ ତଳେ ରହିଥାଏ । ଫଳତଃ ଏଗୁଡିକ ବର୍ଷସାରା ତୁଷାରାଚ୍ଛନ୍ନ ରହିଥାନ୍ତି ।

ଆସ ଅନୁସନ୍ଧାନ କରିବା

ଉଦ୍‌ଗାମଣ୍ଡଳମ୍(ଉଟି) ଏବଂ କୋଇମ୍ବାଟୁର ସ୍ଥାନ ଦୁଇଟି ପ୍ରାୟ ସମାନ ଉଚ୍ଚତାରେ ଅବସ୍ଥିତ । ତେବେ ଉଟିଠାରେ ଗ୍ରୀଷ୍ମକାଳରେ ତାପମାତ୍ରାର ବ୍ୟବଧାନ **10–25°** ସେଲସିୟସ୍ ହୋଇଥିବାବେଳେ କୋଇମ୍ବାଟୁରରେ ଏହା **25–38°**ସେଲସିୟସ୍ । ଏହି ସ୍ଥାନ ଦୁଇଟି ମଧ୍ୟରେ ଏତେ ପରିମାଣରେ ତାପମାତ୍ରାରେ ପାର୍ଥକ୍ୟ ହୋଇଥାଏ କାହିଁକି ?


APSCERT

c) ସମୁଦ୍ର ନିକଟତା

ଉପକୂଳ ଅଞ୍ଚଳର ତାପମାତ୍ରାରେ ବିଶେଷ ପାର୍ଥକ୍ୟ ନ ଥାଏ । ଏହି ଅଞ୍ଚଳରେ ଗ୍ରୀଷ୍ମ କାଳ ଅଧିକ ଗରମ ଓ ଶୀତକାଳ ଅଧିକ ଥଣ୍ଡା ହୋଇନଥାଏ । କାରଣ ସମୁଦ୍ର ତାପମାତ୍ରାର ନିୟନ୍ତ୍ରକ ଭାବେ କାର୍ଯ୍ୟ କରେ । ପ୍ରଦତ୍ତଚିତ୍ର ଏହି ପ୍ରସଙ୍ଗ ସମ୍ବନ୍ଧରେ ଆଲୋକପାତ କରୁଛି । ତୁମ ବିଜ୍ଞାନ ବହିରେ ଉପକୂଳବର୍ତ୍ତୀ ଅଞ୍ଚଳର ଜଳ ଏବଂ ସ୍ଥଳଭାଗ କିପରି ଉଷ୍ଣ ଓ ଶୀତଳ ହେଉଛି ଆଲୋଚନା ବେଳେ, ଏହାକୁ ଅଧିକ ବୁଝାଯାଇଛି ।

ଫଳସ୍ୱରୂପ, ଉପକୂଳ ଅଞ୍ଚଳ ସମଶୀତୋଷ୍ଣ ରହେ । ସମୁଦ୍ରଠାରୁ ଦୂରରେ ଥିବା ଅଭ୍ୟନ୍ତର ଅଞ୍ଚଳ ଆଡକୁ ଗଲେ ଚରମ ତାପମାତ୍ରା ଅନୁଭୂତ ହୋଇଥାଏ । ଏହି ଅଞ୍ଚଳରେ ଗ୍ରୀଷ୍ମ କାଳରେ ତାପମାତ୍ରା ଅଧିକ ଓ ଶୀତକାଳରେ ତାପମାତ୍ରା କମ୍ ରହେ । ଉଦାହରଣ ସ୍ୱରୂପ ମୁମ୍ବାଇ ଏବଂ ନାଗପୁର ପ୍ରାୟ ସମଉଚ୍ଚତାରେ ଅବସ୍ଥିତ । ମାତ୍ର ମୁମ୍ବାଇ ସମୁଦ୍ର ନିକଟରେ ଥିବାରୁ ଏହା ଗ୍ରୀଷ୍ମ କାଳରେ ଅପେକ୍ଷାକୃତ ଶୀତଳ(ପ୍ରାୟ **32°C**) ଓ ଶୀତକାଳରେ ମୃଦୁ ଶୀତଳ (ପ୍ରାୟ **18°C**) ରହିଥାଏ । ମାତ୍ର ନାଗପୁର ସମୁଦ୍ରଠାରୁ ଦୂରରେ ଥିବାରୁ ଏଠାରେ ଗ୍ରୀଷ୍ମକାଳରେ ତାପମାତ୍ରା **44°C** ଏବଂ ଶୀତକାଳରେ ପ୍ରାୟ**10°C** ତାପମାତ୍ରା ଅନୁଭୂତ ହୋଇଥାଏ । ଏଥିରୁ ଜାଣିପାରୁଥିବ ମୁମ୍ବାଇର ତାପମାତ୍ରା ବ୍ୟବଧାନ(ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ପାର୍ଥକ୍ୟ)**14°C**ହୋଇଥିବାବେଳେ ନାଗପୁରଠାରେ ଏହା **34°C** ପର୍ଯ୍ୟନ୍ତ ପହଞ୍ଚିଯାଏ ।

ସମୁଦ୍ରଠାରୁ ଦୂରତା




ଚିତ୍ର *3. 6*

d) ପବନ

ପବନ ଶୀତଳ ଓ ଉଷ୍ଣ ବାୟୁ ରାଶିକୁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବୋହି ନେଇଥାଏ । ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଅଧିକାଂଶ ସମୟରେ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହୋଇଥାଏ । ଆରବ ଦେଶ ଓ ଆଫଗାନିସ୍ଥାନ ଅନ୍ତର୍ଗତ ମରୁଭୂମି ଉପରଦେଇ ପ୍ରବାହିତ ଏହି ବାୟୁ ଅତ୍ୟନ୍ତ ଶୁଷ୍କ ଓ ଉତ୍ତପ୍ତ । ମୁଖ୍ୟତଃ ଗ୍ରୀଷ୍ମ କାଳରେ ଏହି ରାଜ୍ୟ ଗୁଡିକରେ ପ୍ରଚଣ୍ଡ ଉଷ୍ଣ ଲହରୀ ପ୍ରବାହିତ ହୋଇଥାଏ । ଶୀତକାଳରେ ହିମାଳୟ ଅଞ୍ଚଳରୁ ଅତି ଶୀତଳ ବାୟୁ ସମତଳ ଅଞ୍ଚଳ ଆଡକୁ ପ୍ରବାହିତ ହୋଇଥାଏ ଫଳରେ ଶୀତ ଲହରୀ ଅନୁଭୂତ ହୁଏ ।

APSCERT

ପବନ କେବଳ ତାପମାତ୍ରା ନୁହେଁ ବରଂ ଆର୍ଦ୍ରତା ଓ ଅବପାତକୁ ପ୍ରଭାବିତ କରିଥାଏ । ହଜାର ହଜାର କିଲୋମିଟର ଦୂରରେ ଅବସ୍ଥିତ ମରୁଭୂମି ଉପର ଦେଇ ପ୍ରବାହିତ ଶୁଷ୍କ ବାୟୁ ବିଷୟରେ ଆମେ ପଢିଲେ । ସେହିପରି ସମୁଦ୍ର ଉପର ଦେଇ ପ୍ରବାହିତ ବାୟୁ ସ୍ଥଳଭାଗକୁ ଜଳୀୟ ବାଷ୍ପ ବହନ କରିଥାଏ ଏବଂ ବୃଷ୍ଟିପାତ ହେବାର ସମ୍ଭାବନା ଥାଏ । ଏ ବିଷୟରେ ଆମେ ଖୁବ୍ ଶୀଘ୍ର ମୌସୁମୀବାୟୁ ଅଧ୍ୟୟନରୁ ଜାଣିବା ।



ଚିତ୍ର 3.7

ଆସ ମନେ ପକାଇବା

ଷଷ୍ଠ ଶ୍ରେଣୀ ବିଜ୍ଞାନ ପୁସ୍ତକ ଜିଜ୍ଞାସାରେ ତୁମେ ଜଳଚକ୍ର ବିଷୟରେ ପଢିଛ। ସମୁଦ୍ର ତଥା ଭୂପୃଷ୍ଠରୁ ଜଳ ବାଷ୍ପ ଆକାରରେ ବାୟୁମଣ୍ଡଳକୁ ପ୍ରବେଶ କରେ ଏବଂ ବୃଷ୍ଟି, କୁଆପଥର ଓ ତୁଷାର ଆଦି ଆକାରରେ ଭୂପୃଷ୍ଠକୁ ଫେରିଆସେ .....”

ଭ-ଆକୃତି: କୌଣସି ଅଞ୍ଚଳର ଭୂ-ପୃଷ୍ଠର ସାମଗ୍ରିକ ପ୍ରାକୃତିକ ଗଠନକୁ ଭୂ-ଆକୃତି କୁହାଯାଏ । ଏଥିରେ ପାହାଡ, ପର୍ବତ, ଉପତ୍ୟକା ଢାଲୁ ତଥା ଉପକୂଳ ଆଦି ଭୂ-ରୂପ ରହିଥାଇପାରେ ।

e) ଭୂ-ଆକୃତି

ଶେଷରେ, କୌଣସି ଅଞ୍ଚଳର ନିୟନ୍ତ୍ରଣରେ ଭୂ-ଆକୃତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉଦାହରଣ ସ୍ୱରୂପ- କେନ୍ଦ୍ର ଏସିଆ ଅନ୍ତର୍ଗତ ଶୀତଳ ମରୁଭୂମିରୁ ବହୁଥିବା ପବନକୁ ହିମାଳୟ ଓ କାରାକୋରମ ପର୍ବତଶ୍ରେଣୀ ଭାରତୀୟ ଉପମହାଦେଶରେ ପ୍ରବେଶ କରିବାରେ ବାଧା ଦେଇଥାଏ । ଥର୍ ମରୁଭୂମିର ସମତଳ ଭୂମିରେ ପ୍ରବାହିତ ଥଣ୍ଡା ବା ଗରମ ପବନକୁ ବାଧା ଦେବାପାଇଁ କୌଣସି ପ୍ରତିବନ୍ଧକ ନଥାଏ । ଭାରତର ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଉପରେ ପଶ୍ଚିମଘାଟ ପର୍ବତର କି ଭୂମିକା ରହିଛି ଆମେ ଏହା ପରେ ପଢିବା ।

ଏସବୁକୁ ଏକାଠି କଲେ.....

କୌଣସି ଅଞ୍ଚଳର ଜଳବାୟୁ, ଆଲୋଚିତ ସମସ୍ତ ନିୟାମକଗୁଡିକ ଦ୍ୱାରା ସାମୂହିକ ଭାବେ ନିର୍ଦ୍ଧାରିତ ହୋଇଥାଏ । ଜଳବାୟୁ ବର୍ଣ୍ଣନାରେ ସେ ଅଞ୍ଚଳର ତିନି ଦଶନ୍ଧିରୁ ଅଧିକ ବର୍ଷ ଧରି ତାପମାତ୍ରା, ଅବପାତ(ବୃଷ୍ଟିପାତ,ତୁଷାରପାତ,କୁହୁଡି, ମିଷ୍ଟ ବା ପତଳା କୁହୁଡି ଆଦି) ଏବଂ ପବନର ଅବସ୍ଥା ଆଦି ଉପାଦାନ ଅନ୍ତର୍ଭୁକ୍ତ ହୋଇଥାଏ ।

AP SCERT

ଅତି କ୍ଷୁଦ୍ର ଅଞ୍ଚଳରେ ସ୍ଥାନୀୟ ଭାବେ ଅନୁଭୂତ ଜଳବାୟୁକୁ ସୂକ୍ଷ୍ମ ଜଳବାୟୁ(**microclimate**) କୁହାଯାଏ । ଏହି ଜଳବାୟୁ ଚତୁଃପାର୍ଶ୍ୱସ୍ଥ ଜଳବାୟୁ ଠାରୁ ଭିନ୍ନ ହୋଇଥାଏ ।



ଚିତ୍ର *3.8* ଆରାବଳୀ ଏବଂ ସହରୀ ତାପ ଦ୍ୱୀପପୁଞ୍ଜ

ଏଠାକାର ସୀମିତ ଅଞ୍ଚଳରେ ତାପମାତ୍ରା, ଆର୍ଦ୍ରତା ଅବପାତ ଆଦିର ସ୍ୱତନ୍ତ୍ର ଧାରା ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ, ଆବଦ୍ଧ ଉପତ୍ୟକା ଓ କେତେକ ଅରଣ୍ୟ ଗୁଡିକର ନିଜସ୍ୱ ସୂକ୍ଷ୍ମ ଜଳବାୟୁ ରହିଛି । ସେହିପରି ସହରୀ ତାପଦ୍ୱୀପ (**urban heat islands**) ର ଉଦାହରଣ ନିଆଯାଇପାରେ । ସହର ଗୁଡିକର ବାୟୁ ତାପମାତ୍ରା ଚତୁଃପାର୍ଶ୍ୱସ୍ଥ ଗ୍ରାମୀଣ ଅଞ୍ଚଳଠାରୁ ପ୍ରାୟତଃ ଅଧିକ ଉଷ୍ମ ରହେ । ସହରାଞ୍ଚଳରେ ବହୁସଂଖ୍ୟାରେ କୋଠାବାଡି ତଥା କଂକ୍ରିଟ୍‌ର ଅନ୍ୟାନ୍ୟ ନିର୍ମାଣ ସହ କମ୍ ଗଛଲତା ଦେଖାଯାଏ । ଏଗୁଡିକ ତାପ ଗ୍ରହଣ କରିଥାନ୍ତି ଓ ସହରକୁ ଅପେକ୍ଷାକୃତ ଉତ୍ତପ୍ତ ରଖିଥାନ୍ତି । ସୂକ୍ଷ୍ମ ଜଳବାୟୁ ସ୍ଥାନୀୟ ଉଦ୍ଭିଦ ଓ ପ୍ରାଣୀ, ଶସ୍ୟ ଉତ୍ପାଦନ ଓ ମାନବ ସ୍ୱାସ୍ଥ୍ୟ ଓ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପ୍ରଭାବିତ କରିଥାଏ ।

ମୌସୁମୀ ବାୟୁ ପ୍ରବାହ

ଭାରତରେ ବର୍ଷା ଋତୁ ହିଁ ଜୀବନ କୈନ୍ଦ୍ରିକ । ମୌସୁମୀ ବର୍ଷାରେ ନଦୀଗୁଡିକ ପୂରି ଉଠନ୍ତି, ମାଟି ଜଳରେ ଓଦାହୁଏ, ଶସ୍ୟ ଶ୍ୟାମଳା ବୃଦ୍ଧି ହୁଏ ଓ ଜୀବନ ସହଜ ହୁଏ । ନିର୍ଦ୍ଦିଷ୍ଟ ଭାବେ କହିଲେ "ମୌସୁମୀ" ଶବ୍ଦଟି ଆରବ ଶବ୍ଦ "ମୌସମ୍" ରୁ ଆସିଛି ଏହା ଅର୍ଥ ଋତୁ । ଅଷ୍ଟ୍ରେଲିଆ, ଆଫ୍ରିକା, ଦକ୍ଷିଣ ଏସିଆ ସମେତ ଭାରତ ମହାସାଗର ଓ ଚତୁଃପାର୍ଶ୍ୱସ୍ଥ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରବାହିତ ଋତୁକାଳୀନ ବାୟୁକୁ ଏହା ବୁଝାଇଥାଏ ।

ମୌସୁମୀ ବାୟୁର ଏକ ବାର୍ଷିକ ଢାଞ୍ଚା ରହିଛି । ଏହାର ସୃଷ୍ଟି ପ୍ରକ୍ରିୟା ଜଟିଳ । କିନ୍ତୁ ସ୍ଥଳଭାଗ ଜଳଭାଗ ତୁଳନାରେ ଶୀଘ୍ର ଉତ୍ତପ୍ତ ଓ ଶୀତଳ ହେବା ସରଳ ତଥ୍ୟ ଉପରେ ଏହା ପର୍ଯ୍ୟବେସିତ । ମୌସୁମୀ ବାୟୁ ସହ ତାପମାତ୍ରା, ବାୟୁ ଚାପ ଓ ପବନର ଗତିଶୀଳତା ମଧ୍ୟରେ ମୌଳିକ ସମ୍ପର୍କ ଏହା ଦର୍ଶାଇଥାଏ ।

ସରଳରେ କହିଲେ ଗ୍ରୀଷ୍ମଋତୁରେ ଏସିଆର ସ୍ଥଳଭାଗ ବହୁତ ଗରମ ହୋଇଯାଏ ଏବଂ ଏହା ଉପରେ ଏକ ତୀବ୍ର ଲଘୁଚାପ ଅଞ୍ଚଳ ସୃଷ୍ଟି ହୋଇଥାଏ । ଏହି ସମୟରେ ସମୁଦ୍ର ଶୀତଳ ଥାଏ ଓ ସେଠାରେ ଗୁରୁଚାପ ସୃଷ୍ଟି ହୋଇଥାଏ । ବାୟୁ ସର୍ବଦା ଗୁରୁଚାପ ଅଞ୍ଚଳରୁ ଲଘୁଚାପ ଅଞ୍ଚଳକୁ ପ୍ରବାହିତ ହୋଇଥାଏ । ଏହି କାରଣରୁ ସମୁଦ୍ର ଉପରିସ୍ଥ ଗୁରୁଚାପ ଅଞ୍ଚଳରୁ ସ୍ଥଳଭାଗସ୍ଥ ଲଘୁଚାପ ଅଞ୍ଚଳ ଆଡକୁ ବାୟୁ ପ୍ରବାହିତ ହୋଇଥାଏ । ସମୁଦ୍ର ଉପରୁ ଆସୁଥିବା ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ଏହା ଉଷ୍ମ ସ୍ଥଳଭାଗ ଉପରେ ଘନୀଭୂତ ହୁଏ ଓ ପ୍ରଚୁର ମୌସୁମୀବାୟୁ ହୋଇଥାଏ ।(ସେଥିପାଇଁ ମୌସୁମୀ କହିଲେ ସାଧାରଣତଃ ପବନ ପରିବର୍ତ୍ତେ ଋତୁକାଳୀନ ବୃଷ୍ଟିପାତକୁ ବୁଝାଏ ।

AP SCERT

a. ଗ୍ରୀଷ୍ମଋତୁ



b. ଶୀତଋତୁ



ଚିତ୍ର 3.9

ଶୀତଦିନେ ପରିସ୍ଥିତି ଓଲଟିଯାଏ । ସେତେବେଳେ ସ୍ଥଳଭାଗ ଜଳଭାଗ ଅପେକ୍ଷା ଶୀଘ୍ର ଶୀତଳ ହୋଇଯାଏ । ଏହି ସମୟରେ ସ୍ଥଳଭାଗ ଉପରେ ଗୁରୁଚାପ ଏବଂ ଅପେକ୍ଷାକୃତ ଉଷ୍ମ ଜଳଭାଗ ଉପରେ ଲଘୁଚାପ ସୃଷ୍ଟି ହୁଏ । ଫଳତଃ ଏହାଯୋଗୁଁ ପବନ ଠିକ୍ ବିପରୀତ ଦିଗରୁ ଅର୍ଥାତ୍ ସ୍ଥଳଭାଗରୁ ଜଳଭାଗ ଆଡକୁ ବହିଥାଏ । ସ୍ଥଳଭାଗସ୍ଥ ବାୟୁରେ ଜଳୀୟ ବାଷ୍ପ କମ୍ ଥିବାରୁ ଶୀତକାଳରେ ଏସିଆରେ ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହେ ।

ଭାରତ କଥା ବିଚାରକୁ ନେଲେ ମୌସୁମୀ ବର୍ଷା ଜୁନ୍ ମାସର ପ୍ରାରମ୍ଭରେ ଭାରତର ଦକ୍ଷିଣ ପ୍ରାନ୍ତରେ ହୋଇଥାଏ । କ୍ରମଶଃ ଏହା ଉତ୍ତରକୁ ଗତି କରି କିଛି ସପ୍ତାହ ମଧ୍ୟରେ ଜୁଲାଇ ମଧ୍ୟ ଭାଗ ସୁଦ୍ଧା ସମଗ୍ର ଉପମହାଦେଶକୁ ବ୍ୟାପି ଯାଇଥାଏ । ତେବେ ମୌସୁମୀ ଅଗ୍ରଗତିରେ ଧାରାବାହିକତା ନଥାଏ । ପଶ୍ଚିମଘାଟ ପର୍ବତମାଳା(ଭୂ-ଆକୃତିକୁ ସଂକ୍ଷିପ୍ତ ଆଲୋଚନାରେ ଏ ବିଷୟ ମନେପକାଅ) ଏକ ପ୍ରାକୃତିକ ପ୍ରତିବନ୍ଧକ ରୂପେ ମୌସୁମୀ ବାୟୁକୁ ବାଧା ଦେଇଥାଏ । ଏଥିପାଇଁ ଏହାର ପଶ୍ଚିମ ଢାଲୁ ଅଞ୍ଚଳରେ ଅଧିକ ବୃଷ୍ଟିପାତ ହୋଇଥାଏ । ସାଧାରଣତଃ ଏହାକୁ ଗ୍ରୀଷ୍ମକାଳୀନ ବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କୁହାଯାଏ । (ଏଠାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ଦିଗକୁ ସୂଚାଇଛି)


ଶୀତଋତୁ ଆଗମନରେ, ପବନ ଓଲଟା ଭାବେ ଅର୍ଥାତ୍ ସ୍ଥଳ ଭାଗରୁ ଜଳଭାଗକୁ ପ୍ରବାହିତ ହୁଏ ବୋଲି ପଢିଛେ । ଏହି ବାୟୁ ଶୁଷ୍କ । ଏହାରି ପ୍ରଭାବରେ ଦକ୍ଷିଣ ଭାରତର ପାଗ ଶୀତଳ ରହେ । ଏହି ବାୟୁର କିଛି ଅଂଶ ବଙ୍ଗୋପସାଗର ଉପରଦେଇ ଗତି କଲାବେଳେ ଜଳୀୟ ବାଷ୍ପ ସଂଗ୍ରହ କରେ ଓ ପୂର୍ବ ଏବଂ ଦକ୍ଷିଣ ଭାରତର କିଛି ସ୍ଥାନରେ ବର୍ଷା କରାଏ । ଏହାକୁ ଉତ୍ତର-ପୂର୍ବ ମୌସୁମୀବାୟୁ କୁହାଯାଏ ।

ମନେ ରଖ

→ ମେଘାଳୟରେ ଅବସ୍ଥିତ ମାଓସିନ୍‌ରାମ ପୃଥିବୀର ବୃଷ୍ଟିବହୁଳ ଅଞ୍ଚଳ । ଏଠାରେ ବାର୍ଷିକ ହାରାହାରି ପ୍ରାୟ 11,000 ମିଲିମିଟର (ଯାହା 11 ମିଟର ସହ ସମାନ) ବୃଷ୍ଟିପାତ ହୋଇଥାଏ ।

→ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ବ୍ୟବହୃତ ଅନେକ ରାଗ ମୌସୁମୀରୁ ପ୍ରେରଣା ପାଇଛି । ମେଘମଲ୍ଲାର ଓ ଅମୃତବର୍ଷିଣୀ ଭଳି ରାଗ ଦ୍ୱୟକୁ ଉଦାହରଣ ଭାବେ ନିଆଯାଇପାରେ ।

APSCERT



ଚିତ୍ର 3.10

ଆସ ଅନୁସନ୍ଧାନ କରିବା

ମୌସୁମୀ ବର୍ଷାର ପୂର୍ବାନୁମାନ କରିବାର କ୍ଷମତା ଭାରତରେ ଜୀବନଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିବାରୁ ଆମର ପୂର୍ବପୁରୁଷମାନେ ଚତୁଃପାର୍ଶ୍ୱର ପ୍ରକୃତିକୁ ଯତ୍ନ ସହକାରେ ନିରୀକ୍ଷଣ କରୁଥିଲେ । ସେମାନେ ନିଜସ୍ୱ ଅଭିଜ୍ଞତା ଆଧାରରେ ସ୍ଥାନୀୟ ପାରମ୍ପରିକ ଜ୍ଞାନ ବିକଶିତ କରିଛନ୍ତି । ଏହି ପାରମ୍ପରିକ ଜ୍ଞାନ ଆମର ଐତିହ୍ୟ, ଏହାକୁ ସବୁ ପ୍ରକାରେ ସଂରକ୍ଷିତ ରଖିବା ଆବଶ୍ୟକ । ଉଦାହରଣ ସ୍ୱରୂପ, କୋଙ୍କଣ ଉପକୂଳରେ ଧୀବରମାନେ ମାଛମାନଙ୍କ ବ୍ୟବହାରରୁ ମୌସୁମୀ ବାୟୁର ଆଗମନ ବିଷୟରେ ଜାଣିଥାନ୍ତି । ସାଧାରଣତଃ ମୌସୁମୀ ପ୍ରବାହ ପୂର୍ବରୁ ଗଭୀର ଜଳରେ ଥିବା ମାଛମାନେ ଜଳପୃଷ୍ଠକୁ ଚାଲି ଆସିଥାନ୍ତି । ଦକ୍ଷିଣ ଭାରତରେ ସୁନାରୀ ଗଛ(କାଶିଆ ଫିସ୍ତୁଲା)ରେ ଫୁଲ ଧରିଲେ ପଚାଶ ଦିନ ମଧ୍ୟରେ ମୌସୁମୀ ଆସିବ ବୋଲି କୁହାଯାଏ । କେତେକ ସଂପ୍ରଦାୟ ବିଶ୍ୱାସ କରନ୍ତି ଯେ କାଉମାନେ ଗଛର ଉପର ଅଂଶରେ ବସା ବାନ୍ଧିଲେ ସ୍ୱଳ୍প ବୃଷ୍ଟି ହୋଇଥାଏ । ପ୍ରକାରାନ୍ତରେ ବସାଗୁଡିକ ଅଳ୍ପ ଉଚ୍ଚରେ ଥିଲେ ପ୍ରବଳ ବର୍ଷାହେବାର ସୂଚନା ଦେଇଥାଏ । ତୁମ ଅଞ୍ଚଳରେ ବର୍ଷା, କୁହୁଡି, ତୁଷାରପାତ ଓ କୁଆପଥର ବୃଷ୍ଟିଭଳି ଘଟଣା ସବୁର ପୂର୍ବାନୁମାନ ପାଇଁ ବ୍ୟବହୃତ ସ୍ଥାନୀୟ ଜ୍ଞାନର ଏକ ତାଲିକା ପ୍ରସ୍ତୁତ କର ।

ଜଳବାୟୁ ଓ ଜନଜୀବନ

ଆମ ଜୀବନ ଜଳବାୟୁ ସହ ଘନିଷ୍ଠ ଭାବେ ଜଡିତ ଓ ଏହା ଉପରେ ନିର୍ଭରଶୀଳ । ସ୍ଥାନୀୟ ସଂସ୍କୃତି ତଥା ଚାଲିଚଳଣୀରେ ଜଳବାୟୁର ପ୍ରଭାବ ଦେଖାଯାଇଥାଏ । ଭାରତର ବହୁ ପର୍ବପର୍ବାଣୀ ଗୁଡିକ ଋତୁ ଓ କୃଷି କାର୍ଯ୍ୟକଳାପ ଭିତ୍ତିକ ।

ଆସ ଅନୁସନ୍ଧାନ କରିବା

ତୁମେ ତୁମ ଜେଜେବାପା ଜେଜେମା ଅଥବା ପଡୋଶୀରେ ରହୁଥିବା ବୟସ୍କ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କର । ସେମାନଙ୍କୁ ସେମାନଙ୍କ ପିଲାଦିନ ଏବଂ ଯୁବାବସ୍ଥାରେ, ବିଶେଷକରି କୃଷି ଓ ବର୍ଷାସହିତ ଜଡିତ ମନେରଖିଥିବା ବିଭିନ୍ନ ପାରମ୍ପରିକ ପର୍ବ ଓ ନୃତ୍ୟ ବିଷୟରେ ପଚାରି ବୁଝ । ସେମାନେ କେଉଁ ସବୁ ରୀତିନୀତିରେ ଅଂଶଗ୍ରହଣ କରୁଥିଲେ ତୁମେ ସାଙ୍ଗ ସହ ମିଶି ଏକ ପାରମ୍ପରିକ ସାଂସ୍କୃତିକ ଉତ୍ସବର ଆୟୋଜନ କର ।

AP SCERT

ବୟସ୍କମାନେ କହିଥିବା କିଛି ନାଚ, ଗୀତ ଓ କାର୍ଯ୍ୟକ୍ରମ ଆଦି ପ୍ରଦର୍ଶନ କର । ଏହା ଏକ ନୃତ୍ୟ, ଫସଲ ଅମଳ ପର୍ବ କିମ୍ବା ବର୍ଷାପାଇଁ ଇନ୍ଦ୍ରଦେବତାଙ୍କୁ ପୂଜା କରିବା ଭଳି ଛୋଟିଆ ଗଳ୍ପ ହୋଇପାରେ । ଏସବୁ ପରମ୍ପରାକୁ ତୁମ ଶ୍ରେଣୀ ସାଥୀମାନଙ୍କୁ ଜୀବନ୍ତ କରିବାକୁ ଚେଷ୍ଟା କର ।

ଜଳବାୟୁ ଅର୍ଥନୀତି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ଉଦାହରଣ ସ୍ୱରୂପ ମୌସୁମୀ ବିଫଳତା ଶବ୍ଦଟି ତୁମେ ଶୁଣି ଥାଇପାର । ଏହା ମୌସୁମୀ ଜନିତ ସ୍ୱଳ୍প ବୃଷ୍ଟିର ସୂଚନା ଦିଏ । ଏପରି ସ୍ଥିତିରେ କୃଷି କ୍ଷତିଗ୍ରସ୍ତ ହୁଏ । ବିଶେଷତଃ ସ୍ତ୍ରୀଲୋକମାନଙ୍କୁ ପାନୀୟ ଜଳ ପାଇଁ ବହୁ ଦୂରକୁ ଯିବାକୁ ପଡିଥାଏ ।



PROOF



କୃଷି ଶ୍ରମିକମାନେ କାମ ପାଇଁ ସହରମୁହାଁ ହୋଇଥାନ୍ତି, ଖାଦ୍ୟ ସାମଗ୍ରୀ(ବିଭିନ୍ନ ଶସ୍ୟ, ପନିପରିବା ଫଳାଦି) ମହଙ୍ଗା ହୁଏ । ଯାହା ମୁଦ୍ରାସ୍ଫୀତି ବୃଦ୍ଧିରେ ସହାୟକ ହୋଇଥାଏ । ଶିଳ୍ପ କାର୍ଯ୍ୟକଳାପ ମଧ୍ୟ ପୂର୍ବାନୁମାନିତ ପାଣିପାଗ ଓ ଜଳର ସୁଲଭତା ଉପରେ ନିର୍ଭରଶୀଳ । ସମଗ୍ର ପୃଥିବୀରେ ଜଳବାୟୁ ଓ ସାମାଜିକ ଅର୍ଥନୈତିକ ଅବସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ଆମେ ସହଜରେ ଅନୁମାନ କରିପାରିବା । ଜଳବାୟୁ ଜନିତ ବିପର୍ଯ୍ୟୟ ସଂଗଠିତ ହେଲେ ଏ ପ୍ରକାର ସ୍ଥିତି ବିଶେଷ ଭାବେ ବିଗିଡି ଯାଇଥାଏ ।

ଜଳବାୟୁ ଓ ବିପର୍ଯ୍ୟୟ

ଭାରତରେ ଅନୁଭୂତ ବିବିଧତା ପୂର୍ଣ୍ଣ ପାଣିପାଗରେ ଚରମ ପରିସ୍ଥିତି ଜନିତ ବାତ୍ୟା, ବନ୍ୟା, ଭୂ–ସ୍ଖଳନ ଓ ଅନ୍ୟାନ୍ୟ ଜଳବାୟୁ ଜନିତ ବିପର୍ଯ୍ୟୟ ଘଟିଥାଏ । ଏସବୁ ବିପର୍ଯ୍ୟୟ ଜନଜୀବନକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ କୃଷି ହାନୀ, ସଂରଚନା ଜନିତ କ୍ଷତି ଓ ସ୍ଥାନୀୟ ଅର୍ଥନୀତିକୁ ଅବ୍ୟବସ୍ଥିତ କରିଥାଏ ।

a) ବାତ୍ୟା

ପ୍ରତିବର୍ଷ ଭାରତର ଉପକୂଳ ମୁଖ୍ୟତଃ ପୂର୍ବ ଉପକୂଳ ଅନେକଗୁଡିଏ ବାତ୍ୟାର ସମ୍ମୁଖୀନ ହୋଇଥାଏ । ବିଗତ ବର୍ଷମାନଙ୍କରେ କେତେକ ବାତ୍ୟା ଅତି ବିଧ୍ୱଂସକାରୀ ହୋଇଛନ୍ତି । ଏହା ଯୋଗୁଁ ଅନେକ ମାନବ ଓ ପ୍ରାଣୀଙ୍କ ଜୀବନ ହାନୀ ସହ ବହୁ ସମ୍ପତ୍ତି ନଷ୍ଟ ହୋଇଛି । ଅନେକ ବଡବଡ ଗଛ ଉପୁଡି ପଡିବା ସହ ମୃତ୍ତିକା କ୍ଷୟ ମଧ୍ୟ ଘଟିଛି । ଭାରତ ପାଣିପାଗ ବିଭାଗ (IMD) ଆସୁଥିବା ଝଡବାତ୍ୟାଗୁଡିକୁ ଅନୁସରଣ କରିଥାନ୍ତି ଏବଂ ସେଗୁଡିକର ସୃଷ୍ଟି, ବିବର୍ତ୍ତନ ଓ ସ୍ଥଳଭାଗକୁ ଛୁଇଁବା ସ୍ଥାନ ଆଦି ସମ୍ବନ୍ଧରେ ପୂର୍ବ ସୂଚନା ପ୍ରଦାନ କରିଥାନ୍ତି ।

ମନେ ରଖ

ସ୍ୱତନ୍ତ୍ରଭାବେ ପ୍ରଶିକ୍ଷିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (NDRF) ଭାରତରେ ବିଭିନ୍ନ ପ୍ରାନ୍ତରେ ହେଉଥିବା ପ୍ରାକୃତିକ ତଥା ମାନବୀୟ ବିପର୍ଯ୍ୟୟ ବେଳେ ଧନଜୀବନ ରକ୍ଷା କରିଥାନ୍ତି । NDRFର ବାଟାଲିୟାନ ଭାରତରେ 12 ଗୋଟି ସ୍ଥାନରେ ରହିଛି । ବାତ୍ୟା, ଭୂ–ସ୍ଖଳନ, ବନ୍ୟା ସମୟରେ ଏହି ଆପଦକାଳୀନ ବଳ , ଉଦ୍ଧାର ଓ ଅପସାରଣ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।



ଚିତ୍ର 3.12

AP SCERT

ବାତ୍ୟା କିପରି ସଂଗଠିତ ହୁଏ ? ଆମେ ପୂର୍ବରୁ ଆଲୋଚନା କରୁଥିଲେ ଯେ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅପେକ୍ଷା ବାୟୁର ଚାପ କମ୍ ଯୋଗୁଁ ଏଠାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୁଏ । ଚତୁଃପାର୍ଶ୍ୱ ବାୟୁ ଏହି ଲଘୁଚାପ ଅଞ୍ଚଳକୁ ଆକର୍ଷିତ ହୋଇଆସେ । ସମୁଦ୍ର ଉପର ଦେଇ ଆସୁଥିବା ବାୟୁ ଜଳୀୟ ବାଷ୍ପ ଗ୍ରହଣ କରି ବୃଷ୍ଟି କରେ । ଯେତେବେଳେ ଲଘୁଚାପ ତୀବ୍ର ହୁଏ ତାହା ଅବପାତରେ ପରିଣତ ହୋଇଥାଏ ଓ ଏହାର ପ୍ରଭାବରେ ପ୍ରବଳ ବେଗରେ ପବନ ସହ ପ୍ରଚୁର ବୃଷ୍ଟିପାତ ହୋଇଥାଏ । ଏହା ବାତ୍ୟା ସୃଷ୍ଟିରେ ସହାୟକ ହୋଇଥାଏ ।


ଅବପାତ ବା ବାତ୍ୟା କେନ୍ଦ୍ର ଆଡକୁ ପ୍ରବାହିତ ବାୟୁ ଘୂରି ଘୂରି ଉପରକୁ ଉଠିଯାଏ । ଏଥିରେ ଥିବା ଜଳୀୟ ବାଷ୍ପ ଘନୀଭୂତ ହୋଇ ମେଘ ସୃଷ୍ଟି ହୁଏ । ଏହାର କେନ୍ଦ୍ରାଂଶକୁ ବାତାବର୍ତ୍ତର ଚକ୍ଷୁ ବୋଲି କୁହାଯାଏ ।

ଏହା ବିଷୟରେ ଚିନ୍ତା କର

ମେଘ କଣ ? ଆକାଶରେ ମେଞ୍ଚା ମେଞ୍ଚା ହୋଇ ଯାହା ଦେଖାଯାଉଛି, ତାକୁ ତୁମେ ମେଘ କହିପାର । କିନ୍ତୁ ସେଗୁଡିକ କେଉଁଥିରେ ତିଆରି ? ଏହାର ସରଳ ଉତ୍ତର ହେଲା– ଜଳ । ତେବେ ମେଘ କେବଳ ଜଳରେ ତିଆରି ନୁହେଁ । ଏଥିରେ ଜଳକଣା, ବରଫ କଣିକା, ଧୂଳିକଣାର ମିଶ୍ରଣ ରହିଥାଏ ଏବଂ ଏଗୁଡିକ ବାୟୁମଣ୍ଡଳରେ ଭାସି ବୁଲୁଥାନ୍ତି ।



ଚିତ୍ର 3.13 ଫନି ବାତ୍ୟା



ଚିତ୍ର 3.14 ବାତ୍ୟାର ଆଖି

b) ବନ୍ୟା

ସାଧାରଣ ଭାବେ ଶୁଷ୍କ ରହୁଥିବା ଭୂମି ଜଳମଗ୍ନ ହେଲେ ବନ୍ୟା ହୋଇଥାଏ । କୌଣସି ଅଞ୍ଚଳରେ ଅତ୍ୟଧିକ ବୃଷ୍ଟିପାତ ହେଲେ, ଏହା ଜଳଧାରା ଆକାରରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗେ । କାରଣ ଭୂମି ବର୍ଷାଜଳକୁ ବେଶୀ ଶୋଷି ପାରେ ନାହିଁ । ପ୍ରବାହିତ ଜଳଧାରା ନଦୀ ଓ ହ୍ରଦରେ ମିଶେ ଓ କ୍ରମେ ଏଗୁଡିକ ଉଛୁଳି ପଡନ୍ତି କିମ୍ବା ବନ୍ଧ ଭାଙ୍ଗିଯାଏ । ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ବର୍ଷା ଋତୁରେ ବାରମ୍ବାର ବନ୍ୟା ହୋଇଥାଏ । ଉତ୍ତର ପ୍ରଦେଶ, ବିହାର, କେରଳ, ଆନ୍ଧ୍ର ପ୍ରଦେଶ ଓ ଆସାମ ଆଦି ରାଜ୍ୟଗୁଡିକ ବିଶେଷଭାବେ ବନ୍ୟା ପ୍ରବଣ ।

ଆସ ଅନୁସନ୍ଧାନ କରିବା

ତୁମେ ବନ୍ୟା ଦେଖିଛ କି ? ନା ଖାଲି ପଢିଛ ? ଭାରତର ଭୌତିକ ମାନଚିତ୍ରକୁ ଲକ୍ଷ୍ୟ କର । ତୁମେମାନେ ଦୁଇ ଜଣିଆ ଦଳ ଗଠନ କରି ଉପରେ ଦିଆ ଯାଇଥିବା ରାଜ୍ୟଗୁଡିକରେ ବାରମ୍ବାର ବନ୍ୟା ହେବାର କାରଣ ଖୋଜି ବାହାର କର ।

AP SCERT

ପ୍ରକାରାନ୍ତରେ ହିମାଳୟ ଅଞ୍ଚଳରେ ହିମବାହ ସୃଷ୍ଟି ହ୍ରଦଗୁଡିକ ଜଳପୂର୍ଣ୍ଣ ହେଲେ ତାହା ଉଛୁଳି ପଡେ । ଏହି ହ୍ରଦଗୁଡିକ ଶିଳା ଏବଂ ବରଫର ବନ୍ଧକ ଦ୍ୱାରା ଜଳ ଧରି ରଖନ୍ତି । ବରଫ ତରଳିବା ଯୋଗୁଁ ଏଠାରେ ଜଳ ଥାଏ । ବରଫ ଅତିଶୀଘ୍ର ତରଳିବା କାରଣରୁ (ଆଜିକାଲି ଏହିଭଳି ଘଟଣା ଅଧିକ ଘଟୁଛି) କିମ୍ବା ପ୍ରଚୁର ବୃଷ୍ଟିପାତ ହେଲେ ଚାପ ବୃଦ୍ଧି ପାଏ । ଶିଳା ଓ ବରଫର ବନ୍ଧ ଭାଙ୍ଗିଯାଏ । ଏହାକୁ "ହିମ ବିସ୍ଫୋଟ" କୁହାଯାଏ ଓ ଏହାଯୋଗୁଁ ଧନଜୀବନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ ।



ଚିତ୍ର 3.15

ମନେ ରଖ

2013 ମସିହାରେ ଉତ୍ତରାଖଣ୍ଡରେ ଅନେକ ଦିନ ଧରି ଲଗାତର ପ୍ରବଳ ବର୍ଷା ହେବା ଯାଗୁଁ ହିମ ବିସ୍ଫୋଟ ହୋଇଥିଲା । ପରେ ପରେ ଅନେକଗୁଡିଏ ଭୂ-ସ୍ଖଳନ ହେଲା । ଭାରତର ଏକ ପବିତ୍ର ତୀର୍ଥସ୍ଥଳୀ କେଦାରନାଥ ମନ୍ଦିର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଥିଲା । ବନ୍ୟାରେ ଅନେକଗୁଡିଏ ଗ୍ରାମ ସହ ବହୁ ରାସ୍ତା ଓ ପୋଲ ଧୋଇ ହୋଇ ଯାଇଥିଲା । ସର୍ବମୋଟ୍ ପ୍ରାୟ 6,000 ଲୋକଙ୍କ ଜୀବନ ହାନୀ ଘଟିଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ତୀର୍ଥଯାତ୍ରୀ ଥିଲେ ।

© SCERT

ପ୍ରବଳ ବୃଷ୍ଟିପାତ ହେଲେ ଅଧିକାଂଶ ସହରରେ ବନ୍ୟା ଅନୁଭୂତ ହୋଇଥାଏ । କେତେକ କ୍ଷେତ୍ରରେ ସହରର ଚାପଗ୍ରସ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏଥିପାଇଁ ଦାୟୀ । ଅନ୍ୟ କେତେକ କ୍ଷେତ୍ରରେ ଜଳବାହୀ ନାଳ ଉପରେ ଅବ୍ୟବସ୍ଥିତ ନିର୍ମାଣ ଜନୀତ ବାଧାଯୋଗୁଁ ପାଣି ଜମି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ସହରର ଅଧିକାଂଶ ଭୂମି କଂକ୍ରିଟ ବା ପିଚୁରେ ତିଆରି ହୋଇଥିବାରୁ ତାହା ଜଳ ଶୋଷିପାରେ ନାହିଁ ।

c) ଭୂ–ସ୍ଖଳନ

ପ୍ରବଳ ବର୍ଷା, ଭୂମିକମ୍ପ କିମ୍ବା ଅଗ୍ନି ଉଦ୍‌ଗୀରଣ ଜନିତ କାରଣ ଯୋଗୁଁ ଶିଳା, ମୃତ୍ତିକା ତଥା ଅସଂଲଗ୍ନ ଶିଳା ସମୂହ ହଠାତ୍ ଉପରୁ ତଳକୁ ଖସିବାକୁ ଭୂ–ସ୍ଖଳନ କୁହାଯାଏ । ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ. ସିକିମ୍ ଏବଂ ଅରୁଣାଚଳ ପ୍ରଦେଶ ତଥା ପଶ୍ଚିମଘାଟ ଓ ଅନ୍ୟାନ୍ୟ ପାହାଡିଆ ଅଞ୍ଚଳରେ ସାଧାରଣଭାବେ ଭୂ–ସ୍ଖଳନ ଘଟିଥାଏ । ମୁଖ୍ୟତଃ ମୌସୁମୀ ପ୍ରବାହ ସମୟରେ ହିଁ ଏହି ଘଟଣାମାନ ଘଟିଥାଏ ।

ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏସବୁ ଅଞ୍ଚଳରେ ଭୂ–ସ୍ଖଳନ ହେବାର ସମ୍ଭାବନା ବୃଦ୍ଧି ପାଇଛି । ମୁଖ୍ୟତଃ ଜଙ୍ଗଲକ୍ଷୟ, ଅଣଅନୁମୋଦିତ ରାସ୍ତାଘାଟ ନିର୍ମାଣ ଓ ପ୍ରାକୃତିକ ଜଳପ୍ରବାହକୁ ପ୍ରତିରୋଧକାରୀ ଅତ୍ୟଧିକ ଗୃହନିର୍ମାଣ ଯୋଗୁଁ ଉପୁଜିଥାଏ ।

d) ବନାଗ୍ନି

ବଣ ଜଙ୍ଗଲରେ ଅଣାୟତଭାବେ ଜୋରରେ ବ୍ୟାପୁଥିବା ନିଆଁକୁ ବନାଗ୍ନି କୁହାଯାଏ । ଶୁଷ୍କ ଜଳବାୟୁ ଜନିତ ପରିସ୍ଥିତି, ମରୁଡି, ବେଗଶାଳୀ ପବନ ଏହି ବନାଗ୍ନି ବ୍ୟାପିବାରେ ଇନ୍ଧନ ଯୋଗାଇଥାଏ । ମଣିଷର ଅସାବଧାନତା ଏହାର ଅନ୍ୟ ଏକ ପ୍ରମୁଖ କାରଣ । ଅଧିକ ଜଙ୍ଗଲ ଓ ତୃଣଭୂମି ବିଶିଷ୍ଟ ରାଜ୍ୟ ଯଥା : ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ ତଥା ପଶ୍ଚିମଘାଟ ଭଳି ପାର୍ବତ୍ୟାଞ୍ଚଳ ଗୁଡିକରେ ସାଧାରଣତଃ ବନାଗ୍ନି ଦେଖାଯାଏ । ବିସ୍ତୀର୍ଣ୍ଣ ଅଞ୍ଚଳରେ ଜଙ୍ଗଲ କ୍ଷୟ ସହ ବନାଗ୍ନି ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇଥାଏ । ପରିବେଶର ଅବକ୍ଷୟ ଘଟେ, ବାୟୁର ଗୁଣବତ୍ତା ନଷ୍ଟ ହୁଏ ଓ ସ୍ଥାନୀୟ ଅଧିବାସୀମାନେ ବିସ୍ଥାପିତ ହୋଇଥାନ୍ତି । ଫଳତଃ ଏହା ଯୋଗୁଁ ଉଭୟ ପାରିବେଶିକ ଓ ଆର୍ଥିକ ପ୍ରଭାବ ପଡିଥାଏ ।

AP SCERT



ଆସ ଅନୁସନ୍ଧାନ କରିବା



→ ଚିତ୍ର 3.15 କୁ ଲକ୍ଷ୍ୟକର ଓ ବୃକ୍ଷଲତା, ଜୀବଜନ୍ତୁ, ମନୁଷ୍ୟ ଓ ସେମାନଙ୍କ ଆର୍ଥନୀତିକ ଜୀବନ ଉପରେ ଏଗୁଡିକର କି ପ୍ରଭାବ ବର୍ଣ୍ଣନା କର ।

→ ଶ୍ରେଣୀରେ ଚାରି ବା ପାଞ୍ଚ ଜଣିଆ ଦଳ ଗଠନ କର । ଚିତ୍ରରେ ପ୍ରଦତ୍ତ ପ୍ରତ୍ୟେକ ବିପର୍ଯ୍ୟୟର ପ୍ରାକୃତିକ ତଥା ମାନବୀୟ କାରଣ ସମ୍ବନ୍ଧରେ ଚିନ୍ତା କର । ତୁମର ନିଷ୍କର୍ଷ ଗୁଡିକୁ ତୁଳନା କର ।

→ ଦଳଗତଭାବେ ଏହି ସବୁ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ କି କି ପଦକ୍ଷେପ ନେବାର ଆବଶ୍ୟକତା ରହିଛି, ଆଲୋଚନା କର ।

ଜଳବାୟୁ ପରିବର୍ତ୍ତନ

ଜଳବାୟୁର ଉଲ୍ଲେଖନୀୟ ଦୀର୍ଘ କାଳୀନ ପରିବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ । ଏହା ବ୍ୟାପକ ବା ଆଞ୍ଚଳିକ ଭିତ୍ତିରେ ହୋଇପାରେ । ଏହି ପରିବର୍ତ୍ତନ ତାପମାତ୍ରା, ଅବପାତ ଓ ଅନ୍ୟାନ୍ୟ ପାଗଜନିତ ଘଟଣାବଳୀରେ ପରିବର୍ତ୍ତନ କାରଣରୁ ହୋଇଥାଏ । ନିୟୁତ ନିୟୁତ ବର୍ଷ ପୂର୍ବେ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ହିଁ ଜଳବାୟୁ ପରିବର୍ତ୍ତନର କାରଣ ଥିଲା । ଉନବିଂଶ ଶତାବ୍ଦୀ ପରଠାରୁ ମୁଖ୍ୟତଃ ମାନବୀୟ କାର୍ଯ୍ୟକଳାପ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରିତ କରୁଛି । ବିଶେଷତଃ, ଜୀବାଶ୍ମ ଇନ୍ଧନର ଦହନ, ବନ୍ୟକ୍ଷୟ. ପରିବେଶ ପାଇଁ କ୍ଷତିକାରକ ଶିଳ୍ପୀକରଣ, ଅଧିକ ଉତ୍ପାଦନ ଓ ବିଭିନ୍ନ ସାମଗ୍ରୀର ଅତ୍ୟଧିକ ତଥା ଅପବ୍ୟବହାରପୂର୍ଣ୍ଣ ଉପଭୋଗ ଆଦି ଏଥି ପାଇଁ ଦାୟୀ ।

ଜୀବାଶ୍ମ ଇନ୍ଧନ (Fossil fuels) : ନିୟୁତ ନିୟୁତ ବର୍ଷ ପୂର୍ବରୁ ସମୁଦ୍ର ଓ ଶିଳାସ୍ତର ତଳେ ମରିପୋଚି ହୋଇଥିବା ପ୍ରାଣୀ ଓ ଉଦ୍ଭିଦଙ୍କ ଧ୍ୱଂସାବଶେଷରୁ କୋଇଲା, ଖଣିଜତୈଳ, ପ୍ରାକୃତିକ ବାଷ୍ପ ଆଦି ଶକ୍ତି ପ୍ରଦାନକାରୀଉତ୍ସକୁ ଜୀବାଶ୍ମ ଇନ୍ଧନ କୁହାଯାଏ ।





ଚିତ୍ର 3.16

ଜୀବାଶ୍ମ ଇନ୍ଧନର ବ୍ୟବହାର ଜଳବାୟୁକୁ କାହିଁକି ପ୍ରଭାବିତ କରେ ? ପୃଥିବୀର ପ୍ରାକୃତିକ ଅଙ୍ଗାରକ ଚକ୍ରରେ ଅଙ୍ଗାରକାମ୍ଳ ବାଷ୍ପ ଓ ଅନ୍ୟାନ୍ୟ ଗ୍ୟାସ ଧୀରେ ଧୀରେ ବାୟୁମଣ୍ଡଳକୁ ଆସିଥାନ୍ତି ଓ ସୂର୍ଯ୍ୟଙ୍କ ତାପକୁ ଧରି ରଖିଥାନ୍ତି । ଏହି ପ୍ରାକୃତିକ ସବୁଜ ଗୃହ ପ୍ରଭାବ ପୃଥିବୀକୁ ଯଥେଷ୍ଟ ଉଷ୍ମ ରଖିବା ଦ୍ୱାରା ଜୀବଜଗତ ତିଷ୍ଠି ରହେ । ବିଗତ କିଛି ଶତାବ୍ଦୀ ଧରି ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯଥା–ଶିଳ୍ପ, ପରିବହନ ଓ କୃଷି କ୍ଷେତ୍ରରୁ ବହୁଳ ପରିମାଣରେ ବିଭିନ୍ନ ସବୁଜ ଗୃହ ଗ୍ୟାସ ବାୟୁମଣ୍ଡଳକୁ ପ୍ରବେଶ କରିଛି । ସବୁଜ ଗୃହ ଗ୍ୟାସଗୁଡିକର ଅହେତୁକ ବୃଦ୍ଧି ଅଧିକ ତାପ ଧରି ରଖୁଛି । ଫଳତଃ ବିଶ୍ୱ ତାପମାତ୍ରାର ଦ୍ରୁତ ବୃଦ୍ଧିରେ ଏହା ସହାୟକ ହୋଇଛି । ଏହା ଯୋଗୁଁ ହଜାର ହଜାର ବର୍ଷ ଧରି ଜଳବାୟୁ ଧାରା ସହ ନିଜକୁ ଖାପଖୁଆଇ ଚଳିଆସୁଥିବା ଉଦ୍ଭିଦ, ପ୍ରାଣୀ ଓ ମାନବ ସମାଜରେ ବିଘଟନ ଦେଖା ଯାଉଛି ।

ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଥିବାର ସ୍ପଷ୍ଟ ଜଣାପଡୁଛି । ଉଦାହରଣ ସ୍ୱରୂପ–2025 ମସିହା ପ୍ରାରମ୍ଭରେ ଦେଶର ହାରାହାରି ତାପମାତ୍ରା ସାଧାରଣ ତାପମାତ୍ରା ଠାରୁ 1°C ରୁ 3°C ବୃଦ୍ଧି ପାଇଛି । ଏଥିଯୋଗୁଁ ବିଗତ ଶୀତଋତୁଟି ପୂର୍ବଗୁଡିକ ତୁଳନାରେ କମ୍ ଅବଧି ବିଶିଷ୍ଟ ଓ କମ୍ ଶୀତ ଅନୁଭୂତ ହୋଇଥିଲା । ଏହା କେବଳ କୃଷି ଉତ୍ପାଦନ ବ୍ୟତୀତ ବିଭିନ୍ନ କ୍ଷୁଦ୍ର ଶିଳ୍ପକୁ ପ୍ରଭାବିତ କରିଥିଲା । ଉଷ୍ଣତର ପୃଥିବୀ ଆମ ପାଇଁ କି କି ସମସ୍ୟା ସୃଷ୍ଟି କରି ପାରେ ଏହା ତାର ଏକ ଉଦାହରଣ ।

APSCERT

ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ସୃଷ୍ଟିର କାରଣ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ଦ୍ୱାରା ହିଁ ଆମେ ବିଭିନ୍ନ ସମସ୍ୟା ଗୁଡିକର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିପାରିବା । ବିଭିନ୍ନ ପରିବେଶ ଅନୁକୂଳ ବ୍ୟବହାରର ଆବଶ୍ୟକତାକୁ ମଧ୍ୟ ଏହା ପ୍ରୋତ୍ସାହନ ଦେଇଥାଏ । ଏହା ସ୍ଥିରତା ବା ପ୍ରତିରୋଧକାରୀ କ୍ଷମତା ସୃଷ୍ଟି ତଥା ପରିବର୍ତ୍ତିତ ପରିସ୍ଥିତିରେ ଗୋଷ୍ଠୀ ସହ ଖାପଖୁଆଇ ଚଳିବା ପାଇଁ ସାମର୍ଥ୍ୟ ଦେଇଥାଏ । ଭାରତ ସମେତ ପୃଥିବୀ ବ୍ୟାପି ବିଭିନ୍ନ ଦେଶର ସରକାର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଶମନ(କ୍ଷୟକ୍ଷତି ହ୍ରାସ କରିବା)ପାଇଁ ପଦକ୍ଷେପମାନ ନେଉଛନ୍ତି । ସେଗୁଡିକ ମଧ୍ୟରେ ସବୁଜ ଗୃହ ଗ୍ୟାସ୍ ନିର୍ଗମନ ହ୍ରାସ, ବୃକ୍ଷରୋପଣ, ନବୀକରଣ ଯୋଗ୍ୟ ଶକ୍ତିକ୍ଷମତା ବୃଦ୍ଧି ତଥା ସ୍ଥାୟୀ ଜୀବନ ଧାରଣର ବିକାଶ ଆଦି କେତେକ ଉଦାହରଣ । ତେବେ ଏସବୁ ଅଧିକାଂଶ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ଓ ଅଧିକ ଉପଭୋଗ ଆଦି ଇଚ୍ଛାର ବିରୁଦ୍ଧାଚରଣ କରୁଛି ।

ସ୍ଥିରତା ବା ପୁନରୁଦ୍ଧାର : ସମସ୍ୟା ସହ୍ୟ କରିବା କିମ୍ବା ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ପୁନରୁଦ୍ଧାର କୁହାଯାଏ ।

ପ୍ରଶମନ: ବିଶ୍ୱତାପମାତ୍ରାକୁ କ୍ରମଶଃ କମାଇବା ଏବଂ ଜଳବାୟୁ ପରିବର୍ତ୍ତନର କାରଣଗୁଡିକୁ ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା

ସ୍ଥାୟୀ : କୌଣସି ଜିନିଷକୁ ଦୀର୍ଘ ସମୟ ଧରି ବଜାୟ ରଖିବାକୁ ସ୍ଥାୟୀ କହନ୍ତି ।



ଶେଷ କରିବା ପୂର୍ବରୁ ...

- → ଭାରତର ବିବିଧ ଜଳବାୟୁ ଓ ଏହାର ଭୂଗୋଳ ବିଶେଷତଃ ପର୍ବତ, ମରୁଭୂମି ଓ ମାଳଭୂମିଗୁଡିକ ଦ୍ୱାରା ଗଢା ହୋଇଛି ।
- → ପାଗ ସ୍ୱଳ୍ପସ୍ଥାୟୀ ଅଟେ । ବାର୍ଷିକ ଭିତ୍ତିରେ ଋତୁର ପୁନରାଗମନ ହୋଇଥାଏ ଓ ଜଳବାୟୁ ଦଶନ୍ଧିଧରି ଦୀର୍ଘକାଳୀନ ପାଗର ଧାରାକୁ ବୁଝାଇଥାଏ ।
- → ଜଳବାୟୁକୁ ଅକ୍ଷାଂଶ, ସମୁଦ୍ର ପତ୍ତନରୁ ଉଚ୍ଚତା, ସମୁଦ୍ର ସମୀପତା ଓ ଭୂ-ଆକୃତି ଆଦି ନିୟାମକ ନିର୍ଦ୍ଧାରଣ କରେ ।
- → ମୌସୁମୀ, କୃଷି ତଥା ଶସ୍ୟଚକ୍ର ଓ ଜୀବନଚର୍ଯ୍ୟା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ।
- → ସାଂସ୍କୃତିକ ପରମ୍ପରା, ପର୍ବପର୍ବାଣୀ, କୃଷି ଓ ଆର୍ଥନୀତିକ କାର୍ଯ୍ୟକଳାପ ଜଳବାୟୁ ସହ ସମ୍ପର୍କୀତ ।
- → ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବେରେ ଜଳବାୟୁ ସମ୍ବନ୍ଧୀୟ ଜ୍ଞାନ ସାହାଯ୍ୟ କରିଥାଏ ।
- → ଚରମ ପାଣିପାଗ ବା ତାପମାତ୍ରା ଆଦି ଘଟଣା ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଥାଏ ଏବଂ ଏଗୁଡିକ ଯୋଗୁଁ ପ୍ରାକୃତିକ ଓ ମାନବ ଜଗତ ଉପରେ ତୀବ୍ର ପ୍ରତିକୂଳ ପ୍ରଭାବ ପଡିଥାଏ ।

AP SCERT

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ଏଠାରେ ଦେଖାଯାଉଥିବା ଚିତ୍ରଟି ଏକ ପ୍ରାକୃତିକ ବିପର୍ଯ୍ୟୟକୁ ଦର୍ଶାଉଛି । ଚିତ୍ରରେ ଦେଖାଯାଉଥିବା ବିପର୍ଯ୍ୟୟଟି କି ପ୍ରକାରର ଚିହ୍ନଟ କର ।



A) ବନ୍ୟା

B) ଭୂ–ସ୍ଖଳନ

C) ଭୂମିକମ୍ପ

D) ମରୁଡି

2. ଜଳବାୟୁ ନିୟାମକଗୁଡିକ ସହ ସେମାନଙ୍କର ଫଳାଫଳ ସଂଯୋଗ କର :

ସ୍ତମ୍ଭ - A	**ସ୍ତମ୍ଭ – B**
1. ଅକ୍ଷାଂଶ	**a.** ଗ୍ରୀଷ୍ମ ଋତୁରେ ଭାରତକୁ ଆର୍ଦ୍ରବାୟୁ ଆଣେ
2. ସମୁଦ୍ର ପତ୍ତନ ଠାରୁ ଉଚ୍ଚତା	**b.** ଉତ୍ତର ଓ ଦକ୍ଷିଣରେ ବିଭିନ୍ନ ଜଳବାୟୁ ସୃଷ୍ଟି କରେ
3. ସମୁଦ୍ର ସମୀପତା	**c.** ଉଚ୍ଚ ସ୍ଥାନକୁ ଥଣ୍ଡା ରଖେ
4. ମୌସୁମୀ ବାୟୁ	**d.** ତାପକୁ ନିୟନ୍ତ୍ରଣ କରେ

3. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :
   1. ପାଣିପାଗ ଓ ଜଳବାୟୁ ମଧ୍ୟରେ ପାର୍ଥକ୍ୟ କଣ ?
   2. ସମୁଦ୍ରଠାରୁ ଦୂରରେ ଥିବା ସ୍ଥାନ ଅପେକ୍ଷା ନିକଟବର୍ତ୍ତୀ ସ୍ଥାନରେ ତାପମାତ୍ରା ମୃଦୁ ହୋଇଥାଏ କାହିଁକି ?
   3. ଭାରତର ଜଳବାୟୁକୁ ପ୍ରଭାବିତ କରିବାରେ ମୌସୁମୀ ବାୟୁର ଭୂମିକା କଣ ?
4. ଚେନ୍ନାଇ ବର୍ଷସାରା ଉଷ୍ଣ ବା ଉତ୍ତପ୍ତ ଥିବାବେଳେ ଲେହ ଥଣ୍ଡା ଥାଏ କାହିଁକି ?
5. ଭାରତରେ ଭିନ୍ନ ଭିନ୍ନ ଜଳବାୟୁ ନାହିଁ ବୋଲି କଳ୍ପନା କର । ତାହା କୃଷକ, ଶିକ୍ଷାର୍ଥି ଏବଂ ଭ୍ରମଣକାରୀଙ୍କ ଜୀବନକୁ କିପରି ପରିବର୍ତ୍ତନ କରିବ । ଦୁଇଟି ଉଦାହରଣ ଦିଅ ।
6. ବର୍ଦ୍ଧିତ ତାପମାତ୍ରା ଯୋଗୁଁ ଏକ ସହରରେ ବାରମ୍ବାର ଗରମ ଲହରୀ ଅନୁଭୂତ ହେଉଛି । ତୁମ ନିଜସ୍ୱ ଚିନ୍ତାଧାରା ବ୍ୟବହାର କରି ସ୍ଥାନୀୟ ସରକାର ଏହାର ପ୍ରଭାବ ହ୍ରାସ କରିବା ପାଇଁ କେଉଁ ପଦକ୍ଷେପ ନେବା ଉଚିତ ଦୁଇଟି ପରାମର୍ଶ ଦିଅ ।

AP SCERT

7. ଏହି ପୁସ୍ତକର ଶେଷରେ ଦିଆଯାଇଥିବା ଭାରତର ମାନଚିତ୍ରକୁ ଦେଖ ।

ଏହି ସହରଗୁଡିକର ଜଳବାୟୁ ଚିହ୍ନଟ କର – ଲେହ, ବିଶାଖପାଟଣା, ଦିଲ୍ଲୀ, ପାଣାଜି ଓ ଜୟପୁର

- ଏହି ସ୍ଥାନ ସମୁଦ୍ର ନିକଟରେ, ପର୍ବତ ଉପରେ ବା ମରୁଭୂମିରେ ଅବସ୍ଥିତ ?
- ଏହି ନିୟାମକ ଗୁଡିକ କିପରି ସେହି ସ୍ଥାନର ଜଳବାୟୁକୁ ପ୍ରଭାବିତ କରେ ?

8. ଭାରତ ମାନଚିତ୍ରରେ ଗ୍ରୀଷ୍ମ ଓ ଶୀତ ଋତୁରେ ମୌସୁମୀ ଚକ୍ର ଦର୍ଶାଅ ।

- କେଉଁଠାରେ ପବନ ଗ୍ରୀଷ୍ମ ଓ ଶୀତ ଋତୁରେ ବହେ, ଚିହ୍ନଟ କର ।
- ମୌସୁମୀ ସମୟରେ ବାୟୁର ଦିଗ ଦର୍ଶାଅ ।

9. ପ୍ରାକୃତିକ ବିପର୍ଯ୍ୟୟ(ବାତ୍ୟା, ବନ୍ୟା, ଭୂ–ସ୍ଖଳନ ଓ ବନାଗ୍ନି) ଚିହ୍ନଟ କର । ଏଗୁଡିକର କାରଣ ଓ ପ୍ରଭାବ ସମ୍ପର୍କରେ ଛୋଟ ପ୍ରବନ୍ଧ ଲେଖ । ଏଗୁଡିକର ପ୍ରଭାବ ହ୍ରାସ କରିବା ପାଇଁ ବ୍ୟକ୍ତି, ଗୋଷ୍ଠି ଓ ସରକାର କି କି ପଦକ୍ଷେପ ନେଇପାରିବେ ସେ ସମ୍ବନ୍ଧରେ ପରାମର୍ଶ ଦିଅ ।

10. ଭାରତର କୃଷି ଓ ପାଣିପାଗ ସହିତ ଜଡିତ ପର୍ବପର୍ବାଣୀ(ଉଦାହରଣ–ବୈଶାଖୀ, ଓନାମ) ଦର୍ଶାଇ ରଙ୍ଗୀନ ପୋଷ୍ଟରମାନ ପ୍ରସ୍ତୁତ କର । ଏହି ପର୍ବ ପର୍ବାଣୀର ଚିତ୍ର ବା ଛବି ଅଙ୍କନ କର ।

ପର୍ବପର୍ବାଣୀ ଦର୍ଶାଇ ରଙ୍ଗୀନ ପୋଷ୍ଟରମାନ ପ୍ରସ୍ତୁତ କର

11. ନିଜକୁ ଜଣେ କୃଷକ ମନେକର । ବର୍ଷାଋତୁ ପାଇଁ ତୁମେ କିପରି ପ୍ରସ୍ତୁତ ରହିବ ସେ ସମ୍ବନ୍ଧରେ ଏକ କ୍ଷୁଦ୍ର ଅନୁଚ୍ଛେଦ ଲେଖ ।

✧✧✧✧✧

AP SCERT

ଅଧ୍ୟାୟ

4

ନଗର ଏବଂ ରାଜ୍ୟ ଗୁଡ଼ିକର ନବାରମ୍ଭ

D2C4L8

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- ଜନପଦ ଏବଂ ମହାଜନପଦ ଗୁଡ଼ିକ ବିସ୍ତାର ଲାଭ କରିବାରେ ଗାଙ୍ଗେୟ ସମତଳ ଭୂମିର ଗୁରୁତ୍ୱ ଏବଂ ସେହି ସମୟରେ ଅନୁସୃତ ପ୍ରାରମ୍ଭିକ ଗଣତାନ୍ତ୍ରିକ ପରମ୍ପରାକୁ ଚିହ୍ନଟ କରିବେ । (CG-1)
- ବିଭିନ୍ନ ଐତିହାସିକ ପରିଣାମଗୁଡ଼ିକୁ ବିଶ୍ଳେଷଣ କରି ସେଗୁଡ଼ିକର ଅତୀତ ମୂଳ ଗୁଡ଼ିକୁ ଖୋଜି ବାହାର କରିପାରିବେ । (CG-3)
- ଲୌହର ଅଭିନବୀକରଣ ଏବଂ ସଭ୍ୟତାର ପ୍ରଗତି ଦ୍ୱାରା ଦ୍ୱିତୀୟ ନଗରୀକରଣର ବିକାଶକୁ ପ୍ରଶଂସା କରିବେ ।(CG-3)
- ସମୟାନୁକ୍ରମେ ବର୍ଣ୍ଣ-ଜାତି ବ୍ୟବସ୍ଥା କିପରି ବିକଶିତ ହୋଇଥିଲା ଚିହ୍ନଟ କରିବେ । (CG-1)
- ଦେଶର ଅନ୍ୟାନ୍ୟ ସ୍ଥାନରେ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ବିକାଶ କିପରି ହୋଇଥିଲା ବୁଝିପାରିବେ ।(CG-1)

AP SCERT

ରାଜ୍ୟର ପ୍ରତିରକ୍ଷା ପାଇଁ ରାଜଧାନୀ ଏବଂ ସୀମାନ୍ତ ସହର ଗୁଡ଼ିକର ସୁଦୃଢ଼ିକରଣ ଅତ୍ୟାବଶ୍ୟକ । ରାଜ୍ୟର ଭୂମି କେବଳ ନିଜ ପ୍ରଜାଙ୍କୁ ପୋଷଣ କରିବାକୁ ହିଁ ନୁହେଁ, ବରଂ ବିପର୍ଯ୍ୟୟ ସମୟରେ ବାହାର ଲୋକଙ୍କୁ ମଧ୍ୟ ପୋଷଣ କରିବାରେ ସକ୍ଷମ ହେବା ଉଚିତ । ଏହା ଚାଷ ଜମି, ଖଣି, ଗରକାଠ ଜଙ୍ଗଲ, ହାତୀବନ ତଥା ଗୋଧନ ସମ୍ପନ୍ନ ଚାରଣଭୂମି ସହ ସମୃଦ୍ଧ ରହି ରମଣୀୟ ରହିବା ଉଚିତ । ଏହା ଜଳ ନିମିତ୍ତ ବର୍ଷା ଉପରେ ନିର୍ଭରଶୀଳ ହେବା ଅନୁଚିତ । ଏହାର ଭଲ ସଡ଼କ ଏବଂ ଜଳମାର୍ଗ ରହିବା ଆବଶ୍ୟକ । ଏହାର ବିଭିନ୍ନ ପ୍ରକାରର ସାମଗ୍ରୀ ଉତ୍ପାଦନ କରୁଥିବା ଏକ ଉତ୍ପାଦନଶୀଳ ଅର୍ଥନୀତି ରହିବା ଉଚିତ ।

– କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର




ଚିତ୍ର 4.1 – ତତ୍‌କାଳୀନ ମଗଧ ମହାଜନପଦର ରାଜଧାନୀ ରାଜଗୃହ(ଅଧୁନା ବିହାରର ରାଜଗିର୍)ସ୍ଥିତ ଏକ ପ୍ରମୁଖ ସଂରଚନାର ଧ୍ୱଂସାବଶେଷ ।

ମୁଖ୍ୟ ପ୍ରଶ୍ନାବଳୀ ?

1. *ଭାରତର ଦ୍ୱିତୀୟ ନଗରୀକରଣ କହିଲେ କ'ଣ ?*
2. *ପ୍ରାରମ୍ଭିକ ଭାରତ ଇତିହାସରେ ଜନପଦ ଏବଂ ମହାଜନପଦ ଗୁଡ଼ିକର ଆବିର୍ଭାବ କାହିଁକି ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ଥିଲା ?*
3. *ଜନପଦ ଏବଂ ମହାଜନପଦଗୁଡ଼ିକ କେଉଁ ପ୍ରକାର ଶାସନ ପ୍ରଣାଳୀ ବିକଶିତ କରିଥିଲେ ।*

ଦ୍ୱିତୀୟ ସହସ୍ରାବ୍ଦୀର ପ୍ରାରମ୍ଭରେ(ଅର୍ଥାତ୍ ପୂ.ସା.ଅ. 2000 ବର୍ଷ ପରେ କିଛି ଶତାବ୍ଦୀ ଧରି) ଭାରତର ପ୍ରଥମ ନଗର ସଭ୍ୟତା ରୂପେ ପରିଚିତ ସିନ୍ଧୁ ସଭ୍ୟତା/ହରପ୍ପା ସଭ୍ୟତା/ ସିନ୍ଧୁ–ସରସ୍ୱତୀ ସଭ୍ୟତା ବିଚ୍ଛିନ୍ନ ହୋଇଯାଇଥିଲା । ତାହାର କେତେକ ନଗର ପରିତ୍ୟକ୍ତ ହେବା ସମୟରେ ଆଉ କିଛି ନଗରରେ ଲୋକମାନେ ବାସ କରୁଥିଲେ, କିନ୍ତୁ ସେମାନଙ୍କୁ ଗ୍ରାମୀଣ ଜୀବନଶୈଳୀକୁ ଫେରିବାକୁ ପଡ଼ିଥିଲା; କାରଣ ହରପ୍ପା ନଗର ବ୍ୟବସ୍ଥାର ଅନେକ ଉପାଦାନ ଯଥା: ଘରୋଇ ଏବଂ ସରକାରୀ ସମ୍ବନ୍ଧୀୟ ବିଶାଳ କୋଠା, ଜନଗହଳିପୂର୍ଣ୍ଣ ରାସ୍ତା ଓ ବ୍ୟସ୍ତବହୁଳ ବଜାର; ବିଭିନ୍ନ କାରିଗର ଗୋଷ୍ଠୀ(ଧାତୁକାର, କୁମ୍ଭାର, ସ୍ଥପତି, ତନ୍ତି, ହସ୍ତଶିଳ୍ପ କାରିଗର ଇତ୍ୟାଦି); ଏକ ଲିଖନ ପ୍ରଣାଳୀ, ଏକ ଉନ୍ନତ ପରିମାପ ବ୍ୟବସ୍ଥା ଏବଂ ଏହା ପଛରେ ବିଦ୍ୟମାନ ଥିବା ଏକ ଶାସକ ଶ୍ରେଣୀ ଦ୍ୱାରା ପରିଚାଳିତ ଏକ ବୃହତ୍ ରାଜ୍ୟର ସଂରଚନା ଅନ୍ତର୍ଦ୍ଧାନ ହୋଇଯାଇଥିଲା । ଏହିପରି ଦୀର୍ଘ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଭାରତରେ ନଗର ଜୀବନଶୈଳୀ ବିଲୁପ୍ତ ହୋଇ ରହିଥିଲା, ଯଦିଓ ଉତ୍ତର ଭାରତରେ ଅଳ୍ପ କେତୋଟି ସହରରେ ସହରୀ ସଭ୍ୟତାର ଅବଶେଷ ରହିଯାଇଥିଲା ।



ଚିତ୍ର 4.2. ମହାଜନପଦଗୁଡ଼ିକର ଉନ୍ନତି ଏବଂ ସମୃଦ୍ଧିରେ ଉର୍ବର ଗାଙ୍ଗେୟ ସମତଳ ଭୂମି ସହାୟକ ହୋଇଥିଲା ।

ପ୍ରକୃତରେ, ସେଠାରେ ପ୍ରମୁଖ ଆଞ୍ଚଳିକ ସଂସ୍କୃତିଗୁଡ଼ିକ ରହିଥିଲା, ଯାହା ଏଠାରେ ଆମ ଅଧ୍ୟୟନର ପରିସର ନୁହେଁ ।

ପରବର୍ତ୍ତୀ ସମୟରେ, ପୂ.ସା.ଅ. ପ୍ରଥମ ସହସ୍ରାବ୍ଦୀରେ ଗାଙ୍ଗେୟ ସମତଳ ଭୂମି , ସିନ୍ଧୁନଦୀ ଅବବାହିକାର କିଛି ଅଞ୍ଚଳ ଏବଂ ଏହାର ସଂଲଗ୍ନ ଅଞ୍ଚଳଗୁଡ଼ିକରେ ନଗରୀକରଣର ଏକ ନୂତନ ଏବଂ ସୃଜନଶୀଳ ପର୍ଯ୍ୟାୟ ଆରମ୍ଭ ହୋଇ କ୍ରମଶଃ ଉପମହାଦେଶର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା । ଆମେ ହେ। କିପରି ଜାଣୁ ? ମୁଖ୍ୟତଃ ଦୁଇଟି ଉତ୍ସ ଦ୍ୱାରା : (1) ସେଠାକାର ପ୍ରାଚୀନ ସହରୀ କେନ୍ଦ୍ରଗୁଡ଼ିକର ଅସ୍ତିତ୍ୱକୁ ନିର୍ଦ୍ଧାରଣ କରିବା ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ । (2) ପ୍ରାଚୀନ ସାହିତ୍ୟ ଯଥା : ପରବର୍ତ୍ତୀ ବୈଦିକ ଯୁଗର ସାହିତ୍ୟ, ବୌଦ୍ଧ ଏବଂ ଜୈନ ସାହିତ୍ୟରେ ଏହି ନୂତନ ନଗର କେନ୍ଦ୍ର ଗୁଡ଼ିକ ବିଷୟରେ ବର୍ଣ୍ଣିତ ହୋଇଅଛି ।

ନଗରୀକରଣର ଏହି ଦ୍ୱିତୀୟ ପର୍ଯ୍ୟାୟକୁ ଭାରତର ''ଦ୍ୱିତୀୟ ନଗରୀକରଣ'' ବୋଲି ପ୍ରାୟତଃ କୁହାଯାଏ – ଯାହା ଘଟଣା କ୍ରମେ, ଆଜି ପର୍ଯ୍ୟନ୍ତ ଜାରି ରହିଛି । ଆସ ଦେଖିବା ଏହି ପର୍ଯ୍ୟାୟ କିପରି ଉତ୍‌ଥାନ ହୋଇଥିଲା ।

ଜନପଦ ଏବଂ ମହାଜନପଦ

ପୂ.ସା.ଅ. ଦ୍ୱିତୀୟ ସହସ୍ରାବ୍ଦୀର ଶେଷ ଆଡ଼କୁ ଉତ୍ତର ଭାରତରେ ଆଞ୍ଚଳିକ ସଂସ୍କୃତିଗୁଡ଼ିକ କ୍ରମଶଃ ନିଜକୁ ପୁନଃ ଗଠିତ କରିବା ଆରମ୍ଭ ହୋଇଥିଲା । ଲୋକମାନେ ସମ୍ଭବତଃ ଗୋଟିଏ ସାଧାରଣ ଭାଷା ଏବଂ ପ୍ରଥାକୁ ଅନୁସରଣ କରି ନିଜକୁ ବଂଶ କିମ୍ବା ଗୋଷ୍ଠୀରେ ସଂଗଠିତ କରିବା ହେତୁ ପ୍ରତ୍ୟେକ ବଂଶ କିମ୍ବା ଗୋଷ୍ଠୀ ଜଣେ ରାଜା ବା ଶାସକଙ୍କ ଦ୍ୱାରା ଶାସିତ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଜନପଦ ସହିତ ଜଡ଼ିତ ହେଲେ । ('ଜନପଦ' ହେଉଛି ଏକ ସଂସ୍କୃତ ପଦ ଯାହାର ଅର୍ଥ 'ଲୋକମାନେ(ଜନ) ପାଦ ପକାଇବା ସ୍ଥାନ(ପଦ) ଅର୍ଥାତ୍,' ସ୍ଥିର ବସତି ସ୍ଥାପନ କରିବା ସ୍ଥାନ ।)

APSCERT

ବାଣିଜ୍ୟ କାରବାରର ପ୍ରସାର ହେତୁ ଜନପଦଗୁଡ଼ିକ ପରସ୍ପର ମଧ୍ୟରେ ଯୋଗାଯୋଗ ସ୍ଥାପନ କରି ସମୃଦ୍ଧ ହୋଇଥିଲେ । ପୂ.ସା.ଅ. 8ମ କିମ୍ବା 7ମ ଶତାବ୍ଦୀ ବେଳକୁ କେତେକ ପ୍ରାରମ୍ଭିକ ଜନପଦ ଏକତ୍ର ହୋଇ ଏକ ମିଳିତ ବୃହତ୍ ଅଞ୍ଚଳ ଗଠନ କଲେ, ଯାହାକୁ ମହାଜନପଦ କୁହାଗଲା । ଯଦିଓ ଗ୍ରନ୍ଥଗୁଡ଼ିକରେ ଏହି ମହାଜନପଦ ଗୁଡ଼ିକର ବିଭିନ୍ନ ତାଲିକା ରହିଛି, ତଥାପି ''ଷୋଡ଼ଶ ମହାଜନପଦ'' ସମ୍ପର୍କରେ ସମସ୍ତେ ଏକମତ । ସେଗୁଡ଼ିକ ଉତ୍ତର-ପଶ୍ଚିମରେ ଗାନ୍ଧାର ଠାରୁ ପୂର୍ବରେ ଅଙ୍ଗ ପର୍ଯ୍ୟନ୍ତ ଏବଂ ମଧ୍ୟ ଭାରତର ଅସ୍ମାକ, ଗୋଦାବରୀ ନଦୀ ନିକଟସ୍ଥ(ମାନଚିତ୍ର ଦେଖ) ପର୍ଯ୍ୟନ୍ତ ପରିବ୍ୟାପ୍ତି ଥିଲା । ହୁଏତ ସ୍ୱାଧିନତା ବଜାୟ ରଖିଥିବା ଛୋଟ ଛୋଟ ଜନପଦ ସହ ଆହୁରି କିଛି ମହାଜନପଦ ରହିଥାଇପାରେ ।

ଏହା ବିଷୟରେ ଚିନ୍ତାକର

ଗାଙ୍ଗେୟ ସମତଳରେ କେତୋଟି ମହାଜନପଦ କେନ୍ଦ୍ରିଭୂତ ହୋଇ ରହିଥିଲା । ଲକ୍ଷ୍ୟ କର । ଉର୍ବର ଗାଙ୍ଗେୟ ସମତଳ ଭୂମିରେ କୃଷିର ବୃଦ୍ଧି, ପର୍ବତ ଓ ପାହାଡ଼ରେ ଲୁହା ପଥରର ଉପଲବ୍ଧତା(ଲୁହା ବିଷୟରେ ନିମ୍ନରେ ଦେଖ) ଏବଂ ନୂତନ ବାଣିଜ୍ୟ ବଳୟର ଗଠନ ସହ ଏହାର ଅନେକ ସମ୍ଭାବ୍ୟ କାରଣ ରହିଥାଇପାରେ ।

ଆସ ଅନୁସନ୍ଧାନ କରିବା

→ ଏହି ନୂତନ ରାଜ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ରାଜ୍ୟ ଥିଲେ ମଗଧ, କୋଶଳ, ବତ୍ସ ଏବଂ ଅବନ୍ତୀ । ମାନଚିତ୍ର ଦେଖି ତୁମେ ସେଗୁଡ଼ିକର ରାଜଧାନୀ ଗୁଡ଼ିକୁ ଚିହ୍ନଟ କରିପାରିବ କି ? ସେଗୁଡ଼ିକ ମଧ୍ୟରୁ ତୁମେ କେତୋଟିକୁ ବର୍ତ୍ତମାନର ଭାରତୀୟ ନଗରଗୁଡ଼ିକ ସହିତ ମେଳ କରିପାରିବ ?

→ ଏହି ମାନଚିତ୍ରଟିକୁ ମହାଭାରତରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକର ମାନଚିତ୍ର ସହ ତୁଳନା କର (6ଷ୍ଠ ଶ୍ରେଣୀର '**ଭାରତ**' ଅଧ୍ୟାୟର ଚିତ୍ର 5.4 କୁ ଦେଖ) ଏବଂ ଦୁଇଟି ମାନଚିତ୍ରରେ ଥିବା ସାଧାରଣ ନାମ ଗୁଡ଼ିକର ତାଲିକା ପ୍ରସ୍ତୁତ କର । ଏହା କ'ଣ ସୂଚାଉଛି ବୋଲି ତୁମେ ଭାବୁଅଛ ?


ମାନଚିତ୍ର(ଚିତ୍ର 4.3) ରେ ମହାଜନପଦ ଗୁଡ଼ିକର ରାଜଧାନୀଗୁଡ଼ିକୁ ଦର୍ଶାଯାଇଛି । ଏଥିରୁ ଅଧିକାଂଶ ପ୍ରତିରକ୍ଷା ପ୍ରାଚୀର ଦ୍ୱାରା ସୁରକ୍ଷିତ ବିଶାଳ ନଗର ଥିଲା । ଏଗୁଡ଼ିକର ଅତିରିକ୍ତ ସୁରକ୍ଷା ପାଇଁ ପ୍ରତିରକ୍ଷା ପ୍ରାଚୀରଗୁଡ଼ିକର ବାହାର ପଟ ଗଡ଼ଖାଇ ଦ୍ୱାରା ବେଷ୍ଟିତ ଥିଲା । ନଗରରେ ପ୍ରବେଶ କରୁଥିବା କିମ୍ବା ବାହାରକୁ ଯାଉଥିବା ଲୋକ କିମ୍ବା ସାମଗ୍ରୀର ଗତିବିଧିକୁ ରକ୍ଷୀମାନଙ୍କ ଦ୍ୱାରା ନିୟନ୍ତ୍ରଣ କରିବା ପାଇଁ ପ୍ରାୟତଃ, ପ୍ରାଚୀର ଦ୍ୱାରଗୁଡ଼ିକ ସଂକୀର୍ଣ୍ଣ ରଖାଯାଇଥିଲା । ଏହା ଲକ୍ଷ କରିବା ଆଶ୍ଚର୍ଯ୍ୟଜନକ ଯେ ସେହି ପ୍ରାଚୀନ ରାଜଧାନୀଗୁଡ଼ିକ ମଧ୍ୟରୁ ଅଧିକାଂଶ **2,500** ବର୍ଷର ପୁରାତନ ହୋଇ ମଧ୍ୟ ଆଜି ଆଧୁନିକ ଜୀବନ୍ତ ନଗରୀ ରୂପେ ବିଦ୍ୟମାନ ଅଛନ୍ତି ।

ଗଡ଼ଖାଇ :
ଏକ ଗଭୀର ଓ ଓସାରିଆ ଜଳଭରା ଖାଲ, ଯାହା ଏକ ଦୁର୍ଗ କିମ୍ବା ସୁରକ୍ଷିତ ନଗରକୁ ଚାରିପାଖରୁ ଘେରି ରହିଥାଏ ।

ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା

ପ୍ରତ୍ୟେକ ଜନପଦରେ ସଭା କିମ୍ବା ସମିତି ନାମରେ ଦୁଇଟି ପରିଷଦ ଥିଲା; ଯେଉଁଠାରେ ବଂଶ ବା ଗୋଷ୍ଠୀ ସମ୍ବନ୍ଧୀୟ ବିଷୟଗୁଡ଼ିକ ଆଲୋଚନା କରାଯାଉଥିଲା । ('ଭାରତର ସାଂସ୍କୃତିକ ଆଧାର' ନାମକ ଅଧ୍ୟାୟରେ ସଭା କିମ୍ବା ସମିତି ଶବ୍ଦଗୁଡ଼ିକ ପ୍ରଥମେ ଭାରତର ସର୍ବପ୍ରାଚୀନ ଗ୍ରନ୍ଥ ହେବା ବେଦଗୁଡ଼ିକରେ ଉଲ୍ଲେଖ ଥିଲା, ମନେପକାଅ ।) ସମ୍ଭବତଃ ସେହି ସଭାଗୁଡ଼ିକରେ ଅଧିକାଂଶ ସଦସ୍ୟ ସେହି ବଂଶ ବା ଗୋଷ୍ଠୀର ବରିଷ୍ଠ ବ୍ୟକ୍ତିମାନେ ଥିଲେ । ରାଜା ସ୍ୱାଧୀନ ଭାବେ କିମ୍ବା ସ୍ୱେଚ୍ଛାଚାରୀ ଭାବରେ ଶାସନ କରିବେ ବୋଲି ଆଶା କରାଯାଉ ନ ଥିଲା ।

APSCERT



ଚିତ୍ର 4.3. ଷୋଡ଼ଶ ମହାଜନପଦର ମାନଚିତ୍ର । ଏହାର ସୀମାରେଖାଗୁଡ଼ିକ ଆନୁମାନିକ ।

ଜଣେ ସୁଶାସକଙ୍କୁ ମନ୍ତ୍ରୀପରିଷଦ ଏବଂ ପ୍ରଶାସକଙ୍କ ପରାମର୍ଶ ସହ ସେହି ସଭାଗୁଡ଼ିକର ମଧ୍ୟ ପରାମର୍ଶ ନେବାକୁ ପଡୁଥିଲା । ପ୍ରକୃତରେ ଜଣେ ଅପାରଗ ଶାସକଙ୍କୁ ସଭାଦ୍ୱାରା ହଟାଇବା ବ୍ୟବସ୍ଥା ରହିଥିବା କିଛି ଗ୍ରନ୍ଥରେ ଉଲ୍ଲେଖ ଅଛି । ଯଦିଓ ଏପରି ଉଲ୍ଲେଖ ଗୁରୁତ୍ୱପୂର୍ଣ୍ଣ, ଏହାର ଅର୍ଥ ନୁହେଁ ଯେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ ଥିଲା; ଆମେ ମନେ ରଖିବା ଉଚିତ ଯେ ଆମ ନିକଟରେ ସେହି ସମୟର ସମ୍ପୂର୍ଣ୍ଣ ତଥ୍ୟ ନାହିଁ ।

ସେମାନଙ୍କର ରାଜନୈତିକ ବ୍ୟବସ୍ଥାରେ ମହାଜନପଦ ଗୁଡ଼ିକ ଜନପଦର ମୌଳିକ ନୀତିଗୁଡ଼ିକୁ ବିସ୍ତାର କରିଥିଲେ । କିଛି ମହାଜନପଦରେ ରାଜତନ୍ତ୍ର ଶାସନ ବ୍ୟବସ୍ଥା ଥିଲା, ଅର୍ଥାତ୍ ମନ୍ତ୍ରୀ ପରିଷଦ ଏବଂ ଏକ ବୟୋଜ୍ୟେଷ୍ଠମାନଙ୍କ ସଭାର ସମର୍ଥନ ନେଇ ରାଜା ସର୍ବୋଚ୍ଚ କ୍ଷମତା ସମ୍ପର୍ଣ୍ଣ ଥିଲେ । ରାଜାଙ୍କ ପଦବୀ ବଂଶାନୁକ୍ରମିକ ଥିଲା, ଅର୍ଥାତ୍ ରାଜାଙ୍କ ପୁତ୍ର ରାଜା ହୋଇଥିଲେ । ରାଜା କର ବା ରାଜସ୍ୱ ସଂଗ୍ରହ କରୁଥିଲେ, ଆଇନ ଶୃଙ୍ଖଳା ବଜାୟ ରଖୁଥିଲେ, ରାଜଧାନୀର ପ୍ରତିରକ୍ଷା ପାଇଁ ସୁରକ୍ଷା ପ୍ରାଚୀର ନିର୍ମାଣ କରୁଥିଲେ । ରାଜ୍ୟର ସୁରକ୍ଷା କିମ୍ବା ଆବଶ୍ୟକ ପଡ଼ିଲେ ପଡ଼ୋଶୀ ରାଜ୍ୟ ସହ ଯୁଦ୍ଧ କରିବା ପାଇଁ ଏକ ସେନା ରଖୁଥିଲେ । ମଗଧ(ବର୍ତ୍ତମାନ ବିହାରର ଏକ ଅଂଶରେ ଅବସ୍ଥିତ), କୋଶଳ (ବର୍ତ୍ତମାନ ଉତ୍ତର ପ୍ରଦେଶର ଏକ ଅଂଶରେ ଅବସ୍ଥିତ) ଏବଂ ଅବନ୍ତୀ(ବର୍ତ୍ତମାନ ମଧ୍ୟପ୍ରଦେଶର ଏକ ଅଂଶରେ ଅବସ୍ଥିତ) ଥିଲେ ସେ ସମୟର ଅତ୍ୟନ୍ତ ଶକ୍ତିଶାଳୀ ରାଜ୍ୟ ।

ଭଜ୍ଜି(ଭ୍ରିଜ୍ଜି) ଏବଂ ତା'ର ପଡ଼ୋଶୀ ମହାଜନପଦ ହେବା ମଲ୍ଲ ର ଶାସନ ବ୍ୟବସ୍ଥା ଭିନ୍ନ ଥିଲା: ଏହି ଦୁଇ ରାଜ୍ୟରେ ସଭା ବା ସମିତିର ଅଧିକ ଅଧିକାର ଥିଲା ଏବଂ ସେଠାରେ ଆଲୋଚନା ମାଧ୍ୟମରେ କିମ୍ବା ଆବଶ୍ୟକ ସ୍ଥଳେ ମତଦାନ(ଭୋଟ) ଦ୍ୱାରା ମୁଖ୍ୟ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରୁଥିଲେ । ଆଶ୍ଚର୍ଯ୍ୟଜନକ ଭାବେ, ଏଠାରେ ରାଜାଙ୍କୁ ଚୟନ କରିବା ବ୍ୟବସ୍ଥା ମଧ୍ୟ ଥିଲା । ଏହା ଅନୁଯାୟୀ ଗଣ ବା ସଂଘ ରୂପେ ବିଦିତ ସେହି ମହାଜନପଦଗୁଡ଼ିକରେ ରାଜତନ୍ତ୍ର ନ ଥିଲା ।

APSCERT

ସଭାର ସଦସ୍ୟମାନେ ଶାସକଙ୍କୁ ଚୟନ କରିବା ଏବଂ ମୁଖ୍ୟ ନିଷ୍ପତ୍ତି ଗ୍ରହଣ କରିବା ବ୍ୟବସ୍ଥା ରହିଥିବା ହେତୁ ସେଗୁଡ଼ିକୁ ଗଣତାନ୍ତ୍ରିକ ରାଜ୍ୟ ବୋଲି କହିପାରିବା । ପ୍ରକୃତରେ, ଐତିହାସିକମାନେ ଏଗୁଡ଼ିକୁ ପ୍ରାୟତଃ 'ପ୍ରାରମ୍ଭିକ ସାଧାରଣତନ୍ତ୍ର' ବୋଲି ବିବେଚନା କରିଛନ୍ତି, କାରଣ ଏଗୁଡ଼ିକ ବିଶ୍ୱର ସର୍ବପ୍ରଥମ ଲୋକତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା ।

ଅଧିକା ନବପ୍ରବର୍ତ୍ତନ



ଚିତ୍ର 4.4. ବତ୍ସ ମହାଜନପଦର ରାଜଧାନୀ କୌଶମ୍ବୀ ସ୍ଥିତ ଏକ ପରିସରର ଧ୍ୱଂସାବଶେଷ

ଜନପଦ ଏବଂ ମହାଜନପଦର ଯୁଗ ଥିଲା ଗଭୀର ପରିବର୍ତ୍ତନର ଯୁଗ ଯାହା ଭାରତୀୟ ସଭ୍ୟତାକୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଭାବିତ କରିଆସୁଛି । ଷଷ୍ଠ ଶ୍ରେଣୀ ବହିର ''ଭାରତର ସାଂସ୍କୃତିକ ଆଧାର'' ଅଧ୍ୟାୟରେ, ଆମେ ବିଶେଷ କରି ପରବର୍ତ୍ତୀ ବୈଦିକ ଯୁଗ, ବୌଦ୍ଧ, ଜୈନ ଚିନ୍ତାଧାରା ଏବଂ ତତ୍ ସମ୍ବନ୍ଧୀୟ ସାହିତ୍ୟ ଇତ୍ୟାଦିର ଆବିର୍ଭାବ ବିଷୟରେ ଜାଣିଲୁ । ସେମାନେ ନିଜର ବାଣି ଏବଂ ସାହିତ୍ୟକୁ ସମଗ୍ର ଭାରତରେ ଯାତ୍ରା କରୁଥିବା ବିଦ୍ୱାନ, ସନ୍ୟାସୀ, ସନ୍ୟାସିନୀ ଏବଂ ତୀର୍ଥଯାତ୍ରୀ ମାନଙ୍କ ଦ୍ୱାରା ପ୍ରସାର କରାଇଥିଲେ । ସେହି ସମୟରେ ଭାରତୀୟ କଳାର ମଧ୍ୟ ନବୀକରଣ ଘଟିଥିଲା । ପରବର୍ତ୍ତୀ ସମୟରେ ସାମ୍ରାଜ୍ୟ ଯୁଗରେ ଏହା ଅଧିକ ବିକଶିତ ହୋଇଥିଲା ।

ପ୍ରଯୁକ୍ତିବିଦ୍ୟା ବିନା ନଗରୀକରଣ ସମ୍ଭବ ନୁହେଁ । ହରପ୍ପା ସଭ୍ୟତା ତମ୍ବା ଏବଂ କଂସା ଧାତୁବିଦ୍ୟାରେ ପ୍ରବୀଣତା ହାସଲ କରିଥିଲା ବୋଲି ଆମେ ମନେ ପକାଇବା ଉଚିତ । ବର୍ତ୍ତମାନ, ଏହି ଦ୍ୱିତୀୟ ନଗରୀକରଣ ସମୟରେ ପ୍ରଯୁକ୍ତି ବିଦ୍ୟାରେ ପ୍ରମୁଖ ପରିବର୍ତ୍ତନ ଲୁହା ଧାତୁବିଦ୍ୟା ସହ ଜଡ଼ିତ ଥିଲା । ଭାରତର ଅନେକ ସ୍ଥାନରେ, ଲୁହାକୁ ନିଃସାରଣ କରିବା ଏବଂ ଆକୃତି ଦେବା କୌଶଳ ପ୍ରକୃତରେ ପୂ.ସା.ଅ. ଦ୍ୱିତୀୟ ସହସ୍ରାବ୍ଦୀ ପ୍ରାରମ୍ଭରୁ ସଂପୂର୍ଣ୍ଣ ବିକଶିତ ହୋଇଥିଲା, କିନ୍ତୁ ଲୁହା ଦୈନନ୍ଦିନ ଜୀବନର ଏକ ଅଂଶ ହେବା ପାଇଁ କିଛି ଶତାବ୍ଦୀ ଲାଗିଥିଲା । ପୂ.ସା.ଅ. ଦ୍ୱିତୀୟ ସହସ୍ରାବ୍ଦୀର ଶେଷ ସୁଦ୍ଧା, ଲୁହା ଉପକରଣଗୁଡ଼ିକ ବ୍ୟାପକ ବ୍ୟବହାରରେ ଆସିଥିଲା, ଯାହା କୃଷି ପାଇଁ ବିଶେଷ ସହାୟକ ହୋଇଥିଲା । କଂସା ଅପେକ୍ଷା ଲୁହାରେ ହାଲୁକା ଏବଂ ଧାରୁଆ ଖଣ୍ଡା, ବର୍ଚ୍ଛା, ତୀର, ଢାଲ ଇତ୍ୟାଦି ଭଳି ଉତ୍କୃଷ୍ଟ ଅସ୍ତ୍ରଶସ୍ତ୍ର ମଧ୍ୟ ତିଆରି କରାଯାଇପାରୁଥିଲା । ଏହା ଘଟିବା ଫଳରେ ପଡ଼ୋଶୀ ମହାଜନପଦ ଗୁଡ଼ିକ ମଧ୍ୟରେ ଯୁଦ୍ଧ ହୋଇଥିବା ପ୍ରମାଣ ମିଳିଛି, ଯାହା କେତେବାର ହୋଇଥିଲା, ଆଉ କେତେ ତୀବ୍ର ଥିଲା କହିବା ଅସମ୍ଭବ । ଏପରି ସାମରିକ ଅଭିଯାନ, ବେଳେ ବେଳେ ଚୁକ୍ତି କିମ୍ବା ବନ୍ଧୁତା ସ୍ଥାପନ ଦ୍ୱାରା ମଧ୍ୟ ନୂତନ ରାଜ୍ୟ ଏବଂ ସାମ୍ରାଜ୍ୟର ଉତ୍‌ଥାନ ଘଟିଥିଲା । ଯାହା ଆମେ ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଅଧ୍ୟୟନ କରିବା ।

ଆଉ ଏକ ନବ ପ୍ରବର୍ତ୍ତନ ଥିଲା ଭାରତରେ ପ୍ରଥମ ଥର ପାଇଁ ମୁଦ୍ରାର ବ୍ୟବହାର ଯାହା ବର୍ଦ୍ଧିତ ବାଣିଜ୍ୟ ଯୋଗୁଁ ଆବଶ୍ୟକ ହୋଇଥିଲା । ବହୁତ ଶୀଘ୍ର, ମୁଦ୍ରାଗୁଡ଼ିକ ଦେଶର ବିଭିନ୍ନ ଅଞ୍ଚଳରେ ଏବଂ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳରେ ବିନିମୟ ହୋଇଥିଲା । ପ୍ରଥମ ଭାରତୀୟ ମୁଦ୍ରାଗୁଡ଼ିକ ରୌପ୍ୟ ନିର୍ମିତ ଥିଲା । ରୁପାର ନରମ ସ୍ୱଭାବ ଯୋଗୁଁ ସେଥିରେ ଛିଦ୍ର କରି

AP SCERT

ପ୍ରତୀକଗୁଡ଼ିକୁ ଛପା ଯାଇପାରୁଥିଲା । ସେଗୁଡ଼ିକୁ 'ଛାପାଯୁକ୍ତ ମୁଦ୍ରା' କୁହାଯାଉଥିଲା । ପରବର୍ତ୍ତୀ କାଳରେ, ତାମ୍ର, ସ୍ୱର୍ଣ୍ଣ ଏବଂ ଅନ୍ୟାନ୍ୟ ଧାତୁର ମୁଦ୍ରା ମଧ୍ୟ ତିଆରି ହୋଇଥିଲା । ସାଧାରଣତଃ, ମହାଜନପଦଗୁଡ଼ିକ ନିଜସ୍ୱ ମୁଦ୍ରା ପ୍ରଚଳନ କରୁଥିଲେ, କିନ୍ତୁ ବାଣିଜ୍ୟ କାରବାରରେ ପଡ଼ୋଶୀ ଅଞ୍ଚଳର ମୁଦ୍ରା ମଧ୍ୟ ବିନିମୟ ହେଉଥିଲା ।



ଆସ ଅନୁସନ୍ଧାନ କରିବା

ଠିକ୍ କିମ୍ବା ଭୂଲ ଚିହ୍ନ ଦେଇ ସାରଣୀଟିକୁ ପୂରଣ କର, ଯାହା ଭାରତୀୟ ସଭ୍ୟତାର ଦୁଇଟି ପର୍ଯ୍ୟାୟ ମଧ୍ୟରେ ଏକ କୌତୁହଳଜନକ ତୁଳନା ପ୍ରଦାନ କରେ ।

	ପ୍ରଥମ ନଗରୀକରଣ	ଦ୍ୱିତୀୟ ନଗରୀକରଣ
ଗାଙ୍ଗେୟ ସମତଳ ଅଞ୍ଚଳ		
ମଠ/ବିହାର		
ସାହିତ୍ୟ		
ବାଣିଜ୍ୟ		
ଯୁଦ୍ଧ		
ତମ୍ବା/କଂସା		
ଲୌହ		

AP SCERT

ବର୍ଣ୍ଣ – ଜାତି ବ୍ୟବସ୍ଥା :

ସଭ୍ୟତାର ଉତ୍‌ଥାନ ସହ ମାନବ ସମାଜ କିପରି ଜଟିଳ ହୋଇପଡ଼ିଲା ଆମେ ପୂର୍ବରୁ ଜାଣିଛନ୍ତି । ଏହା ଘଟିବା ସମୟରେ ଏକ ସମାଜ ଶ୍ରେଣୀ, ବୃତ୍ତି କିମ୍ବା ଅନ୍ୟ କୌଣସି ମାନଦଣ୍ଡକୁ ଭିତ୍ତିକରି ନିଜକୁ ଅନେକ ଗୋଷ୍ଠୀରେ ସଂଗଠିତ କରେ । ଉଦାହରଣ ସ୍ୱରୂପ – ଶାସନ, ପ୍ରଶାସନ, ଧର୍ମ, ଶିକ୍ଷା, ବାଣିଜ୍ୟ, ସହର ପରିକଳ୍ପନା, କୃଷି, ହସ୍ତଶିଳ୍ପ, କଳା ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ବୃତ୍ତି ସହିତ ଜଡ଼ିତ ବିଭିନ୍ନ ଗୋଷ୍ଠୀ ।



ଚିତ୍ର 4.5. ସାଞ୍ଚିସ୍ତୂପର ଏହି ମୁଖ ଚିତ୍ର ଏକ କମାର ଶାଳ(କିମ୍ବା ଧାତୁ କର୍ମଶାଳ)କୁ ଦର୍ଶାଉଛି । ଏଥିରେ ବିଭିନ୍ନ କାରିଗର ଜାଳେଣି କାଠ, ଜଳ ଆଣୁଥିବା, ନିଆଁ ଜାଳୁଥିବା ଏବଂ ଲୁହାକୁ ହାତୁଡ଼ିରେ ମାରିବା ଦୃଶ୍ୟ ରହିଛି ।



ଚିତ୍ର 4.6. ଉତ୍ତର ଭାରତର ବିଭିନ୍ନ ପ୍ରାଚୀନ ନଗରଗୁଡ଼ିକର କେତୋଟି ଛାପଯୁକ୍ତ ମୁଦ୍ରା

APSCERT

ଆସ ଅନୁସନ୍ଧାନ କରିବା

→ ଏକ ଜଟିଳ ସମାଜ କାହିଁକି ନିଜକୁ ଏପରି ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରିବ ? ଏହାର ଅନେକ ସମ୍ଭାବ୍ୟ କାରଣଗୁଡ଼ିକ ବିଷୟରେ ଚିନ୍ତାକର ।

→ ପୂ.ସା.ଅ. ପ୍ରଥମ ସହସ୍ରାବ୍ଦୀର ଏକ ଜଟିଳ ସମାଜରେ କେଉଁ ସବୁ ଅନ୍ୟାନ୍ୟ ବୃତ୍ତି ରହିଥାଇପାରେ ବୋଲି ତୁମେ ଭାବୁଅଛ, ସେଗୁଡ଼ିକର ତାଲିକା ପ୍ରସ୍ତୁତ କର ।

ଏକ ଆଦର୍ଶ ସମାଜରେ, ସମସ୍ତ ଗୋଷ୍ଠୀ ପରସ୍ପର ପ୍ରତି ସହଯୋଗୀ ହୋଇ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଦରକାର । କିନ୍ତୁ ଅଧିକାଂଶ ସମୟରେ କିଛି ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଅପେକ୍ଷା ଅଧିକ ସମ୍ପଦ, କ୍ଷମତା କିମ୍ବା ପ୍ରତିପତ୍ତି ହାସଲ କରିବା ଫଳରେ ଅସମାନତା, ସୃଷ୍ଟି ହୋଇଥାଏ । ଅନ୍ୟ ବାକ୍ୟରେ କହିବାକୁ ଗଲେ, ସମାନତା ମାନବ ସମାଜଗୁଡ଼ିକ ସର୍ବଦା ଆଶା କରିବା ଆଦର୍ଶ ହେଲେ ମଧ୍ୟ, ତାହା ହାସଲ କରିବା ସମାଜର ସଂଖ୍ୟା ବହୁତ କମ୍ ।

ଭାରତରେ, ସମାଜ ଦୁଇ ସ୍ତରୀୟ ବ୍ୟବସ୍ଥାରେ ସଂଗଠିତ ଥିଲା । ତନ୍ମଧ୍ୟରୁ ଗୋଟିଏ ହେଉଛି ଜାତି, ଯାହା ଏକ ଗୋଷ୍ଠୀ ବା ସମୁଦାୟ ଯେଉଁମାନଙ୍କର ନିଜ ଜୀବିକା ସହ ସଂପୃକ୍ତ ନିର୍ଦ୍ଦିଷ୍ଟ ପେଷାଗତ ବୃତ୍ତି ଥିଲା । ଏକ ନିର୍ଦ୍ଦିଷ୍ଟ ଜାତିକୁ ପରିଭାଷିତ କରୁଥିବା କୌଶଳ ଯେପରିକି କୃଷି କାର୍ଯ୍ୟ, ଧାତୁବିଦ୍ୟା, ବାଣିଜ୍ୟ କିମ୍ବା କୌଣସି ହସ୍ତଶିଳ୍ପ ଇତ୍ୟାଦି ସାଧାରଣତଃ ପିଢ଼ିରୁ ପିଢ଼ି ଧରି ଲୋକମାନଙ୍କର ବୃତ୍ତି ହୋଇଥିଲା । ପ୍ରାୟତଃ, ଏକ ଜାତି ଅନେକ ଉପଜାତିରେ ବିଭକ୍ତ ହେଉଥିଲା; ଯାହା ମଧ୍ୟରୁ ପ୍ରତ୍ୟେକ ଉପଜାତି ବିବାହ, ରୀତିନୀତି କିମ୍ବା ଖାଦ୍ୟ ଅଭ୍ୟାସ ସମ୍ବନ୍ଧୀୟ ନିଜସ୍ୱ ପ୍ରଥା ଏବଂ ପରମ୍ପରା ବିକଶିତ କରୁଥିଲା ।

ଜାତି ସହିତ ବର୍ଣ୍ଣ ନାମରେ ଆଉ ଏକ ବର୍ଗ ଥିଲା ଯାହାର ଧାରଣା ବୈଦିକ ଗ୍ରନ୍ଥଗୁଡ଼ିକରୁ ଉଦ୍ଧୃତ । ବର୍ଣ୍ଣ ଚାରି ପ୍ରକାର ଥିଲା, ଯଥା: – ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଏବଂ ଶୂଦ୍ର । ବ୍ରାହ୍ମଣମାନେ ଜ୍ଞାନ ପରିରକ୍ଷଣ ତଥା ପ୍ରସାର କରିବାରେ ଏବଂ କର୍ମକର୍ମାଣି କରିବାରେ ନିୟୋଜିତ ଥିଲେ; କ୍ଷତ୍ରୀୟମାନେ ସମାଜ ଏବଂ ରାଜ୍ୟକୁ ସୁରକ୍ଷା ଦେବା ସହ ଆବଶ୍ୟକ ସ୍ଥଳେ ଯୁଦ୍ଧ କରିବାରେ ନିୟୋଜିତ ଥିଲେ; ବୈଶ୍ୟମାନେ ବାଣିଜ୍ୟ ବ୍ୟବସାୟ କିମ୍ବା କୃଷି ଭଳି ବୃତ୍ତି ମାଧ୍ୟମରେ ସମାଜର ସମ୍ପଦ ବୃଦ୍ଧି କରୁଥିବା ସ୍ଥଳେ ଶେଷରେ ସୁଦ୍ରମାନେ ଥିଲେ କାରିଗର, ହସ୍ତଶିଳ୍ପୀ, ଶ୍ରମିକ ବା ସେବକ ।

ମନେରଖ

ତୁମେ ହୁଏତ ଇଂରାଜୀ ଶବ୍ଦ 'କାଷ୍ଟ' ଶୁଣିଥିବ । ଏହା ଏକ ପର୍ତ୍ତୁଗୀଜ୍ ଶବ୍ଦ 'କାଷ୍ଟା'ରୁ ଆସିଛି, କାରଣ 16ଶ ଶତାବ୍ଦୀ ସା.ଅ.ରେ ଭାରତକୁ ଆସିଥିବା ପର୍ତ୍ତୁଗୀଜ୍ ପରିବ୍ରାଜକମାନେ ଭାରତ ସମାଜର ଢାଞ୍ଚାକୁ ବୁଝାଇବା ପାଇଁ ଏହି ଶବ୍ଦ ବ୍ୟବହାର କରିଥିଲେ । କିଛି ବିଦ୍ୱାନ୍ 'ଜାତି'କୁ 'ବର୍ଣ୍ଣ' ବୋଲି ବିବେଚନା କରୁଥିବା ବେଳେ, ଅଧିକାଂଶ ଏହାକୁ 'ଜାତି' ବୋଲି ବିବେଚନା କରନ୍ତି । ତଥାପି ଅନ୍ୟମାନେ 'ଜାତି'କୁ ସମଗ୍ର ବର୍ଣ୍ଣ–*ଜାତି* ବ୍ୟବସ୍ଥାକୁ ବୁଝାଏ ବୋଲି ଭାବିନିଅନ୍ତି ।

ବିଭିନ୍ନ ଗ୍ରନ୍ଥ ଏବଂ ଅଭିଲେଖରୁ ଲଭ୍ୟହେବା ଐତିହାସିକ ପ୍ରମାଣରୁ ଏହା ଜଣାଯାଏ ଯେ ପ୍ରାରମ୍ଭିକ ସମୟରେ ବ୍ୟକ୍ତି ତଥା ସମୁଦାୟ ନିଜର ଆବଶ୍ୟକତା ଅନୁସାରେ ନିଜର ବୃତ୍ତି ପରିବର୍ତ୍ତନ କରୁଥିଲେ । ଉଦାହରଣ ସ୍ୱରୂପ ଏକ ଦୀର୍ଘ ମରୁଡ଼ି କିମ୍ବା ଅନ୍ୟ କିଛି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନେ ନଗରକୁ ସ୍ଥାନାନ୍ତରିତ ହୋଇ ଅନ୍ୟ ବୃତ୍ତି ଗ୍ରହଣ କରିବାକୁ ବାଧ ହୋଇପାରନ୍ତି କିମ୍ବା କିଛି ବ୍ରାହ୍ମଣ ବାଣିଜ୍ୟ କିମ୍ବା ସାମରିକ କାର୍ଯ୍ୟ ହସ୍ତକୁ ନେଇପାରନ୍ତି । ଏହି ଜଟିଳ ସାମାଜିକ ବ୍ୟବସ୍ଥା ଭାରତୀୟ ସମାଜକୁ ଗଢ଼ି ତୋଳିଥିଲା । ଅର୍ଥନୈତିକ କାର୍ଯ୍ୟକଳାପ ସମେତ ଏହାର ସମସ୍ତ କାର୍ଯ୍ୟକଳାପକୁ ସଂଗଠିତ କରି ଏହାକୁ କିଛି ସ୍ଥିରତ୍ୱ ଦେଇଥିଲା । ଯାହାହେଉ, ସମୟ ସହିତ ଏହି ବ୍ୟବସ୍ଥା କଠୋର ହୋଇଯାଇଥିଲା ଏବଂ ନିମ୍ନ ଜାତି କିମ୍ବା ବର୍ଣ୍ଣ ଜାତି ବ୍ୟବସ୍ଥାରୁ ବହିସ୍କୃତ କିଛି ଗୋଷ୍ଠୀ ପ୍ରତି ଅସମାନତା ଏବଂ ଭେଦଭାବ ସୃଷ୍ଟି କଲା । ଏହି ପ୍ରକ୍ରିୟା ବିଷୟରେ ଆମେ ପରବର୍ତ୍ତୀ ଶ୍ରେଣୀରେ ପଢ଼ିବା ।

AP SCERT

ବର୍ଣ୍ଣ–ଜାତି ବ୍ୟବସ୍ଥା ଭାରତୀୟ ସମାଜ ଉପରେ ଗଭୀର ପ୍ରଭାବ ପକାଇଛି ଏବଂ ପିଢ଼ି ପରେ ପିଢ଼ି ଧରି ବିଦ୍ୱାନମାନେ ଏହାକୁ ଅଗଣିତ ଦୃଷ୍ଟିକୋଣରେ ଅଧ୍ୟୟନ କରିଛନ୍ତି । ଏକ ସାଧାରଣ ସହମତିରୁ ଜଣାଯାଏ ଯେ, ଏହି ବର୍ଣ୍ଣ–ଜାତି ବ୍ୟବସ୍ଥା ପୂର୍ବ କାଳରେ ଅଧିକ ନମନୀୟ ଥିଲା ଏବଂ ସମୟାନୁକ୍ରମେ ବିଶେଷ କରି ଭାରତରେ ବ୍ରିଟିଶ୍ ଶାସନ ସମୟରେ ଅଧିକ କଠୋର ହୋଇଯାଇଥିଲା । ଆମେ ଏହା ମଧ୍ୟ ମନେରଖିବା ଉଚିତ ଯେ ବର୍ଣ୍ଣ–ଜାତି ଭାରତୀୟ ସମାଜରେ କାର୍ଯ୍ୟ କରୁଥିବା ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ନଥିଲା । ଏଠାରେ ଆହୁରି ଅନେକ ବ୍ୟବସ୍ଥାମାନ ରହିଥିଲା, ଯାହା ମଧ୍ୟରୁ କେତେକ ଆମେ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କରିବା, ବିଶେଷ କରି ଆମର ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା ର ବିଷୟବସ୍ତୁ ବିଷୟରେ ଆଲୋଚନା କରିବା ।

ଏହା ବିଷୟରେ ଚିନ୍ତାକର

ସମାଜରେ ଅନେକ ପ୍ରକାର ଅସମାନତା ରହିପାରେ । ତୁମେ କ'ଣ ଏପରି କୌଣସି ଘଟଣାର ସମ୍ମୁଖୀନ ହୋଇଛ ଯାହା ତୁମକୁ କିମ୍ବା ତୁମ ପରିଚିତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନ ଅନୁଭବ କରାଇଛି ? ସମାଜରେ ସମାନତା ଆବଶ୍ୟକ ବୋଲି ତୁମେ ଭାବୁଛ କି ? ଯଦି ହଁ, ତେବେ କାହିଁକି ? ସମାଜରୁ ଅସମାନତାକୁ ହ୍ରାସ କରିବା ଲୋକ କିମ୍ବା ଘଟଣା ସଂସ୍ପର୍ଶରେ ତୁମେ ଆସିଛ କି ?

ଭାରତର ଅନ୍ୟାନ୍ୟ ଅଞ୍ଚଳରେ ବିକାଶ :

ଏହି ପୂ.ସା.ଅ. ପ୍ରଥମ ସହସ୍ରାବ୍ଦୀରେ ବାଣିଜ୍ୟ, ତୀର୍ଥଯାତ୍ରା, ସାମରୀକ ଅଭିଯାନ ଇତ୍ୟାଦି ପାଇଁ ମୁଖ୍ୟ ଯୋଗାଯୋଗ ପଥଗୁଡ଼ିକ ଖୋଲିହୋଇଥିଲା । ଉତ୍ତରାପଥ ଏବଂ ଦକ୍ଷିଣାପଥ ନାମକ ଦୁଇଟି ପଥ ବହୁଳ ଭାବେ ବ୍ୟବହୃତ ହୋଇଥିବା ସେ ସମୟର ସାହିତ୍ୟରେ ପ୍ରାୟତଃ ଉଲ୍ଲେଖ ରହିଛି । ଉତ୍ତରାପଥ: ଗାଙ୍ଗେୟ ସମତଳ ଭୂମି ସମେତ ଉତ୍ତର–ପଶ୍ଚିମ ଅଞ୍ଚଳଗୁଡ଼ିକୁ ପୂର୍ବ ଭାରତ ସହ ସଂଯୋଗ କରୁଥିଲା ।



ଚିତ୍ର 4.7. ଶିଶୁପାଳଗଡ଼(ବର୍ତ୍ତମାନ ଭୁବନେଶ୍ୱରର ଏକ ଉପକଣ୍ଠ ଯାହା 1948 ମସିହାରେ ଉତ୍ଖନନ କରାଯାଇଥିଲା): ସୁରକ୍ଷା ପ୍ରାଚୀର ଦେଇ ନଗର ଭିତରକୁ ଏକ ପ୍ରବେଶ ପଥ ବାହାରେ ଏକ ଜଳପୂର୍ଣ୍ଣ ଗଡ଼ଖାଇ ଦେଖାଯାଉଛି । ଲୋକ ଏବଂ ସାମଗ୍ରୀର ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଚୀର ଦ୍ୱାରରେ ସଂକୀର୍ଣ୍ଣତାକୁ ଲକ୍ଷ୍ୟ କର ।

AP SCERT

ଦକ୍ଷିଣାପଥ ଯାହା ତତ୍କାଳୀନ ଅନ୍ୟତମ ମହାଜନପଦର ରାଜଧାନୀ କୌଶାମ୍ବୀ(ପ୍ରୟାଗରାଜ ନିକଟସ୍ଥ)ରୁ ଆରମ୍ଭ ହୋଇ ବିନ୍ଧ୍ୟ ପର୍ବତ ଅତିକ୍ରମ କରି ଦକ୍ଷିଣ ପର୍ଯ୍ୟନ୍ତ ଯାଇଥିଲା । ଭାରତରେ ସାମ୍ରାଜ୍ୟଗୁଡ଼ିକର ଗଠନ ବିଷୟରେ ଆଲୋଚନା କରିବା ସମୟରେ ଆମେ ଏହି ପଥଗୁଡ଼ିକ ବିଷୟରେ ଜାଣିବା । ଅନେକ ପାର୍ଶ୍ୱରାସ୍ତା ମଧ୍ୟ ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ସଂଯୋଗ କରୁଥିଲା, ମୁଖ୍ୟତଃ ପଶ୍ଚିମ ଓ ପୂର୍ବ ଉପକୂଳରେ ଥିବା ଗୁରୁତ୍ୱପୂର୍ଣ୍ଣ ବନ୍ଦରଗୁଡ଼ିକ ସହିତ, ଯେଉଁଗୁଡ଼ିକ ବାଣିଜ୍ୟର ପ୍ରସିଦ୍ଧ କେନ୍ଦ୍ରସ୍ଥଳି ଥିଲା । ପୂର୍ବ ଅଞ୍ଚଳରେ ଶିଶୁପାଳଗଡ଼(ବର୍ତ୍ତମାନ ଭୁବନେଶ୍ୱରର ଏକ ଅଂଶ ହେବା ଶିଶୁପାଳଗଡ଼) ଭଳି ପ୍ରମୁଖ ନଗରଗୁଡ଼ିକ ଗଢ଼ି ଉଠିଥିଲା । ଶିଶୁପାଳଗଡ଼ ତତ୍କାଳୀନ କଳିଙ୍ଗ ଅଞ୍ଚଳର ରାଜଧାନୀ ଥିଲା । ଏହା ଏକ ବର୍ଗାକାର ଭୂମି ଉପରେ ଗଢ଼ି ଉଠିଥିବା ଯୋଜନାବଦ୍ଧ ସୁରକ୍ଷା ପ୍ରାଚୀର ସହ ଏହାର ରାସ୍ତାଗୁଡ଼ିକ ପ୍ରଶସ୍ତ ଥିଲା ।



ଚିତ୍ର 4.8. ପୂ.ସା.ଅ. 1900 ରୁ ପୂ.ସା.ଅ.300 ପର୍ଯ୍ୟନ୍ତ ଅବଧିର ସମୟ ରେଖା

ଉପମହାଦେଶର ଦକ୍ଷିଣାଞ୍ଚଳରେ ପ୍ରାୟ ପୂ.ସା.ଅ. 400ରୁ ନଗରଗୁଡ଼ିକର ଉତ୍‌ଥାନ ହେବା ଆରମ୍ଭ ହୋଇଥିଲା, ଯଦିଓ ସାମ୍ପ୍ରତିକ ଉତ୍‌ଖନନରୁ ଏହା ପୂର୍ବରୁ ହୋଇଥିବା ବାଣିଜ୍ୟିକ କାର୍ଯ୍ୟକଳାପର କିଛି ପ୍ରମାଣ ମିଳିଛି । ଏହି ସମୟରେ ଚେର, ଚୋଳ ଏବଂ ପାଣ୍ଡ୍ୟ ନାମକ ତିନୋଟି ରାଜ୍ୟର ଉତ୍‌ଥାନ ହୋଇଥିଲା ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣ ବ୍ୟତୀତ ସର୍ବପ୍ରାଚୀନ ତାମିଲ ସାହିତ୍ୟରେ ସେ ସମୟର ରାଜ୍ୟ ଓ ଅନେକ ରାଜାମାନଙ୍କ ବିଷୟରେ ବର୍ଣ୍ଣନା ରହିଛି, କାରଣ ଦକ୍ଷିଣାଞ୍ଚଳଗୁଡ଼ିକ ମୂଲ୍ୟବାନ ଓ ଅର୍ଦ୍ଧ ମୂଲ୍ୟବାନ ପ୍ରସ୍ତର, ସୁବର୍ଣ୍ଣ ଏବଂ ମସଲା ଦ୍ରବ୍ୟ ଭଳି ସମ୍ପଦରେ ସମୃଦ୍ଧ ଥିବା ହେତୁ, ସେମାନେ କେବଳ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ହିଁ ନୁହେଁ ବରଂ ବିଦେଶୀ ରାଜ୍ୟ ଏବଂ ସାମ୍ରାଜ୍ୟଗୁଡ଼ିକ ସହିତ ମଧ୍ୟ ଲାଭଜନକ ବାଣିଜ୍ୟ କରୁଥିଲେ ।



ଚିତ୍ର 4.9. କୋଡୁମାନଲ୍(ତାମିଲନାଡୁର ଇରୋଡ୍ ନିକଟବର୍ତ୍ତୀ) ଅଞ୍ଚଳରେ ଥିବା ଶାମୁକା ଓ ମୂଲ୍ୟବାନ ପଥର ଶିଳ୍ପର ଦୃଶ୍ୟଚିତ୍ର

ପୂ.ସା.ଅ. 300 କିମ୍ବା 200 ବେଳକୁ, ଉତ୍ତର–ପୂର୍ବ ଅଞ୍ଚଳ ସମେତ ପ୍ରାୟ ସମଗ୍ର ଭାରତୀୟ ଉପମହାଦେଶରେ ସ୍ଥଳ ଯୋଗାଯୋଗରେ ଉନ୍ନତି ପରିଲିକ୍ଷିତ ହୋଇଥିଲା । ଉଭୟ ଦ୍ରବ୍ୟ ଓ ସଂସ୍କୃତି ଏକ ସଙ୍ଗରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଏବଂ ପ୍ରାୟତଃ ଭାରତ ବାହାରେ ମଧ୍ୟ ଏସିଆ ଏବଂ ଦକ୍ଷିଣ–ପୂର୍ବ ଏସିଆର କିଛି ଅଞ୍ଚଳକୁ ଯାତ୍ରା କରିଥିଲା । ପ୍ରାୟ ସେହି ସମୟରେ, ମହାଜନପଦଗୁଡ଼ିକ ଅସ୍ତିତ୍ୱ ହରାଇବା ସହ ଭାରତର ପୁନଃଆକୃତି ପାଇଁ ନୂତନ ପରିଣାମର ପଥ ଉନ୍ମୁକ୍ତ ହୋଇଥିଲା ।

APSCERT



ଶେଷ କରିବା ପୂର୍ବରୁ .....

→ ପୂ.ସା.ଅ. ଦ୍ୱିତୀୟ ସହସ୍ରାବ୍ଦୀର ଶେଷ ଭାଗରୁ ଉତ୍ତର ଏବଂ ମଧ୍ୟ ଭାରତର କିଛି ଅଂଶରେ ଜନପଦଗୁଡ଼ିକ ଗଢ଼ି ଉଠିଥିଲା । ସେଗୁଡ଼ିକ ଛୋଟ ଛୋଟ ରାଜ୍ୟ ଥିଲା, ସେଠାରେ ଜଣେ ଜଣେ ରାଜା ଥିଲେ ଏବଂ ସେମାନେ ବୟୋଜ୍ୟେଷ୍ଠ ମାନଙ୍କ ଦ୍ୱାରା ଗଠିତ ଏକ ସଭାର ପରାମର୍ଶ ନେଇ ଶାସନ କରୁଥିଲେ ।

→ ପୂ.ସା.ଅ. ପ୍ରଥମ ସହସ୍ରାବ୍ଦୀରେ **16**ଟି ମହାଜନପଦ ପ୍ରଥମ ସଂଗଠିତ ରାଜ୍ୟ ଥିଲେ; ସେଗୁଡ଼ିକ ଭାରତର ଦ୍ୱିତୀୟ ନଗରୀକରଣର ମୂକ ସାକ୍ଷୀ ଥିଲେ । ଦ୍ୱିତୀୟ ନଗରୀକରଣ ଗାଙ୍ଗେୟ ସମତଳ ଅଞ୍ଚଳରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ସମସ୍ତ ଦିଗରେ ବ୍ୟାପିଥିଲା । ପୂ.ସା.ଅ. **300** ବେଳକୁ ଏହି ମହାଜନପଦଗୁଡ଼ିକ ନିଜର ଅସ୍ତିତ୍ୱ ହରାଇଥିଲେ ।

→ ସେହି ସମୟରେ ଉତ୍ତର ଓ ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଅଞ୍ଚଳକୁ ସଂଯୋଗ କରୁଥିବା ବିଶାଳ ସଡ଼କପଥ ରହିଥିଲା । ଯାହା ଶେଷରେ ଉପମହାଦେଶର ସମସ୍ତ ଅଞ୍ଚଳକୁ ବ୍ୟାପିଥିଲା । ସେହିସବୁ ପଥଦେଇ ଲୋକମାନଙ୍କ ସହ ସାମଗ୍ରୀ, ଚିନ୍ତାଧାରା ଏବଂ ବିଭିନ୍ନ ଶିକ୍ଷା ବ୍ୟାପ୍ତି ଲାଭ କରିଥିଲା ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ଭଜ୍ଜି ଏବଂ ମଲ୍ଲ ମହାଜନପଦର ରାଜନୈତିକ ବ୍ୟବସ୍ଥାର ବିଶେଷତ୍ୱ କ'ଣ ଥିଲା ?
   - **A.** ସେମାନେ ଏକ ସାମୁହିକ ନିଷ୍ପତ୍ତି ମାଧ୍ୟମରେ ନିଜ ଶାସକଙ୍କୁ ଚୟନ କରୁଥିଲେ ।
   - **B.** ସେମାନେ ସର୍ବଦା ଶାସକଙ୍କ ପରେ ତାଙ୍କ ଜ୍ୟେଷ୍ଠ ପୁତ୍ରଙ୍କୁ ଶାସକ କରୁଥିଲେ ।
   - **C.** ସେମାନେ ଆଲୋଚନା ଏବଂ ମତଦାନ ମାଧ୍ୟମରେ ମୁଖ୍ୟ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରୁଥିଲେ ।
   - **D.** ସେମାନେ କୌଣସି ପରିଷଦ ବିନା ଶାସକଙ୍କୁ ନିଷ୍ପତ୍ତି ନେବାକୁ ଅନୁମତି ଦେଉଥିଲେ ।
2. ଗ୍ରନ୍ଥଗୁଡ଼ିକ ଅନୁଯାୟୀ, ପ୍ରାରମ୍ଭିକ ବୈଦିକ ସମାଜରେ ଶାସକମାନଙ୍କୁ କିପରି ଚୟନ କରାଯାଉଥିଲା ?
3. ପୂ.ସା.ଅ. ପ୍ରଥମ ସହସ୍ରାବ୍ଦୀରେ ନଗରୀକରଣର ବିକାଶ ପାଇଁ ଲୌହଧାତୁ ବିଦ୍ୟାର ବିକାଶ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ? ପାଠ୍ୟର ବିଷୟ ବସ୍ତୁ ସହିତ ନିଜ ଜ୍ଞାନ କିମ୍ବା କଳ୍ପନା ବ୍ୟବହାର କରି ଉତ୍ତର ଦିଅ ।
4. ଅଧ୍ୟାୟର ଆରମ୍ଭରେ ଥିବା ଉଦ୍ଧୃତିକୁ ବିଚାରକୁ ନେଇ ବିଭିନ୍ନ ଗୋଷ୍ଠୀରେ ଆଲୋଚନା କର । ଏକ ରାଜ୍ୟ ପାଇଁ କୌଟିଲ୍ୟଙ୍କ ସୁପାରିଶ ସହିତ ତୁମ ପର୍ଯ୍ୟବେକ୍ଷଣ ଏବଂ ନିସ୍କର୍ଷକୁ ତୁଳନା କର । ବର୍ତ୍ତମାନ ଯୁଗରେ ତାହା କ'ଣ ଅଧିକା ଭିନ୍ନ ?
5. ମନେକର ତୁମେ ପ୍ରାଚୀନ ଭାରତ ବିଷୟରେ ଅଧ୍ୟୟନ କରୁଥିବା ଜଣେ ଐତିହାସିକ । ମହାଜନପଦଗୁଡ଼ିକ ବିଷୟରେ ଅଧିକା ଜାଣିବା ପାଇଁ ତୁମେ କେଉଁ ପ୍ରକାରର ଉତ୍ସ(ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଇତ୍ୟାଦି) ବ୍ୟବହାର କରିବ ? ପ୍ରତ୍ୟେକ ଉତ୍ସ ତୁମେ ହୃଦୟଙ୍ଗମ କରିବାରେ କିପରି ସହାୟକ ହେବ ବ୍ୟାଖ୍ୟା କର ।

✧✧✧✧✧

AP SCERT

ଅଧ୍ୟାୟ

5

ସାମ୍ରାଜ୍ୟର ଅଭ୍ୟୁଦୟ


R4V5R1

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- ସାମ୍ରାଜ୍ୟର ବିସ୍ତାରକୁ ଚିହ୍ନିବା, , ବିଭିନ୍ନ ବାଣିଜ୍ୟ ପଥ ଏବଂ ପରସ୍ପର ସାହାଯ୍ୟର ଗୁରୁତ୍ୱକୁ ଚିହ୍ନଟ କରିବା । (CG-1)
- ଅନେକ କ୍ଷୁଦ୍ର ରାଜ୍ୟର ମିଶ୍ରଣରେ ଗଠିତ ଏକ ଶକ୍ତିଶାଳୀ ରାଜ୍ୟ ଭାବେ ମଗଧର ଉତ୍‌ଥାନକୁ ବର୍ଣ୍ଣନା କରିବା । (CG-1)
- ଶକ୍ତିଶାଳୀ ମୌର୍ଯ୍ୟଙ୍କ ଉତ୍‌ଥାନ ଏବଂ ସେମାନଙ୍କର ସ୍ଥାୟୀ ଐତିହ୍ୟକୁ ବର୍ଣ୍ଣନା କରିବା । (CG-1)
- କୌଟିଲ୍ୟଙ୍କ ବିଚକ୍ଷଣ ଶାସନର ମୌଳିକ ଦର୍ଶନକୁ ବର୍ଣ୍ଣନା କରିବା । (CG-1)
- ଐତିହାସିକ ପ୍ରସଙ୍ଗ ସହ ଜଡ଼ିତ ଭାରତର ଚିତ୍ର ଏବଂ ମାନଚିତ୍ରର ବ୍ୟାଖ୍ୟା କରିବା । (CG-1)

ଲୋକମାନଙ୍କ ବିନା ରାଜ୍ୟ ଅସମ୍ଭବ
ଏବଂ ରାଜ୍ୟ ବିନା ଦେଶ ଅସମ୍ଭବ ।
– ଅର୍ଥଶାସ୍ତ୍ରରେ କୌଟିଲ୍ୟଙ୍କ ଉକ୍ତି



ଚିତ୍ର 5.1 – ବିହାରର ବାରବର ପାହାଡ଼ରେ ପଥର କଟା ଗୁମ୍ଫା

ମୁଖ୍ୟ ପ୍ରଶ୍ନାବଳୀ ?

1. *ସାମ୍ରାଜ୍ୟ କହିଲେ କ'ଣ ବୁଝ ?*
2. *ସାମ୍ରାଜ୍ୟଗୁଡ଼ିକ କିପରି ଭାରତୀୟ ସଭ୍ୟତାର ଉତ୍‌ଥାନ ଓ ଗଠନ କରିଥିଲେ ?*
3. *ରାଜ୍ୟରୁ ସାମ୍ରାଜ୍ୟକୁ ରୂପାନ୍ତର ହେବାରେ କେଉଁ କାରକଗୁଡ଼ିକ ସହାୟକ ହୋଇଥିଲା ?*
4. *ପୂ.ସା.ଅ.6ଷ୍ଠ ଶତାବ୍ଦୀରୁ ପୂ.ସା.ଅ.2ୟ ଶତାବ୍ଦୀ ମଧ୍ୟରେ ଲୋକମାନଙ୍କର ଜୀବନଯାପନ ଧାରା କିପରି ଥିଲା ?*

AP SCERT



ଚିତ୍ର 5.2 – ଆଧୁନିକ ପାଟ୍‌ନା ଚତୁଃପାର୍ଶ୍ୱରେ ଥିବା ପାଟଳୀପୁତ୍ର ସମ୍ବନ୍ଧିତ କଳାତ୍ମକ ଚିତ୍ର ।

ଉମା ଏବଂ କ୍ରିଷ୍ଣା ଚିତ୍ରରେ ଉତ୍ତେଜିତ ଥିବା ଦେଖାଯାଉଛନ୍ତି । ଅତୀତକୁ ଫେରିବା ନିମନ୍ତେ 'ଇତିହାସ' ନାମକ ଏକ ସମୟ ଯନ୍ତ୍ରକୁ ସେମାନେ ବର୍ତ୍ତମାନ କ୍ରିୟାଶୀଳ କରାଇଲେ । ସେମାନଙ୍କର ଇତିହାସ ପାଠର ଏକ ସୂତ୍ର । ସୂଚନାକୁ ନେଇ ସେମାନେ ପ୍ରଥମ ଯାତ୍ରାରେ ପାଟଳୀପୁତ୍ର ପରିଦର୍ଶନ ଲାଗି ସ୍ଥିର କଲେ । ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ ଆଧୁନିକ 'ପାଟନା' ଏବଂ ପାଟଳୀପୁତ୍ର' ସମାନ ସ୍ଥାନ ଅଟେ ।

ମହାନଗର ଉପାନ୍ତରେ ଓହ୍ଲାଇବା ପରେ ସେମାନଙ୍କ ମୁଣ୍ଡ ଘୂରାଇ ଦେଇଥିଲା । ଅଜବ ପୋଷାକ ପିନ୍ଧା ଲୋକ ସହିତ ଗୋଟିଏ ଝିଅ କଥା ହେଉଥିବାର ସେମାନେ ଦେଖିଲେ । ଲୋକଟି ଘୋଡ଼ା ଉପରେ ବସିଥିଲେ । ଯେତେବେଳେ ସେ ଲୋକଟି ଚାଲିଗଲେ, ଝିଅଟି ସେମାନଙ୍କ ଆଡ଼କୁ ବୁଲି ଚାହିଁଲା । ସେମାନେ ତା' ନାଁ ପଚାରିବାରୁ ସେ କହିଲା । ''ମୋର ନାମ ଇରା, ମୁ କାହ୍ନା ଦାସଙ୍କ ଝିଅ, ମୁଁ ଜଣେ କମାର(ଲୁହା କାମ କରୁଥିବା ବ୍ୟକ୍ତି) । ଆପଣମାନଙ୍କୁ ପାଟଳୀପୁତ୍ରକୁ ସ୍ୱାଗତ ।'' ''ତୁମକୁ ଭେଟି ଆମେ ବହୁତ ଖୁସି, ଇରା । ଆମେ 'ଭବିଷ୍ୟା' ଓ 'ଧ୍ରୁବ' । ''

ଇରା କହିଲୀ ''ଟିକେ ଧୀରେ କଥା ହୁଅ । ତୁମେ ସେହି ସୈନିକମାନଙ୍କୁ ଅଗ୍ରସର ହେଉଥିବାର ଦେଖୁଛ କି ? ସେମାନେ ଆମକୁ ଅସୁବିଧାରେ ପକାଉଥିବା ଏକ ପଡ଼ୋଶୀ ରାଜ୍ୟ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯାଉଛନ୍ତି । ଆମ ରାଜା ପ୍ରାୟ ଯୁଦ୍ଧକୁ ଭଲ ପାଆନ୍ତି ନାହିଁ । କିନ୍ତୁ ଆବଶ୍ୟକ ପଡ଼ିଲେ ସେ ନିଜ ଲୋକଙ୍କୁ ରକ୍ଷା ମଧ୍ୟ କରନ୍ତି । ମୋ ବାପା ସେମାନଙ୍କର ଅନେକ ଖଣ୍ଡା ତିଆରିରେ ସାହାଯ୍ୟ କରିଛନ୍ତି ଏବଂ ମୋର ମାମୁଁ ସେହି ଦଳର ଜଣେ ସୈନିକ । ମୁଁ କେବଳ ତାଙ୍କୁ ବିଦାୟ ଦେବାକୁ ଆସିଥିଲି । ମୁଁ ଜାଣି ନାହିଁ ସେ କେବେ ଫେରିବେ ।''

AP SCERT

(ଦଳଟି ସୈନ୍ୟମାନଙ୍କର ଚିତ୍ତାକର୍ଷକ ଶୋଭାଯାତ୍ରାକୁ ଦେଖୁଛନ୍ତି, ଯାହା ସହର ବାହାରକୁ ଯାଉଥିବା ଏକ ସୁଦୃଢ଼ ଟଣା ସେତୁ ପାର ହେଉଛି; କିଛି ସୈନ୍ୟ ଘୋଡ଼ା ଉପରେ ଏବଂ ସେନାପତିମାନେ ହାତୀ ପିଠିରେ ପାରି ହେଉଛନ୍ତି । ତା'ପରେ ତିନି ଜଣ ପିଲା ସେହି ଟଣା ସେତୁ ଦେଇ ସହରରେ ପ୍ରବେଶ କରିଛନ୍ତି ।) ଉମା ପଚାରିଲା, ''ଏହା କି ପ୍ରକାର ସେତୁ ଏବଂ ଏହାତଳେ ଏକ ନଦୀ ଅଛି କି ?'' ''ଏହି ସେତୁ ଆମକୁ ସୁରକ ିତ ରଖେ ବୋଲି ଇରା ବର୍ଣ୍ଣନା କଲା ।''



Fig. 5. 3

ଯେତେବେଳେ ସହର ଉପରେ ଆକ୍ରମଣର ବିପଦ ଥାଏ, ସେତେବେଳେ ଏହାକୁ ଉଠାଇ ଦିଆଯାଏ(ଭିତରକୁ ଟାଣି ଦିଆଯାଏ) । ଏହା ନଦୀ ନୁହେଁ ଏକ ଗଭୀର ପରିଖା(ଖାଇ) । ଏହି ଟଣା ସେତୁକୁ ଉଠାଇ ଦିଆଗଲେ, ଦୁର୍ଗ ଭିତରକୁ ଯିବା କଷ୍ଟକର ହୋଇଥାଏ । ତୁମେ ଦୂରରେ ଥିବା ସେହି ପାହାଡ଼ ଓ ଜଙ୍ଗଲକୁ ଦେଖିପାରୁଛ କି? ''ସେମାନେ ଆମକୁ କାଠ, ଔଷଧ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପଦ ଯୋଗାଇଥାନ୍ତି । ହାତୀମାନଙ୍କୁ ଜଙ୍ଗଲରୁ ଧରିଆଣି ସୈନ୍ୟବାହିନୀ ପାଇଁ ତାଲିମ୍ ଦିଆଯାଇଥାଏ ।''

''ସେହି ପାହାଡ଼ରେ ଥିବା ଖୋଲା ସ୍ଥାନଟି କ'ଣ ?'' କ୍ରିଷ୍ଣା ପଚାରିଲା ।

'' ଏହା ଏକ ଗୁମ୍ଫା । ଆମ ରାଜା ଏହାକୁ ସନ୍ନ୍ୟାସୀମାନଙ୍କ ନିମନ୍ତେ ଖୋଳୁଛନ୍ତି । ମୁଁ ଆଶା କରୁଛି ଯେ କାମ ସରିବା ପରେ ଆମେ ଏ ସ୍ଥାନକୁ ପରିଦର୍ଶନ କରିପାରିବା !''

(ପାଟଳୀପୁତ୍ର ଭିତରେ ଯିବା ବେଳେ ସେମାନେ ଏହାର ବୈଭବ, ପହରାଦାର ସ୍ତମ୍ଭ ସହିତ ଉଚ୍ଚ କୋଠାର କାଠ ତିଆରି ଚଉଡ଼ା ପ୍ରାଚୀର, ଭବ୍ୟ ପ୍ରାସାଦ, କୋଠାବାଡ଼ି ଓ ଚଳଚଞ୍ଚଳ ରାସ୍ତା ଦେଖିଲେ । ଇରା ସୁଦୂର ବ୍ୟବସାୟୀମାନଙ୍କର ଏକ ବ୍ୟସ୍ତ ବହୁଳ ବଜାର ଆଡ଼କୁ ଆଙ୍ଗୁଳି ଦେଖାଇଲା ।)

'' ତୁମେ ଯିବା ପୂର୍ବରୁ ଆମର ମୁଖ୍ୟ ବଜାରକୁ ବୁଲି ଦେଖିବା ଦରକାର । ଆମ ରାଜା ଏଠାରେ ସମସ୍ତ ଭ୍ରମଣକାରୀଙ୍କୁ ସ୍ୱାଗତ କରିଥାନ୍ତି । ତୁମେ ଏହି ପାଟଳୀପୁତ୍ର ବଜାରରୁ ସବୁକିଛି ପାଇ ପାରିବ, ଯେପରିକି ଚୀନ୍‌ର ରେଶମ, ଦକ୍ଷିଣର ମସଲା ଓ ରତ୍ନ ପଥର, ବିଭିନ୍ନ ଅଞ୍ଚଳର ସୁନ୍ଦର ସୁନ୍ଦର ପୋଷାକ ଇତ୍ୟାଦି.... !''

କ୍ରିଷ୍ଣା ପଚାରିଲା,'' ଏ ଲୋକମାନେ ସେଠାରେ କ'ଣ କରୁଛନ୍ତି ?''

କରଦ ରାଜ୍ୟ :

ଆମ କ୍ଷେତ୍ରରେ ଜଣେ ଶାସକ ବା ରାଜା, ଯାହା ଜଣେ ସମ୍ରାଟଙ୍କ ନିକଟରେ ଆତ୍ମସମର୍ପଣ କରିଥାଏ ଏବଂ ତାଙ୍କ ରାଜ୍ୟରେ ମିଳୁଥିବା ଟଙ୍କା, ସୁନା(କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ଧାତୁ) ଶସ୍ୟ, ଗୃହପାଳିତ ପଶୁ, ହାତୀ କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ସମର୍ପଣ ବିଶ୍ୱସ୍ତତା କିମ୍ବା ସମ୍ମାନର ଚିହ୍ନ କିମ୍ବା ରକ୍ଷଣ ଦେୟ ଭାବରେ ସମ୍ରାଟଙ୍କୁ ଦିଆଯାଇଥାଏ । ସାମନ୍ତ ରାଜ୍ୟଗୁଡ଼ିକ ସମ୍ରାଟଙ୍କ ଆଧିପତ୍ୟକୁ ଗ୍ରହଣ କରି ଦିଆଯାଉଥିବା ରକ୍ଷଣ ଅନୁଗତ ଦେୟକୁ ଜାଗିରଦାରୀ (**Vassal**) କୁହାଯାଏ ।

APSCERT

''ଜଣେ ଜଣେ କଳାକାର, ସେମାନେ ମାନବ ପିରାମିଡ୍ ତିଆରି କରିବାଠୁ ଆରମ୍ଭ କରି, ଗୀତ ଗାଇବା, ନାଚ କରିବା ସହିତ ଛୋଟ ଛୋଟ ନାଟକରେ ଅଭିନୟ କରି ଲୋକମାନଙ୍କର ମନୋରଞ୍ଜନ କରିଥାନ୍ତି । ଏପରିକି ବେଳେବେଳେ ରାଜାଙ୍କ ସମ୍ମୁଖରେ ଅଭିନୟ କରିଥାନ୍ତି !''

ଉମା କହିଲା. ''ତୁମ ରାଜା ତ ତାହାହେଲେ ବହୁତ ଶକ୍ତିଶାଳୀ । ସେ କ'ଣ ପାଟଳୀପୁତ୍ର ଚାରିପାଖରେ ଥିବା ରାଜ୍ୟଗୁଡ଼ିକୁ ବି ଶାସନ କରିଥାନ୍ତି ?''

ଇରା ଉତ୍ତର ଦେଲା, ''ତା' ଠାରୁ ଆହୁରି ଅଧିକ ।'' ''ଏହି ବିରାଟ ଭୂଖଣ୍ଡକୁ ସେ ଶାସନ କରନ୍ତି, ଯାହା ସହର ବାହାରେ ବହୁ ଦୂର ପର୍ଯ୍ୟନ୍ତ ବିସ୍ତୃତ । ତାଙ୍କ ଆଧିପତ୍ୟ ଗ୍ରାମ, ସହର ଓ ରାଜ୍ୟମାନଙ୍କରେ ଅପ୍ରତିହିତ ଥିଲା । ମୋ ମାମୁଁ କହୁଥିଲେ, ଏହି ସାମ୍ରାଜ୍ୟ ସୀମାରେ ଥରେ ବୁଲି ଆସିବା ପାଇଁ ଘୋଡ଼ା ପିଠିରେ ତାଙ୍କୁ ଦୁଇ ମାସ ସମୟ ଲାଗିଥିଲା ।'' ''ଯାହା ଜଣାଯାଉଛି ଏହାତ ଗୋଟିଏ ରାଜ୍ୟ ଠାରୁ ବି ବଡ଼, ତୁମେ ଏହାକୁ କ'ଣ କହିବ ?'' ଇରା ଗର୍ବର ସହିତ କହିଲା, ''ଏହା ଏକ ସାମ୍ରାଜ୍ୟ ।''

ସାମ୍ରାଜ୍ୟ କହିଲେ କ'ଣ ?

'ସାମ୍ରାଜ୍ୟ' ଶବ୍ଦର ଇଂରାଜୀ ପ୍ରତିଶବ୍ଦ **Empire** ଯାହା ମୂଳ ଲାଟିନ୍ ଶବ୍ଦ **imperium** ରୁ ଆସିଅଛି । ଏହାର ଅର୍ଥ ସର୍ବୋଚ୍ଚ କ୍ଷମତା । ସରଳ ଭାଷାରେ କହିବାକୁ ଗଲେ, ଛୋଟ ଛୋଟ ରାଜ୍ୟ କିମ୍ବା ଅଞ୍ଚଳର ସମଷ୍ଟି; ଯାହା ଉପରେ ଜଣେ ଶକ୍ତିଶାଳୀ ଶାସକ କିମ୍ବା ଶାସକମାନଙ୍କର ଏକ ଗୋଷ୍ଠୀ କ୍ଷମତାର ବ୍ୟବହାର କରିବା ସହିତ ଅନେକ ସମୟରେ ସେମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥାନ୍ତି । ଛୋଟ ଛୋଟ ଅଞ୍ଚଳଗୁଡ଼ିକରେ ସେମାନଙ୍କର ନିଜର ଶାସକ ଥାଆନ୍ତି, କିନ୍ତୁ ସେମାନେ ସମ୍ରାଟଙ୍କ ଅଧିନରେ ସହାୟକ ଶାସକ ରୂପେ କାର୍ଯ୍ୟ କରିଥାନ୍ତି । ସମ୍ରାଟମାନେ ସାଧାରଣତଃ ରାଜଧାନୀର ମୁଖ୍ୟ କେନ୍ଦ୍ରରୁ ଅର୍ଥନୈତିକ ଓ ପ୍ରଶାସନିକ କ୍ଷମତାର ପ୍ରୟୋଗ କରି ଶାସନ କରିଥାନ୍ତି ।

ପ୍ରାଚୀନ ସଂସ୍କୃତି ଗ୍ରନ୍ଥଗୁଡ଼ିକରେ 'ସମ୍ରାଟ' ଶବ୍ଦଟି ସାଧାରଣ ଭାବେ ବ୍ୟବହୃତ ହୋଇଆସିଛି । ଉଦାହରଣ ସ୍ୱରୂପ 'ସମରାଜ' ଯାହାର ଅର୍ଥ ସମସ୍ତଙ୍କର ମୁନିବ ବା ପ୍ରଭୁ କିମ୍ବା 'ସର୍ବୋଚ୍ଚ ଶାସକ'; ଅଧିରାଜ ବା ରାଜାଧିରାଜ କିମ୍ବା ରାଜାମାନଙ୍କର ରାଜା ଇତ୍ୟାଦି ଶବ୍ଦଗୁଡ଼ିକର ବହୁଳ ବ୍ୟବହାର ହୋଇଛି ।

ଭାରତୀୟ ଇତିହାସ ସାମ୍ରାଜ୍ୟରେ ପରିପୂର୍ଣ୍ଣ, ଯେଉଁଗୁଡ଼ିକର ଉତ୍ପତ୍ତି, ବିସ୍ତାର, ପତନ ସହ କାଳକ୍ରମେ ବିଲୋପ ମଧ୍ୟ ଘଟିଛି । ବାସ୍ତବରେ ଭାରତୀୟ ଉପମହାଦେଶରେ ଶାସନ କରୁଥିବା ଶେଷ ସାମ୍ରାଜ୍ୟର ଅସ୍ତିତ୍ୱ ଗୋଟିଏ ଶତାବ୍ଦୀରୁ କିଛି ବର୍ଷରୁ କମ୍ ହେବ । ବର୍ତ୍ତମାନ ସେସବୁ କଥା କହିବାର ସମୟ ନାହିଁ । ଆମକୁ ସମୟ ସାଥୀରେ ଯିବାକୁ ହେବ । ଫଳରେ ଆମେ ବୁଝିପାରିବା ଯେ, ସାମ୍ରାଜ୍ୟଗୁଡ଼ିକ ସୁଦୂର ଅତୀତରେ କିପରି କାର୍ଯ୍ୟ କରୁଥିଲେ ଏବଂ ତାହା କିପରି ଭାରତର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ବିବର୍ତ୍ତନରେ ଗଭୀର ଭାବେ ପ୍ରଭାବ ପକାଇଥିଲା ।

AP SCERT

ଏକ ସାମ୍ରାଜ୍ୟର ବୈଶିଷ୍ଟ୍ୟ ସମୂହ



APSCERT

ଆସ ଅନୁସନ୍ଧାନ କରିବା

→ ସାମ୍ରାଜ୍ୟଗୁଡ଼ିକ ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା ଏବଂ ସେଠାରେ ବିଭିନ୍ନ ଭାଷା, ରୀତିନୀତି ଏବଂ ଭିନ୍ନ ଭିନ୍ନ ସଂସ୍କୃତି ଆପଣେଇଥିବା ଲୋକମାନେ ବାସ କରୁଥିଲେ । ସାମ୍ରାଜ୍ୟରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଉତ୍ତମ ସଂହତି ଓ ବୁଝାମଣା ଥିବାର ସମ୍ରାଟମାନେ କିପରି ନିଶ୍ଚିତ ଥିଲେ ବୋଲି ତୁମେ ଭାବୁଛ ? ଦଳ ଭିତରେ ଆଲୋଚନା କରି ତୁମ ବିଚାର ଶ୍ରେଣୀରେ ବିତରଣ କର ।

→ ସାମ୍ରାଜ୍ୟ ପରିଚାଳନାରେ ଅନେକ ଅସୁବିଧା ପରିଲିଖିତ ହେଲେ ମଧ୍ୟ ଜଣେ ରାଜା କାହିଁକି ନିଜ ରାଜ୍ୟ ବଢ଼ାଇ ସାମ୍ରାଜ୍ୟ ଗଢ଼ି ନିଜେ ସମ୍ରାଟ ହେବା ପାଇଁ ଇଚ୍ଛା କରୁଥିଲେ ? କିଛି କିଛି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଏହା ସହ ତୁମେ ଆଉ ଅଧିକ କିଛି ମଧ୍ୟ ଚିନ୍ତା କରିପାରିବ ।


- 'ସମଗ୍ର ବିଶ୍ୱକୁ ଶାସନ କରିବା'ର ଏକ ଅଭିଳାଷ ସହିତ ବୃହତ୍ ଅଞ୍ଚଳକୁ ନିୟନ୍ତ୍ରଣକୁ ଆଣି ସେଠାକାର ସମ୍ବଳକୁ ବିନିଯୋଗ ସହିତ ଏକ ସ୍ୱଚ୍ଛଳ ଅର୍ଥନୀତି ସହ ଶକ୍ତିଶାଳୀ ସାମରିକ ବାହିନୀ ଗଠନ କରିବାର ଇଚ୍ଛା ।
- ଆର୍ଥନୀତିକ ଓ ସାମରିକ ଶକ୍ତିକୁ ବୃଦ୍ଧି କରି, ବୃହତ୍ ଅଞ୍ଚଳକୁ ନିୟନ୍ତ୍ରଣରେ ଆଣି ସେଠାକାର ସମ୍ବଳକୁ ବିନିଯୋଗ କରିବା ଏକ ସ୍ୱଚ୍ଛଳ ଅର୍ଥନୀତି ସହ ଶକ୍ତିଶାଳୀ ସାମରିକ ବାହିନୀ ଗଠନ କରିବାର ଇଚ୍ଛା ।
- ସମ୍ରାଟ ନିଜକୁ ତଥା ନିଜ ସାମ୍ରାଜ୍ୟକୁ ବିତ୍ତଶାଳୀ କରାଇବାର ଇଚ୍ଛା ।

ଏହାର ପ୍ରତିବଦଳରେ ସମ୍ରାଟ ସାଧାରଣତଃ ଆଞ୍ଚଳିକ ରାଜା କିମ୍ବା ମୁଖିଆମାନଙ୍କୁ ସେମାନଙ୍କ ଅଞ୍ଚଳକୁ ଶାସନ କରିବାର ଅନୁମତି ଦେଇଥିଲେ ।

ଉତ୍ତରାଧିକାର : ଆଗାମୀ ପିଢ଼ି



ଚିତ୍ର 5.4.1 – ତାଲିମ ପ୍ରାପ୍ତ ସୈନିକମାନଙ୍କୁ ପଡ଼ୋଶୀ ରାଜ୍ୟ ଜୟକରି ସେମାନଙ୍କ ଉପରେ ନିୟନ୍ତ୍ରଣ ରଖିବା ଏବଂ ସାମ୍ରାଜ୍ୟର ସୀମାକୁ ସୁରକ୍ଷିତ କରିବା ପାଇଁ ନିୟୋଜିତ କରାଯାଉଥିଲା ।



ଚିତ୍ର 5.4.2 – ସାମ୍ରାଜ୍ୟର ସୀମାରେ ରଣନୀତି ଦୃଷ୍ଟିରୁ ସୁରକ୍ଷା ପାଇଁ ଦୁର୍ଗ ସ୍ଥାପନ ।

AP SCERT

ଚିତ୍ର 5.4.3: କୌଣସି ରାଜ୍ୟ ପ୍ରଥମେ ପଡ଼ୋଶୀ ଅଞ୍ଚଳରେ ଅଶାନ୍ତି ଓ ଦ୍ୱନ୍ଦ ସୃଷ୍ଟି କରାଇ, ଯୁଦ୍ଧ ପରିସ୍ଥିତି କୁ ନେଇ, ଯୁଦ୍ଧ ଦ୍ୱାରା ସେହି ରାଜ୍ୟ ଜୟ ପୂର୍ବକ ସାମ୍ରାଜ୍ୟ ବିସ୍ତାର କରୁଥିଲା ।





ଚିତ୍ର 5.4.4 : ଶାସକମାନେ ସେ ସମୟରେ ନୌବାଣିଜ୍ୟ ଉପରେ ନିୟନ୍ତ୍ରଣ ରଖି, ବାଣିଜ୍ୟ କର ବ୍ୟତୀତ ମୂଲ୍ୟବାନ ସମ୍ପଦ ଉପରେ କର୍ତ୍ତୃତ୍ୱ ଜାହିର କରୁଥିଲେ ।

ଚିତ୍ର 5.4.5 : ଛୋଟ ଛୋଟ ରାଜ୍ୟ ମିଶି ଅନ୍ୟ ରାଜ୍ୟ ସହ ଲଢ଼ି, ବଳକା ସମ୍ପଦ ନିଜ ନିଜ ଭିତରେ ବଣ୍ଟନ ପୂର୍ବକ ନିଜ ସାମରିକ ଶକ୍ତି ଓ ପ୍ରଭୁତ୍ୱ ପଣିଆ ବୃଦ୍ଧି କରୁଥିଲେ ।



AP SCERT


ଆସ ଅନୁସନ୍ଧାନ କରିବା

ଯୁଦ୍ଧ ବ୍ୟତୀତ ଶାସକମାନେ, ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ପାଇଁ ଆଉ କେଉଁ ନୀତି ଅନୁସରଣ କରୁଥିଲେ କି ? ଏ ବିଷୟରେ ତୁମର ମତାମତ ଲେଖି ଶ୍ରେଣୀରେ ଆଲୋଚନା କର ।

ବାଣିଜ୍ୟ, ବାଣିଜ୍ୟ ପଥ ଏବଂ ବାଣିଜ୍ୟିକ ସଂଘ :

ବିଶେଷକରି ଦୂର ଦେଶ ଉପରେ ସାମରିକ ଅଭିଯାନ ବାହାରକୁ ଦେଖାଯାଉଥିବା ପରି ଏତେ ସହଜ କାମ ନ ଥିଲା । ଏକ ସେନା ପରିଚାଳନା କରିବା ବ୍ୟୟ ବହୁଳ ଅଟେ । ସୈନିକମାନଙ୍କୁ ଖାଦ୍ୟ, ବସ୍ତ୍ର ଯୁଦ୍ଧାସ୍ତ୍ରରେ ସଜ୍ଜିତ କରିବା ଏବଂ ଦରମା ଦେବା ଆବଶ୍ୟକ । ହାତୀ, ଘୋଡ଼ା ଆଦିର ଯତ୍ନ ନେବା, ରାସ୍ତା କିମ୍ବା ଜାହାଜ ନିର୍ମାଣ ଇତ୍ୟାଦି କରିବା । ଏହି ସବୁ ପାଇଁ ଯଥେଷ୍ଟ ଅର୍ଥନୈତିକ ଶକ୍ତି, କର୍ମ ଶକ୍ତି ଉପରେ ନିୟନ୍ତ୍ରଣ ଏବଂ ସମ୍ବଳର ଆବଶ୍ୟକତା ଅଟେ ।

ଆମେ ବର୍ତ୍ତମାନ ବୁଝିପାରୁଛେ ଯେ, ଆର୍ଥିକ କାର୍ଯ୍ୟକଳାପ ବିଶେଷକରି ଉତ୍ପାଦନ ଓ ବାଣିଜ୍ୟ ଏବଂ ସାମ୍ରାଜ୍ୟର ସ୍ଥିତି, ଜନକଲ୍ୟାଣ ଓ ଜୀବନର ଗୁଣବତ୍ତା ନିଶ୍ଚିତ କରିବାରେ ସହାୟକ ହୁଏ । ଜଣେ ସୁଶାସକଙ୍କର ଏହା ଏକ ବିଶେଷ ଗୁଣ ହେବା ଆବଶ୍ୟକ । ତେଣୁ ସାମ୍ରାଜ୍ୟ ମଝିରେ ଓ ବାହାରେ ବାଣିଜ୍ୟ ମାର୍ଗ ପ୍ରସ୍ତୁତ ଏବଂ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହିପରି ବାଣିଜ୍ୟିକ ସାମଗ୍ରୀର ପରିମାଣ ଓ ପ୍ରକାରରେ ଅଭିବୃଦ୍ଧି ଉତ୍ପାଦକଙ୍କ ପାଇଁ ଅଧିକ ଆୟ ସହିତ ଶାସକମାନଙ୍କ ପାଇଁ ଅଧିକ ଟିକସ ସଂଗ୍ରହ କରିବାର ବାଟ ଫିଟାଉଥିଲା ।



ଚିତ୍ର 5.5 – ଏହି ଚିତ୍ରରେ ପୂ.ସା.ଅ. 500 ର କିଛି ମୁଖ୍ୟ ବାଣିଜ୍ୟ ପଥ ଏବଂ ସେଥିରେ ଚିହ୍ନିତ ପ୍ରମୁଖ ସହର । ଉତ୍ତରାପଥ ଓ ଦକ୍ଷିଣାପଥ ରାସ୍ତା ଦେଖ ।

ଆମେ ପ୍ରାଚୀନ ଭାରତର ବାଣିଜ୍ୟ କଥା ଚିନ୍ତା କରିବା ତେବେ ସେମାନେ କେଉଁ ପ୍ରକାର ଜିନିଷର ବାଣିଜ୍ୟ କରୁଥିଲେ ? ଏହାର ଯଥେଷ୍ଟ ପ୍ରମାଣ ସାହିତ୍ୟ ଓ ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଛି । ଯାହା ଭିତରେ ଥିଲା ବସ୍ତ୍ର, ମସଲା, କୃଷିଜାତ ଦ୍ରବ୍ୟ, ରତ୍ନ, ହସ୍ତଶିଳ୍ପ ଦ୍ରବ୍ୟ ଓ ରତ୍ନ ପଥର ପରି ସୌଖିନ ଦ୍ରବ୍ୟ ସହିତ ବିଭିନ୍ନ ପଶୁ ପ୍ରଭୃତି ମୁଖ୍ୟ ବାଣିଜ୍ୟର ସାମଗ୍ରୀ ଥିଲା । ଏହି ପ୍ରକାର ଦ୍ରୁତ ବାଣିଜ୍ୟ କେବଳ ଭାରତ ମଧ୍ୟରେ ସୀମିତ ନ ରହି ସଡ଼କ ଓ ସମୁଦ୍ର ପଥରେ ଦୂର ଦେଶମାନଙ୍କ ସହ ପରିଚାଳିତ ହେଉଥିଲା ।

APSCERT

ଅନେକ ସମୟରେ ବ୍ୟବସାୟୀମାନେ ନିଜର ବ୍ୟବସାୟ ଏକା ଏକା ପରିଚାଳନା କରୁନଥିଲେ । ପରବର୍ତ୍ତୀ ସମୟରେ ସେମାନେ ବାଣିଜ୍ୟିକ ସଂଘ ଗଢ଼ିବା ଦ୍ୱାରା ଏହାର ଉପକାରିତା ସମ୍ପର୍କରେ ବୁଝିପାରିଲେ । ବାଣିଜ୍ୟିକ ସଂଘ ବ୍ୟବସାୟୀ, ଶିଳ୍ପୀ, ମହାଜନ ଏବଂ କୃଷକମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ପରିଗଣିତ ହେଲା । ଯେତେଦୂର ପ୍ରମାଣ ମିଳେ, ଗୋଟିଏ ବାଣିଜ୍ୟିକ ସଂଘର ଜଣେ ମୁଖିଆ(ସାଧାରଣତଃ ନିର୍ବାଚିତ ବ୍ୟକ୍ତି) ଏବଂ ନୈତିକତା ଗୁଣଥିବା ପରିଚାଳନା ଅଫିସରମାନଙ୍କୁ ରଖାଯାଉଥିଲା । ବାଣିଜ୍ୟିକ ସଂଘକୁ ଦୁଇଟି କଥା ଅତ୍ୟନ୍ତ ଉନ୍ନତମାନର କରି ଗଢ଼ି ତୋଳିଥିଲା । ସେମାନେ ସେହି ଲୋକମାନଙ୍କୁ ସଂଗଠିତ କଲେ, ଯେଉଁମାନେ ପ୍ରତିଯୋଗୀ ବଦଳରେ ସହଯୋଗୀ ଥିଲେ । ସେମାନେ ଅନୁଭବ କରିଥିଲେ ଯେ, ବଜାର ସମ୍ବଳ ଓ ସୂଚନା ତଥ୍ୟ ବିତରଣ କରିବା ଦ୍ୱାରା ଯୋଗାଣ, ଚାହିଦା ଓ ଶ୍ରମଶକ୍ତି ପ୍ରଭୃତିରେ ସମସ୍ତଙ୍କର ଉପକାର ହେଲା । ଦ୍ୱିତୀୟତଃ ଏକ ପ୍ରାଚୀନ ପୁସ୍ତକରେ ଲେଖାଅଛି ଚାଷୀ, ବ୍ୟବସାୟୀ, ପଶୁପାଳକ, ଜମିଦାର ବା ମହାଜନ, କଳାକାର ଆଦି ନିଜନିଜ ସଂଘର ନୀତି ନିୟମ ପ୍ରଣୟନ କରିପାରୁଥିଲେ । ଅନ୍ୟ ଭାବରେ କହିବାକୁ ଗଲେ, ବ୍ୟବସାୟୀ ସଂଘମାନଙ୍କର ଆଭ୍ୟନ୍ତରୀଣ ନୀତି ନିୟମ ପ୍ରଣୟନରେ କର୍ତ୍ତୃତ୍ୱ ଥିଲା ଏବଂ ରାଜା ଏଥିରେ କୌଣସି ହସ୍ତକ୍ଷେପ କରୁନଥିଲେ । ସେ ବା କାହିଁକି ହସ୍ତକ୍ଷେପ କରିଥାନ୍ତେ, ଯେହେତୁ ବ୍ୟବସାୟୀ ସଂଘର ଅଭିବୃଦ୍ଧି ହେଉଥିଲା ।

ବାଣିଜ୍ୟିକ ସଂଘଗୁଡ଼ିକ ଭାରତର ଅଧିକାଂଶ ସ୍ଥାନରେ ବ୍ୟାପି ରହିଥିଲା ଏବଂ ଶତାବ୍ଦୀ ଶତାବ୍ଦୀ ଧରି ତିଷ୍ଠି ରହିଥିଲା । ଆନୁଷ୍ଠାନିକ ଭାବରେ ସେମାନଙ୍କର ଅସ୍ତିତ୍ୱ ଲୋପ ପାଇଥିଲେ ମଧ୍ୟ ତାହାର ଭାବନା ଆଜି ବି ଭାରତର ବାଣିଜ୍ୟ ଓ ବ୍ୟବସାୟ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି । ବାଣିଜ୍ୟିକ ସଂଘଗୁଡ଼ିକ ଭାରତୀୟ ସମାଜର ସ୍ୱ-ସଂଗଠିତ କ୍ଷମତାର ଏକ ଉତ୍କୃଷ୍ଟ ଉଦାହରଣ ପ୍ରଦାନ କରେ । ସ୍ଥାନୀୟ ଲୋକେ ଏକଜୁଟ୍ ହୋଇ ସନ୍ତୋଷଜନକ କାର୍ଯ୍ୟ କରୁଥିବାରୁ ବିଜ୍ଞ ଶାସକମାନେ ସେମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରୁନଥିଲେ । ଭାରତୀୟ ସମାଜର ନିଜସ୍ୱ ସାଂଗଠନିକ ଦକ୍ଷତାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବାଣିଜ୍ୟିକ ସଂଗଠନ । ପ୍ରାଚୀନ ଗ୍ରାମ୍ୟ ଏକକ, ଏହାର ବିଭିନ୍ନ କମିଟି ଓ ପରିଷଦ ହେଉଛି ଏହାର ଦ୍ୱିତୀୟ ଉଦାହରଣ ।

ଆସ ଅନୁସନ୍ଧାନ କରିବା

→ ବାଣିଜ୍ୟ ପଥଗୁଡ଼ିକର ମାନଚିତ୍ରକୁ ନିରୀକ୍ଷଣ କର । ଭୌଗୋଳିକ ଅବସ୍ଥିତି କିପରି ବ୍ୟବସାୟୀମାନଙ୍କୁ ଉପମହାଦେଶରେ ବାଣିଜ୍ୟିକ ଭ୍ରମଣରେ ସାହାଯ୍ୟ କରୁଥିଲା ଚିହ୍ନଟ କର ।

→ ସଡ଼କ ପଥରେ ଗମନାଗମନର କେଉଁ ପ୍ରକାର ମାଧ୍ୟମ ଉପଲବ୍ଧ ଥିଲା ଚିନ୍ତା କର ।

ମଗଧ ସାମ୍ରାଜ୍ୟର ଉତ୍‌ଥାନ (The Rise of Magadha)


ପୂ.ସା.ଅ. 6ଷ୍ଠ ରୁ ପୂ.ସା.ଅ. 4ର୍ଥ ଶତାବ୍ଦୀ ମଧ୍ୟରେ ଉତ୍ତର ଭାରତରେ ବିରାଟ ପରିବର୍ତ୍ତନ ଦେଖାଦେଇଥିଲା । ଆମେ ପୂର୍ବରୁ 'ମହାଜନପଦ' ବିଷୟରେ ଜାଣିଛେ, ଯେଉଁଠି ଉତ୍ତର ଓ ମଧ୍ୟ ଭାରତର ବଡ଼ ବଡ଼ ରାଜ୍ୟଗୁଡ଼ିକରେ ପରିଷଦ ବ୍ୟବସ୍ଥା ଥିଲା । ସେମାନଙ୍କ ମଧ୍ୟରୁ ମଗଧ ଥିଲା ଅନ୍ୟତମ(ଆଧୁନିକ ବିହାର ଓ ତତ୍‌ସଂଲଗ୍ନ ଅଞ୍ଚଳ) । ଏହା ଛୋଟ ଛୋଟ ରାଜ୍ୟଗୁଡ଼ିକୁ ନେଇ ନିଜର ଶକ୍ତି ବୃଦ୍ଧି କରିବା ସହ ଭାରତରେ ପ୍ରଥମ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲା । ସମ୍ରାଟ ଅଜାତଶତ୍ରୁ ମଗଧକୁ ଏକ ପ୍ରଧାନ କ୍ଷମତାଶାଳୀ ସାମ୍ରାଜ୍ୟ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

AP SCERT

ମନେ ରଖ

ପୃଥିବୀର ଦୁଇଜଣ ପ୍ରଖ୍ୟାତ ଧର୍ମ ପ୍ରଚାରକ ସିଦ୍ଧାର୍ଥ ଗୌତମ ଯିଏ 'ବୁଦ୍ଧ' ନାମରେ ପରିଚିତ ଏବଂ 'ବର୍ଦ୍ଧମାନ' ଯିଏ ମହାବୀର ନାମରେ ବିଶେଷ ଭାବେ ପରିଚିତ, ସେମାନେ ରାଜା ଅଜାତଶତ୍ରୁଙ୍କ ସମସାମୟିକ ଥିଲେ । ଷଷ୍ଠ ଶ୍ରେଣୀର ଭାରତର ସାଂସ୍କୃତିକ ଉତ୍ସ ଅଧ୍ୟାୟରୁ ସେମାନଙ୍କ ଶିକ୍ଷା ଓ ବାଣୀ ସମ୍ପର୍କରେ ଆଉ ଥରେ ମନେ ପକାଅ ।

ଉର୍ବର ମୃତ୍ତିକା, ବିସ୍ତୀର୍ଣ୍ଣ ଅରଣ୍ୟ ଓ ହସ୍ତୀ ସମ୍ପଦ ଭରା ସମୃଦ୍ଧିଶାଳୀ ଗାଙ୍ଗେୟ ସମତଳ ଅଞ୍ଚଳରେ ମଗଧ ଅବସ୍ଥିତ ଥିଲା । ମନେରଖ ଏହି ସମୟରେ ଲୁହାର ବ୍ୟବହାର ଅନ୍ୟ ଯାନ୍ତ୍ରିକ ବିଦ୍ୟାରେ ବଡ଼ ପରିବର୍ତ୍ତନ ଆଣିଲା । ତନ୍ମଧ୍ୟରୁ କୃଷି ଓ ସାମରିକ କ୍ଷେତ୍ର ଅନ୍ୟତମ । ମଗଧ ନିକଟବର୍ତ୍ତୀ ପାର୍ବତ୍ୟାଞ୍ଚଳରୁ ଲୌହପିଣ୍ଡ ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ସାମ୍ରାଜ୍ୟ ବିସ୍ତାରରେ ସହାୟକ ହୋଇଥିଲା । ଲୁହା ଦ୍ୱାରା ନିର୍ମିତ ଲଙ୍ଗଳ କୃଷି କ୍ଷେତ୍ରରେ ଉତ୍ପାଦନକୁ ବଢ଼ାଇବା ସହ ହାଲୁକା ତୀକ୍ଷ୍ଣ ଓ ଧାରୁଆ ଅସ୍ତ୍ରଶସ୍ତ୍ର ସୈନ୍ୟ ବାହିନୀର ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରିଥିଲା ।



ଚିତ୍ର 5.6 – ସାଞ୍ଚିସ୍ତୂପର ପୃଷ୍ଠ ଭାଗ କାନ୍ଥରେ ହସ୍ତୀ ବାହିନୀ, ଅଶ୍ୱବାହିନୀ ଓ ପଦାତିକ ବାହିନୀର(ଯୁଦ୍ଧ ଭୂମିରେ) ଦୃଶ୍ୟ ଖୋଦିତ ହୋଇଛି । ଯେଉଁ ସୈନ୍ୟବାହିନୀ କୁଶୀନାରା(ଆଧୁନିକ କୁଶୀନଗର, ଉତ୍ତର ଭାରତରେ ଏକ ସହର)କୁ ଅବରୋଧ କରି ସେଠାରେ ଥିବା ଦେହାବଶେଷକୁ ଉଦ୍ଧାର ପୂର୍ବକ ହାତୀ ପିଠିରେ ଆଣିବାର ଦୃଶ୍ୟ ସ୍ତୂପର ବାମପଟେ ଶୋଭା ପାଉଛି ।

ଆସ ଅନୁସନ୍ଧାନ କରିବା

→ ସାଞ୍ଚିସ୍ତୂପ ଉପରେ ଖୋଦିତ ଚିତ୍ରଗୁଡ଼ିକ ନିରୀକ୍ଷଣ କରି ତୁମେ କେତେ ପ୍ରକାରର ଅସ୍ତ୍ରକୁ ଚିହ୍ନଟ କରିପାରୁଛ ? ଲୌହର ବିଭିନ୍ନ ବ୍ୟବହାରକୁ ତୁମେ ବୁଝି ପାରୁଛ କି ?

→ ବାମ ପାଖ କାନ୍ଥରେ ବୃଦ୍ଧଙ୍କ ଦେହାବଶେଷ ବହନ କରୁଥିବା ପେଟିକା ଉପରେ ଏକ ଛତ୍ରର ଦୃଶ୍ୟ ରହିଛି; କାହିଁକି ଏପରି କରାଯାଇଛି ବୋଲି ଭାବୁଛ ?

ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ଫଳରେ ଲୋକମାନେ ବଳକା ସମୟକୁ କଳା ଓ ହସ୍ତଶିଳ୍ପ କ୍ଷେତ୍ରରେ ମନୋନିବେଶ କଲେ, ଯାହାର ଦେଶ ଭିତରେ ଓ ବାହାରେ ଅଧିକ ଚାହିଦା ଥିଲା । ଗଙ୍ଗା ଓ ସୋନ ନଦୀ ଭୌଗୋଳିକ ଦୃଷ୍ଟିକୋଣରୁ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ସହ ଯୋଗାଯୋଗରେ ସହାୟକ ହୋଇଥିଲା । ଏହି ବାଣିଜ୍ୟ ବ୍ୟବସାୟର ବୃଦ୍ଧି ମଗଧର ଆର୍ଥିକ ଅଭିବୃଦ୍ଧି ସହ ମଗଧର ଉତ୍ଥାନରେ ସହାୟକ ହୋଇଥିଲା ।



ଚିତ୍ର 5.7: ମହାପଦ୍ମନନ୍ଦଙ୍କ ଏକ ରୌପ୍ୟ ଛାପା ମୁଦ୍ରା

RESERT


ପ୍ରାୟ ପୂ.ସା.ଅ. 5ମ ଶତାବ୍ଦୀ ବେଳକୁ ମଗଧରେ ମହାପଦ୍ମନନ୍ଦଙ୍କ ଅଭ୍ୟୁଦୟ ଘଟିଲା । ତାଙ୍କ ଦ୍ୱାରା ସେଠାରେ ନନ୍ଦ ରାଜବଂଶ ପ୍ରତିଷ୍ଠିତ ହେଲା । ସେ ବହୁ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଏକତ୍ରିତ କରି ସଫଳତାର ସହିତ ପୂର୍ବ ଓ ଉତ୍ତରରେ ନିଜ ସାମ୍ରାଜ୍ୟର ବିସ୍ତାର କରିଥିଲେ । ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ଥିବାରୁ ସେ ନିଜ ସାମ୍ରାଜ୍ୟରେ ମୁଦ୍ରା ପ୍ରଚଳନ ଆରମ୍ଭ କରିଥିଲେ । ଯାହା ତାଙ୍କ ଆର୍ଥିକ ବିକାଶର ପରିଚୟ ଦିଏ । ଗ୍ରୀକ୍ ବିବରଣୀରୁ ଜଣାଯାଏ ଯେ, ନନ୍ଦ ରାଜବଂଶର ଏକ ବିଶାଳ ସୈନ୍ୟବାହିନୀ ଥିଲା ।

ନନ୍ଦ ରାଜବଂଶର ବିଭିନ୍ନ ବିବରଣୀରୁ ଜଣାଯାଏ ଯେ, ନନ୍ଦ ରାଜବଂଶର ଶେଷରାଜା ଧନନନ୍ଦ ଯଦିଓ ଅତ୍ୟନ୍ତ ଧନଶାଳୀ ଥିଲେ କିନ୍ତୁ ଅତ୍ୟନ୍ତ ଅତ୍ୟାଚାରୀ ଓ ପ୍ରଜାଶୋଷଣକାରୀ ହେତୁ ଲୋକମାନଙ୍କ ଭିତରେ ବିଶେଷ ଅପ୍ରିୟ ହୋଇପଡ଼ିଥିଲେ । ଫଳରେ ଏହା ନନ୍ଦ ରାଜବଂଶର ପତନ ପାଇଁ ପଥ ପରିଷ୍କାର କରିଦେଇଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ବିଶାଳ 'ମୌର୍ଯ୍ୟ' ସାମ୍ରାଜ୍ୟ ଗଢ଼ି ଉଠିଥିଲା ।

ସୂତ୍ରାବଳୀ :
ସୂତ୍ର ଗୁଡ଼ିକ ସଂକ୍ଷିପ୍ତ, ସତର୍କତାର ସହିତ ପ୍ରସ୍ତୁତ ବାକ୍ୟାଂଶ ଯାହା ଜ୍ଞାନ ଓ ଗୁରୁତ୍ୱପୂର୍ଣ୍ଣ ବିଚାରକୁ (ପ୍ରାଚୀନ ଭାରତୀୟ ପାଠ୍ୟ ପୁସ୍ତକରୁ ଆନୀତ) ଧାରଣ କରିଥାଏ । ଏହାକୁ ସହଜରେ ମନେ ରଖିବା ସହ ଅନ୍ୟକୁ କହିବା କିମ୍ବା ଆବୃତ୍ତି କରିବାକୁ ସହଜ ହୋଇଥାଏ ।

ମନେ ରଖ


ବିଖ୍ୟାତ ସଂସ୍କୃତ ବୈୟାକରଣିକ ପାଣିନିଙ୍କ ଆବିର୍ଭାବ ପୂ.ସା.ଅ.ପଞ୍ଚମ ଶତାବ୍ଦୀ ବେଳକୁ ଘଟିଥିଲା, ଯିଏ ନନ୍ଦ ରାଜାଙ୍କର ସମସାମୟିକ ଥିଲେ । ସେ 'ଅଷ୍ଟାଧ୍ୟାୟୀ' ନାମକ ଏକ ପ୍ରାଚୀନ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ଯେଉଁଥିରେ 3,996 ଟି ସଂକ୍ଷିପ୍ତ ସୂତ୍ର ସନ୍ନିବେଶିତ ହୋଇଥିଲା ।



ଚିତ୍ର 5.8- ପାଣିନିଙ୍କ ଛବି ଥିବା ଭାରତର ଡାକ ଟିକଟର ଚିତ୍ର

ଗ୍ରୀକ୍‌ମାନଙ୍କ ଆଗମନ

ଭାରତୀୟ ଉପମହାଦେଶର ପୂର୍ବ ଭାଗରେ ମଗଧ ଯେତେବେଳେ ଘଟଣାବହୁଳ ଥିଲା, ସେତେବେଳେ ଉତ୍ତର ପୂର୍ବ ଭାରତରେ କ'ଣ ଘଟୁଥିଲା ? ଏ ଅଞ୍ଚଳ ଛୋଟ ଛୋଟ ରାଜ୍ୟମାନଙ୍କର ଆଶ୍ରୟସ୍ଥଳୀ ଥିଲା । ଯେଉଁଗୁଡ଼ିକର ବାଣିଜ୍ୟିକ ସମ୍ପର୍କ ଭୂମଧ୍ୟ ସାଗର ସହ ଥିଲା । ଗ୍ରୀକ୍ ବିବରଣୀ ଅନୁଯାୟୀ ସେମାନଙ୍କ ମଧ୍ୟରେ ଥିଲା ପୌରବ ରାଜବଂଶ, ଯାହାର ରାଜା ଥିଲେ 'ପୁରୁ' ।



ଚିତ୍ର 5.9

AP SCERT

ଚିତ୍ର 5.10





334–331
BCE:

ଆଲେକ୍‌ଜାଣ୍ଡାର୍ ଥିଲେ ଗ୍ରୀକ୍‌ର ମାସିଡ଼ୋନିଆର ଜଣେ କ୍ଷମତାଶାଳୀ ଯୁବରାଜ ଯିଏ ପାରସ୍ୟ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଯାତ୍ରା କରି ପ୍ରତିଶୋଧ ନେଇଥିଲେ । କିଛି ଭାରତୀୟ ସୈନ୍ୟ ପାରସ୍ୟ ତରଫରୁ ଗ୍ରୀକ୍ ଆକ୍ରମଣ ବେଳେ ସହାୟତା କରିଥିଲେ । ଆଲେକ୍‌ଜାଣ୍ଡାର ପାରସ୍ୟ ଅଧିକାର କରିବା ପରେ ଗ୍ରୀକ୍ ସଂସ୍କୃତିର ପ୍ରସାର ହେଲା, ତାଙ୍କ ସାମ୍ରାଜ୍ୟ ବିସ୍ତାର ତିନୋଟି ମହାଦେଶକୁ ବ୍ୟାପି ଥିଲା, ଯାହା ପୃଥିବୀ ଇତିହାସର ସବୁଠାରୁ ବିଶାଳ ସାମ୍ରାଜ୍ୟ ।



ପାରସ୍ୟ ଫେରିବା ବାଟରେ ଆଲେକ୍‌ଜାଣ୍ଡାର ବହୁ ବିଦ୍ରୋହ ଓ ରାଜନୈତିକ ଆକ୍ରୋଶର ଶିକାର ହୋଇଥିଲେ । ଏହାପରେ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ 32 ବର୍ଷ ବୟସରେ ବେବିଲୋନ୍ ଠାରେ ମୃତ୍ୟୁବରଣ କଲେ । ତାଙ୍କର ବିଶାଳ ସାମ୍ରାଜ୍ୟ ପରେ ତାଙ୍କ ସେନାପତି ଓ ସତ୍ରାପଙ୍କ ମଧ୍ୟରେ ଭାଗଭାଗ ହୋଇଗଲେ ଏବଂ ସେମାନେ ନିଜ ନିଜର ରାଜ୍ୟ ଗଢ଼ିଲେ ।

327–325
BCE

324–323
BCE

ପୃଥିବୀର ଶେଷ ସୀମାରେ ପହଞ୍ଚିବାର ତୀବ୍ର ଉତ୍କଣ୍ଠା ଯୋଗୁଁ ଆଲେକ୍‌ଜାଣ୍ଡାର୍ ପୂର୍ବ ଆଡ଼କୁ ଯୁଦ୍ଧାଭିଜାନ ଚଳାଇଲେ । ପଞ୍ଜାବ ଅଞ୍ଚଳରେ ପୁରୁଙ୍କୁ ପରାସ୍ତ କଲେ କିନ୍ତୁ ସ୍ଥାନୀୟ ଜନଜାତି ଓ ଶାସକମାନଙ୍କ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେଲେ । ବହୁ ନଗରରେ ଗ୍ରୀକ୍ ସୈନିକମାନେ ନରସଂହାର କରିବା କଥା ଗ୍ରୀକ୍ ବିବରଣୀରୁ ମିଳେ, ଯେଉଁଠି ଉଲ୍ଲେଖ ଅଛି ''ନାରୀମାନେ ପୁରୁଷମାନଙ୍କ ପାଖରେ ରହି ଏହି ଯୁଦ୍ଧରେ ଲଢ଼େଇ କରିଥିଲେ ।'' ଏହି ଯୁଦ୍ଧରେ ସ୍ୱୟଂ ଆଲେକ୍‌ଜାଣ୍ଡାର ଗଭୀର ଭାବରେ କ୍ଷତାକ୍ତ ହୋଇଥିଲେ । ସେ ଏହାପରେ ଅତ୍ୟନ୍ତ କ୍ଲାନ୍ତ ଓ ରୁଗ୍‌ଣ ହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ ନିମିତ୍ତ ବ୍ୟାକୁଳ ହୋଇଉଠିଲେ । ତାଙ୍କ ସୈନ୍ୟବାହିନୀ ମଧ୍ୟ ଯୁଦ୍ଧ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବା ସହିତ ଗଙ୍ଗାନଦୀ ଅତିକ୍ରମ କରି ଭାରତ ଭିତରକୁ ଯିବାକୁ ନାରାଜ ହେଲେ । ଆଲେକ୍‌ଜାଣ୍ଡାରଙ୍କ ସମେତ ତାଙ୍କର କିଛି ସୈନ୍ୟ ପାରସ୍ୟ ଆଡ଼କୁ ଫେରିବା ବାଟରେ ଇରାନ୍‌ର ମରୁ ଅଞ୍ଚଳରେ କ୍ଷୁଧା, ତୃଷା ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର କିଛି ସୈନ୍ୟ ମୃତ୍ୟୁବରଣ କରିଥିଲେ ।



APSCERT

ମନେ ରଖ

ସମ୍ରାଟମାନେ ହେଉଛନ୍ତି ପାରସ୍ୟ ତଥା ଗ୍ରୀକ୍ ସାମ୍ରାଜ୍ୟର ଶାସକ ଯେଉଁମାନେ ଆଲେକ୍‌ଜାଣ୍ଡାରଙ୍କ ଦ୍ୱାରା ବିଜିତ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକର ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଯଦିଓ ଏହି ସମ୍ରାଟମାନେ ଶାସକଙ୍କର ସାଧାରଣ କର୍ମଚାରୀ ଥିଲେ ତଥାପି ସେମାନେ ଅଖଣ୍ଡ କ୍ଷମତା ଏବଂ ସ୍ୱାଧୀନତାର ଅଧିକାରୀ ଥିଲେ । ସେମାନଙ୍କ ପକ୍ଷରେ ଏପରି କ୍ଷମତା ପ୍ରୟୋଗ କରିବା କିପରି ସମ୍ଭବ ହୋଇପାରିଥିଲା, ତୁମେମାନେ ଅନୁମାନ କରିପାରୁଛ କି ?

ଏହା ବିଷୟରେ ଚିନ୍ତାକର

ତୁମେ କାହିଁକି ଭାବୁଛ ଯେ ଆଲେକ୍‌ଜାଣ୍ଡାର ସମଗ୍ର ପୃଥିବୀ ଉପରେ ଶାସନ କରିବାକୁ ଚାହୁଁଥିଲେ ? ଏପରି କରିବାରେ ସେ କି ଲାଭ ପାଇଥାନ୍ତେ ?

ଆସ ଅନୁସନ୍ଧାନ କରିବା

ଯୁଦ୍ଧ ପରେ ଆଲେକ୍‌ଜାଣ୍ଡାର ପୋରଷ(ପୁରୁ)ଙ୍କୁ ପଚାରିଲେ, ସେ ତାଙ୍କ ଠାରୁ କିପରି ବ୍ୟବହାର ଚାହାନ୍ତି ? ପୁରୁ କହିଲେ, 'ଜଣେ ରାଜାଭଳି' । ଆଲେକ୍‌ଜାଣ୍ଡାର ଏହି ଉତ୍ତରରେ ମୁଗ୍ଧ ହୋଇ ତାଙ୍କୁ ତାଙ୍କ ବିଜିତ ରାଜ୍ୟର ମୁଖ୍ୟ(ସମ୍ରାଟ) ରୂପେ ନିଯୁକ୍ତ କରିଥିଲେ । ତୁମ ଶିକ୍ଷକମାନଙ୍କ ସହାୟତାରେ ପୋରଷ ଓ ଆଲେକ୍‌ଜାଣ୍ଡାରଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ବିଷୟରେ ବିଶଦ ଭାବରେ ଆଲୋଚନା କର । ତୁମ କଳ୍ପନାରେ ଏହି ଯୁଦ୍ଧକୁ ଅନୁଭବ କର ଏବଂ ତୁମେ ଏହି ଯୁଦ୍ଧରୁ କ'ଣ ଶିଖିଲ ?

ଆଲେକ୍‌ଜାଣ୍ଡେରଙ୍କର ନିର୍ବସ୍ତ୍ର ସାଧୁମାନଙ୍କ ସହ କଥୋପକଥନ:

ଆଲେକ୍‌ଜାଣ୍ଡାର ଭାରତରେ ବସବାସ କରୁଥିବା ନିର୍ବସ୍ତ୍ର ବା ସ୍ୱଳ୍ପବସ୍ତ୍ର ପରିଧାନ କରୁଥିବା ସାଧୁ ଦାର୍ଶନିକମାନଙ୍କୁ ଭେଟିଥିଲେ । ସେମାନେ ସେମାନଙ୍କର ପାଣ୍ଡିତ୍ୟ ଓ ଜ୍ଞାନ ପାଇଁ ପ୍ରସିଦ୍ଧ ଥିଲେ । ଆଲେକ୍‌ଜାଣ୍ଡାର ସେମାନଙ୍କୁ କିଛି ଜଟିଳ ପ୍ରଶ୍ନ ପଚାରିବା ସହିତ ଭୁଲ ଉତ୍ତର ପାଇଁ ମୃତ୍ୟୁ ଦଣ୍ଡ ଦିଆଯିବ ବୋଲି କହିଥିଲେ । ସାଧୁ ଦାର୍ଶନିକମାନେ କିନ୍ତୁ ଆଲେକ୍‌ଜାଣ୍ଡାରଙ୍କର ସମସ୍ତ ଉତ୍ତର ଅତି ଶାନ୍ତ ଓ ସରଳ ଭାବରେ ଦେଇଥିଲେ । ଆଲେକ୍‌ଜାଣ୍ଡାର ସାଧୁମାନଙ୍କ ଉତ୍ତରରେ ଅତିମାତ୍ରାରେ ପ୍ରଭାବିତ ହୋଇ ଶେଷରେ ସମସ୍ତଙ୍କୁ ଛାଡ଼ିଦେଇଥିଲେ । ଶତାବ୍ଦୀ ଧରି ଏହି ସାକ୍ଷାତକାର କାହାଣୀର ବିଭିନ୍ନ ସଂସ୍କରଣ କୁହେ ଯେ, ଏହା ଇତିହାସର ସବୁଠାରୁ ଆକର୍ଷଣୀୟ ସାକ୍ଷାତକାର ମଧ୍ୟରୁ ଗୋଟିଏ ହୋଇ ରହିଛି !



ଚିତ୍ର 5.11 – ଏକ ଗ୍ରୀକ୍ ମୁଦ୍ରା ଯାହା ସମ୍ଭବତଃ ଆଲେକ୍‌ଜାଣ୍ଡାର ଘୋଡ଼ାରେ ବସି ପୋରସ(ପୁରୁ)ଙ୍କୁ ଆକ୍ରମଣ କରୁଥିବାର ଏକ ଦୃଶ୍ୟ

ଆଲେକ୍‌ଜାଣ୍ଡାର ପଚାରିଥିବା ପ୍ରଶ୍ନଗୁଡ଼ିକ ଏହିପରି ଥିଲା : ଆଲେକ୍‌ଜାଣ୍ଡାର୍‌ଙ୍କ ପ୍ରଶ୍ନ : ''ଜୀବନ ଓ ମୃତ୍ୟୁ ମଧ୍ୟରୁ ଅଧିକ ଶକ୍ତିଶାଳୀ କିଏ ?'' ଜଣେ ସାଧୁଙ୍କ ଉତ୍ତର,''ଜୀବନ, କାରଣ ଏହା ମୃତ୍ୟୁ ଆସିବା ପର୍ଯ୍ୟନ୍ତ ରହିଥାଏ ।'' ଆଲେକ୍‌ଜାଣ୍ଡାରଙ୍କ ପ୍ରଶ୍ନ,''ଜଣେ ମଣିଷ କିପରି ଅନ୍ୟମାନଙ୍କ ଦ୍ୱାରା ସର୍ବାଧିକ ପ୍ରିୟପାତ୍ର ହୋଇପାରିବ ?'' ଅନ୍ୟ ଜଣେ ସାଧୁଙ୍କ ଉତ୍ତର,''ଯଦି ସେ ସବୁଠାରୁ ଶକ୍ତିଶାଳୀ ଶାସକ ହୋଇ ମଧ୍ୟ ଭୟ ସୃଷ୍ଟି ନ କରନ୍ତି ।'' ଏହା ଥିଲା ସବୁଠାରୁ ଶକ୍ତିଶାଳୀ ଶାସକଙ୍କ ନିମିତ୍ତ ସବୁଠାରୁ ବଡ଼ ଇଙ୍ଗିତ । ଏହି ସବୁ ଉତ୍ତରରେ ଖୁସି ହୋଇ ଆଲେକ୍‌ଜାଣ୍ଡାର ନିର୍ବସ୍ତ୍ର ସାଧୁ ଦାର୍ଶନିକମାନଙ୍କୁ ଛାଡ଼ିଦେଇଥିଲେ । ଐତିହାସିକମାନେ ଏହିପରି କଥୋପକଥନକୁ ଗ୍ରୀକ୍ ଏବଂ ଭାରତୀୟ ଦର୍ଶନର ଦୁଇଟି ମହାନ ପରମ୍ପରା ଭାବେ ବିବେଚନା କରିଥାନ୍ତି ।

APSCERT


ଶକ୍ତିଶାଳୀ ମୌର୍ଯ୍ୟ

ଏବେ ଉତ୍ତର ପଶ୍ଚିମରୁ ଫେରି ମଗଧ ଆଡ଼କୁ ଯିବା ଯେଉଁ ଠାରେ ଆମେ ନନ୍ଦ ବଂଶର ପତନକୁ ଅବଲୋକନ କରିବା । ପ୍ରାୟ ପୂ.ସା.ଅ. 321 ବେଳକୁ ଆଲେକ୍‌ଜାଣ୍ଡାର ଏହି ଦେଶରୁ ବିଦାୟ ନେବା ପରେ ଏକ ନୂତନ ରାଜବଂଶ ଏବଂ ଏକ ନୂତନ ସାମ୍ରାଜ୍ୟର ଅଭ୍ୟୁଦୟ ହୋଇଥିଲା । ଏହି ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଖୁବ୍ କମ୍ ସମୟ ମଧ୍ୟରେ ଏହି ସାମ୍ରାଜ୍ୟ ନନ୍ଦ ସାମ୍ରାଜ୍ୟକୁ ଅକ୍ତିଆର କରିବା ସହିତ ନିଜ ସାମ୍ରାଜ୍ୟର ସୀମାକୁ ଆଗକୁ ବଢ଼ାଇ ଚାଲିଥିଲା ।

ବିଭିନ୍ନ ବିବରଣୀରୁ ଜଣାଯାଏ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଏହି ବିଜୟ ଓ ସଫଳତା ପଛରେ ତାଙ୍କର ଉପଯୁକ୍ତ ମାର୍ଗଦର୍ଶକ, କୌଟିଲ୍ୟଙ୍କ ଅବଦାନ ଥିଲା । ଯିଏ କି ନିଜର ରାଜନୈତିକ, ପ୍ରଶାସନିକ ଓ ଅର୍ଥନୈତିକ ଜ୍ଞାନ ଓ ଦକ୍ଷତା ବଳରେ ମୌର୍ଯ୍ୟ ସାମ୍ରାଜ୍ୟକୁ ସମଗ୍ର ଭାରତ ଇତିହାସରେ ଏକ ଶକ୍ତିଶାଳୀ ତଥା ମହାନ ସାମ୍ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇପାରିଥିଲେ ।


କୌଟିଲ୍ୟଙ୍କ କାହାଣୀ

ବୌଦ୍ଧ ଗ୍ରନ୍ଥଗୁଡ଼ିକରୁ ଜଣାଯାଏ କୌଟିଲ୍ୟ ଅନେକ ସମୟରେ ଚାଣକ୍ୟ ବା ବିଷ୍ଣୁଗୁପ୍ତ ନାମରେ ପରିଚିତ ଥିଲେ । ସେ ତକ୍ଷଶୀଳା ବିଶ୍ୱବିଦ୍ୟାଳୟ(ଆଧୁନିକ ତକ୍ଷଶୀଳା)ର ଜଣେ ପ୍ରଖ୍ୟାତ ଶିକ୍ଷାବିତ୍ ଥିଲେ । ତାଙ୍କର ବିସ୍ମିତ କାହାଣୀ ଆରମ୍ଭ ହୁଏ ଇତିହାସର ଅପ୍ରିୟ ଓ ଅତ୍ୟାଚାରୀ ସମ୍ରାଟ ଧନନନ୍ଦଙ୍କ ରାଜ ସଭାରୁ ।



ଚିତ୍ର 5.12 ନନ୍ଦ ସାମ୍ରାଜ୍ୟ

AP SCERT



ଚିତ୍ର 5.13 – ମୌର୍ଯ୍ୟ ସାମ୍ରାଜ୍ୟ

ଧନନନ୍ଦଙ୍କ ଔଦ୍ଧତ୍ୟକୁ ଲକ୍ଷ୍ୟ କରି କୌଟିଲ୍ୟ ତାଙ୍କୁ କହିଥିଲେ, ''ନିଜକୁ ସଂଶୋଧନ କରନ୍ତୁ ଅନ୍ୟଥା ନନ୍ଦବଂଶର ସର୍ବନାଶ ଦେଖିବାକୁ ପ୍ରସ୍ତୁତ ହୋଇ ରୁହନ୍ତୁ । ଏ କଥା ଶୁଣି କ୍ରୋଧିତ ଧନନନ୍ଦ କୌଟିଲ୍ୟଙ୍କୁ ନିଜ ରାଜସଭାରେ ଅପମାନିତ କରିବା ସହିତ ତାଙ୍କୁ ବହିଷ୍କାର କରିଥିଲେ । ଏହା ହିଁ କୌଟିଲ୍ୟଙ୍କୁ ନନ୍ଦ ବଂଶ ଧ୍ୱଂସ କରିବା ପାଇଁ ସଂକଳ୍ପ ନେବାକୁ ବାଧ କରିଥିଲା ।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉତ୍‌ଥାନ

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉତ୍‌ଥାନ ଓ ସାହସିକ କାର୍ଯ୍ୟ ବିଷୟରେ ଅନେକ କାହାଣୀ ରହିଛି । କିନ୍ତୁ ତାଙ୍କ ବିଷୟରେ ସବୁଠାରୁ ସାଧାରଣ କଥା ହେଉଛି, ନନ୍ଦରାଜା ଧନନନ୍ଦଙ୍କୁ ପରାସ୍ତ କରି ନିଜର ଶାସନ ପ୍ରତିଷ୍ଠା କରିବା ଲାଗି ମଗଧ ସାମ୍ରାଜ୍ୟକୁ ନିଜ ଅଧିନକୁ ଆଣିଥିଲେ ଏବଂ ପାଟଳୀପୁତ୍ର ତାଙ୍କର ରାଜଧାନୀ ହେଲା ।

AP SCERT



ଚିତ୍ର 5.14 - ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦରବାରରେ ମେଗାସ୍ଥିନିସ୍
(ଅସିତ କୁମାରୀ ହାଲଦରଙ୍କ ଦ୍ୱାରା 20ଶ ଶତାବ୍ଦୀର ଏକ ଚିତ୍ରକଳା)

ତୁମ୍ଭେମାନେ ଜାଣିଛ ମଗଧର ଭୌଗୋଳିକ ଓ ଅର୍ଥନୈତିକ ଅବସ୍ଥା ତଥା ସମୃଦ୍ଧ ବାଣିଜ୍ୟ ଅତ୍ୟନ୍ତ ଅନୁକୂଳ ଥିଲା । କୌଟିଲ୍ୟ ଏ ସମସ୍ତ ପରିବେଶକୁ ଆଧାର କରି ନିଜର ରଣନୀତି ସହିତ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ଧୀରେ ଧୀରେ ସାମ୍ରାଜ୍ୟ ବିସ୍ତାର ନିମନ୍ତେ ପ୍ରସ୍ତୁତ କଲେ । ଉତ୍ତର ପଶ୍ଚିମରେ ଶାସନ କରୁଥିବା ଗ୍ରୀକ୍ ସତ୍ରାପମାନଙ୍କୁ ପରାସ୍ତ କରି ତାଙ୍କର ସାମ୍ରାଜ୍ୟକୁ ଦାକ୍ଷିଣାତ୍ୟ ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ ।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଗ୍ରୀକମାନଙ୍କୁ ପରାସ୍ତ କରିବା ପରେ ସେମାନଙ୍କ ସହିତ ବୈଦେଶିକ ସମ୍ପର୍କ ସ୍ଥାପନ କରିଥିଲେ । ଗ୍ରୀକ୍ ଦାର୍ଶନିକ ମେଗାସ୍ଥିନିସ୍‌ଙ୍କୁ ନିଜ ଦରବାରରେ ଆତିଥେୟତା ପ୍ରଦାନ କରିଥିଲେ । ଭାରତରେ ମେଗାସ୍ଥିନିସ୍ ତାଙ୍କର ଭ୍ରମଣ ବୃତ୍ତାନ୍ତ 'ଇଣ୍ଡିକା' ରଚନା କରିଥିଲେ ଯାହାର ଅର୍ଥ ହେଉଛି 'ଭାରତ ବିଷୟରେ ଯାହା ସତ୍ୟ'. କିନ୍ତୁ ଦୁର୍ଭାଗ୍ୟର କଥା ଯେ ପରବର୍ତ୍ତୀ ସମୟରେ ଗ୍ରୀକ୍‌ମାନଙ୍କ ଦ୍ୱାରା ଉଦ୍ଧୃତ କିଛି ଅଂଶ ବ୍ୟତୀତ ପୁସ୍ତକର ସମସ୍ତ ଅଂଶ ନଷ୍ଟ ହୋଇଯାଇଛି ।

କୌଟିଲ୍ୟଙ୍କ ରାଜ୍ୟ ପରିକଳ୍ପନା

ରାଜ୍ୟ କିପରି ସ୍ଥାପିତ ହୁଏ, ଏହାର ସୁପରିଚାଳନା ଓ ସଶକ୍ତିକରଣ ସମ୍ପର୍କରେ କୌଟିଲ୍ୟ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଛନ୍ତି । ତାଙ୍କର ପ୍ରଖ୍ୟାତ କୃତି 'ଅର୍ଥଶାସ୍ତ୍ର'ରେ(ଆକ୍ଷରିକ ଭାବରେ ଶାସନ ଓ ଅର୍ଥନୀତି ବିଜ୍ଞାନ) ଅନେକ ବିଷୟବସ୍ତୁ ଉପରେ ଟିପ୍ପଣୀ ପ୍ରଦାନ କରିଛନ୍ତି । ପ୍ରତିରକ୍ଷା ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ କୌଟିଲ୍ୟ ତାଙ୍କର ବିବରଣୀ ପ୍ରଦାନ କରିଛନ୍ତି ।

AP SCERT

କୌଟିଲ୍ୟଙ୍କ ସପ୍ତାଙ୍ଗ



ରାଜା(ସ୍ୱାମୀ)



ମନ୍ତ୍ରୀ ପରିଷଦ ସମେତ ଉଚ୍ଚ ପଦାଧିକାରୀ(ଅମାତ୍ୟ)



ରାଜ୍ୟର ଅଞ୍ଚଳ ଯେଉଁଠାରେ ଲୋକମାନେ ବସବାସ କରନ୍ତି(ଜନପଦ)



ସୁରକ୍ଷିତ ସହର ଏବଂ ନଗର(ଦୁର୍ଗ)



ରାଜ୍ୟର ଖଜଣା ବା ସମ୍ପଦ (ରାଜ କୋଷ)



ସୁରକ୍ଷା ଏବଂ ଆଇନ ଓ ଦଣ୍ଡର ବ୍ୟବସ୍ଥା (ଦଣ୍ଡ)



ରାଜାଙ୍କ ବନ୍ଧୁ (ମିତ୍ର)

AP SCERT

ଚିତ୍ର 5.15

ଅର୍ଥନୀତି, ପ୍ରଶାସନ, ନ୍ୟାୟ ନଗର ଯୋଜନା, କୃଷି ଏବଂ ଜନ କଲ୍ୟାଣ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଧାରଣା ମଧ୍ୟରୁ ଗୋଟିଏ ହେଉଛି ସପ୍ତାଙ୍ଗ(ଚିତ୍ର 5.15ଦେଖ) କିମ୍ବା ସାତଟି ଅଂଶ ଯାହା ଏକ ରାଜ୍ୟ ଗଠନ କରେ ।

କୌଟିଲ୍ୟଙ୍କ ଅନୁସାରେ ସପ୍ତାଙ୍ଗ ହେଉଛି ଏକ ସ୍ଥିର, ସୁରକ୍ଷିତ ଏବଂ ସମୃଦ୍ଧ ରାଜ୍ୟ ଗଠନ ସହିତ ଯୁଦ୍ଧ ଓ ଶାନ୍ତି ମାଧ୍ୟମରେ ମେଣ୍ଟ ବଜାୟ ରଖି ସାମ୍ରାଜ୍ୟର ସର୍ବାଙ୍ଗ ଉନ୍ନତି ସାଧନ କରିବା । ସମାଜରେ ଆଇନ ଓ ଶୃଙ୍ଖଳା ଉପରେ କୌଟିଲ୍ୟ ଗୁରୁତ୍ୱ ଦେଉଥିଲେ, ଯାହା କେବଳ ଏକ ଦୃଢ଼ ପ୍ରଶାସନ ଦ୍ୱାରା ସମ୍ଭବ ହୋଇପାରିବ । ଦୁର୍ନୀତି ନିବାରଣ ପାଇଁ ସେ ଅନେକ ଆଇନ ପ୍ରଣୟନ କରିଥିଲେ । ଯାହା ଲୋକଙ୍କ କଲ୍ୟାଣ ବିରୁଦ୍ଧରେ ଯାଉଥିବା କୌଣସି କାର୍ଯ୍ୟକଳାପ ପାଇଁ ଦଣ୍ଡର ବ୍ୟବସ୍ଥା ରହିଥିଲା ।

ଏହା ବିଷୟରେ ଚିନ୍ତାକର

- କୌଟିଲ୍ୟଙ୍କ ଭାଷାରେ: ''ଜଣେ ରାଜା ପ୍ରଜାନୁରାଗୀ ହେବା ଆବଶ୍ୟକ । ରାଜ୍ୟର କ୍ଷମତା ଗ୍ରାମାଞ୍ଚଳରୁ ଆସିଥାଏ, କାରଣ ଗ୍ରାମାଞ୍ଚଳର ଆର୍ଥିକ କାରବାର ଯୋଗୁଁ ହିଁ ଏହା ସମ୍ଭବ ହୋଇଥାଏ । ତେଣୁ ଗ୍ରାମାଞ୍ଚଳ ପ୍ରଜାଙ୍କ ଉନ୍ନତି ନିମନ୍ତେ ସେମାନଙ୍କ ପାଇଁ ରାସ୍ତା ନିର୍ମାଣ, ଜଳ ଯୋଗାଣ, ନଦୀବନ୍ଧ ନିର୍ମାଣ ଓ ସେତୁ ନିର୍ମାଣ ସହିତ ଗ୍ରାମାଞ୍ଚଳ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ରାଜାଙ୍କର କର୍ତ୍ତବ୍ୟ ହେବା ଉଚିତ ।''
- ଗ୍ରାମାଞ୍ଚଳର ବିଶେଷ ଯତ୍ନ ନେବା କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବ ?
(ସୂଚନା : ଏହି ଅଧ୍ୟାୟର ଆରମ୍ଭରେ ତୁମେ ଯାହା ଶିଖିଛ ତାକୁ ମନେ ପକାଅ ।)

କୌଟିଲ୍ୟଙ୍କ ଶାସନର ମୁଖ୍ୟ ଦର୍ଶନ ଭାରତୀୟ ସମାଜର ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ । ପ୍ରଜାମାନଙ୍କ ଖୁସିରେ ରାଜାଙ୍କର ଖୁସି ଜଡ଼ିତ ଥାଏ । ସେ କେବଳ ଯାହା ତାଙ୍କୁ ଖୁସି କରେ ତାହା ଭଲ ବୋଲି ବିବେଚନା କରିବେ ନାହିଁ ବରଂ ଯାହା ତାଙ୍କ ପ୍ରଜାଙ୍କୁ ଖୁସି କରେ ତାହା ତାଙ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରିବେ । ମୋଟାମୋଟି ଭାବରେ କହିବାକୁ ଗଲେ ରାଜା ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ ପ୍ରଜାମାନଙ୍କର ସ୍ୱାର୍ଥ ରାଜାଙ୍କର ପ୍ରାଥମିକତା ହେବା ଉଚିତ ।

ଆସ ଅନୁସନ୍ଧାନ କରିବା

ତୁମ ଶ୍ରେଣୀରେ ଏକ ଦଳଗତ ଆଲୋଚନାର ଆୟୋଜନ କର । କୌଟିଲ୍ୟଙ୍କ ସାମ୍ରାଜ୍ୟର ବୈଶିଷ୍ଟ୍ୟଗୁଡ଼ିକ ସହିତ ଆଧୁନିକ ରାଷ୍ଟ୍ରର ବୈଶିଷ୍ଟ୍ୟଗୁଡ଼ିକ ତୁଳନା କର ।

ଶାନ୍ତିପ୍ରିୟ ରାଜା

ମୌର୍ଯ୍ୟବଂଶର ଅନ୍ୟତମ ପ୍ରସିଦ୍ଧ ସମ୍ରାଟ ଥିଲେ ଅଶୋକ(ପୂ.ସା.ଅ. 268–232) । ଯିଏ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ପୌତ୍ର ଥିଲେ । ସେ ପ୍ରଶାସନିକ ଓ ଧର୍ମ କ୍ଷେତ୍ରରେ ବେଶ୍ ସଫଳତା ହାସଲ କରିଥିଲେ ।



ଚିତ୍ର 5.16 – ଅଶୋକ ନେପାଳର ରାମଗ୍ରାମ ସ୍ତୁପ ପରିଦର୍ଶନ କରୁଥିବାର ଦୃଶ୍ୟ(ସାଞ୍ଚିସ୍ତୁପର ଏକ ପ୍ୟାନେଲ୍‌ରୁ ସଂଗୃହୀତ)

AP SCERT

ଶାସନର ପ୍ରାରମ୍ଭରେ ସେ ଥିଲେ ଅତ୍ୟନ୍ତ ଉଚ୍ଚାଭିଳାଷୀ ଉତ୍ତରାଧିକାର ସୂତ୍ରରେ ସେ ଏକ ବିଶାଳ ସାମ୍ରାଜ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାରତୀୟ ଉପମହାଦେଶର ସମସ୍ତ ଅଞ୍ଚଳକୁ ଅଧିକାର କରିବା ପାଇଁ ଉଦ୍ୟମ କରିଥିଲେ । ସୁଦୂର ଦକ୍ଷିଣାଞ୍ଚଳ, ବର୍ତ୍ତମାନର ପାକିସ୍ଥାନ, ବଙ୍ଗଳାଦେଶ ଓ ଆଫଗାନିସ୍ଥାନର କେତେକାଞ୍ଚଳ ତାଙ୍କ ସାମ୍ରାଜ୍ୟଭୁକ୍ତ ଥିଲା । ଯାହାହେଉ ଏକ ଯୁଦ୍ଧ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତାଙ୍କର ଶିଳାଲେଖମାନଙ୍କ ମଧ୍ୟରୁ ଗୋଟିକରେ ବର୍ଣ୍ଣିତ ଅଛି ଭାରତର ପୂର୍ବାଞ୍ଚଳରେ ଥିବା କଳିଙ୍ଗ(ଆଧୁନିକ ଓଡ଼ିଶା)କୁ ଅଧିକାର କରିବା ପାଇଁ ସେ ଏକ ଭୟଙ୍କର ଯୁଦ୍ଧାଭିଯାନ ଆରମ୍ଭ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ଅଗଣିତ ଲୋକଙ୍କର ମୃତ୍ୟୁ ଓ କ୍ଷୟକ୍ଷତି ଦେଖି ତାଙ୍କ ହୃଦୟ ବଦଳି ଯାଇଥିଲା । ସେ ଅନୁତାପରେ ଦୀକ୍ଷିତ ହୋଇ ହିଂସା ପରିତ୍ୟାଗ ପୂର୍ବକ ଶାନ୍ତି ଓ ଅହିଂସାର ପଥକୁ ଆପଣେଇ ନେଇଥିଲେ ।

ଅନୁଶାସନ :
କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ସରକାରୀ ଘୋଷଣା କିମ୍ବା ଆମ କ୍ଷେତ୍ରରେ ରାଜାଙ୍କ ଆଦେଶନାମା

ଦୂତ :
କୌଣସି ବିଶେଷ କୂଟନୈତିକ କାର୍ଯ୍ୟରେ ପ୍ରେରିତ ବ୍ୟକ୍ତିଙ୍କୁ ଦୂତ କୁହାଯାଏ ।

ଏହା ବିଷୟରେ ଚିନ୍ତାକର


ଅଶୋକ ତାଙ୍କ ଶିଳାଲେଖରେ କଳିଙ୍ଗ ଯୁଦ୍ଧର କାହାଣୀ ବର୍ଣ୍ଣନା କରିଛନ୍ତି । ସେ ଚାହିଁଥିଲେ ଏହାକୁ ଉଲ୍ଲେଖ ନ କରି ଭବିଷ୍ୟତ ପିଢ଼ି ପାଇଁ ନିଜକୁ ଜଣେ ଶାନ୍ତିପ୍ରିୟ ରାଜା ଭାବରେ ଉପସ୍ଥାପନ କରିପାରିଥାନ୍ତେ । ତାଙ୍କର ଧ୍ୱଂସାତ୍ମକ ଯୁଦ୍ଧ ବିଷୟରେ ଉଲ୍ଲେଖ କରିବାର କାରଣ କ'ଣ ବୋଲି ତୁମେ ଭାବୁଛ ? ସେ କାହିଁକି ଏହି ଧ୍ୱଂସାତ୍ମକ ଯୁଦ୍ଧକୁ ସ୍ୱୀକାର କରିଛନ୍ତି ବୋଲି ତୁମେ ଭାବୁଛ ?

ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିବା ପରେ ଏହାର ପ୍ରସାର ପାଇଁ ଶ୍ରୀଲଙ୍କା, ଥାଇଲାଣ୍ଡ ମଧ୍ୟ ଏସିଆ ଏବଂ ଅନ୍ୟ ଦୂରସ୍ଥାନକୁ ନିଜର ସନ୍ତାନ ତଥା ଦୂତ ମାନଙ୍କୁ ପଠାଇଥିଲେ ।

ଐତିହାସିକମାନେ ଅନେକ ସମୟରେ ଅଶୋକଙ୍କୁ ଏକ ମହାନ ବାର୍ତ୍ତା ସଂଚାରକ(**Great Communicator**) ଭାବେ ଅଭିହିତ କରିଥାନ୍ତି । ସମ୍ରାଟ ଅଶୋକ ତାଙ୍କର ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ପଥରରେ କିମ୍ବା ସ୍ତମ୍ଭରେ ଖୋଦିତ ଶିଳାଲେଖମାନ ସ୍ଥାପନ କରିଥିଲେ । ଯାହାଦ୍ୱାରା ଦେଶର ଆଇନ୍‌କାନୁନ ବିଷୟରେ ଜନସାଧାରଣ ଅବଗତ ହୋଇପାରୁଥିଲେ । ଏତଦ୍‌ବ୍ୟତୀତ ଶିଳାଲେଖ ମାଧ୍ୟମରେ ଅଶୋକ ଧର୍ମ ଓ ଧାର୍ମିକ ଚିନ୍ତାଧାରା ବିଷୟରେ ଲୋକମାନଙ୍କୁ ଜଣାଇଥିଲେ । ସାଧାରଣ ଲୋକମାନଙ୍କ ପାଇଁ କଥିତ ଭାଷା ବା ପ୍ରାକୃତ ଭାଷା ମାଧ୍ୟମରେ ଭାବ ବିନିମୟ ବ୍ୟବସ୍ଥା ଥିଲା । ବ୍ରାହ୍ମୀ ଲିପି ଲିଖିତ ଭାଷାରେ ବ୍ୟବହୃତ ହେଉଥିଲା । କୁହାଯାଏ, ସେ ସମୟରେ ସମସ୍ତ ଆଞ୍ଚଳିକ ଭାଷାର ଜନନୀ ଭାବରେ ବ୍ରାହ୍ମୀ ଲିପିର ପରିଚୟ ଥିଲା ।

ଆମେ ବ୍ରାହ୍ମୀ ଲିପିରେ ଲିଖିତ ପ୍ରାକୃତ ଭାଷା ବିଷୟରେ କହିଛୁ । ଏହାର ଅର୍ଥ କ'ଣ ? ଅତି ସରଳ ଭାବରେ କହିବାକୁ ଗଲେ, ଭାଷା ହେଉଛି ଯାହା ଆମେ କହୁ, ଲିପି ହେଉଛି ଯାହା ଭାଷା ଆମେ ଲେଖିଥାଉ । ଆମ ଦୈନନ୍ଦିନ ଜୀବନକୁ ଏହାର ଉଦାହରଣ ରୂପେ ତୁମେ ଭାବିପାରିବ କି ?

AP SCERT




ଚିତ୍ର 5.17 – ସମଗ୍ର ଉପମହାଦେଶରେ କିଛି ସ୍ଥାନରେ ଥିବା ଅଶୋକଙ୍କ ଶିଳାଲେଖର ଚିତ୍ର

AP SCERT

ତାଙ୍କ ଅନୁଶାସନଗୁଡ଼ିକରେ ଅଶୋକ ନିଜକୁ ଦେବନାଂପ୍ରିୟ, ପ୍ରିୟଦର୍ଶୀ ଭାବେ ଉଲ୍ଲେଖ କରିଛନ୍ତି । ପ୍ରଥମ ଶବ୍ଦର ଅର୍ଥ ଦେବତାଙ୍କର ପ୍ରିୟ, ଦ୍ୱିତୀୟ ଶବ୍ଦର ଅର୍ଥ ଅନ୍ୟମାନଙ୍କୁ ଦୟା ଦୃଷ୍ଟିରେ ସମ୍ମାନ ଦେବା ବା ଦୟା ଦୃଷ୍ଟିରେ ବିବେଚନା କରିବା । ପ୍ରକୃତରେ ତାଙ୍କର ଅନୁଶାସକର ଭାଷାରୁ ଜଣାପଡ଼େ ଯେ ସେ ନିଜକୁ ଜଣେ ଦୟାଳୁ ଓ ଜନହିତୈଷୀ ରାଜା ରୂପେ ପ୍ରତିପାଦିତ କରିବାକୁ ଆଗ୍ରହୀ ଥିଲେ । ଆସ ଏହାର କେତୋଟି ଉଦାହରଣ ଦେଖିବା ।

ଯଦିଓ ଦାକ୍ଷିଣାତ୍ୟର ସମସ୍ତ ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ ନ ଥିଲା, ତଥାପି ଅଶୋକ ସେମାନଙ୍କର ସମସ୍ତ ପ୍ରକାର ସଫଳତା କାମନା କରୁଥିଲେ । ତାଙ୍କ ସାମ୍ରାଜ୍ୟ ଓ ସାମ୍ରାଜ୍ୟ ବାହାରରେ ମଣିଷ ତଥା ପଶୁମାନଙ୍କ ନିମିତ୍ତ ଡାକ୍ତରୀ ଚିକିତ୍ସା ଓ ଯତ୍ନ ଉପରେ ଗୁରୁତ୍ୱ ଦେଉଥିଲେ ।



ଚିତ୍ର 5.14 – ଅଶୋକଙ୍କ ଦ୍ୱାରା ସ୍ଥାପିତ ଗୁଜୁରାଟର ଗିର୍‌ନାର୍ ଶିଳାଲେଖ (ବାମ ପାର୍ଶ୍ୱ), ଅଶୋକଙ୍କ ଦ୍ୱାରା ସ୍ଥାପିତ ଦିଲ୍ଲୀର ଫିରୋଜ୍‌ଶାହା କୋଟ୍‌ଲା ସ୍ଥିତ ତୋପ୍ରା ସ୍ତମ୍ଭ ଲେଖ(ଦକ୍ଷିଣ ପାର୍ଶ୍ୱ)

ଏପରିକି ତାଙ୍କ ସାମ୍ରାଜ୍ୟ ଭିତରେ ପଶୁମାନଙ୍କ ପ୍ରତି ନିଷ୍ଠୁରତା ଓ ପଶୁହତ୍ୟା ସମ୍ପୂର୍ଣ୍ଣ ନିଷେଧ କରିବା ସଙ୍ଗେ ସଙ୍ଗେ ଆବଶ୍ୟକସ୍ଥଳେ ସେମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିଥିଲେ । ସେଥିପାଇଁ ଅଶୋକଙ୍କୁ ପ୍ରକୃତି ସଂରକ୍ଷଣ ଓ ଜୀବଜନ୍ତୁ ସୁରକ୍ଷାର ପ୍ରଥମ ଉଦ୍ୟକ୍ତା ବୋଲି କୁହାଯାଏ । ସେ ରାସ୍ତା ପାର୍ଶ୍ୱରେ ବିଶ୍ରାମାଗାର ନିର୍ମାଣ ଏବଂ କୂପ ଖନନ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଫଳଯୁକ୍ତ ଓ ଛାୟାପ୍ରଦ ବୃକ୍ଷରୋପଣ କରିଥିଲେ । ସେ ତତ୍‌କାଳୀନ ସମାଜର ପ୍ରଚଳିତ ବିଭିନ୍ନ ଗୋଷ୍ଠୀ(ସମୁଦାୟ)ର ସୁବିଚାର ଓ ନୀତିଶିକ୍ଷାକୁ ଗ୍ରହଣ କରିବା ନିମନ୍ତେ ଉତ୍ସାହିତ କରିଥିଲେ ।

ଯଦିଓ ବାସ୍ତବରେ ଅଶୋକଙ୍କର ସମସ୍ତ ଦାବୀକୁ ଆମେ ଗ୍ରହଣ କରିନପାରୁ ତଥାପି କୌଟିଲ୍ୟଙ୍କର ସୁଶାସନର ଦର୍ଶନରୁ ଜଣାପଡ଼େ ଯେ, ସେ ପ୍ରଜାମାନଙ୍କର କଲ୍ୟାଣ ଉପରେ ଧ୍ୟାନ ଦେଉଥିଲେ ଏବଂ ଏସବୁକୁ ସେମାନଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରାଇଥିଲେ ।



ମନେ ରଖ



ତୁମେ ଷଷ୍ଠ ଶ୍ରେଣୀରେ ଧର୍ମ(ପ୍ରାକୃତ ଭାଷାରେ ଧମ୍ମ) ଶବ୍ଦ ସହିତ ପରିଚିତ ହୋଇଛ । ଏହାର ସାରାଂଶକୁ ସହଜରେ ବୁଝିହେବ ନାହିଁ । ସରଳ ଭାଷାରେ କହିବାକୁ ଗଲେ ଧର୍ମ ହେଉଛି ନୈତିକ ନିୟମ କିମ୍ବା ଜଣକର ପରିବାର, ସମାଜ ଓ ଦେଶପ୍ରତି ଧାର୍ମିକ ଓ ନୈତିକ କର୍ତ୍ତବ୍ୟ ଅଟେ । ଏହାର ଗଭୀର ଅର୍ଥ ହେଉଛି ବିଶ୍ୱବ୍ରହ୍ମାଣ୍ଡର ନିୟମାନୁସାରେ ଜୀବନଯାପନ କରିବା ଯାହାକୁ ସଂସ୍କୃତରେ ଋତୁମ୍ କୁହାଯାଏ । ଜଣେ ନିଜର କର୍ତ୍ତବ୍ୟକୁ ଯଥାର୍ଥ ଭାବେ ଉତ୍ତମ ଚରିତ୍ର ସହ ସଂସାରର ଦିବ୍ୟ ନିୟମାନୁସାରେ ସମ୍ପାଦନ କରିବାକୁ ବୁଝାଏ । ଅତଏବ ଧର୍ମ କହିଲେ କର୍ତ୍ତବ୍ୟ, ନିୟମ, ସତ୍ୟ ଓ ନୀତି ତଥା ନୈତିକତାର ସମାହାରକୁ ବୁଝାଇଥାଏ ।

AP SCERT

ଆସ ଅନୁସନ୍ଧାନ କରିବା

ଅଶୋକ ତାଙ୍କ ଶିଳାଲେଖମାନଙ୍କ ମଧ୍ୟରୁ ଗୋଟିଏରେ ନିଜର ରାଜକର୍ମଚାରୀମାନଙ୍କ ନିମନ୍ତେ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସାମ୍ରାଜ୍ୟ ପରିଚାଳନାରେ ସେହି ନିର୍ଦ୍ଦେଶାନାମାଗୁଡ଼ିକ କେତେ ସଫଳ ହୋଇପାରିଥାନ୍ତା ତାହା ନିଜ ନିଜ ମଧ୍ୟରେ ଆଲୋଚନା କର । ନିର୍ଦ୍ଦେଶନାମାଟି ଏହି ପ୍ରକାରର ଥିଲା ।

''ଦେବତାଙ୍କ ଅତି ପ୍ରିୟଜନଙ୍କ ଆଦେଶ ଅନୁଯାୟୀ ଅଧିକାରୀ ଏବଂ ନଗର ମାଜିଷ୍ଟ୍ରେଟ୍‌ମାନଙ୍କୁ *[...]* ଏପରି ନିର୍ଦ୍ଦେଶ ଦିଆଯିବା ଉଚିତ :

[...] ତେଣୁ ସେମାନଙ୍କ ଶ୍ରଦ୍ଧା ଭାଜନ ହେବା ତୁମମାନଙ୍କର ଦାୟିତ୍ୱ । ସମସ୍ତ ମଣିଷ ମୋର ସନ୍ତାନ, ଏବଂ ସମସ୍ତେ ଇହକାଳ ଏବଂ ପରକାଳର ସୁଖ ଲାଭ କରିବା ମୋର ଇଚ୍ଛା । *[...]* ସମସ୍ତଙ୍କ ପାଇଁ ନିରପେକ୍ଷ ହୁଏ । *[...]* ସମଭାବାପନ୍ନ ହୋଇ ଶୀଘ୍ର କୌଣସି ନିଷ୍ପତ୍ତି ନ ନେଇ ଭାବିଚିନ୍ତି ନିଅ । *[...]* ବିନା କାରଣରେ କେହି ବନ୍ଦୀ ନ ହୁଅନ୍ତୁ । କିମ୍ବା ବିନା କାରଣରେ କେହି ନିର୍ଯ୍ୟାତନା ନ ପାଆନ୍ତୁ । *[...]* ଏହି ବିଷୟରେ ଜାଣିବା ପାଇଁ ମୁଁ(ଅଶୋକ) ପ୍ରତି ପାଞ୍ଚ ବର୍ଷରେ ଥରେ ଜଣେ ରୁକ୍ଷ ଓ ନିର୍ଦ୍ଦୟ ହୋଇନଥିବା ଉତ୍ତମ ଅଧିକାରୀଙ୍କୁ ପରିଦର୍ଶନରେ ପଠାଇବି । ସେ ଅଧିକାରୀ ମୋ ଅନୁଶାସନର କାର୍ଯ୍ୟକାରିତା ବା ସଫଳ ରୂପାୟନର ବିବରଣୀ ପ୍ରଦାନ କରିବେ ।''

ଅଶୋକଙ୍କ ପରେ ତାଙ୍କର ବିଶାଳ ସାମ୍ରାଜ୍ୟ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ତାଙ୍କର ଦୁର୍ବଳ ଉତ୍ତରାଧିକାରୀମାନେ ଏତେ ବଡ଼ ବିଶାଳ ସାମ୍ରାଜ୍ୟକୁ ଶାସନ କରିବାରେ ଅକ୍ଷମ ଥିଲେ । ଫଳତଃ ତାହା କେତୋଟି ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ସ୍ୱାଧୀନ ଭାବରେ ଶାସନ କରିବାକୁ ଲାଗିଲେ । ପ୍ରାୟତଃ ପୂ.ସା.ଅ. 185 ବେଳକୁ ଭାରତରେ ଶାସନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହେଲା । ସେ ସମ୍ପର୍କରେ ଆଲୋଚନା ପାଇଁ ଭବିଷ୍ୟ ଓ ଧ୍ରୁବ ପରବର୍ତ୍ତୀ ଅଧ୍ୟାୟରେ ଆମ ସହିତ ଯୋଗଦେବେ ।


ମୌର୍ଯ୍ୟ ଶାସନ ସମୟରେ ସାମାଜିକ ଜୀବନ

ମୌର୍ଯ୍ୟ ଯୁଗରେ ପାଟଳୀପୁତ୍ର ପରି ସହରଗୁଡ଼ିକ ଶାସନ ଓ ବାଣିଜ୍ୟର ଉତ୍କର୍ଷ କେନ୍ଦ୍ରସ୍ଥଳୀ ଥିଲା । ସେଠାରେ ପ୍ରାସାଦ, ସର୍ବସାଧାରଣମାନଙ୍କର କୋଠା ଓ ରାସ୍ତାଗୁଡ଼ିକ ଯୋଜନାବଦ୍ଧ ଭାବରେ ନିର୍ମିତ ହୋଇଥିଲା । ଏକ ସୁସଂଗଠିତ ଟିକସ ବ୍ୟବସ୍ଥା ଏବଂ ଦ୍ରୁତ ବାଣିଜ୍ୟିକ ପରିବେଶ ସହିତ ରାଜକୋଷ ପରିପୂର୍ଣ୍ଣ ଥିଲା । ଯାହା ସାମ୍ରାଜ୍ୟର ଅଭିବୃଦ୍ଧି ଏବଂ ସମୃଦ୍ଧିକୁ ଆଗକୁ ନେଇଥିଲା । ସାମ୍ରାଜ୍ୟର ପ୍ରଶାସନିକ ଅଧିକାରୀ, ବଣିକ ଏବଂ କାରିଗରମାନେ ସହର ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

AP SCERT

ମନେ ରଖ

ପୂ.ସା.ଅ. 4ର୍ଥରୁ 3ୟ ଶତାବ୍ଦୀ ମଧ୍ୟରେ ଲିଖିତ ତାମ୍ରପତ୍ର ଅଭିଲେଖ ଭାରତର ସର୍ବପ୍ରଥମ ଜଣାଶୁଣା ପ୍ରଶାସନିକ ଦସ୍ତାବିଜ ମଧ୍ୟରୁ ଅନ୍ୟତମ । ଏହା ଉତ୍ତର ପ୍ରଦେଶର ସହଗୌରା ନାମକ ସ୍ଥାନରୁ ଆବିଷ୍କୃତ ହୋଇଛି । ଏହା ବ୍ରାହ୍ମୀଲିପିରେ, ପ୍ରାକୃତ ଭାଷାରେ ଲିଖିତ । ଏହା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଶାସନ କାଳର ବୋଲି ବିଶ୍ୱାସ କରାଯାଏ । ଏହି ଅଭିଲେଖରେ ଖାଦ୍ୟ, ଶସ୍ୟକୁ ମହଜୁଦ୍ କରି ରଖିବା ପାଇଁ ଶସ୍ୟାଗାରର ବ୍ୟବସ୍ଥା ରହିଥିବାର ଜଣାଯାଏ । ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ପ୍ରାକୃତିକ ସଙ୍କଟ ସମୟରେ ଲୋକମାନଙ୍କ ନିମନ୍ତେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଏହି ଶସ୍ୟାଗାର ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।



ଚିତ୍ର 5.19

ମେଘାସ୍ଥିନିସ୍‌ଙ୍କ ବିବରଣୀ ମଧ୍ୟ ତତ୍କାଳୀନ ସମାଜ ଉପରେ ଆଲୋକପାତ କରିଛି । ଜନସଂଖ୍ୟାର ଏକ ବଡ଼ଭାଗ କୃଷିଜୀବୀ ଥିଲେ ଏବଂ କୃଷି ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା । ବର୍ଷକୁ ଦୁଇଥର ଗ୍ରୀଷ୍ମ ଏବଂ ଶୀତ ସମୟରେ ଫସଲ ବୁଣା ହେଉଥିଲା । କାରଣ ଏହି ଦୁଇଟି ସମୟରେ ବର୍ଷାର ଅଭାବ ନ ଥିଲା । ଫଳତଃ ଦୁର୍ଭିକ୍ଷ ହେଉଥିବାର ବିଶେଷ ପ୍ରମାଣ ମିଳେନାହିଁ । ମୌର୍ଯ୍ୟ ଶାସନ କାଳରେ ଲୋକଙ୍କ ପାଖରେ ଖାଦ୍ୟର ଅଭାବ ନ ଥିଲା । ବିପଦ ସମୟରେ ଖାଦ୍ୟର ଆବଶ୍ୟକତା ପାଇଁ ଶସ୍ୟାଗାରଗୁଡ଼ିକ ପରିପୂର୍ଣ୍ଣ ଥିଲା । ନିକଟବର୍ତ୍ତୀ ଅଞ୍ଚଳରେ ଯୁଦ୍ଧର ଭୟ ଥିଲେ ବି କୃଷକ ଓ କୃଷି ସୁରକ୍ଷିତ ରହୁଥିଲେ ।

ସହରରେ ବଢ଼େଇ, କମାର, କୁମ୍ଭାର ସୁନାରୀ(ବଣିଆ) ଓ ଅନ୍ୟ କାରିଗରୀମାନେ ବସବାସ କରୁଥିଲେ । ସହରଗୁଡ଼ିକ ଯୋଜନାବଦ୍ଧ ଭାବରେ ତିଆରି ହୋଇଥିଲା । ରାସ୍ତାକଡ଼ରେ ଫଳକମାନ ଲଗାଯାଇଥିଲା । ଯୋଗାଯୋଗ ନିମିତ୍ତ ଡାକର ବ୍ୟବସ୍ଥା ରହିଥିଲା । ଘରଗୁଡ଼ିକ କାଠରେ ତିଆରି ହୋଇଥିଲା । ଘରଗୁଡ଼ିକ ଏକ କିମ୍ବା ଦୁଇ ମହଲା ବିଶିଷ୍ଟ ଥିବାର ଅନୁମାନ କରାଯାଏ । ସମ୍ଭାବ୍ୟ ଅଗ୍ନିକାଣ୍ଡରୁ ସୁରକ୍ଷା ପାଇବା ପାଇଁ ରାସ୍ତାର କିଛି କିଛି ଦୂରରେ ଜଳପୂର୍ଣ୍ଣ ବଡ଼ ବଡ଼ ପାତ୍ର ରଖାଯାଉଥିଲା ।

ଏହି ସମୟର ଲୋକମାନେ କପା ତିଆରି ପୋଷାକ ପରିଧାନ କରୁଥିଲେ । ସେ ସମୟରେ ପୋଷାକ ଦୁଇଟି ଅଂଶରେ ପରିଧାନ କରାଯାଉଥିଲା । ଗୋଟିଏ ଅଂଶ ଅଣ୍ଟାରୁ ଆଣ୍ଠୁଯାଏ ପରିଧାନ କରାଯାଉଥିବାବେଳେ ଅନ୍ୟ ଅଂଶଟି ଚାଦର ପରି କାନ୍ଧରେ ପକାଇ ଦିଆଯାଉଥିଲା । କେତେକ ଲୋକ ନିଜକୁ ଉଚ୍ଚ ଦେଖାଇବା ପାଇଁ ଚମଡ଼ା ପ୍ରସ୍ତୁତ ହିଲ୍ ଯୋତା(ଚପଲ) ବ୍ୟବହାର କରୁଥିଲେ ।

ଆସ ଅନୁସନ୍ଧାନ କରିବା

ଐତିହାସିକ ଟୋପିଟିଏ ପିନ୍ଧି ପର ପୃଷ୍ଠାରେ ଥିବା ସେହି ସମୟର କଳାକୃତିଗୁଡ଼ିକୁ ଭଲଭାବେ ନିରୀକ୍ଷଣ କର । ମୌର୍ଯ୍ୟ ଯୁଗର ଜନସାଧାରଣ ଓ ସେମାନଙ୍କର ଜୀବନଶୈଳୀ ସମ୍ପର୍କରେ ତୁମେ କ'ଣ ନିଷ୍କର୍ଷ କଲ ?

AP SCERT


ଏହି ଚିତ୍ର 5.20 ଟି ଆମ ପାଇଁ ଅନେକ ବାର୍ତ୍ତା ବହନ କରୁଛି । ସୌନ୍ଦର୍ଯ୍ୟ ଏବଂ ସିଦ୍ଧତା ସହିତ ମୌର୍ଯ୍ୟକଳାର ଏକ ଉତ୍କୃଷ୍ଟ ଉଦାହରଣ । ଏହି ସ୍ତମ୍ଭର ଉପରିଭାଗ(ଯାହାର ଅର୍ଥ ସ୍ତମ୍ଭ ଉପର ଅଂଶ ବା ମସ୍ତକ ଭାଗ) ଅଶୋକଙ୍କ ଦ୍ୱାରା ବାରଣାସୀ ନିକଟବର୍ତ୍ତୀ ସାରନାଥ ଠାରେ ସ୍ଥାପିତ ହୋଇଥିବା ସ୍ତମ୍ଭର ଶୀର୍ଷରେ ଥିଲା, ଯେଉଁ ଠାରେ ଗୌତମ ବୁଦ୍ଧ ତାଙ୍କର ପ୍ରଥମ ଧର୍ମବାଣୀ ଶୁଣାଇଥିଲେ । ଚାରୋଟି ସିଂହ ରାଜକୀୟ ଶକ୍ତିର ପ୍ରତୀକ । ତଳ ବଳୟରେ ଚାରୋଟି ଶକ୍ତିଶାଳୀ ପଶୁ(ହାତୀ, ଘୋଡ଼ା, ବୃଷଭ ଓ ସିଂହ) ଧର୍ମଚକ୍ର ସହିତ ଚିତ୍ରିତ ହୋଇଛି, ଯାହା ବୁଦ୍ଧଙ୍କ ବାଣୀକୁ ପ୍ରତୀକ ଭାବରେ ଗ୍ରହଣ କରେ ।



ଚିତ୍ର 5.20 – ସାରନାଥର ଏହି ସ୍ତମ୍ଭରୁ ଜଣାଯାଏ ଯେ ମୌର୍ଯ୍ୟମାନେ ଶିଳାସ୍ତମ୍ଭ ନିର୍ମାଣରେ କେତେ ସିଦ୍ଧହସ୍ତ ଥିଲେ ।

ମୌର୍ଯ୍ୟମାନଙ୍କର କେତୋଟି ଅବଦାନ


ଲୋକ ଓ ଜୀବନ



ଚିତ୍ର 5.21 – ନୃତ୍ୟରତା ଝିଅଟିର ମୃଣ୍ମୟ ମୂର୍ତ୍ତି । ଏହାର ପୋଷାକ, କେଶ ବିନ୍ୟାସ ଓ ଅଳଙ୍କାରକୁ ଲକ୍ଷ୍ୟ କର ।



ଚିତ୍ର 5.22 – ଦେବୀମାତାଙ୍କ ମୃଣ୍ମୟ ମୂର୍ତ୍ତି



ଚିତ୍ର 5.23 – ଚାମରଧାରୀ ଦେବୀମାତା(ଯକ୍ଷିଣୀ/ଯକ୍ଷି)

© SCERT




ଚିତ୍ର 5.24 – ସପ୍ତ ମାତୃକା ବା ସପ୍ତ ଦେବୀମାତାଙ୍କ ମୃଣ୍ମୟ ମୂର୍ତ୍ତି



ଚିତ୍ର 5.25 – ଏକ ମୃଣ୍ମୟ ଘୋଡ଼ାର ମସ୍ତକ
(ଲଗାମ୍‌ର ବିସ୍ତୃତ ଡିଜାଇନକୁ
ଲକ୍ଷ୍ୟ କର)

କଳା ଓ ସ୍ଥାପତ୍ୟ



ଚିତ୍ର 5.26 – ଭାରତର ସର୍ବପୁରାତନ ପ୍ରସ୍ତର କଳା ମଧ୍ୟରୁ ସାଞ୍ଚିର ମହାନ ସ୍ତୂପ ଭାରତୀୟ ସ୍ଥାପତ୍ୟ କଳାର ସର୍ବୋତ୍ତମ ଉଦାହରଣ । ଲକ୍ଷ୍ୟକର ମୂଳ ସୌଧଟି ଇଟାରେ ନିର୍ମିତ ହୋଇଥିଲା ଏବଂ ପରେ ପଥରରେ ଏହାର ଆକାର ବୃଦ୍ଧି କରାଯାଇଥିଲା । କୁହାଯାଏ ଯେ ଅଶୋକ ଉପାସନା, ଅଧ୍ୟୟନ ଓ ଧ୍ୟାନ ନିମିତ୍ତ ଏହିପରି ଅନେକ ସ୍ତୂପ, ଚୈତ୍ୟ ଓ ବିହାର ନିର୍ମାଣ କରାଇଥିଲେ ।



ଚିତ୍ର 5.27 – ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳିଠାରେ ଏକ ପୂର୍ଣ୍ଣବୟସ୍କ ହାତୀର ପଥର ମୂର୍ତ୍ତି ଯାହା ବୁଦ୍ଧଙ୍କ ପ୍ରତୀକ ରୂପେ ବୁଦ୍ଧିମାନ, ଶକ୍ତିମାନ, ଧୈର୍ଯ୍ୟବାନ ଏବଂ ଶାନ୍ତ ସ୍ୱଭାବର ପରିଚୟ ଦେଇଥାଏ । ଅଶୋକଙ୍କର ଏକ ଅନୁଶାସନ ନିକଟରେ ଏକ ପଥର ଦେହରେ ଏହା ଖୋଦିତ ହୋଇଥିଲା ।

ତୁମମାନଙ୍କ ମଧ୍ୟରୁ କେତେକ ପାର୍ଶ୍ୱରେ ଦିଆଯାଇଥିବା ଚିତ୍ର ସହିତ ପରିଚିତ ଥିବ । ବାସ୍ତବରେ ଏହି ଚିତ୍ରଟି ଭାରତର ଜାତୀୟ ସଙ୍କେତ ଅଟେ । ଯେଉଁଥିରେ ସଂସ୍କୃତରେ ''ସତ୍ୟମେବ ଜୟତେ'' ଲେଖାଯାଇଛି । ଯାହାର ଅର୍ଥ ସତ୍ୟର ସର୍ବଦା ଜୟ ହେଉ । ଏତଦ୍‌ବ୍ୟତୀତ ଜାତୀୟପତାକା ମଧ୍ୟ ଭାଗରେ ଥିବା ଧର୍ମଚକ୍ରକୁ ଚିତ୍ରିତ କରାଯାଇଛି । ସତ୍ୟମେବ ଜୟତେ ମଣ୍ଡୁକ ଉପନିଷେଦରୁ ଆସିଅଛି । ସମ୍ପୂର୍ଣ୍ଣ ଭାବରେ ଏହା ସତ୍ୟମେବ ଜୟତେ ନନୃତମ୍ ଅର୍ଥାତ୍ ଅସତ୍ୟ ଉପରେ, ସତ୍ୟର ସର୍ବଦା ଜୟ ହୋଇଥାଏ ।



सत्यमेव जयते


ଚିତ୍ର 5.28

AP SCERT

ଆସ ଅନୁସନ୍ଧାନ କରିବା

ମୁଦ୍ରାଗୁଡ଼ିକରେ ଥିବା ଭିନ୍ନ ଭିନ୍ନ ପ୍ରତୀକଗୁଡ଼ିକୁ ଲକ୍ଷ୍ୟ କର । ଏହାର ଅର୍ଥ କ'ଣ ହୋଇପାରେ ଅନୁମାନ କରିପାରୁଛ କି ?





ଚିତ୍ର 5.29.1 – ମୌର୍ଯ୍ୟ ଯୁଗର ଛାପା ମୁଦ୍ରାଗୁଡ଼ିକର ଏକ ଭଣ୍ଡାର ।
ଚିତ୍ର 5.29.2 – ଅଶୋକଙ୍କର ଏକ ଛାପାଯୁକ୍ତ ମୁଦ୍ରା

ମନେ ରଖ

ସ୍ତୂପର ମଧ୍ୟ ଭାଗରେ ଥିବା ଅର୍ଦ୍ଧଗୋଲାକାର ଗଠନକୁ 'ଅଣ୍ଡ' କୁହାଯାଏ । ଏହା ବ୍ରହ୍ମାଣ୍ଡକୁ ପ୍ରତିନିଧିତ୍ୱ କରେ ଏବଂ ଏହାକୁ ପ୍ରାୟତଃ ପବିତ୍ର ଅବଶେଷ ରଖିବା ପାଇଁ ବ୍ୟବହାର କରାଯାଏ । ଉପାସନାର ଏକ ଅଂଶ ଭାବରେ ଲୋକମାନେ ଏହାର ଗୋଲାକାରରେ ପ୍ରଦକ୍ଷିଣ କରିଥାନ୍ତି ।

ସାମ୍ରାଜ୍ୟଗୁଡ଼ିକର ଭଙ୍ଗୁର ପ୍ରକୃତି

ବିଶ୍ୱର ଅନ୍ୟ ସ୍ଥାନମାନଙ୍କରେ ଥିବା ଅତୀତ ଶକ୍ତିଶାଳୀ ସାମ୍ରାଜ୍ୟ ଯଥା –ରୋମାନ୍, ପାରସ୍ୟ, ଅଟୋମନ୍, ସ୍ପେନୀୟ, ରଷୀୟ, ବ୍ରିଟିଶ୍ ଆଦି ସାମ୍ରାଜ୍ୟ ବିଷୟରେ ପରବର୍ତ୍ତୀ ଶ୍ରେଣୀମାନଙ୍କରେ ତୁମେ ଜାଣିବାକୁ ପାଇବ । ସେସବୁ ଅନେକ ଦୃଷ୍ଟିରୁ ଅନ୍ତର୍ହିତ ହୋଇଯାଇଛନ୍ତି । କିନ୍ତୁ ଐତିହାସିକମାନେ ସେମାନଙ୍କର ପତନର କାରଣଗୁଡ଼ିକ ଉପରେ ବିତର୍କ ଜାରି ରଖିଛନ୍ତି ।

ଏହିପରି ଅନେକଗୁଡ଼ିଏ କାରଣ ମଧ୍ୟରୁ ଗୋଟିଏ ହେଉଛି, ସାମ୍ରାଜ୍ୟର କିଛି ଅଞ୍ଚଳ ସ୍ୱାଧୀନ ହେବାକୁ ଅଭିଳାଷ ପୋଷଣ କରିବା । ଉଦାହରଣ ସ୍ୱରୂପ ଯଦି ସମ୍ରାଟଙ୍କୁ ଦୀର୍ଘକାଳୀନ ସାମରିକ ଅଭିଯାନ କିମ୍ବା ମରୁଡ଼ି ସମୟରେ ଅଧିକ ରାଜସ୍ୱ ଆବଶ୍ୟକ ପଡ଼େ, ତେବେ ସ୍ଥାନୀୟ ଶାସକମାନେ କର ବୃଦ୍ଧି କରିବାକୁ ବାଧ ହେବେ, ଯାହା ଜନ ଅସନ୍ତୋଷ ସୃଷ୍ଟି କରିବ କିମ୍ବା ଯଦି ଜଣେ ଶକ୍ତିଶାଳୀ ଶାସକ ଦୁର୍ବଳ ବୋଲି ବିବେଚିତ କରି ସ୍ଥାନୀୟ ରାଜା କିମ୍ବା ସର୍ଦ୍ଦାରମାନେ ଏହାର ସୁଯୋଗ ନେଇ କର ଦେବା ବନ୍ଦ କରିଦେବେ । ଆଲେକ୍‌ଜାଣ୍ଡାର୍‌ଙ୍କ ଅନୁଭୂତିରୁ ଜଣାଯାଏ ଯେ, ସାମ୍ରାଜ୍ୟ ଯେତେ ବଡ଼ ହେବ ଏହାକୁ ଏକାଠି କରି ରଖିବା ସେତେ କଷ୍ଟସାଧ୍ୟ ହେବ ଏବଂ ରାଜଧାନୀ ଠାରୁ ଅଧିକ ଦୂରରେ ଥିବା ଅଞ୍ଚଳଗୁଡ଼ିକ ଅନେକ ସମୟରେ ସାମ୍ରାଜ୍ୟର ମୁଖ୍ୟାଂଶରୁ ଅଲଗା ହୋଇଯିବା ଅବଶ୍ୟମ୍ଭାବୀ ହୋଇ ପଡ଼ିବ । ପରିଶେଷରେ ପ୍ରାକୃତିକ ବିପର୍ଯ୍ୟୟ(ମରୁଡ଼ି କିମ୍ବା ବନ୍ୟା) ଦ୍ୱାରା ସୃଷ୍ଟ ଅର୍ଥନୈତିକ ସଙ୍କଟ ସାମ୍ରାଜ୍ୟର ପତନର କାରଣ ହୋଇପାରେ ।

ଏଥିରୁ ଜଣାଯାଏ, ସାମ୍ରାଜ୍ୟଗୁଡ଼ିକ ଅଧିକ ସମୟରେ ବିରୁଦ୍ଧାଭାଷର ସମ୍ମୁଖୀନ ହୋଇପାରେ । ଗୋଟିଏ ପକ୍ଷରେ ଏହା ମୌର୍ଯ୍ୟ ସାମ୍ରାଜ୍ୟ ପରି ସମ୍ପୂର୍ଣ୍ଣ ଉପମହାଦେଶରେ ରାଜନୈତିକ ସ୍ଥିରତା ଆଣିପାରେ କିନ୍ତୁ ଅପରପେକ୍ଷରେ ଏହା କ୍ଷୁଦ୍ର ରାଜ୍ୟମାନଙ୍କ ମଧ୍ୟରେ ଯୁଦ୍ଧକୁ ନିୟନ୍ତ୍ରଣ କରିପାରେ ବା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେଇପାରେ । ବାସ୍ତବରେ ଏକ ସୁପରିଚାଳିତ ସାମ୍ରାଜ୍ୟ ବୃହତ୍ତର ଉନ୍ନତି ଆଣିବାରେ ସହାୟକ ହୋଇଥାଏ; ଯାହା ଯୁଦ୍ଧଖୋର ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳିଥାଏ । ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକ ଅନେକ ସମୟରେ ଯୁଦ୍ଧ ମାଧ୍ୟମରେ ହିଁ ପ୍ରତିଷ୍ଠିତ ହୋଇଥାନ୍ତି ଏବଂ ବଳ ପ୍ରୟୋଗ ଓ ଦମନମୂଳକ ନୀତି ଦ୍ୱାରା ନିଜର ସ୍ଥିତିକୁ ଜାହିର କରିଥାନ୍ତି ।

AP SCERT



ଚିତ୍ର 5.30

ତାହା ସେଗୁଡ଼ିକୁ ଅସ୍ଥିର ଓ କ୍ଷଣଭଙ୍ଗୁର କରିଦେଇପାରେ । ପ୍ରକୃତରେ ଏକ ସୁପରିଚାଳିତ ସାମ୍ରାଜ୍ୟ କ୍ଷୁଦ୍ର ତଥା ଯୁଦ୍ଧଖୋର ରାଜ୍ୟ ଅପେକ୍ଷା ଅଧିକ ସମୃଦ୍ଧି ଆଣିପାରେ ।



ଶେଷ କରିବା ପୂର୍ବରୁ...

- → ଏକ ସାମ୍ରାଜ୍ୟ ଅନେକ ଛୋଟ ଛୋଟ ରାଜ୍ୟ କିମ୍ବା ଅଞ୍ଚଳକୁ ନେଇ ଗଠିତ । ଏକ ବଡ଼ ଅଞ୍ଚଳର ସମ୍ରାଟମାନେ ମୁଖ୍ୟତଃ ଖ୍ୟାତି ଅର୍ଜନ କରିବା, ସାମରିକ ଶକ୍ତି ସଂଗ୍ରହ କରିବା ଏବଂ ସମ୍ବଳ ବୃଦ୍ଧି ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ରାଜ୍ୟ ବିସ୍ତାର କରିଥିଲେ ।
- → ଭାରତର ପ୍ରଥମ ସାମ୍ରାଜ୍ୟ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, ଜଳସେଚନ ଓ ପରିବହନ ପାଇଁ ନଦୀ, ବାଣିଜ୍ୟ ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ ଉତ୍ପାଦନ ହୋଇଥିଲା ।
- → ଆଲେକ୍‌ଜାଣ୍ଡାରଙ୍କ ଭାରତ ଅଭିଯାନ ଭାରତ–ଗ୍ରୀକ୍ ସାଂସ୍କୃତିକ ସମ୍ପର୍କ ପାଇଁ ଦ୍ୱାର ଖୋଲିଥିଲା ।
- → ମୌର୍ଯ୍ୟମାନଙ୍କର ବିରାଟ ସାମ୍ରାଜ୍ୟର ଐତିହ୍ୟ ଶତାବ୍ଦୀ ଧରି ରହିଥିଲା । ସେମାନେ ବାଣିଜ୍ୟର ସମୃଦ୍ଧି, ସୁଦୃଢ଼ ଅର୍ଥନୈତିକ ବ୍ୟବସ୍ଥା, ମୁଦ୍ରାର ବହୁଳ ପ୍ରଚଳନ, ଏକ ଉନ୍ନତ ସହରୀ ସଭ୍ୟତା, ଏକ ବିସ୍ତୃତ ପ୍ରଶାସନ ସହିତ କଳା ଓ ସ୍ଥାପତ୍ୟର ଉନ୍ନତି ମାଧ୍ୟମରେ ନିଜର ପାରଦର୍ଶିତା ପ୍ରତିପାଦନ କରିଥିଲେ ।
- → ଅଶୋକ ନିଜକୁ ଜଣେ ଦୟାଳୁ ଓ ଧର୍ମପରାୟଣ ତଥା ପ୍ରଜାବତ୍ସଳ ଶାସକ ଭାବରେ ପ୍ରତିଷ୍ଠିତ କରାଇବା ସଙ୍ଗେ ସଙ୍ଗେ ଧର୍ମ ପ୍ରତି ଆକୃଷ୍ଟ ହେବା ପାଇଁ ପ୍ରଜାମାନଙ୍କୁ ଉତ୍ସାହିତ କରିଥିଲେ ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ନିମ୍ନଲିଖିତ ମଧ୍ୟରୁ କିଏ ପ୍ରଥମ ବିଦେଶ ଭୂମିରୁ ଆକ୍ରମଣକାରୀ ବିଜେତା ଭାବରେ ଭାରତକୁ ଆସିଥିଲେ ?
   A) ଭାସ୍କୋଡ଼ାଗାମା **B)** ଅମୀର ଖୁସରୋ
   C) ଆଲେକ୍‌ଜାଣ୍ଡାର **D)** ହୁଏନ୍ ସାଂ
2. କେଉଁ ବିବୃତ୍ତି ଦର୍ଶାଏ ଯେ ପ୍ରାଚୀନ ଭାରତୀୟ ବାଣିଜ୍ୟ ସଂଘ ଗୁଡ଼ିକ କିପରି ବର୍ତ୍ତମାନର ବାଣିଜ୍ୟ ସଂଘ, **FICCI, CII,** ଅମୂଲ୍ ସମବାୟ ଏବଂ **SHG** ଭଳି ଗୋଷ୍ଠୀ ସହିତ ସମାନ ଥିଲେ ?
   A) ସେମାନେ ସର୍ବଦା ରାଜା କିମ୍ବା ସରକାରଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ କାମ କରୁଥିଲେ ।
   B) ସେମାନେ ସ୍ଥାୟୀ ନିୟମ ବିନା ଅନେକ ବୃତ୍ତିର ଲୋକଙ୍କୁ ଏକାଠି କରୁଥିଲେ ।
   C) ସେମାନେ ନିୟମ ତିଆରି କରିବା ଏବଂ ସଦସ୍ୟମାନଙ୍କୁ ସମର୍ଥନ କରିବା ପାଇଁ ସମାନ ବାଣିଜ୍ୟର ଲୋକଙ୍କୁ ଏକତ୍ର କରିଥିଲେ ।
   D) ସେମାନେ ମୁଖ୍ୟତଃ ଧାର୍ମିକ ସଂସ୍ଥା ଭାବେ କାମ କରୁଥିଲେ ଏବଂ ସାଧାରଣ ରୀତିନୀତି ପାଳନ କରୁଥିଲେ ।

APSCERT

3. ଅଶୋକ ସ୍ତମ୍ଭ ଆଜି ଭାରତର ଜାତୀୟ ପ୍ରତୀକ ଭାବରେ ବ୍ୟବହୃତ ହେଉଛି ।
ଏଥିରୁ କେଉଁ ମୂଲ୍ୟବୋଧଗୁଡ଼ିକ ବର୍ତ୍ତମାନ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ?

A) କ୍ଷମତା ଏବଂ କର୍ତ୍ତୁତ୍ୱ

B) ସତ୍ୟ, ନ୍ୟାୟ ଏବଂ ଉତ୍ତମ ନେତୃତ୍ୱ

C) ବାଣିଜ୍ୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ

D) ପ୍ରାଣୀମାନଙ୍କ ଯତ୍ନ ଏବଂ ସୁରକ୍ଷା

4. ଏକ ସାମ୍ରାଜ୍ୟର ବୈଶିଷ୍ଟ୍ୟ କ'ଣ ଏବଂ ଏହା ରାଜ୍ୟଠାରୁ କିପରି ପୃଥକ୍ ? ବର୍ଣ୍ଣନା କର ।
5. ରାଜ୍ୟରୁ ସାମ୍ରାଜ୍ୟକୁ ପରିବର୍ତ୍ତନ ହେବା ପାଇଁ ଥିବା ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକ କ'ଣ ?
6. କୌଟିଲ୍ୟଙ୍କର ମୁଖ୍ୟ ଧାରଣାଗୁଡ଼ିକ କ'ଣ ଥିଲା ? ସେଥିରୁ କେଉଁସବୁ ଧାରଣା ଆଜି ବି ଅନୁଭୂତ ହେଉଅଛି ?
7. ଆଲେକ୍‌ଜାଣ୍ଡାରଙ୍କୁ ବିଶ୍ୱ ଇତିହାସରେ ଜଣେ ଗୁରୁତ୍ୱପୂର୍ଣ୍ଣ ରାଜା ଭାବରେ ବିବେଚନା କରାଯାଏ – ତୁମେ ଏପରି କାହିଁକି ଭାବୁଛ ?
8. ପ୍ରାଚୀନ ଭାରତୀୟ ଇତିହାସରେ ମୌର୍ଯ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଥିଲେ – ଏହାର କାରଣ ଗୁଡ଼ିକ ଦର୍ଶାଅ ।
9. ଅଶୋକ ଏବଂ ତାଙ୍କ ସାମ୍ରାଜ୍ୟର ଅସାଧାରଣ ଦିଗଗୁଡ଼ିକ କ'ଣ ଥିଲା ? ଏହାର କେଉଁ ଦିଗ ଆଜି ମଧ୍ୟ ଭାରତକୁ ପ୍ରଭାବିତ କରୁଛି ଏବଂ କାହିଁକି ? ପ୍ରାୟ 250 ଟି ଶବ୍ଦ ମଧ୍ୟରେ ତୁମର ମତ ରଖ ।
10. ରାଜା ପ୍ରିୟଦର୍ଶୀ ହେଉଛି ଈଶ୍ୱରଙ୍କର ପ୍ରିୟ । ମୋ ଦ୍ୱାରା ନିଯୁକ୍ତ ଧର୍ମମହାମାତ୍ରମାନେ ଜନସାଧାରଣଙ୍କ ହିତରେ କାର୍ଯ୍ୟ କରନ୍ତି । ସେମାନେ ସମସ୍ତ ସମ୍ପ୍ରଦାୟ, ଉଭୟ ଗୃହୀ ଏବଂ ସନ୍ୟାସୀମାନଙ୍କ ନିମନ୍ତେ ସର୍ବଦା କାର୍ଯ୍ୟରତ । ବ୍ରାହ୍ମଣ, ସନ୍ୟାସୀ(ଅଜୀବକ), ଜୈନ ଓ ଅନ୍ୟ ସମ୍ପ୍ରଦାୟ ନିମନ୍ତେ ମୁଁ କେତେକ ଲୋକଙ୍କୁ ବୌଦ୍ଧ ପରମ୍ପରାରେ ନିଯୁକ୍ତି ଦେଇଅଛି । ଏପରି ଅନେକ ପ୍ରକାର ରାଜକର୍ମଚାରୀ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି । କିନ୍ତୁ ମୋର ଧର୍ମକର୍ମଚାରୀମାନେ କେବଳ ଏହି କାର୍ଯ୍ୟରେ ଏବଂ ଅନ୍ୟ ସମ୍ପ୍ରଦାୟ ନିମନ୍ତେ ତତ୍ପର ରହିଥାନ୍ତି । ଏସବୁ ପଢ଼ିବା ପରେ ତୁମେ କ'ଣ ଭାବୁଛ ଯେ ଅଶୋକ ଅନ୍ୟ ଧାର୍ମିକ ଚିନ୍ତାଧାରା ଓ ବିଶ୍ୱାସ ପ୍ରତି ସହନଶୀଳ ଥିଲେ ? ଶ୍ରେଣୀ ଗୃହରେ ତୁମର ଚିନ୍ତାଧାରା ଆଲୋଚନା କର ।
11. ପ୍ରାଚୀନ ଭାରତରେ ବ୍ରାହ୍ମୀ ଲିପିର ବହୁଳ ପ୍ରଚଳନ ଥିଲା । ଏହି ଲିପି ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର । ଆବଶ୍ୟକସ୍ଥଳେ ଶିକ୍ଷକଙ୍କ ସହିତ ଆଲୋଚନା କରି ତାଙ୍କର ସାହାଯ୍ୟ ନିଅ । ବ୍ରାହ୍ମୀ ଲିପି ସମ୍ପର୍କରେ ତୁମେ ଯାହା ଶିକ୍ଷାଲାଭ କଲ, ତାହାର ଏକ ଛୋଟ ପ୍ରକଳ୍ପ ପ୍ରସ୍ତୁତ କର ।
12. ପୂ.ସା.ଅ. 3ୟ ଶତାବ୍ଦୀରେ ତୁମକୁ କୌଶାମ୍ବୀରୁ କାବେରୀପଟ୍ଟନମ୍ ଯିବାକୁ କୁହାଯିବ । ତୁମେ ଏହି ଯାତ୍ରା କିପରି ଓ କେତେ ସମୟ ମଧ୍ୟରେ ଆବଶ୍ୟକ ରହଣୀ ସହିତ ସମ୍ପାଦନ କରିବ ବୋଲି ଭାବୁଛ ?

✧✧✧✧✧

AP SCERT

ଅଧ୍ୟାୟ

6

ପୁନର୍ଗଠନର ଯୁଗ

Z9M1M4

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- ପୁନର୍ଗଠନ ଯୁଗ ସମୟର ଶୁଙ୍ଗ, ଚେଦି, ଶାତବାହନ, ଚୋଳ ଚେର ଏବଂ ପାଣ୍ଡ୍ୟ ଭଳି ପ୍ରମୁଖ ରାଜବଂଶଗୁଡ଼ିକୁ ଚିହ୍ନଟ କରିପାରିବେ । (CG-1)
- ବେପାର, ସାହିତ୍ୟ, କଳା ଏବଂ ସ୍ଥାପତ୍ୟ କ୍ଷେତ୍ରରେ ବିଭିନ୍ନ ରାଜବଂଶର ଅବଦାନକୁ ପ୍ରଶଂସା କରିବେ । (CG-4)
- ପ୍ରଶାସନ, ବେପାର ତଥା ସଂସ୍କୃତି ପାଇଁ ସାତବାହନମାନଙ୍କ ବୈଶିଷ୍ଟ୍ୟକୁ ବର୍ଣ୍ଣନା କରିପାରିବେ । (CG-4)
- ପ୍ରସଙ୍ଗ ସହ ଜଡ଼ିତ ଭାରତର ଚିତ୍ର ଏବଂ ମାନଚିତ୍ରଗୁଡ଼ିକର ବ୍ୟାଖ୍ୟା କରିପାରିବେ । (CG-1)
- ଭାରତର ସମୃଦ୍ଧ ସ୍ଥାନୀୟ ଦ୍ୱାରା ଗ୍ରୀକ୍ ବିଜେତାମାନେ କିପରି ପ୍ରଭାବିତ ହୋଇଥିଲେ ବୁଝିପାରିବେ । (CG-4)



ଚିତ୍ର – 6.1.1 ପୁନର୍ଗଠନ ଯୁଗର କଳାର ଏକ ଝଲକ

''ନିରନ୍ତର ଜୀବନଧାରା ଏବଂ ପୁନର୍ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଦ୍ୱାରା ଏହି ଭୂମି ଅସଂଖ୍ୟ ରୂପାନ୍ତର ମଧ୍ୟରେ ନିଜକୁ ପୁନଃସଂଗଠିତ କରିଛି ।''

– ଜଗଦୀଶ ଚନ୍ଦ୍ର ବୋଷ (1917)

© NCERT

ମୁଖ୍ୟ ପ୍ରଶ୍ନାବଳୀ ?

1. *ମୌର୍ଯ୍ୟ ସାମ୍ରାଜ୍ୟର ପରବର୍ତ୍ତୀ ସମୟକୁ କାହିଁକି ''ପୁନର୍ଗଠନ ଯୁଗ'' କୁହାଯାଏ ?*
2. *ଉକ୍ତ ସମୟର ସମ୍ରାଟମାନଙ୍କୁ କେଉଁ ମୂଲ୍ୟବୋଧ ଓ ନୀତିଗୁଡ଼ିକ ମାର୍ଗଦର୍ଶନ କରାଇଥିଲା ?*
3. *ବିଦେଶୀ ଆକ୍ରମଣକାରୀମାନେ କିପରି ଭାରତୀୟ ସମାଜରେ ମିଳିତ ହୋଇ ସାମାଜିକ ଓ ସାଂସ୍କୃତିକ ମିଶ୍ରଣରେ ସହାୟକ ହୋଇଥିଲେ ?*



ଉମା ଏବଂ କୃଷ୍ଣ ନିଜର ମୌର୍ଯ୍ୟ ସାମ୍ରାଜ୍ୟ ଯାତ୍ରାରୁ ନିଜକୁ ଫେରାଇ ଆଣି ଅନ୍ୟ ଏକ ସାହସିକ ଯାତ୍ରା ପାଇଁ ମନ ବଳାଇଲେ । ସେମାନେ ପୁଣି ଥରେ ଇତିହାସକୁ ବ୍ୟବହାର କରିବାକୁ ଠିକ୍ କଲେ ଏବଂ ଏକ ନୂତନ ଐତିହାସିକ ସମୟରେ ଅବତରଣ କଲେ । ପ୍ରତିଟି ଅନ୍ୟ ଠାରୁ ଯଥେଷ୍ଟ ଭିନ୍ନ ଥିବା ବିଭିନ୍ନ କଳାକୃତିର ସଂସ୍ପର୍ଶରେ ସେମାନେ ଆସିଲେ । (ଚିତ୍ର: 6.1.1 ଦେଖ ।) । ସେମାନେ ଆଶ୍ଚର୍ଯ୍ୟ ହେଲେ – ଏହି କଳାକୃତିଗୁଡ଼ିକୁ ଗୋଟିଏ ରାଜ୍ୟର ନୁହେଁ ବରଂ ଏକାଧିକ ରାଜ୍ୟର ହୋଇଥାଇ ପାରେ କି ? ସେମାନେ ଠିକ୍ ଅନୁମାନ କଲେ । ଏହି ଅଧ୍ୟାୟରେ ଆମେ ଏକ ସୁଦୀର୍ଘ ସମୟ ଅତିକ୍ରମ କରିବା । ଆସ ଯିବା .....

ସମ୍ରାଟ ଅଶୋକଙ୍କ ଉତ୍ତରାଧିକାରୀଙ୍କ ସମର୍କରେ ଖୁବ୍ କମ୍ ସୂଚନା ମିଳେ । ସର୍ବ ସାଧାରଣ ଭାବେ ବିଶ୍ୱାସ କରାଯାଏ ଯେ ଖ୍ରୀ.ପୂ 185 ରେ ଶେଷ ମୌର୍ଯ୍ୟ ସମ୍ରାଟଙ୍କୁ ତାଙ୍କରି ସେନାଧକ୍ଷ ପୁଷ୍ୟମିତ୍ର ଶୁଙ୍ଗ ହତ୍ୟା କରିଥିଲେ । ଅଶୋକଙ୍କ ଶାସନର ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ଏହି ମୌର୍ଯ୍ୟ ସାମ୍ରାଜ୍ୟର ବିଭାଜନ ଘଟିଲା, ଯାହା ଆମେ ଗତ ଅଧ୍ୟାୟରେ ପଢ଼ିଥିଲେ । ଫଳରେ ଉପମହାଦେଶରେ ଅନେକ ନୂତନ ରାଜ୍ୟର ଆବିର୍ଭାବ ଘଟିଥିଲା । ଯାହା ପୂର୍ବରୁ ମୌର୍ଯ୍ୟ ସାମ୍ରାଜ୍ୟର ଅନୁଗତ ଥିବା ସାମନ୍ତ ରାଜ୍ୟ ରୂପେ ରହିଥିଲା । ଭାରତର ଉତ୍ତର–ପଶ୍ଚିମାଞ୍ଚଳ ଦୁର୍ବଳ ହୋଇଯିବା କାରଣରୁ ଉପମହାଦେଶକୁ ବାହ୍ୟଶତ୍ରୁ ଆକ୍ରମଣର ସୁଯୋଗ ସୃଷ୍ଟି ହେଲା ।



ଚିତ୍ର: 6.12

ପୂର୍ବରୁ ଥିବା ଅଞ୍ଚଳଗୁଡ଼ିକ ନୂଆ ରାଜ୍ୟରେ ରୂପାନ୍ତରିତ ହୋଇ ନିଜେ ଶକ୍ତିଶାଳୀ ହେବା ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଲିପ୍ତ ରହୁଥିଲେ । ତେଣୁ ଏହି ସମୟକୁ ବିଦ୍ୱାନମାନେ ''ପୁନର୍ଗଠନର ଯୁଗ'' ବୋଲି କହିଲେ । ଏହି ଯୁଗରେ ଭାରତର ମାନଚିତ୍ର ଓ ଲୋକମାନଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଥିଲା ।

ଆସ ଅନୁସନ୍ଧାନ କରିବା

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ପ୍ରଥମ ବର୍ଷରୁ ଆରମ୍ଭ କରି ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀର ଶେଷ ବର୍ଷରେ ସମାପ୍ତ ହେବାଭଳି ସମୟକୁ ଚିହ୍ନିତ କରି କାଗଜର ଏକ ଫର୍ଦ୍ଦରେ ସମୟରେଖା ପ୍ରସ୍ତୁତ କର । ଏହି ସମୟରେଖା କେତେ ବର୍ଷ ଅତିକ୍ରମ କରିଥିବା ସୂଚାଉ ଅଛି ? ଯେହେତୁ ଆମେ ଏହି ଅଧ୍ୟାୟ ମାଧ୍ୟମରେ ଅଗ୍ରଗତି କରୁଛେ ତେଣୁ, ସମୟରେଖାରେ ମୁଖ୍ୟ ବ୍ୟକ୍ତି, ରାଜ୍ୟ ଏବଂ ଘଟଣାଗୁଡ଼ିକୁ ଚିହ୍ନିତ କର ।

AP SCERT



ଚିତ୍ର: 6.2. ପୁନର୍ଗଠନର ଯୁଗ ସମୟରେ ଭାରତରେ ପ୍ରମୁଖ ରାଜବଂଶ

AP SCERT

ମନେ ରଖ

ସମୟରେଖା ପ୍ରସ୍ତୁତ କଲାବେଳେ 'ଖ୍ରୀଷ୍ଟପୂର୍ବ'ରୁ 'ଖ୍ରୀଷ୍ଟାବ୍ଦ'କୁ ବଦଳିବା ଲକ୍ଷ୍ୟ କଲ କି? ଇତିହାସରେ କେମିତି ଐତିହାସିକ ସମୟକୁ ମପାଯାଏ, ସେହି ବିଷୟରେ ତୁମେ ଷଷ୍ଠ ଶ୍ରେଣୀର 'ସମୟରେଖା ଓ ଇତିହାସର ଉପାଦାନ'' ଅଧ୍ୟାୟରେ ଅଧ୍ୟୟନ କରିଥିଲ ତା'କୁ ମନେ ପକାଅ ।

ଆସ ଅନୁସନ୍ଧାନ କରିବା

ପୂର୍ବ ଅଧ୍ୟାୟରେ ତୁମେ ମୌର୍ଯ୍ୟ ସାମ୍ରାଜ୍ୟର ମାନଚିତ୍ର ଅଧ୍ୟୟନ କରିଛ । (ପୃ–100 ଦେଖ) ପୂର୍ବପୃଷ୍ଠାରେ ମୌର୍ଯ୍ୟ ପରି ଭାରତର ଏକ ମାନଚିତ୍ର ଦିଆଯାଇଛି। କେତୋଟି ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା, ତୁମେ ଗଣି କହି ପାରିବ କି?

ବୈବାହିକ ସମ୍ପର୍କ : ସାଧାରଣତଃ ଏହି ସମ୍ପର୍କ ଦୁଇଟି ରାଜପରିବାର ମଧ୍ୟରେ ବିବାହ ସମ୍ବନ୍ଧ ମାଧ୍ୟମରେ ହୋଇଥାଏ । ଏହାଦ୍ୱାରା ଗୋଟିଏ ରାଜା ତାଙ୍କ କନ୍ୟାକୁ ଅନ୍ୟ ଏକ ରାଜ ପରିବାରର କୌଣସି ସଦସ୍ୟଙ୍କୁ ବିବାହ ଦେଇ ଦୁଇ ରାଜ୍ୟ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ କରିଥାନ୍ତି ।

ବର୍ତ୍ତମାନ ନୂଆରାଜ୍ୟଗୁଡ଼ିକ ଅଞ୍ଚଳ ଦଖଲ ପ୍ରତିଯୋଗିତାରେ ମଗ୍ନ । ବୈବାହିକ ସମ୍ପର୍କ ସ୍ଥାପନ ଭଳି ଶାନ୍ତି ମାର୍ଗ ଏବଂ ଯୁଦ୍ଧରେ ବଳପ୍ରୟୋଗ ଭଳି ହିଂସାତ୍ମକ ମାର୍ଗ, ଏହି ଦୁଇଟି ନୂଆ ଅଞ୍ଚଳ ଦଖଲ / ଅଧିକାର ପାଇଁ ମାର୍ଗ (ମାଧ୍ୟମ) ଥିଲା । ମନେରଖ, ସୀମାନ୍ତ ଅଞ୍ଚଳଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ସୀମା ଆରପଟୁ ନିରନ୍ତର ଚେଷ୍ଟା ଲାଗିରହିଥିଲା । ରାଜ୍ୟକୁ ବାହ୍ୟଶତ୍ରୁ ଆକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ସୀମା ଆରପଟ ଶକ୍ତି ଉପରେ ନିୟନ୍ତ୍ରଣ ରଖିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ।

ଏହି ସବୁ ରାଜନୈତିକ ଘଟଣା ସହିତ କଳା ସ୍ଥାପତ୍ୟ ଓ ସାହିତ୍ୟର ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ ବୃଦ୍ଧି ଘଟିଥିଲା । ଆଗାମୀ ଅଧ୍ୟାୟମାନଙ୍କରେ ଆମେ ଏହାର ଏକ ଝଲକ ପାଇବା ।



ଚିତ୍ର *6.3*


ଶୁଙ୍ଗବଂଶର ଉତ୍‌ଥାନ : (ଅଭ୍ୟୁଦୟ)

ପୁଷ୍ୟମିତ୍ର ଶୁଙ୍ଗ, ଶୁଙ୍ଗବଂଶର ପ୍ରତିଷ୍ଠାତା, ଯିଏ କି ଉତ୍ତର ଓ ମଧ୍ୟଭାରତର କିଛି ଅଂଶରେ ଶାସନ କରିଥିଲେ । ସେ ନିଜକୁ ସବୁଠାରୁ ଶକ୍ତିଶାଳୀ ଶାସକରୂପେ ପ୍ରତିଷ୍ଠା କରିବା ପାଇଁ ଅଶ୍ୱମେଧ ଯଜ୍ଞ ନାମକ ଏକ ବୈଦିକ ଯଜ୍ଞାନୁଷ୍ଠାନ କରିଥିଲେ, ଯଦିଓ ତାଙ୍କ ସାମ୍ରାଜ୍ୟ ପୂର୍ବ ମୌର୍ଯ୍ୟ ସାମ୍ରାଜ୍ୟଠାରୁ ଛୋଟ ଥିଲା । (ଉଭୟଙ୍କ ଦୁଇଟି ମାନଚିତ୍ରକୁ ତୁଳନା କର) । ଏହାଦ୍ୱାରା ସେ ନିଜ ରାଜ୍ୟକୁ ସମ୍ଭାବ୍ୟ ଆକ୍ରମଣକାରୀଙ୍କଠାରୁ ସୁରକ୍ଷିତ ରଖିଥିଲେ ଏବଂ ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ କିଛି ପ୍ରାରମ୍ଭିକ ସାମରିକ ଅଭିଯାନ କରିବା ପରେ ସେମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିଲେ । କିନ୍ତୁ ତାଙ୍କ ପରେ ସାମ୍ରାଜ୍ୟ ବେଶିଦିନ ତିଷ୍ଠି ରହିପାରିଲା ନାହିଁ, ଏକ ଶତାବ୍ଦୀ ପରେ ଏହା ଲୋପ ପାଇଗଲା । ଏହି ସମୟ ବୈଦିକ ରୀତିନୀତି ଓ ପରମ୍ପରା ପୁନରୁଦ୍ଧାରର ସାକ୍ଷୀ ରୂପେ ରହିଥିଲା । ଏହା ସହିତ ଅନ୍ୟ ପନ୍ଥା ବା ବିଚାରଧାରାର ଦର୍ଶନଗୁଡ଼ିକ ମଧ୍ୟ ସମାନ୍ତରାଳରେ ବଢ଼ିବାକୁ ଲାଗିଥିଲା ।

AP SCERT

ମନେ ରଖ

ଅଶ୍ୱମେଧ ଯଜ୍ଞ ଏକ ବୈଦିକ ଅନୁଷ୍ଠାନ, ନିଜର ଶକ୍ତି ଓ ପ୍ରତିଷ୍ଠା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଯାହା ଅନେକ ରାଜାଙ୍କ ଦ୍ୱାରା କରାଯାଉଥିଲା । ଏହି ଅନୁଷ୍ଠାନ ସମୟରେ ଏକ ଘୋଡ଼ାକୁ କିଛି ସୈନ୍ୟଙ୍କ ସହ ଛାଡ଼ି ଦିଆଯାଉଥିଲା । ଯେଉଁ ଅଞ୍ଚଳ ଦେଇ ଘୋଡ଼ା ଅପ୍ରତିହତ ଭାବେ ଅତିକ୍ରମ କରୁଥିଲା, ସେହି ରାଜ୍ୟ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିବା ରାଜ୍ୟର ଆନୁଗତ୍ୟ ପ୍ରକାଶ କରିବା ସଙ୍ଗେସଙ୍ଗେ ବନ୍ଧୁରାଷ୍ଟ୍ର ଭାବରେ ପରିଗଣିତ ହେଉଥିଲା । ଯଦି କୌଣସି ଶାସକ ଘୋଡ଼ାକୁ ଅଟକାଉଥିଲେ ତେବେ ଆଧିପତ୍ୟ ନିର୍ଣ୍ଣୟ ପାଇଁ ଉଭୟଙ୍କୁ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡୁଥିଲା ।



ଚିତ୍ର: 6.4 ରାମାୟଣରୁ ଏକ ଚିତ୍ର, ଯେଉଁଥିରେ ରାଜା ରାମ ଅଶ୍ୱମେଧ ଯଜ୍ଞ କରୁଥିବା ଦେଖାଯାଉଛି (ଉନ୍ନବିଂଶ ଶତାବ୍ଦୀର ଚିତ୍ରକଳା, ଜାତୀୟ ସଂଗ୍ରହାଳୟ)

ଦର୍ଶନ ଏବଂ ସାହିତ୍ୟ (ସୃଷ୍ଟି) ପାଇଁ ସଂସ୍କୃତ ଏକ ପସନ୍ଦନୀୟ ତଥା ମୁଖ୍ୟ ଭାଷା ଭାବେ ଅଭ୍ୟୁଦୟ/ଘଟିଥିଲା । ଷଷ୍ଠ ଶ୍ରେଣୀରେ ପଢ଼ିଥିବା ଶାରୀରିକ ବିଜ୍ଞାନ ପାଠର ''ଯୋଗସୂତ୍ର ଓ କଲ୍ୟାଣ''ର କିଛି ସୂତ୍ର ମନେ ରଖିଛ କି? ଏହି ସମୟରେ ଯୋଗସୂତ୍ରଗୁଡ଼ିକ ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ସଙ୍କଳିତ କରାଯାଇଥିଲା।

ଶୁଙ୍ଗମାନେ ସାହିତ୍ୟ, କଳା ଓ ସ୍ଥାପତ୍ୟକୁ ପୃଷ୍ଠପୋଷକତା କରିଥିଲେ । ବର୍ତ୍ତମାନର ମଧ୍ୟପ୍ରଦେଶରେ ସ୍ଥିତ ଭାରହୁତସ୍ତୂପ ଶୁଙ୍ଗକଳାର ଏକ ସୁନ୍ଦର ଉଦାହରଣ । ସମ୍ଭବତଃ ଏହା ଅଶୋକଙ୍କ ସମୟରେ ନିର୍ମିତ ହୋଇଥିଲା । କିନ୍ତୁ ଶୁଙ୍ଗମାନେ ବୁଦ୍ଧଙ୍କ ଜୀବନ କାହାଣୀକୁ ଦର୍ଶାଉଥିବା ସୁନ୍ଦର ବାଡ଼ ଏବଂ କାରୁକାର୍ଯ୍ୟ ଯୋଡ଼ିଥିଲେ । ଏଗୁଡ଼ିକ ବୌଦ୍ଧକଳାର ପ୍ରାରମ୍ଭିକ ଉଦାହରଣ ଭାବେ ବିବେଚନା କରାଯାଏ ।



ଚିତ୍ର: 6.5.1 ଭାରହୁତ ସ୍ତୂପର ରେଲିଂ, ଚିତ୍ର: 6.5.2 ରେଲିଂର ଖୋଦିତ ଲକ୍ଷ୍ମୀଙ୍କ ଚିତ୍ର, ଚିତ୍ର: 6.5.3 ଗାୟକ ଏବଂ ନୃତ୍ୟଶିଳ୍ପୀ ଗୋଷ୍ଠୀ, ଚିତ୍ର: 6.5.4 ହାତୀମାନଙ୍କ ଦ୍ୱାରା ଧର୍ମଚକ୍ର ଧାରଣ ଚିତ୍ର

AP SCERT

କଳା କ୍ଷେତ୍ରରେ ଶୁଙ୍ଗମାନଙ୍କର କିଛି ଅବଦାନ


1


2



3



4



5


6


7


8


9



10

ଚିତ୍ର: 6.6.1 ଗ୍ରୀକ୍ ପୋଷାକ ସହ ଏକ ସ୍ତମ୍ଭ । ଚିତ୍ର: 6.6.2 ପୁରୁଷ ମୂର୍ତ୍ତି । ଚିତ୍ର 6.6.3 ଶିଶୁ ସହ ଏକ ମହିଳା ମୂର୍ତ୍ତି । ଚିତ୍ର : 6.6.4 ଗୋଟିଏ ହାତପଙ୍ଖା ସହ ଜଣେ ନାରୀ । ଚିତ୍ର: 6.6.5 ଫୁଲଦାନୀ । ଚିତ୍ର: 6.6.6 କେଶ ଅଳଙ୍କାର ପରିହିତା ଏକନାରୀ । ଚିତ୍ର: 6.6.7 ରାଜପରିବାର । ଚିତ୍ର: 6.6.8 ସୁନା ଛାଉଣି ହୋଇଥିବା ବ୍ରୋଞ୍ଜ୍ ଚୁଡ଼ି । ଚିତ୍ର: 6.6.9 ହାତୀ ଦାନ୍ତ ପାନିଆ । ଚିତ୍ର: 6.6.10 ଏକ ହାରର କଣ୍ଠି ସମୂହ ।

© SCERT

ଆସ ଅନୁସନ୍ଧାନ କରିବା

ନିମ୍ନରେ ଭାରହୁତ ସ୍ତୂପର ଏକ ପ୍ୟାନେଲ ପ୍ରଦତ୍ତ କରାଯାଇଛି । ଏହାର ଦକ୍ଷିଣ ପାର୍ଶ୍ୱର ଦୁଇଟି ଚିତ୍ରକୁ ଦେଖ । ସେମାନେ କ'ଣ କରୁଛନ୍ତି? ସେମାନଙ୍କ କାର୍ଯ୍ୟକୁ ନେଇ ତୁମେ କିଛି ଅନୁମାନ କରି ପାରୁଛ କି? ସେମାନଙ୍କ ପୋଷାକକୁ ଲକ୍ଷ୍ୟକର । ଏହା ସେମାନଙ୍କ ପୋଷାକ ସମ୍ପର୍କରେ ଆମକୁ କ'ଣ ସୂଚନା ଦେଉଛି? ଏହି ପ୍ୟାନେଲରୁ ତୁମେ କ'ଣ ସବୁ ଶିଖିଲ ତାହାର ଏକ ତାଲିକା ପ୍ରସ୍ତୁତ କର ଏବଂ ଶ୍ରେଣୀରେ ଆଲୋଚନା କର ।



ଚିତ୍ର: 6.7 ଭାରହୁତ ସ୍ତୂପର ଏକ ପ୍ୟାନେଲ

ଆସ ଅନୁସନ୍ଧାନ କରିବା

ପୂର୍ବ ପୃଷ୍ଠାରେ ଥିବା ଚିତ୍ରମାଳା 6.6 କୁ ଭଲ ଭାବରେ ଲକ୍ଷ୍ୟ କର । ଚିତ୍ରରେ ଦର୍ଶାଯାଇଥିବା ପୋଷାକ, ଆଭୂଷଣ ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଏକ ବିବରଣୀ ପ୍ରସ୍ତୁତ କର ।

ସାତବାହନ ବଂଶ

ଉପଲବ୍ଧ ଥିବା ସୀମିତ ଉପାଦାନରୁ ସୂଚନା ମିଳେ ଯେ ଶୁଙ୍ଗମାନେ ସେମାନଙ୍କ ପଡ଼ୋଶୀ ଅଞ୍ଚଳ (ରାଜ୍ୟ) ସହ ବିଭିନ୍ନ ଯୁଦ୍ଧରେ ଲିପ୍ତ ଥିଲେ । ଏହି ଯୁଦ୍ଧରେ ସାତବାହନମାନେ ମଧ୍ୟ ସଂପୃକ୍ତ ଥାଇପାରନ୍ତି, ଯେଉଁମାନେ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ଶୁଙ୍ଗ ସାମ୍ରାଜ୍ୟର ଦକ୍ଷିଣରେ ଅଧିକାଂଶ ଅଞ୍ଚଳରେ ଶାସନ କରୁଥିଲେ । ଏମାନଙ୍କୁ ଆନ୍ଧ୍ର ବୋଲି ମଧ୍ୟ କୁହାଯାଏ । ଏକ ଶକ୍ତିଶାଳୀ ରାଜବଂଶ ଭାବେ ଏମାନେ ଏକ ବିରାଟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଯାହା ମଧ୍ୟରେ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ମହାରାଷ୍ଟ୍ର ଅନ୍ତର୍ଭୁକ୍ତ ଥିଲା । ଭିନ୍ନ ଭିନ୍ନ ସମୟରେ ଭିନ୍ନଭିନ୍ନ ରାଜଧାନୀରେ ସେମାନେ ଶାସନ କରିଥିଲେ । ସେଥିମଧ୍ୟରୁ ଅମରାବତୀ ଓ ପ୍ରତିଷ୍ଠାନ ଅଧିକ ପ୍ରସିଦ୍ଧ ଥିଲା । ବାଣିଜ୍ୟ ଓ ବ୍ୟବସାୟିକ କାରବାର ସାତବାହନ ରାଜ୍ୟରେ ବୃଦ୍ଧି ପାଇଥିବା ସୂଚନା ମିଳେ । ତେଣୁ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ରାଜଧାନୀର ନାମ ଅମରାବତୀ ରଖାଯାଇଛି ।

ସାତବାହନମାନଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାର ସନ୍ଧାନ ଭାରତର ଅନେକ ଅଞ୍ଚଳରୁ ଯଥା ଗୁଜରାଟ ଓ ଆନ୍ଧ୍ରପ୍ରଦେଶରୁ (ଭାରତର ପଶ୍ଚିମ ଓ ପୂର୍ବ ଉପକୂଳ) ମିଳିଛି । ଅନେକ ମୁଦ୍ରାରେ ଖୋଦିତ ଜାହାଜ (ବୋଇତ) ଚିତ୍ର ବାସ୍ତବରେ ଆମର ନୌବାଣିଜ୍ୟ ପରମ୍ପରାକୁ ବୁଝାଏ ଯାହା ଆମ ଅର୍ଥନୈତିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା । ମୁଦ୍ରାମାନଙ୍କରେ ଖୋଦିତ ବିଭିନ୍ନ ପ୍ରକାର ଜାହାଜର ଚିତ୍ର ସେ ସମୟରେ ଉନ୍ନତ ଜାହାଜ ନିର୍ମାଣ କଳା ଓ ନୌଚାଳନା କୌଶଳକୁ ଦର୍ଶାଇଥାଏ ।



ଚିତ୍ର (6.8) (ନୌଯାତ୍ରା କରୁଥିବା ଜାହାଜର ଚିତ୍ର ଥିବା ଏକ ସାତବାହନ ମୁଦ୍ରା । ଦେଖ ସେଥିରେ ଲାଗିଥିବା ଦୁଇଟି ବାହୁଳ କେମିତି ପରସ୍ପର ଛେଦ କରୁଥିବା ଦୁଇଟି ଗାର ଜଳଯାତ୍ରାକୁ ଦର୍ଶାଉଛି ଏବଂ ଜଳର ଢେଉ ସମୁଦ୍ର ଜଳକୁ ଦର୍ଶାଉଛି ।

AP SCERT

କୃଷ୍ଣା–ଗୋଦାବରୀ ନଦୀ ଉପତ୍ୟକାର କୃଷି ଏହି ରାଜ୍ୟକୁ ଅର୍ଥନୈତିକ ସମୃଦ୍ଧି ପ୍ରଦାନ କରିଥିଲା। ସାତବାହନମାନଙ୍କ ସକ୍ରିୟ ବାଣିଜ୍ୟିକ ଯୋଗାଯୋଗ ରୋମାନ ସାମ୍ରାଜ୍ୟ ପର୍ଯ୍ୟନ୍ତ ବିସ୍ତାର ଲାଭ କରିବା ସହ ମସଲା, ବସ୍ତ୍ର, ଚନ୍ଦନକାଠ, ସୁନା ଛାଉଣି ଯୁକ୍ତ ମୁକ୍ତା ଓ ହାତୀଦାନ୍ତର ଅଳଙ୍କାର ଭଳି ସୌଖୀନ ସାମଗ୍ରୀକୁ ରପ୍ତାନୀ ଅନ୍ତର୍ଭୁକ୍ତ କରାଯାଇଥିଲା । ଆମଦାନୀ ସାମଗ୍ରୀ ମଧ୍ୟରେ କାଚ ଓ ସୁବାସିତ ମଲମ ଅନ୍ତର୍ଭୁକ୍ତ । ଟୋଲ ଏବଂ ଟିକସ ସଂଗ୍ରହ ବ୍ୟବସ୍ଥା ରାଜ୍ୟକୁ ଅତିରିକ୍ତ ରାଜସ୍ୱ ପ୍ରଦାନ କରୁଥିଲା ।



ଚିତ୍ର: 6.9. ପୁନେ ନିକଟସ୍ଥ ନାନେଘାଟ ଗୁମ୍ଫା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥରେ ଅବସ୍ଥିତ ତଥା ଟୋଲ ଓ ଟିକସ ସଂଗ୍ରହର ଏକ କେନ୍ଦ୍ର ଥିଲା ।

ଅର୍ଥନୈତିକ ସମୃଦ୍ଧି ଓ ସାପେକ୍ଷିକ ରାଜନୈତିକ ସ୍ଥିରତା ସାହିତ୍ୟ, କଳା ଓ ସଂସ୍କୃତିର ବିକାଶକୁ ସହଜ ଓ ସମୃଦ୍ଧ କରିଥିଲା, ଯେଉଁଥିରେ ସାତବାହନମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା ।



ଚିତ୍ର: 6.10. ବ୍ରାହ୍ମୀ ଲିପିରେ ''ରାଜା ସାତକର୍ଣ୍ଣୀ ଗୌତମୀପୁତ୍ର'' ଲେଖାଥିବା ସାତବାହନ ମୁଦ୍ରା ।

ସାତବାହନ ଶାସନ ସମୟରେ ଜୀବନ

ସାତବାହନ ପରମ୍ପରାରେ ରାଜକୁମାରମାନଙ୍କୁ ମାତାଙ୍କ ନାମ ଯୁକ୍ତକରି ନାମିତ କରାଯାଉଥିଲା । ଗୌତମୀପୁତ୍ର ସାତକର୍ଣ୍ଣୀ ତାଙ୍କର ମା' ଗୌତମୀ ବାଳାଶ୍ରୀଙ୍କ ନାମାନୁସାରେ ନାମିତ ହୋଇଥିଲେ । ଗୌତମୀ ବାଳାଶ୍ରୀ ଜଣେ ଶକ୍ତିଶାଳୀ ରାଣୀ ଥିଲେ ଯିଏ ବୌଦ୍ଧ ସନ୍ୟାସୀମାନଙ୍କୁ ଅନେକ ଜମି ଦାନ କରିଥିଲେ ଓ ନାସିକଠାରେ ଏକ ଶିଳାଲେଖ ଖୋଦେଇ କରାଇଥିଲେ, ଯାହା ତତ୍କାଳୀନ ରାଜତନ୍ତ୍ର ଉପରେ ତାଙ୍କର ପ୍ରଭାବକୁ ଦର୍ଶାଇଥାଏ ।

ଏହା ବିଷୟରେ ଚିନ୍ତାକର

ରାଜାଙ୍କ ନାମ ଆରମ୍ଭରେ ମାତାଙ୍କ ନାମ ବ୍ୟବହାର କରିବା ପରମ୍ପରା ତୁମ ମତରେ କ'ଣ ଦର୍ଶାଉଛି ସୂଚନା ଦିଅ ।

ପୁନେ ନିକଟସ୍ଥ ନାନେଘାଟ ଗୁମ୍ଫାରୁ ଆବିଷ୍କୃତ ଏକ ଅଭିଲେଖ (ଚିତ୍ର.6.9.)ରୁ ସୂଚନା ମିଳେ କିପରି ସାତବାହନ ବଂଶର ଜଣେ ବିଧବା ରାଣୀ ଅଶ୍ୱମେଧ ଯଜ୍ଞ ଭଳି ଅନେକ ବୈଦିକ ଅନୁଷ୍ଠାନ କରିପାରିଥିଲେ । ଅଭିଲେଖଗୁଡ଼ିକରୁ ବୈଦିକ ଦେବତା ଇନ୍ଦ୍ର, ଚନ୍ଦ୍ର ଓ ସୂର୍ଯ୍ୟଙ୍କ ନାମର ସୂଚନା ମିଳିଥାଏ । ରାଣୀଙ୍କ ଦ୍ୱାରା ପୁରୋହିତ, ଅତିଥି, କାରିଗର, ଗବେଷକ ଓ ସାଧୁସନ୍ଥଙ୍କୁ ଜମି, ଗାଈ, ଘୋଡ଼ା, ହାତୀ, ରୂପାମୁଦ୍ରା ଓ ଅନ୍ୟାନ୍ୟ ସାମଗ୍ରୀ ଦାନ କରାଯାଇଥିବା ସୂଚନା ମଧ୍ୟ ଅଭିଲେଖ ଗୁଡ଼ିକରୁ ମିଳେ ।

AP SCERT

ଏହି ଅଭିଲେଖଗୁଡ଼ିକ ବ୍ରାହ୍ମୀଲିପିରେ ଲିଖିତ ଓ ଏଥିରେ କିଛି ସଂଖ୍ୟାର ପ୍ରତୀକ ଅନ୍ତର୍ଭୁକ୍ତ ଯାହା ନିମ୍ନରେ ଦର୍ଶାଯାଇଥିବା ଆଜିକାଲିର ଆକୃତି ସହ ସମାନ । ଏହା ଭାରତରେ ଆଧୁନିକ ସଂଖ୍ୟା ଉତ୍ପତ୍ତିର ଅନେକ ପ୍ରମାଣ ମଧ୍ୟରୁ ଗୋଟିଏ ।



ଏହା ବିଷୟରେ ଚିନ୍ତାକର

ଉପରୋକ୍ତ ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଆମର ଆଧୁନିକ ସଂଖ୍ୟାପରି ଦେଖାଯାଉଛି ? କେଉଁଗୁଡ଼ିକ ଦେଖାଯାଉ ନାହିଁ ?

ସାତବାହନମାନେ ବାସୁଦେବଙ୍କର (ଶ୍ରୀକୃଷ୍ଣଙ୍କର ଅନ୍ୟନାମ) ନିଷ୍ଠାପର ଅନୁଗାମୀ ଥିଲେ । ଯଦିଓ ସେମାନଙ୍କ ମଧ୍ୟରେ ଅଭ୍ୟୁଦୟ ହୋଇଥିବା ଅନ୍ୟ ସମସ୍ତ ପନ୍ଥା ବା ଧାରାକୁ ମଧ୍ୟ ପୃଷ୍ଠପୋଷକତା କରୁଥିଲେ । ଉଦାହରଣ ସ୍ୱରୂପ ସାତବାହନ ରାଜାମାନେ ବୈଦିକ ଶିକ୍ଷାର୍ଥୀ, ଜୈନ ଏବଂ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ନିଷ୍କର ଜମିଦାନ କରି ଅଧିକ ସାଧନା ଓ ଜ୍ଞାନର ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଥିଲେ ।

© NCERT



ଚିତ୍ର 6.11 ମହାରାଷ୍ଟ୍ରର ଲୋନାଭାଲ ନିକଟ ''କାର୍ଲାଗୁମ୍ଫା'' ଯାହା ସାତବାହନଙ୍କ ଶାସନ କାଳରେ ବୌଦ୍ଧ ସନ୍ନ୍ୟାସୀଙ୍କ ପାଇଁ ନିର୍ମିତ ହୋଇଥିଲା । ଚମତ୍କାର ସ୍ତମ୍ଭ ଓ କେନ୍ଦ୍ରରେ ଥିବା ସ୍ତୂପର ପଥର ନିର୍ମିତ ପ୍ରତିକୃତିକୁ ଲକ୍ଷ୍ୟ କର – ଏହା ସବୁ ଏକ ପଥୁରିଆ ପାହାଡ଼ରେ ଖୋଦିତ ।



ଚିତ୍ର 6.12 ସାତବାହନଙ୍କ ଶାସନକାଳରେ ମହାରାଷ୍ଟ୍ରର ପିଟାଲଖୋରା ଗୁମ୍ଫାସ୍ଥିତ ଏକ ଯକ୍ଷର ଚିତ୍ର (ପ୍ରକୃତି ସହ ସମ୍ପର୍କିତ ଏକ ସାଧାରଣ ଦେବତା)

ଏହା ବିଷୟରେ ଚିନ୍ତାକର

ପିଟାଲଖୋରାରୁ ଆବିଷ୍କୃତ ଏହି ଯକ୍ଷମୂର୍ତ୍ତି ହାତରେ ଏକ ଅଭିଲେଖ ଧାରଣ କରିଛି, ଯେଉଁଥିରେ ଲେଖାଯାଇଛି ''କାହ୍ନା ଦାସେନ ହିରାମକରଣେ କାଟ'' । ଏହାର ଅର୍ଥ ଏହା ସୁନାକାରିଗର କାହ୍ନା ଦାସଙ୍କ ଦ୍ୱାରା ନିର୍ମିତ । ଏହା କ'ଣ ମଜାଦାୟକ ନୁହେଁ ଯେ ଏକ ସ୍ୱର୍ଣ୍ଣକାର ମଧ୍ୟ ପଥରରେ ଭାସ୍କର୍ଯ୍ୟ ସୃଷ୍ଟି କରିପାରିଛି? ଭାବିଦେଖ ଏହା ଆମକୁ ସେ ସମୟର ଜୀବିକା ସମ୍ପର୍କରେ କଣ ସୂଚନା ଦେଉଛି?

ତୃତୀୟ ଶତାବ୍ଦୀ ବେଳକୁ ସାତବାହନ ସାମ୍ରାଜ୍ୟ ଛୋଟ ଛୋଟ ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇ ସାରିଥିଲା । ଏହି ବିଭାଜନ ପାଇଁ ଅନେକ କାରଣଦାୟୀ । ତନ୍ମଧ୍ୟରୁ ଦୁର୍ବଳ କେନ୍ଦ୍ରୀୟ ନିୟନ୍ତ୍ରଣ ଓ କ୍ରମାଗତ ଅର୍ଥନୈତିକ ଅବକ୍ଷୟ ଅନ୍ୟତମ । ଏହା ପୁଣିଥରେ ଆଞ୍ଚଳିକ ଶକ୍ତିମାନଙ୍କ ପାଇଁ ନିଜର ଆଧିପତ୍ୟ ଓ କ୍ଷମତା ଜାହିର କରିବା ଓ ନୂଆ ରାଜ୍ୟ ପ୍ରତିଷ୍ଠା କରିବା ନିମତ୍ତ ଆଉ ଏକ ନୂତନ ରାସ୍ତା ସୃଷ୍ଟି କଲା ।

ଚେଦୀମାନଙ୍କ ଆଗମନ

ଆସ ସାମାନ୍ୟ ପଛକୁ ଫେରିଯିବା । ତୁମର ମନେଅଛି କଳିଙ୍ଗ ଯୁଦ୍ଧ କଥା, ଯାହା ଆମେ ପୂର୍ବପାଠରେ ପଢ଼ିଥିଲେ? ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଚେଦୀ ରାଜବଂଶ ଅଧୀନରେ କଳିଙ୍ଗ ଏକ ପ୍ରମୁଖ ଶକ୍ତିଭାବେ ଉଭା ହେଲା ।

ସେହି ବଂଶର ଜଣେ ପ୍ରମୁଖ ରାଜା ଖାରବେଳ ଜୈନ ଧର୍ମର ଏକ ନିଷ୍ଠାପର ଅନୁଗାମୀ ଥିଲେ । ଅନେକ ସମୟରେ ତାଙ୍କୁ ଭିକ୍ଷୁରାଜା ବା ସନ୍ନ୍ୟାସୀ ରାଜା ବୋଲି କୁହାଯାଉଥିଲା, ଯଦିଓ ସେ ସମସ୍ତ ବିଚାରଧାରାକୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଭୁବନେଶ୍ୱର ନିକଟ ଉଦୟଗିରି ଓ ଖଣ୍ଡଗିରି (କୁମାରୀ ପର୍ବତ)ରେ ଖୋଦିତ ଗୁମ୍ଫା, ଯାହା ସମ୍ଭବତଃ ଜୈନ ସନ୍ନ୍ୟାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ସେଥିରେ ଖୋଦିତ ପ୍ୟାନେଲ, ମୂର୍ତ୍ତି ଓ ବିଶାଳ ପଥର କୋଠରୀ ସେ ସମୟର କାରିଗରୀ ଦକ୍ଷତା ପ୍ରତିପାଦନ କରେ । ଏହି ଗୁମ୍ଫାଗୁଡ଼ିକରେ ନକ୍ସା/ ଗଠନଶୈଳୀ ଓ କାରିଗରୀ, ପଥର କଟା ସ୍ଥାପତ୍ୟର ଏକ ଉଲ୍ଲେଖନୀୟ ଉଦାହରଣ । ଏହାର ଏକ ସ୍ୱତନ୍ତ୍ରଶୈଳୀ, ସ୍ଥାପତ୍ୟକଳା ବିଷୟରେ ଆମେ ଉଚ୍ଚ ଶ୍ରେଣୀରେ ପଢ଼ିବା ।


1


2


3

ଚିତ୍ର: 6.13.1 ଭୁବନେଶ୍ୱର ନିକଟସ୍ଥ ଗୁମ୍ଫା, ଚିତ୍ର: 6.13.2 ହାତୀଗୁମ୍ଫା ଶିଳାଲେଖ, ଚିତ୍ର: 6.13.3. ରାମାୟଣ କାହାଣୀ ଖୋଦିତ ଏକ ଚିତ୍ର ପ୍ୟାନେଲ୍ ।

AP SCERT

ଗୁମ୍ଫାମାନଙ୍କ ମଧ୍ୟରୁ ଗୋଟିଏ ଗୁମ୍ଫା ଚେଦି ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖକୁ ପ୍ରମୁଖ ଭାବେ ପ୍ରଦର୍ଶନ କରେ, ଯାହା ବ୍ରାହ୍ମୀଲିପିରେ ଲେଖାଯାଇଛି । ଯେଉଁଥିରେ ସମ୍ରାଟ ଖାରବେଳଙ୍କ ରାଜତ୍ୱର ବର୍ଷବର୍ଷର ସଫଳତାର ଗୁଣଗାନ କରାଯାଇଛି, ଯେପରି ତାଙ୍କର ବିଜୟ ଯାତ୍ରା ଓ ଜନହିତକର କାର୍ଯ୍ୟ । ଖାରବେଳ ସଗୌରବେ ଘୋଷଣା କରିଛନ୍ତି ଯେ, ସେ ଏକଶହ ଅଞ୍ଚଳର ସନ୍ନ୍ୟାସୀ ଏବଂ ଜ୍ଞାନୀମାନଙ୍କୁ ନେଇ ଏକ ସାଧୁ-ସନ୍ଥ ପରିଷଦ ଗଠନ କରିଥିଲେ ଏବଂ ଅସାଧାରଣ ଗୁଣର ଅଧିକାରୀ ସମସ୍ତ ବିଶ୍ୱଧାରାର ସମ୍ମାନ ପ୍ରଦାନକାରୀ ଏବଂ ପ୍ରତ୍ୟେକ ମନ୍ଦିରର ମରାମତିକାରୀ ଥିଲେ । ପୁନର୍ବାର ସେ ଜଣେ ଶାସକ, ଯିଏ ଥିଲେ ସମସ୍ତ ଗ୍ରନ୍ଥର ସୁରକ୍ଷା ପ୍ରଦାନକାରୀ । ଏହା ହିଁ 'ଭାରତୀୟ ନୀତି' ଚିନ୍ତାଧାରାର ମୌଳିକ ଅଙ୍ଗ ।

ଏହା ବିଷୟରେ ଚିନ୍ତାକର

ଲକ୍ଷ୍ୟକର, ଦୁଇହଜାର ବର୍ଷ ପୂର୍ବେ ସୁସଙ୍ଗତ ଭାବେ ଖୋଦିତ ହୋଇଥିବା ଏହି ପଥରକଟା ଗୁମ୍ଫାଘର ଗୁଡ଼ିକୁ । କେବଳ ଗୋଟିଏ ନିହାଣ ଏବଂ ହାତୁଡ଼ି ସାହାଯ୍ୟରେ କାରିଗରମାନେ କେମିତି ଏତେ ସଠିକ୍ କାରିଗରୀ କାର୍ଯ୍ୟ ସମ୍ପାଦନ କରିଥିଲେ ? ନିଜକୁ ସେହି ଯୁଗର ମୂର୍ତ୍ତିକାର ଭାବେ କଳ୍ପନା କରି ନିଜ ହାତରେ ପଥରକୁ କଳାର ରୂପ ଦେଉଥିବାର ପରିକଳ୍ପନା କର। ଏଥିପାଇଁ ତୁମେ କେଉଁ କେଉଁ ଉପକରଣ ବ୍ୟବହାର କରିଥାନ୍ତ ?


ଦକ୍ଷିଣର ରାଜ୍ୟ ଓ ଜୀବନ

ଖ୍ରୀ.ପୂ. ଦ୍ୱିତୀୟ କିମ୍ବା ତୃତୀୟ ଶତାବ୍ଦୀ ଓ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀ ମଧ୍ୟରେ ଭାରତର ଦାକ୍ଷିଣାତ୍ୟରେ ତିନୋଟି ଶକ୍ତିଶାଳୀ ରାଜ୍ୟର ଅଭ୍ୟୁଦୟ ହେଲା । ଯଥା – ଚେର, ଚୋଳ ଏବଂ ପାଣ୍ଡ୍ୟ । ସେମାନେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ମଗ୍ନ ରହି ଦକ୍ଷିଣରେ ନିଜର ଆଧିପତ୍ୟ ଜାହିର କରିବା ସହିତ ଉକ୍ତ ଅଞ୍ଚଳର ବାଣିଜ୍ୟ ଏବଂ ସଂସ୍କୃତିର ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇଥିଲେ । ଆସ ଜାଣିବା କେମିତି ଅଶୋକଙ୍କ ସାମ୍ରାଜ୍ୟ ଅଟିକିଯାଇଥିଲା ଦକ୍ଷିଣ ଭାରତର ଏହି ରାଜ୍ୟମାନଙ୍କ ନିକଟରେ (ଯାହା ଅଶୋକ ତାଙ୍କ ଶିଳାଲେଖରେ ସ୍ପଷ୍ଟ ଲେଖିଛନ୍ତି ।) ଏହା ସୂଚାଉଛି ଯେ ଦକ୍ଷିଣ ରାଜ୍ୟଗୁଡ଼ିକ ମୌର୍ଯ୍ୟ ସାମ୍ରାଜ୍ୟର ଉତୁଙ୍ଗ କ୍ଷମତା କାଳରେ ମଧ୍ୟ ସ୍ୱାଧୀନ ଥିଲେ ଏବଂ ଖାରବେଳ ଦାବୀ କରନ୍ତି ଯେ ସେ ଦକ୍ଷିଣ ଭାରତୀୟ ରାଜାମାନଙ୍କର ଏକ ମେଣ୍ଟକୁ ପରାସ୍ତ କରିଥିଲେ ଯାହା ତାଙ୍କ ସାମ୍ରାଜ୍ୟ ପାଇଁ ବିପଦ ଥିଲା । କିନ୍ତୁ ସେହି ଯୁଦ୍ଧର ସ୍ଥାନ ଅଜ୍ଞାତ ଥିବାବେଳେ ସେ ଦକ୍ଷିଣାଞ୍ଚଳ ଆକ୍ରମଣ କରିବାର ପ୍ରମାଣ ମିଳେ ନାହିଁ ।

ଏହା ବିଷୟରେ ଚିନ୍ତାକର

ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଥିବା ମାନଚିତ୍ରରେ ନାମ ପାର୍ଶ୍ୱରେ ଥିବା କେତେକ ପ୍ରତୀକକୁ ଲକ୍ଷ୍ୟ କର । ଏହି ପ୍ରତୀକଗୁଡ଼ିକ କ'ଣ ପ୍ରତିନିଧିତ୍ୱ କରନ୍ତି ? ଚିନ୍ତାକର ସେମାନେ କିପରି ନିଜ ରାଜ୍ୟର ପରିଚୟକୁ ଉଜ୍ଜିବୀତ କରୁଛନ୍ତି ।

AP SCERT



ଚିତ୍ର: 6.14 ଦକ୍ଷିଣ ଭାରତୀୟ ରାଜ୍ୟ ସମୂହ (ମନେରଖ ରାଜ୍ୟର ସୀମାଗୁଡ଼ିକ ଆନୁମାନିକ ଓ ପରିବର୍ତ୍ତନଶୀଳ)

ସେହି ସମୟରେ ଅନେକ କବିଙ୍କ ଆବିର୍ଭାବ ହୋଇଥିଲା, ଯେଉଁମାନଙ୍କର ସାମଗ୍ରିକ ସାହିତ୍ୟ କୃତି 'ସଙ୍ଗମ ସାହିତ୍ୟ' ଭାବେ ଜଣାଶୁଣା ଥିଲା ଏବଂ ଏହା 'ସଙ୍ଗମ୍ ଯୁଗ' ଭାବେ ପରିଭାଷିତ ହୋଇଥିଲା । ସଙ୍ଗମ ଶବ୍ଦ ସଂସ୍କୃତ ''ସଙ୍ଗମ୍'' ଶବ୍ଦରୁ ଆନୀତ । ଯାହାର ଅର୍ଥ ସଂଗଠିତ ହେବା ବା ଏକତ୍ର ହେବା । ଏହି ପରିପ୍ରେକ୍ଷୀରେ ଏହାକୁ କବିମାନଙ୍କର ଏକ ''ସଂଗୋଷ୍ଠୀ'' ବୋଲି କୁହାଯାଉଥିଲା । ଦକ୍ଷିଣ ଭାରତର ସର୍ବପୂରାତନ ସଙ୍ଗମ ସାହିତ୍ୟରେ ଅନେକ କବିତାର ସଂଗ୍ରହ ବା କବିତା ସମ୍ମିଳନ ରହିଛି ଏବଂ ଇତିହାସକାରମାନେ ବହୁଳ ଭାବରେ ଏହି ସାହିତ୍ୟିକ ଉପାଦାନର ଆଶ୍ରୟ ନିଅନ୍ତି ଯେଉଁମାନେ ତତ୍କାଳୀନ ସମାଜ ଓ ସଂସ୍କୃତି ଉପରେ ଗବେଷଣା କରିଥାନ୍ତି । ସଙ୍ଗମ କବିତା ମୁଖ୍ୟତଃ ପ୍ରେମ କିମ୍ବା ସାମାଜିକ ମୂଲ୍ୟବୋଧ ଯଥା ବୀରତ୍ୱ ଏବଂ ଉଦାରତା ଭଳି ବ୍ୟକ୍ତିଗତ ଭାବନାକୁ ଅତି ଦକ୍ଷ ଓ ସୂକ୍ଷ୍ମ ଭାବରେ ପ୍ରକାଶ କରିଥାଏ ।

ଚୋଳ ରାଜବଂଶ

ସଙ୍ଗମ ତିନୋଟି 'ରାଜବଂଶ'ର ସମଷ୍ଟିକୁ ବୁଝାଏ – ଚୋଳ, ଚେର ଏବଂ ପାଣ୍ଡ୍ୟ । ଚୋଳ ଏକ ଶକ୍ତିଶାଳୀ ରାଜବଂଶ, ଯିଏ ଦକ୍ଷିଣ ଭାରତର ଏକ ଅଂଶରେ ତୃତୀୟ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଶାସନ କରୁଥିଲେ । ଜଣାଯାଏ ଯେ ଚୋଳରାଜା କରିକାଳ, ଚେର ଏବଂ ପାଣ୍ଡ୍ୟର ମିଳିତ ଶକ୍ତିକୁ ପରାସ୍ତ କରି ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ ।

AP SCERT

ଶୀଳପ୍ପଦୀକାରମ୍: ପାଦ ପାହୁଡ଼ର କାହାଣୀ

ଏହା ପୁରାଣ ସାହିତ୍ୟର ପରବର୍ତ୍ତୀ ସୃଷ୍ଟି, ଯାହା କନ୍ନଗୀର କାହାଣୀ କହେ, ଯିଏ ନିଜ ସ୍ୱାମୀ କୋଭାଲନ ସହ ରାଜଧାନୀ ପୁହାର (ବର୍ତ୍ତମାନର କାବେରୀ ପଟ୍ଟନମ୍)ରେ ଖୁସିରେ ରହୁଥିଲେ । କିନ୍ତୁ କୋଭାଲନ ଏକ ନୃତ୍ୟାଙ୍ଗନାର ପ୍ରେମରେ ପଡ଼ି ନିଜର ସମସ୍ତ ସମ୍ପତ୍ତି ତା ପଛରେ ବ୍ୟୟ କରିଦେଲେ। ପରେ ନିଜର ଭୁଲ ବୁଝିପାରି ସେ କନ୍ନଗୀ ନିକଟକୁ ଫେରି ଆସିଥିଲେ । କନ୍ନଗୀ ତାଙ୍କୁ କ୍ଷମା କରିଦେଇଥିଲେ । ତାପରେ ସେମାନେ ନିଜ ଜୀବନକୁ ନୂତନ ଭାବରେ ଗଢ଼ିବା ପାଇଁ ପାଣ୍ଡ୍ୟ ରାଜଧାନୀ ମଦୁରାଇକୁ ଯାତ୍ରା କରିଥିଲେ ।



ଚିତ୍ର: 6.15. କନ୍ନଗୀଙ୍କ ପ୍ରତିମୂର୍ତ୍ତୀ, ଚେନ୍ନାଇ

ନୂଆ ଜୀବନ ଆରମ୍ଭ ପାଇଁ କନ୍ନଗୀ ନିଜ ଗୋଡ଼ର ଏକ ପାହୁଡ଼/ପାଉଁଜୀ ବିକ୍ରି କରିବା ପାଇଁ ସ୍ୱାମୀ କୋଭାଲନଙ୍କୁ ଦେଲେ । କିନ୍ତୁ ଚୋରି କରିବା ମିଥ୍ୟା ଅଭିଯୋଗରେ ସେ ପାଣ୍ଡ୍ୟ ରାଜାଙ୍କ ଦ୍ୱାରା ବନ୍ଦୀ ହେଲେ। ଏଥିରେ ଭାଙ୍ଗିପଡ଼ି କନ୍ନଗୀ ନିଜର ଅନ୍ୟ ପାହୁଡ଼/ପାଉଁଜୀ ପାଣ୍ଡ୍ୟ ରାଜାଙ୍କୁ ପ୍ରମାଣ ସ୍ୱରୂପ ଦେଖାଇ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରାଇଲେ । ରାଜା କୋଭାଲନ ନିଜର ଭୁଲ ପାଇଁ ଅନୁତାପ କରି ମାନସିକ ଆଘାତ ଯୋଗୁଁ ମୃତ୍ୟୁବରଣ କଲେ । ଏଥିରେ କ୍ରୋଧିତ ହୋଇ କନ୍ନଗୀ ମଦୁରାଇକୁ ଅଭିଶାପ ଦେଲେ, ଯାହାଫଳରେ ଅଗ୍ନିଦେବ ସମଗ୍ର ସହରକୁ ଧ୍ୱଂସ କରିଦେଲେ। ଏହାପରେ ସେ ପଶ୍ଚିମରେ ଥିବା ଚେର ରାଜ୍ୟକୁ ପଳାୟନ କଲେ। ଯେଉଁଠାରେ ତାଙ୍କୁ ଦେବୀ ରୂପରେ ପୂଜା କରାଗଲା । ଆଜି ମଧ୍ୟ କନ୍ନଗୀ ତାମିଲନାଡୁ ଓ କେରଳରେ ଦେବୀ ରୂପେ ପୂଜା ପାଇ ଆସୁଛନ୍ତି ।

ଶିଳପ୍ପଦୀକାରମ୍‌ର ଉତ୍କୃଷ୍ଟ କାବ୍ୟ ନ୍ୟାୟ ସିଦ୍ଧାନ୍ତ ଏବଂ ଶାସକଙ୍କ ଧର୍ମ ସୁରକ୍ଷା ଉପରେ କେନ୍ଦ୍ରିତ । ଏଥିସହିତ ଏହି କାବ୍ୟ ଆମକୁ ବାଣିଜ୍ୟ ସହ ଜଡ଼ିତ ତିନୋଟି ସହର, ତିନୋଟି ରାଜ୍ୟ ଏବଂ ବିଭିନ୍ନ ଚିନ୍ତାଧାରା ଆଡ଼କୁ ନେଇଯାଏ ।

AP SCERT

ଏହା ବିଷୟରେ ଚିନ୍ତାକର



ରାଜାଙ୍କ ପ୍ରତିକୃତିକୁ ଲକ୍ଷ୍ୟ କର । ତାଙ୍କୁ କେମିତି ପ୍ରଦର୍ଶିତ କରାଯାଇଛି ? ତାଙ୍କର ଭଙ୍ଗୀ, ପୋଷାକ ଏବଂ ଅଭିବ୍ୟକ୍ତି ତାଙ୍କ ଶକ୍ତି ଓ ପଦ ମର୍ଯ୍ୟାଦା ସମ୍ପର୍କରେ କ'ଣ ସୂଚାଏ ?

ଚିତ୍ର: 6.16 ତାମିଲନାଡୁର ଗ୍ରାଣ୍ଡ ଆନିକଟ ସ୍ମାରକୀ ଉଦ୍ୟାନରେ ଥିବା ରାଜା କରିକାଳଙ୍କ ମୂର୍ତ୍ତୀ

ରାଜା କରିକାଳ ଲୋକଙ୍କ ହିତ ପାଇଁ ଅନେକ କାର୍ଯ୍ୟ ହାତକୁ ନେଇଥିଲେ । ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି 'କାଲାନାଇ' ବା 'ଗ୍ରାଣ୍ଡ ଆନିକଟ' ପରି ଏକ ଜଟିଳ ଜଳ ବିଭାଜକ ବ୍ୟବସ୍ଥା, ଯାହା ଭୌଗୋଳିକ ଦୃଷ୍ଟିରୁ ଶ୍ରୀରଙ୍ଗମ୍ ଦ୍ୱୀପର ଠିକ୍ ନିମ୍ନରେ ଅବସ୍ଥିତ । ଏହା କାବେରୀରୁ ତ୍ରିକୋଣ ଭୂମିର କେନ୍ଦ୍ରୀୟ ଓ ଦକ୍ଷିଣ ଭାଗକୁ ଜଳ ପ୍ରବାହିତ କରିବାରେ ସାହାଯ୍ୟ କରୁଥିଲା । ଏହା ଅଧିକ ଜମିକୁ ଚାଷ ଅଧୀନକୁ ଆଣିବାକୁ ସକ୍ଷମ ହେଲା । ଏହି ଅଞ୍ଚଳକୁ 'ଦକ୍ଷିଣର ଧାନ୍ୟହାଣ୍ଡି' ନାମରେ ନାମିତ କରାଗଲା । ସମୟ କ୍ରମେ ଏହାକୁ ଅନେକ ଥର ପୁନରୁଦ୍ଧାର କରାଯାଇଛି । ଏହା ଏବେ ମଧ୍ୟ ବ୍ୟବହାର ଉପଯୋଗୀ ରହିଛି ଏବଂ ତାମିଲନାଡୁର ଲକ୍ଷ ଲକ୍ଷ ଲୋକଙ୍କୁ ଜଳସେଚନ ପାଇଁ ଜଳ ଯୋଗାଇ କୃଷିକୁ ସମୃଦ୍ଧ କରି ଆସୁଛି ।

ଚେର ରାଜବଂଶ

କେରଳ ପୁତ୍ର ନାମରେ ପ୍ରସିଦ୍ଧ ଚେର ରାଜବଂଶ ତାମିଲନାଡୁର ପଶ୍ଚିମାଞ୍ଚଳ ଏବଂ କେରଳକୁ ବର୍ତ୍ତମାନର କରୁର କୁହାଯାଏ । ଭଞ୍ଜି ସହରକୁ ନିଜର ରାଜଧାନୀ ରୂପେ ରଖି ଶାସନ କରୁଥିଲେ । ସେମାନେ ସେହି ଅଞ୍ଚଳର ସାଂସ୍କୃତିକ ଏବଂ ଅର୍ଥନୈତିକ ଇତିହାସକୁ ଗଢ଼ିବାରେ, ତାମିଲ ସାହିତ୍ୟର ସମୃଦ୍ଧି ପାଇଁ ଉତ୍ସାହ ପ୍ରଦାନ କରିବାରେ ଏବଂ ସଙ୍ଗମ୍ କବିମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ଚିତ୍ର: 6.17 କାଲାନାଇ ବା ଗ୍ରାଣ୍ଡ ଆନିକଟର ଏକ ଦୃଶ୍ୟ

ଚେରମାନେ ରୋମ ସାମ୍ରାଜ୍ୟ ଓ ପଶ୍ଚିମ ଏସିଆ ଦେଶମାନଙ୍କ ସହ ସୁଦୂର ପ୍ରସାରୀ ବାଣିଜ୍ୟିକ ସମ୍ପର୍କ ପାଇଁ ବେଶ୍ ଜଣାଶୁଣା । ସେମାନେ ଭାରତରୁ ବାହ୍ୟ ଜଗତକୁ ଅନେକ ସାମଗ୍ରୀ ରପ୍ତାନୀ କରୁଥିଲେ । ଏହି ରାଜ୍ୟ ମସଲା ଦ୍ରବ୍ୟ, ମୂଲ୍ୟବାନ କାଠ ଗଣ୍ଠି, ହାତୀଦାନ୍ତ ଓ ମୁକ୍ତା ରପ୍ତାନୀର ଏକ କେନ୍ଦ୍ର ଥିଲା ।

ଏହା ବିଷୟରେ ଚିନ୍ତାକର

ଐତିହାସିକମାନେ କେମିତି ବହୁ ଶତାବ୍ଦୀ ପୂର୍ବର ଦୁଇଟି ରାଜ୍ୟ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କକୁ ଉନ୍ମୋଚନ କରିପାରିଲେ । ଏ କଥାଟିକୁ ଭାବି ତୁମେ ଆଶ୍ଚର୍ଯ୍ୟ ଅନୁଭବ କରୁଛ କି ? ଆସ କିଛି ମୁହୂର୍ତ୍ତ ଚିନ୍ତା କରିବା ଏବଂ ଆଲୋଚନା କରିବା ଯେ ଏହି ସୂଚନା କେମିତି ଲୋକ ଲୋଚନକୁ ଆସିଲା ।

AP SCERT

ଚେରମାନେ ସେମାନଙ୍କ ଶାସନ ସମୟରେ ଅନେକ ମୁଦ୍ରା ପ୍ରଚଳନ କରିଥିଲେ । ଚେରମାନଙ୍କର ରାଷ୍ଟ୍ରୀୟ ସଙ୍କେତକୁ କିପରି ନିମ୍ନରେ ପ୍ରଦତ୍ତ ଏକ ମୁଦ୍ରାରେ ଅଙ୍କିତ କରାଯାଇଛି ତୁମେ ଲକ୍ଷ୍ୟ କରିପାରୁଛ କି ?



ଚିତ୍ର: 6.18 ଚେର ଶାସନ କାଳର ମୁଦ୍ରା


ପାଣ୍ଡ୍ୟ ରାଜବଂଶ

ଅନେକ ଶତାବ୍ଦୀ ପୂର୍ବରୁ ପାଣ୍ଡ୍ୟମାନେ ତାମିଲନାଡୁର କିଛି ଅଂଶ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ମଦୁରାଇକୁ ରାଜଧାନୀ କରି ଶାସନ କରୁଥିଲେ । ପରବର୍ତ୍ତୀ ରାଜାମାନେ ପାଣ୍ଡ୍ୟ ରାଜ୍ୟର ବିସ୍ତାର କରିଥିଲେ । ମେଗାସ୍ଥିନିସ୍ ତାଙ୍କ ପୁସ୍ତକ ଇଣ୍ଡିକାରେ ଏହି ରାଜ୍ୟକୁ ଏକ ସମୃଦ୍ଧ ରାଜ୍ୟ ବୋଲି ଉଲ୍ଲେଖ କରିଛନ୍ତି, ଯାହାର ଏକ ଦୃଢ ଶାସନ ବ୍ୟବସ୍ଥା ଥିଲା ଏବଂ ସୁଦୂର ଗ୍ରୀକ୍ ଓ ରୋମ ସାମ୍ରାଜ୍ୟ ସହ ଏକ ସକ୍ରିୟ ବାଣିଜ୍ୟିକ ସମ୍ପର୍କ ରହିଥିଲା (ପ୍ରମାଣ ସ୍ୱରୂପ, ଖାରବେଳ ଉଲ୍ଲେଖ କରିଛନ୍ତି ଯେ, ସେ ପାଣ୍ଡ୍ୟ ରାଜ୍ୟରୁ ଶହ ଶହ ମୋତି ଆଣିଥିଲେ ।)। ପାଣ୍ଡ୍ୟମାନେ ମଧ୍ୟ ଉପମହାଦେଶର ଏକ ଗୁରୁତ୍ୱପୂର୍ଣ୍ଣ ନୌସେନା ଶକ୍ତି ରୂପରେ ଅବତୀର୍ଣ୍ଣ ହୋଇଥିଲେ । ପରବର୍ତ୍ତୀ ପାଣ୍ଡ୍ୟ ଶାସକମାନେ ମଧ୍ୟ ଏହି ଅଞ୍ଚଳରେ କଳା ସ୍ଥାପତ୍ୟ ଓ ସାମଗ୍ରିକ ସମୃଦ୍ଧିକୁ ଅନେକ ଅବଦାନ ଦେଇଥିଲେ ।

ଏହା ବିଷୟରେ ଚିନ୍ତାକର

ପାଣ୍ଡ୍ୟମାନେ ସେମାନଙ୍କ ମୋତି ସମ୍ପଦ ପାଇଁ ପ୍ରସିଦ୍ଧ ଲାଭ କରିଥିଲେ । ତୁମେ କାହିଁକି ଭାବୁଛ ଯେ ମୋତି ସେ ସମୟରେ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଥିଲା ?

ପାଣ୍ଡ୍ୟରାଜାମାନେ ଅନେକ ଅଭିଲେଖରେ ଏହା ଉଲ୍ଲେଖ କରିଛନ୍ତି ଯେ ସେମାନେ ସେମାନଙ୍କର ପ୍ରଜାଙ୍କ କଲ୍ୟାଣ ପ୍ରତି ଅତ୍ୟନ୍ତ ସଚେତନ ଥିଲେ ତଥା ସେମାନଙ୍କ ସମସ୍ତ ଦାର୍ଶନିକ ଚିନ୍ତାଧାରା ଓ ବିଶ୍ୱାସର ସଂରକ୍ଷଣ ଓ ପ୍ରୋତ୍ସାହନ ପ୍ରଦାନ କରୁଥିଲେ ।



ଚିତ୍ର: 6.19 ବିଦିଶା ନିକଟସ୍ଥ ହେଲିଓଡ଼ୋରସ୍ ସ୍ତମ୍ଭ

ଇଣ୍ଡୋ–ଗ୍ରୀକ୍‌ମାନଙ୍କ ଆକ୍ରମଣ

ଦକ୍ଷିଣ ଭାରତରୁ ଆମର ସାମୟିକ ଯାତ୍ରା ଶେଷକରି ବର୍ତ୍ତମାନ ଉତ୍ତର ଭାରତ ଆଡ଼କୁ ଫେରିବା, ଯେଉଁଠି ଏକ ଭିନ୍ନ ଧରଣର ବିକାଶ ହେବାକୁ ଯାଉଛି । ଏ ପର୍ଯ୍ୟନ୍ତ ଆମେ କେବଳ କିଛି ରାଜବଂଶ ଅନୁଧାନ କରିଅଛୁ । ଠିକ୍ ଏହି ସମୟରେ କିଛି ଆକ୍ରମଣକାରୀଙ୍କ ଆଗମନ ମଧ୍ୟ ଦେଖିବାକୁ ମିଳିଥିଲା । ସେମାନେ ଭାରତୀୟ ଉପମହାଦେଶକୁ ଉତ୍ତର–ପଶ୍ଚିମ ସୀମା ଦେଇ ପ୍ରବେଶ କରି ଉତ୍ତର, ଉତ୍ତର ପଶ୍ଚିମାଞ୍ଚଳ ଓ ମଧ୍ୟ ଭାରତରେ କିଛି ଅଞ୍ଚଳ ଦଖଲକୁ ନେଲେ ।

ଆସ ପ୍ରଥମେ ଆଲେକଜାଣ୍ଡାର୍‌ଙ୍କ ସାମୟିକ ସିନ୍ଧୁ ଉପତ୍ୟକା ଅଭିଯାନ ସମ୍ପର୍କରେ ଅନୁଧାନ କରିବା । ସେ ଅଧିକାର କରିଥିବା ଅଞ୍ଚଳରୁ ପଛକୁ ଫେରିବାବେଳେ ସେଠାରେ କିଛି ସତ୍ରାପ ବା ଶାସକଙ୍କୁ ଛାଡ଼ି ଯାଇଥିଲେ । ସମୟକ୍ରମେ ଏହି ସତ୍ରାପମାନେ ଆଞ୍ଚଳିକ ଶାସକ ଭାବେ ନିଜର ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ ଏବଂ ଇଣ୍ଡୋ–ଗ୍ରୀକ୍ ଭାବେ ପରିଚିତ ହେଲେ ।

APSCERT

ମୌର୍ଯ୍ୟମାନଙ୍କ ପତନ ପରେ ଉତ୍ତର-ପଶ୍ଚିମାଞ୍ଚଳର (ପ୍ରାୟତଃ ବର୍ତ୍ତମାନର ପାକିସ୍ତାନ ଓ ଆଫଗାନିସ୍ତାନ ଅଞ୍ଚଳ) ଅଧିକାର ଇଣ୍ଡୋ-ଗ୍ରୀକ୍‌ମାନଙ୍କ ପାଇଁ ଏକ ସହଜ ଲକ୍ଷ୍ୟ ଥିଲା । ସେମାନେ ଆକ୍ରମଣକାରୀ ଭାବେ ଆସିଥିବା ସତ୍ତ୍ୱେ ସ୍ଥାନୀୟ ସମୃଦ୍ଧ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହି ସାଂସ୍କୃତିକ ଭାବ ବିନିମୟ ପ୍ରଶାସନ, କଳା, ଭାଷା ଏବଂ ଦୈନନ୍ଦିନ ଜୀବନରେ ଗ୍ରୀକ୍ ଏବଂ ଭାରତୀୟ ଉପାଦାନ ଗୁଡ଼ିକର ମିଶ୍ରଣ ସୃଷ୍ଟିକରି ଏକ ସ୍ୱତନ୍ତ୍ର ସଂସ୍କୃତିର ରୂପରେଖକୁ ଜନ୍ମଦେଲା ।

ମଧ୍ୟପ୍ରଦେଶର ବିଦିଶା ନିକଟସ୍ଥ ହେଲିଓଡୋରସ ସ୍ତମ୍ଭ ଏହି ସାଂସ୍କୃତିକ ସଂଯୋଗର ଏକ ଉଲ୍ଲେଖନୀୟ ଉଦାହରଣ । ଏହାର ନାମ ଜଣେ ଇଣ୍ଡୋ-ଗ୍ରୀକ୍ ରାଜଦୂତଙ୍କ ନାମରେ ନାମିତ ହୋଇଛି, ଯିଏ ନିଜ ଅଭିଲେଖରେ ବାସୁଦେବଙ୍କୁ 'ଦେବତାମାନଙ୍କ ଦେବତା' କହି ପ୍ରଶଂସା କରିଛନ୍ତି । ପୁଣି ଏହି ଅଭିଲେଖ ତିନୋଟି ଚିରନ୍ତନ ନିୟମ ଯଥା ଆତ୍ମସଂଯମ, ଦାନ ଏବଂ ଚେତନା ସମ୍ପର୍କରେ ପ୍ରକାଶ କରେ, ଯାହା ମଣିଷକୁ ସ୍ୱର୍ଗ ଆଡ଼କୁ ନେଇଯାଇଥାଏ ।

ପ୍ରତ୍ନତତ୍ତ୍ୱବିତ୍‌ମାନେ ଉତ୍ତର ଭାରତରେ ପ୍ରତ୍ନତାତ୍ତ୍ୱିକ ଖନନ କଲାବେଳେ ଅନେକ ଇଣ୍ଡୋ-ଗ୍ରୀକ୍ ମୁଦ୍ରା ପାଇଛନ୍ତି, ଯାହା ଏହି ଶାସକମାନଙ୍କ ସମ୍ପର୍କରେ ଅନେକ ସୂଚନା ଦେଇଥାଏ । ଏହି ମୁଦ୍ରାଗୁଡ଼ିକ ସୁନା, ରୁପା, ତମ୍ବା ଏବଂ ନିକେଲ ଧାତୁରେ ତିଆରି ହୋଇଥିଲା, ଯେଉଁଥିରେ ଏକ ପାର୍ଶ୍ୱରେ ରାଜାଙ୍କ ପ୍ରତିଛବି ଓ ଅପରପାର୍ଶ୍ୱରେ ଗ୍ରୀକ୍ ଦେବାଦେବୀଙ୍କ ପ୍ରତିଛବି ଅଙ୍କିତ ହୋଇଛି । ଅନ୍ୟ କେତେକ ମୁଦ୍ରାରେ ଭାରତୀୟ ଦେବାଦେବୀ ଯଥା- ବାସୁଦେବ କୃଷ୍ଣ ଓ ଲକ୍ଷ୍ମୀଙ୍କ ଚିତ୍ର ଥିବା ଦେଖାଯାଏ । ଇଣ୍ଡୋ-ଗ୍ରୀକ୍‌ମାନଙ୍କ ଶାସନର ଅନ୍ତ ଇଣ୍ଡୋସିଥିଆନ୍ ବା ଶକମାନଙ୍କ ଆକ୍ରମଣରୁ ହୋଇଥିଲା ।(ନିମ୍ନସ୍ଥ ଚିତ୍ରକୁ ଦେଖ ।)

ଆସ ଅନୁସନ୍ଧାନ କରିବା


ତୁମେ କ'ଣ ଭାବୁଛ କେତେକ ଇଣ୍ଡୋ-ଗ୍ରୀକ୍ ମୁଦ୍ରାରେ ବାସୁଦେବ କୃଷ୍ଣ ଓ ଲକ୍ଷ୍ମୀଙ୍କ ଛବି ରହିବାର ଅର୍ଥ କ'ଣ ହୋଇପାରେ ?



ଚିତ୍ର:6.20. ଗୋଟିଏ ଇଣ୍ଡୋ-ଗ୍ରୀକ୍ ରୁପାମୁଦ୍ରା ଯେଉଁଥିରେ ଗୋଟିଏ ପାର୍ଶ୍ୱରେ ବାସୁଦେବ କୃଷ୍ଣଙ୍କ ଛବି ରହିଛି ।

ମନେ ରଖ

ଇଣ୍ଡୋସିଥିଆନ ନାମରେ ପରିଚିତ ଶକମାନେ ଭାରତୀୟ ଉପମହାଦେଶ ପଟୁ ଉତ୍ତର-ପଶ୍ଚିମକୁ ଆକ୍ରମଣକରି ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କଲେ । ଇଣ୍ଡୋ-ଗ୍ରୀକ୍‌ଙ୍କ ପରେ ଏହି ରାଜ୍ୟର ଅଭ୍ୟୁଦୟ ହେଲା ଏବଂ ସେମାନେ କୁଶାଣଙ୍କ ଆଗମନ ପର୍ଯ୍ୟନ୍ତ ଶାସନ କଲେ । ଏମାନଙ୍କ ସମୟରେ ଶକସମ୍ବତ୍ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଥିଲା । ଏହା ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଠାରୁ 78 ବର୍ଷ ପଛୁଆ ଅଟେ । (ଜାନୁୟାରୀରୁ ମାର୍ଚ୍ଚ ବ୍ୟତୀତ, ଏହା 79 ବର୍ଷ ପଛୁଆ ଥାଏ ।) 1957 ମସିହାରେ ଏହାକୁ ଭାରତୀୟ ଜାତୀୟ କ୍ୟାଲେଣ୍ଡର ଭାବେ ଗ୍ରହଣ କରାଯାଇଥିଲା ।



रजिस्ट्री सं. डी.एल.—(एन)04/0007/2003—24 REGISTERED NO. DL—(N)04/0007/2003—24

भारत का राजपत्र
The Gazette of India

सी.जी.-डी.एल.-अ.-16082024-256416
CG-DL-E-16082024-256416

असाधारण
EXTRAORDINARY
भाग II — खण्ड 1
PART II — Section 1
प्राधिकार से प्रकाशित
PUBLISHED BY AUTHORITY

सं. 18] नई दिल्ली, शुक्रवार, अगस्त 16, 2024/श्रावण 25, 1946 (शक)
No. 18] NEW DELHI, FRIDAY, AUGUST 16, 2024/SRAVANA 25, 1946 (Saka)

इस भाग में भिन्न पृष्ठ संख्या दी जाती है जिससे कि यह अलग संकलन के रूप में रखा जा सके।
Separate paging is given to this Part in order that it may be filed as a separate compilation

MINISTRY OF LAW AND JUSTICE
(Legislative Department)

New Delhi, the 16th August, 2024/Sravana 25, 1946 (Saka)

The following Act of Parliament received the assent of the President on the 16th August, 2024 and is hereby published for general information—

ଚିତ୍ର: 6.21. ଲକ୍ଷ୍ୟ କର କେମିତି ତାରିଖ ସବୁ ଉଭୟ ଗ୍ରିଗୋରିଆନ୍ ଏବଂ ଶକ ସମ୍ବତ ଯୁଗ ଆଧାରରେ ଭାରତ ସରକାରଙ୍କ ସରକାରୀ କ୍ୟାଲେଣ୍ଡରରେ ଦିଆଯାଇଛି ।

AP SCERT

କୁଶାଣମାନଙ୍କ ଅଭ୍ୟୁଦୟ

କୁଶାଣମାନେ ମୂଳତଃ ମଧ୍ୟ ଏସିଆରୁ ଆସି ସମ୍ଭବତଃ ଦ୍ୱିତୀୟ ଶତାବ୍ଦୀ ବେଳକୁ ଭାରତରେ ପ୍ରବେଶ କଲେ । ଶାସନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ବେଳକୁ ସେମାନଙ୍କ ସାମ୍ରାଜ୍ୟ ମଧ୍ୟ ଏସିଆରୁ ଆରମ୍ଭ ହୋଇ ଉତ୍ତର ଭାରତର ଏକ ବୃହତ୍ତର ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେମାନଙ୍କ ସମୟରେ ବ୍ୟାପକ ସାଂସ୍କୃତିକ ମିଳନ ହୋଇଥିବା ଲକ୍ଷ୍ୟ କରାଯାଏ ଏବଂ ଭାରତୀୟ ଉପମହାଦେଶର ଇତିହାସ ଓ ସଂସ୍କୃତି ଉପରେ ଏହା ଗଭୀର ପ୍ରଭାବ ପକାଇଥିଲା । କୁଶାଣ ରାଜା କନିଷ୍କ ଯେତେବେଳେ ଯୁଦ୍ଧରୁ ନିବୃତ୍ତ ରହୁଥିଲେ, ସେ ରାଜ୍ୟର କଳା ଓ ସଂସ୍କୃତିର ବିକାଶ ପାଇଁ ଉତ୍ସାହ ପ୍ରଦାନ କରୁଥିଲେ ।

ଆସ ଅନୁସନ୍ଧାନ କରିବା

ଏହି ବିଶାଳ ପ୍ରତିମୂର୍ତ୍ତିକୁ (**1.85** ମିଟର ଉଚ୍ଚ) ଭଲକରି ଲକ୍ଷ୍ୟ କର ଏବଂ ସେ ପିନ୍ଧିଥିବା ବସ୍ତ୍ର, ଜୋତା ଓ ଧରିଥିବା ଅସ୍ତ୍ରକୁ ଦେଖ । ଏଗୁଡ଼ିକ ଆମକୁ ଏହି ମୂର୍ତ୍ତି ବିଷୟରେ କ'ଣ ସୂଚନା ଦେଉଛି ?



ଏହି 'ମସ୍ତକ ବିହୀନ' ପ୍ରସିଦ୍ଧ ମୂର୍ତ୍ତି, ସମ୍ଭବତଃ କୁଶାଣ ବଂଶର ସବୁଠାରୁ ଶକ୍ତିଶାଳୀ ରାଜା କନିଷ୍କଙ୍କର । ମୂର୍ତ୍ତିରେ ଖୋଦିତ ବ୍ରାହ୍ମୀଲିପି ଅଭିଲେଖ କହେ ସେ ଥିଲେ ''ମହାରାଜା ରାଜାଧିରାଜ ଦେବପୁତ୍ର କନିଷ୍କ ।'' ଯାହାର ଅର୍ଥ ''ମହାନ୍ ରଜା, ରଜାମାନଙ୍କର ରଜା, ଦେବତାଙ୍କ ପୁତ୍ର କନିଷ୍କ ।''

ଚିତ୍ର: 6.22 ରାଜା କନିଷ୍କଙ୍କ ମସ୍ତକ ବିହୀନ ମୂର୍ତ୍ତି

ଆସ ଅନୁସନ୍ଧାନ କରିବା

ମୁଦ୍ରାଗୁଡ଼ିକ ଭଲକରି ଦେଖ । ସମ୍ରାଟଙ୍କ ପାର୍ଶ୍ୱରେ କାହାର ଚିତ୍ର ଖୋଦିତ ହୋଇଛି ?



ଚିତ୍ର: 6.23. କନିଷ୍କଙ୍କ ମୁଦ୍ରା


ପ୍ରଥମ ମୁଦ୍ରାରେ କନିଷ୍କ ହାତରେ ଏକ ବର୍ଚ୍ଛା ଧରିଥିବା ଦର୍ଶାଯାଇ 'ରାଜାମାନଙ୍କର ରାଜା' ଉପାଧି ଖୋଦିତ ହୋଇଛି । ଅନ୍ୟ ପାର୍ଶ୍ୱରେ ଗ୍ରୀକ୍ ଭାଷାରେ **B0ΔΔ0** (ବୁଦ୍ଧ) ଖୋଦିତ ହୋଇଛି । ଦ୍ୱିତୀୟ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ସମ୍ରାଟଙ୍କ ଛବି ଓ ଅନ୍ୟ ପାର୍ଶ୍ୱରେ ଶିବଙ୍କ ସହ ନନ୍ଦୀ ବୃଷଭଙ୍କୁ ଖୋଦିତ କରାଯାଇଛି । ଆସ ନିମ୍ନ ବିଷୟରେ ଚିନ୍ତା କରିବା ।

AP SCERT

- ଜଣେ ଶକ୍ତିଶାଳୀ ଶାସକ ତାଙ୍କ ମୁଦ୍ରାରେ ବୁଦ୍ଧ ଏବଂ ଶିବଙ୍କୁ କାହିଁକି ଖୋଦିତ କରିବେ? ଏହା ତାଙ୍କର ମୂଲ୍ୟବୋଧ ଓ ପ୍ରାଥମିକତା ଉପରେ କ'ଣ କହୁଛି ?
- ଏହିପରି ସାଙ୍କେତିକ ମୁଦ୍ରାର ଆଧୁନିକତା ଉଦାହରଣ ତୁମେ ପାଇପାରିବ କି ?

କୁଶାଣମାନେ ସିଲ୍କ ମାର୍ଗର (**Silk Route**) (ପର ପୃଷ୍ଠାରେ ଦର୍ଶିତ) ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ନିଜ ଅଧିନରେ ରଖିଥିଲେ । ସେମାନଙ୍କ ସମୟରେ ବାଣିଜ୍ୟିକ ଅଭିବୃଦ୍ଧି ଭାରତକୁ ଏସିଆର ଅନ୍ୟ ଅଞ୍ଚଳ ଓ ପଶ୍ଚିମ ଦେଶ ସହ ଯୋଡ଼ି ଥିଲା ।

ଇଣ୍ଡୋ-ଗ୍ରୀକ୍ ଶାସକଙ୍କ ଦ୍ୱାରା ପ୍ରତିଷ୍ଠିତ ଧାରାକୁ ଆଗେଇ ନେଇ କୁଶାଣମାନେ କଳା ଓ ସ୍ଥାପତ୍ୟ, ଗାନ୍ଧାର ଏବଂ ମଥୁରା ଶିଳ୍ପଶୈଳୀ ଉଦାହରଣରେ ଭାରତ ଏବଂ ଗ୍ରୀକ୍ କଳାର ଏକ ମିଶ୍ରିତ ରୂପ ସୃଷ୍ଟି କଲେ । ଭାସ୍କର୍ଯ୍ୟ କଳା ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ବିବିଧ ଭାବାଧାରାର ଲୋକମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହବସ୍ଥାନକୁ ଦର୍ଶାଏ । ଏହି ଯୁଗର କଳାରେ ମନୁଷ୍ୟ ଆକୃତିର ଦେବତା ମୂର୍ତ୍ତି (ଯଥା-ସୂର୍ଯ୍ୟ ଦେବତା)ର ପ୍ରୟୋଗ ବୃଦ୍ଧି ପାଇଲା ଏବଂ ଧାର୍ମିକ ଚିତ୍ରକଳାର ବିକାଶ ଘଟିଲା, ଯାହା ପରବର୍ତ୍ତୀ ସମୟରେ ମନ୍ଦିର ସ୍ଥାପତ୍ୟ କଳାର ଭିତ୍ତିଭୂମି ପ୍ରସ୍ତୁତ କଲା ।



ଚିତ୍ର: 6.24 ଗାନ୍ଧାର ଶିଳ୍ପ ଶୈଳୀର ଏକ ବୋଧିସତ୍ତ୍ୱ ମସ୍ତକ ବା ଭବିଷ୍ୟତର ବୁଦ୍ଧ । ଭାରତୀୟ ଓ ଗ୍ରୀକ୍ କଳାର ମିଶ୍ରଣକୁ ଲକ୍ଷ୍ୟ କର ।

ଗାନ୍ଧାର ଶିଳ୍ପକଳା ଯାହାର ଅଭ୍ୟୁଦୟ ପଶ୍ଚିମ ପଞ୍ଜାବରେ ହୋଇଥିଲା, ତାହା ଗ୍ରୀକ୍-ରୋମାନ୍ ଉପାଦାନଗୁଡ଼ିକୁ ଭାରତୀୟ ଶିଳ୍ପ ବୈଶିଷ୍ଟ୍ୟ ସହ ଯୋଡ଼ିଲା । ଏହି ଶୈଳୀର ଅଧିକାଂଶ ମୂର୍ତ୍ତି ଏବଂ କଳାକୃତି ଧୂସର-କଳା ସିଷ୍ଟ ନାମକ ପଥରରେ ନିପୁଣ ଭାବେ ଖୋଦିତ କରାଗଲା । ବିଶେଷତଃ ମୂର୍ତ୍ତିକାରମାନେ ବାସ୍ତବବାଦୀ ଶରୀର ଗଠନ ଓ ସ୍ୱତନ୍ତ୍ର ଭଙ୍ଗୀ ସମ୍ବଳିତ ଲମ୍ବା ପୋଷାକ ସହିତ ନିପୁଣ ବୁଦ୍ଧ ପ୍ରତିମୂର୍ତ୍ତି ପ୍ରସ୍ତୁତ କରିଥିଲେ ।

ଏହା ବିଷୟରେ ଚିନ୍ତାକର

ତୁମେ ଜାଣିଛ କି ଗାନ୍ଧାର କେଉଁଠି ଅଛି ? ଏହା ମହାଭାରତର ଏକ ଚରିତ୍ରକୁ ତୁମର ସ୍ମରଣ କରାଏ କି ?


AP SCERT



AP SCERT

ଚିତ୍ର: 6.25 ପ୍ରାଚୀନ ଭାରତର କେତେକ ବାଣିଜ୍ୟ ପଥ । ସବୁଜ ରଙ୍ଗରେ ଚିହ୍ନିତ ପଥ ସିଲ୍କପଥ ଯାହା ମଧ୍ୟ ଏସିଆ ଓ ପାରସ୍ୟ ଦେଇ ଚୀନ ସହ ଭୂମଧ୍ୟସାଗରୀୟ ଅଞ୍ଚଳକୁ ସଂଯୋଗ କରେ ।

ମଥୁରା ଶିଳ୍ପକଳା ଆଧୁନିକ ଉତ୍ତର ପ୍ରଦେଶର ମଥୁରା ଅଞ୍ଚଳରେ ଗଢ଼ି ଉଠିଥିଲା ଏବଂ ଏହା ନିଜର ସ୍ୱତନ୍ତ୍ର ଭାରତୀୟ ଶୈଳୀ ପାଇଁ ପ୍ରସିଦ୍ଧ ଥିଲା । ଗାନ୍ଧାର ଶୈଳୀ ଭଳି ପ୍ରଥମେ ଏହି ଶୈଳୀରେ ମଧ୍ୟ ଲାଲ ବାଲି ପଥର ବ୍ୟବହାର ହେଉଥିଲା ଏବଂ ଗ୍ରୀକୋ-ରୋମାନ ଶୈଳୀର ପ୍ରଭାବ କମ୍ ପ୍ରତିଫଳିତ ହୋଇଥିଲା । ଏହି ଚିତ୍ରକଳା ଭାରତୀୟ ଦେବାଦେବୀ ଯଥା କୁବେର, ଲକ୍ଷ୍ମୀ, ଶିବ, ବୁଦ୍ଧ, ଯକ୍ଷ ଏବଂ ଯକ୍ଷିଣୀ ଚିତ୍ରକଳା ପ୍ରଦର୍ଶନ ପାଇଁ ପ୍ରସିଦ୍ଧ ଥିଲା ଏବଂ ସୁନ୍ଦର ଭଙ୍ଗୀ ସହ ପୂର୍ଣ୍ଣ ଅବୟବ ମୂର୍ତ୍ତି ପ୍ରସ୍ତୁତ ହେଉଥିଲା ।



ଚିତ୍ର 6.26. ମଥୁରା ଚିତ୍ରକଳା ଶୈଳୀର କୁବେର (ଧନର ଦେବତା) ମୂର୍ତ୍ତି । ତୁମେ ସ୍ପଷ୍ଟଭାବେ ଖୋଦିତ ନିଶକୁ ଦେଖି ପାରୁ ନାହିଁ କି? ନିଶ ଭାରତୀୟ ଭାସ୍କର୍ଯ୍ୟ କଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

ଆସ ଅନୁସନ୍ଧାନ କରିବା

ତୁମେ ବର୍ତ୍ତମାନ ମଥୁରା ଓ ଗାନ୍ଧାର ଶିଳ୍ପକଳାର ମୌଳିକ ବୈଶିଷ୍ଟ୍ୟ ସହ ପରିଚିତ ହେଲ। (ଚିତ୍ର 6.27 କୁ ଅନୁଧ୍ୟାନ କର ଓ ଏହା କେଉଁ ଶିଳ୍ପକଳା ଶୈଳୀର ଅନ୍ତର୍ଭୁକ୍ତ ଦର୍ଶାଅ ।) ତୁମର ଦର୍ଶନୀୟ ଚିନ୍ତାଧାରାକୁ ଯଥେଷ୍ଟ କାରଣ ସହ ପ୍ରତିପାଦନ କର ଏବଂ ସହପାଠୀମାନଙ୍କ ସହ ଆଲୋଚନା କର ।

ରାଜନୈତିକ କ୍ଷମତା ସଂଘର୍ଷ ସତ୍ତ୍ୱେ ଏହି ସମୟରେ ଉଲ୍ଲେଖନୀୟ ସାଂସ୍କୃତିକ ଭାବବିନିମୟ ଓ ମିଶ୍ରଣ ପରିଲକ୍ଷିତ ହୋଇଥିଲା । ପ୍ରଦତ୍ତ ଐତିହ୍ୟ କଳା ସ୍ଥାପତ୍ୟରେ ଶୈଳୀର ଆଦାନ ପ୍ରଦାନ ସତ୍ତ୍ୱେ ଭାରତୀୟ କଳାବୈଶିଷ୍ଟ୍ୟର ପ୍ରାଧାନ୍ୟ ରହିଥିଲା (ବିଶେଷତଃ ହିନ୍ଦୁ ଓ ବୌଦ୍ଧ କଳାରେ) । ଏହି କାଳରେ ସଂସ୍କୃତ ଭାଷାର ବହୁଳ ପ୍ରସାର ବା ସମୃଦ୍ଧି ପରିଲକ୍ଷିତ ହୋଇଥିଲା । ରାମାୟଣ ଏବଂ ମହାଭାରତ ଭଳି ସଂସ୍କୃତ ଗ୍ରନ୍ଥର ସୃଷ୍ଟି ଏହାର ଉଦାହରଣ। (ଷଷ୍ଠ ଶ୍ରେଣୀର ''ବିଭିନ୍ନତା ମଧ୍ୟରେ ଏକତା'' ବା ''ଅନେକତା ମଧ୍ୟରେ ଏକତା'' ଅଧ୍ୟାୟର ସାହାଯ୍ୟ ନିଅ) ।

ଏହି ସଂଯୋଗ ସହ ଆମକୁ ଉତ୍ସାହିତ କରୁଥିବା ଅତୀତର ଐତିହାସିକ ଦୃଶ୍ୟପଟ ସହିତ ପରିଚିତ ହେଲାବେଳେ ଜଣାଯାଏ ଯେ,ଏହା କୌଣସି ଗୋଟିଏ ରାଜ୍ୟ କିମ୍ବା ଶାସକଙ୍କ ମଧ୍ୟରେ ସୀମିତ ନରହି ଏକ ବିଶେଷ ପ୍ରକ୍ରିୟା ଦ୍ୱାରା ପାରସ୍ପରିକ ଭାବବିନିମୟ ଓ ମିଶ୍ରଣ ସମୟାନୁସାରେ ଘଟିଚାଲିଥିଲା ।

1



2



3



AP SCERT

4



5



6



.....

ଚିତ୍ର: 6.27.1,. ବୁଦ୍ଧଙ୍କ ମୃତ୍ୟୁକାଳୀନ ଏକ ଦୃଶ୍ୟ । ଚିତ୍ର:6.27.2 ବୋଧିସତ୍ତ୍ୱ ମୈତ୍ରେୟ । ଚିତ୍ର: 6.27.3 କୁଶାଣ ଭକ୍ତଙ୍କ ଦ୍ୱାରା ଶିବଲିଙ୍ଗ ଉପାସନା । ଚିତ୍ର: 6.27.4. ଦୁଇ ନାଗୁଣୀ ମଧ୍ୟରେ ଗୋଟିଏ ନାଗ, କନିଷ୍କ ଶାସନର ଅଷ୍ଟମ ବର୍ଷର ଏକ ଅଭିଲେଖ ସହିତ ଚିତ୍ର: 6.27.5 କାର୍ତ୍ତିକେୟ(ଯୁଦ୍ଧ ଦେବତା) ଏବଂ ଅଗ୍ନିଦେବ । ଚିତ୍ର: 6.27.6 ଦଣ୍ଡାୟମାନ ବୁଦ୍ଧ ।



ଶେଷ କରିବା ପୂର୍ବରୁ...

→ ମୌର୍ଯ୍ୟ ସାମ୍ରାଜ୍ୟର ବିଭାଜନ ପରେ ଭାରତୀୟ ଉପମହାଦେଶରେ ଅନେକ ଛୋଟ ବଡ ରାଜ୍ୟର ଅଭ୍ୟୁଦୟ ହୋଇଥିଲା ।

→ ଆଭ୍ୟନ୍ତରିଣ କଳହ ବା କନ୍ଦଳ ସହିତ ବିଦେଶୀ ଆକ୍ରମଣ ମିଳିତ ଭାବେ ରାଜନୈତିକ କ୍ଷମତା ପୁନର୍ଗଠନ ଯୁଗର ଅୟମାରମ୍ଭ କଲା ।



ଚିତ୍ର: 6.28

→ ଉକ୍ତ ସମୟରେ ବିଭିନ୍ନ ସଂସ୍କୃତି ମଧ୍ୟରେ ଭାବବିନିମୟ ଦେଖିବାକୁ ମିଳିଥିଲା, ଯାହା ପାରସ୍ପରିକ ପ୍ରଭାବକୁ ଗ୍ରହଣ କରି ଏକ ନୂତନ କଳା, ସ୍ଥାପତ୍ୟ, ମୁଦ୍ରା ଇତ୍ୟାଦିର ଶୈଳୀ ସୃଷ୍ଟି କରିବା ସହ ଶେଷରେ ଭାରତୀୟ ବୈଶିଷ୍ଟ୍ୟ ଓ ସମୃଦ୍ଧ ସଂସ୍କୃତ ଭାଷାର ପ୍ରାଧାନ୍ୟ ପ୍ରତିଷ୍ଠା କଲା ।

→ ଏହି ସମୟରେ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ବିକାଶ ଘଟିଥିଲା ।

AP SCERT

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଓ ପ୍ରକଳ୍ପ


1. ଆଧୁନିକ ଭାରତର କେଉଁ ରାଜ୍ୟ ପ୍ରାଚୀନ ଚେରାବଂଶ ଦ୍ୱାରା ଶାସିତ ହେଉଥିଲା ?

   A. ଓଡ଼ିଶା

   B. କେରଳ

   C. କର୍ଣ୍ଣାଟକ

   D. ଆନ୍ଧ୍ର ପ୍ରଦେଶ



2. ଏହି ଅଧ୍ୟାୟରେ ବର୍ଣ୍ଣିତ କେଉଁ ରାଜବଂଶ ସେମାନଙ୍କ ନାମ ସହ ନିଜ ମା'ଙ୍କ ନାମ ସଂଯୋଗ କରୁଥିଲେ, ସେମାନେ କାହିଁକି ଏପରି କରୁଥିଲେ ?
3. ମୌର୍ଯ୍ୟ ପରବର୍ତ୍ତୀ ଯୁଗକୁ ପୁନର୍ଗଠନର ଯୁଗ ବୋଲି କାହିଁକି କୁହାଯାଏ?
4. 150 ଶବ୍ଦରେ ସଙ୍ଗମ ସାହିତ୍ୟ ଉପରେ ଏକ ଟିପ୍ପଣୀ ଲେଖ।
5. ସାତବାହନଙ୍କ କାଳରେ ଆର୍ଥିକ ବିକାଶ ଯୋଗୁଁ ସାହିତ୍ୟ, କଳା ଏବଂ ସଂସ୍କୃତି କ୍ଷେତ୍ରରେ କିପରି ବିକାଶ ଘଟିଥିଲା ?
6. ତୁମେ ପରବର୍ତ୍ତୀ ମୌର୍ଯ୍ୟ ଯୁଗର ସ୍ଥାପତ୍ୟ କଳାର ବିକାଶ ସମ୍ପର୍କରେ ପଢ଼ିଛ । ଭାରତୀୟ ଉପମହାଦେଶର ଏକ ରୂପରେଖା ପ୍ରସ୍ତୁତ କର ଏବଂ ଏହି ପାଠରେ ପଢ଼ିଥିବା କିଛି ପ୍ରାଚୀନ ସଂରଚନାର ଆନୁମାନିକ ଅବସ୍ଥା ଚିହ୍ନାଅ ।
7. ତୁମକୁ ଆକର୍ଷିତ କରିଥିବା ଯେକୌଣସି ଗୋଟିଏ ରାଜ୍ୟ ଉପରେ 250 ଶବ୍ଦରେ ଏକ ଟିପ୍ପଣୀ ଲେଖ । କାହିଁକି ତୁମକୁ ଏହା ପସନ୍ଦ ତାହାର ଯଥାର୍ଥତା ପ୍ରତିପାଦନ କର । ତୁମର ଟିପ୍ପଣୀ ଶ୍ରେଣୀରେ ଉପସ୍ଥାପନ କରିବା ପରେ ତୁମ ଅନ୍ୟ ସହପାଠୀମାନେ କେଉଁ ରାଜ୍ୟକୁ ଅଧିକ ପସନ୍ଦ କରିଛନ୍ତି ଅନୁଧାନ କର ।
8. ମନେ କର ତୁମର ଏକ ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି କରିବାର ସୁଯୋଗ ଅଛି । ତୁମେ ଏଥିପାଇଁ କେଉଁ ରାଜକୀୟ ପ୍ରତୀକ ବାଛିବ ଏବଂ କାହିଁକି ? ଶାସକ ଭାବରେ ତୁମେ କେଉଁ ଉପାଧିରେ ଭୂଷିତ ହେବାକୁ ଚାହିଁବ ? ତୁମ ରାଜ୍ୟ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ, ଯେଉଁଥିରେ ତୁମ ରାଜ୍ୟର ମୂଲ୍ୟବୋଧ, ନୀତି, ନିୟମ(ବିଧି ବ୍ୟବସ୍ଥା) ଏବଂ କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟର ସୂଚନା ଥିବ ।

✧✧✧✧✧

AP SCERT

ଅଧ୍ୟାୟ

7

ଭୂମି କିପରି ପବିତ୍ର ହୁଏ ?

M6H3Q2

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- ପବିତ୍ରତା ଶବ୍ଦଟିକୁ ପରିଭାଷିତ କରି ଭାରତର ଗୌରବମୟ ଅତୀତକୁ ବୁଝିପାରିବେ । (CG-1)
- ଭାରତରେ ତୀର୍ଥସ୍ଥାନ ଗୁଡିକର ଗୁରୁତ୍ୱକୁ ବ୍ୟାଖ୍ୟା କରି ଭାରତ ମାନଚିତ୍ରରେ ପ୍ରମୁଖ ତିର୍ଥସ୍ଥାନ ଗୁଡିକ ଚିହ୍ନଟ କରିପାରିବେ । (CG-1)
- ପର୍ବତ, ନଦୀ,ଗଛ,ଉଭିଦ ଏବଂ ପ୍ରାଣୀ ଭଳି ପ୍ରାକୃତିକ ଉପାଦାନ ଏବଂ ଭାରତୀୟ ପରମ୍ପରା ସହିତ ସେଗୁଡିକର ସମ୍ପର୍କକୁ ପ୍ରଶଂସା କରିପାରିବେ । (CG-4)
- ବୃକ୍ଷଗୁଡିକ ସଙ୍କୋଚନ ହେବା ପ୍ରତି ସମ୍ବେଦନଶୀଳ ହୋଇ ସେଗୁଡିକର ସଂରକ୍ଷଣ ଆବଶ୍ୟକ ବୋଲି ସ୍ୱିକାର କରିବେ । (CG-5)

" ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଗ୍ରହ, ନକ୍ଷତ୍ର, ସମସ୍ତ ଜୀବଜନ୍ତୁ, ଦଶଦିଗ, ବୃକ୍ଷଲତା, ନଦୀ, ସମୁଦ୍ର ସମସ୍ତ ବସ୍ତୁ ଇଶ୍ୱରଙ୍କ ସୃଷ୍ଟି "

- ଭାଗବତ ପୁରାଣ



ଚିତ୍ର - 7.1

© SCERT

ମୁଖ୍ୟ ପ୍ରଶ୍ନାବଳୀ ?

1. 'ପବିତ୍ରତା' କ'ଣ ?
2. ଭୂମି କିପରି ପବିତ୍ର ହୁଏ?
3. ଲୋକମାନଙ୍କର ଜୀବନ ଓ ସଂସ୍କୃତି ସହିତ କିପରି ପବିତ୍ର ସ୍ଥାନ ଓ ତୀର୍ଥଯାତ୍ରାର ସଂପୃକ୍ତି ରହିଛି ?
4. ଭାରତୀୟ ଉପମହାଦେଶରେ ପବିତ୍ର ସାସ୍କୃତିକ ଏକତ୍ରୀକରଣରେ ଭୂଗୋଳର ଭୂମିକା କଣ ଥିଲା ?


ଆସ ଅନୁସନ୍ଧାନ କରିବା

କୌଣସି ଚିତ୍ର ତୁମକୁ ପରିଚିତ ଲାଗୁଛି କି ? ତୁମେ ତୁମ ଆଖପାଖରେ ଥିବା ସେହିପରି ସ୍ଥାନଗୁଡିକର ନାମ କହିପାରିବ କି ?

'ପବିତ୍ରତା' କ ଣ ?

ପବିତ୍ରତାର ଅନେକ ଅର୍ଥ ରହିଛି । ଏହି ଅଧ୍ୟାୟରେ ସୀମିତ ପରିସରରେ ପବିତ୍ରତା ହେଉଛି ଗଭୀର ଧାର୍ମିକ ବା ଆଧ୍ୟାତ୍ମିକ ମହତ୍ତ୍ୱ, ସମ୍ମାନ ଓ ଭକ୍ତିର ମହାନତା ଓ ପବିତ୍ରତା ସମ୍ପର୍କରେ କିଛି ଜାଣିବା । କିନ୍ତୁ ଏହି ନିର୍ଦ୍ଦିଷ୍ଟ ଅର୍ଥ କଣ ହୋଇପାରେ? ଏହା ଏକ ବିଶେଷ ସ୍ଥାନ ବା ମନ୍ଦିର ହୋଇପାରେ ଯାହା ଏପରି ଗଭୀର ଭାବନା, ଉଚ୍ଚ ଚିନ୍ତାଧାରା କିମ୍ବା ଅନୁଭୂତିକୁ ସୃଷ୍ଟି କରିଥାଏ । ଏହା ଏକ ବିଶେଷ ପ୍ରକାରର ଯାତ୍ରା(ପ୍ରାୟତଃ ଏକ **ତୀର୍ଥଯାତ୍ରା** ଭାବେ ପରିଚିତ) । ଯାତ୍ରା ପଥ କିମ୍ବା ଏହା ଉପରେ ଆଚ୍ଛାଦିତ ଥିବା ଭୂମି ମଧ୍ୟ ହୋଇପାରେ । ଯେଉଁ ବିଷୟରେ ଆମେ ଏହି ଅଧ୍ୟାୟରେ ଜାଣିବା ।

ତେଣୁ ପବିତ୍ରତା କେବଳ ଧର୍ମ ଏବଂ ଆଧ୍ୟାତ୍ମିକତା ସହ ଜଡିତ ନୁହେଁ, ବରଂ ଭୂଗୋଳ, ସମସ୍ତ ପ୍ରକାରର ପରମ୍ପରା ଏବଂ ଭାରତର ଅନେକ କ୍ଷେତ୍ରରେ ଏହା ଜଡିତ ଯାହା ଆମେ ଏହି ଅଧ୍ୟାୟରେ ଜାଣିବାକୁ ପାଇବା । ଆସ ପ୍ରଥମ ପବିତ୍ର ସ୍ଥାନଗୁଡିକ ଉପରେ ଧ୍ୟାନ ଦେବା । ତୁମେ ଜାଣିଥିବା ଭାରତରେ ପ୍ରତ୍ୟେକ ଚିନ୍ତାଧାରା ବା ଧର୍ମର ନିଜସ୍ୱ ପବିତ୍ର ସ୍ଥାନ ରହିଛି ।



ଚିତ୍ର 7.2

ଏହି ଚିତ୍ରଗୁଡିକରେ ଥିବା ସ୍ଥାନଗୁଡିକ ଇସ୍‌ଲାମ ଧର୍ମ, ଖ୍ରୀଷ୍ଟ ଧର୍ମ, ଇହୁଦି ଧର୍ମ ଏବଂ ପାର୍ସୀ ଧର୍ମର ଅନୁଗାମୀମାନଙ୍କ ଦ୍ୱାରା ଆଦର ଲାଭ କରିଛି, ଯାହା ଭାରତ ବାହାରେ ସୃଷ୍ଟି ହୋଇଛି । ଲୋକମାନେ ପ୍ରାର୍ଥନା ଓ ଉପାସନା ପାଇଁ ଏହି ସ୍ଥାନଗୁଡିକରେ ଏକତ୍ରିତ ହୋଇଥାନ୍ତି ।

© SCERT

ଅନ୍ୟ ବିଶ୍ୱାସର ଅନୁଗାମୀମାନେ ମଧ୍ୟ ଏସବୁ ସ୍ଥାନକୁ ପରିଦର୍ଶନ କରିଥାନ୍ତି । ଉଦାହରଣ ସ୍ୱରୂପ– ଆଜମେର(ରାଜସ୍ଥାନ)ର ଦରଘା ସରିଫ କିମ୍ବା ତାମିଲନାଡିର ଭେଲଙ୍କାନୀ ଗୀର୍ଜାରେ ଏପରି ଦେଖାଯାଇଥାଏ । ଲୋକମାନେ ବିଶେଷ ଭାବରେ ଅବସର ସମୟମାନଙ୍କରେ ଏହି ପବିତ୍ରସ୍ଥାନଗୁଡିକୁ ତୀର୍ଥଯାତ୍ରାରେ ଯାଇଥାନ୍ତି ।

ତୀର୍ଥଯାତ୍ରା : ଏକ ଧର୍ମ କିମ୍ବା ବିଶ୍ୱାସ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପବିତ୍ରସ୍ଥାନକୁ ଯାତ୍ରା କରିବା

ପବିତ୍ରସ୍ଥାନ : ଦିବ୍ୟ, ପବିତ୍ର ଅବଶେଷ କିମ୍ବା ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ସହ ସମ୍ପର୍କ ଥିବା ଯୋଗୁଁ ପବିତ୍ର ଭାବରେ ବିବେଚିତ ଏକ ସ୍ଥାନ

ଅବଶେଷ: ଜଣେ ସନ୍ଥ କିମ୍ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଶରୀରର କିଛି ଅଂଶ କିମ୍ବା ସେମାନେ କେତେକ ସମୟରେ ଶ୍ରଦ୍ଧାରେ ବ୍ୟବହାର କରିଥିବା କେତେକ ବସ୍ତୁ ରଖାଯାଇଥିବା ସ୍ଥାନ ।

ସ୍ୱାଭାବିକ ଭାବରେ ଯେତେବେଳେ ଆମେ ଭାରତରେ ସୃଷ୍ଟି ହୋଇଥିବା ଧର୍ମଗୁଡିକର ଚିନ୍ତାକରୁ, ଆମେ ଦେଖୁ ଯେ ସେମାନଙ୍କର ଅଧିକ ପରିମାଣରେ ଏପରି ସ୍ଥାନସବୁ ରହିଛି । ବୌଦ୍ଧଧର୍ମର ପବିତ୍ର ସ୍ଥାନସବୁ ପ୍ରାୟତଃ ବୁଦ୍ଧଙ୍କ ଦ୍ୱାରା ପରିଦର୍ଶିତ ବା ସେଠାରେ ତାଙ୍କର ଅବଶେଷାଂଶ ରଖାଯାଇଛି । ସେଗୁଡିକ ମଧ୍ୟରେ ସାଞ୍ଚି(ମଧ୍ୟପ୍ରଦେଶ) ଠାରେ ଥିବା ମହାନ ସ୍ତୂପ ଅନ୍ୟତମ । ଏହା ବୁଦ୍ଧଙ୍କର ଅବଶେଷ ଥିବା ଏକ ସ୍ତୂପ(ତୁମେ ଏହାକୁ ସାମ୍ରାଜ୍ୟର ଉତ୍‌ଥାନ ଅଧ୍ୟାୟରେ ଦେଖିଥିଲ) ଏବଂ ବୋଧଗୟା(ବିହାର) ଠାରେ ଥିବା ମହାବୋଧି ସ୍ତୂପ, ଯେଉଁଠାରେ ବୌଦ୍ଧ ପରମ୍ପରା ଅନୁସାରେ ବୁଦ୍ଧ ଜ୍ଞାନପ୍ରାପ୍ତି ହୋଇଥିଲେ । ଏସବୁ ତୀର୍ଥଯାତ୍ରୀ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଉଦାହରଣ ସ୍ୱରୂପ ବୋଧଗୟାକୁ ପ୍ରତି ବର୍ଷ ଚାଳଶି ଲକ୍ଷରୁ ଅଧିକ ପରିଦର୍ଶକ ଭ୍ରମଣରେ ଆସିଥାନ୍ତି ।



ଚିତ୍ର . 7.3

ଶିଖଧର୍ମରେ ତଖତ୍ ଗୁଡିକ ଆଧ୍ୟାତ୍ମିକତାର ସ୍ଥାନ ବା କେନ୍ଦ୍ର ଅଟେ । ଉଦାହରଣ ସ୍ୱରୂପ– ଶ୍ରୀପାଟଣା ସାହେବ ତଖତ୍(ପାଟଣାରେ) , ଆକାଳ ତଖତ୍ (ଅମୃତସର ସ୍ୱର୍ଣ୍ଣମନ୍ଦିରର ଏକ ଅଂଶ, ଚିତ୍ର ***7.3***) ଏବଂ ଶ୍ରୀକେଶଗଡ ସାହେବ ତଖତ୍(ଆନନ୍ଦପୁର) ପ୍ରଭୃତି ସ୍ଥାନକୁ ଶିଖମାନେ ସେମାନଙ୍କର ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ତୀର୍ଥଯାତ୍ରା କରିବାକୁ ଆଗ୍ରହୀ ହୋଇଥାନ୍ତି । କାରଣ ଏସବୁସ୍ଥାନ ମହାନ ଶିଖଗୁରୁମାନଙ୍କ ସହିତ ଜଡିତ ହୋଇଥିବାରୁ ଏହାର ବିଶେଷ ମହତ୍ତ୍ୱ ରହିଛି । ଏହା ସହିତ ଶିଖ ପରମ୍ପରା ତଥ୍ୟ ଅନୁଯାୟୀ ଗୁରୁ ନାନକଙ୍କ ପରି ମହାନଗୁରୁ ହରିଦ୍ୱାର, ପ୍ରୟାଗ, ମଥୁରା, ବାରାଣାସୀ, ଅଯୋଧ୍ୟା, ପୁରୀ ସମେତ କେତେକ ମୁସଲମାନ ଧର୍ମର ପବିତ୍ର ସ୍ଥଳକୁ ଭ୍ରମଣ କରିଥିବା ପ୍ରମାଣ ମିଳିଥାଏ ।

"ଯୁଗ ଯୁଗ ଧରି ଭାରତ ଏକ ତୀର୍ଥଯାତ୍ରାର ଦେଶ ଭାବରେ ପରିଚିତ ହୋଇ ଆସିଛି । ସମଗ୍ର ଦେଶରେ ହିମାଳୟର ବରାଫାବୃତ୍ତ ଆଞ୍ଚଳରେ ଥିବା ବଦ୍ରିନାଥ, କେଦାରନାଥ ଏବଂ ଅମରନାଥରୁ ଆରମ୍ଭ କରି ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ପ୍ରାଚୀନ ସ୍ଥାନଗୁଡିକୁ ଦେଖିବାକୁ ମିଳିଥାଏ । ଏହି ମହାନ ତୀର୍ଥଯାତ୍ରାରେ ଦକ୍ଷିଣରୁ ଉତ୍ତର ଏବଂ ଉତ୍ତରରୁ ଦକ୍ଷିଣକୁ ଲୋକମାନଙ୍କୁ କଣ ଆକର୍ଷିତ କରିପାରୁଛି ? ଏହା ହେଉଛି ଗୋଟିଏ ଦେଶ ଏବଂ ଗୋଟିଏ ସଂସ୍କୃତିର ଅନୁଭବ"

(–ଜବହାରଲାଲ୍ ନେହେରୁ, 1961)

APSCERT

ତୀର୍ଥଯାତ୍ରା

ତୀର୍ଥ: ଆକ୍ଷରିକ ଅର୍ଥରେ ଏକ ସ୍ଥାନ, ଯେଉଁଠାରେ ଜଣେ ନଦୀ କିମ୍ବା ଅନ୍ୟ ଜଳାଶୟ ପାରି ହୋଇଥାଏ । ସାଙ୍କେତିକ ଭାବରେ ଏହା ଏପରି ଏକ ସ୍ଥାନ ଯେଉଁଠାରେ ଜଣେ ସାଂସାରିକ ଜୀବନରୁ ଏକ ଉଚ୍ଚ ଆଧ୍ୟାତ୍ମିକ ଜୀବନକୁ ଅତିକ୍ରମ କରିପାରିବ । ଏହିପରି ସ୍ଥାନ ଗୁଡିକୁ ଅତ୍ୟନ୍ତ ସମ୍ମାନ ଦିଆଯିବା ସହିତ ପବିତ୍ର ବିବେଚନା କାରଯାଇଥାଏ ।

ଅନେକ ଭାରତୀୟ ନିଜ ନିଜର ଜୀବନକାଳ ମଧ୍ୟରେ ବିଭିନ୍ନ ପବିତ୍ର ସ୍ଥାନକୁ ତୀର୍ଥଯାତ୍ରା କରିଥାନ୍ତି । ତୀର୍ଥଯାତ୍ରାର ଏହି ପ୍ରାଚୀନ ଏବଂ ଅବିରତ ପରମ୍ପରା କେବଳ ଏକ ଶାରୀରିକ ଯାତ୍ରା ନୁହେଁ, ବରଂ ଏହା ଏକ ଅନ୍ତରର ଯାତ୍ରା ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ନିହିତ ଥାଏ ।

ଅତିକମ୍‌ରେ 3,000 ବର୍ଷ ଧରି ଏବଂ କୌଣସି ଆଧୁନିକ ପରିବହନର ସାଧନ ଉପଲବ୍ଧ ନଥିବା ସତ୍ତ୍ୱେ ଭାରତୀୟମାନେ ଏହି ଉପମହାଦେଶକୁ ପରିଭ୍ରମଣ କରିଛନ୍ତି । ଯାହା ଫଳରେ ଏହାର ସମଗ୍ର ଅଞ୍ଚଳ ପବିତ୍ର ବୋଲି ବିବେଚନା କରାଯାଏ । ଆମେ ଏ ବିଷୟରେ ପରେ ପୁଣି ଆଲୋଚନା କରିବା ।

ଜଣେ ବିଶିଷ୍ଟ ଐତିହାସିକ ଓ ଚିନ୍ତାନାୟକ ଧରମପାଲଙ୍କ ଲେଖାର କିଛି ଅଂଶକୁ ଉଦ୍ଧୃତ କରାଯାଇଛି ।

“ମୁଁ ଗ୍ୱାଲିଅରରୁ ଦିଲ୍ଲୀ ଯାଉଥିବା ସମୟରେ... କିଛି ଲୋକଙ୍କୁ ଭେଟିଲି... ସେମାନେ ଥିବା ବାର ଜଣଙ୍କ ମଧ୍ୟରୁ ତିନି ଚାରିଜଣ ମହିଳା ଏବଂ ସାତ ଆଠଜଣ ପୁରଷ ଥିଲେ । ସେମାନେ କହିଲେ ଯେ – ସେମାନେ ତିନିମାସ ତଳୁ ରାମେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନକୁ ତୀର୍ଥଯାତ୍ରାରେ ଯାଇଥିଲେ । ସେମାନେ ଲକ୍ଷ୍ନୌର ଉତ୍ତର ଭାଗରେ ଥିବା ଦୁଇଟି ଭିନ୍ନ ଭିନ୍ନ ଗ୍ରାମରୁ ଆସିଥିଲେ । ସେମାନଙ୍କ ପାଖରେ ବିଭିନ୍ନ ଜିନିଷ ସମେତ କିଛି ମାଟି ପାତ୍ର ଥିଲା । ସେମାନେ ସେମାନଙ୍କ ଖାଦ୍ୟ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଯଥା– ଅଟା, ଚିନି, ଘିଅ ଇତ୍ୟାଦି ସାଙ୍ଗରେ ନେଇଥିଲେ । ମୁଁ ସେମାନଙ୍କୁ ପଚାରିଲି– ବର୍ତ୍ତମାନ ତୁମେମାନେ କ'ଣ ଦିଲ୍ଲୀରେ ରହିବ ? ନା ଆମର କେବଳ ସେଠାରେ ଟ୍ରେନ୍ ବଦଳାଇବାର ଅଛି । ଆମେ ହରିଦ୍ୱାର ଯାଉଛୁ । ଆମ ପାଖରେ ସମୟ ନାହିଁ । ଆମକୁ ହରିଦ୍ୱାର ଯିବାକୁ ପଡିବ ଏବଂ ତା'ପରେ ଘରକୁ ଫେରିବାକୁ ପଡିବ ।

ଆସ ଅନୁସନ୍ଧାନ କରିବା

ତୀର୍ଥଙ୍କର :
ଏହି ଶବ୍ଦର ଅର୍ଥ ଯିଏ ତୀର୍ଥ ନିର୍ମାଣ କରେ । ଯିଏ ସାଧାରଣ ଜୀବନରୁ ଉଚ୍ଚମାନର ଜୀବନକୁ ପରିବର୍ତ୍ତନ କରିବାରେ ମାର୍ଗଦର୍ଶନ କରିଥାଏ । ଜୈନଧର୍ମରେ ତୀର୍ଥଙ୍କରମାନେ ଧର୍ମର ସର୍ବୋଚ୍ଚ ପ୍ରଚାରକ ଅଟନ୍ତି ।

→ ନିମ୍ନଲିଖିତ ଲେଖାକୁ ପଢ । ତୁମେ କ'ଣ ଲକ୍ଷ କଲ ? ରାମେଶ୍ୱରରୁ ହରିଦ୍ୱାରକୁ ଯାଉଥିବା ତୀର୍ଥଯାତ୍ରୀଙ୍କ ରାସ୍ତାକୁ ଚିହ୍ନାଅ । ତୁମେ କ'ଣ ଭାବୁଛ ଯେ ତୀର୍ଥଯାତ୍ରୀ ଦଳଟି ଦିଲ୍ଲୀରେ ନ ଅଟକି ସିଧା ହରିଦ୍ୱାର ଯାଉଥିଲେ ?

→ ପ୍ରାଚୀନ କାଳରେ, ଯେତେବେଳେ ଲୋକମାନେ ତାମିଲନାଡୁର ମଦୁରାଇରୁ ଉତ୍ତର ପ୍ରଦେଶର ବାରାଣାସୀକୁ ଯାତ୍ରା କରୁଥିଲେ ସେମାନେ କେଉଁ ଭାଷାଗୁଡିକର ସାମ୍ନା କରିଥିବେ ? ସେମାନେ କେଉଁଠାରେ ରହିଥିବେ ? ସେମାନେ କ'ଣ ଖାଇଥିବେ ?

APSCERT

ଜୈନ ପରମ୍ପରା ଅନୁସାରେ ସର୍ବଦା ତୀର୍ଥଙ୍କରମାନେ ମୋକ୍ଷ ଲାଭ କରିଥିବା ସ୍ଥାନ ବା ସେମାନଙ୍କର ଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିବା ସ୍ଥାନ ସହିତ ସଂପୃକ୍ତ ଥିଲେ । ତୀର୍ଥଙ୍କରମାନେ ପରିଦର୍ଶନ କରିଥିବା ବା ଧ୍ୟାନ କରିଥିବା ବୃକ୍ଷ, ପୁଷ୍କରିଣୀ, ପାହାଡ ପର୍ବତ ଆଦିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ । ଏପରି ସ୍ଥାନଗୁଡିକ ମଧ୍ୟରେ ମାଉଣ୍ଟ ଆବୁ, ଗିରିନାର ଏବଂ ସୌରାଷ୍ଟ୍ର(ଗୁଜରାଟ)ର ଶତ୍ରୁଞ୍ଜୟ ପର୍ବତର ଉଦାହରଣ ନିଆଯାଇ ପାରେ ।

ଅନ୍ୟ ଏକ ଉଦାହରଣ ହେଉଛି ଆୟ୍ୟାପ୍ପା ଦେବତାଙ୍କୁ ସମର୍ପିତ ସାବରିମାଳା ମନ୍ଦିର (କେରଳ)ର , ଯାହା ପ୍ରତି ବର୍ଷ ଦଶ ମିଲିୟନରୁ ଅଧିକ ଭକ୍ତଙ୍କୁ ଆକର୍ଷିତ କରିଥାଏ । ଜଙ୍ଗଲ ଏବଂ ପାହାଡ ମଧ୍ୟ ଦେଇ ବହୁ କଷ୍ଟରେ ପାହାଡ ଉପରେ ଥିବା ଏହି ପ୍ରାଚୀନ ମନ୍ଦିର ନିକଟକୁ ଯିବାକୁ ପଡୁଥିଲା । ଦେଶର ପାହାଡ ପର୍ବତ ଉପରେ ଥିବା ଏହି ପରି ଅନେକ ମନ୍ଦିରରେ ପହଞ୍ଚିବାକୁ ବଣ ଜଙ୍ଗଲ ଦେଇ ଯିବାକୁ ପଡୁଥିଲା ଏବଂ ଏହି ରାସ୍ତାରେ ଥିବା ପ୍ରାକୃତିକ ସ୍ଥାନ ଗୁଡିକୁ ପବିତ୍ର ବୋଲି ବିବେଚନା କରାଯାଉଥିଲା ।



ଚିତ୍ର *7.4.* ପନ୍ଢାରପୁରୱାରୀ, ମହାରାଷ୍ଟ୍ରର ଏକ *800* ବର୍ଷର ପୁରଣା ପରମ୍ପରା । ୱାରର ଅର୍ଥ ତୀର୍ଥଯାତ୍ରା, ଯାହା ପ୍ରତିଦିନ ଅନୁଷ୍ଠିତ ହୋଇଥାଏ । ଏ କ୍ଷେତ୍ରରେ ବର୍ଷକୁ ତୀର୍ଥଯାତ୍ରୀମାନେ *21* ଦିନ ପାଇଁ ପନ୍ଢାରପୁରର ପ୍ରସିଦ୍ଧ ବିଠୋବା ମନ୍ଦିରକୁ ବଡ ଗୋଷ୍ଠିରେ ଯାଇଥାନ୍ତି ।

ଅଧିକ ପବିତ୍ର ସ୍ଥାନ

ହିନ୍ଦୁ ଓ ଅନେକ ଲୋକ ଏବଂ ଆଦିବାସୀ ବିଶ୍ୱାସ ପ୍ରଣାଳୀ ଆହୁରି ଆଗକୁ ଯାଇଛି । ଷଷ୍ଠ ଶ୍ରେଣୀରେ ଆମେ ଜାଣିଲୁ ଯେ ଏପରିକି ପଥର ପରି ପ୍ରାକୃତିକ ବସ୍ତୁକୁ ଲୋକମାନେ ପବିତ୍ର ବୋଲି ମାନିଥାନ୍ତି । ଯଥା ହିନ୍ଦୁ ଧର୍ମରେ ନିର୍ଦ୍ଦିଷ୍ଟ କେତେକ ପର୍ବତ, ନଦୀ ଓ ଜଙ୍ଗଲ ପରି ଭୌଗୋଳିକ ସ୍ଥାନର ସ୍ୱରୂପ ରହିଛି ଯାହାକୁ ପବିତ୍ର ଭାବରେ ବିବେଚନା କରାଯାଏ । ଅନେକ ନଦୀକୁ ଦେବୀ ଭାବରେ ବିବେଚନା କରାଯାଉଥିବାବେଳେ କିଛି ପ୍ରଜାତିର ବୃକ୍ଷ, ପଶୁ ଏବଂ ଉଦ୍ଭିଦକୁ ପବିତ୍ର ବୋଲି ମନେ କରିଥାନ୍ତି ।



ଚିତ୍ର *7.5.* ଏହି ଚିତ୍ରରେ ବିଷ୍ଣୁ ତାଙ୍କର ବରାହ ଅବତାରରେ ଏକ ରାକ୍ଷସକୁ ବଧକରି ଭୂଦେବୀ(ମାତା ପୃଥିବୀ)ଙ୍କୁ ରକ୍ଷା କରୁଛନ୍ତି । ଏଠାରେ ଭୂଦେବୀ ବିଷ୍ଣୁଙ୍କ କହୁଣୀ ଉପରେ ବସିଥିବାର ଦେଖାଯାଉଛି । (ବେଲୁର ମନ୍ଦିର, କର୍ଣ୍ଣାଟକ)।

AP SCERT

ଏହି ପରମ୍ପରା ପ୍ରକୃତିର ସମସ୍ତ ବସ୍ତୁର ଐଶ୍ୱରୀକ ସତ୍ତାର ଉପସ୍ଥିତିର ଭାବନାରୁ ଆସିଛି । ସେଥିପାଇଁ ସମଗ୍ର ପୃଥିବୀକୁ ପବିତ୍ର ବିବେଚନା କରାଯିବା ସହିତ ପୃଥିବୀକୁ ପୃଥିବୀ ମାଆ ବା ଭୂଦେବୀ ବୋଲି କୁହଯାଏ ।

ଏଠାରେ ଏହି ପରମ୍ପରାର କିଛି ଅଧିକ ଉଦାହରଣ ଦିଆଯାଇଛି :

- ଝାରଖଣ୍ଡର ନିୟମଗିରି ପର୍ବତମାଳାର ନିୟମ ଡୋଙ୍ଗର ପାହାଡ ଡୋଙ୍ଗରିଆ କନ୍ଧ ଜନଜାତିଙ୍କ ପାଇଁ ପବିତ୍ର ଅଟେ । ସେମାନେ ବିଶ୍ୱାସ କରନ୍ତି ଯେ ପାହାଡ ହେଉଛି ନିୟମ ରାଜାଙ୍କ ବାସସ୍ଥାନ, ଯିଏ କି ସର୍ବୋଚ୍ଚ ଦେବତା ଏବଂ ସେମାନଙ୍କ ଜୀବନ ଧାରଣ ପାଇଁ ଆବଶ୍ୟକ ସମସ୍ତ ବସ୍ତୁ ପ୍ରଦାନ କରିଥାନ୍ତି । ଏଠାରେ ଗଛ କାଟିବା ନିଷେଧ ଏବଂ ଏପରି କାର୍ଯ୍ୟକୁ ଦେବତାଙ୍କ ପ୍ରତି ଅସମ୍ମାନ ବୋଲି ବିବେଚନା କରାଯାଇଥାଏ ।
- 2000 ମସିହା ପ୍ରାରମ୍ଭରେ ସିକ୍କିମ୍ ସରକାର ଅନେକ ପବିତ୍ର ପର୍ବତ, ଗୁମ୍ଫା, ହ୍ରଦ, ପଥର ଏବଂ ଉଷ୍ଣ ଝରଣାକୁ ଚିହ୍ନଟ କରି ସେଗୁଡିକୁ ସମସ୍ତ ପ୍ରକାର କ୍ଷୟକ୍ଷତିରୁ ସୁରକ୍ଷିତ ରଖିଥିଲେ ।
- ତାମିଲନାଡୁର ନୀଳଗିରିରେ ଥିବା ଟୋଡା ଜନଜାତି ଅନେକ ପର୍ବତ ଶିଖରକୁ ପବିତ୍ର ବୋଲି ମାନି ସେମାନଙ୍କର ଦେବତାମାନଙ୍କ ସହିତ ଯୋଡିଥାନ୍ତି । ସେମାନେ ସେମାନଙ୍କର ପରମ୍ପରା ସହିତ ସଂପୃକ୍ତ ଅନେକ ଗଛ ଲତାକୁ ପବିତ୍ର ବୋଲି ମନେ କରିଥାନ୍ତି । ସୋଲା ଜଙ୍ଗଲ, ଆର୍ଦ୍ରଭୂମି, କେତେକ ନିର୍ଦ୍ଦିଷ୍ଟ ପଥର ଏବଂ ବୃକ୍ଷ ଏହାର ଅନ୍ତର୍ଭୁକ୍ତ ।

ପବିତ୍ର ଭୂଗୋଳ ସମ୍ପର୍କରେ ସଚେତନ ହେବା

ଭାରତରେ କେତେକ ପବିତ୍ରସ୍ଥାନ ମାନଚିତ୍ରରେ ଚିହ୍ନଟ କରାଯାଇଛି । (ଚିତ୍ର 7.6)) ଯାହା ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି । ଯଦିଓ ଏହା ସମଗ୍ର ଭାରତବର୍ଷରେ ବ୍ୟାପିଛି, ସେସବୁ ପରସ୍ପର ସହିତ ସଂପୃକ୍ତ । ଉଦାହରଣ ସ୍ୱରୂପ– କେତେକ ହିନ୍ଦୁ ଭାରତର ଚାରିଧାମ ଯାତ୍ରା କରିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି ଯାହା ଭାରତର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ କୋଣରେ ଅବସ୍ଥିତ । 12 ଟି ଜ୍ୟୋର୍ତିଲିଙ୍ଗ କ୍ଷେତ୍ରରେ ସେହିପରି ଧାରଣା ରହିଛି ଯାହାକୁ ଅତ୍ୟନ୍ତ ପବିତ୍ର ବୋଲି ମନେ କରାଯାଇଥାଏ । ସେହିପରି 51 ଟି ଶକ୍ତି ପୀଠ ମଧ୍ୟ ସମଗ୍ର ଭାରତ ମାନଚିତ୍ରକୁ ଅଧିକାର କରିଅଛି, ଏପରିକି (ବର୍ତ୍ତମାନର ପାକିସ୍ଥାନ ଓ ବଙ୍ଗଳାଦେଶର କିଛି ଅଂଶ ସହିତ) ଅନେକ ଆଞ୍ଚଳିକ ନେଟୱାର୍କର ସଂଯୋଗ ରହିଛି ।

ଏହି ନେଟୱାର୍କସବୁ ଭାରତର ସମସ୍ତ ଦୈର୍ଘ୍ୟ ଓ ପ୍ରସ୍ଥକୁ ସଂଯୁକ୍ତ କରି ଏକ ପବିତ୍ର ଭୂଗୋଳ ମଣ୍ଡଳ ତିଆରି କରିଅଛି । ଯାହାର ଫଳସ୍ୱରୂପ ସମଗ୍ର ଭାରତ ଭୂମି ପବିତ୍ର ବୋଲି ବିବେଚିତ ହୋଇଛି । 15 ଟି ଶକ୍ତିପୀଠ ବିଷୟରେ ଏକ କାହାଣୀ ରହିଛି । ଶକ୍ତିରୂପିଣୀ ସତୀ ଓ ତାଙ୍କ ସ୍ୱାମୀ ଶିବଙ୍କୁ ତାଙ୍କର ପିତା ଅପମାନିତ କରିଥିଲେ । ସତୀ ଅତ୍ୟନ୍ତ କ୍ରୋଧିତ ହୋଇ ନିଜକୁ ଅଗ୍ନିରେ ଝାସ ଦେଲେ । ଶିବ ଏଥିରେ କ୍ରୋଧିତ ହୋଇ ସତୀଙ୍କ ଶରୀରକୁ ନେଇ ଅନ୍ତିମ ସଂସ୍କାର କରିବାକୁ ମନାକରିଦେଲେ ।

12 ଟି ଜ୍ୟୋର୍ତିଲିଙ୍ଗ ସମଗ୍ର ହିନ୍ଦୁ ଦେବତା ଶିବଙ୍କୁ ଉତ୍ସର୍ଗୀକୃତ ପବିତ୍ର ପୂଣ୍ୟକ୍ଷେତ୍ର । ପ୍ରତ୍ୟେକ ପୀଠର ନିଜସ୍ୱ ସ୍ୱତନ୍ତ୍ର ପୌରାଣିକ କଥାବସ୍ତୁ ଓ ନାମ ରହିଛି ।


AP SCERT

ଶିବଙ୍କ କ୍ରୋଧ ସମଗ୍ର ପୃଥିବୀ ଓ ବ୍ରହ୍ମାଣ୍ଡ ପାଇଁ ବିପଜ୍ଜନକ ଥିଲା । ତେଣୁ ଭଗବାନ ବିଷ୍ଣୁ ସତୀଙ୍କ ଶରୀରକୁ କାଟିବା ପାଇଁ ତାଙ୍କର ସୁଦର୍ଶନ ଚକ୍ର ବ୍ୟବହାର କଲେ । ଭାରତୀୟ ଉପମହାଦେଶର ଏସବୁ ହେଉଛି ସେହି ଶକ୍ତିପୀଠ ଯେଉଁଠାରେ ମା ସତୀଙ୍କର ଖଣ୍ଡବିଖଣ୍ଡିତ ଶରୀରର ବିଭିନ୍ନ ଅଂଶ ପଡିଥିଲା । ଏହି କାହାଣୀ ପଛରେ ଥିବା ସଙ୍କେତରୁ ଜଣାପଡିଲା ଯେ ଏହି ସମଗ୍ର ଭୂଖଣ୍ଡ ମା' ସତୀଙ୍କର ସମଗ୍ର ଶରୀରର ପବିତ୍ର ଅଙ୍ଗ ବୋଲି ବିବେଚିତ ହେଲା ।

ଆସ ଅନୁସନ୍ଧାନ କରିବା

ଚାରିଧାମ ଅବସ୍ଥାନ ଉପରେ ଧ୍ୟାନ ଦିଅ । ତୁମେ କଣ ଭାବୁଛ, ଉତ୍ତର–ଦକ୍ଷିଣ ଏବଂ ପୂର୍ବ–ପଶ୍ଚିମ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏସବୁ ପ୍ରଯୁଜ୍ୟ ?

ଯେତେବେଳେ ତୀର୍ଥଯାତ୍ରୀମାନେ ତାଙ୍କ ନିଜର ଧର୍ମ ବା ବିଶ୍ୱାସ ସହ ସଂପୃକ୍ତ ପବିତ୍ର ସ୍ଥାନସବୁ ପରିଦର୍ଶନ କରୁଥିଲେ, ସ୍ୱାଭାବିକ ଭାବରେ ଭାରତର ସମଗ୍ର ଭୂଖଣ୍ଡକୁ ଗମନ କରୁଥିଲେ । ସେମାନେ ବିଭିନ୍ନ ଭାଷା, ରୀତିନୀତି, ପୋଷାକ ଏବଂ ଖାଦ୍ୟ ଆଦିର ସଂସ୍ପର୍ଶରେ ଆସୁଥିବା ସହିତ ବିଭିନ୍ନ ସମାନତାକୁ ମଧ୍ୟ ଅବଲୋକନ କରୁଥିଲେ ।



ଚିତ *7.6.* ମାନଚିତ୍ରରେ କିଛି ନେଟୱାର୍କ ସହ ପାରମ୍ପାରିକ ତୀର୍ଥସ୍ଥାନ ଦର୍ଶାଯାଇଛି

AP SCERT

ଆସ ଅନୁସନ୍ଧାନ କରିବା

ତୁମେ ମାନଚିତ୍ରରେ ଦିଆଯାଇଥିବା କିଛି ପାରମ୍ପାରିକ ତୀର୍ଥସ୍ଥାନର ନାମ ଚିହ୍ନଟ କରିପାରିବ କି ? ତୁମେ ଜାଣିବା ପାଇଁ ବହିର ଶେଷରେ ଥିବା ରାଜନୈତିକ ମାନଚିତ୍ରକୁ ଅନୁସରଣ କରିପାର ।

ଲୋକମାନେ ଏତେ ଦୂର ଯାତ୍ରା କରୁଥିଲେ କାହିଁକି ? ଧାର୍ମିକ ଭାବନା ବ୍ୟତୀତ କେତେକ ବଣିକ ଓ ବ୍ୟବସାୟୀ ନିଜ ଦ୍ରବ୍ୟର ବିନିମୟ ନିମନ୍ତେ, ଅନ୍ୟ କେତେକ ନିଜର ଚିନ୍ତାଧାରା ଓ ବିଶ୍ୱାସକୁ ଆଲୋଚନା, ବା ବିତର୍କ ଦ୍ୱାରା ଲୋକପ୍ରିୟତା ନିମନ୍ତେ ତୀର୍ଥଯାତ୍ରା କରିଥାନ୍ତି । ବିଶିଷ୍ଟ ଶିକ୍ଷାବିଦ୍ ମାନଙ୍କଠାରୁ ଶିକ୍ଷା ଓ ଅଧ୍ୟୟନ ନିମନ୍ତେ ଦୂରଯାତ୍ରା କରୁଥିଲେ । ଯଦିଓ ସେମାନେ ଭିନ୍ନ ଲକ୍ଷ୍ୟନେଇ ଯାତ୍ରା କରୁଥିଲେ, ସେମାନଙ୍କ ଯାତ୍ରାପଥ ଗୋଟିଏ ଥିଲା । ସେମାନଙ୍କ ମଧ୍ୟରେ ଆଲୋଚନା ଓ ବିତର୍କ, ଦ୍ରବ୍ୟର ଆଦାନ ପ୍ରଦାନ, ଅଭିଜ୍ଞତା ଏବଂ କାହାଣୀ ସମସ୍ତଙ୍କୁ ସମୃଦ୍ଧ କଲା । ନୂତନ ଚିନ୍ତାଧାରା ସୃଷ୍ଟିହେଲା ଏବଂ ପୂରାତନ ଚିନ୍ତାଧାରାକୁ ପରିବର୍ତ୍ତନ କରାଗଲା । ଏହି ଜଟିଳ ପ୍ରକ୍ରିୟା ଭାରତୀୟ ଉପମହାଦେଶର ସାଂସ୍କୃତିକ ଏକତ୍ରୀକରଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ପବିତ୍ର ପରିବେଶ

ସାଧାରଣତଃ ତୀର୍ଥସ୍ଥାନଗୁଡିକ ହ୍ରଦ ବା ନଦୀକୂଳରେ, ଅରଣ୍ୟ ବା ପର୍ବତ ଉପରେ ଅବସ୍ଥିତ ଥିଲା । ଆମେ ଯାହା ଦେଖିଲୁ ଯେ ପ୍ରାକୃତିକ ଭୂକ୍ଷେତ୍ର ସବୁକୁ ପବିତ୍ର ବା ପୁଣ୍ୟକ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି । ଏହି ଅବଧାରଣା ଆମକୁ ପ୍ରାକୃତିକ ସୁରକ୍ଷା ଓ ସଂରକ୍ଷଣ କରିବାରେ ସାହାଯ୍ୟ କରିଛି, ଯେହେତୁ ଆମେ ଏହାଠାରୁ ଭିନ୍ନ ନୁହନ୍ତି । ତେଣୁ ଏହି ସବୁ କ୍ଷେତ୍ରରେ ଭୂଗୋଳ, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ସମ୍ମେଳନ ଘଟିଛି ।

ନଦୀ ଓ ସଙ୍ଗମ(ନଦୀମାନଙ୍କର ମିଳନସ୍ଥଳ)

ବୈଦିକ କାଳରୁ ଭାରତରେ ନଦୀମାନଙ୍କୁ ପୂଜା କରାଯାଇ ଆସୁଅଛି । ଋଗ୍ ବେଦରେ "ନଦୀସ୍ତୁତି ସୁକ୍ତ" ହେଉଛି ନଦୀମାଙ୍କର ପ୍ରଶଂସାରେ ଲିଖିତ ସ୍ତୋତ୍ର(ସୁକ୍ତ) ଯେଉଁଠାରେ ଉତ୍ତର-ପଶ୍ଚିମ ଭାରତର ପ୍ରାଚୀନ 19 ଟି ମୁଖ୍ୟ ନଦୀକୁ ଆହ୍ୱା ନ କରାଯାଇଥାଏ । ଆଜିମଧ୍ୟ ଭାରତର ଅନେକ ଧାର୍ମିକ ରୀତିନୀତିରେ କେତେକ ପ୍ରଧାନ ନଦୀର ଉପସ୍ଥିତିକୁ ଆହ୍ୱାନ କରାଯାଇଥାଏ ।

" ଗଙ୍ଗେଚ-ଯମୁନା ଚୈବ ଗୋଦାବରୀ ସରସ୍ୱତୀ ନର୍ମେଦସିନ୍ଧୁ କାବେରୀ ଜଳେସ୍ମିନ ସନ୍ନିଧିମ କୁରୁ "
ଗଙ୍ଗା, ଯମୁନା,ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀ ଏହି ଜଳରେ ପ୍ରକଟିତ ହୁଅନ୍ତି ।

ସେହି ନଦୀଗୁଡିକ ଭାରତୀୟ ସଭ୍ୟତା ପାଇଁ ଜୀବନରେଖା ହୋଇ ଆସୁଛନ୍ତି । ସେମାନଙ୍କ ଉତ୍ସ , ଶାଖା ଏବଂ ପ୍ରବାହିତ ସ୍ଥାନ ପବିତ୍ର ବୋଲି ବିବେଚିତ ହୋଇଥାଏ ଏବଂ ବହୁ ତୀର୍ଥଯାତ୍ରୀ ଏହିସବୁ ସ୍ଥାନ ପରିଦର୍ଶନ କରିଥାନ୍ତି । ଏହି ନଦୀଗୁଡିକୁ ସମ୍ମାନର ସହିତ "ଗଙ୍ଗାମାତା" କିମ୍ବା "ଯମୁନାମାତା", "କ୍ରିଷ୍ଣାମ୍ମା ତାଲ୍ଲି", "ଗୋଦାରାମ୍ମା ତାଲ୍ଲି" ବୋଲି ସମ୍ବୋଧନ କରାଯାଇଥାଏ ।

AP SCERT

ମନେ ରଖ

- ପ୍ରୟାଗରାଜଠାରେ ପ୍ରତି ଛଅ ବର୍ଷରେ ଥରେ କୁମ୍ଭମେଳାର ଆୟୋଜନ କରାଯାଇଥାଏ । ଗଙ୍ଗା, ଯମୁନା ଏବଂ ଦୃଷ୍ଟିଗୋଚର ହେଉ ନଥିବା ସରସ୍ୱତୀର ସଙ୍ଗମ ସ୍ଥଳରେ ପ୍ରୟାଗରାଜ ଅବସ୍ଥିତ । କିଛି ବର୍ଷ ପୂର୍ବ **UNESCO** କୁମ୍ଭମେଳାକୁ ବିଶ୍ୱର ଏକ ମହାନ ଐତିହ୍ୟର ମାନ୍ୟତା ପ୍ରଦାନ କରିଛି ।
- 2025 ମସିହାର କୁମ୍ଭମେଳାରେ ଆନୁମାନିକ 660 ମିଲିୟନ ଲୋକ ଅଂଶ ଗ୍ରହଣ କରିଥିଲେ । ସମୁଦାୟ ଭାରତର ଜନସଂଖ୍ୟାର ଏହା କେତେ ଭାଗ ଜାଣିଛ ?

କୁମ୍ଭମେଳା




ଚିତ୍ର 7.7

'ଅମୃତ ମନ୍ଥନ' ର କିମ୍ବଦନ୍ତୀରୁ କୁମ୍ଭମେଳାର ସୃଷ୍ଟି ନିଜ ନିଜର ପାରମ୍ପାରିକ ଶତ୍ରୁ ଦେବତା ଓ ଅସୁର ସମୁଦ୍ର ମନ୍ଥନ କରିବା ପୂର୍ବକ ଐଶ୍ୱରୀକ ଅମୃତ ଲାଭ କରି ଅମରତ୍ୱ ପ୍ରାପ୍ତ ନିମନ୍ତେ ଏକତ୍ରିତ ହୋଇଥିଲେ ।

ଅସୁରମାନଙ୍କୁ ଅମୃତ ଲାଭରୁ ବଞ୍ଚିତ କରିବା ପାଇଁ ବିଷ୍ଣୁ ମୋହିନୀ ନାମକ ଏକ ସୁନ୍ଦର ନାରୀ ରୂପ ଧାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ କେତୋଟି ଅମୃତବିନ୍ଦୁ ହରିଦ୍ୱାର, ପ୍ରୟାଗରାଜ,ନାସିକ ଏବଂ ଉଜ୍ଜୟିନୀ ଚାରୋଟି ସ୍ଥାନରେ ପଡିଥିଲା । ଏହି ସ୍ଥାନ ମାନଙ୍କରେ କୁମ୍ଭମେଳା ଅନୁଷ୍ଠିତ ହେଇଥାଏ । ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନଦୀରେ ବୁଡ ପକାଇଲେ ଅତ୍ୟନ୍ତ ପୁଣ୍ୟଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ଏହା ବିଷୟରେ ଚିନ୍ତା କର



ଚିତ୍ର 7.8

ଲୋକମାନଙ୍କର ଅର୍ଥନୈତିକ ଜୀବନ ଓ କାର୍ଯ୍ୟକଳାପ ସହିତ ଏହିସବୁ ଧାର୍ମିକ ସ୍ଥାନଗୁଡିକର ସମ୍ପର୍କ କିପରି ରହିଛି ବୋଲି ଭାବୁଛ ? ନିଜ ମନରୁ ଚିନ୍ତାକରି ଏହିସବୁ ସମ୍ପର୍କୀୟ ଏକ ମାଇଣ୍ଡମ୍ୟାପ ଅଙ୍କନ କର । (ସୂଚନା : ଏହି ଚିତ୍ରଟି ତୁମକୁ କିଛି ସୂଚନା ପ୍ରଦାନ କରିବ)

APSCERT

ପର୍ବତ ଏବଂ ଜଙ୍ଗଲ

ସାରା ବିଶ୍ୱରେ ପର୍ବତଗୁଡିକ କୌଣସି ନା କୌଣସି କିମ୍ବଦନ୍ତୀ, ଦେବତା ଏବଂ ମହାପୁରୁଷମାନଙ୍କ ସହିତ ସଂପୃକ୍ତ ହୋଇଥାନ୍ତି । ସେମାନଙ୍କର ଭାବନା ଦୃଷ୍ଟିରୁ ପର୍ବତଗୁଡିକୁ ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ଏକ ସାଙ୍କେତିକ ଦ୍ୱାର ଭାବରେ ବର୍ଣ୍ଣନା କରାଯାଇଛି । ଅନେକ ତୀର୍ଥସ୍ଥାନ ଉଚ୍ଚ ପର୍ବତ ଶିଖର ଉପରେ ନିର୍ମିତ ହୋଇଛି । ପର୍ବତାରୋହଣ ସହିତ ଦେବତାମାନଙ୍କ ପାଖକୁ କିଛି ସ୍ୱର୍ଗକୁ ଯାତ୍ରା କରିବାର ଅନୁଭୂତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଲୋକେ ସେହି ସ୍ଥାନ ବା ମନ୍ଦିରକୁ ପର୍ବତ ରାସ୍ତା ଦେଇ କଷ୍ଟଦାୟକ ଯାତ୍ରା କରୁଥିଲେ, ଯାହା କେବଳ ସେମାନଙ୍କର ଶାରୀରିକ ଦକ୍ଷତା ନୁହେଁ, ମାନସିକ ଶକ୍ତିର ପରୀକ୍ଷା ମଧ୍ୟ ହେଉଥିଲା । ଆଜି ଉକ୍ତ ସ୍ଥାନଗୁଡିକୁ ସଡକ ଏବଂ ଅନ୍ୟାନ୍ୟ ପରିବହନ ମାଧ୍ୟମରେ ସହଜରେ ଯାଇ ହେଉଛି ।



ଚିତ୍ର 7.9

ବୃକ୍ଷ, ଜଙ୍ଗଲ ଏବଂ ପବିତ୍ର କାନନ :

ଭାରତର ଅନେକ ସ୍ଥାନରେ ବୃକ୍ଷଗୁଡିକୁ ହଳଦୀ ଏବଂ କୁଙ୍କୁମ ପରି ଦ୍ରବ୍ୟ ଅର୍ପଣ କରାଯାଇ ସଜ୍ଜିତ କରାଯାଇଥାଏ । ଡିମ୍ବିରି ପ୍ରଜାତିର ଏକ ବୃକ୍ଷ ହେଉଛି "ଉସ୍ତ"(ପିପିଲି) "ବୋ" ବୃକ୍ଷ (ସଂସ୍କୃତରେ ଅଶ୍ୱତ୍ଥ) ଯାହାକୁ "ବୋଧିବୃକ୍ଷ" ମଧ୍ୟ କୁହାଯାଏ । ତାହା ହିନ୍ଦୁ, ବୌଦ୍ଧ, ଶିଖ ଏବଂ ଜୈନମାନଙ୍କର ଏକ ପବିତ୍ର ବୃକ୍ଷ । ପ୍ରକୃତରେ ଏହି ବୃକ୍ଷର ବୈଜ୍ଞାନିକ ନାମ ହେଉଛି "ଫିକସ୍ ରେଲିଜିଏସା"(ଯାହାର ଲାଟିନ ଅର୍ଥ ହେଉଛି ଧାର୍ମିକ ବୃକ୍ଷ ବା ପବିତ୍ର ଡିମ୍ବିରି ବୃକ୍ଷ ।

RSCERT



ଚିତ୍ର *7.10.* ବୋଧଗୟାର ମହାବୋଧି ମନ୍ଦିରରେ ଥିବା ଗଛଟିକୁ ମୂଳତଃ, ଯେଉଁ ବୃକ୍ଷମୂଳରେ ଗୌତମ ବୁଦ୍ଧ ଧ୍ୟାନରେ ବସି ଜ୍ଞାନ ଲାଭ କରିଥିଲେ , ସେହି ବୋଧିଦ୍ରୁମର ଏକ ଅଂଶ ବୋଲି ଧରି ନିଆଯାଇଥାଏ । ତେଣୁ ସେହି ବୃକ୍ଷକୁ ବୋଧିବୃକ୍ଷ ବା ବୋଧଗୟା କୁହାଯାଉଛି ।

ଷଷ୍ଠ ଶ୍ରେଣୀରେ ଆମେ ଭାରତର ଦୁଇଟି ମହାକାବ୍ୟ "ରାମାୟଣ" ଏବଂ "ମହାଭାରତ" ବିଷୟରେ ପଢିଥିଲୁ । ଏହି ପାଠରେ ତୀର୍ଥଯାତ୍ରା ଓ ପରିଦର୍ଶନର ସ୍ଥାନ ଏବଂ ପବିତ୍ର ନଦୀ, ଜଙ୍ଗଲ ଓ ପର୍ବତ ଗୁଡିକ ସମ୍ପର୍କରେ ଧାରଣା ଦିଆଯାଇଛି । ଭାରତରେ ଅନେକ ଅଞ୍ଚଳର ଅଧିବାସୀ ଓ ଜନଜାତିର ଲୋକେ ଦାବି କରନ୍ତି ଯେ ଏହି ପାଠର ନାୟକ ବା ଚରିତ୍ରମାନେ ତାଙ୍କ ଅଞ୍ଚଳ ଦେଇଯାଇଥିଲେ ଏବଂ ଏପରି ଯିବା ଆସିବାକୁ ସ୍ମରଣୀୟ କରିବା ପାଇଁ ମନ୍ଦିର ସବୁ ନିର୍ମିତ ହୋଇଛି । ଏହିପରି କିମ୍ବଦନ୍ତିସବୁ ଦୁଇ ମହାକାବ୍ୟ ରାମାୟଣ ଓ ମହାଭାରତକୁ ଭିନ୍ନ ଭିନ୍ନ ସଂପ୍ରଦାୟରେ ନିଜର ବୋଲି ମନେ କରିଥାନ୍ତି ।



ଚିତ୍ର *7.11* ଛତିଶଗଡର ବସ୍ତର ଅଞ୍ଚଳ ଦେଇ ରାମଙ୍କ ଗମନ ଉତ୍ସବ ପାଳନ କରୁଥିବା ଏକ ମନ୍ଦିର



ଚିତ୍ର *7.12* ମହେଞ୍ଜୋଦାରୋର ଏକ ମୁଦ୍ରା

ମହେଞ୍ଜୋଦାରୋର ମୁଦ୍ରାଟିକୁ ଲକ୍ଷ୍ୟ କର । ଚିତ୍ରର ଉପରେ ଥିବା ଏହି ପତ୍ରଟିକୁ ଚିହ୍ନି ପାରୁଛ କି ? ତୁମେ ଦେଖି ପାରୁଥିବ ଯେ ଅଶ୍ୱତ୍ଥ ବୃକ୍ଷ ଯୁଗଯୁଗ ଧରି ଭାରତରେ ସାଂସ୍କୃତିକ ଭୂଗୋଳର ଏକ ଗୁରିତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛି ।

ଏହା ବିଷୟରେ ଚିନ୍ତା କର

ଅଶ୍ୱତ୍ଥ ବୃକ୍ଷର ଅନେକ ଅଂଶରେ ଔଷଧୀୟ ଗୁଣ ରହିଛି । ଏହାର ପତ୍ର କେତେକ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଥାଏ ଏବଂ ଏହାର ବକଳ ପେଟରୋଗ ପାଇଁ ବହୁତ ଉପଯୋଗୀ । ବର୍ଷସାରା ଏହା ସବୁଜ ରହୁଥିବାରୁ ଏଥିରେ ଅନେକ ପ୍ରକାରର ପକ୍ଷୀ ଏବଂ ପଶୁମାନଙ୍କୁ ଖାଦ୍ୟ ଓ ଆଶ୍ରୟ ମିଳିଥାଏ ।

AP SCERT

ସମୟକ୍ରମେ ଭାରତର ଅନେକ ଗ୍ରାମୀଣ ଓ ଜନଜାତି ସଂପ୍ରଦାୟ ଶିକାର କରିବା, ଗଛ କାଟିବା କିମ୍ବା ଖଣି ଖୋଳିବା ଭଳି ବିଭିନ୍ନ କ୍ଷତିକାରକ କାର୍ଯ୍ୟକଳାପରୁ କ୍ଷାନ୍ତ ରହି ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା ଦେବାକୁ ନିଷ୍ପତ୍ତି କରିଛନ୍ତି । ସେମାନେ ସେହି ଜଙ୍ଗଲଗୁଡିକୁ ଦେବତାମାନଙ୍କ ବାସସ୍ଥାନ ବୋଲି ଭାବୁଛନ୍ତି । ମେଘାଳୟର ରିଙ୍ଗ୍‌କେଇ ବା ବାସା ଏହାର କେ ଉଦାହରଣ । ସ୍ୱତନ୍ତ୍ର ଜଙ୍ଗଲଗୁଡିକୁ ଇଂରାଜୀରେ ସାକ୍ରେଡ ଗ୍ରୋଭସ୍ ବା ପବିତ୍ରକାନନ ବୋଲି କୁହାଯାଏ । (ଆଞ୍ଚଳିକ ଭାଷାରେ କିଛି ନାମ ପାଇଁ ନିମ୍ନରେ ଥିବା ସାରଣୀଟିକୁ ଦେଖ) । ସେହିସବୁ ସ୍ଥାନର ପବିତ୍ରତା ହେତୁ ଅନେକ ଉଦ୍ଭିଦ ଓ ପ୍ରାଣୀଜଗତ ବିବିଧତାରେ ଆଶ୍ରୟ ନେଇଥାନ୍ତି । ଅନେକ ପବିତ୍ର କାନନ ଛୋଟ ପୁଷ୍କରିଣୀ ବା ଜଳାଶୟ ମଧ୍ୟରେ ରହିଛି, ଯାହା ଜଳ ସଂରକ୍ଷଣରେ ସାହାଯ୍ୟ କରିଥାଏ ।


ଭାରତରେ ଏପରି ହଜାର ସଂଖ୍ୟକ ପବିତ୍ର ବନାନୀ ଥିଲା । ଦୁଃଖର କଥା କୃଷିରୁ ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ଦେଶ୍ୟରେ ଲୋକେ ଏହାକୁ ଅଧିକାର କରିବା ଆରମ୍ଭ କରିବାରୁ ଏହି ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି । ତଥାପି ଭାରତର ଅନେକ ଅଞ୍ଚଳରେ ପବିତ୍ର ବନାନୀଗୁଡିକ ସୁରକ୍ଷିତ ହୋଇ ରହିଛି ।



ଚିତ୍ର 7.13 କାଲ୍‌କାଇ ମନ୍ଦିର, ମୁଲସି, ମହାରାଷ୍ଟ୍ର



ଚିତ୍ର *7.14* ମାଓପଲଙ୍ଗ, ସିଲଂ



ଚିତ୍ର *7.15* ଭିଲମାନଙ୍କ ପବିତ୍ରସ୍ଥାନ



ଚିତ୍ର *7.16* ଉଦୟୁଙ୍କୁଡୁକାଡୁ କାରୁମ୍ୟୟୀରାମ୍‌କୋଣ୍ଡନ, ତାମିଲନାଡୁ

© NCERT

ଆଞ୍ଚଳିକ ଭାଷାରେ ଭାରତର କେତେକ ପବିତ୍ର ବନାନୀର ନାମ ନିମ୍ନରେ ଦିଆଯାଇଛି, ତୁମେ ଏହାକୁ ଯୋଡି ପାରିବ କି?

ମାଲାୟଲାମ	କାଭୁ
ତାମିଲ	କୋଭିକାଡୁ
କନ୍ନଡ	ଦେବାରେକାଡୁ
ମରାଠୀ	ଦେବରାଇ
ଖାସି	ଖ୍ଲାଉକିନଟାଙ୍ଗ
ହିନ୍ଦି	ଦେବଭାନ
ଝାରଖଣ୍ଡ	ସରନା
ଛତିଶଗଡ	ଦେବଗୁଡି
ରାଜସ୍ଥାନ	ଓରାନ

ତାମିଲନାଡୁର ସ୍ଥାନୀୟ ଇତିହାସଗୁଡିକ ପବିତ୍ର ବନ, ପ୍ରକୃତି ଏବଂ ମଣିଷମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉଜାଗର କରିଥାନ୍ତି । ତାଞ୍ଜାଭୂର ଜିଲ୍ଲାର ଏପରି ଏକ ଇତିହାସରେ ଉଲ୍ଲେଖ ଅଛି ଯେ, ବନର ଦେବତାମାନେ ଫଳ ବାଦୁଡିମାନଙ୍କୁ ରକ୍ଷା କରନ୍ତି । ଯାହାକୁ ପବିତ୍ର ବିବେଚନା କରାଯାଇଥାଏ । ସେଥିମଧ୍ୟରୁ ଗୋଟିକୁ ଦେଖିଦେବା ମଧ୍ୟ ଶୁଭ ବୋଲି ମନେକରାଯାଏ । ଏହା ବ୍ୟତୀତ ବାଦୁଡିମାନେ ଫୁଲର ପରାଗ ସଙ୍ଗମ ଏବଂ ବୀଜ ବିକ୍ଷେପଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏପରି ଭାବେ ପବିତ୍ର ଅରଣ୍ୟ ସବୁ ଦେବତା, ପରିବେଶ ଏବଂ ମଣିଷମାଙ୍କ ମଧ୍ୟରେ ଏକ ସୁସହାବସ୍ଥାନ ସୃଷ୍ଟି କରିଥାନ୍ତି ।

ତୀର୍ଥଯାତ୍ରାରୁ ବାଣିଜ୍ୟ ପର୍ଯ୍ୟନ୍ତ

ତୀର୍ଥ ଯାତ୍ରୀମାନେ ତୀର୍ଥଯାତ୍ରା ସମୟରେ ବ୍ୟବସାୟୀ ଓ ବଣିକମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି । ଏପରି ଭାବରେ ଆଦାନ ପ୍ରଦାନ ଉଭୟ ଗୋଷ୍ଠିକୁ ଉପକୃତ କରିଥାଏ । ତୀର୍ଥଯାତ୍ରୀମାନେ ଆବଶ୍ୟକ କରୁଥିବା ବିଭିନ୍ନ ସାମଗ୍ରୀ ବ୍ୟବସାୟୀମାନେ ଯୋଗାଇ ଦେଇଥାନ୍ତି । ଫଳସ୍ୱରୂପ ତୀର୍ଥଯାତ୍ରା ପଥ ଏବଂ ବାଣିଜ୍ୟିକ ପଥ ଅନେକ ସମୟରେ ପରସ୍ପର ମିଶି ଯାଆନ୍ତି । କେତେକ ବ୍ୟବସାୟୀ ତୀର୍ଥସ୍ଥାନ ପରିଦର୍ଶନ କରିବା ସହିତ ଦୂର ସହର ଏବଂ ନଗରକୁ ନିଜର ଜିନିଷପତ୍ର ବୋହି ନେଇ ଯାଇଥାନ୍ତି ।



AP SCERT

ପ୍ରାଚୀନ ଭାରତରେ ଏହି ବ୍ୟବସାୟୀମାନେ କେଉଁ ପଥ ବ୍ୟବହାର କରୁଥିଲେ ? 'ସାମ୍ରାଜ୍ୟର ଅଭ୍ୟୁଦୟ' ଅଧ୍ୟାୟରେ ବାଣିଜ୍ୟ ପଥର ମାନଚିତ୍ରଟିକୁ (ଚିତ୍ର 5.5) ଆଉଥରେ ଦେଖ । ଉତ୍ତରାପଥ ଏହି ଉପମହାଦେଶର ଉତ୍ତର-ପଶ୍ଚିମ ଏବଂ ପୂର୍ବ ଭାଗକୁ ସଂଯୋଗ କରୁଥିବା ଏକ ମୁଖ୍ୟ ବାଣିଜ୍ୟ ପଥ ଥିଲା । ଦକ୍ଷିଣାପଥ ଉଜ୍ଜୟିନୀ(ଉଜ୍ଜୈନ) ଦେଇ କୌଶାମ୍ବୀ ଓ ପ୍ରତିଷ୍ଠାନ(ପାଇଥାନ) ପର୍ଯ୍ୟନ୍ତ ଯାଇଥିଲା । ତୁମେ ଜାଣିଥିବ ଯେ ଏହି ସବୁ ପଥ ଦେଇ ସାମୁଦ୍ରିକ ଶଙ୍ଖ, ମୋତି, ମୁଦ୍ରା, ସୁନା ଓ ହିରା ସହିତ କପା, ମସଲା ଏବଂ ଚନ୍ଦନ କାଠ ପ୍ରଭୃତି ବହୁ ମୂଲ୍ୟ ଦ୍ରବ୍ୟ ଓ ପଥର କାରବାର ହେଉଥିଲା ।

ଆସ ଅନୁସନ୍ଧାନ କରିବା

ଟ୍ରେସିଂ ପାଇଁ ବ୍ୟବହାର କରାଯାଉଥିବା ଏକ ସ୍ୱଚ୍ଛ କାଗଜ ନିଅ । ସାମ୍ରାଜ୍ୟର ଅଭ୍ୟୁଦୟ ଅଧ୍ୟାୟରୁ ବାଣିଜ୍ୟ ପଥର ଏକ ମାନଚିତ୍ର ଟ୍ରେସ କର। ମୁଖ୍ୟ ତୀର୍ଥ ସ୍ଥାନର ମାନଚିତ୍ର ଉପରେ ଏହାକୁ ରଖ । ତୁମେ କଣ ଲକ୍ଷ୍ୟ କରିବ ?

ଭାରତ ବାହାରେ ପବିତ୍ର ସ୍ଥାନ

ପବିତ୍ର ସ୍ଥାନ ବା ଭୂଗୋଳର ଧାରଣା ଓ ଆଚାର ଭାରତ ପାଇଁ ଅଲଗା ନୁହେଁ । ପ୍ରାଚୀନ ଗ୍ରୀସରେ ଅନେକ ପବିତ୍ର ଭୂମିରୂପ ସହିତ ପବିତ୍ର ବୃକ୍ଷଲତା ପର୍ଯ୍ୟନ୍ତ ଅନେକ ପବିତ୍ର ସ୍ଥାନ ରହିଥିଲା । ଆମେରିକାର ମୂଳବାସୀନ୍ଦାମାନେ ପ୍ରକୃତ ସହିତ ଏକ ସ୍ୱତନ୍ତ୍ର ସମ୍ପର୍କ ରଖିଥିଲେ, ଯାହାକୁ ସେମାନେ ପବିତ୍ର ବୋଲି ମନେ କରୁଥିଲେ । ନ୍ୟୁଜିଲାଣ୍ଡର ମାଓରି ଆଦିବାସୀମାନେ ତାରାନାକି ମାଉଙ୍ଗା ପର୍ବତକୁ ସେମାନଙ୍କର ପୂର୍ବପୁରୁଷ ବୋଲି ଭାବି ପବିତ୍ର ମନେ କରୁଥିଲେ । ମାଓରିଙ୍କ ଅନେକ ପ୍ରତିନିଧିତ୍ୱ ପରେ ସମ୍ପ୍ରତି ଉକ୍ତ ପର୍ବତକୁ ମଣିଷ ପରି ଅଧିକାର ଓ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ସଂପ୍ରଦାୟର ବୟୋଜ୍ୟେଷ୍ଠମାନେ ଧ୍ୱଂସ ହେବାର ଆଶଙ୍କା ଥିବା ପର୍ବତ ଓ ନଦୀର ସ୍ୱରକୁ ପ୍ରତିନିଧିତ୍ୱ କରିଥାନ୍ତି । ଯାହା ଫଳରେ ପବିତ୍ର ସ୍ଥାନଗୁଡିକ ଶୋଷିତ ଏବଂ ଅବକ୍ଷୟରୁ ରକ୍ଷା କରାଯାଇପାରିବ ।

ପବିତ୍ରତାର ପୁନରୁଦ୍ଧାର ଏବଂ ସଂରକ୍ଷଣ

ଏହା ବିଷୟରେ ଚିନ୍ତା କର







ଚିତ୍ର 7.18

APSCERT

ଚିତ୍ରରେ ବିବେଚିତ ହୋଇଥିବା ପବିତ୍ର ସ୍ଥାନ ଏବଂ ପଶୁମାନଙ୍କର ଏହି ଚିତ୍ରକୁ ଧ୍ୟାନର ସହ ଲକ୍ଷ୍ୟ କର । ଉତ୍ତରରେ ଯମୁନା, ପୂର୍ବରେ ମହାନଦୀ ଏବଂ ଦକ୍ଷିଣରେ କାବେରୀ ନଦୀ, ସମସ୍ତ ପବିତ୍ର ନଦୀ । ସେସବୁ କିପରି ଏତେ ପରିମାଣରେ ପ୍ରଦୂଷିତ ହୋଇଯାଇଛି ? ତୁମ ଅଞ୍ଚଳରେ ଏପରି କୌଣସି ପବିତ୍ର ସ୍ଥାନ ଅଛି କି ? ଯାହା ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସମାନ ଭାବରେ ପ୍ରଦୂଷିତ କିମ୍ବା ଅବକ୍ଷୟ ଅବସ୍ଥାରେ ପଡି ରହିଛି । ଆମ ପବିତ୍ର ସ୍ଥାନଗୁଡିକର ପବିତ୍ରତା ରକ୍ଷା କରିବା କାହାର ଦାୟିତ୍ୱ ? ଏକଥା ଶ୍ରେଣୀରେ ଆଲୋଚନା କର ।

ଯୁଗଯୁଗ ଧରି ଭାରତୀୟ ଅଧିବାସୀ ଓ ପବିତ୍ର ଭୌଗୋଳିକ ସ୍ଥିତି ମଧ୍ୟରେ ଯେଉଁ ସୁସମ୍ପର୍କ ବିରାଜମାନ କରିଥିଲା, ତାହାର ମୂଲ୍ୟବୋଧ ସମଗ୍ର ଭାରତବର୍ଷରେ ଅନୁଭୂତ ହେଉଥିଲା । କିନ୍ତୁ ଆଜି ତାହା ବିପଦର ସମ୍ମୁଖୀନ ହୋଇଛି ।

ପବିତ୍ର ଭୂଗୋଳର ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି । ଯେତେବେଳେ ପ୍ରକୃତି ସହିତ ଆମ ସମସ୍ତଙ୍କର ବାଧା ଉପୁଜିଥାଏ, ସେତେବେଳେ ସମସ୍ୟା ଦେଖାଦିଏ । ଏପରିକି ନଦୀଟି ମାତ୍ରାଧିକ ଶୋଷିତ ହୋଇଗଲେ, ତାହା ସ୍ଥିତି ହରାଇବାର ଅବସ୍ଥାକୁ ଆସିଯାଏ । ପ୍ରତିଯୋଗିତାରେ ପର୍ବତର ଅସ୍ତିତ୍ୱ ଯେତେବେଳେ ଲୋପ ପାଇବାକୁ ବସେ, ସେତେବେଳେ ଲୋକମାନେ ସେମାନଙ୍କର ପରିବେଶ, ଦେବାଦେବୀ ଏବଂ ମୂଲ୍ୟବୋଧକୁ ସୁରକ୍ଷା ଦେବାକୁ ଆଗେଇ ଆସିଥାନ୍ତି । ପ୍ରକୃତିର ସ୍ଥିରତା ଯେତେବେଳେ ପୃଥିବୀର ମୁଖ୍ୟ ପ୍ରସଙ୍ଗ ରୂପେ ଦେଖାଦେଲା, ପବିତ୍ର ଭୂଗୋଳର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତା କରିବାକୁ ଧ୍ୟାନ ଦେବାକୁ ଲାଗିଲେ ।



ଶେଷ କରିବା ପୂର୍ବରୁ .....

→ ଭାରତରେ ସମସ୍ତ ଧର୍ମର ଲୋକମାନଙ୍କର ପବିତ୍ର ସ୍ଥାନ ରହିଛି । ବୌଦ୍ଧ, ଜୈନ, ଶିଖ ଧର୍ମରେ ଏଭଳି ପବିତ୍ର ସ୍ଥାନଗୁଡିକ ସାଧାରଣତଃ ସେହି ବିଶ୍ୱାସର କୌଣସି ମହାନ ବ୍ୟକ୍ତିଙ୍କ ସହ ଜଡିତ ଥାଏ ।

→ ହିନ୍ଦୁ ଧର୍ମରେ ଭାରତର ସମଗ୍ର ଭୂଗୋଳକୁ ଆବୃତକରି ତୀର୍ଥଯାତ୍ରାର ବହୁ ନେଟୱାର୍କ ରହିଛି । ତୀର୍ଥଯାତ୍ରାର ଅଭ୍ୟାସ ଲୋକଙ୍କ ଜୀବନ ସହିତ ଜଡିତ । କାରଣ ଏହା ବ୍ୟକ୍ତିଗତ ବିକାଶ ଓ ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିଥାଏ । ସୁତରାଂ ବାଣିଜ୍ୟ ବିସ୍ତାର ଏବଂ ସର୍ବଭାରତୀୟ ସାଂସ୍କୃତିକ ସମନ୍ୱୟରେ ସାମାଜିକ ଓ ଅର୍ଥନୈତିକ ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇଥାଏ ।

→ ଅନେକ ହିନ୍ଦୁ ଜନଜାତି ଏବଂ ଲୋକ ପରମ୍ପରାରେ ଭୂମିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ ।

→ ବ୍ୟାପକ ଅବହେଳା ଓ ଅଦୂରଦର୍ଶିତ ଦୃଷ୍ଟିକୋଣ ପାଇଁ ଆମର ଅନେକ ପବିତ୍ର ସ୍ଥାନ ଦୂଷିତ ହେବାରେ ଲାଗିଛି । ଆମ ଜାତୀୟ ଐତିହ୍ୟକୁ ରକ୍ଷା କରିବା ଆମର କର୍ତ୍ତବ୍ୟ । ଆମର ସମ୍ବିଧାନ ମଧ୍ୟ ଆମକୁ ଏହା ମନେ ପକାଇ ଦେଇଥାଏ ।

AP SCERT

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ଯଦି ତୁମ ସାଙ୍ଗ ଅମୃତସର ଯାଉଛନ୍ତି, ତେବେ ସେ କେଉଁ ପ୍ରସିଦ୍ଧ ମନ୍ଦିର ଦର୍ଶନ କରିପାରନ୍ତି ? ( )

   A) ଅକ୍ଷରଧାମ ମନ୍ଦିର B) ସ୍ୱର୍ଣ୍ଣ ମନ୍ଦିର

   C) ବୈଷ୍ଣୋଦେବୀ ମନ୍ଦିର D) ଅମରନାଥ ମନ୍ଦିର

2. ନଦୀ ନିକଟରେ ଥିବା ଏକ ମନ୍ଦିରକୁ ପ୍ରତିଦିନ ହଜାର ସଂଖ୍ୟକ ଦର୍ଶନାର୍ଥୀ ଆସନ୍ତି । ଦୋକାନୀ ଏବଂ ଭକ୍ତଙ୍କ ଦ୍ୱାରା ଫୋପାଡା ଯାଉଥିବା ଅଳିଆ ନଦୀ ଉପରେ ପ୍ରଭାବ ପକାଉଛି । କେଉଁ କାର୍ଯ୍ୟଟି ଦାୟିତ୍ୱପୂର୍ଣ୍ଣ ସର୍ବୋତ୍ତମ ଆଚରଣ ହୋଇପାରେ ?

   A) ଅଭ୍ୟାସ ପରିବର୍ତ୍ତନ ନ କରି ଦୈନନ୍ଦିନ କାର୍ଯ୍ୟକଳାପ ଜାରି ରଖିବା

   B) ନଦୀ ନିଜକୁ ନିଜେ ପ୍ରାକୃତିକ ଭାବେ ସଫାହେଲାଭଳି ଅପେକ୍ଷା କରିବା

   C) ଡଷ୍ଟବିନ,ସୂଚନା ଫଳକ ଏବଂ ସଫାଇକର୍ମୀର ବ୍ୟବସ୍ଥା କରିବା

   D) ଦର୍ଶନାର୍ଥୀଙ୍କୁ ରୋକିବା ପାଇଁ ମନ୍ଦିର ବନ୍ଦ କରିଦେବା

3. ନଦୀ, ଜଙ୍ଗଲ, ପର୍ବତ ପରି ପ୍ରାକୃତିକ ଉପାଦାନଗୁଡିକୁ ଲୋକମାନଙ୍କ ପାଇଁ ପବିତ୍ର ବିବେଚନା କରାଯାଏ ବୋଲି ତୁମେ କାହିଁକି ଭାବୁଛ ? ସେମାନେ ଆମ ଜୀବନରେ କିପରି ସହାୟକ ହୋଇଥାନ୍ତି ?

4. ଲୋକମାନେ ତୀର୍ଥ କିମ୍ବା ପବିତ୍ର ସ୍ଥାନଗୁଡିକୁ କାହିଁକି ପରିଦର୍ଶନ କରିଥାନ୍ତି ?

5. ପ୍ରାଚୀନ ତୀର୍ଥଯାତ୍ରା ପଥ ସେ ସମୟରେ ବାଣିଜ୍ୟକୁ ବୃଦ୍ଧି କରିବାରେ କିପରି ସାହାଯ୍ୟ କରିଥିଲା ? ତୁମେ ଭାବୁଛ କି ପବିତ୍ର ସ୍ଥାନଗୁଡିକ ସେ ଅଞ୍ଚଳର ଅର୍ଥନୀତିକୁ ବିକଶିତ କରିବାରେ ସାହାଯ୍ୟ କରିଥାଏ ?

6. ପବିତ୍ର ସ୍ଥାନଗୁଡିକ ସେମାନଙ୍କ ନିକଟରେ ରହୁଥିବା ଲୋକଙ୍କ ସଂସ୍କୃତି ଏବଂ ପରମ୍ପରାକୁ କିପରି ପ୍ରଭାବିତ କରିଥାଏ ?

7. ତାର୍ଥ କିମ୍ବା ତୀର୍ଥଯାତ୍ରାର ଦ୍ୱିଗୁଣ ମହତ୍ତ୍ୱ କଣ ?

8. ବିଶିଷ୍ଟ ପରିବେଶ ଚିନ୍ତକ ଡେଭିଡ ସୁଜୁକିଙ୍କ ପରିବେଶ ସମ୍ପର୍କୀତ ସୂଚନାଟିକୁ ପଢ :

   "ଆମେ ଜଗତକୁ ଯେପରି ଭାବରେ ଦେଖିଥାଉ, ସେପରି ଭାବରେ ବ୍ୟବହାର କରିଥାଉ । ଯଦି ପର୍ବତ ଏକ ଖଣିଜ ଦ୍ରବ୍ୟର ଗଦା ନୁହେଁ, ଏକ ଦେବତା, ଯଦି ନଦୀ ଅଞ୍ଚଳ ଜଳ ସେଚନର ପାଣି ନୁହେଁ, ତାହା ସ୍ଥଳ ଭାଗର ଶିରା ପ୍ରଶିରା, ଯଦି ଜଙ୍ଗଲ ପବିତ୍ର ଅଟେ, କାଠ ନୁହେଁ, ଯଦି ଅନ୍ୟ ପ୍ରଜାତିର ଜୀବଜନ୍ତୁ ଜୈବୀକ ସମ୍ପର୍କୀୟ ସମ୍ବଳ ନୁହନ୍ତି କିମ୍ବ ଯଦି ପୃଥିବୀ ଆମର ମା, ଏକ ସୁଯୋଗ ନୁହେଁ ତେବେ ଆମେ ପରସ୍ପରକୁ ଅଧିକ ସମ୍ମାନର ସହ ବ୍ୟବହାର କରିବା । ଏହାକୁ ହିଁ କୁହାଯିବ ଦୁନିଆକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାର ଏକ ଆହ୍ୱାନ ।

APSCERT

ଛାଟ ଦଳରେ ଆଲୋଚନା କର । ଏହି କଥନର ଅର୍ଥ କଣ ବୋଲି ତୁମେ ଭାବୁଛ ? ଆମ ଚତୁଃପାର୍ଶ୍ୱରେ ଥିବା ବାୟୁ, ଜଳ. ଭୂମି, ବୃକ୍ଷ ଏବଂ ପର୍ବତଗୁଡିକ ସହିତ ଆମର କାର୍ଯ୍ୟକଳାପରେ କି ପ୍ରଭାବ ରହିଛି ?

9. ତୁମ ଅଞ୍ଚଳରେ ଥିବା ପବିତ୍ର ସ୍ଥାନଗୁଡିକର ତାଲିକ ପ୍ରସ୍ତୁତ କର। ସେଗୁଡିକୁ କାହିଁକି ପବିତ୍ର ବିବେଚନା କରାଯାଏ, ସେ ବିଷୟରେ ଅନୁସନ୍ଧାନ କର । ଏହି ପବିତ୍ର ସ୍ଥାନଗୁଡିକ ସହିତ କୌଣସି କାହାଣୀ ସଂଯୁକ୍ତ ଅଛି କି ? **150** ଶବ୍ଦରେ ଏକ ସଂକ୍ଷିପ୍ତ ପ୍ରବନ୍ଧ ଲେଖ ।(ତୁମେ ଚାହିଁଲେ ତୁମ ପରିବାର ଓ ସଂପ୍ରଦାୟର ବୟସ୍କ ଲୋକଙ୍କ ସହିତ କଥା ହୋଇପାରିବ । ତୁମ ଶିକ୍ଷକଙ୍କ ସହ ଆଲୋଚନା କରିପାରିବ । ପୁସ୍ତକ ଓ ପ୍ରବନ୍ଧ ପଢିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସୂଚନା ମଧ୍ୟ ସଂଗ୍ରହ କରିପାରିବ ।)

10. ଭାରତର ବିଭିନ୍ନ ପବିତ୍ର ସ୍ଥାନଗୁଡିକ ମଧ୍ୟରେ ତୁମ ପସନ୍ଦର ଦୁଇଟି ସ୍ଥାନ ବାଛ ଏବଂ ସେମାନଙ୍କ ମହତ୍ତ୍ୱ ବ୍ୟାଖ୍ୟା କରି ଏକ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କର ।

11. ନିମ୍ନ ଭାରତ ମାନଚିତ୍ରରେ ପ୍ରସିଦ୍ଧ ପବିତ୍ରସ୍ଥାନ ଗୁଡିକୁ ଚିହ୍ନଟ କର ।



AP SCERT

✧✧✧✧✧

ଶାସକଙ୍କ ଠାରୁ ଶାସିତଙ୍କ ପର୍ଯ୍ୟନ୍ତ: ସରକାରର ପ୍ରକାର ଭେଦ

ଅଧ୍ୟାୟ

8

R217B7

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- ଗଣତନ୍ତ୍ର ଓ ଶାସନର କାର୍ଯ୍ୟ ପ୍ରଣାଳୀକୁ ବୁଝିପାରିବେ । (CG-1)
- ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତକୁ ଚିହ୍ନଟ କରିବେ । (CG-1)
- ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପ୍ରତିନିଧି ମୂଳକ ଗଣତନ୍ତ୍ରର ତୁଳନା କରିବେ (CG-6)
- ସଂସଦୀୟ ଗଣତନ୍ତ୍ର ଓ ରାଷ୍ଟ୍ରପତି ଶାସନ ପ୍ରଣାଳୀ ମଧ୍ୟରେ ପାର୍ଥକ୍ୟ ଜାଣିପାରିବେ ।(CG-6)
- ବିଭିନ୍ନ ପ୍ରକାରର ଶାସନ ଓ ସେମାନଙ୍କର କାର୍ଯ୍ୟପ୍ରଣାଳୀକୁ ବିଶ୍ଳେଷଣ କରିବେ । (CG-6)

APSCERT

"ଦେଶର ଆଭ୍ୟନ୍ତରୀଣ ପ୍ରଶାସନରେ ଏକ ଶାସକଙ୍କ କର୍ତ୍ତବ୍ୟ ତିନି ପ୍ରକାରର ହୁଏ : ରକ୍ଷା (ବିଦେଶୀ ଆକ୍ରମଣରୁ ରାଜ୍ୟର ସୁରକ୍ଷା), ପାଳନ (ରାଜ୍ୟରେ ଆଇନ ଓ ଶୃଙ୍ଖଳାର ରକ୍ଷା), ଏବଂ ଯୋଗକ୍ଷେମ (ଲୋକଙ୍କ କଲ୍ୟାଣର ସୁରକ୍ଷା)।"

– କୌଟିଲ୍ୟ, ଅର୍ଥଶାସ୍ତ୍ର

ଚିତ୍ର 8.1. ଭାରତର ସଂସଦ ଭବନର ଆଭ୍ୟନ୍ତରୀଣ ଦୃଶ୍ୟ



ମୁଖ୍ୟ ପ୍ରଶ୍ନାବଳୀ ?

1. ସରକାର କେତେ ପ୍ରକାର ଥାଏ?
2. ସରକାର ତାଙ୍କ କ୍ଷମତା କେଉଁଠାରୁ ପାଇଥାନ୍ତି?
3. ଗୋଟିଏ ଦେଶର ସରକାର ଲୋକମାନଙ୍କ ସହିତ କିପରି ଯୋଗସୂତ୍ର ରକ୍ଷାକରେ ?
4. ଗଣତନ୍ତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ?

ସରକାର କହିଲେ କ'ଣ ବୁଝ ?

ଏହାର କାର୍ଯ୍ୟଗୁଡ଼ିକ କ'ଣ?

ଷଷ୍ଠ ଶ୍ରେଣୀରେ ଆମେ ପଢ଼ିଲେ ସରକାର କ'ଣ ଏବଂ ଏହାର କେତେକ ଭୂମିକା ସମ୍ବନ୍ଧରେ ମଧ୍ୟ ଜାଣିଛନ୍ତି । ଆମ ଜୀବନରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଏହି ଭୂମିକାଗୁଡ଼ିକ ହେଲା

- ସମାଜରେ ଶାନ୍ତିଶୃଙ୍ଖଳାକୁ ବଜାୟ ରଖିବା ।
- ଲୋକମାନଙ୍କ ପାଇଁ ଶାନ୍ତି, ସ୍ଥିରତା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ।
- ଅନ୍ୟଦେଶମାନଙ୍କ ସହିତ ସମ୍ପର୍କ ରଖିବା ।
- ଜାତୀୟ ପ୍ରତିରକ୍ଷାର ଯତ୍ନ ନେବା ।
- ଆବଶ୍ୟକ ସାମଗ୍ରୀ ଓ ସେବା ଯୋଗାଇଦେବା (ଶିକ୍ଷା, ସାସ୍ଥ୍ୟ, ଭିତ୍ତିଭୂମି) ।
- ଅର୍ଥନୀତି ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ପରିକଳ୍ପନା କରିବା ।
- ଲୋକକଲ୍ୟାଣ ପାଇଁ କାର୍ଯ୍ୟ କରିବା ଏବଂ ଲୋକମାନଙ୍କର ଜୀବନଶୈଳୀକୁ ଉନ୍ନତ କରିବା ।

ଆସ ଅନୁସନ୍ଧାନ କରିବା

→ ଷଷ୍ଠ ଶ୍ରେଣୀ ପାଠ୍ୟପୁସ୍ତକରେ ଦେଖିଥିବା ଏହି ଚିତ୍ରଗୁଡ଼ିକୁ ମନେପକାଇ ପାରୁଛ କି?

→ ସରକାରଙ୍କର ଆହୁରି ଅନେକ ଭୂମିକ ମଧ୍ୟ ରହିଛି । ସେଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ଚେଷ୍ଟାକର ।



ଷଷ୍ଠ ଶ୍ରେଣୀରେ ଆମେ ଜାଣିଲୁ ଯେ, ଭାରତରେ ଏକ ଗଣତାନ୍ତ୍ରିକ ସରକାର ରହିଛି । ଭାରତ ପରି ଅନେକ ଦେଶରେ ମଧ୍ୟ ଗଣତାନ୍ତ୍ରିକ ସରକାର ଅଛି କିନ୍ତୁ କେତେକ ଦେଶରେ ଭିନ୍ନ ପ୍ରକାର ସରକାର ମଧ୍ୟ ଦେଖିବାକୁ ମିଳେ । ତଥାପି ସମସ୍ତ ଗଣତାନ୍ତ୍ରିକ ସରକାର ସମ୍ପୂର୍ଣ୍ଣ ରୂପେ ସମାନ ନୁହଁନ୍ତି । ଏହି ଅଧ୍ୟାୟରେ ଆମେ ବିଭିନ୍ନ ପ୍ରକାରର ସରକାର ବିଷୟରେ ଜାଣିବା ସହିତ ସେମାନେ ପରସ୍ପରଠାରୁ କିପରି ପୃଥକ ଏବଂ କିପରି କାର୍ଯ୍ୟ କରନ୍ତି ସେ ସମ୍ପର୍କରେ ମଧ୍ୟ ଜାଣିବା ।

ଏହା ବିଷୟରେ ଚିନ୍ତାକର

ବିଦ୍ୟାଳୟ ଉଦାହରଣ ଆମକୁ ପ୍ରତିନିଧିତ୍ୱର ଧାରଣା ଏବଂ ଏହା କିପରି କାମ କରେ ବୁଝିବାକୁ ସାହାଯ୍ୟ କରେ। କିନ୍ତୁ, ଛାତ୍ରମାନଙ୍କର କମିଟି ସଂସଦୀୟ ଏବଂ ବିଧାନମଣ୍ଡଳୀୟ କମିଟିଠାରୁ ଭିନ୍ନ ଅଟେ, କାରଣ ବିଦ୍ୟାଳୟର ଶ୍ରେଣୀ ପ୍ରତିନିଧିମାନେ ସଂସଦ ସଦସ୍ୟମାନେ (**MPs**) ଏବଂ ବିଧାନସଭା ସଦସ୍ୟମାନେ (**MLAs**) ଠାରୁ ଅଲଗା ଅଟନ୍ତି। ଏହି ଭିନ୍ନତାଗୁଡ଼ିକ କ'ଣ ?

ତୁମର ଶିକ୍ଷକଙ୍କ ସହ ଶ୍ରେଣୀ କକ୍ଷରେ ଆଲୋଚନା କରି ଏକ ତାଲିକା ପ୍ରସ୍ତୁତ କର।

AP SCERT

ଗଣତନ୍ତ୍ର କାହାକୁ କୁହାଯାଏ?

ଆମେ ଷଷ୍ଠ ଶ୍ରେଣୀରେ ପଢ଼ିଛେ ଯେ 'ଗଣତନ୍ତ୍ର' ହେଉଛି 'ଲୋକମାନଙ୍କର ଶାସନ' । ଏହାର ଅର୍ଥ ହେଉଛି ଯେ ଗଣତନ୍ତ୍ରରେ କ୍ଷମତା ଓ କର୍ତ୍ତୃତ୍ୱର ଉତ୍ସ ହେଉଛନ୍ତି ସେ ଦେଶର ଜନସାଧାରଣ । ଆସ ଏକ ବିଦ୍ୟାଳୟର ଉଦାହରଣ ଦେଇ ଏହାକୁ ବୁଝିବା ।

ବିଦ୍ୟାଳୟର ଉଦାହରଣ

ଏକ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକଳାପ ଏବଂ ଦ୍ରବ୍ୟଗୁଡ଼ିକରେ ପରିପୂର୍ଣ୍ଣ ଯାହା କରାଯିବା ଆବଶ୍ୟକ । ଏଠାରେ ବିଭିନ୍ନ ଦୈନନ୍ଦିନ କାର୍ଯ୍ୟର ପରିଚାଳନା ସହିତ ଦ୍ରବ୍ୟଗୁଡ଼ିକ ସୁସଂଗଠିତ ହୋଇ ରହିବା ଆବଶ୍ୟକ । ଉଦାହରଣ ସରୂପ, ସେଠାରେ ପ୍ରସ୍ତୁତ ଏବଂ ଅନୁସରଣ କରାଯିବାକୁ ଥିବା ସମୟ ସାରଣୀ । ଅନୁଷ୍ଠିତ ହେବାକୁ ଥିବା କ୍ରୀଡ଼ା କାର୍ଯ୍ୟକଳାପ, ମଧ୍ୟାହ୍ନ ଭୋଜନ ସମୟରେ ପରିବେଷଣ କରାଯିବାକୁ ଥିବା ଖାଦ୍ୟ (ମଧ୍ୟାହ୍ନ ଭୋଜନ), ସଫା ହେବାକୁ ଥିବା ବାସନ, ସକାଳର ସଭା ପାଇଁ ବକ୍ତା ନିରୂପଣ ଏବଂ 'ବ୍ୟାଗ ଶୂନ୍ୟ ଦିବସ' ପାଇଁ ବ୍ୟବସ୍ଥା କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ । ବିଦ୍ୟାଳୟର ଆବଶ୍ୟକତା ଦୃଷ୍ଟିରୁ କରାଯାଇଥିବା ଏହି ତାଲିକା ବହୁତ ଲମ୍ବା ହୋଇଥାଏ । ଏତେ ସବୁ କାମ କରିବାକୁ ଥିବାରୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅନୁଭବ କଲେ ଯେ ଏକ ଛାତ୍ର କମିଟି ନିଯୁକ୍ତି ହେବା ଦରକାର ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏହି ସବୁ କାର୍ଯ୍ୟ କରିବା ପାଇଁ ସଂପୃକ୍ତ ନିୟମ ତିଆରି କରିବାରେ ଅଂଶ ହୋଇପାରିବେ, ନିୟମ କାର୍ଯ୍ୟକାରୀ କରିବାରେ ସହାୟକ ହେବ ଏବଂ ନିୟମଗୁଡ଼ିକ ପାଳନ କରାଯାଉଥିବା ସୁନିଶ୍ଚିତ କରାଇବେ । କିନ୍ତୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମ୍ମୁଖରେ ପ୍ରଶ୍ନ ଥିଲା ଏହି କମିଟିରେ କିଏ ସଂପୃକ୍ତ ହେବେ ?



ପ୍ରଧାନଶିକ୍ଷକ ସଭାରେ ଏହା ଉପରେ ଆଲୋଚନା କଲେ । ସେ ପ୍ରସ୍ତାବ ଦେଲେ ଯେ ଯଦି କିଛି ଛାତ୍ରଛାତ୍ରୀ ଏହି କାର୍ଯ୍ୟଗୁଡ଼ିକର ଦାୟିତ୍ୱ ନେଇପାରିବେ ତେବେ ଭଲ ହେବ । ତେଣୁ ଏକ ବିଦ୍ୟାର୍ଥୀ କମିଟି ଗଠନ କରାଯିବା ଉଚିତ । ଏହା ଶୁଣି ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ନିଜ ନିଜର ଯୁକ୍ତି ଉପସ୍ଥାପନ କରିବାକୁ ଲାଗିଲେ ।

ନିର୍ମଳା : ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ସବୁଠାରୁ ବରିଷ୍ଠ ଆମେ ସବୁ କିଛି ଯତ୍ନ ନେବୁ ।

ଶୋଭା : କିନ୍ତୁ ତୁମମାନଙ୍କ ସ୍କୁଲ ଶିକ୍ଷା ଅଳ୍ପ କିଛି ମାସ ମଧ୍ୟରେ ଶେଷ ହୋଇଯିବ । ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ତେଣୁ ସବୁକିଛିର ଯତ୍ନ ନେବା ଉଚିତ ହେବ ।

କ୍ରିଷ୍ଣା: ଯଦି କେବଳ ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନେ ସବୁକିଛିର ଯତ୍ନ ନେବେ, ତେବେ ସେମାନେ ଅନ୍ୟ ଶ୍ରେଣୀଗୁଡ଼ିକରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ କିପରି ଜାଣିବେ ?

APSCERT

ଏହି ରୋମାଞ୍ଚକର ପରିସ୍ଥିତିରେ, ଛାତ୍ରଛାତ୍ରୀମାନେ ଶେଷରେ ତିନୋଟି ବିକଳ୍ପ ପାଇଲେ :

- ବିଦ୍ୟାଳୟର ସମସ୍ତେ କମିଟିର ଅଂଶ ହୁଅନ୍ତୁ ଏବଂ ଦାୟିତ୍ୱ ନିଅନ୍ତୁ ।
- ପ୍ରଧାନ ଶିକ୍ଷକ ନିଜେ କମିଟି ପାଇଁ ଛାତ୍ରଛାତ୍ରୀ ଚୟନ କରନ୍ତୁ ।
- ଛାତ୍ରଛାତ୍ରୀମାନେ ଭୋଟଦେଇ ସେମାନଙ୍କର ପ୍ରତିନିଧି ଚୟନ କରନ୍ତୁ ଏବଂ ସେହି ପ୍ରତିନିଧି କମିଟିର ସଦସ୍ୟ ହୁଅନ୍ତୁ ।

ପ୍ରତିନିଧି (**Representative**) : ଜଣେ ବ୍ୟକ୍ତି ଯାହାକୁ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଲୋକଙ୍କ ଗୋଷ୍ଠୀ ପକ୍ଷରୁ କାର୍ଯ୍ୟକରିବା କିମ୍ବା ନିଷ୍ପତ୍ତି ନେବାପାଇଁ ଚୟନ କରାଯାଏ ।

ଆସ ଅନୁସନ୍ଧାନ କରିବା

ତିନୋଟି ପଦ୍ଧତି ମଧ୍ୟରୁ କେଉଁ ପଦ୍ଧତିଟି ତୁମକୁ ସବୁଠାରୁ ପ୍ରଭାବଶାଳୀ ମନେହେଉଛି ? କାହିଁକି ?

ପ୍ରଥମ ପଦ୍ଧତିଟି ଆକର୍ଷଣୀୟ ମନେ ହୋଇପାରେ କିନ୍ତୁ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଛାତ୍ରୀ ଯଦି କମିଟିର ଅଂଶ ହୁଅନ୍ତି, ତେବେ ନିଷ୍ପତ୍ତି ନେବା ଏବଂ ତାହାକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହେବ । ଦ୍ୱିତୀୟ ପଦ୍ଧତିରେ, ଯେହେତୁ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କମିଟି ପାଇଁ ଚୟନ କରିବେ, ଅନେକ ଛାତ୍ରଛାତ୍ରୀ ସେଥିରୁ ବାଦ୍ ପଡ଼ିଯିବେ ଏବଂ ସେମାନେ ଯାହା ଆବଶ୍ୟକ କରନ୍ତି କିମ୍ବା ଚାହାଁନ୍ତି ସେ ସମ୍ବନ୍ଧରେ ସେମାନଙ୍କର ମତାମତ ଶୁଣିବାକୁ ନିଶ୍ଚିତ କରିବାର ଉପାୟ ରହିବ ନାହିଁ । ତୃତୀୟ ପଦ୍ଧତି ଅନୁଯାୟୀ ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀ ନିଜ ମଧ୍ୟରୁ ଜଣେ ପ୍ରତିନିଧି ଚୟନ କରିପାରିବେ ଯାହାକୁ ସେମାନେ ଭରସା କରନ୍ତି କି ସେମାନଙ୍କ ଶ୍ରେଣୀର ଆବଶ୍ୟକତା ପାଇଁ ପ୍ରଭାବଶାଳୀ ଯୁକ୍ତି ଉପସ୍ଥାପିତ କରିପାରିବେ । ସେହି ପ୍ରତିନିଧି ଜଣକ କମିଟିରେ କାର୍ଯ୍ୟକରିବେ, ଅର୍ଥାତ୍ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର ପ୍ରତିନିଧିମାନଙ୍କୁ ନେଇ ଛାତ୍ର କମିଟି ଗଠନ କରାଯିବ । ଏହା ଏକ ଗଣତାନ୍ତ୍ରିକ ପଦ୍ଧତି ଏବଂ ଏହିପରି ପ୍ରତିନିଧିମାନଙ୍କୁ ଚୟନ କରାଯାଏ ଏବଂ କମିଟି ଗଠନ କରାଯାଏ ।

ସରକାରଙ୍କ କାର୍ଯ୍ୟ

ଏକ ବିଦ୍ୟାଳୟରେ ଛାତ୍ର କମିଟିର ଦାୟିତ୍ୱ ପରି ଆମ ଜୀବନରେ ସରକାର ନିର୍ବାହ କରୁଥିବା ଭୂମିକା ବିଷୟରେ ପୂର୍ବରୁ ଆଲୋଚନା କରିଥିଲେ । ବିଦ୍ୟାଳୟ କମିଟି ପରି, ଏକ ସରକାର ଆବଶ୍ୟକୀୟ ନିୟମ ସୃଷ୍ଟି କରିବା, ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସମସ୍ତେ ଏହି ନିୟମଗୁଡ଼ିକୁ ଯେପରି ପାଳନ କରନ୍ତି ତାହା ନିଶ୍ଚିତ କରିବା ଉଚିତ । ଏହି ତିନୋଟି ଦାୟିତ୍ୱ ସରକାରଙ୍କ କାର୍ଯ୍ୟଭାବେ ଜଣାଶୁଣା ।

ନିୟମ ସୃଷ୍ଟିକୁ **'ବ୍ୟବସ୍ଥାପିକା କାର୍ଯ୍ୟ'** (Legislative function) କୁହାଯାଏ, ଏହି ନିୟମଗୁଡ଼ିକ ଦେଶ ପରିଚାଳନା ପାଇଁ ଏକ ଢାଞ୍ଚା ଭାବରେ କାର୍ଯ୍ୟ କରେ । ଏହି ନିୟମଗୁଡ଼ିକର କାର୍ଯ୍ୟକାରୀ କରିବା ଏବଂ ସେହି ଅନୁଯାୟୀ ଦେଶର ପ୍ରଶାସନ କରିବା **'କାର୍ଯ୍ୟପାଳିକା କାର୍ଯ୍ୟ'** (Executive function) ଭାବେ ଜଣାଶୁଣା । ଶେଷରେ, ସେହି ନିୟମଗୁଡ଼ିକ ଠିକ ଭାବେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ହେଉଛି **'ନ୍ୟାୟପାଳିକା'**ର କାର୍ଯ୍ୟ । ଗଣତନ୍ତ୍ରକୁ ଲୋକମାନଙ୍କ ଶାସନ ଭାବେ ବିବେଚନା । କରାଯାଇଛି । ଏହାର ଅର୍ଥ ହେଉଛି, ଆମେ ଆଲୋଚନା କରିଥିବା ବିଦ୍ୟାଳୟର ପ୍ରତିନିଧି ଚୟନ କରିବାର ତୃତୀୟ ପଦ୍ଧତି ପରି, ଏକ ଗଣତନ୍ତ୍ରରେ, ଦେଶ ଶାସନ କରିବା ପାଇଁ ଜନସାଧାରଣ ବା ଲୋକମାନେ ସେମାନଙ୍କର

APSCERT

ପ୍ରତିନିଧି ଚୟନ କରିଥାନ୍ତି । ତଥାପି ପ୍ରତ୍ୟେକ ଦେଶ ପ୍ରତିନିଧିମାନଙ୍କୁ ବାଛିବା ପାଇଁ ଏକ ସମାନ ପଦ୍ଧତି ବ୍ୟବହାର କରନ୍ତି ନାହିଁ । ଆମେ ଏହି ବିଷୟକୁ ପରବର୍ତ୍ତୀ ବିଭାଗଗୁଡ଼ିକରେ ଅଧିକ ବିସ୍ତୃତ ଭାବରେ ଅନୁସନ୍ଧାନ କରିବା ।

ତୁମେ ଜାଣ କି ?



ଚିତ୍ରକଳା/ଭିତ୍ତି ଚିତ୍ର : ଏକ ବଡ଼ ଚିତ୍ର କିମ୍ବା ଚିତ୍ରକଳା ଯାହାକି ସିଧାସଳଖ କାନ୍ଥ କିମ୍ବା ଛାତ ଉପରେ କରାଯାଏ ।

ଆବ୍ରାହାମ ଲିଙ୍କନ, 19ଶତାବ୍ଦୀର ଶେଷଭାଗରେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି, ଗଣତନ୍ତ୍ରକୁ 'ଲୋକଙ୍କର ଶାସନ, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ' ବୋଲି ବର୍ଣ୍ଣନା କରିଥିଲେ ଏହି ବାକ୍ୟ ଆଜିମଧ୍ୟ ବ୍ୟାପକ ଭାବରେ ପ୍ରଚଳିତ ଅଟେ।

ଚିତ୍ର : *8.4 1896* ମିହାରେ ଏକ ଚିତ୍ରକଳା, ଚିତ୍ରକର ଭେଡ଼େରଙ୍କ ଦ୍ୱାରା ଅଙ୍କିତ, ଯାହାକୁ 'ସରକାର' କୁହାଯଏ । ଏହା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍ ଲାଇବ୍ରେରୀରେ ସ୍ଥାନୀତ ।

କ'ଣ ସରକାରଙ୍କୁ ଭିନ୍ନ କରାଏ ?

ଯେକୌଣସି ଦେଶର ସରକାର ସମୟ ସହିତ ବିକଶିତ ହୁଏ । ଯେହେତୁ ଦେଶଗୁଡ଼ିକର ନିଜସ ଇତିହାସ, ସଂସ୍କୃତି ଏବଂ ଆକାଂକ୍ଷା ରହିଥାଏ, ତେଣୁ ବିଭିନ୍ନ ଦେଶର ସରକାର ଭିନ୍ନ ହେବା ସ୍ୱାଭାବିକ । ଆସ ଏପରି କିଛି ଦିଗ ଦେଖିବା ଯାହା ଗୋଟିଏ ସରକାର ଠାରୁ ଅନ୍ୟ ଏକ ସରକାରକୁ ଭିନ୍ନ କରିପାରେ । ଏହି ପାର୍ଥକ୍ୟଗୁଡ଼ିକ ଅଧିକ ସ୍ପଷ୍ଟ ହୋଇଯିବ ଯେତେବେଳେ ଆମେ ଆଗାମୀ ଅଧ୍ୟାୟରେ ବିଭିନ୍ନ ପ୍ରକାରର ସରକାରଙ୍କ ସମ୍ବନ୍ଧରେ ଆଲୋଚନା କରିବା ।

ସରକାରଗୁଡ଼ିକ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ

1. 'ଏହା ହେଉଛି ସରକାର' ବୋଲି କିଏ ନିଷ୍ପତ୍ତି ନେଇପାରେ ?

'ଏହା ହେଉଛି ସରକାର' ବୋଲି କିଏ ନିଷ୍ପତ୍ତି ନେଇପାରେ ?

ଅନେକ ପ୍ରକାରର ସରକାର ମଧ୍ୟରେ ଏହା ହେଉଛି ସବୁଠାରୁ ମୌଳିକ ପାର୍ଥକ୍ୟ । 'ଏହା ହେଉଛି ଆମ ଦେଶର ସରକାର' ? ଅର୍ଥାତ୍ କିଏ କିମ୍ବା କ'ଣ ସରକାରଙ୍କୁ ଏହାର କର୍ତ୍ତୃତ୍ୱ ଏବଂ କ୍ଷମତା ଦିଏ ? ଉଦାହରଣ ସରୂପ, ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ, ସରକାର ଗଠନରେ ଲୋକମାନେ ହିଁ ନିଷ୍ପତ୍ତି ନିଅନ୍ତି ଏବଂ ସମସ୍ତ କର୍ତ୍ତୃତ୍ୱର ଉତ୍ସ ଅଟନ୍ତି । ଯେପରି ଏକ ସଂଗଠନରେ, କର୍ତ୍ତୃତ୍ୱର ଉତ୍ସ ହେଉଛି ଆର୍ଥିକ ବିନିଯୋଗ ଏବଂ ଏକ ଆର୍ଥିକ ଅନୁଷ୍ଠାନର ମୁଖ୍ୟ ।

2. ସରକାର କିପରି ଗଠିତ ହୁଏ ?

ସରକାର କିପରି ଗଠିତ ହୁଏ ?

ଗଣତନ୍ତ୍ରରେ, ସାଧାରଣତଃ କୌଣସି ପ୍ରକାର ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୁଏ । ଯେପରି ରାଜତନ୍ତ୍ରରେ ଯେଉଁ ରାଜ୍ୟଗୁଡ଼ିକରେ ରାଜା କିମ୍ବା ରାଣୀ ଥାଆନ୍ତି, ଯେଉଁ ବିଷୟଗୁଡ଼ିକ ତୁମେମାନେ ଅନ୍ୟ ଅଧ୍ୟାୟରେ ପଢ଼ିବ, ସାଧାରଣତଃ ରାଜ ପରିବାର ସଦସ୍ୟଙ୍କ ମଧ୍ୟରୁ କେହି ଜଣେ ଶାସନ ଜାରି ରଖନ୍ତି ଏବଂ ସରକାର କିପରି ପ୍ରତିଷ୍ଠା ହେବ ତାହା ନିଷ୍ପତ୍ତି ନିଅନ୍ତି । ସରକାର ଗଠନ କରିବାର ଅନ୍ୟ ଉପାୟ ମଧ୍ୟ ଅଛି ଏବଂ ଗଣତନ୍ତ୍ରରେ ମଧ୍ୟ ନିର୍ବାଚନ ବିଭିନ୍ନ ପ୍ରକାର ହୋଇପାରେ ।

APSCERT

3. ସରକାରଙ୍କ ବିଭିନ୍ନ ଅଂଶ କ'ଣ ଏବଂ ସେମାନଙ୍କ କାର୍ଯ୍ୟ କ'ଣ ?

ସରକାରଙ୍କ ବିଭିନ୍ନ ଅଂଶ କ'ଣ ଏବଂ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ କ'ଣ?

ଯେକୌଣସି ସରକାରଙ୍କର ବିଭିନ୍ନ ଅଂଶ ଓ ବ୍ୟବସ୍ଥା ରହିଛି ଏବଂ ଏଗୁଡ଼ିକ ବିଭିନ୍ନ ପ୍ରକାରର ସରକାରଙ୍କ ମଧ୍ୟରେ ଭିନ୍ନ ହୋଇଥାଏ । ଉଦାହରଣ ସରୂପ, ପୂର୍ବରୁ ଉଲ୍ଲେଖ କରାଯାଇଥିବା ସରକାରଙ୍କର ତିନୋଟି କାର୍ଯ୍ୟ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା, ସମ୍ପୂର୍ଣ୍ଣ ସ୍ୱାଧୀନ ସଂସ୍ଥା କିମ୍ବା ସମାନ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇପାରେ । ସରକାର କିପରି କାର୍ଯ୍ୟ କରିବ ସେହି ନିଷ୍ପତ୍ତି ବ୍ୟବସ୍ଥା 'ସମ୍ବିଧାନ'ନାମକ ଦେଶର ମୌଳିକ ନିୟମ ପୁସ୍ତକରେ ଲେଖାଯାଇଥାଏ, ଯାହା ଅନେକ କ୍ଷେତ୍ରରେ ଗଣତନ୍ତ୍ରରେ ହିଁ ଦେଖାଯାଏ । ଅଥବା ଏହି ନିଷ୍ପତ୍ତି ରାଜା କିମ୍ବା ରାଣୀଙ୍କ ଦ୍ୱାରା ନିଆଯାଇପାରେ, ଯେପରି ଏହା 'ରାଜତନ୍ତ୍ର'ରେ ଘଟିଥାଏ ।

4. ସରକାର କ'ଣ ପାଇଁ କାର୍ଯ୍ୟ କରୁଛି ? ଏହା କେଉଁ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛି ?

ସରକାର କ'ଣ ପାଇଁ କାର୍ଯ୍ୟ କରୁଛି ? ଏହା କେଉଁ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛି?

କେତେକ ମୂଲ୍ୟବୋଧ ଏବଂ ଆଦର୍ଶକୁ ଭିତ୍ତି କରି ସରକାର ଗଠନ କରାଯାଏ । କେତେକ ସରକାର, ଯେପରିକି ଭାରତ ସରକାର, ସମସ୍ତଙ୍କ ସମାନତା ଏବଂ ସମୃଦ୍ଧି ପାଇଁ କାମ କରିବାକୁ ଗଠନ କରାଯାଇଛି, ସେତେବେଳେ ଅନ୍ୟ କେତେକ ସରକାର କେବଳ କିଛି ପରିବାର କିମ୍ବା ଗୋଷ୍ଠୀର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ ରହିଥାନ୍ତି ।

ଏହି ଚାରୋଟି ପ୍ରମୁଖ ଦିଗ ଉପରେ ଆଧାରିତ ବିଭିନ୍ନ ପ୍ରକାରର ସରକାରଙ୍କ ମଧ୍ୟରେ ପାର୍ଥକ୍ୟ ରହିଛି, କିନ୍ତୁ ସେମାନଙ୍କ ମଧ୍ୟରେ ଅନ୍ୟ କିଛି ପାର୍ଥକ୍ୟ ମଧ୍ୟ ରହିପାରେ । ତେଣୁ ଆସ ଏବେ ସରକାରଙ୍କ ପ୍ରକାର ଭେଦ କିମ୍ବା ରୂପରେଖ ଆଲୋଚନା କରିବା ।

ସାରା ବିଶ୍ୱରେ ଗଣତାନ୍ତ୍ରିକ ସରକାର

ଗଣତନ୍ତ୍ର ହେଉଛି ଆଧୁନିକ ବିଶ୍ୱର ସବୁଠାରୁ ଲୋକପ୍ରିୟ ସରକାର । ଅଧ୍ୟାୟର ଏହି ଅଂଶରେ, ଆମେ ବିଭିନ୍ନ ପ୍ରକାରର ଗଣତାନ୍ତ୍ରିକ ସରକାରମାନ ଦେଖିବା । ଏହି ପାର୍ଥକ୍ୟଗୁଡ଼ିକ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ, ଆମେ ଜାଣିବା ଉଚିତ ଯେ ଯେକୌଣସି ଗଣତନ୍ତ୍ରର କେତେକ ମୌଳିକ ନୀତି ରହିଥାଏ ।

ଗଣତନ୍ତ୍ରର ମୌଳିକ ନୀତି:



ସମାନତା : ଗଣତନ୍ତ୍ରରେ ସମାନତା ଶବ୍ଦର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରରୁ ସମାନ ଭାବରେ ବ୍ୟବହାର ପାଇବାର ଅଧିକାର । ଏହାର ଅର୍ଥ ମଧ୍ୟ ହେଉଛି ଶିକ୍ଷା ଓ ସାସ୍ଥ୍ୟ ଭଳି ସୁବିଧାଗୁଡ଼ିକୁ ସମସ୍ତ ଲୋକ ସମାନ ଭାବରେ ଉପଭୋଗ କରିବା ଉଚିତ ଏବଂ ପ୍ରତ୍ୟେକ ବ୍ୟକ୍ତି ଆଇନ ଆଗରେ ସମାନ ।




ସ୍ୱାଧୀନତା : ଗଣତନ୍ତ୍ରରେ ସ୍ୱାଧୀନତା ଶବ୍ଦର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକମାନଙ୍କର ନିଜସ୍ୱ ପସନ୍ଦ କରିବା ଏବଂ ମତାମତ ପ୍ରକାଶ କରିବାର ଅଧିକାର ରହିଛି ।

AP SCERT

ପ୍ରତିନିଧିମୂଳକ ଅଂଶ ଗ୍ରହଣ ବ୍ୟବସ୍ଥାର ଅର୍ଥ : ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତିନିଧି ବାଛିବା ଏବଂ ନିର୍ବାଚିତ କରିବାର ଅଧିକାର ଅଛି । ଏହା ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ କରାଯାଏ । ନିର୍ବାଚିତ ପ୍ରତିନିଧିମାନେ ବ୍ୟବସ୍ଥାପିକା(**legislature**) ସଭାର ଏକ ଅଂଶ ହୁଅନ୍ତି ।



ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ (ଏକ ନିର୍ଦ୍ଦିଷ୍ଟ ବୟସରୁ ଅଧିକ) ସେମାନଙ୍କର ପ୍ରତିନିଧିଙ୍କୁ ଭୋଟ ବା ମତଦାନ ମାଧ୍ୟମରେ ଚୟନ କରିବାକୁ ଅଧିକାର ପ୍ରଦାନ କରିଥାଏ ।



ନାଗରିକମାନଙ୍କର ମୌଳିକ ଅଧିକାର: ଯେପରିକି ସମାନତା ଅଧିକାର, ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର ଏବଂ ଶୋଷଣ ବିରୋଧୀ ଅଧିକାର ଆଦି ଗଣତନ୍ତ୍ରରେ ହିଁ ପ୍ରଦାନ କରାଯାଏ ଓ ସୁରକ୍ଷିତ କରାଯାଏ ।



ସ୍ୱାଧୀନ ନ୍ୟାୟପାଳିକାର ଉପସ୍ଥିତି ନିଶ୍ଚିତ କରେ ଯେ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷିତ ରହିବ ଏବଂ ନାଗରିକ ଏବଂ ସରକାରଙ୍କ ସମସ୍ତ ଅଂଶଗୁଡ଼ିକ ଦ୍ୱାରା ରାଷ୍ଟ୍ରର ଆଇନଗୁଡ଼ିକୁ ପାଳନ କରାଯିବ ।



ଏହା ମନେରଖିବା ଉପଯୋଗୀ ଯେ ଏହି ମୌଳିକ ନୀତିଗୁଡ଼ିକ ମଧ୍ୟ ସମୟ ସହିତ ବିକଶିତ ହୋଇଛି । ଉଦାହରଣ ସ୍ୱରୂପ, 1950 ମସିହାରେ ଭାରତୀୟ ଗଣତନ୍ତ୍ର ଆରମ୍ଭରୁ ରାଷ୍ଟ୍ର ନାଗରିକମାନଙ୍କ ନିମନ୍ତେ ସାର୍ବଜନୀନ ସାବାଳକ ମତାଧିକାର (ଅର୍ଥାତ୍ ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ନିର୍ବାଚନରେ ଭୋଟ ଦେବାର ଅଧିକାର) ପ୍ରଦାନ କରିଥିଲା ଅନ୍ୟପକ୍ଷରେ,ସ୍ୱିଜରଲ୍ୟାଣ୍ଡରେ, ମହିଳାମାନେ କେବଳ 1971 ମସିହାରେ ଭୋଟ ଦେବାର ଅଧିକାର ହାସଲ କରିଥିଲେ । ସ୍ପଷ୍ଟ ଭାବରେ, କହିଲେ ଉପରୋକ୍ତ ନୀତିଗୁଡ଼ିକ ଆଦର୍ଶ ଅଟନ୍ତି ତଥାପି ସମସ୍ତ ଗଣତନ୍ତ୍ର ସେଗୁଡ଼ିକୁ କାର୍ଯ୍ୟରେ ଲଗାଇପାରନ୍ତି ନାହିଁ । କିନ୍ତୁ ସମାନ ଓ ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ନାଗରିକମାନଙ୍କ ପାଇଁ ଏହି ଆଦର୍ଶଗୁଡ଼ିକ ସେମାନଙ୍କ ଚିନ୍ତାଧାରାରେ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଗଣତାନ୍ତ୍ରିକ ସରକାରର ବିଭିନ୍ନ ପ୍ରକାର ଭେଦ

ଆସ ଏବେ ଆମେ ସାରା ବିଶ୍ୱରେ ପ୍ରଚଳିତ ଗଣତାନ୍ତ୍ରିକ ସରକାରର ବିଭିନ୍ନ ରୂପକୁ ବୁଝିବା ।

1. ପ୍ରତ୍ୟକ୍ଷ ଗଣତନ୍ତ୍ର

ଏହା ଗଣତନ୍ତ୍ରର ଏକ ରୂପ ବା ବ୍ୟବସ୍ଥା ଯେଉଁଠାରେ ଏକ ଦେଶର ସମସ୍ତ ନାଗରିକ ସମସ୍ତ ନୀତି, ନିୟମ ଏବଂ କାର୍ଯ୍ୟ ପାଇଁ ସିଧାସଳଖ ଦାୟୀ ରହିଥାନ୍ତି । ଶାସନର ସମସ୍ତ ନିଷ୍ପତ୍ତିରେ ସେମାନେ ସିଧାସଳଖ ଅଂଶ ଗ୍ରହଣ କରିଥାନ୍ତି । ସାମ୍ପ୍ରତିକ ସମୟରେ, ସ୍ୱିଜରଲ୍ୟାଣ୍ଡ ଭଳି କିଛି ଦେଶରେ ଏହି ପ୍ରକାରର ଗଣତନ୍ତ୍ର କେତେକାଂଶରେ ଅନୁସରଣ କରାଯାଏ । ଏହି ପ୍ରକାର ସରକାରଙ୍କ ସୀମା ହେଉଛି, ଏହାକୁ କାର୍ଯ୍ୟକାରୀ କରିବା ବହୁତ କଷ୍ଟକର, ବିଶେଷକରି ବଡ଼ ଦେଶଗୁଡ଼ିକରେ ଯେପରି ଆମେ ଆମ ବିଦ୍ୟାଳୟ କାହାଣୀରେ ଦେଖିଥିଲୁ, ଯଦି ସମସ୍ତେ କମିଟିର ଅଂଶ ହୋଇଯାଆନ୍ତି, ତେବେ ନିଷ୍ପତ୍ତି ଗ୍ରହଣ ଏବଂ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରିବା କଷ୍ଟକର ହେବ ।

AP SCERT

2. ପ୍ରତିନିଧିମୂଳକ ଗଣତନ୍ତ୍ର

ଦାୟିତ୍ୱବୋଧ : ଗଣତନ୍ତ୍ରରେ ଦାୟିତ୍ୱବୋଧର ଅର୍ଥ ହେଉଛି ସରକାର ସେମାନଙ୍କୁ ନିର୍ବାଚିତ କରିଥିବା ଲୋକଙ୍କ ପ୍ରତି ଉତ୍ତରଦାୟୀ ରହିବା ।

ଏହା ହେଉଛି ଗଣତାନ୍ତ୍ରିକ ସରକାରଙ୍କର ଏପରି ଏକ ରୂପ ଯେଉଁଥିରେ ଲୋକମାନେ ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି, ଠିକ ଭାରତ ପରି । ଏହି ପ୍ରକାରର ଗଣତନ୍ତ୍ରରେ ଲୋକମାନେ ସିଧାସଳଖ ଶାସନ କରନ୍ତି ନାହିଁ । କିନ୍ତୁ ସରକାର ସର୍ବଦା ଜନସାଧାରଣଙ୍କ ନିକଟରେ **ଉତ୍ତରଦାୟୀ** ଥାଆନ୍ତି ।

ନିର୍ବାଚନ ହେଉଛି ପ୍ରତିନିଧିମୂଳକ ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ବ୍ୟବସ୍ଥା ଯାହା ମାଧ୍ୟମରେ ଲୋକମାନେ ସେମାନଙ୍କର ପସନ୍ଦରେ ମଧ୍ୟ ପରିବର୍ତ୍ତନ କରିପାରିବେ । ଏହାକୁ ହାସଲ କରିବା ପାଇଁ ନିର୍ବାଚନ ନିୟମିତ ଏବଂ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସଂଗଠିତ ହୁଏ । ଭାରତରେ ପ୍ରତି ପାଞ୍ଚବର୍ଷରେ ଥରେ ସାଧାରଣ ନିର୍ବାଚନ କରାଯାଉଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ପ୍ରତି ଚାରିବର୍ଷରେ ଥରେ କରାଯାଇଥାଏ ।

ମନେ ରଖ

ଆମେ ଆରମ୍ଭରେ କହିଥିଲୁ, ସମୟ ସହିତ ତାଳଦେଇ ଗଣତନ୍ତ୍ର ଏବଂ ସେମାନଙ୍କର ବୈଶିଷ୍ଟ୍ୟ ବିକଶିତ ହୋଇଅଛି । ଆଜି ମଧ୍ୟ ଏହି ଗଣତନ୍ତ୍ରଗୁଡ଼ିକର କାର୍ଯ୍ୟକାରିତାରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହେଉଛି । ଏହା ମନେରଖିବା ଉପଯୋଗୀ ଯେ, ଯେତେବେଳେ ଏହି ଦେଶଗୁଡ଼ିକ ଗଣତନ୍ତ୍ରକୁ ଗ୍ରହଣ କରିଥିଲେ, ସେତେବେଳେ ସେମାନଙ୍କ ପାଖରେ ଗଣତନ୍ତ୍ରର ସମସ୍ତ ନୀତି ନ ଥାଇ ପାରେ ଯେପରି ଆମେ ଆଜି ବୁଝୁଛୁ । ଉଦାହରଣ ସରୂପ, ଯୁକ୍ତରାଜ୍ୟରେ ପ୍ରଭାବଶାଳୀ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା 1928 ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାରେ ତାହା 1965 ମସିହାରୁ କାର୍ଯ୍ୟକାରୀ ହେଲା ।

ଦେଶ	ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଥିବା ବର୍ଷ/ମସିହା
ଯୁକ୍ତରାଷ୍ଟ୍ର ଆମେରିକା	**1787**
ସ୍ୱିଜରଲ୍ୟାଣ୍ଡ୍	**1848**
ଭାରତ	**1947**
ଜର୍ମାନୀ	**1949**
କେନିଆ	**1964**
ନେପାଳ	**2008**

ପୃଥିବୀର ଅଧିକାଂଶ ଗଣତନ୍ତ୍ର ଏବେ ପ୍ରତିନିଧିମୂଳକ ଗଣତନ୍ତ୍ର ଅଟନ୍ତି । କିନ୍ତୁ ପ୍ରତ୍ୟେକ ଗଣତନ୍ତ୍ର ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟକରେ । ଏଠାରେ ପ୍ରତିନିଧିମୂଳକ ଗଣତନ୍ତ୍ରର ଦୁଇଟି ଆଲୋଚନା କରାଯାଇଛି ।

AP SCERT

a. ସଂସଦୀୟ ଗଣତନ୍ତ୍ର

ଏହି ଶାସନ ବ୍ୟବସ୍ଥାରେ, କାର୍ଯ୍ୟପାଳିକା (**Executive**) ର ସଦସ୍ୟମାନେ ବ୍ୟବସ୍ଥାପିକା (**Legislature**) ର ମଧ୍ୟ ଅଂଶ ହୋଇଥାନ୍ତି । ଉଦାହରଣସ୍ୱରୂପ ଭାରତରେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ସଂସଦର ମଧ୍ୟ ସଦସ୍ୟ ଅଟନ୍ତି। ମନ୍ତ୍ରୀ ପରିଷଦ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ରହନ୍ତି ଏବଂ ଯେପର୍ଯ୍ୟନ୍ତ ବ୍ୟବସ୍ଥାପିକାର ସମର୍ଥନ ବା ବିଶ୍ୱାସ ଥାଏ, ସେପର୍ଯ୍ୟନ୍ତ ସେମାନେ କାର୍ଯ୍ୟ କରିପାରନ୍ତି । ଭାରତରେ, ମନ୍ତ୍ରୀ ପରିଷଦ ସେତେବେଳ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିପାରିବେ ଯେପର୍ଯ୍ୟନ୍ତ ସେମାନଙ୍କର ଲୋକସଭାରେ ସଂଖ୍ୟାଗରିଷ୍ଠତା ଥିବ। ଏହି ଶାସନ ବ୍ୟବସ୍ଥାରେ, ଲୋକମାନେ ବ୍ୟବସ୍ଥାପିକାକୁ ନିର୍ବାଚିତ କରନ୍ତି କିନ୍ତୁ କାର୍ଯ୍ୟପାଳିକାକୁ ନୁହେଁ । ବ୍ୟବସ୍ଥାପିକାର ମନୋନୀତ ସଦସ୍ୟମାନେ ହିଁ ମନ୍ତ୍ରୀ ହୁଅନ୍ତି ।



b. ରାଷ୍ଟ୍ରପତି ଶାସିତ ଗଣତନ୍ତ୍ର

ଏହି ଶାସନ ବ୍ୟବସ୍ଥାରେ, କାର୍ଯ୍ୟପାଳିକା ବ୍ୟବସ୍ଥାପିକା ଠାରୁ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରେ। ଏଠାରେ ରାଷ୍ଟ୍ରପତି ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ନିଜ ପଦବୀରେ ରହିବା ପାଇଁ ରାଷ୍ଟ୍ରପତିଙ୍କୁ ବ୍ୟବସ୍ଥାପିକାର ବିଶ୍ୱାସଭାଜନ ହେବା ଆବଶ୍ୟକ ପଡ଼େ ନାହିଁ । ଭାରତ ପରି କେତେକ ଦେଶରେ, ରାଜସ୍ଥାନ କିମ୍ବା କେରଳ ଭଳି ରାଜ୍ୟଗୁଡ଼ିକର ନିଜସ୍ୱ ସରକାର ଥାଏ, କିନ୍ତୁ ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନ ନୁହନ୍ତି । ସେମାନେ ଏକ ବୃହତ୍ ଜାତୀୟ ସରକାର ଅର୍ଥାତ୍ ଭାରତର କେନ୍ଦ୍ର ସରକାର ଦ୍ୱାରା ପରିଚାଳିତ ହୁଅନ୍ତି । ବିଭିନ୍ନ ପ୍ରକାରର ଗଣତାନ୍ତ୍ରିକ ସରକାରଙ୍କର ଗଠନ ପ୍ରଣାଳୀ ଭିନ୍ନ ଭିନ୍ନ ହୋଇଥାଏ । ତୁମେ ଏହାର ସମ୍ବନ୍ଧିତ ମୌଳିକ ପାର୍ଥକ୍ୟଗୁଡ଼ିକ ପରବର୍ତ୍ତୀ ପୃଷ୍ଠାର ସାରଣୀ **8.1** ରେ ବୁଝିପାରିବ ।

ଏହି ଶବ୍ଦଗୁଡ଼ିକର ଅର୍ଥ କ'ଣ?

. **କାର୍ଯ୍ୟପାଳିକା (Executive):** କାର୍ଯ୍ୟପାଳିକା ହେଉଛି ସରକାରଙ୍କର ସେହି ଅଙ୍ଗ ଯାହା ଆଇନ କାର୍ଯ୍ୟକାରୀ କରିବା ପାଇଁ ଦାୟୀ । କିନ୍ତୁ ବିଭିନ୍ନ ଦେଶରେ ଏହାର ଚୟନ ପ୍ରକ୍ରିୟା ଭିନ୍ନଭିନ୍ନ ହୋଇଥାଏ ।

APSCERT

ଗଣତାନ୍ତ୍ରିକ ସରକାରର ବିଭିନ୍ନ ଅଙ୍ଗ			
ଦେଶ	**କାର୍ଯ୍ୟପାଳିକା**	**ବ୍ୟବସ୍ଥାପିକା**	**ନ୍ୟାୟପାଳିକା**
ଭାରତ	ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ	ନିମ୍ନ ସଦନ(ଲୋକସଭା) ଉଚ୍ଚ ସଦନ (ରାଜ୍ୟସଭା) ଅପେକ୍ଷା ଅଧିକ କ୍ଷମତାଶାଳୀ	ସ୍ୱାଧୀନ ବ୍ୟବସ୍ଥା (କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ କ୍ଷମତା ପୃଥକୀକରଣ ।)
ଯୁକ୍ତରାଷ୍ଟ୍ର ଆମେରିକା	ରାଷ୍ଟ୍ରପତି	ଉଚ୍ଚସଦନ (ସିନେଟ) ଏବଂ ନିମ୍ନ ସଦନ (ପ୍ରତିନିଧି ମାନଙ୍କ ଗୃହ) ମଧ୍ୟରେ ସମାନ କ୍ଷମତା ଥାଏ	ସ୍ୱାଧୀନ ବ୍ୟବସ୍ଥା (କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ କ୍ଷମତା ପୃଥକୀକରଣ ।)
ଦକ୍ଷିଣ କୋରିଆ	ରାଷ୍ଟ୍ରପତି	ଏକକ ସଦନ (ଜାତୀୟ ସଭା)	ସ୍ୱାଧୀନ ବ୍ୟବସ୍ଥା (କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ କ୍ଷମତା ପୃଥକୀକରଣ ।)
ଅଷ୍ଟ୍ରେଲିଆ	ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ	ଉଚ୍ଚସଦନ (ସିନେଟ) ଏବଂ ନିମ୍ନ ସଦନ (ପ୍ରତିନିଧି ମାନଙ୍କ ଗୃହ) ମଧ୍ୟରେ ସମାନ କ୍ଷମତା ଥାଏ	ସ୍ୱାଧୀନ ବ୍ୟବସ୍ଥା (କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ କ୍ଷମତା ପୃଥକୀକରଣ ।)
A			
B			

ସାରଣୀ *8. 1* ଗଣତାନ୍ତ୍ରିକ ସରକାରର ବିଭିନ୍ନ ଅଂଗ

. **ବ୍ୟବସ୍ଥାପିକା(Legislature):** ବ୍ୟବସ୍ଥାପିକା ସଭା ହେଉଛି ସରକାରଙ୍କର ଏକ ଅଙ୍ଗ ଯାହା ଆଇନ ପ୍ରଣୟନ କରିବା ପାଇଁ ଦାୟୀ ହୋଇଥାଏ । ଏହା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଭାରତରେ ଏହାକୁ ସଂସଦ କୁହାଯାଏ । ଆମେରିକାରେ ଏହାକୁ କଂଗ୍ରେସ କୁହାଯାଏ । ଅଧିକାଂଶ ଗଣତନ୍ତ୍ରରେ ଏହାର ଦୁଇଟି ଗୃହ ଥାଏ । ଉଚ୍ଚ ସଦନ(**Upper House**) ଏବଂ ନିମ୍ନ ସଦନ(**Lower House**). ।

AP SCERT

- **ଉଚ୍ଚ ସଦନ ଏବଂ ନିମ୍ନ ସଦନ** : ଅଧିକାଂଶ ଦେଶରେ, ନିମ୍ନ ସଦନ ପ୍ରତ୍ୟକ୍ଷ ଭୋଟ ଦ୍ୱାରା ନିର୍ବାଚିତ ହୁଏ ଏବଂ ସାଧାରଣତଃ ଉଚ୍ଚ ସଦନ ଅପେକ୍ଷା ଅଧିକ କ୍ଷମତାଶାଳୀ, ଯାହା ନିର୍ବାଚନ କିମ୍ବା ମନୋନୟନ ଦ୍ୱାରା ଗଠିତ ହୋଇଥାଏ । ଏହି ସଦନଗୁଡ଼ିକ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଭାରତରେ ନିମ୍ନ ସଦନକୁ ଲୋକସଭା କୁହାଯାଏ, ଏବଂ ଉଚ୍ଚ ସଦନକୁ ରାଜ୍ୟସଭା କୁହାଯାଏ ।
- **କ୍ଷମତା ପୃଥକୀକରଣ (Separation of Power)** ର ଅର୍ଥ ହେଉଛି ସରକାରଙ୍କ ତିନୋଟି ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତି ଏବଂ ପରସ୍ପର ପରସ୍ପରର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ ।

ଆସ ଅନୁସନ୍ଧାନ କରିବା

→ ପୂର୍ବ ପୃଷ୍ଠାରେ ଦିଆଯାଇଥିବା ସାରଣୀ 8.1ରେ ଦେଶ **A** ଓ ଦେଶ **B** ଅନ୍ତର୍ଗତ ଖାଲି ସ୍ଥାନଗୁଡ଼ିକୁ ତୁମ ପସନ୍ଦର ଦୁଇଟି ଭିନ୍ନ ଦେଶକୁ ନେଇ ପୂରଣ କର ।

→ ସାରଣୀକୁ ବିଶ୍ଳେଷଣ କର ଏବଂ ସମସ୍ତ ଉଦାହରଣର ସମାନତା ଓ ପାର୍ଥକ୍ୟ ବିଷୟରେ ନିଜ ନିଜ ମଧ୍ୟରେ ଆଲୋଚନା କର ।

ଏହା ତୁମକୁ ବୁଝିବାର ଏକ କ୍ଷମତା ଦେଇଥିବ ଯେ ବିଭିନ୍ନ ପ୍ରକାରର ଗଣତାନ୍ତ୍ରିକ ସରକାରଗୁଡ଼ିକର ଗଠନ, ସଂଗଠନ ଏବଂ କାର୍ଯ୍ୟ କରିବାର ଶୈଳୀ ଭିନ୍ନଭିନ୍ନ ଅଟେ । ଏହା ସହିତ, ସରକାରଙ୍କ ତିନୋଟି ଅଙ୍ଗ ମଧ୍ୟରେ ସମ୍ପର୍କ ମଧ୍ୟ ଭିନ୍ନ । କିନ୍ତୁ ଆମେ ଆରମ୍ଭରୁ ପଢ଼ିଥିଲେ ଯେ ସମାନତା, ସ୍ୱାଧୀନତା ଏବଂ ସାର୍ବଜନୀନ ସାବାଳକ ମତଦାନ ଅଧିକାର ଭଳି କିଛି ବୈଶିଷ୍ଟ୍ୟ ସମସ୍ତ ଗଣତନ୍ତ୍ରରେ ସମାନ ରୂପେ ରହିଥାଏ ।

ଆସ ଅନୁସନ୍ଧାନ କରିବା

→ ଉପରୋକ୍ତ ଉଦାହରଣଗୁଡ଼ିକୁ ଅଧ୍ୟୟନ କରିବା ପରେ, ଏକ ଗଣତାନ୍ତ୍ରିକ ସରକାରଙ୍କ ମୂଳ ନୀତିଗୁଡ଼ିକୁ ତାଲିକାଭୁକ୍ତ କର । ନିଜ ହୃଦ୍‌ବୋଧକୁ ଆଧାର କରି ନିମ୍ନରେ ଦିଆଯାଇଥିବା କାର୍ଯ୍ୟକଳାପଗୁଡ଼ିକୁ ସମ୍ପାଦିତ କର ।

→ ତୁମମାନଙ୍କୁ ତୁମ ବିଦ୍ୟାଳୟ ନିମନ୍ତେ ଏକ ଛାତ୍ର କମିଟି ଗଠନ କରିବାକୁ ପଡ଼ିବ । ଏକ ଯୋଜନା ପ୍ରସ୍ତୁତ କର ଯାହା ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟକାରୀ ହେବ, ଏବଂ ନିଶ୍ଚିତ କର ଯେ:

- କମିଟିର କାର୍ଯ୍ୟଗୁଡ଼ିକ ସ୍ପଷ୍ଟଭାବେ ନିର୍ଦ୍ଧାରିତ ହେଉ ।
- କମିଟିର ସଦସ୍ୟମାନଙ୍କର ନିର୍ବାଚନ ପ୍ରକ୍ରିୟା ଗଣତାନ୍ତ୍ରିକ ହେଉ ।

ଇତିହାସର ଏକ ଝଲକ

ପ୍ରାଚୀନ ଗଣରାଜ୍ୟ (ସାଧାରଣତନ୍ତ୍ର)

ଗଣରାଜ୍ୟ ହେଉଛି ସରକାରଙ୍କ ଏକ ରୂପ ଯେଉଁଥିରେ ରାଷ୍ଟ୍ରମୁଖ୍ୟ ନିର୍ବାଚନ ମାଧ୍ୟମରେ କ୍ଷମତାପ୍ରାପ୍ତ ହୁଅନ୍ତି ଏବଂ ସେ ଜଣେ ବଂଶାନୁକ୍ରମିକ ରାଜା ନୁହନ୍ତି । ଭାରତରେ ଅତିକମ୍‌ରେ ଦୁଇଟି ପ୍ରାଚୀନ ମହାଜନପଦରେ ଏପରି ଘଟିଥିଲା, ଯାହାକି ତୁମେମାନେ 'ନଗର ଓ ରାଜ୍ୟଗୁଡ଼ିକର ନବାରମ୍ଭ ' ଅଧ୍ୟାୟରୁ ମନେପକାଇ ପାରିବ । ଭଜ୍ଜୀ (କିମ୍ବା ଭିଜି) ମହାଜନପଦରେ, ବିଶେଷ କରି ଲିଚ୍ଛାବୀ ବଂଶ ସାମୂହିକ ନିଷ୍ପତ୍ତି ଗ୍ରହଣ କରୁଥିଲେ ଏବଂ ଶାସକ ବା ନେତାମାନଙ୍କୁ ଜନ୍ମଗତ ସୁବିଧା ବଦଳରେ ଯୋଗ୍ୟତା(**merit**) ଆଧାରରେ ଚୟନ କରାଯାଉଥିଲା ।

AP SCERT

ନିର୍ବାଚନ ମାଧ୍ୟମରେ ପ୍ରମୁଖ ପଦବୀ ପୂରଣ କରାଯାଉଥିଲା ଏବଂ ବିଭିନ୍ନ ବଂଶର ପ୍ରତିନିଧିମାନେ ନିୟମିତ ଭାବରେ ସମସ୍ୟାର ସମାଧାନ ଏବଂ ଲୋକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଏକାଠି ହେଉଥିଲେ । ସୁତରାଂ, ଏପରି ରାଜ୍ୟଗୁଡ଼ିକୁ ଭାରତର ପ୍ରାଚୀନ ଗଣରାଜ୍ୟ କୁହାଯାଏ ।

ବାସ୍ତବରେ, ଯୁଗ ଯୁଗ ଧରି ଭାରତରେ ସାଧାରଣ ଲୋକଙ୍କ ମତାମତକୁ ମୂଲ୍ୟବାନ ବିଶେଷକରି ସମର୍ଥନ କରାଯାଇଛି, ଏପରିକି ଯେତେବେଳେ କ୍ଷମତା ଜଣେ ରାଜା କିମ୍ବା ରାଣୀଙ୍କ ହାତରେ ନ୍ୟସ୍ତ ଥିଲା । ଚୋଳ ସାମ୍ରାଜ୍ୟର ଏକ ଉଲ୍ଲେଖନୀୟ ଉଦାହରଣ ତାମିଲନାଡୁର ଦଶମ ଶତାବ୍ଦୀର ଉତ୍ତର ମେରୁର ଶିଳାଲେଖରେ ଦେଖାଯାଏ, ଯାହା ଆମକୁ ଗ୍ରାମ ସଭା (ସ୍ଥାନୀୟ ପ୍ରଶାସନିକ ସଂସ୍ଥା) ପାଇଁ ସଦସ୍ୟଙ୍କ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରେ । ଆମେ ନିର୍ବାଚନ ପ୍ରକ୍ରିୟା ବିଷୟରେ ଜାଣୁ, ଯେଉଁଥିରେ ସିଲ୍ ହୋଇଥିବା ପାତ୍ର, ସଦସ୍ୟଙ୍କ ଯୋଗ୍ୟତା, ସେମାନଙ୍କର କର୍ତ୍ତବ୍ୟ ଏବଂ ସେମାନଙ୍କୁ ବହିଷ୍କାର କରିବାର ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥାଏ ।



ଚିତ୍ର 8.6 ତାମିଲନାଡୁର ଉତ୍ତର ମେରୁର ବୈକୁଣ୍ଠ ପେରୁମାଲ୍ ମନ୍ଦିରର କାନ୍ଥରେ ଚୋଳ ଯୁଗର ଶିଳାଲେଖ

ଉଦାହରଣ ସ୍ୱରୂପ, ଯଦି କୌଣସି ସଦସ୍ୟ ଦୁର୍ନୀତିରେ ଲିପ୍ତ ଥିବା ଜଣାପଡେ ତେବେ ତାଙ୍କୁ ତୁରନ୍ତ ବହିଷ୍କାର କରାଯିବା ବ୍ୟବସ୍ଥା । ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଗଣରାଜ୍ୟ ଥିଲା । ଖ୍ରୀ.ପୂ. 5ମ ଓ 4ର୍ଥ ଶତାବ୍ଦୀରେ, ରୋମ ଏବଂ ଗ୍ରୀସରେ ଗଣରାଜ୍ୟ ପ୍ରତିଷ୍ଠିତ ଥିଲା । ଗ୍ରୀସର କିଛି ଅଞ୍ଚଳରେ, ସ୍ୱାଧୀନ ପୁରୁଷମାନେ ଭୋଟ ଦେଇ ପାରୁଥିଲେ, କିନ୍ତୁ ମହିଳା, ଶ୍ରମିକ ଏବଂ **କ୍ରୀତଦାସ** ଭୋଟ ଦେଇ ପାରୁନଥିଲେ । ଅନ୍ୟାନ୍ୟ ଅଞ୍ଚଳରେ ଏପରି ଏକ ବ୍ୟବସ୍ଥା ଥିଲା, ଯେଉଁଠାରେ କେବଳ ଅଳ୍ପ ସଂଖ୍ୟକ ସୁବିଧାପ୍ରାପ୍ତ ଗୋଷ୍ଠୀ ଭୋଟ ଦେଇ ପାରୁଥିଲେ କିମ୍ବା ନିଷ୍ପତ୍ତି ନେଇପାରୁଥିଲେ ।

କ୍ରୀତଦାସ:
ଜଣେ ବ୍ୟକ୍ତି ଯିଏ ଅନ୍ୟ ପାଇଁ କାମ କରିବାକୁ ବାଧ୍ୟହୁଏ ଏବଂ ସେମାନଙ୍କର ସମ୍ପତ୍ତି ଭାବରେ ବିବେଚନା କରାଯାଏ ।

ସରକାରର ଅନ୍ୟାନ୍ୟ ପ୍ରକାର ଭେଦ

ପୂର୍ବ ଭାଗରେ ଆମେ ଦେଖିଥିଲୁ ଯେ ଗଣତନ୍ତ୍ର ଆଜିର ବିଶ୍ୱରେ ସବୁଠାରୁ ଲୋକପ୍ରିୟ ସରକାର, ଏବଂ ଗଣତନ୍ତ୍ରର ବିଭିନ୍ନ ପ୍ରକାରଭେଦ ମଧ୍ୟ ଅଛି । ଆସ ବର୍ତ୍ତମାନ ଆମେ ଅନ୍ୟ ପ୍ରକାରର ସରକାରକୁ ମଧ୍ୟ ଦେଖିବା ଏବଂ ସେମାନଙ୍କର ମୌଳିକ ଗଠନ ବ୍ୟବସ୍ଥା ବୁଝିବା ।

1. ରାଜତନ୍ତ୍ର (Monarchy)


ବଶୀଭୂତ:
ବଳପ୍ରୟୋଗ ମାଧ୍ୟମ୍ରେ ଲୋକ କିମ୍ବା ଅଞ୍ଚଳକୁ ନିୟନ୍ତ୍ରଣରେ ରଖିବା ।

ଯେପରି ଆମେ 'ପ୍ରାଚୀନ ସ୍ମୃତିର ପଲ୍ଲବ' ଅଧ୍ୟାୟରେ ପଢିଥିଲୁ, ମହାଜନପଦ ରାଜାମାନଙ୍କ ନେତୃତ୍ୱରେ ଶାସିତ ହେଉଥିଲା, ଯେଉଁମାନେ ସଭା କିମ୍ବା ସମିତି ଦ୍ୱାରା ପରିଚାଳିତ ହେଉଥିଲେ ଏବଂ ଏହି ଅନୁଷ୍ଠାନଗୁଡିକର ନିଷ୍ପତ୍ତି ଓ ପରାମର୍ଶକୁ ଗମ୍ଭୀରତାର ସହ ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା । ଯେହେତୁ ସମଗ୍ର ଭାରତରେ ସାମ୍ରାଜ୍ୟ ଗଠନ ଓ ବିସ୍ତାର ହେଲା, ରାଜାମାନେ ପ୍ରଚୁର କ୍ଷମତା ହାସଲ କରିବାକୁ ଲାଗିଲେ ।

AP SCERT

ତଥାପି ସେମାନେ ସାମ୍ରାଜ୍ୟ ପରିଚାଳନାରେ ସାହାଯ୍ୟ କରିବା ପାଇଁ ମହାପରିଷଦ ଓ ଅଧୁକାରୀଙ୍କ ନେତୃତ୍ୱର୍କ ଉପରେ ନିର୍ଭର କରୁଥିଲେ । ଅନେକ କ୍ଷେତ୍ରରେ ରାଜା ଧର୍ମ ସମ୍ବନ୍ଧୀୟ ପ୍ରସଙ୍ଗରେ ବିଦ୍ୱାନ ପଣ୍ଡିତମାନଙ୍କର ପରାମର୍ଶ ମଧ୍ୟ ଲୋଡୁଥିଲେ । ଅବଶ୍ୟ, ଏପରି କିଛି ରାଜାମାନଙ୍କର ଉଦାହରଣ ମଧ୍ୟ ରହିଛି ଯେଉଁମାନେ ସେମାନଙ୍କର କ୍ଷମତା ପ୍ରୟୋଗ କରି ଲୋକମାନଙ୍କୁ ବଶୀଭୂତ କରିରଖୁଥିଲେ ।

ବିଶ୍ୱର କିଛି ସ୍ଥାନରେ, ରାଜାମାନଙ୍କର ଅଖଣ୍ଡ କ୍ଷମତା ଥିଲା, ସେମାନେ ଆଇନ ପ୍ରଣୟନ କରୁଥିଲେ, ସେଗୁଡ଼ିକୁ କାର୍ଯ୍ୟକାରୀ କରୁଥିଲେ, ଏବଂ ଦଣ୍ଡ ମଧ୍ୟ ସ୍ଥିର କରୁଥିଲେ । କେତେକ କ୍ଷେତ୍ରରେ, ସେମାନେ ଭଗବାନଙ୍କଠାରୁ ଦିବ୍ୟ ଶକ୍ତି ପାଇଛନ୍ତି ବୋଲି ଦାବି କରୁଥିଲେ ।



ଚିତ୍ର 8.7 ସାଞ୍ଚିସ୍ତୂପର "ସ୍ତମ୍ଭପୂଜା'

ତଥାପି, ଭାରତର ଅନେକ ସ୍ଥାନରେ, ରାଜାଙ୍କର କ୍ଷମତା ନିରଙ୍କୁଶ ନଥିଲା କିମ୍ବା ପ୍ରଶ୍ନ ବାହାରେ ନଥିଲା (**absolute**)। ରାଜା ରାଜଧର୍ମର ପରିସୀମା ମଧ୍ୟରେ ରହି ନିଷ୍ପତ୍ତି ନେବା ପାଇଁ ଆଶା କରାଯାଉଥିଲା, ଏହାର ଅର୍ଥ ଧର୍ମ ଅନୁଯାୟୀ ଶାସନ କରିବା ଏବଂ ସମଗ୍ର ଲୋକଙ୍କ କଲ୍ୟାଣ ସୁନିଶ୍ଚିତ କରିବା । ଏହା ଏକ ଆଦର୍ଶ ଥିଲା ଯାହା ରାଜାମାନେ ପ୍ରାୟତଃ ହାସଲ କରି ନଥିଲେ ।

ଏହା ବିଷୟରେ ଚିନ୍ତାକର

ଯଦି ରାଜା ନିଜକୁ ଦିବ୍ୟଶକ୍ତିର ଅଧିକାରୀ ବୋଲି ଭାବନ୍ତି ତେବେ କ'ଣ ହୋଇପାରେ? ସେ କିପରି ଲୋକଙ୍କ ଉପରେ ଶାସନ କରିବେ?

ମନେ ରଖ

ମହାଭାରତର ଶାନ୍ତି ପର୍ବରେ, ଯେତେବେଳେ କୁରୁ ରାଜବଂଶର କୁଳବୃଦ୍ଧ ଭୀଷ୍ମ ଶରଶଯ୍ୟାରେ ମୃତ୍ୟୁକୁ ଅପେକ୍ଷା କରି ଶୋଇଛନ୍ତି, ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ ଉତ୍ତମ ଶାସନ, ନ୍ୟାୟ ଏବଂ ଜଣେ ରାଜାର ନୈତିକ କର୍ତ୍ତବ୍ୟ ବିଷୟରେ ଦୀର୍ଘ ସମୟ ଧରି ଶିକ୍ଷା ଦେଇଥିଲେ ।



ଜଣେ ରାଜା କେବଳ ଜଣେ ଶାସକ ନୁହନ୍ତି, ପ୍ରଜାଙ୍କ କଲ୍ୟାଣ ତାଙ୍କର ସର୍ବୋଚ୍ଚ ପ୍ରାଥମିକତା, ନ୍ୟାୟ ଏବଂ ସମାନତା ସୁନିଶ୍ଚିତ କରିବା ପାଇଁ ପକ୍ଷପାତିତା ବିନା ଆଇନ ପ୍ରୟୋଗ । ସେ କ୍ଷମତା ପ୍ରତି ଆକର୍ଷିତ ହେବା ଉଚିତ ନୁହେଁ, କାରଣ ଏହା ଅହଙ୍କାର ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ । ନ୍ୟାୟପୂର୍ଣ୍ଣ ଏବଂ ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ତାଙ୍କୁ ବିଜ୍ଞ ପରାମର୍ଶଦାତାଙ୍କ ଠାରୁ ମାର୍ଗଦର୍ଶନ ନେବା ଆବଶ୍ୟକ । ରାଜାଙ୍କୁ ଏକଥା ବୁଝିବାକୁ ପଡ଼ିବ ଯେ ତାଙ୍କର କ୍ଷମତା ଧର୍ମ ଦ୍ୱାରା ଆବଦ୍ଧ ଏବଂ ଅସ୍ଥାୟୀ ଅଟେ ।

AP SCERT

ରାଜା ଚନ୍ଦ୍ରପଦ ତାଙ୍କ ଦେବତାଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିବାକୁ ଚାହୁଁଥିଲେ, କିନ୍ତୁ ଜଣେ ଜିଦ୍‌ଖୋର ମୋଚିର କୁଡ଼ିଆ ସେଥିରେ ବାଧା ସୃଷ୍ଟି କରିଥିଲା । ଯେତେବେଳେ ନିର୍ମାଣକାରୀମାନେ ରାଜାଙ୍କ ନିକଟରେ ଅଭିଯୋଗ କଲେ ଯେ ସେ ମୋଚି ସେମାନଙ୍କୁ ଜାଗାର ମାପ ନେବାକୁ ଅନୁମତି ଦେଉ ନାହାନ୍ତି, ରାଜା ସେମାନଙ୍କୁ ପ୍ରଥମେ ମୋଚିଙ୍କ ଅନୁମତି ନ ମାଗିବାର ଦୋଷ ଦେଲେ। ରାଜା ମୋଚିର କଥାକୁ ଗ୍ରହଣ କଲେ, ଯିଏ ବ୍ୟାଖ୍ୟା କରୁଥିଲେ ଯେ ତାଙ୍କ କୁଡ଼ିଆଟି ତାଙ୍କ ପାଇଁ ମାତା ପରି ଏବଂ ରାଜାଙ୍କ ପ୍ରାସାଦ ଭଳି ତାଙ୍କ ପାଇଁ ତାଙ୍କ କୁଡ଼ିଆଟି ମୂଲ୍ୟବାନ ଲୋକମାନେ ଯେତେବେଳେ ସେମାନଙ୍କର ଘର ବଳପୂର୍ବକ ଛଡ଼ାଇ ନେଇ ଯାଆନ୍ତି ସେତେବେଳେ ଯେଉଁ ଦୁଃଖ ସେ ଅନୁଭବ କରନ୍ତି ତାହା କେବଳ ଜଣେ ଦେବତା ଯିଏ ତାଙ୍କ ସ୍ୱର୍ଗୀୟ ଗାଡ଼ିରୁ (ରଥରୁ) ପଡ଼ିଯାଇଛନ୍ତି କିମ୍ବା ଜଣେ ରାଜ୍ୟ ହରାଇଥିବା ରାଜା ତାହା ବର୍ଣ୍ଣନା କରିପାରିବେ! ତଥାପି ମୋଚି ତାଙ୍କ କୁଡ଼ିଆ ଛାଡ଼ିବାକୁ ପ୍ରସ୍ତୁତ ଥିଲେ ଯଦି ରାଜା ନିଜେ ଆସି ସମ୍ମାନର ସହ ତାଙ୍କ ଅନୁମତି ମାଗିବେ ଯାହା ରାଜା ମାନିଯାଇଥିଲେ ଏବଂ ତାଙ୍କୁ କ୍ଷତିପୂରଣ ସ୍ୱରୂପ ପର୍ଯ୍ୟାପ୍ତ ଅର୍ଥ ଦେଇଥିଲେ । ଯେଉଁମାନେ ଖୁସି ରହନ୍ତି, ସେମାନଙ୍କର ମିଥ୍ୟାଗର୍ବ ରହିବା ଉଚିତ ନୁହେଁ। ଧର୍ମପରାୟଣ ରାଜାଙ୍କର ଏକ ନିମ୍ନ ସ୍ତରର ଅଧିବାସୀ ପ୍ରତି ଥିବା ପ୍ରତିବଦ୍ଧତାକୁ ମୋଚି ପ୍ରଶଂସା କରିଥିଲେ ।

– କାଶ୍ମୀର ବିଦ୍ୱାନ କଲ୍‌ହଣଙ୍କ ଦ୍ୱାରା ଉଦ୍ଧୃତ ରାଜତରଙ୍ଗିଣୀ (12ଶ ଶତାବ୍ଦୀ)ରୁ ଆନୀତ ।

Sovereign: ସାର୍ବଭୌମ ସୂଚିତ କରେ ଯେ ଏକ ଦେଶର କ୍ଷମତାର ଉତ୍ସ ବାହ୍ୟ ପ୍ରଭାବରୁ ସ୍ୱାଧୀନ ବା ମୁକ୍ତ ଅଟେ ।

Monarchs: ରାଜତନ୍ତ୍ର (ରାଜା କିମ୍ବା ରାଣୀ) ଯେଉଁମାନେ ସେମାନଙ୍କର ପଦବୀ ଉତ୍ତରାଧୀକାରୀ ସୂତ୍ରରେ ପାଇଥାନ୍ତି । ସାଧାରଣତଃ ରାଜ ପରିବାରର ମଧ୍ୟରେ ଏହା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପରିବ୍ୟାପ୍ତ ହୋଇଥାଏ ।

AP SCERT

2. ଆଜିର ରାଜତନ୍ତ୍ର(Monarchies today)

ରାଜତନ୍ତ୍ର ହେଉଛି ଏକ ପ୍ରକାର ସରକାର ଯାହା ଜଣେ ରାଜାଙ୍କ ଦ୍ୱାରା ଶାସିତ ହୁଏ । ରାଜା ଓ ରାଣୀମାନଙ୍କୁ ଶାସକ (ରାଜା–**monarchs**) କୁହାଯାଏ, ଯେଉଁମାନେ ସେମାନଙ୍କର ସାର୍ବଭୌମ କ୍ଷମତା ବ୍ୟବହାର କରନ୍ତି । ରାଜତନ୍ତ୍ର ସାଧାରଣତଃ ବଂଶାନୁକ୍ରମିକ ପ୍ରଥମାନୁଯାୟୀ/କ୍ରମାନୁସରେ, ରାଜାଙ୍କର ବଡ଼ପୁଅ ପରବର୍ତ୍ତୀ ରାଜା ହୁଅନ୍ତି । ରାଜତନ୍ତ୍ର ସାଧାରଣତଃ ଦୁଇ ପ୍ରକାରର ଅନୁଭୂତ ହେଉଅଛି ।

a. ସମ୍ପୂର୍ଣ୍ଣ ରାଜତନ୍ତ୍ର(Absolute Monarchy)

ଏକ ସମ୍ପୂର୍ଣ୍ଣ ରାଜତନ୍ତ୍ରରେ ଆଇନ ତିଆରି କରିବା, ସେଗୁଡ଼ିକ ପାଳନ କରାଯାଉଛି କି ନାହିଁ ତାହା ନିଶ୍ଚିତ କରିବା ଏବଂ ଯେତେବେଳେ ତାହା ଅନୁସରଣ ହୋଇ ନଥାଏ ସେତେବେଳେ ବିଚାର କରିବା ଇତ୍ୟାଦି କାର୍ଯ୍ୟ ରାଜାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ ।

ସାଉଦି ଆରବ ସମ୍ପୂର୍ଣ୍ଣ ରାଜତନ୍ତ୍ରର ଏକ ଉଦାହରଣ ଏଠାରେ ରାଜା ସମସ୍ତ କ୍ଷମତା ଧାରଣ କରନ୍ତି ଏବଂ ମୁସଲମାନ ଆଇନ ଅନୁଯାୟୀ ଶାସନ କରିଥାନ୍ତି । ତଥାପି, ସେ ଏକ ପରିଷଦ ନିଯୁକ୍ତ କରିଥାନ୍ତି ଯାହା ତାଙ୍କୁ ଶାସନ ବିଷୟରେ ପରାମର୍ଶ ପ୍ରଦାନ କରି ସହାୟତା କରେ କିନ୍ତୁ ସେ ସେହି ପରିଷଦର ପରାମର୍ଶକୁ ମାନିବାକୁ ବାଧ୍ୟ ନୁହଁନ୍ତି ।

ବିଚାର : ବିବାଦ ହେଲେ ଏକ ମାମଲାର ବିଚାର କରିବା ।

b. ସାମ୍ବିଧାନିକ ରାଜତନ୍ତ୍ର

ଆସ ଏକ ଭିନ୍ନ ପ୍ରକାରର ରାଜତନ୍ତ୍ରର ଉଦାହରଣ ବିଚାର କରିବା, ଯୁକ୍ତରାଜ୍ୟ କିମ୍ବା ବ୍ରିଟେନ ମଧ୍ୟ ଏକ ରାଜତନ୍ତ୍ର । ରାଷ୍ଟ୍ରର ମୁଖ୍ୟ ହେଉଛନ୍ତି ରାଜା କିମ୍ବା ରାଣୀ, କିନ୍ତୁ ତାଙ୍କର କେବଳ ନାମକୁମାତ୍ର କ୍ଷମତା ରହିଛି ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟପାଳିକାର ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ବ୍ୟବସ୍ଥାପିକା କ୍ଷମତାଟି ସଂସଦ ଉପରେ ନ୍ୟସ୍ତ ରହିଛି । ଏହାର ଅର୍ଥ ହେଉଛି ସେ ଦେଶର ସମସ୍ତ ଆଇନ ନିର୍ବାଚିତ ସଂସଦ ଦ୍ୱାରା ପ୍ରଣୀତ କରାଯାଏ ଏବଂ କାର୍ଯ୍ୟପାଳିକା କ୍ଷମତା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରୀପରିଷଦ ଦ୍ୱାରା ପ୍ରୟୋଗ କରାଯାଏ । ତେଣୁ ବ୍ରିଟେନରେ ଜଣେ ରାଜା ଥିବାବେଳେ, ଏହା ପ୍ରକୃତରେ ଏକ ସଂସଦୀୟ ଗଣତନ୍ତ୍ର । ଏହି ପ୍ରକାରର ରାଜତନ୍ତ୍ରକୁ ଏକ ସାମ୍ବିଧାନିକ ରାଜତନ୍ତ୍ର (**parliamentary democracy**) କୁହାଯାଏ କାରଣ ଏହା ସେ ଦେଶର ସମ୍ବିଧାନ ଦ୍ୱାରା ସ୍ୱୀକୃତ ଅଟେ ।

3. ଧର୍ମତନ୍ତ୍ର (Theocracy)

ଧର୍ମତନ୍ତ୍ର ହେଉଛି ଏକ ପ୍ରକାର ସରକାର ଯାହା ସେ ଦେଶର ଧର୍ମ ଏବଂ ଧାର୍ମିକ ନେତାଙ୍କ ନିୟମ ଦ୍ୱାରା ପରିଚାଳିତ ହୁଏ ।

ଇରାନ, ଯାହାର ପୂର୍ଣ୍ଣ ସରକାରୀ ନାମ 'ଇସ୍ଲାମିକ ଗଣରାଜ୍ୟ ଇରାନ' ଏହାର ଏକ ଅନନ୍ୟ ରାଜନୈତିକ ବ୍ୟବସ୍ଥା ରହିଛି । ଯାହା ଧର୍ମତନ୍ତ୍ର ଏବଂ ଗଣତାନ୍ତ୍ରିକ ଶାସନ ଉଭୟର ଉପାଦାନଗୁଡ଼ିକୁ ମିଶ୍ରଣ କରେ । ସେମାନଙ୍କର ସମ୍ବିଧାନ ଦେଶର ସରକାରୀ ଧର୍ମ ଇସ୍ଲାମର ମୌଳିକ ନୀତି ଉପରେ ଆଧାରିତ । ଦେଶର ସର୍ବୋଚ୍ଚ ନେତା, ଯାହାଙ୍କର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଉପରେ ସର୍ବୋଚ୍ଚ କ୍ଷମତା ରହିଛି, ତାଙ୍କୁ ଇସ୍ଲାମିକ ଧର୍ମଗୁରୁଙ୍କର ଏକ ଗୋଷ୍ଠୀ ଦ୍ୱାରା ଚୟନ କରାଯାଏ ଏବଂ ତାଙ୍କର କାର୍ଯ୍ୟକାଳ ଆଜୀବନ ଅଟେ । ସେଠାରେ ଜଣେ ନିର୍ବାଚିତ ରାଷ୍ଟ୍ରପତିଙ୍କ ସହିତ ଏକ ସଂସଦ ମଧ୍ୟ ରହିଛି ଯେଉଁମାନେ ସାଧାରଣ ଶାସନ ପରିଚାଳନା କରନ୍ତି । ଗଣରାଜ୍ୟର ଉଦ୍ଦେଶ୍ୟ ହେଉଛି ଇସ୍ଲାମିକ ମାନଦଣ୍ଡ ଉପରେ ଆଧାରିତ ଏକ ସମାଜ ପ୍ରତିଷ୍ଠା କରିବା । ବର୍ତ୍ତମାନ ବିଦ୍ୟମାନ ଥିବା ଅନ୍ୟାନ୍ୟ ଧର୍ମତନ୍ତ୍ର ମଧ୍ୟରେ ଆଫଗାନିସ୍ତାନ ଓ ଭାଟିକାନ୍ ସିଟି ଅନ୍ତର୍ଭୁକ୍ତ ।




ଚିତ୍ର *୫.୨* ଜଣେ ବିଦେଶୀ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଗସ୍ତ ସମୟରେ ଏକ ରାଜକୀୟ ତାନରେ ରାଜା ଚାର୍ଲେସ୍ ତୃତୀୟ

4. ଏକଛତ୍ରବାଦ (Dictatorship)


ଏକଛତ୍ରବାଦ ହେଉଛି ଏପରି ଏକ ସରକାର ଯେଉଁ ବ୍ୟବସ୍ଥାରେ ଜଣେ ବ୍ୟକ୍ତି କିମ୍ବା ଏକ କ୍ଷୁଦ୍ର ଗୋଷ୍ଠୀ ସମ୍ପୂର୍ଣ୍ଣ କ୍ଷମତାର ଅଧିକାରୀ ହୋଇଥାନ୍ତି । ସେମାନଙ୍କ ଉପରେ ସମ୍ବିଧାନ କିମ୍ବା ଆଇନ ଦ୍ୱାରା କୌଣସି କଟକଣା ଲଗାଯାଇ ନଥାଏ । ବିଂଶ ଶତାବ୍ଦୀରେ ଏପରି ଅନେକ ଏକଛତ୍ରବାଦୀଙ୍କ ଉଦାହରଣ ଦେଖାଯାଇଥିଲା ଯେଉଁମାନେ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲେ ଆମେ ସେମାନଙ୍କ ମଧ୍ୟରୁ କେବଳ ଦୁଇଟିକୁ ହିଁ ଏଠାରେ ଜାଣିବା ।

AP SCERT

- 1933ମସିହାରେ ଆଡଲଫ ହିଟଲରଙ୍କୁ ଜର୍ମାନୀର ଚାନ୍ସେଲର୍ ଭାବେ ନିଯୁକ୍ତି କରାଯିବା ପରେ, ସେ ଏପରି ଆଇନ ପ୍ରଣୟନ କରିଥିଲେ ଯାହା ତାଙ୍କୁ ପୂର୍ଣ୍ଣକ୍ଷମତା ଦେଇଥିଲା ଏବଂ ବିରୋଧୀଙ୍କୁ ଦୂର କରିଥିଲା । ସେ ଜଣେ ଏକଚ୍ଛତ୍ରବାଦୀ ଥିଲେ । ତାଙ୍କ ଦେଶର ଅଧିବାସୀ ସର୍ବଶ୍ରେଷ୍ଠ ବୋଲି ଅନୁଭବ କରି, ସେ ବିଶ୍ୱାସ କରିଥିଲେ ଯେ ଜର୍ମାନୀ ସାରା ବିଶ୍ୱକୁ ଶାସନ କରିବା ଉଚିତ ଏବଂ 'ନିମ୍ନ ଜାତି' ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଉଚିତ । ସେ ଅତିକମ୍‌ରେ ଛଅ ଲକ୍ଷ ୟହୁଦୀ (ଏହାକୁ ହୋଲୋକାଷ୍ଟ ବା ସର୍ବନାଶ କୁହାଯାଏ) ଏବଂ ଅସଂଖ୍ୟ ରୋମା ଏବଂ ଅନ୍ୟାନ୍ୟ ଗୋଷ୍ଠୀର ଲୋକଙ୍କର ହତ୍ୟା ପାଇଁ ଦାୟୀ ଥିଲେ । ପ୍ରକୃତରେ, ସେ ହିଁ 1939–1945 ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ କାରଣ ମଧ୍ୟ ଥିଲେ ।


ଆଡଲଫ ହିଟଲର

ଯାହା ଫଳରେ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର ପ୍ରଚୁର କ୍ଷତି ହୋଇଥିଲା ।


ଚିତ୍ର 8.11 ଇଦି ଅମିନଙ୍କ ବ୍ୟଙ୍ଗାତ୍ମକ ଚିତ୍ର

- 'ଇଦି ଅମିନ' ଉଗାଣ୍ଡାର ଜଣେ ସାମରିକ ଏକଚ୍ଛତ୍ରବାଦୀ ଥିଲେ । ହଜାର ହଜାର ଲୋକଙ୍କ ନିର୍ମମ ହତ୍ୟା ପାଇଁ ସେ ସିଧାସଳଖ ଦାୟୀ ଥିଲେ । ଅନେକ ଭାରତୀୟ ଯାହାଙ୍କ ପୂର୍ବପୁରୁଷ କିଛି ପିଢି ପୂର୍ବରୁ ଉଗାଣ୍ଡାକୁ ଚାଲି ଯାଇଥିଲେ ସେମାନଙ୍କୁ ଦେଶଛାଡି ପଳାଇବାକୁ ବାଧ କରାଯାଇଥିଲା ।

ବ୍ୟଙ୍ଗାତ୍ମକ ଚିତ୍ର : ଏକ ଚିତ୍ର ଯାହା ହାସ୍ୟାସ୍ପଦ କିମ୍ବା ବୋକା ଦେଖାଯାଏ କାରଣ ବ୍ୟକ୍ତିଙ୍କ ଦୃଶ୍ୟର କିଛି ଅଂଶ ଅତିରଞ୍ଜିତ ହୋଇଥାଏ ।

ମନେ ରଖ

ରୋମା କିମ୍ବା ରୋମାନି ଲୋକମାନେ ମୂଳତଃ ଯାଯାବର ଥିଲେ । ସେମାନଙ୍କର ଭାଷାଗତ ଏବଂ ସାଂସ୍କୃତିକ ବୈଶିଷ୍ଟ୍ୟଗୁଡ଼ିକୁ ଆଧାର କରି, ବିଦ୍ୱାନମାନେ ନିର୍ଣ୍ଣୟ କରିଛନ୍ତି ଯେ ସେମାନଙ୍କର ଉତ୍ପତ୍ତି ଭାରତରେ ହୋଇଥିଲା । ସେମାନେ ପ୍ରଥମେ ପୂର୍ବ ୟୁରୋପର କିଛି ଅଂଶରେ ବସତି ସ୍ଥାପନ କରିଥିଲେ କିନ୍ତୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶକୁ ପ୍ରବାସ କରିଛନ୍ତି ।



ଶେନ୍‌ର କାହାଣୀ

ଶେନ୍ ଉତ୍ତର କୋରିଆରେ ବାସକରେ ଯେଉଁଠାରେ ତାଙ୍କ ଦୈନନ୍ଦିନ ଜୀବନଯାପନ ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ରହିଛି । ସେ ବର୍ତ୍ତମାନ ବାଧ୍ୟତାମୂଳକ ସାମରିକ ସେବାରେ କାର୍ଯ୍ୟରତ ଅଛନ୍ତି, ଯେଉଁଥିରେ ସରକାର ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସେ ସାମରିକ ସେବାରେ ରହିବେ ବୋଲି ଆଶା କରାଯାଏ । ତାଙ୍କର କେଶ କାଟିବା ଶୈଳୀ, ଏବଂ ସେ କେଉଁ ପୋଷାକ ପରିଧାନ କରିବେ ସେ ସମ୍ବନ୍ଧରେ ମଧ୍ୟ ନିୟମ ରହିଛି । ବିଶ୍ୱସ୍ତରୀୟ ଇଣ୍ଟରନେଟ ବ୍ୟବହାର ନିମନ୍ତେ ତାଙ୍କ ଉପରେ କଟକଣା ରହିଛି । ତେଣୁ ସେ ନିଜ ଦେଶ ବାହାରର ଦୁନିଆ ବିଷୟରେ ଅଜ୍ଞ ।

AP SCERT

ସରକାର ତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ତୀକ୍ଷ୍ଣ ନଜର ରଖୁଛନ୍ତି ଏବଂ ନିର୍ଦ୍ଦିଷ୍ଟ ନିୟମଗୁଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିଷୟରେ ସେ ମଧ୍ୟ ରିପୋର୍ଟ କରିବେ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ସେ ଜଣେ ପର୍ଯ୍ୟଟକଙ୍କୁ ଭେଟିଲେ, ଯିଏ ତାଙ୍କୁ ପଚାରିଲେ, ''ଏଠାରେ ତୁମ ସମସ୍ତଙ୍କର କେଶ କାଟିବା ଶୈଳୀ ସମାନ କାହିଁକି?'' ଏହାର ଉତ୍ତରରେ ଶେନ କହିଲେ, ''ଆମେ ସମସ୍ତେ ନୂତନ ଶୈଳୀ ଅନୁସନ୍ଧାନ କରିବାକୁ ଚାହୁଁ, କିନ୍ତୁ ଆମେ ଆମର କେଶ କିପରି ରଖିବା ଉଚିତ ତାହା ସରକାର ନିଷ୍ପତ୍ତି ନିଅନ୍ତି ।''

ଆସ ଅନୁସନ୍ଧାନ କରିବା

→ ଶେନ ବାସ କରୁଥିବା ଦେଶ କ'ଣ ଗଣତନ୍ତ୍ର ଦେଶ ପରି ଲାଗୁଛି ?

→ ଶେନ୍‌ଙ୍କ ଦୈନନ୍ଦିନ ଜୀବନ କିପରି ହୋଇଥିବ ବୋଲି ତୁମେମାନେ ଭାବୁଛ ?


→ ତୁମେମାନେ କ'ଣ ଏପରି ଏକ ଦେଶରେ ବାସ କରିବାକୁ ଚାହିଁବ ? କାରଣ ଦର୍ଶାଅ ।

4. ଗୋଷ୍ଠୀତନ୍ତ୍ର

'ଅଲିଗାର୍କି' ଶବ୍ଦଟି ମୂଳ ଗ୍ରୀକ ଶବ୍ଦରୁ ଉତ୍ପନ୍ନ ଯେଉଁଠାରେ 'ଅଲିଗୋସ'(**oligos**)ଶବ୍ଦର ଅର୍ଥ କିଛି ବା ଅଳ୍ପ ଏବଂ 'ଅର୍ଖୋ' (**arkho**) ଅର୍ଥ ଶାସନ କରିବା କିମ୍ବା ନିର୍ଦ୍ଦେଶ ଦେବା। ଉଭୟ ଶବ୍ଦର ସମ୍ମିଶ୍ରଣରୁ ଅଲିଗାର୍କି ବା ଗୋଷ୍ଠୀତନ୍ତ୍ର ଶବ୍ଦର ଉତ୍ପତ୍ତି। ଏହା ଏକ ପ୍ରକାରର ସରକାର ଯେଉଁଠାରେ ଏକ ଛୋଟ ଶକ୍ତିଶାଳୀ ଗୋଷ୍ଠୀ ଶାସନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି ସାଧାରଣତଃ ସେମାନେ ସମସ୍ତେ ଧନୀ ପରିବାର କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହୋଇଥାନ୍ତି ।

ରାଜନୈତିକ ସମୀକ୍ଷକ/ସମାଲୋଚକ: ରାଜନୈତିକ ଘଟଣାଗୁଡ଼ିକ ବିଷୟରେ ବିଶ୍ଳେଷଣ ଏବଂ ମତାମତ ରଖୁଥିବା ବ୍ୟକ୍ତିମାନେ ।

ପ୍ରାଚୀନ ଗ୍ରୀସର କିଛି ସ୍ଥାନରେ ସମ୍ଭ୍ରାନ୍ତ ପରିବାରଗୁଡ଼ିକ(**aristocratic families**) ଗୋଷ୍ଠୀତନ୍ତ୍ର (**oligharchy**)ଭାବରେ ଶାସନ କରୁଥିଲେ। ଆଧୁନିକ ସମୟରେ, ରାଜନୈତିକ ସମାଲୋଚକ/ସମୀକ୍ଷକମାନେ ଦେଖୁଛନ୍ତି ଯେ କେତେକ ଗଣତନ୍ତ୍ରରେ ମଧ୍ୟ ଅଲିଗାର୍କିର ଲକ୍ଷଣ ଦେଖାଯାଏ ଯେତେବେଳେ ରାଜନେତା ଏବଂ ଧନୀ ବ୍ୟବସାୟୀଙ୍କ ଏକ ଛୋଟ ଗୋଷ୍ଠୀ ଶାସନରେ ଅତ୍ୟଧିକ ପ୍ରଭାବ ଧାରଣ କରନ୍ତି ।



ଚିତ୍ର *8.13 : 1889* ମସିହାରେ ଏକ ବ୍ୟଙ୍ଗଚିତ୍ର ଯାହା ଏକ ଗୋଷ୍ଠିତାନ୍ତ୍ରିକ ପରିସ୍ଥିତିକୁ ଚିତ୍ରଣ କରେ

APSCERT

ଆସ ଅନୁସନ୍ଧାନ କରିବା

→ ପୂର୍ବ ପୃଷ୍ଠାର ଚିତ୍ର 8.13 ରେ ଥିବା ଚିତ୍ରଟିକୁ ଭଲ ଭାବରେ ନିରୀକ୍ଷଣ କର । ଏହା ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକାରେ ଏକ ନିର୍ବାଚିତ ସଂସ୍ଥାକୁ ଦର୍ଶାଉଛି। ବ୍ୟଙ୍ଗଚିତ୍ରରେ ଦେଖାଯାଉଥିବା ଲୋକମାନେ ସମସ୍ତେ ନିର୍ବାଚିତ ସଦସ୍ୟ । ତୁମେମାନେ କ'ଣ ନିରୀକ୍ଷଣ କଲ ? ବ୍ୟଙ୍ଗଚିତ୍ରର ଉପର ବାମ କୋଣରେ ତୁମେମାନେ କ'ଣ ଦେଖୁଛ ? ଏହି ନିର୍ବାଚିତ ସଂସ୍ଥାରେ କିଏ ନିଷ୍ପତ୍ତି ନେଉଛନ୍ତି ବୋଲି ତୁମେ ଭାବୁଛ ?

→ ଏକ ଗଣତନ୍ତ୍ର କ'ଣ ଏକ ଗୋଷ୍ଠୀତନ୍ତ୍ରରେ ପରିଣତ ହୋଇପାରେ ? ଗଣତନ୍ତ୍ରକୁ ସୁଦୃଢ଼ ରଖିବା ପାଇଁ ଲୋକମାନେ କ'ଣ କରିପାରିବେ ?

ଗଣତନ୍ତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ

ଏହି ବିଭିନ୍ନ ପ୍ରକାରର ସରକାର ଆମକୁ ଦର୍ଶାଏ ଯେ ଗଣତନ୍ତ୍ର କେବଳ ଏକମାତ୍ର ଉପାୟ ନୁହେଁ ଯେଉଁଥିରେ ଦେଶଗୁଡ଼ିକ ଶାସିତ ହୁଏ । କିନ୍ତୁ ଅଧିକାଂଶ ଦେଶରେ, ଗଣତନ୍ତ୍ରକୁ ଅନ୍ୟ ଶାସନ ତୁଳନାରେ ସରକାରର ଏକ ଉତ୍ତମ ବ୍ୟବସ୍ଥା ଭାବରେ ବିବେଚନା କରାଯାଏ । ଏହାକୁ ଭଲ ଭାବରେ ବୁଝିବା ପାଇଁ ଆସ ଏକ କ୍ଷିପ୍ର ତୁଳନା କରିବା ।

ସରକାରର ବିଭିନ୍ନ ପ୍ରକାର ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ବିଚାର କର ଏବଂ ହଁ କିମ୍ବା ନାହିଁ ମତରେ ଶୂନ୍ୟସ୍ଥାନ ପୂରଣ କର ।

ବୈଶିଷ୍ଟ୍ୟ	ଗଣତନ୍ତ୍ର	ଏକଚ୍ଛତ୍ରବାଦ	ନିରଙ୍କୁଶ ରାଜତନ୍ତ୍ର	ଗୋଷ୍ଠୀତନ୍ତ୍ର
ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା	ହଁ	ନା	ନା	ନା
ନାଗରିକମାନଙ୍କ ମଧ୍ୟରେ ସମାନତା				
ବାକ୍ ସ୍ୱାଧୀନତା				
କ୍ଷମତା ପୃଥକୀକରଣ				
ସମସ୍ତ ନାଗରିକଙ୍କର କଲ୍ୟାଣ ଓ ସମୃଦ୍ଧି				

ଆସ ଅନୁସନ୍ଧାନ କରିବା

ତୁମେମାନେ ସରକାରର ବିଭିନ୍ନ ରୂପର ମୌଳିକ ବୈଶିଷ୍ଟ୍ୟଗୁଡ଼ିକୁ ଜାଣିଗଲ । ଗୋଟିଏ କ୍ଷୁଦ୍ର ନାଟକ(role play) ମାଧ୍ୟମରେ ଏହି ରୂପଗୁଡ଼ିକୁ ତୁମ ଶ୍ରେଣୀ ଗୃହରେ ଉପସ୍ଥାପିତ କର :

AP SCERT

→ ଗଣତନ୍ତ୍ର ପ୍ରଣୟନ କର

→ ରାଜତନ୍ତ୍ର ପ୍ରଣୟନ କର

→ ଏକଚ୍ଛତ୍ରବାଦ ପ୍ରଣୟନ କର

→ କେଉଁ ପ୍ରକାରର ସରକାର ବା ସରକାରଙ୍କର କେଉଁ ରୂପକୁ ତୁମେ ସବୁଠାରୁ ଉପଯୁକ୍ତ ବୋଲି ଭାବୁଛ ?

ତୁମେମାନେ ଉପରୋକ୍ତ ସରକାରର ବିଭିନ୍ନ ପ୍ରକାର ରୂପ ବିଷୟରେ ଏବଂ ସରକାରର ଏହି ରୂପଗୁଡ଼ିକ ନାଗରିକଙ୍କ ଜୀବନକୁ କିପରି ବ୍ୟାଖ୍ୟା କରେ ପଢିଲ । ପୂର୍ବ ସାରଣୀରେ ଆମେ ଜାଣି ପାରିଲୁ ଯେ ଲୋକଙ୍କ ପସନ୍ଦ ଏବଂ ଅଧିକାରର ପ୍ରତିନିଧିତ୍ୱ ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ହୋଇଥାଏ।

ଏକ ପ୍ରକୃତ ଗଣତନ୍ତ୍ର ବ୍ୟବସ୍ଥାରେ, ଲୋକମାନେ ସେମାନଙ୍କର ଇଚ୍ଛା ଅନୁସାରେ ନିଜର ଦୈନନ୍ଦିନ ଜୀବନଯାପନ କରିପାରିବେ । ସେମାନେ କ'ଣ କହିବେ, କ'ଣ ପିନ୍ଧିବେ, କେଉଁ ବିଶ୍ୱାସକୁ ଅନୁସରଣ କରିବେ ଏବଂ ନିଜକୁ କିପରି ପ୍ରକାଶ କରିବେ ତାହା ନିଜେ ଚୟନ କରିପାରିବେ । ଗଣତନ୍ତ୍ରରେ ଏସବୁ କରାଯାଇପାରିବ ଯେ ପର୍ଯ୍ୟନ୍ତ ଏହା ଅନ୍ୟ କାହାର ଅଧିକାରକୁ କ୍ଷତି ପହଞ୍ଚାଏ ନାହିଁ ।

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ, ଲୋକମାନେ ସେମାନଙ୍କର ସରକାର ଚୟନ କରିଥାନ୍ତି । ସରକାର ତାଙ୍କ ଅଧିବାସୀମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ଉତ୍ତରଦାୟୀ ଏବଂ ସେମାନଙ୍କୁ ମୌଳିକ ଆବଶ୍ୟକତା ଯୋଗାଇ ଦେବା ପାଇଁ ଦାୟୀ । ଯଦି ସରକାର ତାଙ୍କର କାର୍ଯ୍ୟଗୁଡ଼ିକୁ ଠିକ ଭାବରେ ସମ୍ପାଦନ କରନ୍ତି ନାହିଁ, ତେବେ ଲୋକମାନେ ନିର୍ବାଚନ ମାଧ୍ୟମରେ ତାଙ୍କର ପ୍ରତିନିଧିମାନଙ୍କୁ ପରିବର୍ତ୍ତନ କରିପାରିବେ । ଏହା ନିଶ୍ଚିତ କରେ ଯେ ସରକାର ଯାହା କରନ୍ତି ତାହା ନିରନ୍ତର ଯାଞ୍ଚ କରାଯାଉଛି । ତେଣୁ, ଏକ ଗଣତନ୍ତ୍ରରେ ସରକାର ମୂଲ୍ୟବୋଧ ଏବଂ ଆଦର୍ଶ ଭିତ୍ତିକ ଶାସନ ମାଧ୍ୟମରେ ସମସ୍ତ ଲୋକଙ୍କ ମଙ୍ଗଳ ଉପରେ ଧ୍ୟାନ ଦେବା ଉଚିତ ।

ଆମ ଦେଶରେ ଏକ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠିତ ଅଛି ଏବଂ ଆମ ନିତିଦିନିଆ ଜୀବନରେ ଗଣତନ୍ତ୍ରର ଅନେକ ବୈଶିଷ୍ଟ୍ୟ ଆମେ ଦେଖିପାରିବା । ତେଣୁ ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ବିଶ୍ୱର ଅଧିକାଂଶ ଦେଶ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ସରକାର ଗ୍ରହଣ କରିଛନ୍ତି ।

ତଥାପି, ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଗଣତନ୍ତ୍ରର ମଧ୍ୟ ବିଭିନ୍ନ ସମସ୍ୟା ରହିଛି । ଦୁର୍ନୀତି, ସମ୍ପତ୍ତିର ଅସମାନତା(**wealth disparity**), ଗଣତାନ୍ତ୍ରିକ ସଂସ୍ଥା ଉପରେ କିଛି ଲୋକଙ୍କ ଦ୍ୱାରା ଅତ୍ୟଧିକ ନିୟନ୍ତ୍ରଣ, ନ୍ୟାୟପାଳିକାର ସାଧୀନତା ଅବକ୍ଷୟ, ସୂଚନା ମାଧ୍ୟମରେ ହେରଫେର ଭଳି ଅନ୍ୟାନ୍ୟ ଅନେକ ସମସ୍ୟା ରହିଛି । ସମସ୍ୟା ଗଣତନ୍ତ୍ରର ଆଦର୍ଶ ହାସଲ କରିବାରେ ବାଧା ସୃଷ୍ଟି କରିପାରନ୍ତି । ବ୍ୟକ୍ତି ଭାବରେ ଏବଂ ସାମୂହିକ ଭାବରେ ଆମେ ଏହି ସମସ୍ୟା ଏବଂ ପ୍ରତିବନ୍ଧକକୁ କମ କରିବା ପାଇଁ କ'ଣ କରିପାରିବା ?



ଶେଷ କରିବା ପୂର୍ବରୁ...

→ ଦେଶ ପରିଚାଳନାରେ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିଶ୍ୱର ବିଭିନ୍ନ ପ୍ରକାରର ସରକାର ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଭିନ୍ନ ଭିନ୍ନ ଉତ୍ତର ଦେଇଥାନ୍ତି : ଏହା ଏକ ସରକାର କିଏ ନିଷ୍ପତ୍ତି ନିଏ ? ସରକାରଙ୍କର ଅଂଶଗୁଡ଼ିକ କ'ଣ ଏବଂ ସେଗୁଡ଼ିକ କ'ଣ କହନ୍ତି ? ସରକାର କାହା ପାଇଁ କିମ୍ବା କ'ଣ ପାଇଁ କାମ କରୁଛି ? ସରକାର କେଉଁ ମୂଲ୍ୟବୋଧ ଓ ଆଦର୍ଶ ଅନୁସରଣ କରିବା ଉଚିତ ?

AP SCERT

→ ଆଜି ବିଶ୍ୱର ସବୁଠାରୁ ଲୋକପ୍ରିୟ ସରକାର ହେଉଛି ଗଣତନ୍ତ୍ର ସରକାର । ବିଶ୍ୱର ଗଣତାନ୍ତ୍ରିକ ସରକାରଗୁଡ଼ିକ ବିଭିନ୍ନତା ଅଛି, ଯେଉଁଥିରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଏବଂ ପ୍ରତିନିଧିମୂଳକ ଗଣତନ୍ତ୍ର ଅନ୍ତର୍ଭୁକ୍ତ ।


→ ପ୍ରତିନିଧିମୂଳକ ଗଣତନ୍ତ୍ର ଦୁଇ ପ୍ରକାରର ଅଟେ – ରାଷ୍ଟ୍ରପତିୟ ଗଣତନ୍ତ୍ର ଏବଂ ସଂସଦୀୟ ଗଣତନ୍ତ୍ର । ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ ଅଛି ।

→ ଅନ୍ୟ ପ୍ରକାରର ସରକାର ମଧ୍ୟରେ ରାଜତନ୍ତ୍ର(**Monarchy**), ଧର୍ମତନ୍ତ୍ର(**Theocracy**), ଏକଛତ୍ରବାଦ (**Dictatorship**) ଏବଂ ଗୋଷ୍ଠୀତନ୍ତ୍ର(**Oligarchy**) ଅନ୍ତର୍ଭୁକ୍ତ ହୋଇଥାଏ ।

→ ଗଣତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ଗଣତନ୍ତ୍ର ପାଇଁ ଗୁରୁତର ଆହ୍ୱାନ ରହିଛି ଯାହା ପ୍ରତି ନାଗରିକମାନଙ୍କ ସଜାଗ ରହିବା ଆବଶ୍ୟକ ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ପ୍ରତୀକଟି ଗଣତନ୍ତ୍ରର କେଉଁ ମୌଳିକ ନୀତିକୁ ପ୍ରତିନିଧିତ୍ୱ କରେ ?



କ) ବାକ୍ ସ୍ୱାଧୀନତା

ଖ) ଆଇନ ସମ୍ମୁଖରେ ସମାନ

ଗ) ମୌଳିକ ଅଧିକାର

ଘ) ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା

2. ଏହି ଅଧ୍ୟାୟରେ ତୁମେ ଶିଖିଥିବା ବିଭିନ୍ନ ପ୍ରକାରର ସରକାରଙ୍କ ନାମ ଉଲ୍ଲେଖ କର ।

3. ଭାରତରେ କେଉଁ ପ୍ରକାରର ସରକାର ଅଛି ? ଏବଂ ଏହାକୁ ସେହି ପ୍ରକାରର ସରକାର କାହିଁକି କୁହାଯାଏ ?

4. ଗଣତନ୍ତ୍ର ରାଜତନ୍ତ୍ର ଏବଂ ଏକଛତ୍ରବାଦଠାରୁ ଭିନ୍ନ । ବ୍ୟାଖ୍ୟା କର ।

5. ଗଣତନ୍ତ୍ରରେ ମୂଲ୍ୟବୋଧ ଏକ ଆଦର୍ଶ ହାସଲ କରିବାରେ ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକ କ'ଣ ? ସେଗୁଡ଼ିକ କିପରି ଦୂର କରାଯାଇପାରିବ ?

6. ତୁମେ ଜାଣିଲ ଯେ ସମସ୍ତ ପ୍ରକାରର ଗଣତନ୍ତ୍ରରେ ଏକ ସ୍ୱାଧୀନ ନ୍ୟାୟପାଳିକା ରହିଛି । ନ୍ୟାୟପାଳିକା ସ୍ୱାଧୀନ ହେବା କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବୁଛ ତାହାର ତିନୋଟି କାରଣ ଦର୍ଶାଅ ।

7. ତୁମେ କ'ଣ ଭାବ ଯେ ଗଣତନ୍ତ୍ର ସରକାର ଅନ୍ୟ ପ୍ରକାରର ସରକାର ଅପେକ୍ଷା ଭଲ କାହିଁକି ?

AP SCERT

8. ବିଭିନ୍ନ ଦେଶରେ ଅନୁସୃତ କେତେକ ବ୍ୟବସ୍ଥା ପ୍ରଦାନ କରାଗଲା। ତୁମେ ସେହି ଅନୁସୃତ ବ୍ୟବସ୍ଥାକୁ ଉପଯୁକ୍ତ ସରକାରଙ୍କ ପ୍ରକାର ସହିତ ମେଳ କରିପାରିବ କି ?

କ୍ର.ସଂ	ଦେଶରେ ଅନୁସୃତ ବ୍ୟବସ୍ଥା	ସରକାରର ପ୍ରକାର
1.	ସମସ୍ତ ନାଗରିକଙ୍କୁ ଆଇନ ସମ୍ମୁଖରେ ସମାନ ବ୍ୟବହାର କରାଯାଏ ।	ଏକଚ୍ଛତ୍ରବାଦ
2.	ସରକାର ଗ୍ରହଣ କରୁଥିବା ପ୍ରତ୍ୟେକ ନିଷ୍ପତ୍ତି ପାଇଁ ଧାର୍ମିକ ନେତାଙ୍କ ମତ ଲୋଡ଼ିଥାନ୍ତି ।	ରାଜତନ୍ତ୍ର
3.	ରାଣୀଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ନୂତନ ରାଜା ହେଲେ	ଗଣତନ୍ତ୍ର
4.	ଶାସକ କୌଣସି ସମ୍ବିଧାନ ପାଳନ କରିବାକୁ ବାଧ୍ୟ ନୁହଁନ୍ତି । ସେ ତାଙ୍କ ପସନ୍ଦରେ ସମସ୍ତ ନିଷ୍ପତ୍ତି ନିଅନ୍ତି ।	ଧର୍ମତନ୍ତ୍ର

9. ନିମ୍ନରେ ଦେଶଗୁଡ଼ିକର ଏକ ତାଲିକା ଦିଆଯାଇଛି । ଏହି ଦେଶଗୁଡ଼ିକରେ କେଉଁ ପ୍ରକାରର ସରକାର ଅଛି ତାହା ଉଲ୍ଲେଖ କର ।

କ୍ର.ସଂ	ଦେଶ	ସରକାରର ପ୍ରକାର
1.	ଭୁଟାନ	
2.	ନେପାଳ	
3.	ବାଂଲାଦେଶ	
4.	ଦକ୍ଷିଣ ଆଫ୍ରିକା	
5.	ବ୍ରାଜିଲ	

AP SCERT

✧✧✧✧✧

ଅଧ୍ୟାୟ

9

ଦ୍ରବ୍ୟ ବିନିମୟରୁ ମୁଦ୍ରା ପର୍ଯ୍ୟନ୍ତ

W7L3X1

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- ଦ୍ରବ୍ୟ ବିନିମୟ ବିଷୟରେ ବ୍ୟାଖ୍ୟା କରିବା ସହ ଏବଂ ଏଥିରେ ଥିବା ଅସୁବିଧାଗୁଡ଼ିକୁ ଅବଗତ ହେବେ । (CG-1)
- ମୁଦ୍ରାର ମୌଳିକ କାର୍ଯ୍ୟ ଗୁଡ଼ିକ ବ୍ୟାଖ୍ୟା କରିବେ । (CG-1)
- ଆର୍ଥିକ କାର୍ଯ୍ୟକଳାପରେ ବିନିମୟର ମାଧ୍ୟମ ଭାବରେ ମୁଦ୍ରାର ଗୁରୁତ୍ୱକୁ ଚିହ୍ନଟ କରିବେ । (CG-9)
- ଭାରତରେ ମୁଦ୍ରାର ବିକାଶକୁ ଅବଗତ ହେବେ ।(CG-9)
- କାଗଜ ମୁଦ୍ରାର ଗୁରୁତ୍ୱଏବଂ ଡିଜିଟାଲ ପେମେଣ୍ଟ ଭଳି ନୂତନ ମୁଦ୍ରାର ରୂପ ବର୍ଣ୍ଣନା କରିବେ । (CG-9)

"ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଏକ ସଂଯୋଗ ସେତୁ ହୋଇଥିବାରୁ ମୁଦ୍ରାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।"

- ଜନ ମେନାର୍ଡ କେନ୍ସ
(ବିଂଶ ଶତାବ୍ଦୀର ପ୍ରସିଦ୍ଧ ଅର୍ଥନୀତିଜ୍ଞ)



ଚିତ୍ର 9.1

ମୁଖ୍ୟ ପ୍ରଶ୍ନାବଳୀ ?


1. ମୁଦ୍ରା ପ୍ରଚଳନ ପୂର୍ବରୁ ବିନିମୟ କିପରି ହେଉଥିଲା ?
2. ମୁଦ୍ରା ପ୍ରଚଳନ କାହିଁକି ହେଲା ?
3. ସମୟ ଅନୁଯାୟୀ ମୁଦ୍ରା କିପରି ବିଭିନ୍ନ ରୂପରେ ପରିବର୍ତ୍ତନ ହୋଇଛି ?

''ଅତୀତ ସ୍ମୃତିର ସମାହାର'' ପୃଷ୍ଠଭୂମିରେ, ଲୋକମାନେ ଉତ୍ପାଦନ କରୁଥିବା ଶସ୍ୟ ସମ୍ପର୍କରେ ତୁମେ ପଢିଛ । ସେଗୁଡିକ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ କିମ୍ବା କାର୍ନେଲିୟନ ମଣି ପରି ମୂଲ୍ୟବାନ ସାମଗ୍ରୀ ତିଆରି କରୁଥିଲେ । ଏହି ସବୁ ପଦାର୍ଥ ସହ ସେମାନେ ଆବଶ୍ୟକ କରୁଥିବା ଦ୍ରବ୍ୟଗୁଡ଼ିକୁ କିପରି ବିନିମୟ କରୁଥିଲେ ବୋଲି ତୁମେ ଭାବୁଛ ?

© SCERT

ଲୋକମାନେ ବିଭିନ୍ନ ଦ୍ରବ୍ୟ ଓ ସେବା ପାଇବା ପାଇଁ ଅନ୍ୟ ଦ୍ରବ୍ୟ ଓ ସେବା ବିନିମୟ କରୁଥିଲେ । ଏହାକୁ **ଦ୍ରବ୍ୟ ବିନିମୟ ବ୍ୟବସ୍ଥା** କୁହାଯାଏ । ଏହା କିପରି କାମ କରେ? ମନେକର ତୁମକୁ ଏକ ପେନ୍‌ସିଲ ଆବଶ୍ୟକ ଏବଂ ତୁମ ପାଖରେ ଅଧିକ ଏକ ଇରେଜର୍ ଅଛି । ସେହି ସମୟରେ ତୁମ ସହପାଠୀ ଇରେଜର୍ ଆଣିବା ଭୁଲିଗଲେ କିନ୍ତୁ ତା' ପାଖରେ ଏକ ପେନ୍‌ସିଲ୍ ଅଧିକ ଅଛି । ତୁମ ପାଖରେ ଥିବା ଅଧିକ ଗୋଟିଏ ଇରେଜର୍‌କୁ ତୁମ ସହପାଠୀଙ୍କ ଅଧିକ ଏକ ପେନ୍‌ସିଲ ସହିତ ବଦଳ କରିପାରିବ । ଏହା ଉଭୟଙ୍କ ଆବଶ୍ୟକତାକୁ ପୂରଣ କରିବ । ଏହିପରି ବସ୍ତୁ ବିନିମୟ କାର୍ଯ୍ୟ କରେ ।

ଆଜିକାଲି ଆମେ ଜିନିଷ କିଣାବିକା କରିବା ପାଇଁ ଧାତବ ମୁଦ୍ରା ଏବଂ କାଗଜ ନୋଟ୍ ବ୍ୟବହାର କରୁ । ଏହା ବ୍ୟତୀତ ଲୋକମାନେ କାରବାର ପାଇଁ ମୋବାଇଲ୍ ଫୋନ୍ ଏବଂ କମ୍ପ୍ୟୁଟରର ମଧ୍ୟ ବ୍ୟବହାର କରୁଛନ୍ତି । ବିନିମୟ ପ୍ରଥା ଥିଲା ବ୍ୟବସାୟର ପ୍ରାଚୀନତମ ରୂପ । ସାରା ବିଶ୍ୱରେ ଏହାର ଅନେକ ପ୍ରମାଣ ଦେଖିବାକୁ ମିଳେ । ସେତେବେଳେ ଲୋକମାନେ ଟଙ୍କା ବଦଳରେ କଉଡ଼ି, ଲୁଣ, ଚା', ତମାଖୁ, କପଡ଼ା, ଗୃହପାଳିତ ପଶୁ (ଗାଈ, ଛେଳି, ଘୋଡ଼ା, ମେଣ୍ଢା) ଏବଂ ବିଭିନ୍ନ ପ୍ରକାରର ବହନ ଭଳି ସାମଗ୍ରୀକୁ ବିନିମୟର ମାଧ୍ୟମ ଭାବରେ ବ୍ୟବହାର କରୁଥିଲେ ।



ଚିତ୍ର 9.2.1 ***ପଥର ଟଙ୍କା:*** *ପ୍ରଶାନ୍ତ ମହାସାଗରୀୟ ଦେଶ ମାଇକ୍ରୋନେସିଆ ଅନ୍ତର୍ଗତ ୟାପ୍ ଦ୍ୱୀପରେ ପଥରର ବିଶାଳ ଡିସ୍କ ଯାହାକୁ ରାଇ ପଥର କୁହାଯାଏ । ଏହା ଟଙ୍କା ଭାବରେ ବ୍ୟବହୃତ ହେଉଥିଲା*



ଚିତ୍ର 9.2.2. ଆଜ୍‌ଟେକ୍ ତମ୍ବା ତାଜାଡେରୋ (ଫ୍ଲେନିସ୍ ଶବ୍ଦ ଯାହାର ଅର୍ଥ କଟାଛୁରୀ) କେନ୍ଦ୍ରୀୟ ମେକ୍ସିକୋ ଏବଂ କେନ୍ଦ୍ରୀୟ ଆମେରିକାରେ ଏହି ପ୍ରକାର ଟଙ୍କା ବ୍ୟବହୃତ ହେଉଥିଲା ।



ଚିତ୍ର 9.2.3 ସୋଲୋମନ୍ ଦ୍ୱୀପପୁଞ୍ଜରେ ଟଙ୍କା ଭାବରେ ବ୍ୟବହୃତ ଟେଭାଉ (ପକ୍ଷୀଙ୍କ ପରରୁ ତିଆରି ଲାଲ ପଥର କୁଣ୍ଡଳୀ) ।

ବିନିମୟ ପଦ୍ଧତି: ଟଙ୍କା ମୁଦ୍ରା ବ୍ୟବହାର ନକରି ଦ୍ରବ୍ୟ ଓ ସେବା ବିନିମୟ କରିବା ଉପାୟ ।

ଟଙ୍କା : ଦ୍ରବ୍ୟ ଏବଂ ସେବା ବିନିମୟରେ ଦେୟ କିମ୍ବା ଗ୍ରହଣ କରିବା ପାଇଁ ସମସ୍ତଙ୍କ ଦ୍ୱାରା ସାଧାରଣ ଭାବେ ଗ୍ରହଣ କରାଯାଉଥିବା ଉପକରଣ ବା ସାଧନ ।


କାରବାର : ଏକ ପ୍ରକାର ବାଣିଜ୍ୟ ଯାହା ଦ୍ୱାରା ଲୋକଙ୍କ ମଧ୍ୟରେ କ୍ରୟ କିମ୍ବା ବିକ୍ରୟ ଭଳି କରାଯାଉଥିବା କାର୍ଯ୍ୟ ।

ଦ୍ରବ୍ୟ : ସାମଗ୍ରୀ କିମ୍ବା ଉତ୍ପାଦ ଯାହା ବାଣିଜ୍ୟରେ କ୍ରୟ ଏବଂ ବିକ୍ରୟ କରାଯାଇପାରିବ ।

APSCERT

ଆମେ ଟଙ୍କା କାହିଁକି ଆବଶ୍ୟକ କରୁ ?


ଆସ ଅନୁସନ୍ଧାନ କରିବା




କଳ୍ପନା କର ତୁମେ ଜଣେ ଚାଷୀ ଏବଂ ତୁମେ ରହୁଥିବା ସ୍ଥାନରେ ଲୋକମାନେ ବସ୍ତୁ ବିନିମୟ ବ୍ୟବସ୍ଥା ବ୍ୟବହାର କରୁଛନ୍ତି । ତୁମେ ତୁମ ଜେଜେମାଙ୍କ ପାଇଁ ହଳେ ନୂଆ ଜୋତା, ସ୍ୱେଟେର୍ ଓ ଔଷଧ ଆଦି ବିଭିନ୍ନ ପ୍ରକାର ଜିନିଷ ଆଣିବାକୁ ଚାହୁଁଛ । ଏସବୁ ଜିନିଷ ପାଇବା ପାଇଁ ତୁମ ପାଖରେ କେବଳ ଗୋଟିଏ ବଳଦ ଅଛି । ତେବେ ତୁମେ ବିଭିନ୍ନ ଲୋକ କିମ୍ବା ସ୍ଥାନରୁ ଆବଶ୍ୟକ ସମସ୍ତ ଜିନିଷ ପାଇଁ ବଳଦକୁ କିପରି ବଦଳାଇ ପାରିବ ? ତୁମେ କେଉଁ ଅସୁବିଧାର ସମ୍ମୁଖୀନ ହେବା ସମ୍ଭାବନା ଅଛି ?



ପ୍ରଥମେ, ତୁମକୁ ବଳଦ ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିକୁ ଖୋଜିବାକୁ ହେବ, ତେବେ ବଳଦ ବଦଳରେ ହଳେ ଜୋତା ଆସିବା ଆଦୌ ଏକ ନ୍ୟାୟ ସଂଗତ ବିନିମୟ ହୋଇନଥାଏ । ତେବେ ତୁମକୁ ଅନେକ ବିନିମୟ ପ୍ରକ୍ରିୟା ଦେଇ ଗତି କରିବାକୁ ପଡିବ । ଉଦାହରଣ ସରୂପ ପ୍ରଥମେ ବଳଦ ବିନିମୟରେ ଅନେକ ଗୁଡ଼ିଏ ଗହମ ବସ୍ତା ଦେବାକୁ ରାଜି ଥିବା ଲୋକଟିଏ ଖୋଜିବାକୁ ହେବ । ସେ ସବୁ ଗହମ ବସ୍ତାଗୁଡ଼ିକୁ ପରିବହନ କରି ଆଣିବାକୁ ପଡ଼ିବ । କିଛି ଗହମ ବସ୍ତା ନେଇ ଜୋତା ଦେବାକୁ ଜଣେ ବ୍ୟକ୍ତି, ସ୍ୱେଟର୍ ଦେବାକୁ ଆଉ ଜଣେ ବ୍ୟକ୍ତି ଓ ଔଷଧ ଦେବାକୁ ରାଜିଥିବା ଅନ୍ୟ ଜଣ ବ୍ୟକ୍ତିକୁ ଖୋଜିବାକୁ ପଡ଼ିବ । ଏସବୁ ପ୍ରତ୍ୟେକ କ୍ଷେତ୍ରରେ ଜୋତା ବା ସ୍ୱେଟର୍ ପାଇଁ କେତେ ପରିମାଣର ଗହମ ଦେବାକୁ ପଡ଼ିବ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଦ୍ୱାରା ସ୍ଥିର ହେବା ଆବଶ୍ୟକ ।



AP SCERT









ତୁମେ ବଳକା ଗହମ ବସ୍ତାଗୁଡ଼ିକ ନେଇ କୌଣସି ଏକ ସ୍ଥାନରେ ସୁରକ୍ଷିତ ଭାବେ ସଂରକ୍ଷଣ କରିବାକୁ ପଡ଼ିବ । ପରବର୍ତ୍ତୀ ସମୟରେ କିଛି ଜିନିଷ ଦରକାର ପଡ଼ିଲେ ତୁମକୁ ପୁଣି ଥରେ ସେହି ସବୁ ବସ୍ତାକୁ ବୋହି ନେଇ ଯିବାକୁ ପଡ଼ିବ ।

© NCERT



ଏହା ବିଷୟରେ ଚିନ୍ତାକର



ଉପରୋକ୍ତ ପରିସ୍ଥିତିରେ ତୁମେ କେଉଁ ସବୁ ଅସୁବିଧାର ସମ୍ମୁଖୀନ ହେଲ ?

ଚାଷୀଙ୍କ ଏହି କାହାଣୀରେ କଳ୍ପନା କର, ଚାଷୀ ଜଣକ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜିବେ ଯିଏ ବଳଦ ବିନିମୟରେ ହଳେ ଜୋତା, ସ୍ୱେଟର୍, ଔଷଧ ଦେଇପାରୁଥିବ । ଏପରି ସ୍ଥିତିର ସମ୍ମୁଖୀନ ହେବା ସହଜ ହେବ କି ?

ଏହି କୃଷକଙ୍କ ଭଳି ଯେଉଁମାନେ ଜିନିଷପତ୍ର ବିନିମୟ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ, ସେମାନେ ଦୈନନ୍ଦିନ ଜୀବନରେ ଜିନିଷପତ୍ର ବିନିମୟ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ସେମାନଙ୍କୁ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜିବାକୁ ପଡୁଥିଲା ଯେ ଠିକ୍ ସେହି ଜିନିଷ ଚାହେଁ ଯାହା ସେମାନେ ଦେବାକୁ ଚାହୁଁଛନ୍ତି ଏବଂ ତାହା ବଦଳରେ ଅନ୍ୟ ପକ୍ଷ ଯାହା ଚାହାଁନ୍ତି ତାହା ମଧ୍ୟ ଦେଇପାରିବେ । ଏହାକୁ ''ଚାହିଦାର ଦ୍ୱୈତ ସଂଯୋଗ'' କୁହାଯାଏ ।

ଯଦିଓ ଦୁଇଜଣ ବ୍ୟକ୍ତି ପରସ୍ପରର ଜିନିଷ ଚାହାନ୍ତି ଏବଂ ବିନିମୟ କରିବାକୁ ଇଚ୍ଛୁକ ଥାନ୍ତି, ତେବେ ଅନ୍ୟ ସମସ୍ୟା ଉପୁଜିପାରେ – ଦୁଇଟି ସାମଗ୍ରୀ କେଉଁ ଅନୁପାତରେ ବିନିମୟ କରାଯିବା ଉଚିତ? ଏହି ପରିସ୍ଥିତିରେ ଗୋଟିଏ ଜିନିଷର ମୂଲ୍ୟ ଅନ୍ୟ ଜିନିଷର ମୂଲ୍ୟ ସହିତ ତୁଳନା କରିବା କଷ୍ଟକର ହୋଇପଡ଼େ । କେହି ଜଣେ ଅନୁଭବ କରେ ଯେ ଏହି ବିନିମୟ ତା' ପାଇଁ କ୍ଷତିକାରକ ତାହେଲେ ସେ ଜିନିଷ ବଦଳ କରିବା ପାଇଁ ଆଗ୍ରହୀ ହେବ ନାହିଁ । କାରଣ ବିଭିନ୍ନ ଜିନିଷ ମୂଲ୍ୟର କୌଣସି ସାଧାରଣ ମାପ ମାନକ ନାହିଁ ।



ଏହା ବିଷୟରେ ଚିନ୍ତାକର



ଉପରୋକ୍ତ ଆଲୋଚନା ପ୍ରସଙ୍ଗରେ ଦ୍ୱୈତ ସଂଯୋଗର କି ଉଦାହରଣ ଅଛି?

ଯଦିଓ ଦୁଇଜଣ ବ୍ୟକ୍ତି ପରସ୍ପରର ସାମଗ୍ରୀ ଚାହୁଁଥାନ୍ତି ଏବଂ ତାହା ବଦଳାଇବାକୁ ପ୍ରସ୍ତୁତ ଥାନ୍ତି, ତଥାପି ଅନ୍ୟ କିଛି ସମସ୍ୟା ଦେଖା ଦେଇପାରେ ଯେପରିକି ଦୁଇଟି ସାମଗ୍ରୀ କେଉଁ ଅନୁପାତରେ ବିନିମୟ ହେବା ଉଚିତ? ଏପରି କ୍ଷେତ୍ରରେ, ଗୋଟିଏ ସାମଗ୍ରୀର ମୂଲ୍ୟକୁ ଅନ୍ୟ ଏକ ସାମଗ୍ରୀ ସହିତ ତୁଳନା କରିବା କଷ୍ଟକର ହୋଇପଡେ । ଯଦି ଜଣେ ବ୍ୟକ୍ତି ଅନୁଭବ କରନ୍ତି ଯେ ଏହି ବିନିମୟ ତାଙ୍କ ପାଇଁ କ୍ଷତିକାରକ, ତେବେ ସେ ଏଥିରେ ଆଗ୍ରହ ପ୍ରକାଶ କରିବେ ନାହିଁ । ଏହାର ମୁଖ୍ୟ କାରଣ ହେଉଛି, ମୂଲ୍ୟ ମାପିବା ପାଇଁ ସେଠାରେ କୌଣସି ସାଧାରଣ ମାନକ ବା ପରିମାପକ (**standard measure**) ନଥାଏ ।

ଉପରେ ଦିଆଯାଇଥିବା ପରିସ୍ଥିତିରେ ସାଧାରଣ ମାନକ ମୂଲ୍ୟର ଅଭାବ ଯୋଗୁଁ ତୁମେ କେଉଁ ପରିସ୍ଥିତିରେ ସମସ୍ୟାର ସମ୍ମୁଖୀନ ହୋଇପାରିବ?

ଚାହିଦାର ଦ୍ୱୈତ ସଂଯୋଗ:
ଏହା ଏପରି ଏକ ପରିସ୍ଥିତି ଯେଉଁଠାରେ ଦୁଇଜଣ ବ୍ୟକ୍ତିଙ୍କ ପାଖରେ ପରସ୍ପର ଚାହୁଁଥିବା ଜିନିଷ ଅଛି ଏବଂ ସେମାନେ ସିଧାସଳଖ ସେଗୁଡ଼ିକୁ ବିନିମୟ କରିପାରିବେ । ଏହା ଏକ ଅର୍ଥନୈତିକ ଆବଶ୍ୟକତା ।

ମୂଲ୍ୟର ସାଧାରଣ ମାନକ ମାପ:
କାରବାର ପାଇଁ ଏହା ଏକ ନିୟମିତ ମୂଲ୍ୟ ଯାହା ଅର୍ଥନୀତିରେ ଦ୍ରବ୍ୟ ଏବଂ ସେବାର ମୂଲ୍ୟ ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ ।

ବିଭାଜନ:
ଏକ ଦ୍ରବ୍ୟ କିମ୍ବା ଜିନିଷର କ୍ଷମତା ଯାହା ଖଣ୍ଡ ବା ଅଂଶରେ ଭାଗ ହୋଇପାରେ ।

ବହନଯୋଗ୍ୟତା:
ଏକ ଦ୍ରବ୍ୟ କିମ୍ବା ଜିନିଷର ଦକ୍ଷତା ଯାହା ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ବା ବହନ ହୋଇପାରେ ।

AP SCERT

ସେହିପରି ବଳଦର କୌଣସି ଏକ ଅଂଶକୁ କାଟି ସ୍ୱେଟର୍ ପାଇଁ ଆମେ ବଦଳ କରିପାରିବା ନାହିଁ । ଏହା ହେଉଛି **ବିଭାଜନ**ର ଏକ ସମସ୍ୟା । ବଳଦକୁ ସବୁବେଳେ ନେଇ ଚାଲିବା ମଧ୍ୟ ଏକ ବହନ ଜନିତ ସମସ୍ୟା । ବଳଦ ବଦଳରେ ଗହମ ବସ୍ତା ଆଣିବା ଦ୍ୱାରା ତୁମେ ଏହି ସମସ୍ୟାର ଆଂଶିକ ସମାଧାନ କରିପାରିବ, କିନ୍ତୁ ଗହମକୁ ଦୀର୍ଘ ଦିନ ଧରି ସଞ୍ଚୟ କରି ରଖିବା ସମ୍ଭବପର ନୁହେଁ । ଏହା ପଚିଯିବ କିମ୍ବା ମୂଷା ଖାଇଯିବ । ତେଣୁ ଏଠାରେ ସ୍ଥାୟୀତ୍ୱର ସମସ୍ୟା ଉପୁଜି ଥାଏ ।

ଏହା ବିଷୟରେ ଚିନ୍ତାକର

ଉପରୋକ୍ତ ପରିସ୍ଥିତିରେ ଚାଷୀର ସମସ୍ୟାଗୁଡ଼ିକୁ ସହଜ କରିବାରେ ଟଙ୍କା ବା ମୁଦ୍ରା କେଉଁ ସବୁ ପ୍ରକାରରେ ସାହାଯ୍ୟ କରିପାରେ ?

ମନେ ରଖ

ଯଦିଓ ସାରା ବିଶ୍ୱରେ ଟଙ୍କା ପାରମ୍ପରିକ ବସ୍ତୁ ବିନିମୟ ବ୍ୟବସ୍ଥାକୁ ବଦଳେଇ ଦେଇଛି ତଥାପି କିଛି ଏପରି ଅଛି ଯାହା ଆଜି ମଧ୍ୟ କାର୍ଯ୍ୟକାରୀ ହେଉଛି । ସେମାନଙ୍କ ମଧ୍ୟରୁ ଗୋଟିଏ ହେଉଛି 'ଜୁନ୍‌ବିଲ୍ ମେଲା', ଆସାମୀ ଭାଷାରେ ଜୁନ୍ ଅର୍ଥ ଚନ୍ଦ୍ର ଓ ବିଲ୍ ଅର୍ଥ ଆର୍ଦ୍ରଭୂମିକୁ ବୁଝାଏ । ଆସାମର ମୋରିଗାଓଁ ଜିଲ୍ଲାର ଜୁନ୍‌ବିଲ୍‌ରେ ବର୍ଷକୁ ଥରେ ତିନିଦିନିଆ ସାମାଜିକ–ସାଂସ୍କୃତିକ ମେଳା ଆୟୋଜିତ ହୋଇଥାଏ । କୌତୁହଳର ବିଷୟ ଏହି ଯେ, ଆରମ୍ଭରେ ଅଗ୍ନି ପୂଜା ସହ ବିଶ୍ୱ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରାଯାଇ ମେଳା ଆରମ୍ଭ ହୁଏ ।



ଚିତ୍ର 9.4



ଚିତ୍ର 9.3

ସ୍ଥାୟୀତ୍ୱ: ଏକ ବସ୍ତୁ କିମ୍ବା ଦ୍ରବ୍ୟର ଗୁଣ ଯାହା ଏହାର ମୂଲ୍ୟକୁ ସ୍ଥାୟୀତ୍ୱ ଏବଂ କ୍ଷତି ସହିବାର କ୍ଷମତାକୁ ସୂଚିତ କରେ । ଯାହା ଦ୍ୱାରା ଏହାକୁ ଅଧିକ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ ।

ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଏହି ମେଳାରେ ଆସାମ, ମେଘାଳୟର ତିୱା, କାର୍ବି, ଖାସି ଓ ଜୟନ୍ତିଆ ଆଦି ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ମିଳିତ ହୋଇ ନିଜର ରାଜନୈତିକ ପ୍ରସଙ୍ଗ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା ନିମନ୍ତେ ଏକତ୍ରିତ ହୋଇ ଆଲୋଚନା କରିଥାନ୍ତି । କାଳକ୍ରମେ ଏସବୁ ଜନଜାତିର ଲୋକମାନେ ଏଠାରେ ଏକତ୍ରିତ ହେବାକୁ ଲାଗିଲେ ଏବଂ ଏହା ଏକ ମେଳାରେ ପରିଣତ ହେଲା । ସେଠାରେ ଲୋକମାନେ ସେମାନଙ୍କର ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟକୁ ସାଥିରେ ଧରିଆସନ୍ତି ଏବଂ ପରସ୍ପର ମଧ୍ୟରେ ବିନିମୟ କରନ୍ତି ।

APSCERT

ଆଜି ପର୍ଯ୍ୟନ୍ତ ଏହା ଏକ ମୁଖ୍ୟ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଚାଲି ଆସୁଛି । ଭୋରୁ ସକାଳୁ ଜିନିଷପତ୍ର ବିନିମୟ ଆରମ୍ଭ ହୁଏ ଏବଂ ବିଭିନ୍ନ ଗଛର ଚେର, ପନିପରିବା, ଫଳ, ଔଷଧ ଏବଂ ମସଲା ଭଳି ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟର ବାଣିଜ୍ୟ ହୁଏ । ପ୍ରାକୃତିକ ସାମଗ୍ରୀରେ ତିଆରି ହସ୍ତଶିଳ୍ପ ଏବଂ କଳାକୃତି ମଧ୍ୟ ଏହି ହାଟରେ ମିଳେ । ଏଗୁଡ଼ିକ ପ୍ରାୟତଃ ସମତଳ ଅଞ୍ଚଳର ଅଧିବାସୀଙ୍କ ଦ୍ୱାରା ପ୍ରସ୍ତୁତ ଚାଉଳପିଠା, ପାହାଡ଼ିଆ ଅଞ୍ଚଳରେ ଚାଷ କରାଯାଇପାରୁନଥିବା ଖାଦ୍ୟ ସାମଗ୍ରୀ ଗୁଡ଼ିକର ବିନିମୟ ହୋଇଥାଏ ।



ଚିତ୍ର 9.5



ଚିତ୍ର 9.6

- **ପୁସ୍ତକ ବିନିମୟ:** ଏକ ମଜାଦାର ପରିବେଶ ଓ କ୍ଲବ୍ କଥା କହିବା, ଯେଉଁଠି ବନ୍ଧୁମାନେ ନିଜର ପୁରୁଣା ବହିଗୁଡ଼ିକୁ ନିଜ ନିଜ ମଧ୍ୟରେ ବିନିମୟ କରୁଛନ୍ତି । ଏହା ଏକ ଗୁପ୍ତଧନ ଖୋଜିବା କାହାଣୀ ଭଳି । ପଢ଼ିଥିବା ବହି ସବୁକୁ ତୁମେ ଆଣ ଏବଂ ବହୁତ ବହି ମଧ୍ୟରୁ କିଛି ବହି ତୁମେ ବାଛ । ଉଦାହରଣ ସରୂପ: ତୁମେ ତୁମର ଜଙ୍ଗଲର ରୋମାଞ୍ଚକର ରହସ୍ୟ ବିଷୟରେ ଲିଖିତ ପୁସ୍ତକ ବଦଳରେ ବନ୍ଧୁଙ୍କୁ ଅନ୍ୟାନ୍ୟ ରହସ୍ୟମୟ ପୁସ୍ତକ ଅଦଳବଦଳ କରିପାର । ଏହା ବିନା ଖର୍ଚ୍ଚରେ ଅପୂର୍ବ ଅନୁଭବ ପାଇବାର ଏକ ସହଜ ଉପାୟ ।



ଚିତ୍ର 9.7

- ଅନ୍ୟ ଏକ ସାଧାରଣ ଉଦାହରଣ ହେଉଛି, ପୁରୁଣା ବସ୍ତ୍ର ବିନିମୟରେ ବାସନକୁସନ କିଣିବା । ଏହା ବହୁ ବର୍ଷ ଧରି ଏପରି କାରବାର ଚାଲି ଆସିଛି । ଏହି ପ୍ରଥାରେ ବୁଲା ବିକାଳୀମାନେ ଘରକୁ ଘର ବୁଲି ପୁରୁଣା ଶାଢ଼ୀ ବା ଲୁଗାପଟା ବଦଳରେ ନୂଆ ବାସନକୁସନ ବା ଘରୋଇ ସାମଗ୍ରୀ ଯୋଗାଇଥାନ୍ତି । ଏହି ବିନିମୟ ଉଭୟ ପକ୍ଷ ପାଇଁ ଲାଭଦାୟକ ହୋଇଥାଏ । ଏହି ମହିଳାମାନେ ସେମାନଙ୍କର ପୁରୁଣା, ବ୍ୟବହାର ଅଯୋଗ୍ୟ ଜିନିଷଗୁଡ଼ିକୁ ଦେବା ସମୟରେ ବିକ୍ରେତାମାନେ ଏହି ସବୁ ଜିନିଷକୁ ସଂଗ୍ରହ କରି ପୁନଃ ବିକ୍ରୟ, ପୁନଃ ବ୍ୟବହାର୍ଯ୍ୟ କରିବା ଭଳି ସାମଗ୍ରୀ ସଂଗ୍ରହ କରିଥାନ୍ତି ।

APSCERT

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ଚିତ୍ର ଗୁଡ଼ିକ ତୁମକୁ ଜଣାଉଛି ଯେ, ଲୋକମାନଙ୍କ ଦ୍ୱାରା ଏବେ ମଧ୍ୟ ଦ୍ରବ୍ୟ ବିନିମୟ ଚାଲିଛି । ତୁମ ଅଞ୍ଚଳରେ ଏପରି ଦ୍ରବ୍ୟ ବିନିମୟର କିଛି ଅଭ୍ୟାସ ରହିଛି କି? ଏହି ବ୍ୟବସ୍ଥାରେ ଲୋକମାନଙ୍କର କି କି ପ୍ରକାର ଅନୁଭୂତି ରହିଛି?

ଟଙ୍କା ବା ମୁଦ୍ରାର ମୌଳିକ କାର୍ଯ୍ୟ:


କଥାରେ ଅଛି ''ଆବଶ୍ୟକତା ହେଉଛି ଉଦ୍ଭାବନର ଜନନୀ'' । କ୍ରମଶଃ ସାମଗ୍ରୀଗୁଡ଼ିକର ପ୍ରକାର ଓ ପରିମାଣ ବୃଦ୍ଧି ସହ ଦ୍ରବ୍ୟ ବିନିମୟ ନିମନ୍ତେ ନିର୍ଦ୍ଧାରିତ ସ୍ଥାନଗୁଡ଼ିକ ମଧ୍ୟରେ ଦୂରତା ବୃଦ୍ଧି ପାଇଲା । ଦ୍ରବ୍ୟ ବିନିମୟ ପରିବର୍ତ୍ତେ ଏକ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ସୃଷ୍ଟି ହେଲା ଓ ଅନୁଭୂତ ହେଲା । ଏକ ସାଧାରଣ ବିନିମୟ ମାଧ୍ୟମ ହେଲେ କିଣା ବିକାକୁ ସହଜ କରିପାରିବ । ଏହାର ଆବଶ୍ୟକତା ଦ୍ୱାରା ମୁଦ୍ରାର ସୃଷ୍ଟି ହେଲା । କ୍ରୟ ବିକ୍ରୟରେ କାରବାର ଅଧିକରୁ ଅଧିକ ହେଲା ଯେ ମୁଦ୍ରା ବ୍ୟବହାର କରିବା ଯୋଗୁଁ ଏହା ଦେୟ ପ୍ରଦାନର ପ୍ରକ୍ରିୟା ଭାବେ ସ୍ୱୀକୃତି ଲାଭ କଲା ।



ଚିତ୍ର 9.8

ଆମେ ଉପରୋକ୍ତ ଚାଷୀଙ୍କ କାହାଣୀରୁ ଦେଖିଲୁ ଯେ, ସେ ତାଙ୍କ ଗହମକୁ ଅଧିକ ଦିନ ଧରି ସଂରକ୍ଷଣ କରି ପାରିବେ ନାହିଁ । କାରଣ ଏହା ପଚିଯିବା କିମ୍ବା ମୂଷା ଖାଇ ଦେବ । ଯଦି ଚାଷୀ ଗହମ ବଦଳରେ ଟଙ୍କାକୁ ବିନିମୟର ମାଧ୍ୟମ ଭାବରେ ବ୍ୟବହାର କରିଥାଆନ୍ତା ତାହେଲେ ସେ ଏହି ଟଙ୍କାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସଞ୍ଚୟ କରି ପାରି ଥାଆନ୍ତା ଓ ଭବିଷ୍ୟତରେ କ୍ରୟ ପାଇଁ ବ୍ୟବହାର କରିପାରିଥାନ୍ତା । ତେଣୁ ଟଙ୍କା ସମ୍ପଦର ଏକ ଭଣ୍ଡାର ଭାବେ କାର୍ଯ୍ୟ କରେ । ଯାହା ଭବିଷ୍ୟତରେ ବ୍ୟବହାର କରାଯାଇପାରିବ । ଏହା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ କି?

ବିଭିନ୍ନ ଦ୍ରବ୍ୟ ଓ ସେବାର ମୂଲ୍ୟ ନିର୍ଦ୍ଧାରଣରେ ଟଙ୍କା ଏକ ସାଧାରଣ ମାପକ ଭାବରେ କାର୍ଯ୍ୟ କରିଥାଏ । ଏହାଦ୍ୱାରା ଦ୍ରବ୍ୟ ଓ ସେବାକୁ ସେମାନଙ୍କ ମୂଲ୍ୟ ଅନୁସାରେ ତୁଳନା କରିବା ସମ୍ଭବ ହୁଏ । ଉଦାହରଣ ସ୍ୱରୂପ ତୁମ ପିତାମାତା ଦୋକାନୀଠାରୁ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଦୋକାନୀକୁ ଟଙ୍କା ଦିଅନ୍ତି । ଦୋକାନୀ ଏହି ଟଙ୍କାକୁ ସେମାନଙ୍କ ଶ୍ରମିକମାନଙ୍କ ଦରମା ଦେବା ପାଇଁ ବ୍ୟବହାର କରନ୍ତି । ଶ୍ରମିକମାନେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ଏବଂ ସେମାନଙ୍କ ପିଲାମାନଙ୍କର ସ୍କୁଲ ଫିସ ଦେବା ନିମନ୍ତେ ଏହି ଟଙ୍କାକୁ ମାଧ୍ୟମ ରୂପେ ବ୍ୟବହାର କରିଥାନ୍ତି ।



ଚିତ୍ର 9.9

APSCERT

ଏହା ବିଷୟରେ ଚିନ୍ତାକର

ମନେକର ତୁମେ ଏକ ପୁସ୍ତକ କିଣିବାକୁ ଚାହୁଁଛ । ତୁମ ପକେଟରେ ₹50 ଅଛି । ତୁମେ ତୁମର ପଡ଼ୋଶୀର ଏକ ପୁସ୍ତକ ଦୋକାନକୁ ଯାଇଛ । ସେଠାରେ ଦୋକାନୀ ତୁମକୁ କହିଲା ଯେ ପୁସ୍ତକର ମୂଲ୍ୟ ₹100 । ଆଜି ପୁସ୍ତକଟି କିଣିବା ପାଇଁ ତୁମ ପାଖରେ କୌଣସି ବିକଳ୍ପ ଅଛି କି ? ତୁମେ ଦୋକାନୀକୁ ପରେ ଟଙ୍କା ଦେବା ପାଇଁ ଅନୁରୋଧ କରିବ କି?

ଟଙ୍କାକୁ ବିଳମ୍ବିତ ଦେୟ ଭାବରେ ଗ୍ରହଣ କରାଯିବ । ଅର୍ଥକୁ ବିଳମ୍ବିତ ଦେୟର ଏକ ମାନକ ଭାବେ ବିବେଚନା କରାଯାଏ ।


ମୁଦ୍ରା ବା ଟଙ୍କାର ଯାତ୍ରା:

ଆସ ଅନୁସନ୍ଧାନ କରିବା

ନିମ୍ନରେ ଦିଆଯାଇଥିବା ସମୟ ରେଖାକୁ ଲକ୍ଷ୍ୟ କର । ମୁଦ୍ରା ବ୍ୟବହାରରେ କିପରି ପରିବର୍ତ୍ତନ ତୁମେ ଲକ୍ଷ୍ୟ କରୁଛ?

ମୁଦ୍ରା ମୁଦ୍ରଣ :

ତୁମେ ସମୟ ସାରଣୀରୁ ଦେଖି ପାରୁଥିବ ଯେ ଟଙ୍କାର ପ୍ରାଥମିକ ରୂପ ମୁଦ୍ରା ଥିଲା । ସେହି ସମୟରେ ରାଜା ବା ଶାସକମାନେ ନିଜ ରାଜ୍ୟର ନାଗରିକ ମାନଙ୍କ ପାଇଁ ମୁଦ୍ରା ପ୍ରଚଳନ କରୁଥିଲେ । ତେଣୁ ବିଭିନ୍ନ ରାଜ୍ୟଗୁଡ଼ିକର ନିଜସ୍ୱ ମୁଦ୍ରା ଥିଲା । ମୁଦ୍ରା ମୁଦ୍ରଣ ଏବଂ ଏହାର ପ୍ରଚଳନ ଶାସକମାନଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିଲା । ସମୟ ଅନୁକ୍ରମେ କେତେକ ଶକ୍ତିଶାଳୀ ଶାସକଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରା ନିଜ ରାଜ୍ୟ ବ୍ୟତୀତ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରଚଳିତ ହେଉଥିଲା । ଏହା ଯୋଗୁଁ ବିସ୍ତୀର୍ଣ୍ଣ ଭୌଗୋଳିକ କ୍ଷେତ୍ରରେ ବାଣିଜ୍ୟ କାରବାର ସହଜ ହୋଇଥିଲା । ସେହି ମୁଦ୍ରାଗୁଡ଼ିକ ସୁନା, ରୂପା ଏବଂ ତମ୍ବା ପରି ମୂଲ୍ୟବାନ ଧାତୁ କିମ୍ବା ମିଶ୍ର ଧାତୁରେ ତିଆରି ହୋଇଥିଲା । ସେଗୁଡ଼ିକୁ 'କାର୍ଷାପଣ' ବା 'ପଣ' କୁହାଯାଉଥିଲା । ସେହି ମୁଦ୍ରାଗୁଡ଼ିକ ଉପରେ କିଛି ପ୍ରତୀକ ଖୋଦିତ ହୋଇଥିଲା ଏବଂ ଏଗୁଡ଼ିକୁ 'ରୂପା' କୁହାଯାଉଥିଲା ।



ଚିତ୍ର *9.10* ଭାରତରେ ମୁଦ୍ରାର ବିବର୍ତ୍ତନ – ଏକ ବିସ୍ତୃତ ସମୟ ସୀମା।

ମୁଦ୍ରା ଉତ୍ପାଦନ ପ୍ରକ୍ରିୟା :
ଏହି ପ୍ରକ୍ରିୟାକୁ ମୁଦ୍ରା ପ୍ରସ୍ତୁତି ସୁବିଧାକୁ ବୁଝାଏ, ଯାହା ଆଧୁନିକ ମୁଦ୍ରା ଉତ୍ପାଦନ କରେ ଏବଂ ଏହା ଦେଶର ମୁଦ୍ରା ଭାବେ ବ୍ୟବହୃତ ହୁଏ ।

ମିଶ୍ର ଧାତୁ :–
ଦୁଇ ବା ତତୋଧିକ ଧାତୁ ମିଶ୍ରଣରେ ତିଆରି ହୋଇଥିବା ଏକ ଧାତୁ । ଏହା ମୁଦ୍ରାକୁ ଶକ୍ତିଶାଳୀ କରିଥାଏ ।

APSCERT

ଆମେ ଆଜିକାଲି ଭାରତରେ ଟଙ୍କା ପାଇଁ ବ୍ୟବହାର କରୁଥିବା ଶବ୍ଦ ସହିତ ଏହାର ସାମଞ୍ଜସ୍ୟ ଅଛି କି?

ମନେ ରଖ

- ତାମିଲ, ତେଲୁଗୁ, ମାଲାୟାଲମ୍‌ରେ 'ପଣ' ଶବ୍ଦଟିକୁ 'ପଣମ୍' ଓ କନ୍ନଡ଼ରେ 'ହଣ' ଭାବେ ଏବେ ମଧ୍ୟ ବ୍ୟବହାର ହେଉଛି। ଏହା ଏକ ମଜାଦାର କୌତୁହଳ ତଥ୍ୟ ନୁହେଁ କି?
- ମୁଦ୍ରା ତିଆରି କରିବା ପାଇଁ ରୂପା ଏବଂ ତମ୍ବାର ମିଶ୍ର ଧାତୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ମୁଦ୍ରାଗୁଡ଼ିକ ମୁଖ୍ୟତଃ ଲୁହା ମିଶ୍ର ଧାତୁ । ଏଥିରେ କ୍ରୋମିୟମ, ସିଲିକନ ଓ କାର୍ବନ ଭଳି ସାମଗ୍ରୀ ଅଳ୍প ଅନୁପାତରେ ମିଶିଥାଏ । ତୁମେ ତୁମର ବିଜ୍ଞାନ ପାଠ୍ୟକ୍ରମରେ ମିଶ୍ର ଧାତୁ ବିଷୟରେ ଅଧିକ ଜାଣିପାରିବ ।

ପ୍ରାଚୀନ କାଳରେ ମୁଦ୍ରାର ଦୁଇପାର୍ଶ୍ୱ – ମୁଣ୍ଡ(**obverse**) ଏବଂ ଲାଞ୍ଜ(**reverse**) ପାର୍ଶ୍ୱ ଭିନ୍ନ ଭିନ୍ନ ପ୍ରତୀକ ଏବଂ ରୂପ ଖୋଦିତ ହେଉଥିଲା । ଏଥିରେ ପକ୍ଷୀ, ପଶୁ, ଗଛ ଏବଂ ପାହାଡ଼ ପରି ପ୍ରକୃତି ରୂପ ଏବଂ ରାଜା କିମ୍ବା ରାଣୀ, ଏବଂ ଦେବଦେବୀମାନଙ୍କର ରୂପ ଅନ୍ତର୍ଭୁକ୍ତ ଥିଲା । ଉଦାହରଣ ସ୍ୱରୂପ ଚାଲୁକ୍ୟ ରାଜାଙ୍କ ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ ବରାହଙ୍କ ପ୍ରତିଛବି (ବିଷ୍ଣୁଙ୍କ ଅବତାର) ଏବଂ ଅନ୍ୟ ପାର୍ଶ୍ୱରେ ତିନି ଧାଡ଼ିର ସ୍ତୁତି ରହିଥିଲା ।

ଆସ ଅନୁସନ୍ଧାନ କରିବା

ଚିତ୍ର 9.12ରେ ଦର୍ଶାଯାଇଥିବା ମୁଦ୍ରାଗୁଡ଼ିକ ତାମିଲନାଡୁର ପୁଦୁକୋଟାଇରୁ ଖନନବେଳେ ମିଳିଥିଲା। ସେଗୁଡ଼ିକର ମୁଖ ପାର୍ଶ୍ୱରେ ରୋମାନ ଶାସକଙ୍କ ମୁଖମଣ୍ଡଳର ଛବି ରହିଛି। ଏହି ତଥ୍ୟରୁ ଆମେ କେଉଁ ନିଷ୍କର୍ଷରେ ପହଞ୍ଚିବା?



ଚିତ୍ର *9.11*



ଚିତ୍ର *9.12* ଭାରତର ପୁଦୁକୋଟାଇରେ ଖନନରୁ ମିଳିଥିବା ରୋମାନ୍ ସ୍ୱର୍ଣ୍ଣ ମୁଦ୍ରା।

ମୁଦ୍ରା ବ୍ୟବହାର ଭାରତର ସାମୁଦ୍ରିକ ବାଣିଜ୍ୟକୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରସାରଣରେ ସାହାଯ୍ୟ କରିଥିଲା । ଉଦାହରଣ ସ୍ୱରୂପ, ସେଗୁଡ଼ିକ କେରଳ ଓ ତାମିଲନାଡୁର କେତେକ ସ୍ଥାନରେ ମିଳିଥିଲା । ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ସହ ଦକ୍ଷିଣ ଭାରତର ବାଣିଜ୍ୟ କାରବାର ସମ୍ପର୍କରେ ଏହା ଆଲୋକପାତ କରେ । ମିଳିଥିବା ତଥ୍ୟ ଆଧାରରେ ଭାରତର ବାଣିଜ୍ୟ ଲାଭକାରୀ ହୋଇଥିବାର ବିଶାରଦମାନେ ମତପୋଷଣ କରନ୍ତି ।

AP SCERT

ମନେ ରଖ

ଏକ ଅଣା କହିଲେ ଏକ 1/16 ଭାଗ ସହ ସମାନ । 1947 ମସିହାରେ ଏକ ଅଣାରେ ଏକ ଡଜନ କଦଳୀ କିଣାଯାଇପାରୁଥିଲା ।



ଅଧ ଅଣା *1942* ଚଉଠ ଅଣା *1918* ଏକ ଅଣା *1943* ଏକ ପଇସା *1945*

ଚିତ୍ର *9.13*

ଆଜି ଆମେ ନିମ୍ନରେ ଦିଆଯାଇଥିବା ବିଭିନ୍ନ ସମୟର ଓ ବିଭିନ୍ନ ଆକାରର ମୁଦ୍ରା ଦେଖୁଛୁ । ଏହି ପ୍ରତ୍ୟେକ ମୁଦ୍ରାରେ ହିନ୍ଦୀ ଏବଂ ଇଂରାଜୀ ଭାଷା ବ୍ୟବହାର କରାଯାଇଛି । କିଛି ଜାତୀୟ ଗୁରୁତ୍ୱପୂର୍ଣ୍ଣ ଘଟଣା ଗୁଡ଼ିକୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ମୁଦ୍ରା ମଧ୍ୟ ତିଆରି କରାଯାଏ ।

ମନେ ରଖ

ଟଙ୍କାର ₹ (ରୁପୀ) ଏହି ସଙ୍କେତକୁ 2010 ମସିହାରେ ଭାରତ ସରକାର ଗ୍ରହଣ କରିଥିଲେ । ଏହାକୁ ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ବମ୍ବେ (ମୁମ୍ବାଇ) ର ଉଦୟ କୁମାର ଡିଜାଇନ କରିଥିଲେ । ଏହି ସଙ୍କେତ ଗୁଡ଼ିକ ଦେବନାଗରୀ ଲିପିର ₹ 'ର' ଏବଂ ରୋମାନ ଲିପିର "**R**"ର ମିଶ୍ରଣ । ଏଥିରେ ଦୁଇଟି ପରସ୍ପର ସଂଯୁକ୍ତ ସମାନ୍ତର ରେଖା ଉପରେ ରହିଛି । ଏହି ସମାନ୍ତର ପଟି ଜାତୀୟ ପତାକା ଏବଂ 'ସମାନତା' ଚିହ୍ନକୁ ପ୍ରତିନିଧିତ୍ୱ କରୁଛି ।



ଆଜିର ମୁଦ୍ରା



2021 ମସିହାରେ ଭାରତର ସ୍ୱାଧୀନତାର *75* ବର୍ଷ ପୂର୍ତ୍ତୀକୁ ସୂଚାଉଥିବା ପ୍ରତୀକ ସହିତ ମୁଦ୍ରା ।

ଚିତ୍ର *9.14*

APSCERT

ଆସ ଅନୁସନ୍ଧାନ କରିବା

ଶିକ୍ଷାର୍ଥୀମାନଙ୍କୁ ନେଇ ନିଜସ୍ୱ ପାଞ୍ଚ ଜଣିଆ ଦଳ ଗଠନ କର । ଦଳଗତ ପ୍ରକଳ୍ପ ଭାବେ ପ୍ରତ୍ୟେକ ନିଜ ଘରର ସଦସ୍ୟ, ପଡ଼ୋଶୀ ଓ ଦୋକାନୀ ଆଦି ଲୋକଙ୍କ ଠାରୁ ପୁରୁଣା ମୁଦ୍ରା ସଂଗ୍ରହ କର। ସେହି ମୁଦ୍ରାଗୁଡ଼ିକର ବିଭିନ୍ନ ବିଶେଷତ୍ୱକୁ ଲେଖିରଖ । ସେଗୁଡ଼ିକ କେଉଁ ଧାତୁରେ ଓ କେଉଁ ମସିହାରେ ତିଆରି ହୋଇଛି ଏବଂ ଏହାର ଉଭୟ ପାର୍ଶ୍ୱରେ କ'ଣ ଲେଖା ରହିଛି, ଏ ସବୁର ତାଲିକା ପ୍ରସ୍ତୁତ କର । ଏହି ଅନୁଧାନରୁ ତୁମେ କ'ଣ ଅନୁମାନ କରିପାରୁଛ ? ତୁମର ଅନୁମାନ ଠିକ୍ କି ନାହିଁ, ତୁମେ କିପରି ଜାଣିବ ?

ଦ୍ରବ୍ୟ ବଦଳ ବ୍ୟବସ୍ଥାରେ ଅଣଧାତୁ ମୁଦ୍ରା ବ୍ୟବହୃତ ହେଲା ବେଳେ ଧାତବ ମୁଦ୍ରା କ୍ଷେତ୍ରରେ ମୁଦ୍ରାର ପ୍ରକାର ଭିନ୍ନ ରୂପ ନେଇଥିଲା।

ଆସ ଅନୁସନ୍ଧାନ କରିବା

କାଗଜ ମୁଦ୍ରା

ପରିବା କିଣିବା, ଜମି କିଣିବା ଏବଂ ସବୁପ୍ରକାର ଦ୍ରବ୍ୟ ବଦଳ ସମୟରେ ଧାତବ ମୁଦ୍ରା ବ୍ୟବହାର ଯୋଗୁଁ କ'ଣ ସବୁ ଘଟିଥିବ ବୋଲି ଅନୁମାନ କରୁଛ ? ଏଥିରେ କି କି ସମସ୍ୟା ଉପୁଜିଥିବ ?

ତୁମେ ଅନୁମାନ କରିବାଭଳି, ବହୁତ ଗୁଡ଼ିଏ ଧାତବ ମୁଦ୍ରାକୁ ବୋହି ଆଣିବା କଷ୍ଟକର ଓ ସେଗୁଡ଼ିକୁ ସଞ୍ଚୟ କରି ରଖିବା ମଧ୍ୟ ସମସ୍ୟା ହୋଇଥିବ । ଏହାର ଏକ ଉପଯୁକ୍ତ ବିକଳ୍ପ ହେଲା କାଗଜ ମୁଦ୍ରା । କାଗଜ ଟଙ୍କାର ଆଗମନ ସହ ଏକ ଉତ୍ତମ ବିକଳ୍ପର ସନ୍ଧାନ ଶେଷ ହେଲା । କାଗଜ ମୁଦ୍ରା ବା ଟଙ୍କାର ବ୍ୟବହାର ପ୍ରଥମେ ଚୀନ୍‌ରେ ହୋଇଥିଲା । ଭାରତରେ 18 ଶ ଶତାବ୍ଦୀର ଶେଷଭାଗରେ ଭାରତରେ ପ୍ରଚଳିତ ହୋଇଥିଲା ।



ଚିତ୍ର 9.15 ବ୍ୟାଙ୍କ ଅଫ୍ ବେଙ୍ଗଲୁରୁ ଏକ ପାର୍ଶ୍ୱ ନୋଟ (ବାମ) ଓ ବ୍ୟାଙ୍କ ଅଫ୍ ବମ୍ବେ ଦ୍ୱାରା ଜାରି କରାଯାଇଥିବା ଦଶ ଟଙ୍କିଆ ନୋଟ (ଉତ୍ସ: ଭାରତୀୟ ରିଜର୍ଭ ବ୍ୟାଙ୍କ)

କମ୍ ମୂଲ୍ୟ ବିଶିଷ୍ଟ ମୁଦ୍ରାଗୁଡ଼ିକ ପାଇଁ ଧାତବ ମୁଦ୍ରା ଓ ଅଧିକ ମୂଲ୍ୟ ପାଇଁ କାଗଜ ମୁଦ୍ରା ବା ନୋଟ୍ ବ୍ୟବହୃତ ହେଲା । ଆଜିକାଲି ତୁମେ ଦେଖୁଥିବା ଅଧିକାଂଶ ମୁଦ୍ରା ଓ ନୋଟ୍ ଗୁଡ଼ିକ ଏହିଭଳି ଦେଖାଯାଏ ।

APSCERT



ଚିତ୍ର *9.16* ବର୍ତ୍ତମାନର କାଗଜ ଟଙ୍କା।

ମୁଦ୍ରା :
ଏକ ନିର୍ଦ୍ଦିଷ୍ଟ ଦେଶରେ ବ୍ୟବହୃତ ମୁଦ୍ରା ପ୍ରଣାଳୀ । ଉଦାହରଣ ସ୍ୱରୂପ ଭାରତରେ ଟଙ୍କା ନାମରେ ବ୍ୟବହୃତ ଧାତବ ମୁଦ୍ରା ଏବଂ କାଗଜ ନୋଟ ହେଉଛି ଭାରତୀୟ ମୁଦ୍ରା ।

ମୁଦ୍ରାର ସ୍ୱରୂପ:
ବର୍ତ୍ତମାନ ସଂଖ୍ୟା ମାଧ୍ୟମରେ ମୁଦ୍ରା ଏବଂ କାଗଜ ନୋଟ୍ ପରିବର୍ତ୍ତିତ ହୋଇଛି । ଉଦାହରଣ ସ୍ୱରୂପ ଭାରତୀୟ ମୁଦ୍ରାର ମୂଲ୍ୟ 50 ପଇସା, ₹1, ₹2, ₹5, ₹10, ₹20 ମୁଦ୍ରା ଏବଂ ₹10, ₹20, ₹50, ₹100, ₹200, ₹500 ଏବଂ ₹1000 କାଗଜ ନୋଟ୍ ଅଛି।

ଆସ ଅନୁସନ୍ଧାନ କରିବା

50 ଏବଂ 100 ଟଙ୍କିଆ ନୋଟ୍‌କୁ ଦେଖ । ନୋଟ୍‌ର ପଛ ପଟରେ ଭାରତର ସାଂସ୍କୃତିକ ଓ ଐତିହ୍ୟକୁ ଚିତ୍ରିତ କରୁଥିବା ନମୁନାଗୁଡ଼ିକୁ ଚିହ୍ନି ପାରୁଛ କି? ସେଗୁଡ଼ିକ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର ।



ଚିତ୍ର *9.17*

→ ନୋଟ୍‌ର ପୃଷ୍ଠ ଭାଗକୁ ଭଲଭାବେ ଲକ୍ଷ୍ୟ କର । ଏହି ନୋଟ୍‌ରେ କେଉଁ ବିଶେଷ ବୈଶିଷ୍ଟ୍ୟ ଯୋଗୁଁ ଦୃଷ୍ଟିହୀନ ବ୍ୟକ୍ତିମାନେ ନୋଟ୍‌ର ମୂଲ୍ୟ ଜାଣି ପାରନ୍ତି?

ଏହି ଅଧ୍ୟାୟର ଆରମ୍ଭରେ ଆମେ ଜାଣିବାକୁ ପାଇଲୁ ଯେ, ପ୍ରାଚୀନ କାଳରେ ଶାସକମାନେ ମୁଦ୍ରା ଜାରି କରୁଥିଲେ । ଆଜି ଭାରତରେ ମୁଦ୍ରା ସମ୍ବନ୍ଧୀୟ ବିଷୟଗୁଡ଼ିକ ନିୟନ୍ତ୍ରଣ କରିବା ପାଇଁ 'ଭାରତୀୟ ରିଜର୍ଭ ବ୍ୟାଙ୍କ' (**RBI**) ନାମକ ଏକ କେନ୍ଦ୍ରୀୟ କର୍ତ୍ତୃପକ୍ଷ ଅଛନ୍ତି । ରିଜର୍ଭ ବ୍ୟାଙ୍କ ବ୍ୟତୀତ ଅନ୍ୟ କେହି ମୁଦ୍ରା ଜାରି କରିବା ଆଇନ ସଂଗତ ନୁହେଁ ।

ମୁଦ୍ରାର ନୂତନ ରୂପ

ସମୟର ଅଗ୍ରଗତି ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସହ ଆଜିକାଲି ମୁଦ୍ରାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଉଛି । ଆସ କେତେକ ସୁବିଧାର ରୂପ ସମ୍ବନ୍ଧରେ ଆଲୋଚନା କରିବା । କୃଷ୍ଣପ୍ପା ଏକ ଠେଲା ଗାଡ଼ିରେ ଋତୁକାଳୀନ ଫଳ ବିକ୍ରୟ କରନ୍ତି । ସୁନ୍ଦର ଭାବେ ସଜାଡ଼ି ରଙ୍ଗୀନ ଫଳ ସହିତ ତାଙ୍କ ଗାଡ଼ିରେ ଏକ **QR** କୋଡ୍ ଛପା ହୋଇଅଛି । ଏକ ଛୋଟ କାର୍ଡ ରଖିଛନ୍ତି । ତାଙ୍କ ଗ୍ରାହକମାନେ ସେମାନଙ୍କର ମୋବାଇଲ୍ ଫୋନ୍ ସାହାଯ୍ୟରେ **QR** କୋଡ୍ ସ୍କାନ୍ କରନ୍ତି ଏବଂ ଡିଜିଟାଲ୍ ଭାବରେ ସେମାନଙ୍କର କ୍ରୟ ପାଇଁ ଦେୟ ଦିଅନ୍ତି । ତାପରେ ପ୍ରଦାନ କରାଯାଇଥିବା ପରିମାଣ ସିଧାସଳଖ କୃଷ୍ଣପ୍ପାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଚାଲିଯାଏ ।

AP SCERT



ଚିତ୍ର *9.18*

QR କୋଡ୍:
(କ୍ୱିକ୍ ରେସ୍‌ପାନ୍ସ୍ କୋଡ୍)
ଖୁବ ଶୀଘ୍ର ସମାଧାନ ପାଇଁ **QR** କୋଡ୍ ବ୍ୟବହୃତ ହୁଏ । ଏହା କେତେଗୁଡ଼ିକ କଳା ଏବଂ ଧଳା ବର୍ଗାକାର ସଂଗୃହୀତ ଚିତ୍ର ଯାହା ସ୍ମାର୍ଟ ଫୋନ୍ ଏବଂ **QR** କୋଡ୍ ସ୍କାନର୍ ଭଳି ଯନ୍ତ୍ର ଦ୍ୱାରା ପଠନୀୟ । ଏଗୁଡ଼ିକରେ ଗ୍ରହଣକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ବିଷୟରେ ସୂଚନା ଥାଏ ଏବଂ ଏହା ଆର୍ଥିକ କାରବାର ପାଇଁ ବ୍ୟବହୃତ ହୁଏ ।

ମୁଦ୍ରା ଓ କାଗଜ ନୋଟ୍ ଭଳି ମୁଦ୍ରାର ଦୃଶ୍ୟମାନ ରୂପ ବ୍ୟତୀତ ମୁଦ୍ରାର ଅଦୃଶ୍ୟ ରୂପ ମଧ୍ୟ ରହିଛି ଯାହାକୁ ଆମେ ସ୍ପର୍ଶ ଏବଂ ଅନୁଭବ କରିପାରିବା ନାହିଁ । ଇଲେକ୍ଟ୍ରୋନିକ୍ ରୂପରେ ଥିବା ଏହି ମୁଦ୍ରାକୁ ଡିଜିଟାଲ୍ ମୁଦ୍ରା କୁହାଯାଏ । ତୁମ ଚାରିପାଖରେ ଥିବା ଲୋକମାନେ ମୁଦ୍ରା ଓ କାଗଜ ନୋଟ୍ ବିନା ଟଙ୍କା ଦେଉଥିବା କିମ୍ବା ଗ୍ରହଣ କରୁଥିବା ଦେଖିଛ କି? ଡେବିଟ୍ କାର୍ଡ୍, କ୍ରେଡିଟ୍ କାର୍ଡ୍, ନେଟ୍ ବ୍ୟାଙ୍କିଙ୍ଗ୍, **UPI** (ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍) ଇତ୍ୟାଦି ଆର୍ଥିକ କାରବାରରେ ବ୍ୟବହୃତ ହୋଇଥାଏ । ଏହି ମାଧ୍ୟମଗୁଡ଼ିକ ସାହାଯ୍ୟରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟ୍‌ରୁ ଅନ୍ୟ ଜଣକର ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଟଙ୍କା ଚାଲିଯାଇଥାଏ । ପରବର୍ତ୍ତୀ ସମୟରେ ତୁମେ ମୁଦ୍ରା କାରବାରର ଆଧୁନିକ ପଦ୍ଧତି ବିଷୟରେ ଅଧିକ ଜାଣିପାରିବ ।



ଶେଷ କରିବା ପୂର୍ବରୁ...

→ ମୁଦ୍ରା ପ୍ରଚଳନ ପୂର୍ବରୁ ଦ୍ରବ୍ୟ ବିନିମୟ ପଦ୍ଧତି ପ୍ରଚଳିତ ହେଉଥିଲା । ବିନିମୟକୁ ସହଜ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହୃତ ହେଉଥିଲା ।

→ ବିନିମୟ ପଦ୍ଧତିର ସୀମିତତା ଯୋଗୁଁ ମୁଦ୍ରାକୁ ବିନିମୟ ମାଧ୍ୟମ ଦ୍ୱାରା ମୁଦ୍ରାର ବିକାଶ ଘଟିଲା ।

→ ସମୟ ଅନୁସାରେ ବିଭିନ୍ନ ପ୍ରକାର ଟଙ୍କାର ବିକାଶ ହୋଇଛି ସେଗୁଡ଼ିକ ହେଉଛି ଶଙ୍ଖ, ମୁଦ୍ରା ଏବଂ କାଗଜ ମୁଦ୍ରା । ମୁଦ୍ରାର ବିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି । ଆମେମାନେ ନୂତନ ତଥା ସହଜ ଉପାୟର ମୁଦ୍ରା ବିନିମୟର ଉପାୟ ମାନ ବାହାର କରିବାରେ ଲାଗିଛୁ । ପୂର୍ବରୁ ଆଲୋଚିତ **QR** କୋଡ୍ ଏହାର ଉଦାହରଣ ।

AP SCERT

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

1. ରାଙ୍ଗାୟା ନାମକ ଜଣେ ଚାଷୀ ଅନ୍‌ଲାଇନ୍‌ରେ ପନିପରିବା ବିକ୍ରୟ କରନ୍ତି । ପ୍ରିୟା ₹450ର ପନିପରିବା କିଣିଲେ । ସେ ତାଙ୍କ **QR** କୋଡ୍ ସ୍କାନ୍ କରି **UPI** ମାଧ୍ୟମରେ ଟଙ୍କା ପଠାଇଲେ । ସେହି ଟଙ୍କା ସିଧାସଳଖ ରଙ୍ଗାୟାଙ୍କ ଆକାଉଣ୍ଟକୁ ଗଲା । ଏହି ପରିସ୍ଥିତି କ'ଣ ଜଣାଏ ? ( )

   (କ) ପନିପରିବା ଦେବା ସମୟରେ ପ୍ରିୟା ଦେୟ ପାଇଁ ନଗଦ ଟଙ୍କା ବ୍ୟବହାର କରିଥିଲେ ।

   (ଖ) ପ୍ରିୟା ରାଙ୍ଗାୟାଙ୍କ ଦୋକାନରେ ଏକ ଡେବିଟ୍ କାର୍ଡ୍ ମେସିନ ବ୍ୟବହାର କରିଥିଲେ ।

   (ଗ) ପ୍ରିୟା ଅନ୍‌ଲାଇନ୍ ଦେୟ କରିବା ପାଇଁ ଡିଜିଟାଲ୍ ଟଙ୍କା ବ୍ୟବହାର କରିଥିଲେ ।

   (ଘ) ପ୍ରିୟା ରାଙ୍ଗାୟାଙ୍କୁ ଟଙ୍କା ବଦଳରେ ଏକ କାଗଜ ରସିଦ ଦେଲେ ।

2. ବିନିମୟ ବ୍ୟବସ୍ଥାରେ କେଉଁ ସବୁ ଅସୁବିଧା ଥିଲା ?

3. ପ୍ରାଚୀନ ଭାରତୀୟ ମୁଦ୍ରାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ଥିଲା ?

4. ବସ୍ତୁ ବିନିମୟ ବ୍ୟବସ୍ଥା କିପରି ହୁଏ, ଏବଂ ଏହି ବ୍ୟବସ୍ଥାରେ କି କି ପ୍ରକାରର ପଣ୍ୟ ଦ୍ରବ୍ୟଗୁଡ଼ିକ ବିନିମୟ ପାଇଁ ବ୍ୟବହୃତ ହେଉଥିଲା ?

5. ସମାୟାନୁକ୍ରମେ ବିନିମୟର ମାଧ୍ୟମ ଭାବେ ମୁଦ୍ରା କିପରି ପରିବର୍ତ୍ତିତ ହୋଇଛି ?

6. ପ୍ରାଚୀନ କାଳରେ କେଉଁ ସବୁ ପଦକ୍ଷେପ ଦ୍ୱାରା ଭାରତୀୟ ମୁଦ୍ରା ଦେଶ ଗୁଡ଼ିକମଧ୍ୟରେ ବିନିମୟର ମାଧ୍ୟମ ହୋଇପାରିଥିଲା ?

7. ଅର୍ଥଶାସ୍ତ୍ରର ନିମ୍ନ ଧାଡ଼ିଗୁଡ଼ିକୁ ପଢ଼:

   ଦୈନିକ ଏକ ଆଧାକା ଶସ୍ୟ ଦ୍ୱାରା ବାର୍ଷିକ 60 ପଣ ଦରମାକୁ ବଦଳାଯାଇପାରିବ । ଏକ ଆଧାକା 4 ଜଣ ବ୍ୟକ୍ତିଙ୍କ ଖାଦ୍ୟ ସହ ସମାନ (ଏକ ଆଧାକା ପ୍ରାୟ 3 କିଲୋଗ୍ରାମ୍ ସହ ସମାନ) । ଏଠାରେ ଗୋଟିଏ ପଣର ମୂଲ୍ୟ ବିଷୟରେ କ'ଣ ସୂଚନା ମିଳୁଛି ?

   ପଡ଼ୋଶୀଙ୍କୁ ସାହାଯ୍ୟ କରିବାରେ ବିଫଳ ହେବାରୁ 100 ପଣ ଜୋରିମାନା ଧାର୍ଯ୍ୟ ହୋଇଥିଲା । ଏହାକୁ ବାର୍ଷିକ ଦରମା ସହ ତୁଳନା କର । ଏହା ମାଧ୍ୟମରେ ମାନବିକ ସିଦ୍ଧାନ୍ତକୁ ପ୍ରୋତ୍ସାହିତ କରାଯାଉଥିବା ବିଷୟରେ ତୁମେ କ'ଣ ନିଷ୍କର୍ଷ ବାହାର କରି ପାରିବ ?

8. ଭାରତରେ କାଗଜ ମୁଦ୍ରା ମୁଦ୍ରଣ ଏବଂ ବଣ୍ଟନ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ **(RBI)** ଏକ ମାତ୍ର ଅନୁମୋଦିତ ସଂସ୍ଥା । କାଗଜ ମୁଦ୍ରାର ଅବୈଧ ମୁଦ୍ରଣ ଏବଂ ଏହାର ଅପବ୍ୟବହାରକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ୍ ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ସେହି ବ୍ୟବସ୍ଥା ଗୁଡ଼ିକ ବିଷୟରେ ଶ୍ରେଣୀରେ ଆଲୋଚନା କର ।

9. ଲୋକ ମାନେ କିପରି ପରସ୍ପର କଉଡ଼ିକୁ ବିନିମୟ ମାଧ୍ୟମ ଭାବରେ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଥିବେ, ତାହା ଦେଖାଉଥିବା ପାଇଁ ଏକ ବ୍ୟଙ୍ଗ ନାଟକ ଲେଖି ଅଭିନୟ କର ।

10. ତୁମ ପରିବାର କେହି ସଦସ୍ୟଙ୍କୁ ଏବଂ ସ୍ଥାନୀୟ ଦୋକାନୀଙ୍କୁ ପଚାରି ବୁଝନ୍ତୁ ଯେ, ସେମାନେ ନେଣଦୋ କରିବା ପାଇଁ କେଉଁ ମାଧ୍ୟମକୁ ପସନ୍ଦ କରନ୍ତି ?

✧✧✧✧✧

AP SCERT

ଅଧ୍ୟାୟ

10

ବଜାରକୁ ବୁଝିବା

W9P6B7

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- ବଜାରର ସଂଜ୍ଞା ଏବଂ ବଜାର କିପରି କାର୍ଯ୍ୟ କରେ ଜାଣିପାରିବେ । (CG-1)
- ଭୌତିକ ଏବଂ ଆଭାସୀ(ଅନ୍‌ଲାଇନ) ବଜାର ତୁଳନା କରିପାରିବେ ଓ ଘରୋଇ ବଜାର ଏବଂ ଆନ୍ତର୍ଜାତୀୟ ବଜାରକୁ ବର୍ଗୀକରଣ କରିପାରିବେ । (CG-9)
- ଭାରତର ରପ୍ତାନୀ ଏବଂ ଆମଦାନୀ ସମ୍ବନ୍ଧୀୟ ସୂଚନା ଚିତ୍ରଗୁଡିକ ବିଶ୍ଳେଷଣ କରି ଏକ ତାଲିକା ପ୍ରସ୍ତୁତ କରିପାରିବେ । (CG-9)
- ବଜାର ନିୟନ୍ତ୍ରଣରେ ସରକାରଙ୍କ ଭୂମିକା ବିଷୟରେ ଜାଣିପାରିବେ । (CG-9)
- ସରକାରୀ ଅନୁଷ୍ଠାନ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଉତ୍ପାଦର ପରିଚୟ ପ୍ରମାଣ ପତ୍ର ଚିହ୍ନଟ କରିପାରିବେ । (CG-1)


"ଲୋକମାନେ ଆବଶ୍ୟକ କରୁଥିବା ଦ୍ରବ୍ୟ ଓ ସେବା ନିଜେ ସୃଷ୍ଟି ନ କରିପାରିବା କାରଣରୁ ବଜାରର ବିକାଶ ହୁଏ ଓ ବଜାର ସମୃଦ୍ଧି ଆଣିଥାଏ ।"

– ଆଦାମ୍ ସ୍ମିଥ୍, ଅଷ୍ଟାଦଶ ଶତାବ୍ଦୀର ଅର୍ଥନୀତିଜ୍ଞ

AP SCERT


ପରବର୍ତ୍ତୀ ପୃଷ୍ଠାର ଚିତ୍ରରେ ଲୋକମାନେ ପନିପରିବା, ଫଳ, ବସ୍ତ୍ର, ତେଜରାତି, ମୋବାଇଲ୍ ଫୋନ୍ , ରେଫ୍ରିଜରେଟର ଆଦି କିଣାବିକା କରୁଥିବାର ତୁମେ ଲକ୍ଷ୍ୟ କରିପାରିବ । ଏହି ଦ୍ରବ୍ୟଗୁଡିକ ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ ଆଦି ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଛି ବୋଲି ତୁମେ ଷଷ୍ଠ ଶ୍ରେଣୀରେ ପଢିଛ । ତେବେ ସେହି ଦ୍ରବ୍ୟଗୁଡିକ ଆମ ନିକଟରେ କିପରି ପହଞ୍ଚେ ?

ଚିତ୍ର 10.1



ମୁଖ୍ୟ ପ୍ରଶ୍ନାବଳୀ ?

1. ବଜାର କ'ଣ ଏବଂ ଏହା କିପରି କାର୍ଯ୍ୟ କରେ ?
2. ଲୋକମାନଙ୍କ ଜୀବନ ଉପରେ ବଜାରର କି ଭୂମିକା ରହିଛି ?
3. ବଜାର କାରବାରରେ ସରକାରଙ୍କର କି ଭୂମିକା ରହିଛି ?
4. ଉପଭୋକ୍ତାମାନେ କିଣୁଥିବା ଦ୍ରବ୍ୟ ଓ ସେବାର ଗୁଣବତ୍ତା କିପରି ପରଖି ପାରିବେ ?





ବଜାର କ'ଣ ?

ଯେଉଁସ୍ଥାନରେ ଲୋକମାନେ ସାମଗ୍ରୀ କିଣାବିକା କରିଥାନ୍ତି ତାକୁ ବଜାର କହନ୍ତି । ଏହାକୁ ବଜାର ବା ହାଟ (ହିନ୍ଦୀ) ଏବଂ କନ୍ନଡରେ 'ମରୁକାଟ୍ଟେ' ବୋଲି ମଧ୍ୟ କୁହାଯାଏ । ତୁମ ଅଞ୍ଚଳରେ ଏହାକୁ କ'ଣ କୁହାଯାଏ ? ଏହା ଭୂ-ପୃଷ୍ଠସ୍ଥ କୌଣସି ସ୍ଥାନ କିମ୍ବା ଆଜିକାଲି ଜନପ୍ରିୟ ହୋଇଥିବା ଅନ୍‌ଲାଇନ୍ ବା ଆଭାସୀ ମଧ୍ୟ ହୋଇପାରେ । ବ୍ୟକ୍ତିବିଶେଷ, ପରିବାର ଏବଂ ବ୍ୟବସାୟ ପାଇଁ ବିଭିନ୍ନ ସାମଗ୍ରୀ ଓ ସେବା ବଜାର ମାଧ୍ୟମରେ ଉପଲବ୍ଧ ହୋଇଥାଏ । ବର୍ଷ ବର୍ଷ ଧରି ଲୋକମାନେ ବିଭିନ୍ନ ସାମଗ୍ରୀ ଓ ସେବା ମାଧ୍ୟମରେ ସେମାନଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ବଜାର ଉପରେ ନିର୍ଭର କରିଆସୁଛନ୍ତି । ଅଧିକନ୍ତୁ ବଜାରଗୁଡିକ ଲୋକ, ପରମ୍ପରା ତଥା ଚିନ୍ତାଧାରା ଆଦିକୁ ଯୋଡିଥାଏ । ଆସ ଷୋଡଶ ଶତାବ୍ଦୀରେ ଭାରତରେ ଚାଲୁଥିବା ଏକ ବଜାର ସମ୍ବନ୍ଧରେ ଏକ ଉଦାହରଣ ଦେଖିବା ।

କର୍ଣ୍ଣାଟକ ରାଜ୍ୟର ଗୌରବମୟ ହାମ୍ପି ବଜାର (The Glorious Hampi Bazaar, Karnataka)

କର୍ଣ୍ଣାଟକର ବିଜୟନଗର ସାମ୍ରାଜ୍ୟ ଅନ୍ତର୍ଗତ ହାମ୍ପି ବଜାର ଅତୀତରେ ଏକ ସମୃଦ୍ଧ ବାଣିଜ୍ୟ ସ୍ଥଳୀ ଥିଲା । ବିରୁପାକ୍ଷ ମନ୍ଦିର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଥିବା ଏହି ବଜାରଟି ବିକଶିତ ବାଣିଜ୍ୟର କେନ୍ଦ୍ରସ୍ଥଳ ଥିଲା । ଏହି ସହରର ପ୍ରାଚୁର୍ଯ୍ୟ ଓ ସମୃଦ୍ଧିକୁ ଅନେକ ବିଦେଶୀ ବିବରଣୀରେ ବର୍ଣ୍ଣନା କରାଯାଇଛି ।



ଚିତ୍ର 10.3 ହାମ୍ପି ବଜାରର ବର୍ତ୍ତମାନ ଦୃଶ୍ୟ

ଆବଶ୍ୟକତା (Needs) : ଅର୍ଥନୀତିରେ ଆବଶ୍ୟକତା ହେଉଛି ଏପରି ଏକ ଦ୍ରବ୍ୟ ଯାହା ଜଣେ ବ୍ୟକ୍ତିକୁ ବଞ୍ଚିବା ପାଇଁ ଆବଶ୍ୟକ ହୁଏ । ଯଥା- ଖାଦ୍ୟ, ଜଳ, ବସ୍ତ୍ର ଏବଂ ବାସଗୃହ ।

ଚାହିଦା(Wants) : ଅର୍ଥନୀତିରେ ଚାହିଦା ଏପରି ଏକ ଦ୍ରବ୍ୟ ଯାହା ଜଣେ ବ୍ୟକ୍ତି ପାଇବାକୁ ଇଚ୍ଛାକରେ କିନ୍ତୁ ତାହା ତା'ର ବଞ୍ଚିବା ପାଇଁ ଆବଶ୍ୟକ ନଥାଏ ।

ବାଣିଜ୍ୟ(Trade) : ବ୍ୟକ୍ତି କିମ୍ବା ଦେଶ ମଧ୍ୟରେ ଦ୍ରବ୍ୟ ଏବଂ ସେବାର କ୍ରୟ ଏବଂ ବିକ୍ରୟ କିମ୍ବା ବିନିମୟକୁ ବାଣିଜ୍ୟ କୁହାଯାଏ ।

APSCERT

ପ୍ରସିଦ୍ଧ ପର୍ତ୍ତୁଗୀଜ ପରିବ୍ରାଜକ ଡୋମିଙ୍ଗୋସ୍ ପେସ୍ ହାମ୍ପିକୁ ବିଶ୍ୱର ସର୍ବୋତ୍ତମ "ଯୋଗାଣ ଭିତ୍ତିକ ସହର " ବୋଲି କହିଥିଲେ । କାରଣ ଏଠାରେ ବିଭିନ୍ନ ପ୍ରକାର ଉତ୍ପାଦ ଯଥା–ଶସ୍ୟ, ବିହନ, କ୍ଷୀର, ତେଲ, ରେଶମ, ଗାଈ, ଠେକୁଆ, ଘୋଡା ଓ ଏପରି କି ଗୁଣ୍ଡୁରୀ ଚଢେଇ ଓ ହରଡ ଚଢେଇ ଭଳି ପକ୍ଷୀ ଆଦିର କିଣାବିକା ହେଉଥିଲା । ଆଉ ଜଣେ ପର୍ତ୍ତୁଗୀଜ ପରିବ୍ରାଜକ ଫର୍ଣ୍ଣାଓ ନୁନୀଜ ତାଙ୍କ ବିବରଣୀରେ ବଜାର ବିଷୟରେ ଆହୁରୀ ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ତାଙ୍କ ମତରେ ଏହି ବଜାରର ବିଭିନ୍ନ ଗଳିରେ , ସୁନା ଅଳଙ୍କାର, ମୂଲ୍ୟବାନ ପଥର ଯଥା ମାଣିକ୍ୟ, ହୀରା ଓ ମୁକ୍ତା ସମେତ ଅନ୍ୟାନ୍ୟ ମୂଲ୍ୟବାନ ପଥରର ବିଭିନ୍ନ ସାମଗ୍ରୀ କରିଗରମାନେ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ଏଠାରେ କପା ପ୍ରସ୍ତୁତ କପଡା ଓ ଲୁଗା ଏବଂ ପ୍ରଚୁର ପରିମାଣରେ ଘାସ ଓ ନଡା ମଧ୍ୟ ବିକ୍ରି ପାଇଁ ଉପଲବ୍ଧ ଥିଲା । ଏଠାକାର ନିରସ ଭୂମିରେ ପ୍ରାୟ ସମସ୍ତ ସାମଗ୍ରୀର ଭରପୂର ଭଣ୍ଡାର ବିଷୟରେ ବର୍ଣ୍ଣନା କଲାବେଳେ ଏହା ବିଶ୍ୱାସ କରିହୁଏ ନାହିଁ ।

ଆସ ଅନୁସନ୍ଧାନ କରିବା

→ ତୁମେ ଭାବି ପାରୁଛ କି ଏହି ବଜାର ନିଜର ପୂର୍ଣ୍ଣ ବିକାଶ ସମୟରେ କିପରି ଦିଶୁଥିବ ?

→ ତୁମ ଅଞ୍ଚଳର କୌଣସି ପ୍ରାଚୀନ ବଜାର ସମ୍ବନ୍ଧରେ ଜାଣିଛ କି ? ସେଗୁଡିକ ଆଜିକାଲିର ବଜାରଠାରୁ କିପରି ସମାନ ବା ଭିନ୍ନ ଥିଲେ । ନିଜ ପରିବାର ତଥା ଆଖପାଖ ବୟସ୍କ ଲୋକଙ୍କଠାରୁ ଏହି ବିଷୟରେ ଆଲୋଚନା କର ।

ଆସ, ବଜାର କିପରି କାର୍ଯ୍ୟକରେ, ସେ ବିଷୟରେ ଅଧିକ ଜାଣିବା

ଆସ ଅନୁସନ୍ଧାନ କରିବା

ଚିତ୍ରକୁ ଲକ୍ଷ୍ୟ କର । ଏହି ଦୁଇ ଜଣ କଣ ଆଲୋଚନା କରୁଛନ୍ତି ? ତୁମେ ଓ ତୁମ ବନ୍ଧୁ ନିଜକୁ ପିଜୁଳିର ଜଣେ କ୍ରେତା ଓ ଅନ୍ୟଜଣେ ବିକ୍ରେତା ବୋଲି ଭାବ । ତୁମ ଭିତରେ କେଉଁ ସବୁ କଥାବାର୍ତ୍ତା ହୋଇଥାଇପାରେ, ତାକୁ ଲେଖି ରଖି ଏକ ବ୍ୟାଙ୍ଗାତ୍ମକ ନାଟକ ମାଧ୍ୟମରେ ଶ୍ରେଣୀରେ ଉପସ୍ଥାପନ କର ।



ଚିତ୍ର 10.4

ମୂଲ୍ୟ : ମୂଲ୍ୟ ହେଉଛି ସେହି ପରିମାଣ, ଯେଉଁଥିଲେ ଜଣେ କ୍ରେତା କିଣିବାକୁ ରାଜି ହୁଏ, ଏବଂ ଜଣେ ବିକ୍ରେତା ନିର୍ଦ୍ଦିଷ୍ଟ ସାମଗ୍ରୀ କିମ୍ବା ସେବା ବିକ୍ରୟ କରବାକୁ ଇଚ୍ଛା ପ୍ରକାଶ କରେ ।

କୌଣସି ସ୍ଥାନକୁ ବଜାର ବୋଲି କହିବା ପାଇଁ କିଛି ବୈଶିଷ୍ଟ୍ୟର ଆବଶ୍ୟକ ଥାଏ । ଚିତ୍ର 12.2 ରେ ପ୍ରଦତ୍ତ ବଜାର ଛବିରେ କ୍ରେତା ଓ ବିକ୍ରେତାମାନେ ଥିବାର ଦେଖିପାରିବ । କୌଣସି ସାମଗ୍ରୀର କିଣାବିକା ପାଇଁ ଉଭୟଙ୍କୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ସହମତ ହେବାକୁ ପଡିଥାଏ । ସୁତରାଂ, ଦେଣନେଣ ପାଇଁ ସାମଗ୍ରୀ ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଅଟେ ।

AP SCERT

ଏହା ବିଷୟରେ ଚିନ୍ତା କର

ତୁମେ ଏପରି କିଛି ବଜାର ବିଷୟରେ ଜାଣିଛ କି, ଯେଉଁଠି ମୂଲଚାଲ କମ୍ ହୋଇଥାଏ , ଏହାର କାରଣ କ'ଣ ?

ମୂଲ୍ୟ ଓ ବଜାର

ବଜାରରେ ବହୁ କ୍ରେତା ବିକ୍ରେତା ଥିଲେ କଣ ହୁଏ ? କ୍ରେତା ବିକ୍ରେତାଙ୍କ ମଧ୍ୟରେ ମୂଲଚାଲରେ ସାମଗ୍ରୀଗୁଡିକର ଦର କିପରି ଧାର୍ଯ୍ୟ ହୋଇଥାଏ ?

ନିମ୍ନ ଚିତ୍ରରେ ଠେଲାଗାଡି ବିକାଳି ଜଣକ ପିଜୁଳି କିଲୋପ୍ରତି ୫0/-ଟଙ୍କାରେ ବିକ୍ରିକରିବାକୁ ସ୍ଥିର କରିଛନ୍ତି । ତେବେ, କ୍ରେତାମାନେ ସେହି ଦରରେ ପିଜୁଳି କିଣିବାକୁ ରାଜି ନ ହୋଇପାରନ୍ତି । କ୍ରେତାଙ୍କୁ ମୂଲ୍ୟ ଅଧିକ ଲାଗିଲେ, ସେମାନେ ନିଜକୁ ସୁହାଇବା ଦରରେ କିଣିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି । ବିକ୍ରେତା କିନ୍ତୁ କ୍ରେତାଙ୍କ ମନସ୍ଥ ଦରରେ ବିକିବାକୁ ରାଜି ନହୋଇ ପାରନ୍ତି । କାରଣ ଏହା ତାଙ୍କ ପାଇଁ ଲାଭଜନକ ନୁହେଁ । କ୍ରେତା ଓ ବିକ୍ରେତା ଏକ ସହମତ ଦରରେ ପହଞ୍ଚିବା ପର୍ଯ୍ୟନ୍ତ ମୂଲଚାଲ ଚାଲିଥାଏ । ଦରସ୍ଥିରୀକୃତ ହେବାପରେ ହିଁ କାରବାର ସମାପ୍ତ ହୋଇଥାଏ । ସହମତ ଭିତ୍ତିରେ ଦର ନ ଛିଡିଲେ, କାରବାର ହୋଇପାରେ ନାହିଁ ।

ଆସ, କିଛି ଦୃଶ୍ୟପଟ ମାଧ୍ୟମରେ ଏହାକୁ ବୁଝିବା ।

1. ବିକ୍ରେତା ଅଧିକ ଦର ସ୍ଥିର କରିଥିଲେ କଣ ହୁଏ ?



ଚିତ୍ର 10.5



ଚିତ୍ର 10.6

2. ବିକ୍ରେତା ଜଣକ ଦର କମ୍ ରଖିଥିଲେ କଣ ହୁଏ ?



ଚିତ୍ର 10.7

3. ସମୟ ସହିତ ପିଜୁଳିର ଦର ଏପରି ସଠିକ ଭାବରେ ସ୍ଥିର ହୁଏ ଯେ ଏହା କ୍ରେତାଙ୍କ ପାଇଁ ଖୁବ୍ ଅଧିକ ନୁହେଁ କି ବିକ୍ରେତାଙ୍କ ପାଇଁ ବହୁତ କମ୍ ନୁହେଁ ।

AP SCERT

ପ୍ରଦତ୍ତ ତିନିଗୋଟି ଦୃଶ୍ୟ ପଟରୁ ଶିକ୍ଷା ଲାଭ କରି ବିକ୍ରେତା ପ୍ରାୟତଃ କ୍ରେତାଙ୍କ ଦ୍ୱାରା କେତେ ପରିମାଣର ପିଜୁଳି ଆବଶ୍ୟକ ହେବ ତାର ଆକଳନ କରିଥାନ୍ତି ଏବଂ ଭବିଷ୍ୟତରେ ସେହି ପରିମାଣର ପିଜୁଳି ବଜାରକୁ ଆଣିଥାନ୍ତି ।

ସମୟାନୁକ୍ରମେ ବିକ୍ରେତାମାନେ ଆଣୁଥିବା ଦ୍ରବ୍ୟର ପରିମାଣ ଓ କ୍ରେତାମାନେ ଆବଶ୍ୟକ କରୁଥିବା ପରିମାଣ ଦ୍ୱାରା ସାମଗ୍ରୀର ଦର ସ୍ଥିରୀକୃତ ହୋଇଥାଏ । ଏହା ବିକ୍ରେତା ଓ କ୍ରେତା ଉଭୟଙ୍କୁ ଗ୍ରହଣଯୋଗ୍ୟ ଅନୁଭବ ହୁଏ ।

ଏହା ବିଷୟରେ ଚିନ୍ତା କର

ସପ୍ତାହିକ ହାଟ ଗୁଡିକରେ ଦିନ ତୁଳନାରେ ରାତ୍ରୀବୃଦ୍ଧି ସହ ପନିପରିବା ଶସ୍ତାରେ ବିକ୍ରି ହୁଏ । ଏମିତି ହେବାର କାରଣ ତୁମେ କଣ ଭାବୁଛ ? ଶୀତ ଋତୁ ଶେଷରେ ପୋଷାକ ଦୋକାନଗୁଡିକ ଉଲ୍ ବା ପଶମ ପୋଷାକ ଉପରେ ଅଧିକ ରିହାତି ପ୍ରଦାନ କରିଥାନ୍ତି । ଏପରି କାହିଁକି ଘଟିଥାଏ ?

ଆମ ଚତୁଃପାର୍ଶ୍ୱର ବଜାର

ବଜାର ପ୍ରାୟ ସବୁଠାରେ ଓ ବିଭିନ୍ନ ରୂପରେ ଉପଲବ୍ଧ ହୋଇଥାଏ ।

ଭୌତିକ ଓ ଅନ୍‌ଲାଇନ୍ ବଜାର

ଭୌତିକ ବଜାରରେ କ୍ରେତା ଓ ବିକ୍ରେତା ପରସ୍ପରକୁ ଭେଟିଥାନ୍ତି ଏବଂ ମୁଦ୍ରା ବଦଳରେ ଦ୍ରବ୍ୟ ଓ ସେବା କ୍ରୟ କରିଥାନ୍ତି । ଏହା ବଜାରର ସବୁଠାରୁ ସାଧାରଣ ରୂପ । ଏଥିରେ ସାପ୍ତାହିକ ବଜାର ବା ହାଟ ମଧ୍ୟ ଅନ୍ତର୍ଭୁକ୍ତ । ଏଥିରେ ବିକ୍ରେତାମାନେ ଧାଡିଧାଡି କରି ବସି କିମ୍ବା ଠେଲାଗାଡି ମାଧ୍ୟମରେ ପନିପରିବା, ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ଓ ହସ୍ତଶିଳ୍ପ ସାମଗ୍ରୀ ଆଦି ବିକ୍ରି କରିଥାନ୍ତି । ଦୋକାନ ଘର ଥିବା ସ୍ଥାନୀୟ ବଜାର ତଥା ରାସ୍ତାକଡ ଖାଦ୍ୟ ଓ ଘର ସାଜସଜ୍ଜା ସାମଗ୍ରୀ ବିକୁଥିବା ଲୋକଙ୍କ ଦ୍ୱାରା ସୃଷ୍ଟି କୋଳାହଳପୂର୍ଣ୍ଣ ସ୍ଥାନ ମଧ୍ୟ ଭୌତିକ ବଜାରର ଅନ୍ତର୍ଭୁକ୍ତ । ସହର ଓ ନଗରୀ ମାନଙ୍କରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ଗଢି ଉଠିଥିବା ବହୁମହଲା ବିଶିଷ୍ଟ କୋଠା ବା ମଲ୍‌ଗୁଡିକରେ ଅନେକଗୁଡିଏ ଷ୍ଟୋର ରହିଥାଏ ।

ଉତ୍ପାଦନ ପାଇଁ ସାଧନ : ସାମଗ୍ରୀ କିମ୍ବା ସମ୍ବଳ ଯାହା ଦ୍ରବ୍ୟ ଏବଂ ସେବା ଉତ୍ପାଦନରେ ବ୍ୟବହୃତ ହୁଏ ।
ନିର୍ମାତା: ବିକ୍ରୟ ପାଇଁ ସାମଗ୍ରୀ ପ୍ରସ୍ତୁତ କରୁଥିବା ବ୍ୟକ୍ତି କିମ୍ବା କମ୍ପାନୀ ।

ଆଜିକାଲି କ୍ରେତା ବିକ୍ରେତାମାନେ କିଣାବିକା ନିମନ୍ତେ ପରସ୍ପରକୁ ଭେଟିବାର ଆବଶ୍ୟକତା ନାହିଁ । ସେମାନେ ପରସ୍ପର ଠାରୁ ହଜାର ହଜାର କିଲୋମିଟର ଦୂରରେ ଥାଇ ମଧ୍ୟ କିଣାବିକା କରିପାରିବେ । ଏଥିପାଇଁ ସେମାନେ ମୋବାଇଲ୍ ଫୋନ ବା କମ୍ପୁଟରରେ ସପିଂ ଆପ୍ କିମ୍ବା ୱେବସାଇଟ୍ ଗୁଡିକ ବ୍ୟବହାର କରିଥାନ୍ତି । ଏହି ସପିଂ ଆପ୍ କିମ୍ବା ୱେବସାଇଟ୍ ଗୁଡିକ ବ୍ୟବସାୟ ସଂସ୍ଥା ଗୁଡିକଦ୍ୱାରା ସୃଷ୍ଟି ହୋଇଥାଏ । ଏହା ମାଧ୍ୟମରେ ଲୋକମାନଙ୍କୁ ବିବିଧ ପ୍ରକାରର ସାମଗ୍ରୀ ଓ ସେବା ଯୋଗାଇ ଦିଆଯାଏ । ଏହା କିପରି କାର୍ଯ୍ୟକରେ, ସେ ବିଷୟରେ ଆମେ ନିମ୍ନ ବିଭାଗରେ ଜାଣିବା ।

AP SCERT

ଅନ୍‌ଲାଇନ ମାଧ୍ୟମରେ ପୁସ୍ତକ, ପୋଷାକ, ଫର୍ଣ୍ଣିଚର, ତେଜରାତି ଦ୍ରବ୍ୟ ଓ ଏପରିକି ଟେଲିଭିଜନ , ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଆଦି ଜଣେ ବ୍ୟକ୍ତିଙ୍କ ଦୁଆର ମୁହଁରେ ପହଞ୍ଚିଥାଏ । ବିନିର୍ମାଣକାରୀମାନେ ମଧ୍ୟ ଆନ୍‌ଲାଇନ୍‌ରେ ବିଭିନ୍ନ ଯନ୍ତ୍ରାଂଶ କିଣି ସେମାନଙ୍କର ଉତ୍ପାଦନ ବୃଦ୍ଧି କରିଥାନ୍ତି । ଦ୍ରବ୍ୟଗୁଡିକ ବ୍ୟତୀତ ଘରୁ ବାହାରକୁ ନଯାଇ ଅନ୍‌ଲାଇନ୍ ପାଠପଢା ଭଳି ସେବା ମଧ୍ୟ ମିଳିପାରୁଛି । ଏସବୁ ସେବା ପାଇଁ ଦେୟ ମଧ୍ୟ ଅନ୍‌ଲାଇନ୍‌ରେ ପେଠ କରିହେଉଛି ।




ଚିତ୍ର 10.8

ଏହା ବିଷୟରେ ଚିନ୍ତା କର

- ଅନ୍‌ଲାଇନ୍ ଓ ଭୌତିକ କିଣାବିକାରେ କି କି ସୁବିଧା ଓ ଅସୁବିଧା ରହୁଛି ବୋଲି ତୁମେ ଭାବୁଛ ? ଉଭୟ କ୍ରେତା ଓ ବିକ୍ରେତାଙ୍କ ଦୃଷ୍ଟିକୋଣରୁ ଏହି ପ୍ରସଙ୍ଗ ବିଷୟରେ ଅନୁସନ୍ଧାନ କର ।
- ସିଲେଇ ଭଳି କେତେକ ସେବାରେ ବ୍ୟକ୍ତିଗତ ସମ୍ପର୍କର ଆବଶ୍ୟକତା ଥାଏ । ଭୌତିକ ବଜାରର ଆବଶ୍ୟକତା ଥିବା ଆଉ କିଛି ସେବାର ଉଦାହରଣ ତୁମେ ଦେଇ ପାରିବ କି ?

ଆଉ କେତେକ ପ୍ରକାର ବଜାର ରହିଛି ଯାହା ଦ୍ରବ୍ୟ ବା ସେବା କାରବାର କରେନାହିଁ । ସେଗୁଡିକ ମଧ୍ୟରେ ସେୟାର ମାର୍କେଟ ଓ ଷ୍ଟକ ମାର୍କେଟ ଅନ୍ୟତମ ।

ଏ ବିଷୟରେ ଅଧିକ ଜାଣିବା ପାଇଁ ତୁମେ ତୁମ ନିଜ ପରିବାର ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆଖପାଖ ଲୋକଙ୍କୁ ପଚାରି ବୁଝ ।


ଚିତ୍ର 10.9 ଷ୍ଟକ ମାର୍କେଟ

ଘରୋଇ ଓ ଆନ୍ତର୍ଜାତୀକ ବଜାର

ଯେଉଁ ବଜାରରେ ଦେଶର ଭୌଗୋଳିକ ପରିସୀମା ଭିତରେ କିଣା ବିକା ହୋଇଥାଏ, ତାହାକୁ ଘରୋଇ ବଜାର କୁହାଯାଏ । ଉଦାହରଣ ସ୍ୱରୂପ, ଏହି ପାଠ୍ୟପୁସ୍ତକ ସଂକଳନରେ ବ୍ୟବହୃତ କାଗଜ ଦେଶର ବଡ ବଡ କାଗଜ ଶିଳ୍ପରେ ପ୍ରସ୍ତୁତ ହୋଇଛି । ଏଥିପାଇଁ କ୍ରେତା ବିକ୍ରେତାଙ୍କ ମଧ୍ୟରେ କାଗଜ କିଣାବିକା ଦେଶ ଭିତରେ ହିଁ ହୋଇଛି ।

ଅନ୍ତର୍ଜାତୀୟ ବଜାରଗୁଡିକ କୌଣସି ଦେଶର ସୀମା ବାହାରେ ଥାଏ । ଗୋଟିଏ ଦେଶର ବିକ୍ରେତାମାନେ ସେମାନଙ୍କର ଉତ୍ପାଦ ଅନ୍ୟ ଏକ ଦେଶକୁ ରପ୍ତାନୀ କରନ୍ତି ବା କୌଣସି ଦେଶର କ୍ରେତାମାନେ ଅନ୍ୟ ଏକ ଦେଶର ଉତ୍ପାଦକୁ ଆମଦାନୀ କରିଥାନ୍ତି । ଏହିପରି ଭାବେ ଦେଶରେ ସୀମା ପାର ବାଣିଜ୍ୟ ସଂଘଟିତ ହୋଇଥାଏ ।

ରପ୍ତାନୀ : କୌଣସୀ ଦେଶର ଉତ୍ପାଦିତ ଦ୍ରବ୍ୟ ଓ ସେବା ଅନ୍ୟ ଦେଶର କ୍ରେତାଙ୍କୁ ବିକ୍ରି କରିବାକୁ ରପ୍ତାନୀ କୁହାଯାଏ ।

ଆମଦାନୀ : ଅନ୍ୟ ଦେଶରୁ ଦ୍ରବ୍ୟ ବା ସେବା କିଣି ନିଜ ଦେଶକୁ ଆଣିବାକୁ ଆମଦାନୀ କୁହାଯାଏ ।

APSCERT



ଚିତ୍ର 10.10


AP SCERT

ମନେ ରଖ

2024 ମସିହାରେ ତାଳତେଲ, ସୂର୍ଯ୍ୟମୁଖୀ ତେଲ ଓ ସୋୟାବିନ୍ ଆଦି ବନସ୍ପତି ତେଲ ଆମଦାନୀରେ ଭାରତ ପୃଥିବୀର ଅଗ୍ରୀଣ ତୈଳ ଆମଦାନୀକାରୀ ଦେଶ । ତାଳତେଲ ମୁଖ୍ୟତଃ ମାଲେସିଆ, ଇଣ୍ଡୋନେସିଆ ଓ ଥାଇଲାଣ୍ଡରୁ ଆମଦାନୀ କରାଯାଏ ।

ପାଇକାରୀ ଓ ଖୁଚୁରା ବଜାର

ବଜାରର ସୁପରିଚାଳନାରେ ଅନେକ ଅଂଶଗ୍ରହଣକାରୀଙ୍କ ଭୂମିକା ରହିଛି ।



ଆସ ଅନୁସନ୍ଧାନ କରିବା

ଉପରୋକ୍ତ ରେଖାଚିତ୍ରକୁ ଲକ୍ଷ୍ୟ କର ଏବଂ ଦ୍ରବ୍ୟ ନିର୍ମାଣକାରୀ ବା ଉତ୍ପାଦନକାରୀଙ୍କ ଠାରୁ ଉପଭୋକ୍ତା ନିକଟକୁ ଦ୍ରବ୍ୟର ପ୍ରବାହକୁ ବର୍ଣ୍ଣନା କର। ଏହି ପ୍ରବାହରେ ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କର କି ଭୂମିକା ରହିଛି ?


ଭୌତିକ ବଜାର କ୍ଷେତ୍ରରେ ପାଇକାରୀ ବ୍ୟବସାୟୀମାନେ ଉତ୍ପାଦନକାରୀ ବା ନିର୍ମାଣକାରୀଙ୍କଠାରୁ ବହୁ ପରିମାଣରେ ଦ୍ରବ୍ୟ କିଣିଥାନ୍ତି । ଉଦାହରଣ ସ୍ୱରୂପ, ଶସ୍ୟ, ପନିପରିବା ଓ ଫଳ ଆଦି ପାଇକାରୀ ବ୍ୟବସାୟୀମାନେ ସିଧାସଳଖ କୃଷିଫାର୍ମ ଗୁଡିକରୁ କିଣିଥାନ୍ତି । ସେଗୁଡିକ ସେମାନେ ବୃହତ୍ ପଣ୍ୟଗାରରେ ସାଇତି ରଖିଥାନ୍ତି, ଯାହାକୁ ଗୋଦାମ ଘର କୁହାଯାଏ । ଶୀଘ୍ର ପଚି ସଢି ଯାଉଥିବା ଦ୍ରବ୍ୟ କ୍ଷେତ୍ରରେ ଶୀତଳ ଭଣ୍ଡାର ବ୍ୟବହାର କରାଯାଇଥାଏ । ପରେ ସେଗୁଡିକୁ ବଜାରକୁ ଛଡାଯାଏ, ଯାହାକୁ ମଣ୍ଡି କୁହାଯାଏ ।



ଚିତ୍ର *10.12* ପନିପରିବା ପାଇଁ ଶୀତଳ ଭଣ୍ଡାର ସଂରକ୍ଷଣ ବ୍ୟବସ୍ଥା



ଚିତ୍ର *10.13.* ଶସ୍ୟ ସଂରକ୍ଷଣ କରୁଥିବା ଗୋଦାମ



ଚିତ୍ର *10.14.* ପାଇକାରୀ ଦୋକାନର ବଡ ଗୋଦାମ

ଶୀତଳ ଭଣ୍ଡାର : ବିଶେଷ ଗୋଦାମ କିମ୍ବା ଶୀଘ୍ର ପଚିସଢି ନଷ୍ଟହୋଇଯାଉଥିବା ଦ୍ରବ୍ୟକୁ ଏକ ନିର୍ଦ୍ଦିଷ୍ଟ ନିମ୍ନ ତାପମାତ୍ରାରେ ସଂରକ୍ଷିତ ରଖୁଥିବା ଗୃହ ।

AP SCERT

ସେହିପରି ଅନ୍ୟାନ୍ୟ ସାମଗ୍ରୀ ଯଥା ରାସାୟନିକ ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଓ ଯନ୍ତ୍ରାଂଶ, ନିର୍ମାଣ ସାମଗ୍ରୀ, ଗାଡି ମଟର ଯନ୍ତ୍ରାଂଶ ଆଦି ପାଇଁ ମଧ୍ୟ ପାଇକାରୀ ବଜାର ରହିଛି ।



ଚିତ୍ର ***10.15.*** ପୁରୁଣା ଦିଲ୍ଲୀସ୍ଥିତ ଖାରିବାଓଲି ମସଲା ବଜାର (ମସଲା ଏବଂ ଶୁଖିଲା ଫଳ)



ଚିତ୍ର ***10.16.*** ବେଙ୍ଗାଲୁରର ଫୁଲ ବଜାର

ପାଇକାରୀ ବ୍ୟବସାୟୀମାନେ ଗୃହସ୍ଥମାନଙ୍କ ନିକଟ ଛକ ଗୁଡିକରେ ଥିବା ଦୋକାନୀକୁ ସାମଗ୍ରୀ ଯୋଗାଇଥାନ୍ତି । ଏହି ଛୋଟ ଛୋଟ ଦୋକାନୀଙ୍କୁ ଖୁଚୁରା ଦୋକାନୀ କୁହାଯାଏ । ଶେଷରେ ଆମଭଳି ଉପଭୋକ୍ତାମାନଙ୍କୁ ଖୁଚୁରା ଦୋକାନୀମାନେ ଜିନିଷ ବିକିଥାନ୍ତି । ଖୁଚୁରା ଦୋକାନୀମାନେ ଅଳ୍ପ ଅଳ୍ପ ପରିମାଣରେ ଦ୍ରବ୍ୟ ବିକିଥାନ୍ତି । ଉତ୍ପାଦନ ଗୁଡିକ ପୁନଃବିକ୍ରିପାଇଁ ନୁହେଁ ବରଂ ଉପଭୋଗ ପାଇଁ ବ୍ୟବହୃତ ହୋଇଥାଏ । ବିଭିନ୍ନ ସେବା ଯଥା– ସେଲୁନ, ସିନେମା ହଲ୍ ଓ ରେଷ୍ଟାରାଣ୍ଟ ଆଦି ଖୁଚୁରା ବ୍ୟବସାୟ ଅନ୍ତର୍ଗତ ।

ଖୁଚୁରା ଦୋକାନୀମାନେ ଗୃହସ୍ଥମାନଙ୍କୁ ବିଭିନ୍ନ ଦ୍ରବ୍ୟ ଓ ସେବା ଉପଲବ୍ଧତା ବଢାଇବାରେ ସାହାଯ୍ୟ କରିଥାନ୍ତି । କେତେକ କ୍ଷେତ୍ରରେ , ପାଇକାରୀ ବ୍ୟବସାୟୀମାନେ ଦୂରତା ତଥା ଭୂ–ଉଚ୍ଚବାଚ ଦୃଷ୍ଟିରୁ ସମସ୍ତ ଖୁଚୁରା ବ୍ୟବସାୟୀଙ୍କ ନିକଟରେ ସାମଗ୍ରୀ ଯୋଗାଇ ପାରିନଥାନ୍ତି ।



ଚିତ୍ର *10.17* ଜୟପୁରସ୍ଥିତ ଜୋହରି ବଜାର(ମୂଲ୍ୟବାନ ପଥର ଓ ଅଳଙ୍କାର)

ବିତରଣକାରୀମାନେ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିଥାନ୍ତି । ତୁମେ ଷଷ୍ଠଶ୍ରେଣୀ ଅମୂଲ ଗଳ୍ପରେ ଦୁଗ୍ଧ କାରବାରରେ ଲିପ୍ତ ମଧ୍ୟସ୍ଥିମାନଙ୍କୁ ମନେରଖିଛ କି ?

ତେବେ, ଅନ୍‌ଲାଇନ୍ ବଜାର କ୍ଷେତ୍ରରେ ବିତରଣ ପ୍ରଣାଳୀ ଭିନ୍ନ ଅଟେ । ଏଠାରେ ଉତ୍ପାଦନକାରୀମାନେ ବିପୁଳ ପରିମାଣରେ ଦ୍ରବ୍ୟ ଅନ୍‌ଲାଇନ୍ ଆପ୍ ଜରିଆରେ ବିକ୍ରି ପାଇଁ ବ୍ୟବସାୟୀଙ୍କ ଗୋଦାମକୁ ପଠାଇଥାନ୍ତି । ଗ୍ରାହମମାନେ ଅନ୍‌ଲାଇନ୍ ବିକଳ୍ପ ମାଧ୍ୟମରେ (ୱେବସାଇଟ୍ କିମ୍ବା ମୋବାଇଲ ପ୍ରୟୋଗ) ଏସବୁ ଦ୍ରବ୍ୟ କିଣିଥାନ୍ତି । ଏପ୍ରକାର ବ୍ୟବସାୟୀକୁ ଏକତ୍ରୁଟକାରୀ କୁହାଯାଏ । ଏକତ୍ରୁଟକାରୀମାନେ ବିଭିନ୍ନ ଦ୍ରବ୍ୟ ଗୁଡିକୁ ବନ୍ଦ ବା ପ୍ୟାକ୍ କରି ଅନ୍‌ଲାଇନ୍ ଗ୍ରାହକଙ୍କୁ ଯୋଗାଇ ଦେଇଥାନ୍ତି ।

ବିତରକ: ଉତ୍ପାଦନକାରୀ ଏବଂ ପାଇକାରୀ ବ୍ୟବସାୟୀଙ୍କ ଠାରୁ ଦ୍ରବ୍ୟ ଆଣି ବ୍ୟକ୍ତିବିଶେଷ କିମ୍ବା ବ୍ୟବସାୟୀଙ୍କୁ ଯୋଗାଉଥିବା ସଂସ୍ଥା ।

ଏକତ୍ରୁଟକାରୀ: ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ଯାହାକି ଏକାଧିକ ବିକ୍ରେତାଙ୍କ ଠାରୁ ଅଫରଗୁଡିକୁ ସଂଗଠିତ ଏବଂ ମିଶ୍ରଣ କରି ସେଗୁଡିକୁ ଗୋଟିଏ ସ୍ଥାନରେ ଗ୍ରାହକଙ୍କୁ ବିକ୍ରୟ କରୁଥିବା ସଂସ୍ଥା ।

© NCERT



ଚିତ୍ର *10.18.* ପୋଷାକ ଦୋକାନ



ଚିତ୍ର *10.19.* ସେଲୁନ୍



ଚିତ୍ର *10.20.* ମଲ



ଚିତ୍ର *10.21.* ତେଜେରାତି ଦୋକାନ

ଆସ **ଗୁଜରାତର ସୁରତ ଭୌତିକ କପଡା ବଜାରରେ** ଚାଲୁଥିବା ଯୋଗାଣ ଶୃଙ୍ଖଳା ଉପରେ ଅନୁସନ୍ଧାନ କରିବା । ଏହା ଏସିଆ ମହାଦେଶର ଅତି ପ୍ରାଚୀନ କପଡା ବଜାର ଓ ଏହି ସହର କପଡାର କେନ୍ଦ୍ରସ୍ଥଳ ଭାବେ ପ୍ରସିଦ୍ଧ ।


ସୁରତର ହଜାର ହଜାର କାରଖାନାରୁ ପ୍ରସ୍ତୁତ ତୁଳାସୂତା ଓ ସିନ୍ଥେଟିକ କପଡା ବଜାରକୁ ଆସିଥାଏ । କାର୍ପାସ ବୟନ କ୍ଷେତ୍ରରେ ବ୍ୟବହୃତ କପା ମହାରାଷ୍ଟ୍ରର କପା ବଜାର ମାଣ୍ଡି ତଥା ଗୁଜରାଟରୁ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ । କପାକୁ ବିଭିନ୍ନ ପର୍ଯ୍ୟାୟ ପ୍ରକ୍ରିୟାକରଣ ଯଥା– ଶକ୍ତିଚାଳିତ ତନ୍ତ୍ରରେ ସୂତା କଟାଯାଏ , ପରେ ରଙ୍ଗ ଦିଆଯାଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କପଡା ବା ପୋଷାକରେ ପରିଣତ କରାଯାଏ । ଉତ୍ପାଦଟି ବଜାର ମାଧ୍ୟମରେ ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ପର୍ଯ୍ୟାୟକୁ ଗତି କରେ । ବୁଣା କପଡା, ରଙ୍ଗୀନ କପଡା ତଥା (ଶାଢି ଓ ପ୍ରସ୍ତୁତ ପୋଷାକ ଭଳି ଶେଷ ଉତ୍ପାଦନ) ପାଇଁ ପର୍ଯ୍ୟାୟକ୍ରମେ ଅଲଗା ଅଲଗା ହୋଇଥାଏ ।




ଚିତ୍ର *10.22*

କପଡାରୁ ପ୍ରସ୍ତୁତ ଶେଷ ଉତ୍ପାଦଗୁଡିକ ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ପାଇକାରୀ ବଜାରରେ ବିକ୍ରି ହୁଏ । କପଡା ଯୋଗାଣ କ୍ଷେତ୍ରରେ ପାଇକାରୀ ବ୍ୟବସାୟୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ ଛୋଟ ଦୋକାନୀ ଓ ବଡ ଖୁଚୁରା ଦୋକାନୀମାନଙ୍କୁ ଉତ୍ପାଦ ବଣ୍ଟନର ଦାୟିତ୍ୱ ନେଇଥାନ୍ତି । ସେମାନେ ମଧ୍ୟ ଖୁଚୁରା ବ୍ୟବସାୟୀଙ୍କ ଆବଶ୍ୟକତାର ଆକଳନ କରିଥାନ୍ତି । ଏହି ଶିଳ୍ପ ସଂସ୍ଥାଗୁଡିକ ଯଥେଷ୍ଟ ଉତ୍ପାଦନ ବଜାୟ ରଖିବାରେ ସାହାଯ୍ୟ କରେ ଓ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରେ ।

AP SCERT



ଚିତ୍ର *10.23:* ସୁରତକୁ ଆଖପାଖ ଅଞ୍ଚଳରୁ କଞ୍ଚା କପା ଯୋଗାଣ



ଚିତ୍ର *10.24.* ସୁରତ ସହରର ମାନଚିତ୍ର



ଚିତ୍ର *10.25.* ଜଣେ ପାଇକାରୀଙ୍କ କପଡା ଗୋଦାମ

ADSCERT

ଆସ ଅନୁସନ୍ଧାନ କରିବା

ତୁମ ଘରପାଖରେ ଥିବା ଦୋକାନଗୁଡିକୁ କୌଣସି ଏକ ସାମଗ୍ରୀର ଉତ୍ପାଦନ ସ୍ଥାନ ଓ ଦୋକାନରେ ପହଞ୍ଚିବା ପର୍ଯ୍ୟନ୍ତ ବିଭିନ୍ନ ମଧ୍ୟସ୍ତ ବା ଯୋଗାଣକାରୀଙ୍କ ବିଷୟରେ ପଚାରି ବୁଝ । ଚିତ୍ର **10.11** ପରି ଏକ ପ୍ରବାହ ଚିତ୍ର ମାଧ୍ୟମରେ ଲିପିବଦ୍ଧ କର ଓ ଶ୍ରେଣୀ ପିଲାଙ୍କ ସହ ଆଲୋଚନା କର ।

ମନେ ରଖ

→ ବୟନଶିଳ୍ପ ବ୍ୟତୀତ, ସୁରତ୍ ବିଶ୍ୱର ସର୍ବବୃହତ୍ ହୀରା ଶିଳ୍ପ କେନ୍ଦ୍ର । ଏଠାରେ ପ୍ରାୟ ଲକ୍ଷ କାରିଗର ବିଶାଳ ସ୍ତରରେ ହୀରା କାଟିବା ଓ ଚିକ୍କଣ କରିବା କାର୍ଯ୍ୟକଳାପରେ ନିଯୁକ୍ତି ଅଛନ୍ତି । ଷୋଡଶ ଶତାବ୍ଦୀରୁ ଏଠାରେ ବାଣିଜ୍ୟ ବିକାଶ ଚାଲିଆସୁଛି । ଦେଶର ପଶ୍ଚିମ ତଟରେ ଅବସ୍ଥିତ ଏହି ସହର ଯୋଗୁଁ ବନ୍ଦର ଓ ସୁବ୍ୟବସ୍ଥିତ ସଡକ ବ୍ୟବସ୍ଥା ଗଢି ଉଠିଥିଲା । ଏହି ପରିବହନ ଭିତ୍ତିଭୂମି ଆଜି ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ବିଶେଷଜ୍ଞ କାରୀଗର ଓ କୁଶଳୀ ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ଏଠାରେ ବହୁ ଶତାବ୍ଦୀ ଧରି ବସବାସ କରୁଛନ୍ତି । ସେମାନଙ୍କର ଦକ୍ଷତା ପିଢି ପରେ ପିଢି ଏହାକୁ ଏକ ସମୃଦ୍ଧ ସହର କରି ଗଢି ତୋଳିଛି ।

→ ତୁମେ ଚିତ୍ର 10.24 ରେ ଥିବା ବନ୍ଦର, ରାଜପଥ ଓ ରେଳ ବ୍ୟବସ୍ଥାକୁ ଦେଖିଲ କି ? ଏଗୁଡିକ ସୁରତକୁ କିପରି ଏକ ବାଣିଜ୍ୟ କେନ୍ଦ୍ର ରୂପେ ଗଢିବାରେ ସାହାଯ୍ୟ କରିଥିଲେ ବୋଲି ଭାବୁଛ ?

ଜନଜୀବନରେ ବଜାରର ଭୂମିକା

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ ବଜାର ଜନସାଧାରଣଙ୍କ ଆର୍ଥିକ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ଉତ୍ପାଦନକାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ କାରବାରକୁ ସହଜ କରିଥାଏ । ବଜାରଗୁଡିକ ବ୍ୟକ୍ତି, ପରିବାର ଓ ବ୍ୟବସାୟ ସଂସ୍ଥାଗୁଡିକୁ ନିଜସ୍ୱ ଉତ୍ପାଦନ ନଥିବା ବିଭିନ୍ନ ସାମଗ୍ରୀ ଓ ସେବା ଉପଲବ୍ଧ କରିବାରେ ସାହାଯ୍ୟ କରିଥାଏ ।

ଏହା ବିଷୟରେ ଚିନ୍ତା କର

ଆମେ ବଜାରର ବିଭିନ୍ନ ପରିସର ବିଷୟରେ ଆଲୋଚନା କଲେ । ବଜାର ବିନା ଜୀବନ କିପରି ହୋଇପାରେ, କଳ୍ପନା କରି ପାରୁଛ କି ? ଯଦି ଚାଷୀମାନେ , ଚାଉଳ, ଗହମ, ଡାଲି, ପରିବା ଓ ଫଳମୂଳ ଆଦି ବଜାରକୁ ଆଣି ନଥାନ୍ତେ, ତେବେ କଣ ହୁଅନ୍ତା ? ଯଦି ସୁରତର କପଡା ଉତ୍ପାଦନକାରୀମାନେ ବଜାରରୁ କପା ବା ଅନ୍ୟାନ୍ୟ କଞ୍ଚାମାଲ ସଂଗ୍ରହ କରିନପାରନ୍ତି, ତା ହେଲ କଣ ହେବ ?

ଆସ, ବଜାରର ଅନ୍ୟ କିଛି ଦିଗ ଉପରେ ଆଲୋକପାତ କରିବା । ସୀତା ଜଣେ ବୃତ୍ତିଗତ କଳାକାର । ସେ କାନଭାସରେ ତୈଳ ଚିତ୍ର ଆଙ୍କିଥାନ୍ତି । ତାଙ୍କ ଚିତ୍ରକୁ ଲୋକମାନେ ବହୁତ ପ୍ରଶଂସା କରିଥାନ୍ତି । ମାତ୍ର ଏଗୁଡିକୁ ବିକ୍ରି କରିବା ପାଇଁ ତାଙ୍କୁ ଗ୍ରାହକ ଖୋଜିବା କଷ୍ଟକର ହୋଇଥାଏ । ସେ ତୈଳଚିତ୍ରଗୁଡିକୁ କେଉଁଠି ଓ କେତେ ଦାମରେ ବିକ୍ରି କରିବେ, ସେଥିପାଇଁ ଚିନ୍ତିତ । ପିଜୁଳି ବିକାଳୀ ପାଇଁ ଅନେକ ଗ୍ରାହକ ଥିବାବେଳେ ଚିତ୍ରକଳା କିଣିବାକୁ ଆଖପାଖରେ ଖୁବ୍ କମ୍ ଗ୍ରାହକ ମିଳିଥାନ୍ତି ।

APSCERT

ତୁମେ ଆଉ କିଛି ଉତ୍ପାଦ ବିଷୟରେ ଜାଣିଛକି ଯାହାପାଇଁ ସାଧାରଣ ବଜାର ନାହିଁ ? ଏହା କ୍ରୟ ବିକ୍ରୟ କରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ କିପରି ପ୍ରଭାବିତ କରେ । ଆଜିକାଲି କେଉଁ ସବୁ ଉପାୟରେ କଳାକାର ମାନେ ସେମାନଙ୍କର କଳାକୃତି ପାଇଁ କ୍ରେତା ପାଇପାରିବେ ?

ବଜାର ସମାଜପାଇଁ କିପରି ଲାଭଦାୟକ ?

ଆସ ଅନୁସନ୍ଧାନ କରିବା

ଉପଭୋକ୍ତାମାନେ କମ୍ ବିଦ୍ୟୁତଶକ୍ତି ବିନିଯୋଗରେ ଚାଲୁଥିବା ରେଫ୍ରିଜରେଟର କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ତେବେ ଏହି ପ୍ରକାର ବିଦ୍ୟୁତ୍ ସଞ୍ଚୟକାରୀ ରେଫ୍ରିଜରେଟର ଅଧିକରୁ ଅଧିକ ଉପଭୋକ୍ତା କିଣିବା ଆରମ୍ଭ କଲେ, ଚିତ୍ର **10.11** ଯୋଗାଣ ଜାଲକରେ କଣ ଘଟିବ ବୋଲି ଭାବୁଛ ?

ଏହି ପରିସ୍ଥିତିରେ ଉପଭୋକ୍ତାମାନେ କେଉଁ ସାମଗ୍ରୀ କିଣିବେ, ଉତ୍ପାଦନକାରୀମାନେ ସେ ସମ୍ପର୍କୀୟ ସୂଚନା ପାଇପରିଥାନ୍ତି । ସେମାନେ ବିଦ୍ୟୁତ୍ ସଞ୍ଚୟକାରୀ ରେଫ୍ରିଜରେଟର ଉତ୍ପାଦନ କରନ୍ତି । ଏହି ଶକ୍ତି–ଦକ୍ଷ ରେଫ୍ରିଜରେଟର ବିଦ୍ୟୁତ୍ ସଞ୍ଚୟ ମାଧ୍ୟମରେ ସମାଜକୁ ଲାଭ ପହଞ୍ଚାଥାଏ ।

କିଣାବିକା ମୁଦ୍ରା କାରବାର ଭିତ୍ତିକ ଏକ ଆର୍ଥିକ କାର୍ଯ୍ୟକଳାପ । ତେବେ, ବଜାର କାରବାର ପ୍ରାୟତଃ ଉତ୍ପାଦ କିମ୍ବା ସେବା ବିଷୟରେ ବୁଝୁଥିବା ବ୍ୟକ୍ତି ବା ଉଭୟ ପକ୍ଷ ମଧ୍ୟରେ ମୂଲଚାଲ ଆଦି ପାରସ୍ପରିକ କ୍ରିୟାଠାରୁ ଆଗକୁ ବଢିଥାଏ ।

ଅଧିକାଂଶ ସମୟରେ କ୍ରେତା ବିକ୍ରେତା ମଧ୍ୟରେ ସମ୍ପର୍କ ଗଢି ଉଠିଥାଏ । ଏ ସମ୍ପର୍କ ପିଢି ପରେ ପିଢି ଜାରି ରହେ । କିଛି ପରିବାର ସେମାନଙ୍କର ଦର୍ଜୀ, ଗହଣା ଦୋକାନୀ ଓ ଡାକ୍ତରଙ୍କ ସହ ଦଶନ୍ଧି ଦଶନ୍ଧି ଧରି ସହ ଦୀର୍ଘସ୍ଥାୟୀ ବିଶ୍ୱସ୍ତ ସମ୍ପର୍କ ରଖିଥାନ୍ତି । ଭାରତରେ ଅନେକ ପରିବାର ସ୍ଥାନୀୟ କିରାଣୀ (ତେଜରାତି) ଦୋକାନଙ୍କ ପାଖରେ ବାକି ଖାତା ରଖିଥାନ୍ତି ଓ ମାସ ଶେଷରେ ଦେୟ ପ୍ରଦାନ କରିଥାନ୍ତି ।

ଆର୍ଥନୀତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବାରେ ବଜାର ପ୍ରାଥମିକ ଭୂମିକା ନେଇଥିଲେ ମଧ୍ୟ ଅନେକ ଲୋକଙ୍କ କ୍ଷେତ୍ରରେ ଏହାର ଅଣ–ଆର୍ଥିକ ଗୁରୁତ୍ୱ ରହିଛି ।



ଚିତ୍ର *10.26.* ଇମ୍ଫାଲର ଇମା କୈଥଲ

ମଣିପୁରର ମଇତେଇ ଭାଷାରେ ଇମା କୈଥଲ ମା ମାନଙ୍କ ବଜାର ଭାବେ ଇମ୍ଫାଲର ଏକ ସ୍ୱତନ୍ତ୍ର ବଜାର । ପ୍ରାୟ **3000** ମହିଳା ଏହି ବଜାରସ୍ଥ ସମସ୍ତ ଦୋକାନର ମାଲିକ ଓ ପରିଚାଳକ । ସେମାନେ ପନିପରିବା, ପାରମ୍ପାରିକ ମଣିପୁରୀ ପୋଷାକ ସମେତ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ, ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ ଏବଂ ସହର ତଥା ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଆବଶ୍ୟକ ଦୈନନ୍ଦିନ ଜିନିଷପତ୍ର ବିକ୍ରୟ କରନ୍ତି । ଆର୍ଥିକ ଦୃଷ୍ଟିରୁ ଏହି ବଜାର ନିଯୁକ୍ତି ପ୍ରଦାନ କରେ ଓ ହଜାର ହଜାର ପରିବାର ପାଇଁ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇଥାଏ । ଅନ୍ୟ ଦୃଷ୍ଟିରୁ, ଏହି ବଜାର ସଂସ୍କୃତିର ଏକ ମିଶ୍ରଣ । ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇ ଭାବନା ତଥା ପରମ୍ପରାର ଆଦାନ ପ୍ରଦାନ କରିଥାନ୍ତି ।

AP SCERT

ମନେ ରଖ

ଏପରିକି ଆଜି ମଧ୍ୟ କିଣାବିକାର ଉର୍ଦ୍ଧ୍ୱରେ ଅନେକ ପରମ୍ପରା ରହିଛି । ଦକ୍ଷିଣ ଭାରତରେ ହଳଦୀ ଓ କୁଙ୍କୁମ ବେପାରୀମାନେ କ୍ରେତାମାନଙ୍କ ମଙ୍ଗଳ ମନାସି ତଥା ଶୁଭକାମନା ପାଇଁ ହଳଦୀ ଓ କୁଙ୍କୁମ ପୂଡିଆ ମାଗଣାରେ ଦେଇଥାନ୍ତି ।



ଚିତ୍ର 10.27

ଚାହିଦା: ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଉତ୍ପାଦ କିମ୍ବା ସେବାର ପରିମାଣ ଯାହାକୁ ଗ୍ରାହକମାନେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଏବଂ ନିର୍ଦ୍ଦିଷ୍ଟ ସମୟରେ କିଣିବାକୁ ଇଚ୍ଛୁକ ବା ସକ୍ଷମ ଅଟନ୍ତି ।

ଯୋଗାଣ: ଏକ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରେତାମାନେ ଏକ ଉତ୍ପାଦ କିମ୍ବା ସେବାର ପରିମାଣକୁ ବିକ୍ରୟ କରିବାକୁ ଇଚ୍ଛୁକ ବା ସକ୍ଷମ ଅଟନ୍ତି ।

ଆସ ଅନୁସନ୍ଧାନ କରିବା

ତୁମେ ନିଜ ସମ୍ପ୍ରଦାୟ ବା ଆଖପାଖ ଅଞ୍ଚଳରେ ଏପରି କିଛି ପ୍ରଥା ଦେଖୁଛ କି ? ଏହି ପ୍ରଥାକୁ ଏକ ଚିତ୍ର ଭାବରେ ବା କ୍ଷୁଦ୍ର ଅନୁଚ୍ଛେଦ ଆକାରରେ ବର୍ଣ୍ଣନା କର ।

ବଜାର ବ୍ୟାପାରରେ ସରକାରଙ୍କ ଭୂମିକା

କ୍ରେତାଙ୍କ ଚାହିଦା ଓ କ୍ରେତା ତାଙ୍କ ଯୋଗାଣ ଜନିତ ପାରସ୍ପରିକ କ୍ରିୟାଦ୍ୱାରା ବଜାର କାର୍ଯ୍ୟ କରିଥାଏ । ତେବେ, କେତେକ ପରିସ୍ଥିତିରେ କିଣାବିକା କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହୋଇପାରିନଥାଏ । ଏପରି ସ୍ୱାଭାବିକ ପରିସ୍ଥିତିରେ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସରକାର ଉପଭୋକ୍ତା ଓ ଉତ୍ପାଦନକାରୀଙ୍କ ପାରସ୍ପରିକ ସମ୍ପର୍କ ଉପରେ ନଜର ରଖିଥାନ୍ତି ଓ ନ୍ୟାୟପୂର୍ଣ୍ଣ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି ।

କ୍ରେତା ଓ ବିକ୍ରେତାଙ୍କ ସୁରକ୍ଷା ନିମନ୍ତେ ମୂଲ୍ୟ ନିୟନ୍ତ୍ରଣ

ସରକାର କେତେକ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ କରିଥାନ୍ତି । ଉଦାହରଣସ୍ୱରୂପ, ବିକ୍ରେତା କୌଣସି ସାମଗ୍ରୀ ସର୍ବାଧିକ ମୂଲ୍ୟ କେତେ ନେଇପାରିବ, ତାହା ସରକାର ସ୍ଥିର କରିଥାନ୍ତି । ଜୀବନ ରକ୍ଷାକାରୀ ଔଷଧ ଭଳି ଅନେକ ଅତ୍ୟାବଶ୍ୟକ ଦ୍ରବ୍ୟ ସେବାର ମୂଲ୍ୟର ସର୍ବାଧିକ ସୀମା ଧାର୍ଯ୍ୟ କରିଥାନ୍ତି । ଅନ୍ୟ ପ୍ରକାରେ, ଧାନ, ଗହମ ଓ ମକା ଭଳି ଅତ୍ୟାବଶ୍ୟକୀୟ କୃଷି ଉତ୍ପାଦଗୁଡିକର ସର୍ବନିମ୍ନ ବଜାର ମୂଲ୍ୟ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥାଏ । ଚାଷିମାନେ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି ଏହାଦ୍ୱରା ନିଶ୍ଚିତ ହୋଇଥାଏ । ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି କର୍ମଚାରୀମାନଙ୍କ ନିମନ୍ତେ ସରକାର ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିଥାନ୍ତି । ଏହାଦ୍ୱାରା ସମସ୍ତଙ୍କୁ ଉଚିତ୍ ପ୍ରାପ୍ୟ ମିଳିଥାଏ ।

ତେବେ, ସରକାରଙ୍କୁ ମୂଲ୍ୟର ସୀମା ନିର୍ଦ୍ଧାରଣ ସତର୍କତାର ସହ କାର୍ଯ୍ୟକାରୀ କରିବା ଆବଶ୍ୟକ । ଯଦି ନିର୍ଦ୍ଧାରଣ ମୂଲ୍ୟ ଅତ୍ୟଧିକ କମ୍ ହୁଏ, ତେବେ ଉତ୍ପାଦନକାରୀମାନେ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ । ଅନ୍ୟ ପ୍ରକାରେ ଯଦି ମୂଲ୍ୟ ଅତି ଅଧିକ ହୁଏ, ତା ହେଲେ ଉପଭୋକ୍ତାମାନେ କ୍ଷତିଗ୍ରସ୍ତ ହେବେ ।

AP SCERT

ଆସ ଅନୁସନ୍ଧାନ କରିବା

→ ଭାରତର ଅଧିକାଂଶ ସ୍ଥାନରେ ପିଆଜ, ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିଛି ଋତୁରେ , ବଜାରରେ ପିଆଜ ଯୋଗାଣ ହ୍ରାସ ପାଇଥାଏ । ଏପରିସ୍ଥଳେ, ପିଆଜର ମୂଲ୍ୟଉପରେ କି ପ୍ରଭାବ ପଡିବ ବୋଲି ଭାବୁଛ ?

→ ବଜାରର ଆବଶ୍ୟକତା ଅନୁଯାୟୀ ଯୋଗାଣକାରୀମାନେ ଅନୁରୂପ ପରିମାଣରେ ପିଆଜ ନ ଆଣିଲେ କଣ ହେବ ? ଏପରି ସ୍ଥିତିରେ ସରକାର କ'ଣ କରିବା ଉଚିତ୍ ବୋଲି ତୁମେ ଭାବୁଛ ?

ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ସୁନିଶ୍ଚିତ କରିବା

ଖାଉଟି କଲ୍ୟାଣ ତଥା ଖାଉଟିଙ୍କୁ ବିଭିନ୍ନ ପ୍ରକାର ଶୋଷଣରୁ ରକ୍ଷା କରିବାରେ ସରକାରଙ୍କର ଭୂମିକା ରହିଛି । ନିର୍ମାତାମାନେ ସାମଗ୍ରୀ ଉତ୍ପାଦନ ଓ ସେବା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ପାଳନ ପାଇଁ ସରକାର ସୁନିଶ୍ଚିତ କରିଥାନ୍ତି । ଉଦାହରଣ ସ୍ୱରୂପ, ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡିକ ବିଭିନ୍ନ ରୋଗ ଚିକିତ୍ସା ପାଇଁ ଔଷଧ ପ୍ରସ୍ତୁତ କରିଥାନ୍ତି । ସରକାର ଔଷଧର ଅନୁମୋଦନ ପାଇଁ ପ୍ରକ୍ରିୟା ସ୍ଥିର କରନ୍ତି ଓ ଉତ୍ପାଦିତ ଔଷଧ ଗୁଣବତ୍ତା ମାନଦଣ୍ଡ ଯାଞ୍ଚ କରିବାପାଇଁ ନମୁନା ପରୀକ୍ଷା କରିଥାନ୍ତି । ସରକାରୀ ନିୟମଗୁଡୁକ ଔଷଧର ଗୁଣବତ୍ତା ଓ ସୁରକ୍ଷାକୁ ସୁନିଶ୍ଚିତ କରିଥାଏ । ଫଳତଃ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି କୌଣସି ବିପଦ ନଥାଏ ।

ବଜାରର ବାହ୍ୟ ପ୍ରଭାବକୁ ହ୍ରାସ କରିବା

କିଣାବିକା ବ୍ୟତୀତ ବଜାରଗୁଡିକର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦାହରଣ ସ୍ୱରୂପ, ବଜାର ଆବଶ୍ୟକ କରୁଥିବା କେତେକ ସାମଗ୍ରୀର ଉତ୍ପାଦନ କଳକାରଖାନାରେ ହୋଇଥାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷିତ ହୋଇଥାଏ । ସରକାର ବଜାରର ଏପରି ପ୍ରଭାବକୁ ବୁଝିବା ଓ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଉଦାହରଣ ସ୍ୱରୂପ, ଏକକ- ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଭଳି କିଛି ସାମଗ୍ରୀର ଉତ୍ପାଦନ ପରିବେଶକୁ ପ୍ରଦୂଷିତ କରେ ଓ ଗ୍ରାହକଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରେ । ଏପରି ପରିସ୍ଥିତିରେ, ସରକାର ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ କଠୋର ନିୟମାବଳୀ ଜାରିକରି ହସ୍ତକ୍ଷେପ କରିଥାନ୍ତି ।

ଏହିପରି ସରକାର ମୁଦ୍ରିତ ବା ପ୍ୟାକେଟ୍ ହୋଇଥିବା ଉତ୍ପାଦଗୁଡିକର ଓଜନ ଓ ପରିମାଣ ଯାଞ୍ଚ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି ।

ଏହା ବିଷୟରେ ଚିନ୍ତା କର

ଶାସକମାନେ ଖାଉଟିମାଙ୍କୁ ସୁରକ୍ଷା ଦେବା କଥା ଆଧୁନିକ ଭାରତର ଘଟଣା ନୁହେଁ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଘୃତ(ଘିଅ) ବ୍ୟବସାୟୀମାନଙ୍କ ପାଇଁ ବିଧି ନିର୍ଦ୍ଦେଶ ରହିଛି । ମାପ ଘଡିରେ ଘିଅ ଲାଗି ରହୁଥିବାରୁ, କ୍ରେତାମାନଙ୍କର କ୍ଷତିପୂରଣ ପାଇଁ କ୍ରୟ ପରିମାଣରେ 1/50 ଅଂଶ ଅଧିକ ଘିଅ ମାନଶ୍ରଭ ଭାବେ ବ୍ୟବସାୟୀମାନେ ଦେବାର ବ୍ୟବସ୍ଥା ଥିଲା ।

AP SCERT

ବଜାର ନ୍ୟାୟସଂଗତ କାର୍ଯ୍ୟ କରିବା ତଥା ଖାଉଟିମାନଙ୍କୁ ଶୋଷଣ ମୁକ୍ତ କରିବା ପାଇଁ ସରକାର ନିୟମକାନୁନ କରିଥାନ୍ତି । ତେବେ, ଅଧିକ ନିୟମକାନୁନ ବଜାରର ସଠିକ୍ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥାଏ ।

ସାର୍ବଜନୀନ ସାମଗ୍ରୀ : ସେବା କିମ୍ବା ସାମଗ୍ରୀ ଯାହା ସମାଜର ସମଗ୍ର ସଦସ୍ୟଙ୍କ ପାଇଁ ସୁଲଭ କିମ୍ବା ଉପଲବ୍ଧ । ଏହା ସେମାନଙ୍କର ବର୍ତ୍ତମାନ ବ୍ୟବହାର ପାଇଁ ଉପଲବ୍ଧତାକୁ ହ୍ରାସ କରିବ ନାହିଁ ।

ସାର୍ବଜନୀନ ସାମଗ୍ରୀ ବା ଦ୍ରବ୍ୟ ଯୋଗାଇବା

ଉତ୍ପାଦନକାରୀମାନେ ଲାଭ ପାଇବା ଆଶାରେ ବିଭିନ୍ନ ଦ୍ରବ୍ୟ ତିଆରି କରିବା ସହ ସେବା ଯୋଗାଇଥାନ୍ତି । ତେବେ କେତେକ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଉତ୍ପାଦନକାରୀମାନେ ଲାଭ ପାଇବା ଆଶା ରଖି ନଥାନ୍ତି । ସେଗୁଡିକ ହେଲା ସାର୍ବଜନୀନ ପାର୍କ, ରାସ୍ତା ତଥା ପୋଲିସ ବା ଗାର୍ଡ ନିଯୁକ୍ତି ଆଦି । ପୂର୍ବ ଅଧ୍ୟାୟରେ କିଛି କଲ୍ୟାଣକାରୀ ବ୍ୟବସ୍ଥା ପାଇଁ ନାଗରିକମାନଙ୍କର ଅଧିକାର ବିଷୟରେ ପଢିଛେ । ସରକାର ଏସବୁ ସାର୍ବଜନୀନ ସାମଗ୍ରୀ ଓ ସେବା ପ୍ରଦାନ କରିଥାନ୍ତି ।

ଏହା ବିଷୟରେ ଚିନ୍ତା କର

→ ଆଉ କେଉଁ ସବୁ କ୍ଷେତ୍ରରେ ସରକାର ବଜାର ସହିତ ଜଡିତ ଅଛନ୍ତି ବୋଲି ତମେ ଭାବୁଛ ?

→ କେଉଁ କ୍ଷେତ୍ର ବିଶେଷରେ ସରକାରୀ ହସ୍ତକ୍ଷେପ ହ୍ରାସ ଆବଶ୍ୟକ ? ପରିବାର ବା ସମ୍ପର୍କୀୟଙ୍କ ସହ ଆଲୋଚନା କର ।

ଗ୍ରାହକମାନେ ଦ୍ରବ୍ୟ ଓ ସେବାର ଗୁଣବତ୍ତା କିପରି ମୂଲ୍ୟାଙ୍କନ କରିପାରିବେ ?

ବଜାରଗୁଡିକ ବିଭିନ୍ନ ଦ୍ରବ୍ୟ ଓ ସେବାର ଉପଲବ୍ଧ ସୁଯୋଗ ଗ୍ରାହକମାନଙ୍କୁ ଦେଇଥାଏ । ଗ୍ରାହକମାନେ କଣ କିଣିବାକୁ ଚାହୁଁଥାନ୍ତି ଓ ତାହା କିପରି ନିଷ୍ପତ୍ତି ନେବେ ?

ଏହା ବିଷୟରେ ଚିନ୍ତା କର

ତୁମ ସାହି ଓ ତୁମ ପଖା ସାହିର ମଧ୍ୟରେ ଦଳଦଳ ମଧ୍ୟରେ ଗୋଲି ଖେଳ ପ୍ରତିଯୋଗିତା ହେଉଛି । ତୁମେ ପ୍ରତିଯୋଗିତା ପାଇଁ ନୂଆଗୋଲି କିଣିବା ପାଇଁ ଚାହୁଁଛ । ତୁମେ 150 ଟଙ୍କା ସଞ୍ଚୟକରି ରଖିଛ । ତୁମେ ଗୋଲି କିଣିବାକୁ ଦୋକାନକୁ ଗଲ । ପ୍ରତିଯୋଗିତାରେ ଜିତିବା ପାଇଁ ତୁମେ କ୍ଷୁଦ୍ର ଗୋଲିର କେଉଁସବୁ ଗୁଣଗୁଡିକ ଦେଖିବ ?



ଚିତ୍ର 10.28

ତୁମେ କିଣିବା ସମୟରେ ଗୋଲିର ମୂଲ୍ୟ, ଆକାର, ସ୍ଥାୟିତ୍ୱ ଓ ଆକର୍ଷଣୀୟ ରଙ୍ଗ ବିଷୟରେ ଚିନ୍ତା କରିଥିଲ କି ? ତୁମେ ଜାଣିପାରୁଥିବ ଯେ, ପ୍ରତ୍ୟେକ ଗ୍ରାହକଙ୍କୁ ସେମାନେ କିଣୁଥିବା ସାମଗ୍ରୀ ସବୁର ଗୁଣବତ୍ତା ମୂଲ୍ୟାୟନ କରିବାକୁ ପଡିଥାଏ ।

AP SCERT

ନିମ୍ନଲିଖିତ ବିଭାଗରେ ଆମେ ବିଭିନ୍ନ ଉପାୟରେ ଏହା କିପରି କରିପାରିବା ଆସ ବୁଝିବା ।



ଧରି ନିଅ ଯେ ତୁମର ପିତାମାତା ତୁମକୁ ଘର ପାଖ ଦୋକାନକୁ ଯାଇ 1 କି.ଗ୍ରା. ବେସନ(ଚଣାଚୁନା) ପ୍ୟାକେଟ୍ ଆଣିବାକୁ ପଠାଇଥିଲେ । ତୁମେ ଦୋକାନରେ ଏହି ଚିତ୍ରରେ ଦେଖାଗଲା ଭଳି ବିଭିନ୍ନ ପ୍ରକାର ବେସନ ପ୍ୟାକେଟ୍ ଥିବାର ଦେଖିଲ । ପ୍ରତ୍ୟେକ ପ୍ୟାକେଟ୍‌କୁ ଭଲଭାବେ ନିରୀକ୍ଷଣ କର । ତୁମେ କେମିତି ଜାଣିପାରିବ ଯେ କେଉଁ ବେସନ ପ୍ୟାକେଟ୍ ଗୁଣବତ୍ତାର ଆବଶ୍ୟକ ପୂରଣ କରୁଛି ?

ତୁମେ **FSSAI** ଚିହ୍ନ(ଲୋଗୋ) ଥିବାର ଦେଖିଲ କି ?

FSSAI ର ଅର୍ଥ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ । ଖାଦ୍ୟ ପ୍ୟାକେଟ୍‌ରେ ଏହି ଚିହ୍ନ ଥିଲେ ଏହା ସରକାରଙ୍କ ଦ୍ୱାରା ପରୀକ୍ଷିତ ହୋଇଛି ଓ ଏହା ଖାଇବା ନିରାପଦ ବୋଲି ଜଣାପଡେ ।

ସରକାରୀ ସଂସ୍ଥାଗୁଡିକ ଏପରି ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି । ଏହା କ୍ରେତାମାନଙ୍କୁ ଉତ୍ପାଦର ଗୁଣବତ୍ତା ମୂଲ୍ୟାୟନ କରିବାରେ ସାହାଯ୍ୟ କରେ । ଉତ୍ପାଦ କିମ୍ବା ଏହାର ପ୍ୟାକେଟ୍‌ରେ ସେହି ଚିହ୍ନର ଉପସ୍ଥିତି ନିଶ୍ଚିତ କରେ ଯେ ସେହି ଉତ୍ପାଦଟି ସର୍ବନିମ୍ନ ଗୁଣବତ୍ତା ମାନଦଣ୍ଡ ପୂରଣ କରେ ।

ଆସ ପ୍ରତ୍ୟେକ ପଟି ଚିହ୍ନ (label) ବା ଲୋଗୋର ଅର୍ଥ କଣ ଜାଣିବା :

- ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (**FSSAI**) ଭଳି ଭାରତୀୟ ମାନକ ବିଭାଗ (**BIS**) ଦ୍ୱାରା ଜାରି ହୋଇଥିବା ଭାରତୀୟ ମାନକ ପ୍ରତିଷ୍ଠାନ (**ISI**) ଚିହ୍ନ ରହିଛି । ଏହା ସାଧାରଣତଃ ବୈଦ୍ୟୁତିକ ଉପକରଣ, ନିର୍ମାଣ ସାମଗ୍ରୀ, ମୋଟର ଗାଡି ଟାୟାର ଓ କାଗଜ ଆଦିରେ ରହିଥାଏ । ଏହା ଗୁଣବତ୍ତା ସୁନିଶ୍ଚିତ କରେ ଓ ଉତ୍ପାଦ ବ୍ୟବହାର ପାଇଁ ସୁରକ୍ଷିତ ବୋଲି ଦର୍ଶାଏ ।
- ସେହିଭଳି, **AGMARK** (**AG** କୃଷିକୁ ସୂଚାଏ) ବିଭିନ୍ନ ପନିପରିବା, ଫଳ, ଶସ୍ୟ, ଡାଲି, ମସଲା ଓ ମହୁ ଇତ୍ୟାଦି କୃଷି ଉତ୍ପାଦ ପାଇଁ ପ୍ରମାଣପତ୍ର ଚିହ୍ନ ।
- ଟେଲିଭିଜନ, ଲାପ୍‌ଟପ୍ , ବାତାନୁକୂଳଯନ୍ତ୍ର(**air conditioners**) ଆଦି ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ମୂଲ୍ୟାୟନ **BEE STAR** ଦ୍ୱାରା କରାଯାଇଥାଏ । **BEE**ର ଅର୍ଥ ଶକ୍ତି ଦକ୍ଷତା ବିଭାଗ (**Bureau of Energy Efficiency**) । ଏହାଦ୍ୱାରା ଉତ୍ପାଦଗୁଡିକର ମୂଲ୍ୟାଙ୍କନ ତାରା (**STAR**) ଚିହ୍ନ ଦ୍ୱାରା ମୁଦ୍ରିତ ହୋଇଥାଏ । କୈଣସି ବିଦ୍ୟୁତ୍ ଚାଳିତ ଉପକରଣରେ ଅଧିକ ତାରା ଚିହ୍ନ ଥିଲେ ଏହା କମ୍ ଶକ୍ତି ଓ ବିଦ୍ୟୁତ୍ ବ୍ୟବହାର କରେ ବୋଲି ଅର୍ଥ । ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବିଲ୍ କମ୍ ଆସିବ ଓ ଏହା ମଧ୍ୟ ପରିବେଶ ପାଇ ଅନୁକୂଳ ହେବ ।


ଆସ ଅନୁସନ୍ଧାନ କରିବା

ତୁମ ଘରେ ଥିବା ବିଭିନ୍ନ ବୈଦ୍ୟୁତିକ ଉପକରଣଗୁଡିକରେ ଥିବା **BEE STAR** ଚିହ୍ନ ଯାଞ୍ଚ କର ଓ ଶକ୍ତି ଦକ୍ଷତାର ବର୍ଦ୍ଧିତ କ୍ରମରେ ଏଗୁଡିକର ଏକ ତଥ୍ୟ ଫର୍ଦ୍ଦ ପ୍ରସ୍ତୁତ କର ।

APSCERT

ଅନ୍ୟପକ୍ଷେ, କ୍ରେତାମାନଙ୍କ କ୍ରୟ ନିଷ୍ପତ୍ତି ଉତ୍ପାଦନ ବା ଦ୍ରବ୍ୟର ଖ୍ୟାତି ଦ୍ୱାରା ପ୍ରଭାବିତ ହୋଇଥାଏ । ତୁଣ୍ଡରୁ ତୁଣ୍ଡକୁ କଥା ମାଧ୍ୟମରେ ଏହା ଗଢି ଉଠିଥାଏ । ବନ୍ଧୁବାନ୍ଧବ ତଥା ସମ୍ପର୍କୀୟଙ୍କ ପରାମର୍ଶ କ୍ରମେ ତୁମ ପରିବାର କିଛି ସାମଗ୍ରୀ କିଣିଛନ୍ତି କି ?

ଅଭାସୀ ବା ଅନ୍‌ଲାଇନ୍ ମାଧ୍ୟମରେ କିଣିବା କି ନାହିଁ ନିଷ୍ପତ୍ତି ନେବାବେଳେ, ଅନ୍ୟ ଗ୍ରାହକମାନଙ୍କ ଉତ୍ପାଦ ବା ସେବା ସମ୍ପର୍କୀୟ ଅନ୍‌ଲାଇନ୍ ସମୀକ୍ଷା ଓ ପ୍ରତିକ୍ରିୟା ସାହାଯ୍ୟ କରିଥାଏ ।



ଚିତ୍ର 10.30



ଶେଷ କରିବା ପୂର୍ବରୁ.....

→ ବଜାରଗୁଡିକ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ପାରସ୍ପରିକ ସହମତି ମୂଲ୍ୟରେ ଦରନିୟନ୍ତ୍ରଣର ସୁବିଧା ଦେଇଥାଏ । ଏହି ମୂଲ୍ୟ କ୍ରେତାଙ୍କ ଚାହିଦା ଓ ବିକ୍ରେତାଙ୍କ ଯୋଗାଣ ଦ୍ୱାରା ସ୍ଥିର ହୋଇଥାଏ ।

→ ବଜାରଗୁଡିକରେ ନିର୍ମାତା, ପାଇକାରୀ ବ୍ୟବସାୟୀ, ବିତରକ ଓ ଖୁଚୁରା ବ୍ୟବସାୟୀଙ୍କ ପରି ଅଂଶଗ୍ରହଣକାରୀଙ୍କ ଏକ ଶୃଙ୍ଖଳ ରହିଥାଏ । ଏହା ଶେଷରେ ରହିଥିବା ଗ୍ରାହକକୁ ଦ୍ରବ୍ୟ ବା ସାମଗ୍ରୀ ଯୋଗାଣରେ ସହାୟକ ହୋଇଥାଏ ।

→ ବଜାରଗୁଡିକ ମଧ୍ୟ ପାରସ୍ପରିକ କ୍ରିୟା ପାଇଁ ଏକ ସ୍ଥାନ, କାରଣ ସେମାନେ ଲୋକଙ୍କୁ ଏକାଠି କରନ୍ତି ଏବଂ ଚିନ୍ତାଧାରା ଓ ପରମ୍ପରା ଆଦିର ବିନିମୟକୁ ସୁଗମ କରିଥାନ୍ତି ।

→ ବଜାରରେ ଉତ୍ପାଦ ଓ ସେବାପାଇଁ ଗୁଣାତ୍ମକ ମାନଦଣ୍ଡ ତଥା ନ୍ୟାୟପୂର୍ଣ୍ଣ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ନିୟାମକ ଭୂମିକା ଗ୍ରହଣ କରିଥାନ୍ତି । ତଥାପି, ଗ୍ରାହକମାନେ ଉତ୍ପାଦ ଉପରେ ସରକାରୀ ସଂସ୍ଥାଗୁଡିକ ପ୍ରଦତ୍ତ ପ୍ରମାଣ ପତ୍ର ଚିହ୍ନ ଓ ଅନ୍‌ଲାଇନ୍ ସମୀକ୍ଷା ମାଧ୍ୟମରେ ଉତ୍ପାଦ ଓ ସେବାର ମୂଲ୍ୟାୟନ କରିପାରିବେ ।

ପ୍ରଶ୍ନାବଳୀ, ଅଭ୍ୟାସକାର୍ଯ୍ୟ ଓ ପ୍ରକଳ୍ପ

1. ଯଦି ଚିନିର ମୂଲ୍ୟ କିଲୋଗ୍ରାମ ପିଛା ଟଙ୍କା **40** ରୁ ଟଙ୍କା **60** କୁ ବୃଦ୍ଧିପାଏ, ତେବେ ଅଧିକାଂଶ ପରିବାର ସେମାନଙ୍କର ମାସିକ ବଜେଟ୍ ପରିଚାଳନା କରିବା ପାଇଁ କଣ କରିବେ ?

   A) ପୂର୍ବ ଅପେକ୍ଷା ଅଧିକ ଚିନି କିଣିବେ

   B) ଚିନି ବ୍ୟବହାର କରିବା ସମ୍ପୂର୍ଣ୍ଣ ବନ୍ଦ କରିଦେବା

   C) ସେମାନେ ବ୍ୟବହାର କରୁଥିବା ଚିନିର ପରିମାଣ ହ୍ରାସ କରିବେ

   D) ମୂଲ୍ୟ ବୃଦ୍ଧିକୁ ଅଣଦେଖା କରି ପୂର୍ବଭଳି ସମାନ ପରିମାଣର ଚିନି କିଣିବେ

2. ବଜାରର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ କଣ ? ତୁମେ କିଛି ଦିନ ପୂର୍ବେ ବଜାରକୁ କିଛି ସାମଗ୍ରୀ କିଣିବାକୁ ଯାଇଥିବା କଥା ମନେପକାଅ । ଏହି ପରିଦର୍ଶନ ସମୟରେ ତୁମେ ସେହି ବଜାରର କେଉଁ ସବୁ ବୈଶିଷ୍ଟ୍ୟ ଦେଖିଲ ଲେଖ ।

APSCERT

3. ଏହି ଅଧ୍ୟାୟର ଆରମ୍ଭରେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ପ୍ରସିଦ୍ଧ ଉକ୍ତି ମନେପକାଅ । ଏହି ଅଧ୍ୟାୟର ପାଠ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କର ।

4. ପୁଙ୍ଖୁଳି କିଣାବିକା ଉଦାହରଣରେ ଭାବ ଯେ, ବିକାଳୀ ଜଣକ ଭଲ ମୂଲ୍ୟ ପାଉଛି ଓ ସେ ଲାଭବାନ ହେଉଛନ୍ତି । ସେ ଚାଷିମାନଙ୍କଠାରୁ ଆହୁରି ପିଙ୍ଗୁଳି କିଣି ଆଣିବାକୁ ଚେଷ୍ଟା କରିବେ ଓ ସେହି ମୂଲ୍ୟରେ ବିକ୍ରି କରି ତାଙ୍କର ରୋଜଗାର ବୃଦ୍ଧି କରିପାରିବେ ।ଏହି ପ୍ରକାର ପରିସ୍ଥିତିରେ ଚାଷୀ କଣ କରିବାର ସମ୍ଭାବନା ଅଛି ? ସେ କଣ ପରବର୍ତ୍ତୀ ଋତୁରେ ପିଙ୍ଗୁଳିର ଚାହିଦା ବିଷୟରେ ଚିନ୍ତା କରିବେ ବୋଲି ଭାବୁଛ ? ତାଙ୍କ ମନରେ କଣ ପ୍ରତିକ୍ରିୟା ହେବାର ସମ୍ଭାବନା ଅଛି ?

5. ଏକ ପରିବା ବିକାଳି ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ଏକ ଘଟଣାକୁ ଲକ୍ଷ୍ୟକର । ଏକ ପରିବାର ବଜାରକୁ ପରିବା କିଣିବାପାଇଁ ଆସିଲେ। ଠେଲାଗାଡି ପରିବା ବିକାଳି ଜଣକ ବିନ୍‌ସର ଦର କିଲୋ ପ୍ରତି 30 ଟଙ୍କା କହୁଛନ୍ତି । ଉକ୍ତ ପରିବାରର ଜଣେ ଭଦ୍ର ମହିଳା ପରିବା ବିକାଳିଙ୍କ ସହ ମୂଲଚାଲ କରି ଏହାକୁ 25 ଟଙ୍କାରେ କ୍ରୟ କରିବାକୁ ଚାହୁଁଛନ୍ତି । ବିକାଳି ଜଣକ ପ୍ରତିବାଦ କରୁଛନ୍ତି ଓ ସେହି ଦରରେ ବିକିଲେ ତାଙ୍କର କ୍ଷତି ହେବ ବୋଲି କହି ବିକ୍ରି ପାଇଁ ରାଜି ହେଉ ନାହାଁନ୍ତି । ଭଦ୍ର ମହିଳା ଜଣକ ବିନ୍‌ସ ନକିଣି ଚାଲିଗଲେ । ନିକଟରେ ଥିବା ଏକ ସୁପର ବଜାରରେ ପରିବାର ସହ ପହଞ୍ଚିଲେ । ସେଠାରେ ପ୍ଲାଷ୍ଟିକ ବ୍ୟାଗରେ ସୁନ୍ଦର ଭାବେ ପାକିଂ ହୋଇଥିବା ବିନ୍‌ସ ଏକ କିଲୋକୁ 40 ଟଙ୍କା ଦେଇ କିଣିଲେ । ସେ ପରିବାରର ଏପରି ବ୍ୟବହାରର କାରଣ କଣ ? ସାମଗ୍ରୀର ଦାମ୍ ବ୍ୟତୀତ ଆଉ କିଛି କାରଣ କିଣାବିକାକୁ ପ୍ରଭାବିତ କରୁଛି କି ?

6. ଦ୍ରବ୍ୟର ମୂଲ୍ୟ ସାଧାରଣତଃ କ୍ରେତାଙ୍କ ଚାହିଦା ଓ ବିକ୍ରେତାଙ୍କ ଯୋଗାଣ ମଧ୍ୟରେ ପାରସ୍ପରିକ କ୍ରିୟା ଦ୍ୱାରା ନିର୍ଣ୍ଣୟ କରାଯାଏ । ତେବେ କ୍ରେତାଙ୍କ ସଂଖ୍ୟା କମ୍ ଥିବା ସତ୍ତ୍ୱେ କୌଣସି ଉତ୍ପାଦର ମୂଲ୍ୟ ଅଧିକ ରହିବା କଥା ଭାବି ପାରୁଛ କି ? ଏହା କାରଣ କଣ ହୋଇପାରେ ?

7. ଭାରତର କେତେକ ଜିଲ୍ଲା ବିଲାତି ବାଇଗଣ(ଟମାଟ) ଚାଷ ପାଇଁ ପ୍ରସିଦ୍ଧ । ତେବେ, କେତେକ ଋତୁରେ ଚାଷୀମାନଙ୍କ ପାଇଁ ପରିସ୍ଥିତି ଅନୁକୂଳ ହୋଇ ନଥାଏ । ପ୍ରଚୁର ପରିମାଣର ଉତ୍ପାଦନ ସମୟରେ ଚାଷୀମାନେ ଉତ୍ପାଦକୁ ନଷ୍ଟ କରି ଦେଉଥିବାର ଖବର ମିଳିଥାଏ । ତାଙ୍କର କଠିନ ପରିଶ୍ରମ ନିଷ୍ଫଳ ହୋଇଯାଏ । ଚାଷୀମାନେ ଏପରି କାହିଁକି କରିଥାନ୍ତି ବୋଲି ଭାବୁଛ ? ଏ ପରିସ୍ଥିତିରେ ପାଇକାରୀ ବେପାରୀମାନଙ୍କ କି ଭୂମିକା ରହିଛି ? ବିଲାତିବାଇଗଣ ନଷ୍ଟ ନ ହେବା ନିଶ୍ଚିତ କରିବା ପାଇଁ ତଥା ଚାଷିମାନେ କ୍ଷତିଗ୍ରସ୍ତ ନହେବାପାଇଁ କେଉଁ ସମ୍ଭାବ୍ୟ ପନ୍ଥାମାନ ରହିଛି ?

8. ସମୀର ତାଙ୍କ ଦୋକାନକୁ ଏକ ଅନ୍‌ଲାଇନ୍ ବଜାରରେ ବିସ୍ତାର କରିବାକୁ ଚାହୁଁଛନ୍ତି । ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସେ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାରିବାର ଦୁଇଟି ପରାମର୍ଶ ଦିଅ ।

APSCERT

9. ତୁମେ ନିଜ ସ୍କୁଲ ବା ଆଖପାଖ ସ୍କୁଲରେ ହେଉଥିବା କୌଣସି ମେଳା ବିଷୟରେ ଶୁଣିଛ ବା ଯାଇଛ କି ? ନିଜ ସାଙ୍ଗ ଓ ଶିକ୍ଷକଙ୍କ ସହ ମିଶି ସେଠାରେ ପିଲାମାନେ କେଉଁ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ଆଲୋଚନା କର । ସେମାନେ ବିକ୍ରିକାମ କିପରି ପରିଚାଳନା କରିଥାନ୍ତି ଓ କ୍ରେତାଙ୍କ ସହ କିପରି ମୂଲଚାଲ କରିଥାନ୍ତି ?

10. ଯେ କୌଣସି 5 ଗୋଟି ସାମଗ୍ରୀ ବାଛ ଓ ସେଥିରେ ଥିବା ପଟିଚିହ୍ନ(**label**) ପ୍ରମାଣପତ୍ର ଗୁଡିକୁ ପୁସ୍ତକରେ ହୋଇଥିବା ଆଲୋଚନା ଆଧାରରେ ଯାଞ୍ଚକର । ତୁମେ ସଂସ୍ଥାର ପ୍ରତୀକ ଚିହ୍ନ ନଥିବା କୌଣସି ସାମଗ୍ରୀ ପାଇଲ କି ?ଏପରି କାହିଁକି ହେଲା ବୋଲି ଭାବୁଛ ?

11. ତୁମେ ଓ ତୁମ ସହପାଠୀମାନେ ମିଶି ଏକ ସାବୁନ ଖଣ୍ଡ ତିଆରି କରିଛ । ଏହା ପାଇଁ ଏକ ପଟିଚିହ୍ନ ପ୍ରସ୍ତୁତ କର । ଏହି ପଟିଚିହ୍ନରେ କେଉଁ ସବୁ ତଥ୍ୟ ରହିଲେ ଉପଭୋକ୍ତାମାନେ ଉତ୍ପାଦ ବିଷୟରେ ଅଧିକ ଜାଣିପାରିବେ ?

12. ନିମ୍ନଲିଖିତ ପ୍ରକାରର ବଜାର ସହ ସେମାନଙ୍କ ବୈଶିଷ୍ଟ୍ୟ ମେଳ କରାଅ :

କ୍ରମ ସଂଖ୍ୟା	ବଜାର	ଲକ୍ଷଣ
1.	ଭୌତିକ ବଜାର	ଦ୍ରବ୍ୟ ଓ ସେବା ଦେଶ ସୀମା ବାହାରକୁ ସ୍ଥାନାନ୍ତର ହୋଇଥାଏ
2.	ଅନ୍‌ଲାଇନ୍ ବଜାର	ବହୁ ପରିମାଣରେ ସାମହଗ୍ରୀ ବ୍ୟାପାର
3.	ଘରୋଇ ବଜାର	ଅନ୍ତିମ ଉପଭୋକ୍ତାମାନଙ୍କୁ ସାମଗ୍ରୀ ଓ ସେବା ପ୍ରଦାନ
4.	ଅନ୍ତର୍ଜାତୀୟ ବଜାର	କ୍ରେତା ଓ ବିକ୍ରେତାଙ୍କ ବ୍ୟକ୍ତିଗତ ଉପସ୍ଥିତି ଆବଶ୍ୟକ କରେ
5.	ପାଇକାରୀ ବଜାର	କ୍ରେତା ଓ ବିକ୍ରେତା ଆଭାସୀ(ଭର୍ଚୁଆଲ) ସାକ୍ଷାତ କରନ୍ତି ଓ ଯେକୌଣସି ସମୟରେ କାରବାର କରିପାରନ୍ତି
6.	ଖୁଚୁରା ବଜାର	ଏକ ଦେଶର ସୀମା ମଧ୍ୟରେ କାରବାର

AP SCERT

✧✧✧✧✧



କୃତ୍ରିମ ବୁଦ୍ଧିମତା (AI) ସହ ସମନ୍ୱୟ

H3R5J2

ଶିକ୍ଷଣ ଫଳାଫଳ: ଶିକ୍ଷାର୍ଥୀମାନେ ଏହା କରିପାରିବେ :

1. ସାମାଜିକ ବିଜ୍ଞାନ ଧାରଣାକୁ ବ୍ୟାଖ୍ୟା କରିବା ସମୟରେ କୃତ୍ରିମ ମେଧା (AI) , ଡିଜିଟାଲ୍ ତଥ୍ୟ, ଆଲଗୋରିଦମ, ଡାଟାସେଟ୍, ଢାଞ୍ଚା ଚିହ୍ନଟ ଏବଂ ସ୍ୱୟଂଚାଳିତ AI ପରି ଶବ୍ଦ ବୁଝି ପାରିବେ ।
2. ଡିଜିଟାଲ୍ ମାନଚିତ୍ର, ପାଣିପାଗ କେନ୍ଦ୍ର, ଉପଗ୍ରହ ଏବଂ ଅନଲାଇନ୍ ବ୍ୟବସ୍ଥା କିପରି ସେନ୍ସର ବ୍ୟବହାର କରି ତଥ୍ୟ ସଂଗ୍ରହ କରେ ଏବଂ ତାହାକୁ ଡିଜିଟାଲ୍ ସୂଚନାରେ କିପରି ରୂପାନ୍ତରିତ କରେ ତାହା ବ୍ୟାଖ୍ୟା କରିପାରିବେ।
3. ଭୌଗୋଳିକ, ଐତିହାସିକ, ରାଜନୈତିକ ଏବଂ ଅର୍ଥନୈତିକ ତଥ୍ୟକୁ ବିଶ୍ଳେଷଣ କରି ଢାଞ୍ଚା ଚିହ୍ନଟ କରିବା ଏବଂ ନିଷ୍ପତ୍ତି ନେବାରେ AI କିପରି ସହାୟକ କରେ ତାହା ବର୍ଣ୍ଣନା କରିପାରିବେ ।
4. ମାନବ ପର୍ଯ୍ୟବେକ୍ଷଣ (ମାନଚିତ୍ର ପଠନ, ଇତିହାସ ଅଧ୍ୟୟନ କରିବା) ଏବଂ ଡିଜିଟାଲ୍ (ଉପଗ୍ରହ ମ୍ୟାପିଂ, AI ବିଶ୍ଳେଷଣ) ମଧ୍ୟରେ ପାର୍ଥକ୍ୟ ବୁଝିପାରିବେ ।
5. ପାଣିପାଗ ପୂର୍ବାନୁମାନ, ମାନଚିତ୍ର ପ୍ରସ୍ତୁତ କରିବା, ଶାସନ ପ୍ରଣାଳୀ ଏବଂ ଅର୍ଥନୈତିକ କାରବାରରେ ଡାଟାସେଟ୍ ଏବଂ ମେସିନ୍ ଲର୍ଣ୍ଣିଂର ଭୂମିକା ବ୍ୟାଖ୍ୟା କରିପାରିବେ ।

ପରିଚୟ :

ପିଲାମାନେ ଆମେ ପ୍ରାୟତଃ ଲାଇଭ୍ ଟ୍ରାଫିକ୍ ଅପଡେଟ୍ ଦେଉଥିବା ଗୁଗୁଲ୍ ମ୍ୟାପ , ଗୁରୁତ୍ୱପୂର୍ଣ୍ଣ ହେଡଲାଇନ୍ ପରାମର୍ଶ ଦେଉଥିବା ନ୍ୟୁଜ୍ ଆପ୍ଲିକେସନ, ବର୍ଷାର ପୂର୍ବାନୁମାନ କରୁଥିବା ପାଣିପାଗ ପୂର୍ବାନୁମାନ କିମ୍ବା ତୁରନ୍ତ ନିର୍ବାଚନ ଫଳାଫଳ ଦେଖାଉଥିବା ଡିଜିଟାଲ୍ ପ୍ଲାଟଫର୍ମ ଦେଖୁଥାନ୍ତି । ଏହା କୌଣସି ଆକସ୍ମିକଭାବେ ଘଟିଥିବା ଘଟଣା ନୁହେଁ । ସେଗୁଡ଼ିକ ଦୈନନ୍ଦିନ ଜୀବନରେ କୃତ୍ରିମ ମେଧା(AI) ର ଉଦାହରଣ । ଆମେ ଭାବୁଥିବା ଯେ AI କେବଳ କମ୍ପ୍ୟୁଟର କିମ୍ବା ରୋବଟ୍ ଅଟେ । ତଥାପି, AI ରେ ବ୍ୟବହୃତ ଦକ୍ଷତା ଆମେ ସାମାଜିକ ବିଜ୍ଞାନରେ ବିକଶିତ କରୁଥିବା ଦକ୍ଷତା ସହିତ ସମାନ ଅଟେ ।

ଯେତେବେଳେ ଆମେ ଐତିହାସିକ ଘଟଣାଗୁଡ଼ିକର ବିଶ୍ଳେଷଣ କରୁ, ଭୌଗୋଳିକ କ୍ଷେତ୍ରର ତୁଳନା କରୁ, ମାନଚିତ୍ର ଏବଂ ତଥ୍ୟର ବ୍ୟାଖ୍ୟା କରୁ, ଅଧିକାର ଏବଂ କର୍ତ୍ତବ୍ୟକୁ ବୁଝିଥାଉ, ଅର୍ଥନୈତିକ କାର୍ଯ୍ୟକଳାପକୁ ଶ୍ରେଣୀଭୁକ୍ତ କରୁ, ସେତେବେଳେ ଆମେ ଯୁକ୍ତିଯୁକ୍ତ ଏବଂ ବ୍ୟବସ୍ଥିତ ଭାବରେ ଚିନ୍ତାକରୁ । AI ବ୍ୟବସ୍ଥା ମଧ୍ୟ ସେହିଭଳି ପଦ୍ଧତିରେ କାର୍ଯ୍ୟ କରେ । ତାହା ସୂଚନା ସଂଗ୍ରହ କରି, ଢାଞ୍ଚା ଚିହ୍ନଟ କରି, ତଥ୍ୟକୁ ତୁଳନା କରି ଫଳାଫଳ ଜଣାଇଥାଏ ।



ଏହି ଅଧ୍ୟାୟରେ ଆମେ ଇତିହାସ, ଭୂଗୋଳ, ରାଜନୈତିକ ବିଜ୍ଞାନ ଏବଂ ଅର୍ଥନୀତିରେ ବିକଶିତ ଦକ୍ଷତା କିପରି ମେଧା ପ୍ରଣାଳୀ ସହିତ ଯୋଡିତ ତାହା ବୁଝି ପାରିବା । ପର୍ଯ୍ୟାୟକ୍ରମେ ଆମେ ସରଳ ଉଦାହରଣ ମାଧ୍ୟମରେ AI କିପରି ସମାଜ ସହ ଜଡିତ ସୂଚନାକୁ ବିଶ୍ଳେଷଣ କରୁଛି ଏବଂ ଏହାକୁ କିପରି ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରୁଛି ତାହା ବୁଝିପାରିବା । ସାମାଜିକ ବିଜ୍ଞାନରେ AI ବିଷୟରେ ଶିଖିବା ଆମକୁ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଯେଉଁଠାରେ ପ୍ରଯୁକ୍ତିବିଦ୍ୟା, ଶାସନ, ପରିବେଶ ଯୋଜନା, ଅର୍ଥନୈତିକ ବିକାଶ ଏବଂ ଐତିହାସିକ ଅନୁସନ୍ଧାନକୁ ସମର୍ଥନ କରେ ।

AP-SCERT


ସାମାଜିକ ବିଜ୍ଞାନ ଶିକ୍ଷାରେ AI ର ମୂଳଦୁଆ

ସାମାଜିକ ବିଜ୍ଞାନ ମାନଚିତ୍ର ନିରୀକ୍ଷଣ, ଅଞ୍ଚଳ ଶ୍ରେଣୀଭୁକ୍ତ କରିବା, ଐତିହାସିକ ରେକର୍ଡ ବିଶ୍ଳେଷଣ କରିବା, ସରକାରଙ୍କ ପ୍ରଣାଳୀ ତୁଳନା କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପର ବ୍ୟାଖ୍ୟା କରିବା ଭଳି ଜରୁରୀ ଦକ୍ଷତା ବିକାଶ କରେ । ଏହି ବିଶ୍ଳେଷଣାତ୍ମକ ଏବଂ ନିଷ୍ପତ୍ତି ନେବା ଦକ୍ଷତା କୃତ୍ରିମ ମେଧା(AI) ର ମୂଳଦୁଆ ଗଠନ କରେ । AI ବ୍ୟବସ୍ଥା ସେନ୍‌ସର ମାଧ୍ୟମରେ **ନିବେଶ**(**Input**)ସଂଗ୍ରହ କରେ (ଯେପରିକି ଉପଗ୍ରହ ଏବଂ ପାଣିପାଗ ଉପକରଣ), ଏହାକୁ ଡିଜିଟାଲ୍ ତଥ୍ୟରେ ରୂପାନ୍ତରିତ କରେ, ଆଲଗୋରିଦମ୍ ବ୍ୟବହାର କରି ଏହାକୁ ପ୍ରକ୍ରିୟାକରଣ କରେ, ଢାଞ୍ଚା ଚିହ୍ନଟକରଣ ମାଧ୍ୟମରେ ଟ୍ରେଣ୍ଡ ଚିହ୍ନଟ କରେ ଏବଂ ବର୍ଗୀକରଣ କିମ୍ବା ପୂର୍ବାନୁମାନ ପରି ଅର୍ଥପୂର୍ଣ୍ଣ **ନିର୍ଗତ**(**Output**)ସୃଷ୍ଟି କରେ । ଉଦାହରଣ ସ୍ୱରୂପ, ଡିଜିଟାଲ୍ ମାନଚିତ୍ର ଉପଗ୍ରହ ତଥ୍ୟ ବ୍ୟବହାର କରି ଭୂମିରୂପ ଚିହ୍ନଟ କରେ, ଜଳବାୟୁ ତଥ୍ୟସମୁଦାୟ ବ୍ୟବହାର କରି ପାଣିପାଗ ପ୍ରଣାଳୀ ବୃଷ୍ଟିପାତର ପୂର୍ବାନୁମାନ କରେ ଏବଂ ଅନଲାଇନ୍ ପ୍ଲାଟଫର୍ମ ମେସିନ୍ ଲର୍ଣ୍ଣିଂ ବ୍ୟବହାର କରି କାରବାର ଢାଞ୍ଚାକୁ ବିଶ୍ଳେଷଣ କରେ । ଏହି ପାଠ୍ୟଗୁଡିକ ଅଧ୍ୟୟନ କରି, ଛାତ୍ରମାନେ ବୁଝିପାରିବେ ଯେ ସାମାଜିକ ବିଜ୍ଞାନ ଚିନ୍ତାଧାରା କିପରି ଆଧୁନିକ ମେଧା ପ୍ରଣାଳୀ ସହିତ ସଂଯୋଗ କରେ ଏବଂ ସ୍ୱୀକାର କରନ୍ତି ଯେ AI ମାନବ ଯୁକ୍ତିକୁ ସମର୍ଥନ କରେ – କିନ୍ତୁ ଏହାର ସ୍ଥାନ ପୂରଣ କରିପାରିବ ନାହିଁ ।

ମାର୍ଗଦର୍ଶନ : ଶିକ୍ଷକ AI ସଂଯୋଗ ଆରମ୍ଭ କରିବା ପୂର୍ବରୁ ମୂଳ ସାମାଜିକ ବିଜ୍ଞାନ ଧାରଣାରୁ ଆରମ୍ଭ କରିବା ଉଚିତ। ଶ୍ରେଣୀଗୃହ ଆଲୋଚନା ପାଠ୍ୟପୁସ୍ତକ ବିଷୟବସ୍ତୁ, ସମୟସୀମା, କେସ୍ ଷ୍ଟଡି ଏବଂ ମାନଚିତ୍ର ବ୍ୟାଖ୍ୟା ଉପରେ ଧ୍ୟାନ ଦେବା ଉଚିତ, ଯାହା ଧାରଣାଗତ ସ୍ପଷ୍ଟତା ନିଶ୍ଚିତ କରେ । AI କୁ ଏକ ସହାୟକ ଉପକରଣ ଭାବରେ ଉପସ୍ଥାପିତ କରାଯିବାଉଚିତ, କିନ୍ତୁ ଶିକ୍ଷଣ ପ୍ରକ୍ରିୟାରେ ମନୁଷ୍ୟର ହସ୍ତକୃତ ଦକ୍ଷତାକୁ ବଦଳାଇବା ଉଚିତ ନୁହେଁ । ଛାତ୍ରମାନଙ୍କୁ ମାନବ ନିଷ୍ପତ୍ତି ନେବାକୁ ଆଲଗୋରିଦମ– ଆଧାରିତ ପ୍ରଣାଳୀ ସହିତ ତୁଳନା କରିବାକୁ ଉତ୍ସାହିତ କରାଯିବା ଉଚିତଏବଂ ପାଠ୍ୟପୁସ୍ତକ ବିଷୟବସ୍ତୁ ଏବଂ ଶିକ୍ଷକଙ୍କ ମାର୍ଗଦର୍ଶନ ସହିତ AI –ସୃଷ୍ଟି ଉତ୍ତରକୁ ସର୍ବଦା ଯାଞ୍ଚ କରିବା ଆବଶ୍ୟକ ।

AP SCERT

AI କିପରି ମହାକାଶରୁ ଡିଜିଟାଲ୍ ଭୂମିରୂପ ମାନଚିତ୍ର ସୃଷ୍ଟି କରେ



ଉଦାହରଣ 1: ଭୂମିରୂପ ମ୍ୟାପିଂ କରିବା

ଭାରତରେ ବିବିଧ ଭୌତିକ ବୈଶିଷ୍ଟ୍ୟ ପର୍ବତ, ସମତଳ ଭୂମି, ମାଳଭୂମି, ମରୁଭୂମି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ରହିଛି । ମାନଚିତ୍ର ଏବଂ ଆଟଲାସ୍ ବ୍ୟବହାର କରି ଏହି ଭୂମିରୂପ ଗୁଡିକ ଅଧ୍ୟୟନ କରାଯାଏ । ଉପଗ୍ରହ ପୃଥିବୀ ପୃଷ୍ଠର ଚିତ୍ର ଉତ୍ତୋଳନ କରେ । AI ଏହି ଚିତ୍ରଗୁଡ଼ିକୁ ବିଶ୍ଳେଷଣ କରେ ଏବଂ ଲ୍ୟାଣ୍ଡଫର୍ମର ମିନିଟ୍ ବିବରଣୀ ଚିହ୍ନଟ କରେ ଏହି ପ୍ରକ୍ରିୟାକୁ କମ୍ପ୍ୟୁଟର ଦର୍ଶନ ଏବଂ ଭୌଗୋଳିକ ତଥ୍ୟ ବିଶ୍ଳେଷଣ କୁହାଯାଏ । ଏହି ତଥ୍ୟ ସମ୍ଭଳ ଚିହ୍ନଟ, ଭିତ୍ତିଭୂମିର ବିକାଶ, ଯୋଜନା ଆଦି ବିଭିନ୍ନ ଅଧ୍ୟୟନରେ ସହାୟକ ହେବ ।

ତେଣୁ, AI କିପରି ଭୂମିରୂପର ଡିଜିଟାଲ୍ ମାନଚିତ୍ର ସୃଷ୍ଟି କଲା ତାହାର ବିସ୍ତୃତ ବିଶ୍ଳେଷଣ କିଭଳି ସମ୍ଭବ ହୋଇପାରୁଛି ଇତ୍ୟାଦିକୁ ଜାଣିବା ପାଇଁ AI ଡିଜିଟାଲ୍ ମାନଚିତ୍ରର ଅଧ୍ୟୟନ ସାହାଯ୍ୟ କରେ ।

AI ଦ୍ୱାରା ଆଲୋଚନା କରିବା :	ଯଦି ଉପଗ୍ରହ ହଜାର ସଂଖ୍ୟ ଚିତ୍ର ଉତ୍ତୋଳନ କରେ, ତେବେ AI କିପରି ପର୍ବତ, ସମତଳ ଏବଂ ନଦୀକୁ ସ୍ୱୟଂଚାଳିତ ଭାବରେ ଚିହ୍ନଟ କରିପାରିବ? ଶିକ୍ଷାର୍ଥୀମାନେ ମାନଚିତ୍ରର ସଙ୍କେତ ଗୁଡିକୁ ତୁଳନା କଲାଭଳି AI ମଧ୍ୟ ଆକୃତି, ରଙ୍ଗ, ଉଚ୍ଚତା ତଥ୍ୟ ଏବଂ ଢାଞ୍ଚାକୁ ତୁଳନା କରି ଭୂମିରୂପ ବର୍ଗୀକରଣ କରିପାରୁଛି ।
ମୁଖ୍ୟ ଶବ୍ଦାବଳୀ :	ଉପଗ୍ରହ ଚିତ୍ର – ମହାକାଶରୁ ଉପଗ୍ରହ ଦ୍ୱାରା ସଂଗ୍ରହ ହୋଇଥିବା ପୃଥିବୀ ପୃଷ୍ଠରଚିତ୍ର ଭୌଗୋଳିକ ତଥ୍ୟ(**Geospatial Data**) – ଅବସ୍ଥାନ–ଆଧାରିତ ତଥ୍ୟ ଯାହା ପୃଥିବୀ ପୃଷ୍ଠରେ ବୈଶିଷ୍ଟ୍ୟ ଏବଂ ସ୍ଥିତିକୁ ବର୍ଣ୍ଣନା କରେ । ଡିଜିଟାଲ୍‌ମାନଚିତ୍ର – ଉପଗ୍ରହ ତଥ୍ୟ ଏବଂ ଡିଜିଟାଲ୍ ଟେକ୍ନୋଲୋଜି ବ୍ୟବହାର କରି ସୃଷ୍ଟି ହୋଇଥିବା କମ୍ପ୍ୟୁଟର–ଉତ୍ପନ୍ନ ମାନଚିତ୍ର ।

ଉଦାହରଣ 2: ଜଳବାୟୁ ଢାଞ୍ଚା ଚିହ୍ନଟ



AP SCERT

ଜଳବାୟୁ ଦୀର୍ଘକାଳୀନ ପାଣିପାଗ ଢାଞ୍ଚାକୁ(**weather pattern**) ବୁଝାଏ । ଭାରତରେ ମୌସୁମୀ, ଗ୍ରୀଷ୍ମ ଏବଂ ଶୀତ ଋତୁ ରହିଛି । AI ବହୁ ବର୍ଷ ଧରି ସଂଗୃହୀତ ବୃହତ ଜଳବାୟୁ ତଥ୍ୟ ସମୁଦାୟକୁ ଅଧ୍ୟୟନ କରେ ଏହା ଢାଞ୍ଚା ଏବଂ ଅଞ୍ଚଳକୁ ଜଳବାୟୁ ଅଞ୍ଚଳରେ ଗୋଷ୍ଠୀଭୁକ୍ତ କରୁଛି । ଏହି ପ୍ରକ୍ରିୟାକୁ ଢାଞ୍ଚା ଚିହ୍ନଟକରଣ ଏବଂ ମେସିନ୍ ଲର୍ଣ୍ଣିଂ(MeachineLearning) କୁହାଯାଏ । ତେଣୁ, ଜଳବାୟୁ ଅଧ୍ୟୟନ ଆମକୁ AI ଢାଞ୍ଚା ବିଶ୍ଳେଷଣକୁ ବୁଝିବାରେ ସାହାଯ୍ୟ କରେ ।.

AI ଦ୍ୱାରା ଆଲୋଚନା କରିବା :	50 ବର୍ଷର ବୃଷ୍ଟିପାତ ତଥ୍ୟରୁ ମୌସୁମୀ ଢାଞ୍ଚାକୁ AI କିପରି ଚିହ୍ନଟ କରେ ? AI ଦୀର୍ଘକାଳୀନ ଡାଟାସେଟକୁ ବିଶ୍ଳେଷଣ କରେ ଏବଂ ମେସିନ୍ ଲର୍ଣ୍ଣିଂ ବ୍ୟବହାର କରି ବାରମ୍ବାର ଋତୁକାଳୀନ ଢାଞ୍ଚାକୁ ଚିହ୍ନଟ କରେ
ମୁଖ୍ୟ ଶବ୍ଦାବଳୀ :	ଜଳବାୟୁତଥ୍ୟସମୁଦାୟ – ଅନେକ ବର୍ଷ ଧରି ରେକର୍ଡ ହୋଇଥିବା ତାପମାତ୍ରା, ବୃଷ୍ଟିପାତ ଏବଂ ପବନ ପରି ଜଳବାୟୁ ସୂଚନାର ଏକ ବୃହତ ସଂଗ୍ରହ । . ଢାଞ୍ଚଚିହ୍ନଟ – ତଥ୍ୟରେ ବାରମ୍ବାର ଟ୍ରେଣ୍ଡ କିମ୍ବା ଢାଞ୍ଚା ଚିହ୍ନଟ କରିବାରେ କମ୍ପ୍ୟୁଟରର କ୍ଷମତା । ମେସିନ୍ ଲର୍ଣ୍ଣିଂ – ଏକ ପଦ୍ଧତି ଯେଉଁଠାରେ କମ୍ପ୍ୟୁଟର ତଥ୍ୟରୁ ଶିଖନ୍ତି ଏବଂ ସିଧାସଳଖ ପ୍ରୋଗ୍ରାମ୍ ନହୋଇଥିଲେ ମଧ୍ୟ ସେମାନଙ୍କର ପୂର୍ବାନୁମାନରେ ଉନ୍ନତି ଆଣିଥାନ୍ତି ।

ଉଦାହରଣ ୩: ସାଂସ୍କୃତିକ ଐତିହ୍ୟ ସ୍ଥଳ ଚିହ୍ନଟ(ପାଠ–7 ସହିତ ସଂଯୁକ୍ତ : ଭୂମି ପବିତ୍ର ହୁଏ କିପରି)



ମନ୍ଦିର ଏବଂ ସ୍ମାରକ ଆମର ସାଂସ୍କୃତିକ ଐତିହ୍ୟର ଏକ ଅଂଶ । ସେଗୁଡିକୁ ଚିହ୍ନିବା ପାଇଁ, ଆମେ ସେଗୁଡିକର ସ୍ଥାପତ୍ୟ ବୈଶିଷ୍ଟ୍ୟ ଏବଂ ଡିଜାଇନ୍ ଢାଞ୍ଚାକୁ ନିରୀକ୍ଷଣ କରୁ । ଡିଜିଟାଲ୍ ବ୍ୟବସ୍ଥା ଗୁଡିକ ସ୍ମାରକୀ ଗୁଡିକ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ଆକୃତି, ସମୃଦ୍ଧତା ଏବଂ ଡିଜାଇନ୍ ଉପାଦାନ ଗୁଡିକ ଭଳି ଦୃଶ୍ୟ ବୈଶିଷ୍ଟ୍ୟ ଗୁଡିକର ଅଧ୍ୟୟନ କରେ ।

AP SCERT

AI ଦ୍ୱାରା ଆଲୋଚନା କରିବା :	ଡିଜିଟାଲ୍ ବ୍ୟବସ୍ଥା ଏକ ଫଟୋଗ୍ରାଫ୍‌ରୁ ମନ୍ଦିରଟିକୁ କିପରି ଚିହ୍ନଟ କରିପାରିବ ?
ମୁଖ୍ୟ ଶବ୍ଦାବଳୀ :	ଡିଜିଟାଲ୍ ବ୍ୟବସ୍ଥା – ଏହା ଦୃଶ୍ୟ କିମ୍ବା ଲିଖିତ ସୂଚନାକୁ ପ୍ରକ୍ରିୟାକରଣ ଏବଂ ବିଶ୍ଳେଷଣ କରୁଥିବା କମ୍ପ୍ୟୁଟର ବ୍ୟବସ୍ଥା । ଦୃଶ୍ୟବୈଶିଷ୍ଟ୍ୟ – ବସ୍ତୁ ଗୁଡିକ ଚିହ୍ନଟ କରିବା ପାଇଁ ବ୍ୟବହୃତ ଆକୃତି, ରଙ୍ଗ କିମ୍ବା ଡିଜାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟମାନ ଲକ୍ଷଣ ଗୁଡିକ । ସମରୂପଚିହ୍ନଟ – ଚିତ୍ର କିମ୍ବା ସଂରଚନାରେ ସଙ୍କୁଳିତ ଏବଂ ସମାନ ଢାଞ୍ଚା ଚିହ୍ନଟ କରିବାର ପ୍ରକ୍ରିୟା । ଢାଞ୍ଚା ଚିହ୍ନଟକରଣ– ଚିତ୍ର କିମ୍ବା ତଥ୍ୟରେ ପୁନରାବୃତ୍ତି ଆକୃତି କିମ୍ବା ଡିଜାଇନ୍ ଚିହ୍ନଟ କରିବା ପାଇଁ AI ଦ୍ୱାରା ବ୍ୟବହୃତ ଏକ ପଦ୍ଧତି ..

ଉଦାହରଣ 4: ସରକାରରେ ନିଷ୍ପତ୍ତି ନେବା




ସରକାର ଏବଂ ବ୍ୟବସ୍ଥା ପାଇଁ ତାର୍କିକ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ ।

ପ୍ରତିଷ୍ଠିତ ନିୟମ ଏବଂ ପ୍ରକ୍ରିୟା ଅନୁସରଣ କରି ସରକାର ନିଷ୍ପତ୍ତି ନିଅନ୍ତି । ସଂରଚନା ଢାଞ୍ଚା ଉପରେ ଆଧାର କରି ନୀତିଗୁଡିକ କାର୍ଯ୍ୟକାରୀ କରାଯାଏ । ସମାନ ଭାବରେ, ଡିଜିଟାଲ୍ ସିଷ୍ଟମ୍ ଫଳାଫଳରେ ପହଞ୍ଚିବା ପାଇଁ ପୂର୍ବ ନିର୍ଦ୍ଧାରିତ ଯୁକ୍ତିଯୁକ୍ତ କ୍ରମ ଅନୁସରଣ କରେ । AI ସାଙ୍କେତିକତାର ପରସ୍ପର ପ୍ରତିକ୍ରିୟା(**interactive simulations** ସୃଷ୍ଟି କରି ଗଣତନ୍ତ୍ର ବିଷୟରେ ଶିକ୍ଷାକୁ ବଢାଇଥାଏ ,ଯେଉଁଠାରେ ଶିକ୍ଷାର୍ଥୀମାନେ ବାସ୍ତବରେ ନିର୍ବାଚନରେ ଅଂଶଗ୍ରହଣ କରନ୍ତି ଏବଂ ଲୋକମାନେ କିପରି ସେମାନଙ୍କର ପ୍ରତିନିଧି ବାଛିଥାନ୍ତି ତାହା ବୁଝନ୍ତି । ଫୁର୍ତ୍ତି ଦୃଶ୍ୟମାନ ଏବଂ କଥନଚିତ୍ର (**smart visuals and speaking pictures**) ମାଧ୍ୟମରେ, AI ଶିକ୍ଷାର୍ଥୀମାନଙ୍କୁ ସମାନତା, ଭୋଟ୍ ଏବଂ ମୌଳିକ ଅଧିକାର ପରି ଧାରଣାକୁ ଏକ ଆକର୍ଷଣୀୟ ଢଙ୍ଗରେ ଅନୁସନ୍ଧାନ କରିବାରେ ସାହାଯ୍ୟ କରେ ।

AI ଦ୍ୱାରା ଆଲୋଚନା କରିବା :	ସଂରଚନା ନିୟମ ଉଭୟ ସରକାରୀ ନିଷ୍ପତ୍ତି ଏବଂ ଡିଜିଟଲ୍ ବ୍ୟବସ୍ଥାକୁ କିପରି ମାର୍ଗଦର୍ଶନ କରେ?
ମୁଖ୍ୟ ଶବ୍ଦାବଳୀ :	ତାର୍କିକ ଢାଞ୍ଚା କାର୍ଯ୍ୟ – ନିଷ୍ପତ୍ତି ନେବା ପାଇଁ ଏକ ସଂରଚନା ପଦ୍ଧତି । ନୀତି ନମୁନା – ଏକ ସଂରଚିତ ଯୋଜନା ଯାହା ନିଷ୍ପତ୍ତିକୁ ମାର୍ଗଦର୍ଶନ କରେ । କ୍ରମିକ ପ୍ରକ୍ରିୟାକରଣ – ଏକ ନିର୍ଦ୍ଦିଷ୍ଟ କ୍ରମରେ ପଦକ୍ଷେପ ଗୁଡିକ ସମ୍ପାଦନ କରିବା । ତାର୍କିକ ନିଷ୍ପତ୍ତି – ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ବ୍ୟବହୃତ ଯୁକ୍ତି ପ୍ରକ୍ରିୟା । ଇଣ୍ଟରାକ୍ଟିଭ୍ ସିମୁଲେସନ୍ – ଉପଭୋକ୍ତାଙ୍କ ଅଂଶଗ୍ରହଣ ସହିତ ବାସ୍ତବବାଦୀ ଡିଜିଟାଲ୍ କାର୍ଯ୍ୟକଳାପ ।

AP SCERT

ଉଦାହରଣ 5: ବଜାର ବିଶ୍ଳେଷଣ ଏବଂ ଉତ୍ପାଦନ ପରାମର୍ଶ



ବଜାରରେ ସାମଗ୍ରୀ କ୍ରୟ ଏବଂ ବିକ୍ରୟ ସହ ଜଡିତ । ଅନଲାଇନ୍ ପ୍ଲାଟଫର୍ମଗୁଡିକ ସେମାନଙ୍କର ସେବାରେ ଉନ୍ନତି ଆଣିବା ପାଇଁ ଗ୍ରାହକଙ୍କ ପସନ୍ଦ ଏବଂ କ୍ରୟ ଅଭ୍ୟାସକୁ ଅଧ୍ୟୟନ କରନ୍ତି । ଡିଜିଟାଲ୍ ବ୍ୟବସ୍ଥା ଉପଭୋକ୍ତା ଆଚରଣକୁ ବିଶ୍ଳେଷଣ କରେ ଏବଂ ସୁପାରିଶ ପ୍ରଣାଳୀର ଏକ ଅଂଶ ଭାବରେ ଉପଯୁକ୍ତ ଉତ୍ପାଦନ ପରାମର୍ଶ ଦେବା ପାଇଁ ଗ୍ରାହକଙ୍କ ମଧ୍ୟରେ ସମାନ ଢାଞ୍ଚା ଖୋଜିଥାଏ ।

AI ଦ୍ୱାରା ଆଲୋଚନା କରିବା:	ଅନଲାଇନ୍ ପ୍ଲାଟଫର୍ମ ଗ୍ରାହକଙ୍କ ପସନ୍ଦକୁ କିପରି ବୁଝେ ?
ମୁଖ୍ୟ ଶବ୍ଦାବଳୀ :	**ବ୍ୟବହାରକାରୀ ଆଚରଣ ବିଶ୍ଳେଷଣ** – ବ୍ୟବହାରକାରୀମାନେ ୱେବ୍ ସାଇଟ୍ କିମ୍ବା ଆପ୍ ଗୁଡ଼ିକ ସହିତ କିପରି ପରସ୍ପର ପ୍ରତିକ୍ରିୟା କରନ୍ତି ତାହା ଅଧ୍ୟୟନ କରେ । **ଗ୍ରାହକଙ୍କ ପସନ୍ଦ** ଗ୍ରାହକମାନେ କେଉଁ ଉତ୍ପାଦଗୁଡିକୁ ପସନ୍ଦ କରନ୍ତି କିମ୍ବା ଚୟନ କରନ୍ତି ସେ ବିଷୟରେ ସୂଚନା । **ସୁପାରିଶ ପ୍ରଣାଳୀ** – ଡିଜିଟାଲ୍ ସିଷ୍ଟମ୍ ଯାହା ଉପଭୋକ୍ତା ତଥ୍ୟ ଏବଂ ଆଚରଣ ଉପରେ ଆଧାରିତ ଉତ୍ପାଦଗୁଡିକୁ ପରାମର୍ଶ ଦିଏ ।

AI ଦ୍ୱାରା ଅନୁସନ୍ଧାନ କରିବା

ସାମାଜିକ ବିଜ୍ଞାନ ଶିକ୍ଷଣରେ AI କୁ ବୁଝିବା

AI ଛାତ୍ରମାନଙ୍କୁ , ଶିକ୍ଷକ କିମ୍ବା ଅଭିଭାବକଙ୍କ ମାର୍ଗଦର୍ଶନରେ ନୂତନ ପଦ୍ଧତି ଏବଂ ଅଭିନବ କାର୍ଯ୍ୟକଳାପ ଅନୁସନ୍ଧାନ କରି ଶିକ୍ଷଣ ଅଭିଜ୍ଞତାକୁ ବିସ୍ତାର କରିବାରେ ସାହାଯ୍ୟ କରେ । କିନ୍ତୁ AI ବ୍ୟାଖ୍ୟା, ମାନଚିତ୍ର ଏବଂ ଚାର୍ଟ ସୃଷ୍ଟି କରିପାରିବ । ତଥାପି, AI ପାଠ୍ୟପୁସ୍ତକ, ଶିକ୍ଷକ କିମ୍ବା ଶ୍ରେଣୀଗୃହ ଶିକ୍ଷାର ସ୍ଥାନ ପୂରଣ କରିପାରିବ ନାହିଁ ।

ସାମାଜିକ ବିଜ୍ଞାନ ଶିକ୍ଷଣ ପାଇଁ AI କୁ ବ୍ୟବହାର କରିବା

ସାମାଜିକ ବିଜ୍ଞାନ ଶିକ୍ଷା ପାଇଁ AI ବ୍ୟବହାର କରିବା ଛାତ୍ରମାନଙ୍କୁ ଆଧୁନିକ ଡିଜିଟାଲ୍ ଉପକରଣ ସହିତ ପରିଚିତ କରାଇଥାଏ । ଯାହା ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଉତ୍ସରୁ ସୂଚନା ଅନୁସନ୍ଧାନ କରିବାକୁ ଏବଂ ଅନୁସନ୍ଧାନ –ଆଧାରିତ ଶିକ୍ଷଣ ଅଭ୍ୟାସ ବିକଶିତ କରିବାରେ ସାହାଯ୍ୟ କରେ ଏବଂ ଉତ୍ସାହିତ କରେ । ଜ୍ଞାନ ସୃଷ୍ଟି ଏବଂ ବିତରଣ ପଦ୍ଧତିକୁ ପ୍ରଯୁକ୍ତିବିଦ୍ୟା କିପରି ଆକାର ଦେଉଛି ସେ ବିଷୟରେ ଛାତ୍ରଛାତ୍ରୀମାନେ ସଚେତନ ହୁଅନ୍ତି । ଏହା ଶିକ୍ଷାରେ ଦାୟିତ୍ୱପୂର୍ଣ୍ଣ ଶିକ୍ଷଣ ଅଭ୍ୟାସ ଏବଂ ଡିଜିଟାଲ ସମ୍ବଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରେ । AI ଉପକରଣଗୁଡିକ କେବଳ ଶିକ୍ଷକ କିମ୍ବା ପିତାମାତାଙ୍କ ମାର୍ଗଦର୍ଶନରେ ବ୍ୟବହାର କରାଯିବା ଉଚିତ। AI କେବଳ ଶିକ୍ଷାଗତ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବା ଉଚିତ ।

APSCERT

AI ର ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର : ଛାତ୍ରମାନେ ନିଶ୍ଚିତ ଭାବରେ:

- କଦାପି ବ୍ୟକ୍ତିଗତ ସୂଚନା ସେୟର କର ନାହିଁ ।
- ପାଠ୍ୟପୁସ୍ତକ ସହ AI ଉତ୍ତରଗୁଡିକୁ ତୁଳନା ଏବଂ ଯାଞ୍ଚ କର ।
- କେବଳ ଶିଖିବା ପାଇଁ AI ବ୍ୟବହାର କର ।
- ପରୀକ୍ଷା ସମୟରେ AI ବ୍ୟବହାର କର ନାହିଁ ।

AI ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଶୃଙ୍ଖଳା, ସଚ୍ଚୋଟତା ଏବଂ ବୈଜ୍ଞାନିକ ଚିନ୍ତାଧାରାକୁ ମଜବୁତ କରିଥାଏ

AI ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଶୃଙ୍ଖଳା ଏବଂ ସଚ୍ଚୋଟତା ବିକଶିତ କରେ ଛାତ୍ରମାନେ ଅନ୍ଧ ଭାବରେ ନକଲ କରିବା ପରିବର୍ତ୍ତେ ସୂଚନା ଯାଞ୍ଚ କରିବାକୁ ଶିଖନ୍ତି । AI ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନୈତିକ ଆଚରଣ ଏବଂ ଜ୍ଞାନ ପ୍ରତି ସମ୍ମାନକୁ ମଧ୍ୟ ପ୍ରୋତ୍ସାହିତ କରେ । AI ବୁଝାମଣାକୁ ଉନ୍ନତି କରିବା ପାଇଁ ବ୍ୟବହାର କରାଯିବା ଉଚିତ୍ , ଶିକ୍ଷଣର ବୈକଳ୍ପିକ ନୁହେଁ ।

ସାମାଜିକ ବିଜ୍ଞାନରେ ପ୍ରଭାବଶାଳୀ ପ୍ରମ୍ପ୍ଟ ଲେଖିବା

ପ୍ରମ୍ପ୍ଟ ହେଉଛି AI ଉପକରଣକୁ ଦିଆଯାଇଥିବା ଏକ ନିର୍ଦ୍ଦେଶ ।
ସାମାଜିକ ବିଜ୍ଞାନର ଉତ୍ତମ ପ୍ରମ୍ପ୍ଟ ଏଭଳି ରହିବା ଉଚିତ :

- ଶ୍ରେଣୀର ସ୍ତର (ଶ୍ରେଣୀ 7)
- ପାଠର ନାମ
- ସ୍ପଷ୍ଟ ଧାରଣା
- ବ୍ୟାଖ୍ୟା ପାଇଁ ଅନୁରୋଧ

ନମୁନା ପ୍ରମ୍ପ୍ଟ: ଟିପ୍ପଣୀ: ମୁଁ ଜଣେ 7ମ ଶ୍ରେଣୀର ଛାତ୍ର । 11–12ଶ ଶତାବ୍ଦୀରେ ଭାରତୀୟ ଇତିହାସରେ ଐତିହାସିକ ଘଟଣାଗୁଡ଼ିକର ଏକ ସମୟସୀମା ସହ ଏକ ଦୃଶ୍ୟ ଶ୍ରେଣୀଗୃହ ଚାର୍ଟ ଫର୍ମାଟ୍ ସୃଷ୍ଟି କର ।



ସାମାଜିକ ବିଜ୍ଞାନ ଶିକ୍ଷାରେ ପ୍ରମ୍ପ୍ଟର ପ୍ରକାରଭେଦ

1. **ଧାରଣାଗତ ବୁଝାମଣା ପାଇଁ ପ୍ରମ୍ପ୍ଟ :** ସାମାଜିକ ବିଜ୍ଞାନ ଧାରଣାକୁ ସ୍ପଷ୍ଟ ଭାବରେ ବୁଝିବା ପାଇଁ ବ୍ୟବହୃତ ହୁଏ ।
   ଉଦାହରଣ: ଗୋଟିଏ ଉଦାହରଣ ସହିତ ସରଳ ଭାଷାରେ ଭୌଗୋଳିକ ତଥ୍ୟକୁ ବ୍ୟାଖ୍ୟା କର ।
2. **ତୁଳନା କିମ୍ବା ବିଶ୍ଳେଷଣାତ୍ମକ ପ୍ରମ୍ପ୍ଟ :** ଶାସନ ବ୍ୟବସ୍ଥା କିମ୍ବା ଐତିହାସିକ ପରିବର୍ତ୍ତନକୁ ତୁଳନା କରିବା ପାଇଁ ବ୍ୟବହୃତ ହୁଏ ।
   ଉଦାହରଣ: ଗଣତନ୍ତ୍ରରେ ମାନବ ନିଷ୍ପତ୍ତି ଗ୍ରହଣକୁ ଆଲଗୋରିଦମ୍ ଆଧାରିତ ନିଷ୍ପତ୍ତି ପ୍ରଣାଳୀ ସହିତ ତୁଳନା କର ।."
3. **ପ୍ରୟୋଗ କିମ୍ବା କାର୍ଯ୍ୟକଳାପ–ଭିତ୍ତିକ ପ୍ରମ୍ପ୍ଟ :** ବାସ୍ତବ ଜୀବନ ପ୍ରସଙ୍ଗରେ ଜ୍ଞାନ ପ୍ରୟୋଗ କରିବା ପାଇଁ ବ୍ୟବହୃତ ହୁଏ । ଉଦାହରଣ: ବଜାର ତଥ୍ୟ ସଂଗ୍ରହ କରିବା ପାଇଁ ଏକ ସରଳ ସର୍ଭେ ଡିଜାଇନ୍ କର ଏବଂ AI ଏହାକୁ କିପରି ବିଶ୍ଳେଷଣ କରିପାରିବ ତାହା ବ୍ୟାଖ୍ୟା କର ।

AP SCERT

AI ଭୁଲ କରିପାରେ କି ?

ହଁ । AI ସିଷ୍ଟମ୍ ଗୁଡିକ ସେମାନେ ପାଇଥିବା ତଥ୍ୟ ଉପରେ ନିର୍ଭର କରେ । ଯଦି ତଥ୍ୟ ଅସମ୍ପୂର୍ଣ୍ଣ କିମ୍ବା ଭୁଲ୍, ତେବେ AI ଭୁଲ୍ ଉତ୍ତର ଦେଇପାରେ । AI ମଣିଷ ପରି ଚିନ୍ତା କରିପାରିବ ନାହିଁ ।

ତେଣୁ, AI ଉତ୍ତରକୁ ସର୍ବଦା ପାଠ୍ୟପୁସ୍ତକ ଏବଂ ଶିକ୍ଷକଙ୍କ ମାର୍ଗଦର୍ଶନ ସହିତ ତୁଳନା ଏବଂ ଯାଞ୍ଚ କରାଯିବା ଉଚିତ ।

AI ଶିକ୍ଷଣକୁ ସମର୍ଥନ କରେ କିନ୍ତୁ ମାନବ ଚିନ୍ତାଧାରାକୁ ବଦଳାଇ ନଥାଏ ।

କିମ୍ବଦନ୍ତୀ	ବାସ୍ତବିକାତ ବା ସତ୍ୟ
AI ପୂର୍ବାନୁମାନ ସର୍ବଦା ନ୍ୟାୟପୂର୍ଣ୍ଣ ହୋଇଥାଏ ।	ଯଦି ତଥ୍ୟ ଅସନ୍ତୁଳିତ ଥାଏ, ତେବେ AI ପୂର୍ବାନୁମାନ ଅନୁଚିତ ହୋଇପାରେ।
AI ବ୍ୟବହାର କରିବାର ଅର୍ଥ ହେଉଛି ଆମକୁ ଶିକ୍ଷକଙ୍କ ଆବଶ୍ୟକ ନାହିଁ।	AI ଶିକ୍ଷଣକୁ ସାହାଯ୍ୟ କରେ, କିନ୍ତୁ ଶିକ୍ଷକମାନେ ମାର୍ଗଦର୍ଶନ କରନ୍ତି ଶିକ୍ଷକମାନେ ଆମକୁ ବୁଝାନ୍ତି ଏବଂ ସଂଶୋଧନ କରନ୍ତି।

ତୁମେ ଜାଣ କି ?

AI ଟାଇମ୍ ଟ୍ରାଭେଲର୍ସ: ଟେକ୍ସଟ୍ ମାଇନିଂ ବ୍ୟବହାର କରି, AI କିଛି ସେକେଣ୍ଡରେ ହଜାର ହଜାର ପ୍ରାଚୀନ ଐତିହାସିକ ଦଲିଲ ପଢିପାରେ ଏବଂ ବିଭିନ୍ନ ସାମ୍ରାଜ୍ୟ କିପରି ସେମାନଙ୍କର ଆଇନ ଏବଂ ଟିକସ ପରିଚାଳନା କରୁଥିଲେ ତାହାର ଲୁକ୍କାୟିତ ନମୁନା ଖୋଜି ପାରିବ । ଅଧିକ ସୂଚାନା ପାଇଁ, AI କୁ ଏହି ବିଷୟରେ ପଚାରନ୍ତୁ।

ମାର୍ଗଦର୍ଶନ: କୌଣସି AI –ଆଧାରିତ କାର୍ଯ୍ୟକଳାପକୁ ଅନୁମତି ଦେବା ପୂର୍ବରୁ, ଶିକ୍ଷାର୍ଥୀମାନଙ୍କୁ ପ୍ରାସଙ୍ଗିକ ପାଠ୍ୟପୁସ୍ତକ ବିଭାଗକୁ ଭଲ ଭାବରେ ପଢିବାକୁ ନିର୍ଦ୍ଦେଶ ଦିଅ। ଶ୍ରେଣୀସ୍ତର, ଅଧ୍ୟାୟ ନାମ ଏବଂ ଧାରଣା ସହିତ ସ୍ପଷ୍ଟ, ବିଷୟ–ନିର୍ଦ୍ଦିଷ୍ଟ ପ୍ରମ୍ପ୍ଟଗୁଡିକ କିପରି ପ୍ରସ୍ତୁତ କରିବେ ତାହା ପ୍ରଦର୍ଶନ କର । AI ଉପକରଣ ଗୁଡିକ ସହିତ ଛାତ୍ର ପାରସ୍ପରିକ କ୍ରିୟା ଉପରେ ନଜର ରଖ ଏବଂ ନିଶ୍ଚିତ କର ଯେ ଉତ୍ତର ଗୁଡିକ ପାଠ୍ୟପୁସ୍ତକ ବିଷୟବସ୍ତୁ ସହିତ ଯାଞ୍ଚ କରାଯାଇଛି । ବୁଝାମଣା ବିନା AI ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ତରଗୁଡିକ କପି କରାଯିବା ଉଚିତ୍ ନୁହେଁ ବୋଲି ଦୃଢ କର । ଦାୟିତ୍ୱବାନ ଡିଜିଟାଲ୍ ଆଚରଣ ଏବଂ ଶୈକ୍ଷିକ ସଚ୍ଚୋଟତାକୁ ପ୍ରୋତ୍ସାହିତ କର । AI କେବଳ ଧାରଣାଗତ ସ୍ପଷ୍ଟତାକୁ ଉନ୍ନତ କରିବା ପାଇଁ ବ୍ୟବହାର କରାଯିବା ଉଚିତ ଏବଂ ଯାନ୍ତ୍ରିକ ଭାବରେ କାର୍ଯ୍ୟ ସମାପ୍ତ କରିବା ପାଇଁ ନୁହେଁ ।

ଅଧ୍ୟାୟ ଅନୁଯାୟୀ AI ସମର୍ଥିତ ଅନୁସନ୍ଧାନ

AI ସହିତ ଅନୁସନ୍ଧାନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟ (ସାମାଜିକ ବିଜ୍ଞାନ – ସେମିଷ୍ଟାର 1)

ଅଧ୍ୟାୟ	ମୂଳ ସ୍ତ୍ରାୟୀ (Foundational)	ବିଶ୍ଳେଷଣାତ୍ମକ ସ୍ତ୍ରାୟୀ (Analytical)	ସୃଜନଶୀଳ ସ୍ତ୍ରାୟୀ (Creative)
ପାଠ–1 ଭାରତର ଭୌଗୋଳିକ ବିବିଧତା	• ଭାରତର ପ୍ରମୁଖ ଭୂମିରୂପ ଚିହ୍ନଟ କର । • ପର୍ବତ, ସମତଳ ଭୂମି,ମାଳଭୂମି ମରୁଭୂମି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକର ତାଲିକା ପ୍ରସ୍ତୁତ କର ।	•ବିଭିନ୍ନ ଭୂମିରୂପ ଏବଂ ସେଗୁଡିକର ବୈଶିଷ୍ଟ୍ୟ ତୁଳନା କର । • ମାନବ ଜୀବନକୁ ଭୂ–ଆକୃତ କିପରି ପ୍ରଭାବିତ କରୁଛି ବିଶ୍ଳେଷଣ କର ।	• ଭୌତିକ ମାନଚିତ୍ର ସହିତ ଡିଜିଟାଲ୍ ମାନଚିତ୍ରକୁ ତୁଳନା କର • ଭୂମିରୂପ ଚିହ୍ନଟ କରିବା ପାଇଁ AI କିପରି ଉପଗ୍ରହ ମାନଚିତ୍ର ବ୍ୟବହାର କରେ ତାହା ବ୍ୟାଖ୍ୟା କର ।
ପାଠ–2 : ପାଣିପାଗକୁ ବୁଝିବା	• ପାଣିପାଗର ସଂଜ୍ଞା ଲେଖ । • ପାଣିପାଗର ଉପାଦାନଗୁଡିକର ତାଲିକା ପ୍ରସ୍ତୁତ କର(ତାପମାତ୍ରା, ବୃଷ୍ଟିପାତ, ପବନ) ।	• ବିଭିନ୍ନ ଅଞ୍ଚଳର ପାଣିପାଗ ପରିସ୍ଥିତିକୁ ତୁଳନା କର । • ପାଣିପାଗ ରିପୋର୍ଟକୁ ବିଶ୍ଳେଷଣ କର ।	• ପାଣିପାଗ ଆପ୍ସ ଗୁଡିକୁ ଅନୁସନ୍ଧାନ କରି AI ପୂର୍ବାନୁମାନ ଚିହ୍ନଟ କର । • ମାନବ ପର୍ଯ୍ୟବେକ୍ଷଣ ଏବଂ, ସେନ୍ସର–ଆଧାରିତ ପାଣିପାଗ ଚିହ୍ନଟକୁ ତୁଳନା କର ।

APSCERT

ପାଠ **3** : ଭାରତର ଜଳବାୟୁ	• ଜଳବାୟୁର ସଂଜ୍ଞା ଲେଖ । • ଭାରତର ଋତୁଗୁଡିକ ଲେଖ ।	• ପାଣିପାଗ ଓ ଜଳବାୟୁ ମଧ୍ୟରେ ପାର୍ଥକ୍ୟ ଲେଖ । • ମୌସିମୀର ଢାଞ୍ଚାକୁ ବିଶ୍ଳେଷଣ କର ।	• ଦୀର୍ଘକାଳୀନ ତଥ୍ୟ ବ୍ୟବହାର କରି AI କିପରି ଜଳବାୟୁ ପରିବର୍ତ୍ତନର ପୁର୍ବାନୁମାନ ଅନୁସନ୍ଧାନକରେ • ଜଳବାୟୁ ତଥ୍ୟଚାର୍ଟ ପ୍ରସ୍ତୁତ କର ।
ପାଠ **4** : ନଗର ଓ ରାଜ୍ୟଗୁଡ଼ିକର ନବାରମ୍ଭ	• ସହର ଏବଂ ରାଜ୍ୟର ସଂଜ୍ଞା ଲେଖ । • ପ୍ରାରମ୍ଭିକ ଜନବସତି ଗୁଡିକ ଚିହ୍ନଟ କର ।	• ସହର ଏବଂ ଗ୍ରାମୀଣ ଜନବସତି ତୁଳନା କର । • ସହର ବିକାଶର କାରଣ ବିଶ୍ଳେଷଣ କର ।	• ସହର ଅଭିବୃଦ୍ଧି ଦର୍ଶାଉଥିବା ଡିଜିଟାଲ ମାନଚିତ୍ର ଅଧ୍ୟୟନ କର • AI କିପରି ଜନସଂଖ୍ୟା ଏବଂ ବସତି ତଥ୍ୟ ବିଶ୍ଳେଷଣ କରେ ବ୍ୟାଖ୍ୟା କର ।
ପାଠ **5** : ସାମ୍ରାଜ୍ୟର ଅଭ୍ୟୁଦୟ	• ପ୍ରମୁଖ ସାମ୍ରାଜ୍ୟଗୁଡିକୁ (ମୌର୍ଯ୍ୟ ସାମ୍ରାଜ୍ୟ)ଚିହ୍ନଟ କର । • ମୁଖ୍ୟ ଶାସକ ମାନଙ୍କର ତାଲିକା ପ୍ରସ୍ତୁତ କର ।	• ସାମ୍ରାଜ୍ୟ ବିସ୍ତାରର କାରଣ ବିଶ୍ଳେଷଣ କର । • ବିଭିନ୍ନ ଶାସକଙ୍କ ପ୍ରଶାସନ ତୁଳନା କର ।	• ସାମ୍ରାଜ୍ୟ ଗୁଡିକର ଏକ ଡିଜିଟଲ ସମୟରେଖା ପ୍ରସ୍ତୁତ କର । • AI କିପରି ଐତିହାସିକ ତଥ୍ୟକୁ ସଂଗଠିତ କରୁଛି ବର୍ଣ୍ଣନାକର ।
ପାଠ **6** : ପୁନର୍ଗଠନର ଯୁଗ	• ଆଞ୍ଚଳିକ ରାଜ୍ୟଗୁଡିକ ଚିହ୍ନଟ କର । • ପ୍ରମୁଖ ରାଜବଂଶ ଗୁଡିକର ତାଲିକା ପ୍ରସ୍ତୁତ କର ।	• ପ୍ରଶାସନିକ ପ୍ରଣାଳୀଗୁଡିକ ତୁଳନା କର । • ରାଜନୈତିକ ପରିବର୍ତ୍ତନଗୁଡିକ ବିଶ୍ଳେଷଣ କର ।	• ରାଜ୍ୟଗୁଡିକର ଏକ ବର୍ଗୀକରଣ ଚାର୍ଟ ପ୍ରସ୍ତୁତ କର । • AI ତଥ୍ୟ ବର୍ଗୀକରଣ ସହିତ ଐତିହାସିକ ବର୍ଗୀକରଣ ବିଶ୍ଳେଷଣ କର ।
ପାଠ **7** : ଭୂମି କିପରି ପବିତ୍ର ହୁଏ ?	• ପବିତ୍ରସ୍ଥାନ ଏବଂ ସ୍ମାରକଗୁଡିକ ଚିହ୍ନଟ କର । • ତୀର୍ଥଯାତ୍ରାର ସଂଜ୍ଞା ଲେଖ ।	• ଧାର୍ମିକସ୍ଥାନଗୁଡିକର ମହତ୍ୱ ବିଶ୍ଳେଷଣ କର । • ସଂସ୍କୃତି ଓ ପରମ୍ପାରିକର ତୁଳନା କର ।	• ସ୍ମାରକର ଡିଜିଟଲ ଛବି ଗୁଡୁକ ଅନୁସନ୍ଧାନ କର । • ଚିତ୍ର ଚିହ୍ନଟ ବ୍ୟବହାର କରି AI ସ୍ମାରକଗୁଡିକୁ କିପରି ଚିହ୍ନିପାରେ ବ୍ୟାଖ୍ୟା କର ।
ପାଠ **8** : ଶାସକଙ୍କ ଠାରୁ ଶାସିତଙ୍କ ପର୍ଯ୍ୟନ୍ତ ସରକାରର ପ୍ରକାରଭେଦ	• ସରକାରର ସଂଜ୍ଞା ଲେଖ । • ବିଭିନ୍ନ ପ୍ରକାରର ସରକାର ଗୁଡିକର ତାଲିକ ପ୍ରସ୍ତୁତ କର ।	• ଗଣତନ୍ତ୍ର ଏବଂ ରାଜତନ୍ତ୍ରକୁ ତୁଳନାକର । • ଗଣତନ୍ତ୍ରର ବୈଶିଷ୍ଟ୍ୟଗୁଡିକ ବିଶ୍ଳେଷଣ କର ।	• ସରକାରର ପ୍ରକାରଭେଦର ପ୍ରବାହସାରଣୀ ପ୍ରସ୍ତୁତ କର । • ମାନବ ନିଷ୍ପତ୍ତି ଗ୍ରହଣ ଏବଂ AI ନିଷ୍ପତ୍ତି ଗ୍ରହଣ ପ୍ରଣାଳୀ ତୁଳନା କର ।
ପାଠ **9** : ଦ୍ରବ୍ୟ ବିନିମୟରୁ ମୁଦ୍ରା ପର୍ଯ୍ୟନ୍ତ	• ଦ୍ରବ୍ୟବିନିମୟ ପଦ୍ଧତିର ସଂଜ୍ଞା ଲେଖ • ବିଭିନ୍ନ ପ୍ରକାରର ମୁଦ୍ରା ଗୁଡିକ ଚିହ୍ନଟ କର	• ଦ୍ରବ୍ୟବିନିମୟ ଏବଂ ମୁଦ୍ରା ପ୍ରଣାଳୀର ତୁଳନା କର • ମୁଦ୍ରାର ସୁବିଧା ଗୁଡିକ ବିଶ୍ଳେଷଣ କର	• ଡିଜିଟାଲ ଦେୟ ଆପ୍ ଗୁଡିକ ଅନୁସନ୍ଧାନ କର । • AI ନକଲି କାରବାର ଗୁଡିକ କିପରି ଚିହ୍ନଟ କରିପାରୁଛି ।
ପାଠ **10** : ବଜାରକୁ ବୁଝିବା	• ବଜାରର ସଂଜ୍ଞା ଲେଖ । • କ୍ରେତା ଏବଂ ବିକ୍ରେତାଙ୍କୁ ଚିହ୍ନଟ କର ।	• ବିଭିନ୍ନ ପ୍ରକାରର ବଜାରକୁ ତୁଳନା କର । • ଅର୍ଥନୀତିରେ ବଜାରର ଭୂମିକାକୁ ବିଶ୍ଳେଷଣ କର ।	• ଆନଲାଇନ୍ ସପିଂ ପ୍ଲାଟଫମ ଗୁଡିକ ଅନୁସନ୍ଧାନ କର । • ଉପଭୋକ୍ତ ତଥ୍ୟକୁ ଆଧାର କରି AI କିପରି ଉତ୍ପାଦ ଗୁଡିକୁ ସୁପାରିଶ କରେ ବ୍ୟାଖ୍ୟା କର

AP SCERT

ମାର୍ଗଦର୍ଶନ: ଶିକ୍ଷକ ପ୍ରଥମେ ପାଠ୍ୟପୁସ୍ତକ ଉଦାହରଣ, ମାନଚିତ୍ର ଏବଂ କାର୍ଯ୍ୟକଳାପ ବ୍ୟବହାର କରି ସାମାଜିକ ବିଜ୍ଞାନ ଧାରଣାକୁ ବ୍ୟାଖ୍ୟା କରିବା ଉଚିତ । ଛାତ୍ରମାନେ ଧାରଣା ବୁଝିବା ପରେ, AI ସହିତ ସଂଯୋଗ ପ୍ରବର୍ତ୍ତନ କରାଯିବା ଉଚିତ ।

ଛାତ୍ରଛାତ୍ରୀଙ୍କୁ ନିମ୍ନଲିଖିତ କାର୍ଯ୍ୟରେ ଉତ୍ସାହିତ କରାଯିବା ଉଚିତ :

- ମାନବ ପର୍ଯ୍ୟବେକ୍ଷଣକୁ ଡିଜିଟାଲ୍ ସିଷ୍ଟମ୍ ସହିତ ତୁଳନା କରିବା
- ଶିକ୍ଷକ କିମ୍ବା ପିତାମାତାଙ୍କ ପର୍ଯ୍ୟବେକ୍ଷଣରେ AI ଟୁଲସ୍ ବ୍ୟବହାର କରିବା
- ପାଠ୍ୟପୁସ୍ତକର ବିଷୟବସ୍ତୁ ସହ AI ଉତ୍ତରକୁ ଯାଞ୍ଚ କରିବା
- AI ସଂଯୋଜନାଗୁଡିକ ସେମାନଙ୍କ ନିଜ ଶବ୍ଦରେ ବ୍ୟାଖ୍ୟା କରିବା
- AI ଶିକ୍ଷଣରେ ସାହାଯ୍ୟ କରିବା ଉଚିତ କିନ୍ତୁ ପାଠ୍ୟପୁସ୍ତକ କିମ୍ବା ଶିକ୍ଷକଙ୍କ ସ୍ଥାନପୂରଣ କରିଲା ଭଳି ନୁହେଁ ।

ସାରାଂଶ :

7ମ ଶ୍ରେଣୀ ସାମାଜିକ ବିଜ୍ଞାନର ପ୍ରଥମ ଦଶଟି ପାଠ୍ୟ ପର୍ଯ୍ୟବେକ୍ଷଣ, ବର୍ଗୀକରଣ, ତୁଳନା, ବ୍ୟାଖ୍ୟା ଏବଂ ନିଷ୍ପତ୍ତି ନେବା ଭଳି ଅତ୍ୟାବଶ୍ୟକ ଦକ୍ଷତା ବିକାଶ କରେ । ଏହି ସମାନ ଦକ୍ଷତା କୃତ୍ରିମ ବୁଦ୍ଧିମତା (AI) ମୂଳଦୁଆ ଗଠନ କରେ । ଭୂଗୋଳ, ଇତିହାସ, ନଗରବିଜ୍ଞାନ ଏବଂ ଅର୍ଥନୀତିକୁ ବୁଝିବାରେ ଛାତ୍ରଛାତ୍ରୀମାନଙ୍କୁ ମେସିନଗୁଡିକ କିପରି ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରେ ତାହା ବୁଝିବାରେ ସାହାଯ୍ୟ କରେ । AI ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଜ୍ଞାନ, ଶୃଙ୍ଖଳା ଏବଂ ନୈତିକ ଆଚରଣକୁ ମଜବୁତ କରିଥାଏ । ଉପଯୁକ୍ତ ମାର୍ଗଦର୍ଶନ ସହିତ, AI ଏକ ସହାୟକ ଉପକରଣ ହୋଇଯାଏ ଯାହା ସାମାଜିକ ବିଜ୍ଞାନ ଶିକ୍ଷଣକୁ ବୃଦ୍ଧିକରେ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ପରିବେଶ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିଥାଏ ।



AP SCERT

ପରିଭାଷା

1. **ଆଗ୍ମାର୍କ:**ଏହା ହେଉଛି କୃଷି ଉତ୍ପାଦର ଗୁଣବତ୍ତା ନିଶ୍ଚିତ କରିବା ପାଇଁ ଭାରତରେ ବ୍ୟବହୃତ ଏକ ସାର୍ଟିଫିକେଟ୍ ଚିହ୍ନ । କୃଷି ମାର୍କେଟିଂ ପାଇଁ ଏହା ବ୍ୟବହୃତ ହୁଏ ।
2. **ମେଣ୍ଟ :** ଦେଶ, ରାଜନୈତିକ ଦଳ କିମ୍ବା ଲୋକମାନଙ୍କର ଏକ ଗୋଷ୍ଠୀ ଯେଉଁମାନେ ସ୍ୱାର୍ଥ କିମ୍ବା ଲକ୍ଷ୍ୟ ହାସଲ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଥାନ୍ତି ।
3. **ସଂଶୋଧନ:** ଏକ ପାଠ୍ୟର ଶବ୍ଦରେ କିମ୍ବା ଶବ୍ଦଗୁଡିକର ପରିବର୍ତ୍ତନ କରିବା ।
4. **ମନମୁଖୀ:** କୌଣସି କାରଣ କିମ୍ବା ଯୋଜନା ଉପରେ ଆଧାରିତ ମନେହୁଏ ନାହିଁ, ଏବଂ ବେଳେବେଳେ ଅନ୍ୟାୟ ମନେହୁଏ ।
5. **ସନ୍ନ୍ୟାସୀ:** ପ୍ରାୟତଃ ଆଧ୍ୟାତ୍ମିକ କାରଣରୁ ଶାରୀରିକ ସୁଖରୁ ଦୂରେଇ ରହିବା ଏବଂ ସରଳ ଜୀବନଯାପନ କରିବା,
6. **ଶୁଭକାମନା:** ଏକ ସକରାତ୍ମକ ଏବଂ ସଫଳ ଭବିଷ୍ୟତ ପାଇଁ ପରାମର୍ଶ ଦେବା
7. **ବ୍ୟସ୍ତବହୁଳତା:** ଯଦି କୌଣସି ସ୍ଥାନ ଗହଳି ଥାଏ, ତେବେ ଏହା ବ୍ୟସ୍ତବହୁଳ କାର୍ଯ୍ୟକଳାପରେ ପରିପୂର୍ଣ୍ଣ
8. **ସତ୍ୟ ସ୍ୱୀକୃତି:** କିଛି ଘଟିଛି କିମ୍ବା କରାଯାଇଛି ବୋଲି ପ୍ରମାଣ ଭାବରେ ଏକ ସରକାରୀ ପତ୍ର ପ୍ରଦାନ କରିବାର କାର୍ଯ୍ୟ
9. **ଶାସ୍ତ୍ରୀୟ ଯୁଗ:** ଇତିହାସର ଏକ ସମୟ ଯାହା ମହାନ ସାଂସ୍କୃତିକ, କଳାତ୍ମକ ଏବଂ ରାଜନୈତିକ ସଫଳତାଦ୍ୱାରା ଚିହ୍ନଟ
10. **ସଙ୍ଗମ:**ଦୁଇଟି ନଦୀ ଏକାଠି ପ୍ରବାହିତ ହୋଇ ଗୋଟିଏ ବଡ଼ ନଦୀରେ ପରିଣତ ହେବା ସ୍ଥାନ
11. **ସମସାମୟିକ:** ବର୍ତ୍ତମାନ କିମ୍ବା ଏକ ସମୟ ସହିତ ଜଡିତ
12. **କ୍ଷୟ:** ଏକ ପଦାର୍ଥର ଧୀରେ ଧୀରେ ବିନାଶ, ସାଧାରଣତଃ ଏକ ଧାତୁ, ଏହାର ପରିବେଶ ସହିତ ଏକ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ହୋଇଥାଏ, ଯେପରିକି ବାୟୁ କିମ୍ବା ଜଳ,
13. **ଗୁରୁତ୍ୱପୂର୍ଣ୍ଣ:** ଅତ୍ୟନ୍ତ ପ୍ରାଧାନ୍ୟତା ଯୁକ୍ତ କିମ୍ବା ଆବଶ୍ୟକ
14. **ଅବନତି:** ହ୍ରାସର ପ୍ରମାଣ ଦେଖାଉଥିବା ସାଧାରଣ ଏବଂ ଆକାଂକ୍ଷିତ ବୋଲି ବିବେଚନା କରାଯାଉଥିବା ଶାରୀରିକ, ମାନସିକ କିମ୍ବା ନୈତିକ ଗୁଣ ହରାଇବା
15. **ବଂଶଧର:** ଜଣେ ବ୍ୟକ୍ତି ଯିଏ ଆପଣଙ୍କ ସହିତ ସମ୍ପର୍କୀତ ଏବଂ ଯିଏ ଆପଣଙ୍କ ପରେ ବଞ୍ଚନ୍ତି, ଯେପରିକି ଆପଣଙ୍କ ସନ୍ତାନ କିମ୍ବା ନାତିନାତୁଣୀ
16. **ବିଧ୍ୱସ୍ତ:** କୌଣସି ସ୍ଥାନ କିମ୍ବା ଜିନିଷକୁ ସମ୍ପୂର୍ଣ୍ଣ ନଷ୍ଟ କରିବା କିମ୍ବା ବଡ଼ କ୍ଷତି କରିବା
17. **ଭକ୍ତ :** ଏକ ଧର୍ମରେ ଦୃଢ ବିଶ୍ୱାସ କରିବା ଏବଂ ଏହାର ସମସ୍ତ ନିୟମ କିମ୍ବା ନୀତି ପାଳନ କରିବା
18. **କୂଟନୈତିକ:** କାହାକୁ ବିରକ୍ତ ନକରି ଲୋକଙ୍କ ମଧ୍ୟରେ ପରିସ୍ଥିତି ପରିଚାଳନା କରିବା । ସାଧାରଣତଃ ଦେଶ ମଧ୍ୟରେ ସମ୍ପର୍କର ପରିଚାଳନା ସହିତ ଜଡିତ
19. **ବିଚ୍ଛିନ୍ନ କରବା:** ଅନେକ ଛୋଟ ଖଣ୍ଡରେ ଭାଙ୍ଗିବା
20. **ପରିବେଶ ବିଜ୍ଞାନ:** ଏକ ବିଷୟ ଯାହା ଜୀବଜନ୍ତୁ ଏବଂ ପରିବେଶ ସହିତ ସେମାନଙ୍କର ସମ୍ପର୍କ ଅଧ୍ୟୟନ କରେ
21. **ଅନ୍ତର୍ଭୁକ୍ତ:** ଏକ ଆବଶ୍ୟକୀୟ କିମ୍ବା ଅପରିହାର୍ଯ୍ୟ ଅଂଶ କିମ୍ବା ପରିଣାମ ଭାବରେ କିଛି ଜଡିତ
22. **ଲିପିବିଦ୍ୟା :** ଏକ ଲେଖା କିମ୍ବା ଚଳଚ୍ଚିତ୍ରର ଆରମ୍ଭରେ ରଖାଯାଇଥିବା ଏକ କବିତା, ନାଟକ କିମ୍ବା ପୁସ୍ତକର କଥା , ଅଂଶ, ଯାହା ପାଠକଙ୍କୁ କିଛି ଧାରଣା ଦେବା ପାଇଁ ରଖାଯାଇଥାଏ
23. **ସ୍ଥାନାନ୍ତର :** ଲୋକଙ୍କୁ ଏକ ବିପଦପୂର୍ଣ୍ଣ ସ୍ଥାନରୁ କୌଣସି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା
24. **ଭୟଙ୍କର :** ଶାରୀରିକଭାବେ ହିଂସାତ୍ମକ ଏବଂ ଭୟଭୀତ
25. **ଉନ୍ନତି:** ସଫଳତାର ସହ ବୃଦ୍ଧି କିମ୍ବା ବିକାଶ କରିବା
26. **ବିଦେଶୀ ରଚନା :** ଏକ ଦେଶରେ ବିଦେଶୀମାନଙ୍କ ଅଭିଜ୍ଞତାର ଲିଖିତ ରେକର୍ଡ
27. **FSSAI:** ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ
28. **ଗ୍ରେଗୋରିଆନ୍ କ୍ୟାଲେଣ୍ଡର:** ବର୍ତ୍ତମାନ ବିଶ୍ୱର ଅଧିକାଂଶ ସ୍ଥାନରେ ବର୍ଷର 365 ଦିନକୁ 52 ସପ୍ତାହ ଏବଂ 12 ମାସରେ ବିଭକ୍ତ କରିବା ଏବଂ ବର୍ଷ ଗଣନା କରିବା ପାଇଁ ବ୍ୟବହୃତ ହେଉଥିବା ବ୍ୟବସ୍ଥା
29. **ବଂଶାନୁକ୍ରମିକ :** ଜିନ୍ ମାଧ୍ୟମରେ ପିତାମାତାଙ୍କଠାରୁ ଶିଶୁକୁ ସ୍ଥାନାନ୍ତର ହେବା
30. **ଐତିହ୍ୟ:** ସମ୍ପତ୍ତି ଯାହା ଉତ୍ତରାଧିକାରୀ କିମ୍ବା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୋଇପାରେ
31. **ଅସ୍ଥିରତା:** ଏପରି କିଛି ଯାହା ଶାରୀରିକ ଭାବରେ ସ୍ପର୍ଶ କରାଯାଇପାରିବ ନାହିଁ ଯେପରିକି ଡିଜିଟାଲ୍ ଟଙ୍କା କିମ୍ବା ଅନୁଭବ
32. **ଲିପିବଦ୍ଧ:** କୌଣସି ଜିନିଷ ଉପରେ ଲେଖିବା କିମ୍ବା ଖୋଦିତ କରିବା (ଶବ୍ଦ କିମ୍ବା ସଙ୍କେତ), ବିଶେଷକରି ଏକ ଆନୁଷ୍ଠାନିକ କିମ୍ବା ସ୍ଥାୟୀ ରେକର୍ଡ ଭାବରେ
33. **ଜଟିଳ:** ଅନେକ ଛୋଟ ଅଂଶ ରହିବା ଯାହା ଏକ ଜଟିଳ କିମ୍ବା ସୂକ୍ଷ୍ମ ଉପାୟରେ ସଜାଯାଇଛି
34. **ଆହ୍ୱାନ:** ପ୍ରାର୍ଥନାରେ ଏକ ସାକ୍ଷୀ ଭାବରେ କିମ୍ବା ପ୍ରେରଣା ପାଇଁ (ଦେବତା କିମ୍ବା ଆତ୍ମା)କୁ ଡାକିବା
35. **କିମ୍ବଦନ୍ତୀ:** ଏକ ମାନଚିତ୍ରରେ ଏକ ଚାବି କିମ୍ବା ଗାଇଡ୍ ଯାହା ବ୍ୟବହୃତ ପ୍ରତୀକ, ରଙ୍ଗ କିମ୍ବା ଚିହ୍ନକୁ ବ୍ୟାଖ୍ୟା କରେ ଅନ୍ୟ ଏକ ଅର୍ଥ – ଜଣେ ପ୍ରସିଦ୍ଧ ବ୍ୟକ୍ତି କିମ୍ବା ସ୍ଥାନ ବିଷୟରେ ଏକ କାହାଣୀ
36. **କ୍ରୋଧ:** ଅତ୍ୟଧିକ ରାଗିବା
37. ମହାନ: ଚିତ୍ତାକର୍ଷକ ସୌନ୍ଦର୍ଯ୍ୟ୍ ରହିବା କିମ୍ବା ପ୍ରଦର୍ଶନ କରିବା
38. **ବୈବାହିକ ମେଣ୍ଟ:** ଏକ ବୈବାହିକ ମେଣ୍ଟ ହେଉଛି ରାଜନୈତିକ ସମ୍ପର୍କକୁ ମଜବୁତ କରିବା, ଶାନ୍ତି ରକ୍ଷା କରିବା, ପ୍ରଭାବ ବିସ୍ତାର କରିବା କିମ୍ବା ବିଭିନ୍ନ ଶାସକ କିମ୍ବାରାଜ୍ୟ ମଧ୍ୟରେ ସାମରିକ ଏବଂ ଅର୍ଥନୈତିକ ଭାଗିଦାରୀ ଗଠନ କରିବା ପାଇଁ ରାଜ ପରିବାରର ସଦସ୍ୟଙ୍କ ମଧ୍ୟରେ ଏକ ରଣନୀତିକ ବିବାହ

ASCERT

39. **ପାଣିପାଗ ବିଜ୍ଞାନୀ:** ଯିଏ ପାଣିପାଗ ବିଷୟରେ ଅଧ୍ୟୟନ କରନ୍ତି (ନିର୍ଦ୍ଦିଷ୍ଟ ପାଣିପାଗ ଅବସ୍ଥା ସୃଷ୍ଟି କରୁଥିବା ପ୍ରକ୍ରିୟାଗୁଡ଼ିକର ବୈଜ୍ଞାନିକ ଅଧ୍ୟୟନ)

40. **ଖାତ:** ଏକ ଲମ୍ବା ।, ପ୍ରଶସ୍ତ ନାଳ ପରି ଗଠନ ଯାହା ଏକ ଦୁର୍ଗ ପରି ଏକ ସ୍ଥାନ ଚରିପାଖରେ ଖୋଳାଯାଏ ଏବଂ ସାଧାରଣତଃ ପାଣିରେ ପରିପୂର୍ଣ୍ଣ ହୁଏ, ଯାହା ଆକ୍ରମଣ କରିବା ଅଧିକ କଷ୍ଟକର କରିଥାଏ

41. **ମୁଖ୍ୟ ବିଷୟ ବା ଥିମ୍ :** ଏକ ସାଜସଜ୍ଜ ଚିତ୍ର କିମ୍ବା ଡିଜାଇନ୍, ବିଶେଷକରି ଯାହା ପୁନରାବୃତ୍ତି ହୁଏ କିମ୍ବା ପ୍ରତୀକାତ୍ମକ ଅର୍ଥ ରଖେ

42. **ବୁଝାମଣା:** କାହା ସହିତ ଏକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ତାଙ୍କ ସହ କିଛି ଆଲୋଚନା କରିବାର ପ୍ରକ୍ରିୟା, କିମ୍ବା ନିଜେ ଆଲୋଚନା କରିବା

43. **ଉପର ଭାଗ:** ମୁଦ୍ରା କମ୍ବା ପଦକର ସମ୍ମୁଖ ପାର୍ଶ୍ୱ, ସାଧାରଣତଃ ମୁଖ୍ୟ ଡିଜାଇନ୍ ଧାରଣ କରିଥାଏ

44. **ଅତ୍ୟାଚାର:** ଲୋକଙ୍କୁ ଅନ୍ୟାୟ ଏବଂ ନିଷ୍ଠୁର ଢଙ୍ଗରେ ଶାସନ କରିବା ଏବଂ ସେମାନଙ୍କୁ ସୁଯୋଗ ଏବଂ ସ୍ୱାଧୀନତା ପାଇବାରୁ ରୋକିବା

45. **ପୃଷ୍ଠପୋଷକତା:** ପୃଷ୍ଠପୋଷକତା ମାନେ କାହାକୁ କିମ୍ବା କୌଣସି ଜିନିଷକୁ ସମର୍ଥନ କରିବା କିମ୍ବା ପ୍ରାୟୋଜିତ କରିବା, ପ୍ରାୟତଃ କର୍ତ୍ତୃପକ୍ଷ କିମ୍ବା ଶ୍ରେଷ୍ଠତାର ଭାବନା ସହିତ । ଯେତେବେଳେ ରାଜାମାନେ କାହାକୁ ପୃଷ୍ଠପୋଷକତା କରୁଥିଲେ, ସେମାନେ ଧର୍ମ, କଳା, ସାହିତ୍ୟ କିମ୍ବା ବାଣିଜ୍ୟ ଭଳି କାର୍ଯ୍ୟକଳାପ ପାଇଁ ସହାୟତା, ସୁରକ୍ଷା କିମ୍ବା ପାଣ୍ଠି ପ୍ରଦାନ କରୁଥିଲେ

46. **ଘଟଣା:** ଏପରି କିଛି ଯାହା ବିଦ୍ୟମାନ ଅଛି ଏବଂ ଦେଖାଯାଇପାରେ, ଅନୁଭବ କରାଯାଇପାରେ, ସ୍ୱାଦଚାଖିପାରେ ଇତ୍ୟାଦି, ବିଶେଷକରି କିଛି ଅସାଧାରଣ କିମ୍ବା ଆକର୍ଷଣୀୟ

47. **ମାନିନେବା:** ଏକ ସିଦ୍ଧାନ୍ତ, ଧାରଣା ଇତ୍ୟାଦିକୁ ଏକ ମୌଳିକ ସିଦ୍ଧାନ୍ତ ଭାବରେ ପରାମର୍ଶ ଦେବା ଯେଉଁଥିରୁ ଅନ୍ୟଏକ ଅଧିକ ଧାରଣା ଗଠନ କିମ୍ବା ବିକଶିତ ହୁଏ

48. ପ୍ରସ୍ତାବନା: ଏକ ଭାଷଣ କିମ୍ବା ଲେଖାର ଅଂଶ ପରିଚୟ

49. **ବୃଷ୍ଟିପାତ:** ମେଘରୁ ଭୂମି ଆଡକୁ ଖସିଥିବା ଜଳ, ବିଶେଷକରି ବର୍ଷା କିମ୍ବା ତୁଷାରପାତ ଭାବରେ

50. **ସଂରକ୍ଷଣ:** ଏହାର ମୂଳ କିମ୍ବା ବିଦ୍ୟମାନ ଅବସ୍ଥାରେ (କିଛି) ବଜାୟ ରଖିବା

51. **ସୁବିଧାଜନକ:** ଏକ ବିଶେଷ ସୁବିଧା ରହିବା କିମ୍ବା ଦେଖାଇବା

52. **କ୍ୱେଇଲ୍:** ଏକ ଛୋଟ, ବାଦାମୀ ପକ୍ଷୀ

53. **ପ୍ରାଚୀର:** ସହର, ଦୁର୍ଗ ଇତ୍ୟାଦିର ସୁରକ୍ଷା ପାଇଁ ଚାରିପାଖରେ ନିର୍ମିତ ଏକ ବଡ଼ କାନ୍ଥ

54. **ପୁନର୍ଜୀବନ:** ଯୌବନର ନବୀକରଣ

55. **ଅବଶେଷ:** ଅତୀତର ଏକ ବସ୍ତୁ, ପରମ୍ପରା କିମ୍ବା ବ୍ୟବସ୍ଥା ଯାହା ବିଦ୍ୟମାନ ଅଛି ସାଧାରଣତଃ ବୁଦ୍ଧଙ୍କ ପରି ଜଣେ ପ୍ରସିଦ୍ଧ ଚିନ୍ତକ କିମ୍ବା ଆଧ୍ୟାତ୍ମିକ ନେତାଙ୍କ ଅବଶିଷ୍ଟାଂଶକୁ ସୂଚାଇବା ପାଇଁ

56. **ଦମନ :** ଏକ ଗୋଷ୍ଠୀକୁ ନିୟନ୍ତ୍ରଣ କରିବା ପାଇଁ ବଳ ପ୍ରୟୋଗ କିମ୍ବା ହିଂସାର ବ୍ୟବହାର

57. **ଧାର୍ମିକତା:** ନୈତିକ ଭାବରେ ଠିକ୍ କିମ୍ବା ଯଥାର୍ଥ ହେବାର ଗୁଣ

58. **ପଥର ଖୋଦିତ ସ୍ଥାପତ୍ୟ :** ପଥର ଖୋଦିତ ସ୍ଥାପତ୍ୟ ହେଉଛି ଯେତେବେଳେ ମନ୍ଦିର କିମ୍ବା ଅନ୍ୟାନ୍ୟ ଗଠନ ଖୋଦନ କିମ୍ବା କଠିନ ପଥରରେ କାଟି ତିଆରି କରାଯାଏ । ଇଟା କିମ୍ବାପଥରରେ ନିର୍ମାଣ କରିବା ପରିବର୍ତ୍ତେ, କଳାକାରମାନେ ଗୁମ୍ଫା, କାନ୍ଥ କିମ୍ବା ମୂର୍ତ୍ତି ପରି ଜିନିଷ ସୃଷ୍ଟି କରିବା ପାଇଁ ପଥରକୁ ଆକୃତି ଦିଅନ୍ତି । ଏହା ଏକ ପାହାଡ଼ କିମ୍ବା ଏକ ବଡ଼ ପଥରରୁ ସିଧାସଳଖ ଏକ ମନ୍ଦିର କିମ୍ବା କଳାକୃତି ସୃଷ୍ଟି କରିବା ପରି!

59. **ବନ୍ଧୁର:** ରୁକ୍ଷ ଏବଂ ଅସମାନ, ପ୍ରାୟତଃ ପଥର ଏବଂ ପାହାଡ଼ରେ ପରିପୂର୍ଣ୍ଣ ଭୂମିକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ

60. **ସାତ୍ରପ:** ପ୍ରାଚୀନ ପାରସ୍ୟରେ ଏକ ପ୍ରଦେଶ (ରାଜନୈତିକ କ୍ଷେତ୍ର) ଶାସନ କରୁଥିବା ବ୍ୟକ୍ତି

61. **ସ୍ଲିଷ୍ଟ:** ଏକ ପ୍ରକାର ପଥର ଯାହା ସହଜରେ ପତଳା ସ୍ତରରେ ଭାଙ୍ଗିଯାଏ, ଅଭ୍ର କିମ୍ବା ଅନ୍ୟାନ୍ୟ ଖଣିଜ ପଦାର୍ଥ ଦ୍ୱାରା ଗଠିତ

62. **ଶାଫ୍ଟ:** ଏକ ପୋଲ କିମ୍ବା ରଡ୍ ଯାହା ଏକ ଉପକରଣ କିମ୍ବା ଅସ୍ତ୍ରର ହ୍ୟାଣ୍ଡେଲ୍ ଗଠନ କରେ

63. **ଅବରୋଧ:** ଏହାକୁ ରକ୍ଷା କରୁଥିବା ଲୋକଙ୍କୁ ପରାସ୍ତ କରିବା ପାଇଁ ଏକ ସଶସ୍ତ୍ର ବାହିନୀ ଦ୍ୱାରା ଏକ ସ୍ଥାନକୁ ଘେରି ରହିବା

64. **ରେଶମ ମାର୍ଗ:** ରେଶମ ପଥ ବାଣିଜ୍ୟ ମାର୍ଗର ଏକ ପ୍ରାଚୀନ ନେଟୱାର୍କ ଥିଲା ଯାହା ଏସିଆ, ୟୁରୋପ ଏବଂ ଆଫ୍ରିକାକୁ ସଂଯୋଗ କରିଥିଲା । ରେଶମ ଚାଇନାର ଏକ ମୂଲ୍ୟବାନ ଏବଂ ବିଳାସପୂର୍ଣ୍ଣ କପଡା ଏହି ମାର୍ଗରେ ବ୍ୟବସାୟ କରାଯାଉଥିବା ଏକ ପ୍ରମୁଖ ସାମଗ୍ରୀ ଥିଲା । ଏହି ମାର୍ଗ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ସଂଯୋଗ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା

65. **ଚମତ୍କାରତା:** ମହାନ ସୌନ୍ଦର୍ଯ୍ୟ ଯାହା ପ୍ରଶଂସା ଏବଂ ଦୃଷ୍ଟି ଆକର୍ଷଣ କରେ

66. **ଟାର୍ମାକ୍ :** ରାସ୍ତା ନିର୍ମାଣ ପାଇଁ ବ୍ୟବହୃତ କଳା ସାମଗ୍ରୀ, ଏଠାରେ ବିମାନ ଚଳାଚଳ କରୁଥିବା ବିମାନବନ୍ଦରର ପକ୍କା ପୃଷ୍ଠକୁ ବୁଝାଏ

67. **ଟେଷ୍ଟାମେଣ୍ଟ:** ପ୍ରମାଣ


68. **ଭ୍ରମଣ କାହାଣୀ:** ଜଣେ ଯାତ୍ରୀ ପରିଦର୍ଶନ କରିଥିବା ସ୍ଥାନ କିମ୍ବା ଅନୁଭୂତି ବିଷୟରେ ଏକ ଚିତ୍ରଚିତ୍ର, ପୁସ୍ତକ କିମ୍ବା ଚିତ୍ରିତ ବକ୍ତୃତା

69. **ଉପନଦୀ:** ଏକ ନଦୀ କିମ୍ବା ଝରଣା ଯାହା ଏକ ବଡ଼ ନଦୀ କିମ୍ବା ହ୍ରଦକୁ ପ୍ରବାହିତ ହୁଏ

70. **ଅଶାନ୍ତି:** ଦ୍ୱନ୍ଦ୍ୱ, ଅନିଶ୍ଚିତତା କିମ୍ବା ବିଶୃଙ୍ଖଳାର ଅବସ୍ଥା

71. **ନିରବଚ୍ଛିନ୍ନ:** କୌଣସି ବିରାମ କିମ୍ବା ବିରତି ନଥାଇ

APSCERT


TAJIKISTAN
AFGHANISTAN
PAKISTAN
CHINA (TIBET)
NEPAL
BHUTAN
BANGLADESH
MYANMAR (BURMA)
SRI LANKA
LADAKH
Srinagar
Leh
JAMMU & KASHMIR
Jammu
HIMACHAL PRADESH
Shimla
PUNJAB
CHANDIGARH
Dehradun
UTTARAKHAND
HARYANA
DELHI
New Delhi
Jaipur
RAJASTHAN
UTTAR PRADESH
Lucknow
SIKKIM
Gangtok
Itanagar
ARUNACHAL PRADESH
Dispur
ASSAM
NAGALAND
Kohima
Shillong
MEGHALAYA
BIHAR
Patna
Imphal
MANIPUR
Agartala
TRIPURA
Aizawl
MIZORAM
JHARKHAND
Ranchi
WEST BENGAL
Kolkata
Gandhinagar
GUJARAT
Bhopal
MADHYA PRADESH
CHHATTISGARH
Raipur
Bhuvaneswar
ODISHA
Daman
DADRA & NAGAR HAVELI AND DAMAN & DIU
MAHARASHTRA
Mumbai
TELANGANA
Hyderabad
Yanam (Puducherry)
Amaravati
ANDHRA PRADESH
Panaji
GOA
KARNATAKA
Bengaluru
Chennai
Mahe (Puducherry)
PUDUCHERRY
LAKSHADWEEP (INDIA)
Kavaratti
KERALA
TAMIL NADU
Karaikal (Puducherry)
Thiruvananthapuram
ANDAMAN & NICOBAR ISLANDS (INDIA)
Port Blair
BAY OF BENGAL
ARABIAN SEA
INDIAN OCEAN
International Boundary
State/UT Boundary
Country Capital
State/UT Capital

APSCERT